# ଶ୍ରେୟସୀ

## ଜୁନ୍ ୨୦୨୪



Photo by Dr. Ranjit K Sahu, USA

ISSN NO – 2582-208X

VOLUME-10 : ISSUE NO-06/2024

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପିଲାବେଳେ ସ୍କୁଲର ଛୁଟି ହେଲେ ମାମୁଁ ଘରକୁ ଯିବାର ମଜା ଅନେକ ଥାଏ । ଅନେକ ଦିନରୁ ଅପେକ୍ଷା କରିଥାଉ ସେହି ଦିନରୁ । ମାମୁଘରେ ଯାଇ ପୋଖରୀରେ ଖେଳବା, ନାଲିଆ ଖୋର୍ଦ୍ଧା ଗାମୁଛାରେ ଗଡିଆରୁ ଛୋଟ ଛୋଟ ମାଛ ଓ ଚଙ୍ଗୁଡି ଧରିବା, ଗଛରେ ଚଢି ଆମ୍ବ, ପିଜୁଳି, ଆଉ ଅନେକ ପ୍ରକାରର କୋଳି ଖାଇବା, ମାଛକୁ ପୋଡି ସେଥିରେ ସୋରିଷ ତେଲ ଆଉ ଲୁଣ ପକାଇ ଖାଇବା, ଇତ୍ୟାଦି ଇତ୍ୟାଦି । ଘରେ ରହିବାକୁ ମନ ଲାଗୁ ନଥିଲା, ଆଉ ଦିନସାରା ଏତେ ଥକଯାଉଥିଲୁ ଯେ ରାତି ପ୍ରାୟ ୭ଟା ବେଳେ କଣ ଟିକିଏ ଖାଇଦେଇ ଶେଯରେ ପଡୁ ପଡୁ ନିଦ ଲାଗିଯାଉଥିଲା । ସେତେବେଳେ ଟେଲିଭିଜନ ନଥିଲା ଆଉ ରେଡିଓ ହିଁ ଥିଲା ମନୋରଞ୍ଜନର ଏକମାତ୍ର ସାଧନ । ଦିନେ ଦିନେ ଗାଁରେ ପାଲା, ଘୋଡା ନାଚ ଇତ୍ୟାଦିର ମଜା ନେବା, ଅନେକ ପ୍ରକାର ପର୍ବପର୍ବାଣୀକୁ ଆନନ୍ଦରେ ଉପଭୋଗ କରିବା, ଭାଗବତ ଟୁଙ୍ଗୀରେ ବସି ଭାଗବତ ଶୁଣିବା, ସନ୍ଧ୍ୟାବେଳେ ମନ୍ଦିରର ଆରତୀ ଦେଖି ପ୍ରସାଦ ସେବନ କରିବା, ଦୋଳ ପୂର୍ଣ୍ଣିମାରେ ଠାକୁରଙ୍କ ପଛେ ପଛେ ଚାଲି ଘର ଘର ବୁଲିବା, ମନ୍ଦିରରେ ଘଣ୍ଟି ବାଡେଇବା, ଗାଁ ରେ ଯାଇ ମେଳା ବୁଲିବା, ବାହାଘର ଆଉ ବ୍ରତଘର ହେଲେ ଗାଁ ଦାଣ୍ଡରେ ବସି ସମସ୍ତଙ୍କ ସାଙ୍ଗରେ ଭୋଜି ଖାଇବା ଇତ୍ୟାଦି ଇତ୍ୟାଦି । ସକାଳୁ ଉଠି ନିଜ ନିଜର ନିତ୍ୟକର୍ମ ସାରି ସମସ୍ତଙ୍କ ସାଙ୍ଗରେ ମିଶି ନଦୀକୁ

ISSN NO.
2582-208X

ଯାଇ ଗାଧୋଇବାର ମଜା ଅନେକେ ନିଶ୍ଚୟ ଆଜି ବି ଭାବୁଥିବେ । ରାତିରେ ଦାଣ୍ଡ ପିଣ୍ଡାରେ ବସି ଆକାଶକୁ ଚାହିଁ ତାରା ଗଣିବା ଆଉ ଗୁରୁଜନଙ୍କର ପ୍ରତିଟି ତାରା ର ନାମ ଏବଂ ତାର ବିଶେଷତ୍ୱ ବିଷୟରେ କହିବା ଏବେ ବି ମନେଅଛି ।

କିନ୍ତୁ ସେ ଦିନ କଣ ଆଉ ଅଛି । ଯେବେଠାରୁ ମଣିଷ ସହରାଭିମୁଖୀ ହେଲାଣି, ପାଠ ଆଉ ଚାକରୀର ପ୍ରତିଯୋଗୀତାର ଭିତରେ ଫସିଗଲାଣି, ସେବେଠାରୁ ଗାଁ, ପରିବାର, ବନ୍ଧୁ-ବାନ୍ଧବ, ପ୍ରକୃତି ଆଉ ନିଜପ୍ରତି କିଛି ସମୟ ଦେବା ସେ ପୁରାପୁରି ଭୁଲିଗଲାଣି । ଅବଶ୍ୟ ଏଥିରେ ତାର କିଛି ଦୋଷ ନାହିଁ, କାରଣ ଆଜିର ଦୁନିଆରେ ପ୍ରଗତିର ପଥରୁ ଯିଏ ପଥଭ୍ରଷ୍ଟ ହେଲା, ତାର ମୂଲ୍ୟ ଆମର ସମାଜରେ ବହୁତ କମ ।  ମନୁଷ୍ୟ ଜାତି ଏବେ ପ୍ରଗତି ପରେ ପ୍ରଗତି କରି ଚାଲିଛି କିନ୍ତୁ ଜଳାଞ୍ଜଳ ଦେଇଚାଲିଛି ପ୍ରକୃତିକୁ । ଗଛ ପରେ ଗଛ କାଟି ଜଙ୍ଗଲ ସଫା ହୋଇଗଲାଣି କେତେବେଳେ ପ୍ରଗତୀ ନାମରେ, ନଦୀ ପ୍ରଦୂଷିତ ହୋଇ ସାରିଲାଣି, ନଦୀ ନାଳ ପୋତି ହୋଇ ଆସିଲାଣି, ଜଙ୍ଗଲ ଭରା ପାହାଡ ଆଜି ଆଉ ସବୁଜ ଦିଶୁନି, ସହରର ପାଣି ଓ ପବନ ମଣିଷ ବ୍ୟବହାର କାରିବା ପରି ଆଉ ନାହିଁ ।  କିନ୍ତୁ ଏଥିପ୍ରତି କାହାରି ନଜର ନାହିଁ ।  କିନ୍ତୁ ଏହା ସତ୍ୟ ଯେ ଏଥିପ୍ରତି ଅବହେଳା କରି ମନୁଷ୍ୟ ଜୀବନ କେବେ ବି ସୁଖମୟ ହୋଇପାରିବ ନାହିଁ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ନର୍ବାଚନ | ଡ. ପ୍ରସନ୍ନ କୁମାର ବଳ | ୨୫ |
| ବାପା | ଶଶଧର ମହାପାତ୍ର | ୨୭ |
| ନୌକା ବିହାର | ଡକ୍ଟର ବିଜ୍ଞାନୀ ଦାସ | ୩୩ |
| ପ୍ରେମ ସ୍ୱାଗତିକା | ଅଳକା ମହାନ୍ତ | ୪୯ |
| ଅହମିକା | ଡ. ଶକୁନ୍ତଳା ଗୁପ୍ତା | ୫୧ |
| ପ୍ରଶ୍ନ ଇଶ୍ୱରଙ୍କୁ ! | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୫୩ |
| ଏଣ୍ଡୁଅ | ଆଶୁତୋଷ ମେହେର | ୫୫ |
| ତରଳା ପଥର | ମଧୁମିତା ମିଶ୍ର | ୬୧ |
| ତରଳୁଛି ମେରୁ, କମୁଛି ଓଜୋନ୍ ! | ଇଂ. ସୁଶାନ୍ତ କଶୋର ବଳ | ୬୩ |
| ଆମ ସେ ପ୍ରଥମ ପ୍ରୀତି | ରଘୁନାଥ ତ୍ରିପାଠୀ | ୬୬ |
| ଚୌକିଦାର ବାଘ | ବିନୟ ମହାପାତ୍ର | ୬୮ |
| କବିର ଶବ୍ଦ ଆୟୁଧ | ଦଣ୍ଡାସି ପ୍ରଧାନ | ୭୪ |
| ଏଇ ମାସ ସାର୍ | ପୁଷ୍ପାଞ୍ଜଳ ପଣ୍ଡା | ୭୭ |
| ଫେରିଛି ଫଗୁଣ | ଜୟଶ୍ରୀ ପଟ୍ଟନାୟକ | ୭୯ |
| ଲଳତ ନବନ୍ଧ-<br>ଭୁଲ ଠିକଣାର ଚଠି | ବଦ୍ରୀ ମହାନ୍ତ | ୮୨ |
| ପୁସ୍ତକ | ଦିଲ୍ଲୀପ ଶତପଥୀ | ୮୬ |
| ଝିଅଟି ମୋର ଅତି ନଜର | ଡ଼କ୍ଟର ସୀମାଞ୍ଚଳ ପ୍ରଧାନ | ୮୮ |
| ଖୋଜିଛି ମୁଁ ପାଇନାହିଁ | କାର୍ତ୍ତୀକେଶ୍ୱର ନାୟକ | ୯୦ |
| ଆରିଷା ପିଠା | ଶାନ୍ତୁଲତା ମିଶ୍ର | ୯୩ |

ISSN NO.
2582-208X


| | | |
|---|---|---|
| ଅକୁହା କଥା | ଛବି ରାଣୀ ପତି | ୯୮ |
| ତମେ ଥିଲ ବୋଲି | କୀର୍ତ୍ତନ ସାହୁ | ୧୦୦ |
| ମାଆ | ଅରୁଣ କୁମାର ମହାପାତ୍ର | ୧୦୨ |
| ହେ ଜ୍ଞନୀ | ଅଜିତ କୁମାର ରାଉତ | ୧୦୪ |
| ଉଠ୍ ପୁଚୁର୍ | ଆରତୀ ସାହୁ (ଆଶା) | ୧୦୬ |
| ଦୁବ | ଡ.ପ୍ରିୟମ୍ବଦା ସାମଲ | ୧୧୨ |
| ସାବିତ୍ରୀ ବ୍ରତ | ପୁଷ୍ପାଞ୍ଜଳ ମିଶ୍ର | ୧୧୪ |
| ସ୍ୱାଭିମାନ | ମନ୍ଦାକିନୀ ପାଢ଼ୀ | ୧୧୬ |
| ମାଷ୍ଟର ମହାଶୟ | ଡ. ସରୋଜିନୀ ପାଣି | ୧୧୮ |
| ବୃକ୍ଷ ଆମରି ମିତ | ସତ୍ୟନାରାୟଣ ପ୍ରସାଦ ନାୟକ | ୧୨୮ |
| ଯଜ୍ଞାସେନୀ | ପ୍ରିୟଦର୍ଶିନୀ ଓଝା | ୧୩୦ |
| ତା' | ଶ୍ରୀକ୍ଷେତ୍ର ସୁନ୍ଦର | ୧୩୨ |
| ହେଉ ଏ ଅସଲ ଶିକ୍ଷା | ନୀଳମଣି ଗୁନ୍ଦ | ୧୩୩ |
| ଚିତ୍ତରଞ୍ଜନଙ୍କ "ରୋହିତର ଡାଏରୀ" : ଏକ ଅଭିନବ ପ୍ରୟାସ | ଶାଶ୍ୱତ ପାତ୍ର | ୧୩୫ |
| ଏକ ଭିନ୍ନ କ୍ରିକେଟ୍ | ଡ. ଜ୍ଞାନେଶ୍ୱର ମିଶ୍ର | ୧୩୯ |
| ଏଇ ପୁରୁଷ | ଦେବାର୍ଚ୍ଚନ ମେହେର | ୧୧ |
| ପରିଚୟ | ସ୍ୱାଗତିକା ନାଏକ | ୧୪୪ |
| ଆକାଶ ପରି ନିବିଡ଼ | କୁଞ୍ଜ ବିହାରୀ ସାହୁ | ୧୪୫ |
| ମୁଁ ନେତା ହେବି | କୁଞ୍ଜବିହାରୀ ରାଉତ | ୧୫୧ |
| ସାଥୀ ଆମ ପ୍ରେମ | ଝିଲିମିଲି ସାହୁ | ୧୫୩ |
| ନଜର ନା ନଜର | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୫୫ |
| ଗୋଟେ ସ୍ୱପ୍ନଦର୍ଶୀ ଏଣ୍ଟୁଅ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୭ |
| ଆମ୍ବିକ ଚନ୍ଦନ | ବିଜୟ କୁମାର ସାହୁ | ୧୬୧ |

ISSN NO.
2582-208X


| | | |
|---|---|---|
| ଷଢ଼ରୀପୁ ହେଲେ ମିତ | ଅଲେଖ ମେହେର | ୧୭୨ |
| ଅନୁଶାସନ | ସିନ୍ଧୁ ନନ୍ଦିନୀ | ୧୭୪ |
| ମହାପାତ୍ର ନୀଳମଣି ସାହୁ ଙ୍କ ଗଳ୍ପ ଅପା ଠାରୁ ପୁଷି ପର୍ଯ୍ୟନ୍ତ ଗଳ୍ପ ଏକ ଦୃଷ୍ଟିପାତ | ସୁଲତା ସାହୁ | ୧୭୬ |
| କବି କବିତା | ବେଣୁଧର ସୂତାର | ୧୮୧ |
| ଗୁହାରି ଶୁଣ ସରକାର | ଚତରଞ୍ଜନ ବେହେରା | ୧୮୪ |
| ପାପକ୍ଷୟ ଘାଟ | ଗୀତାଞ୍ଜଳି ମିଶ୍ର | ୧୮୫ |
| ଧରିତ୍ରୀ ଧରିଛି ଧର୍ମ ନକତି | ବିନୋଦିନୀ ଦାଶ | ୧୮୭ |
| ଆପଣଙ୍କର ଅଛି | ଓଟେରି ସେଲଭା କୁମାର | ୧୮୯ |
| ମଧୁ ମାଳତୀ | ଡାଃ. ଅନତା ପଣ୍ଡା | ୧୯୦ |
| ମୃତ୍ୟୁ | ଅପରାଜିତା ମହାରଣା | ୧୯୪ |
| ନୂଆ ଜୀବନ ରାହା | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୯୮ |
| ଆଖିର ନଦ ମନର କୋହ | ପ୍ରସନ୍ନ କୁମାର ମେହେର | ୨୦୦ |
| କଳାପାଣିର କଷଣ ଶିବିର : ଭାଇପର୍ ଓ ରୋସ୍ | ପ୍ରିୟବ୍ରତ ପାତ୍ର | ୨୦୨ |
| ନାଆଁ ମୋ ପ୍ରେମିକ ଟିଏ | ଜୟନ୍ତ କୁମାର ମଲ୍ଲିକ୍ | ୨୦୫ |
| ଭାବ ବିନୋଦିଆ ଠାକୁର | ସସ୍ମିତା ଭୋଇ | ୨୦୬ |
| ଶ୍ରମିକ ଭାଇ | ଶୋଭାମୟୀ ପତ୍ରୀ | ୨୦୮ |
| ଶତାବ୍ଦୀର ସବୁଠାରୁ ବଡ ବିପଦ ହେଉଛି 'ଜଳବାୟୁ ପରିବର୍ତ୍ତନ' | ଅସିତ ମହାନ୍ତ | ୨୧୦ |
| ହୃଦୟର ଶୂନ୍ୟତା | ଅମୃତନାରାୟଣ ଶତପଥୀ | ୨୧୬ |
| ଘରଚଟିଆ | ସରସ୍ୱତୀ ମିଶ୍ର | ୨୧୭ |
| ସଂଘର୍ଷ ପୂର୍ଣ୍ଣ ଜୀବନ | ମୋନାଲିସା ପାଣିଗ୍ରାହୀ | ୨୧୯ |

ISSN NO.
2582-208X


| | | |
|---|---|---|
| ନାରୀ ଅତ୍ୟାଚ୍ଚାର | ସନ୍ତୋଷ କୁମାର ବେହେରା | ୨୨୨ |
| କାମନାର ବିନାଶରେ ଦୁଃଖ ର ବ୍ୟଞ୍ଜନା - ବିଜୟ ମିଶ୍ରଙ୍କ "ତଟ ନିରଞ୍ଜନା" | ସାହିଲ କୁମାର ନାୟକ | ୨୨୪ |
| ଭେକଲ୍ ମଣିଷ | ବର୍ଷାରାଣୀ ମହାମଲ୍ଲୀକ | ୨୩୨ |
| ସୁନ୍ଦର ମନ | ବାସନ୍ତୀ ଲତା ଜେନା | ୨୩୪ |
| ଋତୁରାଜ ବସନ୍ତ | ଡ. ଅଭିମନ୍ୟୁ କାନୁନଗୋ | ୨୩୬ |
| ସତୀ ହେବା ଅତି କଷ୍ଟ | ମୀରା ପୂରବୀ ପାଣିଗ୍ରାହୀ | ୨୩୭ |
| ଆଜିକାର ବନ୍ଧୁ | ଜୟ କୁମାର ମିଶ୍ର | ୨୩୯ |
| ୧୯୮୦ ମସିହା ପରବର୍ତ୍ତୀ ଓଡିଆ ନାଟକରେ ସଙ୍ଗୀତ | ଡକ୍ଟର ଲିଙ୍ଗରାଜ ମେହେର | ୨୪୨ |
| କାରୁଣ୍ୟ ଶୃତଲିପି | ପ୍ରତିଭା ଦାସ | ୨୫୮ |
| ତୁମ କବିତା | ନିରଞ୍ଜନ ସାହୁ | ୨୬୧ |
| ଆର୍ଯ୍ୟ ବଧୂ | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୨୬୩ |
| ନଈ ପାଇଁ ଗୀତଟିଏ | ବିରଞ୍ଚି ନାରାୟଣ ମିଶ୍ର | ୨୬୬ |
| ଶିବ ପଂଗ୍ଚକ୍ଷରି ଗଣେଶ ମଂଗଳାଷ୍ଟକମ୍ | ଅଭିଳାଷ ବାରିକ୍ | ୨୬୮ |
| ମାଗି ଏକ ଲାଂଗୁଡା ପୋକ | ଦେବଦତ୍ତା ଦେବୀ | ୨୭୦ |
| କୃଷ୍ଣ ମୋର ଜୀବନ | ସୌଭାଗ୍ୟଲକ୍ଷ୍ମୀ ସାହୁ | ୨୭୯ |
| ବର୍ଷା ଟୋପା ତୁମେ ! | ବିଜୟଲକ୍ଷ୍ମୀ ସାମଲ | ୨୮୦ |
| ପୂର୍ବାହ୍ନ ର ସୂର୍ଯ୍ୟାସ୍ତ | ଯସ୍ମିତା ପ୍ରଧାନ | ୨୮୨ |
| ମୁଁ ଭୁଲିଯାଇଛି କହି | ପ୍ରିୟଦର୍ଶିନୀ ପତି | ୨୮୪ |
| ମାଟିମନସ୍କତାଧର୍ମୀ ପରିପ୍ରେକ୍ଷୀରେ ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ | ପ୍ରଶାନ୍ତ କୁମାର ନାୟକ | ୨୮୬ |

ISSN NO.
2582-208X


| | | |
|---|---|---|
| ଅନୁମତି | ପୂଜା ରାଣୀ ପାଣିଗ୍ରାହୀ | ୨୯୫ |
| ଆସିଛି ମୋ ରାମ | ଅନାଦି ଚରଣ ବେହେରା | ୨୯୬ |
| ବଧୂ ନିରୁପମା | ସୁହଂସ ଭୋଇ | ୨୯୮ |
| ଠିକଣାର ପାଉଣା | ଦେବସ୍ମିତା ମହାନ୍ତ | ୩୦୦ |
| କେଉଁ ଦିନଠାରୁ ଦଶଗ୍ରୀବ ରାବଣ ନାମରେ ପରିଚିତ ହେଲା ଓ କିଏ କାହିଁକି କରାଇଲା | ନରେନ୍ଦ୍ର ପ୍ରସାଦ ବେହେରା | ୩୦୨ |
| ଜାଗ୍ରତ ହୁଅ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୩୦୫ |
| ବୋଉ | ଯଜ୍ଞଦତ୍ତ ସାମନ୍ତରାୟ | ୩୦୮ |
| ବାପା | ବର୍ଷାରାଣୀ ଲୁହା | ୩୧୦ |
| କେମିତି ଲୋପପାଇଲେ ଡାଇନୋସର୍ | ଡକ୍ଟର କମଳାକାନ୍ତ ଜେନା | ୩୧୨ |
| ଆମେରେ ଓଡିଆ ଜାତି | ରାଜକିଶୋର ସ୍ୱାଇଁ | ୩୧୫ |
| ଖରାଦିନ ଖରା | କାଳପ୍ରସାଦ ମହାପାତ୍ର | ୩୧୮ |
| ସଂପର୍କ | ସୁଧୀର ମେହେର | ୩୨୧ |
| ଚଟଫଣ୍ଡ | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୩ |
| ମୁଁ ସତେ କଣ ବୁଢା ହେଇଯାଇଛି | ଡ. ଅର୍ଜୁନ ଚରଣ ବାରିକ୍ | ୩୨୬ |
| ଗାଁ | ପ୍ରଶାନ୍ତ କୁମାର ନାଥ | ୩୨୮ |
| ଜଗତ ଜନନୀ ଅଭୟ ବର ଦାୟିନୀ | ଅମରନାଥ ବାରିକ | ୩୩୦ |
| ଦେବଦୂତ | ଦୀନବନ୍ଧୁ ବେଜ | ୩୩୨ |
| ସପ୍ତଶଯ୍ୟା ଶୋଭାର ଭଣ୍ଡାର | ଅଭୟ କୁଣ୍ଡ | ୩୪୧ |
| ବର୍ଷା | ଆକୁଳାନନ୍ଦ ପୃଷ୍ଟି | ୩୪୪ |

ISSN NO.
2582-208X


| | | |
|---|---|---|
| କବି ନୁହେଁ କେବେ ହୀନ | ଅଜୟ କୁମାର ରାଉତ | ୩୪୭ |
| ସେ ଓ ମୁଁ | ଜନ୍ମେଜୟ ନାୟକ | ୩୪୯ |
| ବୃଦ୍ଧା ବାପା ଙ୍କ ମନ କଥା.. | ପ୍ରଜ୍ଞା ପାରମିତା ଦାଶ (ମିଶ୍ର ) | ୩୫୧ |
| ଜୟମା ମହାଲକ୍ଷ୍ମୀ | ଅଧାପିକା ରେ୍ଜାଲିନ୍ ବାରିକ୍ | ୩୫୨ |
| ହାତଘଣ୍ଟା | ଅବିନାଶ ସାହୁ | ୩୫୩ |
| ସଂଘର୍ଷ | ସନ୍ଧ୍ୟାରାଣୀ ମଲ୍ଲିକ | ୩୫୮ |
| ପୋଲିଙ୍ଗ ଦଳ | ଦୀନବନ୍ଧୁ ପୋଇ | ୩୫୯ |
| ତୁ ପର ମା ମୋରି | ତୃପ୍ତିମୟୀ ମିଶ୍ର | ୩୬୧ |
| ଫୁଲେଇ ଜହ୍ନ...!! | ବନ୍ଦତା ମହାରଣା | ୩୬୩ |
| ଗାଈର ଆତ୍ମକାହାଣୀ | ଅଶୋକ କୁମାର ସେଠୀ | ୩୬୫ |
| ରଜ | ସୁଜିତ୍ କୁମାର ମିଶ୍ର | ୩୬୯ |
| ମାତୃଭୂମି | କୈଳାସ ମେହେର | ୩୭୩ |
| ଏଇ ମୋର ଖୋଲା ମନ | ଭକ୍ତିଲତା ବଳ | ୩୭୬ |
| ପ୍ରୀତିର ଫଗୁଣ | ବିପ୍ଳବ କଶୋର ରଥ | ୩୭୭ |
| ଶାଳଗ୍ରାମ | ଜୟନ୍ତୀ ଦେବୀ | ୩୭୮ |
| ଲିଭେଇ ଦିଅନା | ହରିଶ୍ଚନ୍ଦ୍ର ବେହେରା | ୩୮୧ |
| ଦାସ ପରି ରଖିଥାଅ | ଦାସ କମଳ କୁମାର | ୩୮୨ |
| କେ ନୁହେଁ କା' ଠାରୁ ନଉନ | ଗୁପ୍ତେଶ୍ୱର ରାଉନ୍ | ୩୮୩ |
| ବାସ୍ତୁ ବାଣୀ | ଦେବଯାନୀ ବାରିକ୍ | ୩୮୬ |
| ଇପ୍ସିତ ଆଶା | ଖଗେଶ୍ୱର ବାଗ | ୩୮୮ |
| ଫେରି ଆସନ୍ତା କ? | ଝରଣା ବାରିକ | ୩୯୦ |
| ଭାବନା ମୋ ହୃଦୟର | ଦେବେନ୍ଦ୍ର ସାହୁ | ୩୯୨ |
| ଆଜିର ଭାଗବତ ବାଣୀ | ଅଧ୍ୟାପକ ଅବିନାଶ ବାରିକ୍ | ୩୯୩ |

ISSN NO.
2582-208X


| | | |
|---|---|---|
| ପରିବେଶ ରକ୍ଷା ହୋଇବ | ବିକାଶ କୁମାର ହୋତା | ୩୯୬ |
| ରାମାଷ୍ଟକମ୍ | ଅଳକା ବାରିକ୍ | ୩୯୮ |
| ଏ ସଂସାରରେ ଦରିଦ୍ର କଏ ? | ସୁହାସିନ ବାରିକ୍ | ୪୦୦ |
| କାହିଁକି ମିଛେ ଏତେ ଗର୍ବ ? | ଅନନ୍ତ କୁମାର | ୪୦୨ |
| ଋତୁରାଜ ବସନ୍ତ | ସମ୍ପଦା ଦେବୀ | ୪୦୪ |
| ମଶାଣି ଦେହ | ଦୁଷ୍ମନ୍ତ ବେହେରା | ୪୦୫ |
| ଘଟ ଗାଁ ନାମକରଣ | ମାଳତୀ ଦେବୀ | ୪୦୮ |
| ମୋ ଦିଦି ଜିଜୁ | ରାଧାରାଣୀ ରାଉଳ | ୪୧୦ |
| ବନ୍ଧନ ଲୀଳା | ଯଦୁମଣି ବାରିକ୍ | ୪୧୧ |
| ଗୁପ୍ତପାପ.. | ନିରଞ୍ଜନ ମହାରଣା | ୪୧୪ |
| ଶ୍ରୀକାନ୍ତ ରାଧାକାନ୍ତ ଜପ ମନ | ପାର୍ବତୀ ଦେବୀ | ୪୧୬ |
| ବନ୍ଧନ ଲୀଳା | ନରେନ୍ଦ୍ର ପ୍ରସାଦ ବେହେରା | ୪୧୮ |
| ପ୍ରେମର କୋଳାହଳ | ସୋନାଲି ନାୟକ | ୪୨୦ |
| ଶୁଣ ଭୀଷ୍ମ-କର୍ଣ୍ଣ-ଦ୍ରୋଣ | ପ୍ରବୋଧ କୁମାର ହୋତା | ୪୨୧ |
| ଝିଅ ଟିଏ ସିଏ | ତୃପ୍ତିମୟୀ ତ୍ରିପାଠୀ | ୪୨୩ |
| ମରୀଚିକା | ବାଙ୍କାବିହାରୀ ମହାକୁର | ୪୨୫ |
| ଆଧାତ୍ମିକ ଧର୍ମ ସମ୍ପର୍କରେ କିଛି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିଙ୍କ ବିଚାର | ବାଲ୍ମୀକି ନାୟକ | ୪୨୭ |
| ବିତାଇଥିବା ମୁଠାଏ ସ୍ମୃତି | ସୀତାକାନ୍ତ ତୁମୁନଆଁ | ୪୩୫ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୪୩୮ |
| ମଶାଣିର ଫୁଲ | ସରୋଜ କୁମାର ବେହେରା | ୪୪୦ |
| ପ୍ରେମ ନଇ ତଟ "ପ୍ରେମିକା" | ମନୋରଞ୍ଜନ ସୁରୁଜାଲ | ୪୪୧ |
| ଭକ୍ତ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୪୩ |

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ


| | | |
|---|---|---|
| ଉତ୍ତମ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ | ଡାକ୍ତର ବସନ୍ତ କୁମାର ଷଡଙ୍ଗୀ | ୪୪୬ |
| ର୍ତିରେ ଶୋଇବା ସମୟରେ ରସୁଣ ଖାଇ ଦିଅନ୍ତୁ, ୩ ଦିନ ମଧ୍ୟରେ ପାର୍ଥକ୍ୟ ଦେଖିବେ | ଡକ୍ଟର ଅଭିମନ୍ୟୁ କାନୁନଗୋ | ୪୪୮ |


# ଆମ ହାଣ୍ଡିଶାଳ


| | | |
|---|---|---|
| ହାଇଦ୍ରାବାଦୀ ପନିର | ବବଲି ତ୍ରିପାଠୀ | ୪୫୧ |


# ଆଞ୍ଚଳିକ


| | | |
|---|---|---|
| ଥୁତା ତରୁଆଲ୍ | ଗଜାନନ ମିଶ୍ର | ୪୫୪ |
| ଡୋକରି ଚଞ୍ଚର୍ | ସଞ୍ଜୟ ନାଏକ | ୪୫୫ |
| କଥାନ - ମହା ସୁଁଠ୍ | ସତ୍ୟନାରାୟଣ ମିଶ୍ର | ୪୫୭ |
| ଝାଉ | ଗୋବର୍ଦ୍ଧନ ନାଏକ | ୪୬୦ |
| ସମାଜ୍ ସେବକ୍ | ସୁନୀଲ କୁମାର ଅଗସ୍ତି | ୪୬୨ |
| କୁକୁର ପରତି ସାବଧାନ | ଏମ୍ ବିଜୟ କୁମାର | ୪୬୪ |
| ହଏହୋ ସରକାର୍ | ସୁଜ୍ଞାନ ବାଘ | ୪୬୭ |


# ଶିଶୁ ବିଭାଗ


| | | |
|---|---|---|
| ତୁଳସୀର ଭାଇ | ଡ଼ଃ ରଞ୍ଜିତ କୁମାର ସାହୁ | ୪୭୦ |
| ସୁନ୍ଦର | ଦୀପ୍ତିମୟୀ ସାହୁ | ୪୭୪ |
| ପୁସ୍ତକ ଆମ ସାଥି | ବିକାଶ କୁମାର ହୋତା | ୪୭୭ |

ISSN NO.
2582-208X


| | | |
|---|---|---|
| ଜହ୍ନ ଗ୍ରହରେ କରିବା ଘର | ନଳିନୀ ଦାଶ | ୪୭୯ |
| ମୁଇଁ ବୁଢା ଅଜା କହୁଛେଁ | ସୁଜ୍ଞାନ ବାଘ | ୪୮୨ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୮୩ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୪୮୪ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୪୮୬ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୪୮୮ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୪-ବିସ୍ମୟକରୀ ଜୀବଗଣ

ଅସୀମ କୂଳକୁ ଅନାଇଲେ । କୂଳର ବାଲି ଅନେକ ଯାଗାରେ ଢେଉଢେଉକା ଚିହ୍ନମାନ ଥିଲା । ଆଜିର ଦିନରେ ବାଲି ପାଖକୁ ଯିବା ଚିହ୍ନ ଏତେ ସ୍ୱଷ୍ଟ ନାହିଁ । ମା' କଚ୍ଛପ କେବେଠୁ ଅଣ୍ଡାଦେଇ ଫେରିଯାଇଛି । ଏବେ କେବଳ କୁଦର ଚିହ୍ନ ଅଛି । ବାକି ଚିହ୍ନ ପବନ ମାଡରେ ବାଲିରେ ମିଶି ଗଲାଣି । ସବୁ କୁଦ ତଳେ ଅଣ୍ଡା ଥିବ । କିଛିରୁ ଛୁଆ ଫୁଟିବା ଫୁଟିବା ହେଉଥିବ । କିଛିରୁ ପରେ ଛୁଆ ଫୁଟିବେ । ସମୁଦ୍ରକୂଳିଆ ଗଛ ପର୍ଯ୍ୟନ୍ତ କଚ୍ଛପମାନେ ଯାଆନ୍ତି ନାହିଁ । ସବୁ ଛୋଟ ବଡ କୁଦ ଖୋଲା ବାଲିରେ ଥିଲା । ଗୋଟାଏ ଦୁଇଟା କୁଦରୁ ବାଲି କିଛି ଖୋଳା ହେଲା ପରି ଲାଗୁଥିଲା ଆଉ କିଛି ଅଣ୍ଡା ଫୁଟି ପଡିଥିଲା । ବୋଧହୁଏ ମନିଟର ଲିଜାର୍ଡ କେବେ ଆସି ଗାତ ଖୋଳି ଅଣ୍ଡା ଖାଇଦେଇଥିବ । ସମୁଦ୍ର କଚ୍ଛପର ଏହି ଲିଜାର୍ଡମାନେ ଭୂମିରେ ବଡ ଶତ୍ରୁ । ଅଧିକାଂଶ କୁଦ କିନ୍ତୁ ଅତୁଟ ଥିଲା । ଏସବୁ କୁଦକୁ ଦେଖିଲେ ଲାଗୁଥିଲା ଯେମିତି ସମୁଦ୍ରକୂଳରେ କିଏ ଛୋଟ ଛୋଟ ସ୍ୟାଣ୍ଡ ଡ୍ୟୁନସ ତିଆରି କରିଦେଇଛି । ପବନ ବୋହିବା ଯୋଗୁ ଡ୍ୟୁନର ଅବକ୍ଷୟ ଘଟୁଛି ତ କେଉଁଠି ନୂଆ ଡ୍ୟୁନ ତିଆରି ହୋଇଯାଉଛି । ପଛକୁ ପାଣ୍ଡାନାସ ଗଛଗୁଡିକ ସୁନ୍ଦର ଲାଗୁଛି । ତେଣିକୁ ଜଙ୍ଗଲ ଗଭୀରରୁ ଗଭୀର ହୋଇଯାଉଛି ।

### (ଖ) ଗଲାଥିଆ ବିଚରେ କଚ୍ଛପର ଅଣ୍ଡାଦାନ

ମ୍ୟାପକୁ ଅନାଇଲେ ଜଣାଯାଏ ଗଲାଥିଆ ବିଚକୁ ବହୁ ଦୂରରୁ ଦେଖିହେବ । ଅସୀମଙ୍କ ମନରେ ପ୍ରଶ୍ନ ଆସେ କ'ଣ ପାଇଁ ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପମାନେ ଗଲାଥିଆ ଭଳି ବିଚ୍

ISSN NO.
2582-208X

କୁ ଏତେ ପସନ୍ଦ କରନ୍ତି? ପାଣି ଭିତରୁ ସେମାନଙ୍କୁ ଏ ବିଚମାନ କେମିତି ଲାଗୁଥିବ? କେମିତି ଜାଣିପାରିବେ ଗଲାଥିଆ ପ୍ରକୃତରେ ଅଣ୍ଡାଦେବା ପାଇଁ ଉପଯୁକ୍ତ ସ୍ଥାନ କି ନାହିଁ? ଏତେ ଦୂରରୁ ଆସୁଛନ୍ତି । ସମାନ୍ୟ ଭୂଲ ହେଲେ କେଉଁଠି ନା କେଉଁଠି ପହଞ୍ଚିବେ, ତଥାପି ଗଲାଥିଆରେ ପହଞ୍ଚିଯାଉଛନ୍ତି । ଦୂରରୁ ଗଲାଥିଆ ଦେଖି ହେବକି?

ଏମିତି ଏକ ଉପଯୁକ୍ତ ସ୍ଥାନ ଥିଲା ୪୮ କି.ମି. । ସେଠୁ ଗଲାଥିଆ ଉପକୂଳ ଦେଖାଯାଏ । ଆଉ କିଛି ଦୂରରେ ତଳ ଆଡକୁ ପଡିବ ୫୧ କିଲୋମିଟର ବତୀଘର ଆଉ ଉପରେ ପଛକୁ ରହିଯାଇଥିବ ଗଲାଥିଆ ବିଚ୍ । ସେମାନେ ଅନାଇବା ଜାଗାରୁ ଏପଟେ ସମୁଦ୍ରକୂଳ ବେଶି ପଥୁରିଆ, ଅନେକ ଭିତରକୁ ପଥର ଚାଲିଯାଇଛି । ସମୁଦ୍ରରେ ଢେଉ ଏଠାରେ ବେଶି । ଲହଡି ଏକ ବଡ ସାପର ଫଣା କରି ଜୋରରେ ମାଡିଆସେ ।

ଆଉ ଦୂରରେ ଦେଖାଯାଏ ଭୂଖଣ୍ଡ ଭିତରକୁ ସମୁଦ୍ର ପଶିଆସିଛି ଆଉ ସେ ବିଚରେ ପାଣି ସିଧା ମାଡ ହେଉନି । ଦୂରରୁ ଦେଖିଲେ ଗୋବିନ୍ଦ ନଗର, ଶାସ୍ତ୍ରୀ ନଗର ପଟୁ ଭୂମି ସାମାନ୍ୟ ବଙ୍କା ହୋଇ ଦକ୍ଷିଣ ପଶ୍ଚିମ ଆଡକୁ ଆସିଛି ଆଉ ଏକ ବିନ୍ଦୁରୁ ଉତ୍ତର ଆଡକୁ ବୁଲି ପୁଣି ଏକ ଛୋଟ ଆର୍କ କରି ପଶ୍ଚିମକୁ ଚାଲିଯାଇ ଗଲାଥିଆ ନଦୀକୁ ଛୁଇଁଛି । ବିଚ୍ ରେ ତେଣୁ ରହିଛି ବାଲି । ବୋଧହୁଏ ଏହି କାରଣ? ପାଣି ଏକ କଡୁଆ ହୋଇ ଗଲାଥିଆ ପରେ ତଳକୁ ଥିବା ପଥୁରିଆ ବିଚ ଉପରେ ମାଡ ହେଉଛି । ଅବଶ୍ୟ ସମୁଦ୍ର କଚ୍ଛପମାନେ ବହୁ ଅଳ୍ପ ସଂଖ୍ୟାରେ ୪୬-୪୮ କିମି ଅଞ୍ଚଳରେ ଥିବା ସାମାନ୍ୟ ବାଲିଆ ଯାଗାକୁ ଭୂଲରେ ଆସିଯାଆନ୍ତି । ଗ୍ରୀନ ସି ଟର୍ଟଲମାନେ କିଛି ସଂଖ୍ୟାରେ ଡଗମାର ନଦୀ ପର୍ଯ୍ୟନ୍ତ ଆସିଥାନ୍ତି। ସେପଟେ ବହୁ ଉତ୍ତରକୁ ଲ ଫୁଲ ବା ସେହିପରି କିଛି ବାଲିଆ ଜାଗାକୁ ଅନ୍ୟ କଚ୍ଛପମାନେ ଯଥା ଗ୍ରୀନ ସି ଟର୍ଟଲ, ହକସବିଲ ଟର୍ଟଲ ଆଉ ଅଲିଭ ରିଡଲେ ଟର୍ଟଲ ଆସିଥାନ୍ତି । ଜ୍ୟାଣ୍ଟ ଲେଦରବ୍ୟାକ ଟର୍ଟଲ ସବୁ ଜାଗାକୁ ଆସିନଥାଏ ।

ସେମାନେ ଅପରାହ୍ନରେ ୪୧ କିମି ପହଞ୍ଚିଗଲେ । ଗଲାଥିଆ ନଦୀରୁ ଲଗେ ଗଲାଥିଆ ବିଚ ଉପରେ ଯେମିତି ଏକ ସାମାନ୍ୟ କୁହୁଡିର ଆସ୍ତରଣ ଘେରିଯାଇଛି । ବିଚର ଧଳା ବାଲି, ତା' ଉପରେ ସାମାନ୍ୟ ଧଳା ପ୍ରକାଶ କୁହୁଡିର ବା ଜଳିୟ ବାଷ୍ପର ଆଉ ତା' ପଛରେ ଥାଏ ଅନ୍ୟ ପଟର ଜଙ୍ଗଲ । ବିଚ ଉପରେ ଜଳୀୟ ବାଷ୍ପ ଭରା ବାଦଲ କ'ଣ ପାଇଁ ଓହ୍ଲାଇ ଆସେ କେଜାଣି? ସମୁଦ୍ର ଲହଡି ସିଧା ବହୁ ଭିତରକୁ ପଶି ଆସୁନି । କିନ୍ତୁ ବଙ୍କେଇ

ISSN NO.
2582-208X

ଯାଇଥିବା ଉପକୂଳରେ ଲହଡି ମାଡ ହୋଇ ଜଳୀୟ ବାଷ୍ପର ଛୋଟ ବାଦଲ ଠିକ କୂଳ ଉପରେ ତିଆରି କରୁଛି । ସେପଟ କୂଳର ପଛରେ ଥିଲା ଏକ ଢେଉଢେଉକା କଳା ଦିଗବଳୟ । ତା' ଉପରେ ଥିଲା ଏକ ଚମକୁଥିବା ବାଦଲ, ଲାଗୁଥିଲା ଯେମିତି ଏକ ଛୋଟ ପାହାଡ ଭଳି ଧଳା ବାଦଲଟିଏ ମୁଣ୍ଡ ଟେକିଛି ଆଉ ମୁଣ୍ଡ ଚମକୁଛି । ପ୍ରତିଫଳନ ପଡିଛି ଶାନ୍ତ ନଦୀର ଜଳରେ । ସାମାନ୍ୟ କମଳା ରଙ୍ଗର ନେସା ଥିବା ଧାର ପ୍ରତିଫଳନରେ ସ୍ପଷ୍ଟ ଜଣାଯାଉଛି ।

ଗଲାଥିଆ ନଦୀ ସମୁଦ୍ରରେ ମିଶିଲାବେଳକୁ ସାମାନ୍ୟ ବଙ୍କେଇ ଯାଇଛି । ନଦୀର କୂଳ ସଂମ୍ପୂର୍ଣ ବାଲୁଆ ଥିଲା । ଏଠି ସବୁ ନଦୀର କୂଳ ଏତେ ବେଶି ବାଲିଆ ନଥାଏ । କିନ୍ତୁ ଗଲାଥିଆ ବା ଆଲେକଜାଣ୍ଡ୍ରିଆ ନଦୀର କୂଳ ବାଲିଆ । ସମୁଦ୍ରରେ ମିଶିଲାବେଳକୁ ଗଲାଥିଆ ନଦୀର ବାମ ପଟ ବେଶି ବାଲିଆ, ଏଠି ଲମ୍ବା ଚଡା ଅଛି । ଆଉ ଏହା ହେଉଛି ସମୁଦ୍ର କଚ୍ଛପର ଅଣ୍ଡା ଦେବା ସ୍ଥାନ । ଡାହାଣ ପଟ ଅଳ୍ପ ବାଲିଆ, ବେଶି କାଦୁଆ ତଥା ପଥୁରିଆ। ଏପଟେ ଥାଆନ୍ତି ଲାଲ ଲାଲ କଙ୍କଡାମାନେ । ସେମାନେ ବେଳେବେଳେ ଦଳରେ ବାହାରନ୍ତି ଯେମିତି ମେଳା ଦେଖିବାକୁ ଯାଉଛନ୍ତି ।

ଆଲେକଜାଣ୍ଡ୍ରିଆ ବିଚ ତୁଳନାରେ ଗଲାଥିଆ ବିଚ ଥିଲା ଅନେକ ସଫା ଥିଲା । ପଛରେ ସେମିତି କେଓଡା ଓ ଅନ୍ୟ ସମୁଦ୍ରକୂଳିଆ ଗଛମାନ ଭରିଥିଲା । ନଦୀ ପାଖ ବିଚ୍ ହେବା ହେତୁ କୂଳରେ ବାଲିର ସ୍ଲୋପ ବା ଗଡାଣି ତୀଖ ନଥିଲା । ଦୂରରୁ ଅନ୍ୟପଟ ସମୁଦ୍ରକୂଳର ଠିକ ତଳେ ତଥାପି ଜଳୀୟବାଷ୍ପର ବଳୟ ଥିଲା । ବିଚରେ ବଡ ଢେଉ ନଥିଲା । ବାଲି ସଫା ଦେଖାଯାଉଥିଲା । ସମୁଦ୍ରକୂଳରେ, ଶୁଖିଲା ବାଲି ଆଡକୁ କେଉଁଠ କେଉଁଠି କଚ୍ଛପ ଅଣ୍ଡାଦେବା ସ୍ଥାନ ଜଣା ପଡିଯାଉଥିଲା । ଅଣ୍ଡା ଦେବା ଯାଗାରେ ପ୍ରାୟ ଏକ ଛୋଟ ଗୋଲକାର ଅଞ୍ଚଳରେ ବାଲିରେ କିଛି ଛୋଟ କୁଦ ତିଆରି ହୋଇଯାଇଥାଏ । କଚ୍ଛପଟି ଅଣ୍ଡାଦେଇ କାମଫ୍ଲାଉଜିଙ୍ଗ କରିବା ଭିତରେ କିଛି ଛୋଟ ବାଲି କୁଦ ତିଆରି ହୋଇଯାଏ ।

"ଶୋଭନା, ତୁମେ ମା' କଚ୍ଛପକୁ ଦେଖୁଛ?"- ଅସୀମ ପଚାରିଲେ ଗଲାଥିଆ ନଦୀ ଉପକୂଳ ସମୁଦ୍ର ବେଳାଭୂମିର ଏକ ଅନ୍ଧାରିଆ ରାତିରେ । ତା' ପୂର୍ବରୁ ସେମାନେ ଅନେକ ଘଣ୍ଟା ଅପେକ୍ଷା କରିସାରିଥିଲେ ।

ISSN NO.
2582-208X

"ଏତେ ବିଶାଳ କଚ୍ଛପ ଅସୀମ । ବିଶ୍ୱାସ କରିହେଉନି ।"-ଶୋଭନା ପ୍ରାୟ ଚିଲ୍ଲାଇକରି କହିଲେ ଆଉ ଅସୀମଙ୍କ କାନ୍ଧକୁ ଧରିନେଲେ ।

ଅସୀମ କିଛି କହିଲେନି, ସାମାନ୍ୟ ହସିଲେ । ସେ ହସ ଶୋଭନା ଦେଖିନଥିବେ । ଶୋଭନାଙ୍କ ଆଖି ପାଣିରୁ ଉଠିଆସୁଥିବା ବିଶାଳ କଚ୍ଛପ ଉପରେ ଥିଲା ।

"ଏ କଚ୍ଛପ ନା ମହାସାଗରର ଦୈତ୍ୟ । ବିଶ୍ୱାସ ହେଉନି ଅସୀମ । ଡର ବି ଲାଗୁଛି ।"- ଶୋଭନା ଅସୀମଙ୍କ ଦେହକୁ ଏକଦମ ଲାଗିଗଲେ । ତାଙ୍କ ଦେହରେ କମ୍ପନ ଥିଲା । ଅସୀମ କିଛି କହିଲେନି । ଶୋଭନା ନିଜ ହିସାବରେ ବୁଝନ୍ତୁ । ଏ କଚ୍ଛପ ଯେ ଅଷ୍ଟ୍ରେଲିଆ, ମୋଜାମ୍ବିକ ବା ସେଇପରି କେଉଁ ଦୂର ଭୂମିର ଏ ଉପକୂଳକୁ ଅଣ୍ଡାଦେବା ପାଇଁ ଆସିଥିବ । ଏତେ ଲମ୍ବା ଯାତ୍ରା ଏକ ଛୋଟ କଚ୍ଛପ କରିପାରିବ କି ନାହିଁ ସନ୍ଦେହ ସବୁବେଳେ ଲାଗିବ । କେତେ ପ୍ରବଳ ସମୁଦ୍ର ସ୍ରୋତ ପାରି କରିଥିବ । ଜନ୍ମ ପରେ ଛୁଆ କଚ୍ଛପ ସମୁଦ୍ର ପାଣିକୁ ଚାଲିଯାଏ ଆଉ ସମୁଦ୍ର ସ୍ରୋତ ସହ ମହାସମୁଦ୍ରରେ ଘୁରିବୁଲେ । ଏମିତି ସମୁଦ୍ର ସ୍ରୋତ ସହ ସେ ଲମ୍ବା ଯାତ୍ରା କରିନିଏ । ସେ ସମୟରେ ଯାହା ମିଳେ ଖାଇନିଏ ଆଉ ବଡ ହୁଏ । ପରେ କିଶୋର ଅବସ୍ଥାରେ ପହଞ୍ଚିଲା ପରେ ଗ୍ରୀନ ଟର୍ଟଲମାନେ ମୁଖ୍ୟତଃ ସମୁଦ୍ର ଘାସ ଖାଇଥାନ୍ତି । ଜ୍ୟାଣ୍ଟ ଲେଦରବ୍ୟାକ ଟର୍ଟଲମାନେ ଜେଲି ଫିଶ ଇତ୍ୟାଦି ଖାଇଥାନ୍ତି । ଅଲିଭ ରିଡଲେ ଥାଏ ସର୍ବଭୁକ । କାଳେ ହଜାରେ ଛୁଆରେ ଗୋଟିଏ ଦୁଇଟା ଛୁଆ ବଞ୍ଚନ୍ତି । ସେମାନଙ୍କୁ କେତେ ଜୀବ ଶିକାର କରନ୍ତି । ଶାର୍କ, କିଲର ହ୍ୱେଲ ତ କଚ୍ଛପର ବଡ ଶତ୍ରୁ । ଏତେ ବିପଦ ଭିତରେ କେତେ କେତେ ମାସ ଏଠି ପହଁଞ୍ଚିବା ପାଇଁ ଲାଗିଥିବ ଆଉ ରାସ୍ତାରେ କେତେ ଝଡ, ତୋଫାନ ଆଉ ଅନ୍ୟ ବିପଦ ଥିବ । ତା' ସତ୍ୱେ ଏ ମାଈ କଚ୍ଛପଟି ଗଲାଥିଆ ବିଚରେ ପହଞ୍ଚିଛି । କଚ୍ଛପମାନେ ଯେଉଁଠୁ ଜନ୍ମ ନେଇଥାନ୍ତି, ସେ ବେଳାଭୂମିକୁ ପୁଣି ଫେରିଆସନ୍ତି । କ'ଣ ପାଇଁ ଫେରନ୍ତି ତା' କାରଣ ଏପର୍ଯ୍ୟନ୍ତ ବୋଧେ ସଠିକ ଭାବେ ଆବିଷ୍କୃତ ହୋଇପାରିନି । କୁହନ୍ତି ସେମାନଙ୍କ ମୁଣ୍ଡରେ ଏକ ବାଇ ମ୍ୟାଗନେଟିକ ସର୍କିଟ ଛାପି ହୋଇଯାଇଛି । ସେ ସର୍କିଟ ପାଇଁ ନିଜ ଜନ୍ମକୁ ସେମାନେ ଚିହ୍ନଟ କରିପାରନ୍ତି । ସ୍ଥାନକୁ କିନ୍ତୁ ଫେରନ୍ତି ନିଶ୍ଚିତ ।

ଶୋଭନା ଦେଖୁଥିଲେ ଏକ ମହା ବିଶାଳ ସମୁଦ୍ର କଚ୍ଛପ । ଅନ୍ୟ କଚ୍ଛପମାନଙ୍କ ଉପରେ ହାଡର ଖୋଳ ଥାଏ । କିନ୍ତୁ ଏହା ଉପରେ ଅଛି ଅତି ମୋଟ ଚମଡା । ସେଥିରେ ଧଳା

ISSN NO.
2582-208X

ଧଳା ଗାର ଭଳି ଚମ ଟିକେ ଉଠିଯାଇ ବେକ ପାଖରୁ ନେଇ ଲାଞ୍ଜ ପର୍ଯ୍ୟନ୍ତ ଆସିଛି । ପ୍ରାୟ କଳା ରଙ୍ଗ । ବେକରେ ଧଳା, ହାଲୁକା ପାଉଁଶିଆ ରଙ୍ଗର ଗୋଲ ଗୋଲ ଚିହ୍ନ ଅଛି । ଦେହସାରା ଏଣେତେଣେ ଧଳା ଟିପିଟିପି ଚିହ୍ନ ଏଣେ ତେଣେ ଅଛି । ଚମ ଖୋଳପାର ଉପରେ କମ, ପେଟ ଆଡକୁ ବହୁତ ବେଶି । ବିରାଟ ଆଖି, ମୁଣ୍ଡଟା ପ୍ରାୟ ଗୋଲ । ଲମ୍ବ ପ୍ରାୟ ତିନି ଚାରି ହାତ ଆଉ ଚଉଡା ପ୍ରାୟ ଦେଢ ବା ଦୁଇହାତ ହେବ । ସାଧାରଣ କଚ୍ଛପଗୁଡା ତ ହାତେ ଲମ୍ବାରୁ କମ । ଶୋଭନାଙ୍କ ଆଖି ଏ ମହାବିଶାଳ କଚ୍ଛପକୁ ଦେଖି ମନକୁ ମନ ବଡ ହୋଇଯାଉଥିଲା ଆଉ ତାଙ୍କ ମୁହଁରୁ କିଛି ଶବ୍ଦ ବାହାରୁ ନଥିଲା ।

ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପଟି ଲହଡି ଛାଡି ପାଣିରୁ ଉଠି ଆସୁଥିଲା । ତା' ଉପରେ ଚନ୍ଦ୍ର କିରଣ ପଡି ଚକଚକ କରୁଥିଲା । ନିଜର ଆଗ ଫ୍ଲିପରକୁ ହାତଭଳି ବ୍ୟବହାର କରି ନିଜକୁ ଆଗକୁ ଟାଣି ନେଉଥିଲା ଆଉ ପଛ ଫ୍ଲିପର ବ୍ୟବହାର କରି ନିଜକୁ ଠେଲି ଦେଉଥିଲା । କଚ୍ଛପଟି କିଛି ସମୟ ଏମିତି ଆଗେଇ ଥକି ଯାଉଥିଲା, ଟିକେ ବିଶ୍ରାମ କରି ପୁଣି ଆଗାଉଥିଲା । ଆଉ ମୁଣ୍ଡ ଉପରୁ ଏକ ଥଣ୍ଟ ଗୋଲ ହୋଇ ହୋଇ ବାହାରି ଆସିଥିଲା । ଏମିତି କିଛି ସମୟ ପରେ ସେ ଏକଦମ ଓଦା ବାଲି ଅଞ୍ଚଳରୁ ସାମାନ୍ୟ ଶୁଖିଲା ବାଲି ଅଂଶରେ ପହଞ୍ଚିଲା । ତା'ର କିଛି ଆଗରେ ଲଟା ଇତ୍ୟାଦି ମାଡିଥିଲା ଆଉ ଭାସି ଆସିଥିବା କାଠ ଇତ୍ୟାଦି ପଡିଥିଲା । ମଝିରେ ମଝିରେ ତା'ର ଥଣ୍ଟ ମାଟିକୁ ଛୁଉଁଥିଲା ଆଉ ସେ ବୋଧେ ମାଟିର ଆଦ୍ରତା ବାରୁଥିଲା ।

ଏପଟେ ବାଲି ଟିକେ ଢେଉଢେଉକା । ଆଗରୁ କିଛି କଚ୍ଛପ ଅଣ୍ଡା ଦେଇ ଫେରିଯାଇଛନ୍ତି । କେଉଁଠି କେଉଁଠି ସମୁଦ୍ରକୂଳିଆ କଙ୍କଡାମାନେ ଛୋଟ କୁଦମାନ କରିଛନ୍ତି । ମଝିରେ ମଝିରେ ଖାଲି ଜାଗା ମଧ୍ୟ ଅଛି । କଚ୍ଛପଟି ଏପଟ ସେପଟ କରି ଶୁଙ୍ଘିଲା ଆଉ ନିଜ ହିସାବରେ ଏକ ସମତଳ ବାଲିଆ ଅଂଚଳ ଖୋଜିନେଲା । ପାଣି ଧାରରୁ ପ୍ରାୟ ୬୦-୭୦ ମିଟର ଦୂର ହେବ । ଏଯାଏଁ ବଡ ଲହଡି ଆସିବନି । ଆଗ ପଛରେ କାଠ ବା ନଡିଆ କତା ଆଦି ସମୁଦ୍ରରୁ ଭାସି ଆସୁଥିବା ପଦର୍ଥ ପଡିନି । ଲଟା ଇତ୍ୟାଦି ମାଡିଥିବା ଜାଗା କଚ୍ଛପର ଖୋଜା ଯାଗାରୁ କୂଳରୁ ପ୍ରାୟ ୩ ରୁ ୧୦ ମିଟର ଦୂର । ତା'ପରେ ସେ ନିଜ ଫ୍ଲିପର ସାହାର୍ଯ୍ୟରେ ଏପଟ ସେପଟ ଟିକେ ବୁଲି ପଡିଲା ସତେ ଯେମିତି ନିଜର ଆଗ ଆଉ ପଛ ଗୋଡ । ସବୁ ଜନ୍ତୁଙ୍କର ନିଜ ହିସାବରେ ଅଙ୍ଗ ଅଛି ।

ISSN NO.
2582-208X

କଚ୍ଛପଟି ଆଗ ଫ୍ଲିପରରେ ସେ ଯାଗାରୁ କିଛି ବାଲି ହଟାଇଦେଲା ଆଉ ପଛ ଫ୍ଲିପରରେ ଗାତ ଖୋଳିବାକୁ ଲାଗିଲା । ପଛ ଫ୍ଲିପରଟା ଏକ ସ୍କୁପ ବା ଛୋଟ ଡଙ୍କି ଭଳି କାମ କରି କିଛି କିଛି ବାଲିକୁ ଥରକରେ ଉଠାଇ ବାହାରେ ଫୋପାଡି ଦେଉଥିଲା । ଥରେ ବାମ ଫ୍ଲିପରର ତ ଥରେ ଡାହାଣ ଫ୍ଲିପରର ବ୍ୟବହାର କରି ଧିରେ ଗାତ ଖୋଳି ହୋଇଯାଉଥିଲା। ଦେଖିଲାବେଳକୁ ଧିରେ କରି ଏକ ଗୋଲାକାର ଗାତ ଖୋଳି ହୋଇଗଲା ଆଉ ସେତେବେଳକୁ କଚ୍ଛପଟି ଥକି ଗଲାଣି । ତା'ର ପ୍ରସବ ବେଦନା ବୋଧେ ଆରମ୍ଭ ହୋଇଯିବଣି । ତା'ର ବଡ ବଡ ରନ୍ଧ୍ରଥିବା ନାସିକାରୁ ସଁ ସଁ କରି ମଝିରେ ମଝିରେ ଶବ୍ଦ ଆସୁଥିଲା । ସେତେବେଳକୁ ତା' ଦେହସାରା ଓଦା ବାଲି ପଡିସାରିଲାଣି, ଲାଗୁଥିଲା କିଏ ଯେମିତି ତା'କୁ ହଳଦିଆ ପାଉଁଶିଆ ଅଭିରରେ ଗାଧୋଇ ଦେଇଛି । ତା' ବେକ ମଝିରେ ମଝିରେ କୁଜା ହୋଇ ବାଲି ଛୁଉଁଥିଲା ଆଉ ଛାତିଟା ଉପରୁଆ ହୋଇଯାଇଥିଲା ଏବଂ ଅଣ୍ଡାଦେବା ଅଙ୍ଗଟି ଠିକ ଗାତ ଉପରେ ଥିଲା । ତା'ପରେ ମଝିରେ ମଝିରେ କଚ୍ଛପଟି ନିଜ ଛାତିକୁ ଉପରକୁ ଉଠାଇ ଦେଉଥିଲା ଯେମିତିକି ପଛ ଫ୍ଲିପର ବାଲିକୁ ଯେତେ ତଳକୁ ହୋଇପାରେ ସେତେ ତଳକୁ ଛୁଇଁପାରେ । ତା'କୁ ତା' ଆକାର ଅନୁପାତରେ ଏକ ଗଭୀର ଗାତ ଖୋଳିବାକୁ ପଡିବ । ମଣିଷ କେବଳ ହାତରେ ଗାତ ଖୋଳିଲେ ନିଜ ହାତର ଲମ୍ବ ପର୍ଯ୍ୟନ୍ତ ଅତି ବେଶିରେ ଗାତ ଖୋଳିପାରିବ । କଚ୍ଛପଟି ସେମିତି ତା' ପଛ ଫ୍ଲିପର ଯେତେଦୂର ପର୍ଯ୍ୟନ୍ତ ବାଲିରେ ଯାଇପାରେ ସେତେଦୂର ପର୍ଯ୍ୟନ୍ତ ଗାତ ଖୋଳିଚାଲିଲା । ଆଉ ଶେଷରେ ଏକ ବଡ ଗୋଲାକାର ଗାତ ଖୋଳି ହୋଇଗଲା । ବାଲି ସାମାନ୍ୟ ଓଦା ଥିବାରୁ ଗାତ ଭିତରକୁ ବାହାର ବାଲି ପଶି ଯାଉନଥିଲା । ବେଶି ଓଦା ବାଲି ହେଲେ ଗାତ ଭିତରେ ପାଣି ଜମି ଯିବ ଆଉ ଶୁଖିଲା ବାଲି ହେଲେ ଗାତ ମୋଟେ ଖୋଳି ହେବନି, ଆଖ ପାଖର ବାଲି ଭିତରକୁ ଆସିଯିବ । ଅତି ସମାନ୍ୟ ମାଟି ମିଶିଥିବା ଆଉ ସାମାନ୍ୟ ଓଦାଥିବା ବାଲି କଚ୍ଛପକୁ ଗାତ ଖୋଳିବା ପାଇଁ ଦରକାର । କଚ୍ଛପ ସେମିତିଆ ବାଲିଆ ଜାଗା ଖୋଜିନିଏ ।

"ଅସୀମ ଦେଖୁଛ, କଚ୍ଛପଟି କାନ୍ଦୁଛି । ତା' ଆଖିର ଲୁହ ଦେଖିପାରୁଛ ତ ?"- ଶୋଭନା ଉତ୍ତେଜିତ ହୋଇ କହିଲେ । ଶୋଭନାଙ୍କୁ ଲାଗୁଥିଲା ମଣିଷମାନେ କଚ୍ଛପଙ୍କ ଜାଗାରେ ଥିବାରୁ କଚ୍ଛପଟି ଦୁଃଖରେ କିଛି ନକରିପାରି କାନ୍ଦୁଛି । ନହେଲେ ତା'ର ପ୍ରସବ ବେଦନା ବହୁ ଜୋରରେ ହେଉଛି । ଏ ସମୟରେ କେହି ତା'କୁ ସାମାନ୍ୟ ବିରକ୍ତ କରିବା ଉଚିତ ନୁହେଁ ।

ISSN NO.
2582-208X

"ଶୋଭନା, କଚ୍ଛପର ଏକ ମେକାନିଜିମ । ବାଲି ପକାଇଲା ବେଳେ ବହୁ ବାଲି ତା' ଆଖିକୁ ଆସିଯାଉଥିବ । ତେଣୁ ଆଖିରୁ ଲାଲ ପରି କିଛି ପଦାର୍ଥ ନିର୍ଗତ ହୁଏ ଆଉ ତାହା ଲୁହ ଭଳି ଦେଖାଯାଏ । ପ୍ରସବ ବେଦନା ଥିବା ନିଶ୍ଚୟ ।"- ଅସୀମ କହିଲେ । ଶୋଭନା କିନ୍ତୁ ସମସ୍ତଙ୍କୁ ଦୂରକୁ ଯିବାକୁ କହିଲେ ଆଉ କାହାକୁ ଟିକେ ପାଟି ନକରିବାକୁ କହିଲେ । ଗାର୍ଡମାନେ ଏକଥା ଭଲଭାବେ ଜାଣନ୍ତି । କଚ୍ଛପକୁ କିଛି ବାଧା ନଆସୁ । ସେଇଥି ପାଇଁ ତ ସେମାନେ ନିଯୁକ୍ତ ଅଛନ୍ତି ।

ଏ ଭିତରେ କଚ୍ଛପଟି ଏକ ବଢିଆ ଗାତ ଖୋଳି ସାରିଥିଲା । ଗାତର ବାହାର ଅଂଶ ଗୋଲ ଆଉ ଟିକେ ଭିତରକୁ ଏକ ମାଠିଆ ଭଳି ସାମାନ୍ୟ ମୋଟେଇ ଯାଇଥିଲା । ଯେମିତିକି ସୁରାଇ ଗ୍ଲାସ ଅପେକ୍ଷା ବେଶି ପାଣି ଧରିଲା ଭଳି ଏ ଗାତ ଭିତରେ ବେଶି ଅଣ୍ଡା ଧରିପାରେ। କଚ୍ଛପଟି ଗାତ ଖୋଳି ଖୋଳି ଥକି ଯାଇଥିଲା । ତା'ର ଅଣ୍ଡାଦେବା ଅଙ୍ଗ ଯାହାକୁ କ୍ଲୋଆକା କୁହନ୍ତି ସେ ଗାତର ଠିକ ମଝିରେ ଥିଲା ଆଉ ସେଥିରୁ ଦୁଇ ତିନି ଚାରି ଏମିତି କରି ଗୋଲ ଗୋଲ ଅଣ୍ଡା ଗାତ ଭିତରକୁ ଲାଲ ସହ ଖସି ପଡୁଥିଲା ।

"ଏତେ ଉଚ୍ଚରୁ ଅଣ୍ଡା ପଡି ଫାଟୁନି ଅସୀମ ।"- ଶୋଭନା କହିଲେ । ଅସୀମ ମଧ୍ୟ ସେଇଆ ଦେଖୁଥିଲେ । ଅଣ୍ଡାର ଅତି ସାମାନ୍ୟ ମୋଟ ଖୋଳପା । କେଇ ଇଂଚ ଉପରୁ ପଡିଲେ ଅଣ୍ଡା ନଫାଟିଲେ ମଧ୍ୟ ଅଣ୍ଡା ଖୋଳପାରେ ଭଙ୍ଗା ଦାଗ ପଡିଯାଏ ଆଉ ତେଣିକି ଆଗକୁ ଅଣ୍ଡା ଖରାପ ହୋଇଯାଏ । କିନ୍ତୁ ଏଠି ପ୍ରାୟ ଫୁଟେ ଗଭୀର ଗାତ ଭିତରେ ଅଣ୍ଡା ପଡିଲେ ଫାଟିଯିବା କଥା ।

"ମାଡାମ୍, କଚ୍ଛପ ଅଣ୍ଡା ଫାଟେନି । ଅଣ୍ଡା ଦେଲାବେଳେ ଅଣ୍ଡାର ଖୋଳ ଏକଦମ ନରମ ଥାଏ । ପ୍ରାୟ ପିଙ୍ଗ ପଙ୍ଗ ବଲ ଭଳି ନରମ । ପକାଇଲେ ବଲ ଭଳି ଡେଇଁବ । ପରେ ପବନ ବାଜିଲେ ଅଣ୍ଡାର ଖୋଳ ଶକ୍ତ ହୁଏ ।"- ରାମଦାସ ପାଖରେ ଠିଆ ହୋଇ କହିଲେ।

ଶୋଭନା ଦେଖୁଥିଲେ ଏକ ଛୋଟ ଟେନିସ ବଲ ଆକାରର ଏକଦମ ଗୋଲ ଅଣ୍ଡା ଗାତ ଭିତରେ ଖସି ପଡୁଛି । କୁକୁଡା ଅଣ୍ଡା ଟିକେ ଏଲିପଟିକାଲ, କିନ୍ତୁ କଚ୍ଛପର ଅଣ୍ଡା ଏକଦମ ଗୋଲ ଆଉ ଧଳା ରଙ୍ଗ । ଧିରେ ଗାତ ଭରି ଆସୁଥିଲା । କଚ୍ଛପଟି ଅଣ୍ଡା ଦେବାବେଳେ ବେଳେବେଳେ ରହିଯାଉଥିଲା, ସାମାନ୍ୟ କୁନ୍ଥାଉଥିଲା, ତା' ନାକରୁ ଖର ନିଃଶ୍ୱାସ ଆସୁଥିଲା ଆଉ ଅଣ୍ଡା ତଳକୁ ଖସି ପଡୁଥିଲା । ଠିଆ ହୋଇ ଦେଖିଲେ କଚ୍ଛପଟି ଲାଗୁଥିଲା ଏକ

ISSN NO.
2582-208X

ପକ୍ଷିଆ, ଉପରୁ ବର୍ଷା ହେଉଛି ଆଉ ତଳେ ଚାଷୀଟିଏ ପକ୍ଷିଆ ଘୋଡାଇ ହୋଇ ନିଜ କାମ କରୁଛି । ଏମିତି ଗାତ ଭରିଗଲା ଆଉ ଏବେ ଆସିଲା ଗାତକୁ ପୋତିବା ସମୟ । କଚ୍ଛପଟି ନିଜ ପଛ ଫ୍ଲିପରକୁ ବ୍ୟବହାର କରି ଆଖ ପାଖର ବାଲିକୁ ଗାତ ଉପରେ ପକାଉଥିଲା । ମୁହଁ ଆଗକୁ, ପଛକୁ ମୁହଁ ମୋଟେ ବୁଲାଉନି, କିନ୍ତୁ ନିଜ ଫ୍ଲିପର ହିସାବାରେ ଅନ୍ଦାଜରେ ଓଦା ବାଲି ଗାତରେ ସ୍କୁପ କରି ଭରି ଚାଲିଛି । ଏମିତି କିଛି ସମୟ ଚେଷ୍ଟା କରି ଗାତ ମୁହଁକୁ ବାଲିରେ ପୋତିଦେଲା ।

"ଅସୀମ ମାର ବ୍ୟବହାର ଦେଖ ତ? ନିଜ ଅଣ୍ଡାକୁ ସୁରକ୍ଷିତ ରଖିବା ପାଇଁ ଗାତ ପୋତିଦେଉଛି ।"-ଶୋଭନା କହିଲେ ।

"ଏତିକି ନୁହେଁ ଶୋଭନା । ମା' କଚ୍ଛପ ଆହୁରି ମଧ୍ୟ ବହୁ କାମ କରିବ । ଦେଖିବ ସେ କେମିତି ନିଜ ଗାତକୁ କମ୍ପ୍ୟାକ୍ଟିଙ୍ଗ କରୁଛି । ତା' ପରେ ଆଉ ଏକ ଫଲସ ବଡି ପିଟ କରୁଛି। କେହି କେମିତି ତା' ଗାତକୁ ଠଉରାଇ ନପାରୁ, ସେ ହିସାବରେ ସେ ବହୁ ପ୍ରଯତ୍ନ କରୁଛି । ଏହି ହେଉଛି ପ୍ରକୃତିର ବିସ୍ମୟ ।"-ଅସୀମ କହିଲେ ।

ଶୋଭାନ ଆଉ ଅସୀମ ଏକ ଧ୍ୟାନରେ କଚ୍ଛପଟିର ପ୍ରତିଟି କାମକୁ ଧ୍ୟାନ ଦେଇ ଦେଖୁଥିଲେ । କେତେ ଯତ୍ନର ସହ ମା' କଚ୍ଛପଟି ଅଣ୍ଡା ଦେଇସାରିଲାପରେ ନିଜ ଗାତକୁ ପୋତୁଛି । ଏଣେ କଚ୍ଛପଟି ଗାତ ପ୍ରାୟ ପୋତିଦେଲା । ଆଉ ଏକ ଛୋଟ ଧୂର୍ମୁଷରେ ବାଡେଇ ମେଜିଆକୁ କମ୍ପ୍ୟାକ୍ଟ କଲାପରି ନିଜ ଦେହକୁ ଏପଟ ସେପଟ କରି ବାଡେଇ କମ୍ପ୍ୟାକ୍ଟ କଲା । ତା' ଶରୀର ବାମ ଡାହାଣ ହୋଇ ବାଲିରେ କ୍ରମାଗତ ବାଡେଇ ହୋଇ ଚାଲିଥିଲା । ଶେଷରେ ଯାଗାଟା କମ୍ପାକ୍ଟ ବା ଟାଣ ହୋଇଗଲା ଆଉ ଏବେ କଚ୍ଛପଟି ନିଜର ଆଗ ଫ୍ଲିପରରେ ସେ ଯାଗାରେ ବାଲି ପକାଇବାକୁ ଲାଗିଲା । ପ୍ରଥମେ ଯେମିତି ବାଲିଥିଲା, ସେମିତି ଏବେ ବାଲି ଦେଖାଯାଉ । କେହି ସହଜରେ ତା' ଯାଗାକୁ ଜାଣି ନପାରନ୍ତୁ । ସେ ଟିକେ ଆଗେଇ ଯାଇ ନିଜ ପିଟ ଉପରକୁ ବାଲି କିଛି ସମୟ ପକାଇ ଚାଲିଲା । ସେଇଥି ପାଇଁ କଚ୍ଛପଟି ନିଜର ଉଭୟ ଆଗ ଆଉ ପଛ ଫ୍ଲିପର ବ୍ୟବହାର କରୁଥିଲା । ତା'ପରେ ସାମାନ୍ୟ ଦୂରରେ ମଧ୍ୟ ଏମିତି ଏକ ଫଲସ ପିଟ କଲା । ସେଇଥି ପାଇଁ ସେ ଗାତ ଖୋଳିନି ଅବଶ୍ୟ ।

ISSN NO.
2582-208X

"ପ୍ରକୃତିରେ କାମଫ୍ଲାଉଜିଙ୍ଗର ବା ଛଦ୍ମ ଆବରଣର ଆବଶ୍ୟକତା ଅଛି ଅସୀମ ।"- ଶୋଭନା କହିଲେ ।

"ସମସ୍ତେ ନିଜ ଜୀବନ ଆଉ ନିଜର ପର ପିଢିର ଜୀବନ ଆଉ ସୁରକ୍ଷା ପାଇଁ କିଛି ନା କିଛି କରୁଛନ୍ତି ।

ସୁରକ୍ଷା ବଳୟ ସମସ୍ତଙ୍କର ଆବଶ୍ୟକତା ଅଛି । ମଣିଷ ଗୁମ୍ଫାରେ ରହିବା ଦ୍ୱାରା ନିଜର ଏକ ସୁରକ୍ଷା ବଳୟ ତିଆରି କରିଥିଲା । ସେମିତି ପ୍ରତି ପଶୁ ପକ୍ଷୀ କିଛି ନା କିଛି କରି ନିଜର ଜୀବନକୁ ସୁରକ୍ଷିତ ରଖୁଛନ୍ତି ଅସୀମ ।"

"ଆଶ୍ଚର୍ଯ୍ୟର କଥା । କେହି କିଛି ଶିଖାଇନି । କିନ୍ତୁ ପ୍ରକୃତି ସେମାନଙ୍କ ଭିତରେ ଆଗରୁ ଜ୍ଞାନ ଭରି ଦେଇଛି ।"

"ଶୋଭନା, ଏବେ ବିଦାୟର ବେଳ ଆସିଲାଣି ।"-ଅସୀମ କହିଲେ ।

ଅସୀମ ଆଉ ଶୋଭନା ଦେଖୁଥିଲେ କଚ୍ଛପଟି ନିଜକୁ ସମୁଦ୍ର ମୁହାଁ କରିନେଲାଣି, ଅର୍ଥ ଏବେ ଯିବା ସମୟ ଆସିସାରିଲାଣି । ତା' ଶରୀରଟି ଗୋଲ ହୋଇ ବୁଲିଯାଇଛି ଆଉ ତା' ଆଗଟା ଅନ୍ଧାର । ଲହଡିର ଶବ୍ଦ ଶୁଣାଯାଉଛି । କଚ୍ଛପଟି ପୂର୍ବ ଭଳିଆ ନିଜର କାନ୍ଧ ପାଖ ଫ୍ଲିପରକୁ ଆଗକୁ ବଢାଇଦେଲା ଆଉ ବାଲିକୁ ଜୋରରେ ଦବାଇ ନିଜକୁ ଆଗକୁ ଟାଣିନେଲା। ତା' ଶରୀରଟି ଆପେ ଘୁଷୁରିଗଲା ଆଉ ପଛ ଫ୍ଲିପର ତା'କୁ ସେଇମିତି ଆଗକୁ ଠେଲିନେଲା । ଏମିତି ଆଗ ଦୁଇ ଫ୍ଲିପର ଆଉ ପଛ ଦୁଇ ଫ୍ଲିପର ସାହାର୍ଯ୍ୟରେ କଚ୍ଛପଟି ପାଣି ଆଡକୁ ଘୁଷୁରି ଯାଉଥିଲା । ଆଗ ଦୁଇ ଫ୍ଲିପରର ବାଲିରେ ଅଳ୍ପ ଗଭୀର ଦାଗ କରୁଥିଲା ଆଉ ଛୋଟ ଫ୍ଲିପର ମଧ୍ୟ ଗଭୀର ଦାଗ କରୁଥିଲା । ଏଥିରୁ କଚ୍ଛପର ଯିବା ଆସିବା ରସ୍ତା ସ୍ୱଷ୍ଟ ଜଣା ଯାଉଥିଲା ।

"ବାଲିରେ ନିଜ ଚିହ୍ନ ଛାଡି ମା' ଚାଲିଗଲା ଅସୀମ ।"- ଶୋଭନା କହିଲେ । ତାଙ୍କ ସ୍ୱରର ଭିତରେ ସାମାନ୍ୟ କମ୍ପନ ଥିଲା । ସେ କଚ୍ଛପର ଅଣ୍ଡା, ମାର ଜୀବନ ବିଷୟରେ ଭାବୁଥିବେ । ଶୋଭନା ଯାହାହେଲେ ବି ଏକ ନାରୀ । ନାରୀର ଏକ ମା' ପାଇଁ ସବୁବେଳେ ସମବେଦନା ରହିବ ।

ISSN NO.
2582-208X

"ଶୋଭନା, ଜୀବନ ପାଇଁ ଏକ ଚିହ୍ନ ଛାଡି ଏକ ମା' ନୂଆ ଦିନ ପାଇଁ ଚାଲିଗଲା ।"- ଅସୀମ କହିଲେ ।

"ଏକ ଚିହ୍ନ କେବଳ ରହିଗଲା ଅସୀମ । ପାଣିରେ ପବନରେ ଦିନେ ହଜିଯିବ ।"

"ସମସ୍ତେ ଶୋଭନା, କିଛି ସମୟ ପରେ ସମସ୍ତେ ପାଣି, ପବନ ମାଡରେ ଝଡିପଡିବେ ଆଉ ମାଟିରେ ଦିନେ ହଜିଯିବେ ।"

"ଅସୀମ, ଦେଖୁନ କାଲି ସକାଳେ ଲହଡି ଆସିବ ଆଉ ଚିହ୍ନକୁ ଧୋଇନେବ । ଟିକେ ଖରାହେଲେ ଉପର ବାଲି ଶୁଖିଯିବ ଆଉ ବାଲିରେ ଥିବା ଚିହ୍ନ ପବନରେ ଉଡିଯିବ ।"

ସେତିକି ଦରକାର ଶୋଭନା । କଚ୍ଛପର କାମଫ୍ଲାଉଜିଙ୍ଗ ପୂର୍ଣ ହେବ । ତା' ଅଣ୍ଡାର ଉପସ୍ଥିତି କେହି ସହଜରେ ଜାଣି ପାରିବେନି ।"

"ପ୍ରକୃତି ଅପୂର୍ବ ଅସୀମ । ଆମ ସମସ୍ତଙ୍କୁ ବୁଝିବାର ଅଛି, ଦେଖିବାର ଅଛି, ଅନ୍ୟକୁ ଜଣାଇବାର ଅଛି ।"

ବାଲିରେ ଛୋଟ ଛୋଟ ଗେଣ୍ଡା, ଶାମୁକାମାନ ପଡିଥିଲା । କଚ୍ଛପଟି ଗଲାବେଳେ ସେସବୁ ଦବିଯାଉଥିଲା । କାଲି ସକାଳେ ସେମାନେ ଗୋଡ କାଢି ଚାଲିବେ । ଧିରେ କଚ୍ଛପଟି ପାଣି ପାଖରେ ପହଞ୍ଚିଗଲା । କଚ୍ଛପର ଗଲାବେଳେ ଏକ ବଙ୍କା ଗୋଡଥିବା ବାମନ ମଣିଷ ହଲି ଦୋହଲି ଚାଲିଲା ଭଳି ଲାଗୁଥିଲା । ତା' ଗତି ଏବେ ଆସିବା ଠାରୁ ଅଧିକା ଥିଲା । ମଝିରେ ସେ ବେଶି ଅଟକୁ ନଥିଲା । ପାଣି ବୋଧେ ସାମାନ୍ୟ ଚକଚକ ଲାଗୁଥିବ । କଚ୍ଛପଟି ସମାନ୍ୟ ଉଜ୍ଜ୍ୱଳ ଥିବା ଜିନିଷ ପ୍ରତି ଆକର୍ଷିତ ହୁଏ । କାରଣଟା ସହଜ । ପାଣିର ଧାର ତାରା ଆଲୋକରେ ମଧ୍ୟ ଅନ୍ୟ ଜିନିଷ ଅପେକ୍ଷା ଉଜ୍ଜ୍ୱଳ । ଆଉ କଚ୍ଛପ ହେଉଛି ମୁଖ୍ୟତଃ ପାଣିର ଜୀବ । ଧିରେ ପାଣି କଚ୍ଛପକୁ ଛୁଇଁଗଲା, ବାଲିରେ କଚ୍ଛପର ସାମାନ୍ୟ ପ୍ରତିଫଳନକୁ ଦେଖାଇ ହଜିଯାଉଥିଲା । କ୍ରମଶଃ ପାଣିର ଗଭୀରତା ବଢିଗଲା ଆଉ କଚ୍ଛପର ଶରୀରକୁ ପାଣି ପୁରା ଛୁଇଁଗଲା ଓ ଖୋଳପା ଉପରେ ପଡିଥିବା ବାଲି ଧୋଇଗଲା। ଏବେ ଏକ ନୂଆ କଚ୍ଛପ ପାଣିରେ ଭାସୁଥିଲା । ମା' କଚ୍ଛପ ହିସାବରେ ତା'ର ଆଜିର କାମ ସରିଯାଇଛି । ନିଜ ହିସାବରେ ସେ କାଲିର ପିଢିକୁ ସୁରକ୍ଷିତ ଜାଗାରେ ରଖି ଫେରିଯାଉଛି ।

ISSN NO.
2582-208X

ପାଣିରେ ଜହ୍ନରୁ ଯେମିତି ଢେଉ ଲହଡି ସହ ମାଡି ଆସୁଥିଲା । ପ୍ରତିଫଳନ ଲମ୍ବା ହୋଇଯାଉଥିଲା ଓ କଚ୍ଛପକୁ ପାଣି ଘୋଡାଇ ଦେଉଥିଲା, ଆଉ ପାଣି କମିଲେ ଏକ ଚକଚକ କରୁଥିବା ପଥର ଯେମିତି ବେଳଭୂମିରେ ଦେଖାଦେଉଥିଲା । ଶେଷରେ ଏକ ବଡ ଢେଉ ଆସିଲା ଆଉ କଚ୍ଛପଟି ପାଣି ଭିତରେ କୁଆଡେ ହଜିଗଲା । ପାଣି ଫେରଗଲା, କିନ୍ତୁ କଚ୍ଛପର ଚିହ୍ନ ନଥିଲା । ବାଲିର ବେଳାଭୂମି, କଚ୍ଛପର ପ୍ରଜନନ ଭୂମି ଏବେ ପୁଣି ନୂଆ ହୋଇଗଲା ।

"ବିଦାୟ ସମୁଦ୍ରର ମହାନତମ କଚ୍ଛପ ।"- ଶୋଭନା କହିଲେ ।

ଅସୀମ ମନରେ ଖୁସି ଅନୁଭବ କରୁଥିଲେ, କିନ୍ତୁ କଚ୍ଛପର ବିଦାୟରେ ଏକ ବନ୍ଧୁର ବିଦାୟ ପରି ମନ ଭିତରଟା ଭାରି ହୋଇଯାଉଥିଲା । ବନ୍ଧୁକୁ ଘର ଦୁଆରେ ବିଦାୟ ଦେଲାବେଳେ ହୃଦୟ ଭାରି ହୋଯାଏ । କାଲି କିଏ ଜାଣେ ଦେଖା ହେବକି ନାହିଁ । କିନ୍ତୁ ବନ୍ଧୁ ଯିବାପରେ ବିତିଯାଇଥିବା ମୁହୂର୍ତ୍ତମାନ ସବୁବେଳେ ତାଜା ରହିଯାଏ ଆଉ ମୁହୂର୍ତ୍ତମାନ ମନରେ ଗାର ଟାଣି ଚାଲିଥାନ୍ତି । ସେଇମିତି ଏ କଚ୍ଛପର ଚାଲିଯିବାରେ ସେମାନେ ହୃଦୟ ଭିତରେ ଏକ ଶୂନ୍ୟତା ଅନୁଭବ କରୁଥିଲେ । କାଲି ଆଉ ଏହି ନିର୍ଦ୍ଦିଷ୍ଟ କଚ୍ଛପର ପାଦ ଏ ବେଳାଭୂମିରେ ଏ ଯାଗାରେ ପଡିବନି ଆଉ କେଉଁ କଚ୍ଛପ ଆସିବ । କିନ୍ତୁ ଏ କଚ୍ଛପ ଛାପିଦେଇଅଛି ନିଜର ଚିହ୍ନ ବେଳାଭୂମିରେ ଆଉ ଶୋଭନା ତଥା ଅସୀମଙ୍କ ମନରେ ।

"ବିଦାୟ ମହାସମୁଦ୍ର ଯାତ୍ରୀ କଚ୍ଛପ । ତୁମର ଫେରିବାର ଯାତ୍ରା ମଙ୍ଗଳମୟ ହେଉ ।"- ଶୋଭନା କହିଲେ ।

"ତୁମର ଦୂର ଦୂର ମହାସମୁଦ୍ରରେ ଯାତ୍ରା ବିପଦଶୂନ୍ୟ ରହୁ । ତୁମେ ମଣିମାଣିକ୍ୟରେ ଭରା ସମୁଦ୍ର ତଳେ ନିଜର ମହାନ ସାମ୍ରାଜ୍ୟ ପ୍ରତିଷ୍ଠା କର ।"- ଅସୀମ କହିଲେ ।"

ଚନ୍ଦ୍ରର କିରଣ ଏକ ଏକ ନଦୀ ହୋଇ ସେମାନଙ୍କ ପାଖକୁ ବୋହି ଆସୁଥିଲା । ଅସୀମ ଆଉ ଶୋଭନା ବଳାଏ ପାଣିରେ ଠିଆହୋଇ କଚ୍ଛପର ଯିବା ରାସ୍ତାକୁ ଅନାଇ ରହିଥିଲେ । ବର୍ତ୍ତମାନ ଆଉ କିଛି ଚିହ୍ନ ନଥିଲା । କିନ୍ତୁ ସେମାନେ ବିଶ୍ୱାସ କରୁଥିଲେ କଚ୍ଛପଟି ଜହ୍ନର ଆଲୋକ ସହ ସମୁଦ୍ରର ଶେଷ ଦିଗବଳୟ ପର୍ଯ୍ୟନ୍ତ ଭାସିଯାଉଛି ।

ISSN NO.
2582-208X

"ବିଦାୟ ଜ୍ୟାଣ୍ଟ ଲେଦରବ୍ୟାକ କଚ୍ଛପ ।"- ଦୁହେଁ ଏକା ସାଙ୍ଗରେ କହି ଉଠିଲେ ଆଉ ସେମାନଙ୍କର ହାତ ଏକା ସାଙ୍ଗରେ ଉପରକୁ ଉଠି ହଲୁଥିଲା ଆଉ ଜହ୍ନ ଥିଲା ପ୍ରତିଟି ଢେଉର ଶିଖରରେ । ସେମାନଙ୍କୁ କଚ୍ଛପଟି ପ୍ରତିଟି ଢେଉ ଉପରେ ଦେଖାଯାଉଥିଲା । ଏକ ବନ୍ଧୁ ଦୂରକୁ, ବହୁ ଦୂରକୁ ଚାଲିଯାଉଛି ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ନିର୍ବାଚନ



ଡ. ପ୍ରସନ୍ନ କୁମାର ବଳ

ନିର୍ବାଚନ ଏକ ପବିତ୍ର ପ୍ରକ୍ରିୟା ସବୁ ଗଣତନ୍ତ୍ର ରାଷ୍ଟ୍ରରେ,
କେଉଁଠି ଚାରିବର୍ଷ ଅବା ପାଞ୍ଚ ବର୍ଷ ବ୍ୟବଧାନରେ ତ ହୁଏ ।୧।
ଗଣତନ୍ତ୍ର ରାଷ୍ଟ୍ର ଆମେରିକାରେ ତ ଏ ହୁଏ ଚାରି ବର୍ଷରେ,
ଭାରତ ମାଟିରେ ଏହି ମହାକୁମ୍ଭ ହୁଏ ପାଞ୍ଚ ବରଷରେ ।୨।
ଦେଶ ମାତୃକାର ସେବା କରିବାକୁ ହୁଅନ୍ତି କିଛି ତତ୍ପର,
ଏହା ଭଲ ଗୁଣ କେ ମନା କରିବେ ଲାଗିଥାନ୍ତୁ ନିରନ୍ତର ।୩।
ଏବେ ନିର୍ବାଚନ ଦେଖିଲେ ଲାଗୁଛି କି ପ୍ରହସନ ତ ଇଏ,
ଦଳବଦଳର ସୀମା ଟପିଯାଏ ସ୍ୱାର୍ଥ ବାରି ହୋଇଯାଏ ।୪।
ଯଦି ଅବା କାର ଉଦ୍ଦେଶ୍ୟ ରହିଛି ଜନ ସେବା କରିବାରେ,
ପଦ ପଦବୀର ଲୋଭ ଏତେ କିଆଁ ଜନ ହସା ହୋଇଥାଏ ।୫।
ସ୍ୱଚ୍ଛ ଭାବମୂର୍ତ୍ତି ଲୋକମାନେ ଯଦି କରନ୍ତେ ଏ ରାଜନୀତି
ଦେଶ ଭାବମୂର୍ତ୍ତି ବଢି ତ ଯାଆନ୍ତା ସମସ୍ତେ ହୁଅନ୍ତେ ଖୁସି ।୬।
ହେଉନାହିଁ ତାହା କସ୍ମିନ୍ କାଳେ ଯେତେ ନିର୍ବାଚନ ହେଉ,
ଏହା ତ କାରଣ ଶିକ୍ଷିତ ବ୍ୟକ୍ତିତ୍ୱ ଭୋଟ ନ ଦେଇଥାଇ ।୭।
ଗୁଣ୍ଡା ଗର୍ଦ୍ଦି କରି, ହାଣ ମାର କରି ଯିଏ ତ ଗଲାରେ ଜେଲ୍,
ତାଙ୍କୁ ହିଁ ଦଳୀୟ ପ୍ରାର୍ଥୀ କରେ ପୁଣି ସଚ୍ଚୋଟ ଲୋକ ତ ଫେଲ୍ ।୮।
ନିର୍ବାଚନ ବୈତରଣୀ ପାରି ପାଇଁ କେତେ କରିଥାନ୍ତି ଚାଲ୍,
ଦଳୀୟ ଟିକେଟ ହାତେଇକି ପୁଣି ହୁଅନ୍ତି ତ ମାଲାମାଲ୍ ।୯।

ISSN NO.
2582-208X

ନିର୍ବାଚନ ମହାକୁମ୍ଭ ପାରିହୋଇ ଯାଆନ୍ତି ପବିତ୍ର ସଂସଦକୁ,
ନିଜର କରତବ୍ୟ ଭୁଲି ତ ଯାଆନ୍ତି ଭୁଲନ୍ତି ସବୁ ଭୋଟରଙ୍କୁ ।୧୦ ।
ନିଜ ନିର୍ବାଚନ ମଣ୍ଡଳ ଉନ୍ନତି କରିବାଟା ତାଙ୍କ କାମ,
ଭୁଲିତ ଯାଆନ୍ତି ପୁରା ସେ କାମକୁ ପୁଣି ଆସେ ନିର୍ବାଚନ ।୧୧ ।
ବହୁ ପ୍ରଲୋଭନ ଦେଖାଇ ଏ ନେତା ମୋହିଦିଏ ଜନତାଙ୍କୁ,
ବିଚରା ଜନତା ଫସେ ନାଗଫାସେ ବୁଝି ନ ପାରି ନେତାଙ୍କୁ ।୧୨ ।
ଏତେ ପ୍ରତିଶୃତି ମନ କିଣିନିଏ ମିଳିବକି ଚାନ୍ଦ, ତାରା,
କୁହେଳିକା ପିଛେ ଧାବମାନ ହୁଏ ଏହି ନିରୀହ ଜନତା ।୧୩ ।
ଅନେକ ରାଜ୍ୟରେ ନେତାମାନେ ପୁଣି ଦିଅନ୍ତି ବହୁ ସୁବିଧା,
ସେ ସୁବିଧା ପୁଣି ଅର୍ଥନୀତି ପାଇଁ ହୋଇପାରେ ଅସୁବିଧା ।୧୪ ।
ଶସ୍ତା ରାଜନୀତି କରନ୍ତି ସମସ୍ତେ ମନ ଲୋଭି ଜନତାଙ୍କ,
ଆମ ଟଙ୍କା ପୁଣି ଆମକୁ ବାଣ୍ଟିକି ବାହାବା ନିଅନ୍ତି ଜାଣ ।୧୫ ।
ବୁଝି ତ ପାରୁନେ କେତେ ଦିନ ପୁଣି ଚାଲିବ ଏ ପରି ହୋଇ,
ଆଜି ନ ହୋଇଲେ କାଲିକି ଦୁର୍ଦ୍ଦଶା ଭୋଗିବା ସତରେ ଭାଇ ।୧୬ ।
ଆସ ଆମେ ସବୁ ଶପଥ ହିଁ ନେବା ବାଛିବା ସୁନେତାଙ୍କୁ,
ଯେ ଖାଲି ଦେଖିବ ସମାଜର ସ୍ୱାର୍ଥ ଛାଡି ଶସ୍ତା ରାଜନୀତିକୁ ।୧୭ ।
ଆମ ଜନ ସଂଖ୍ୟା ବିଶ୍ୱରେ ହିଁ ବେଶି, ଏଠି ନିର୍ବାଚନ କଷ୍ଟ,
ସୁଚାରୁ ରୂପରେ ନିର୍ବାହ କରିବାଟା ହିଁ ତ ବଡ ଦାଇତ୍ୱ ।୧୮ ।
ସାରା ବିଶ୍ୱ ପୁଣି ନଜର ରଖୁଛି ଆମ ନିର୍ବାଚନ ପ୍ରକ୍ରିୟାକୁ,
ତଦାରଖ ହେଉ ଅବା ଶିଖିବାକୁ ଆସନ୍ତି ବିଦେଶୀ ଏଠାକୁ ।୧୯ ।
ଜୁନ ମାସର ଚାରି ତାରିଖ ହିଁ ନିର୍ବାଚନ ଫଳ ଦେବ,
ଅକ୍ଷୟ ହେଉ ପୂଣ୍ୟ ଜଗତେ ସତ୍ୟର ହେଉ ଜୟ ।୨୦ ।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ବାପା



ଶଶଧର ମହାପାତ୍ର

ଯାହାଙ୍କ ଜୀବନ ବିତିଥିଲା
ସାରା ଦିନ ଖଟି ଖଟି,
ଯାହାଙ୍କୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣା
ସବୁବେଳେ ମିଳିଥିଲା ଭେଟି,
ସେ' ହେଉଛନ୍ତି ବାପା,
ସେ' ସବୁକୁ ଚଳୁ କରିଦେଇ
ତଥାପି ସବୁବେଳେ ହସୁଥାନ୍ତି ବାପା,
ସେ' ତ କେବେ ଅଭିନୟ ନଥିଲା ?
ଦୁନିଆ ବୁଝେ କି ନବୁଝେ,
କିନ୍ତୁ, ବୋଉ ସବୁ ବୁଝେ
ତମ କଷ୍ଟ, ତମ ମନ କଥା,
ସେ' କେବେ ହୁଏନି ଖପ୍‌ପା,
କିନ୍ତୁ, ତଥାପି ସବୁବେଳେ ହସୁଥାନ୍ତି ବାପା ।
ତମେ ଗଲା ପରେ ପରେ
ବଦଳି ଗଲାଣି ଏଠି ଜୀବନ,
ଘର, ଗାଁ, ମାଟି, ପାଣି ଓ ପବନ,
ଏବେ ଖୋଜିଲେ ତମେ ମିଳନି,
ମୁଁ ଜାଣେ ତୁମେ ଲେଉଟି ଆସିବନି,
ତଥାପି ତୁମ ଫେରିବା ବାଟକୁ
ଖୋଜି ବୁଲୁ ଥାଏ ଏ' ମନ,

ISSN NO.
2582-208X

ପୁଣି କେଉଁ ଜନ୍ମରେ ?
ତୁମ ସହ ଭେଟ କେବେ ହେବ କିଏ ଜାଣେ ?
ଅପେକ୍ଷା, ଭାରି ଲମ୍ବା ସେ' ଅପେକ୍ଷା,
ତୁମେ ଭାରି ମନେପଡ ପ୍ରତିକ୍ଷଣେ ।
ହଁ, କାଲି ଥିଲ, ଆଜି ନାହଁ,
ଶୁଣି ନିଶ୍ଚୟ ଖୁସୀ ହେବ ଯେ
ଆର ବର୍ଷ ତୁମ ବୟସକୁ ମୁଁ ଟପିଯିବି,
ସେଥିପାଇଁ ମୁଁ ବହୁତ ଖୁସୀ,
ହେବି ନାହିଁ କାହିଁକି ?
ଅନ୍ତତଃ, ଖୁସୀ ହେବାର ଗୋଟିଏ କାରଣ ତ ମିଳିଗଲା ?
କେବେ କା'ଠାରୁ ପାଇବାର ଆଶା ନରଖି
ଜୀବନ ତମାମ କେବଳ ଦେଇ ଶିଖିଲ,
ବୋଧହୁଏ, ନେବା ତୁମ ଜାତକରେ ନଥିଲା ?
ଲୋକେ କହୁଛନ୍ତି - ମୋ' ମୁହଁ କାଳେ
ତୁମ ମୁହଁ ଭଳି ଦିଶୁଛି,
ସେ' କଥା ଶୁଣିଲେ ଆଖି ଦି'ଟା
ଲୁହ ଛଳଛଳ ହେଇ ଯାଉଛି,
ମୋତେ ଏମିତି ଏକ ମାୟା ବନ୍ଧନରେ
ଅହରହ ବାନ୍ଧି ଦେଇଗଲ,
ନା ସେଥିରୁ ମୁକୁଳି ପାରୁଛି ?
ତୁମ ଯୋଗୁ ମୁଁ ପାଇଛି ମୋର ପରିଚୟ,
ତୁମ ବିନା ମୁଁ ନିହାତି ଅସହାୟ,
ବୋଉ ଓ ତୁମ ପାଖରେ
ଅଟକି ଯାଇଥିଲା ମୋ' ପିଲାଦିନ,
"ଭଲ ପାଅ ବୋଲି'
ତୁମ ପାଟିରୁ କେବେ ବାହାରି ନଥିଲା,
କିନ୍ତୁ, ନିଃସନ୍ଦେହରେ ସେ' ସବୁ ବୁଝି ହେଉଥିଲା,

ISSN NO.
2582-208X

ତୁମେ ତ ଥିଲ ଜଣେ ଭଲ ମାର୍ଗ ଦର୍ଶକ,
କିନ୍ତୁ, କାଳକ୍ରମେ ଆମେ ଭୁଲିଗଲୁ ତୁମ ନୀତି,
ପ୍ରେରଣା, ଆଦର୍ଶ ଓ ମନ୍ତ୍ର,
ସ୍ୱପ୍ନ ଦେଖିବା, ଉଡିବା ଶିଖେଇଲ ତୁମେ,
ମୁଁ ଖୋଲା ଆକାଶରେ ଉଡିଲା ବେଳକୁ
ଆର ପାରିରେ ତୁମେ ।
ବାପାଙ୍କ କଥା ଆମର ବେଶୀ ମନେ ପଡେ
ଯେବେ ଆମେ ସମସ୍ତେ ବାପା ହେଇଯାଆନ୍ତି,
ମୁଁ ଯେତେବେଳେ ବଦମାସ ହେଉଥିଲି
ତୁମେ ନରାଗି କହୁଥିଲ -
ଯା, ସମୟ ନଷ୍ଟ ନକରି ପଢାପଢି କର
କି କିଛି କାମ କର,
ସବୁବେଳେ ତୁମେ କାମକୁ ପ୍ରାଧାନ୍ୟ ଦେଉଥିଲ ନା ?
ଭାଗବତରୁ ପଦେ ଅଧେ ବୋଲି ଦେଉଥିଲ -
"କର୍ମ ତୋହର ନିଜ ଗୁରୁ
ଉଦ୍ଧବ କେତେ ତୁ ପଚାରୁ
କର୍ମ କରିବ ନାନା ମତେ
ଫଳିବ କର୍ମର ଆୟତ୍ତେ'
ଏ' ପଂକ୍ତିଟି ଶୁଣି ଶୁଣି
ମୋର ଘୋଷି ହେଇଯାଇଥିଲା,
ଏ' ଭାଗବତ ବାଣୀ ସେତେବେଳେ
ମୋ' ପିଲା ମୁଣ୍ଡର ପଶୁ ନଥିଲା,
ଏ' କାନରେ ପଶି ଆର
କାନରେ ବାହାରି ଯାଉଥିଲା,
ଆଜି ଆଉ ଶୁଭୁନି ସେ' ଉପଦେଶ,
ଆଉ ଶୁଭୁନି ଭୋର୍ ଚାରିଟା ବେଳେ
ସେ' ଓଁ କାର ଶବ୍ଦ,

ISSN NO.
2582-208X

"ଓଁ ଗୁରବେ ନମଃ'
ପୁଣି ଆସ୍ତେ ଆସ୍ତେ ବୋଲୁଥିବା
ଆଉ କିଛି ଶ୍ଳୋକ ?
ତୁମେ ଥିଲ ବୋଲି ମନ ଭିତରେ
କେଉଁଠି ନା କେଉଁଠି ଥିଲା ଆତ୍ମ ବିଶ୍ୱାସ,
ବାପା ଅଛନ୍ତି ସେ' ଚଳେଇ ନେବେ,
ଏବେ ତୁମେ ନାହଁ, ତୁମେ ଏବେ ବୈକୁଣ୍ଠ ନିବାସୀ,
ଏହା ସତ୍ୟ,
ତୁମେ ନାହଁ ବୋଲି
ତୁମ ଅନୁପସ୍ଥିତିରେ ସେ' ଆତ୍ମ ବିଶ୍ୱାସ ଟିକକ
ଏବେ ହଜି ଯାଇଛି,
ମୋର ଚିନ୍ତାର କାରଣ ପାଲଟି ଯାଇଛି,
ଯେହେତୁ ସ୍ୱର୍ଗ ଲୋକରେ ତୁମର ବାସ,
ମୁଁ ଜାଣେ, ସେଠି ତୁମକୁ ଚାରିଆଡୁ
ଘେରି ରହିଥିବ ବିଶ୍ୱାସ,
ଏ' ହେଉଛି ତଫାତ ତୁମ ଓ ମୋ ଭିତରେ
ସ୍ୱର୍ଗ ! ଶୁଣିଛି ସେଠି ଦୁଃଖ, ଦର୍ଦ ନାହିଁ ?
ଥାଅ ସେଠି ଆରାମରେ ।
କିଭଳି କଳାକାର ଥିଲ ତୁମେ ?
ନା ସୁଖ ସମୟରେ ହସୁଥିଲ ?
ନା ଦୁଃଖ ବେଳେ କାନ୍ଦୁଥିଲ ?
ବିଚିତ୍ର ନୁହେଁକି ତୁମର
ସେ' କଳା ଚାତୁରୀ ?
ସବୁବେଳେ କହୁଥିଲ -
କାହିଁକି ସୁଖ ବେଳେ ହସିବା ?
ନା କାହିଁକି ଦୁଃଖ ବେଳେ କାନ୍ଦିବା ?
ସୁଖ, ଦୁଃଖ ତ ଜୀବନରେ ଆସିବ ହିଁ ଆସିବ,

ISSN NO.
2582-208X

ମୋ' ପିଲାବେଳେ ଏ' କଥା ସବୁ
ବୁଝି ହେଉ ନଥିଲା,
କାରଣ ବୁଝିବା ଜ୍ଞାନ କମ ଥିଲା,
କିନ୍ତୁ, ଏ' ବାର୍ଦ୍ଧକ୍ୟ ବୟସରେ ସେ' କଥା ଏବେ
ଜଣେ ମହାପୁରୁଷଙ୍କ ବାଣୀ ଭଳି ଲାଗେ,
ମୁଁ ହଠାତ୍ ଉଠେ, ଜାଗେ ।
ଲୋକେ କହନ୍ତି- ବାପା-ମା' ଈଶ୍ୱର ଓ ଈଶ୍ୱରୀ,
ବାପା- ତୁମେ କ'ଣ ସତରେ ଈଶ୍ୱର ?
ସକାଳେ ଓ ସଞ୍ଜେ ପ୍ରାର୍ଥନା କଲାବେଳେ
ତମେ ଓ ବୋଉ ଏବେ ବି
ମୋ' ସାମ୍ନାରେ ଆସି
ମୋ' ମନର ଈଶ୍ୱରଙ୍କ ନିକଟରେ
ମୌନ ହେଇ ଛିଡା ହେଇଯାଅ,
ତମେ ଯାହା ହୁଅ ନା କାହିଁକି
ତମେ ମୋ' ପାଇଁ ଈଶ୍ୱର,
ଆଜି ଏ' ପିତୃ ଦିବସରେ
ତୁମେ ବହୁତ ମନେ ପଡ,
ଏ' ଶ୍ରଦ୍ଧାଞ୍ଜଳି ତମ ପାଇଁ,
ନୀରବରେ ଝରୁଥିବା
ଏ' ଲୁହ ଦି'ଧାର କେବଳ ତମ ପାଇଁ ।
ହଁ, ସ୍ୱପ୍ନରେ ତୁମେ କେବେ କେବେ ଆସ,
ଡାକିଲେ ତୁମେ "ଓ' କର,
ତୁମ ଆତ୍ମା ଛାଇଟିଏ ହୋଇ ଅଚାନକ
ଓହ୍ଲେଇ ଆସେ ମେଘ ଭିତରୁ,
ମେଘ ବୁନ୍ଦା ବୁନ୍ଦା ପଡୁଥାଏ ଆକାଶରୁ,
ସେହି ସ୍ନେହବୋଳା ଦି' ହାତ ଲମ୍ବେଇ ଦେଇ
ପିଠି ଥାପୁଡେଇ ଦେଇ କୁହ - ରାଗିଛୁ ?

ISSN NO.
2582-208X

କାହିଁକି ମନମାରି ଦେଇଛୁ ?
ସେତେବେଳେ ମୋର କହିବାକୁ ସାହାସ ହୁଏନି ଯେ
"ମୁଁ ତୁମ ଭଳି ବାପଟିଏ ହେଇପାରିଲିନି',
ଚେଷ୍ଟା କଲି, କିନ୍ତୁ, ସମସ୍ତଙ୍କୁ ଖୁସୀ କରିପାରିଲିନି !
"ଆରେ ତୁ ବାଇଆଟା, ପାଗଳାଟା' କହି
ଉଭେଇଯା', ଚାଲିଯା' ତୁମ ବାଟରେ
ରାତି ପାଞ୍ଚଟା ବାଜିଥାଏ ଘଣ୍ଟାରେ
ସେତେବେଳେ ସମୟ ଲେଉଟାଏ ତା' କଡ
ପୁରୁଣା ଖଟଟା ହୁଏ ଧଡ ଧଡ
ମୋ' ନିଦ ଭାଙ୍ଗି ଯାଇଥାଏ
ରାତି ପାହିବା ପାହିବା ହେଉଥାଏ ।

(ରବିବାର, ଜୁନ୍ ୧୮, ୨୦୨୩ "ଫାଦରସ୍ ଡେ' ଦିନ ଏ' ଲେଖା)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# ନୌକା ବିହାର



ଡକ୍ଟର ବିଜ୍ଞାନୀ ଦାସ

ଆକାଶରେ ଜହ୍ନ ହସୁଥିଲା । ତାରକା ମେଳରେ ଜହ୍ନ ଦିଶୁଥିଲା ବଡ ଆକର୍ଷଣୀୟ, ବଡ ଲୋଭନୀୟ । ରାତିର ଜଳରାଶି ଉପରେ ଜହ୍ନ ଜୋଛନାର ପ୍ରତିବିମ୍ବ ବଡ ଚମତ୍କାର ଦିଶୁଥିଲା । ନୌକାଘରର କୋଠରି ଭିତରେ ଶୀତତାପ ନିୟନ୍ତ୍ରଣକାରୀ ଯନ୍ତ୍ର ଜୋରରେ ଚାଲୁଥିଲା । ଝରକାରୁ ପରଦା ଖୋଲି ବାହାରକୁ ଦେଖିବାକୁ ଖୁବ୍ ଭଲ ଲାଗୁଥିଲା । ବିସ୍ତୃତ ଜଳରାଶି ଉପରେ ଜହ୍ନର ପ୍ରତିବିମ୍ବ ଯେମିତି କେଉଁ ଏକ କୁହୁକ ରାଇଜକୁ ଟାଣି ନେଇଯାଉଥିଲା । ଜଳରାଶିର କୂଳରେ ଥିବା ଘରମାନଙ୍କର କୋଠରିରେ ଜଳୁଥିବା ବିଜୁଳିବତୀ ମଧ୍ୟ ଦେଖାଯାଉଥିଲା ।

ସେତେବେଳକୁ ରାତି ଦୁଇଟା । କୃଷ୍ଣପକ୍ଷ ନବମୀ ତିଥିର ଜହ୍ନ, ଡେରିରେ ଉଇଁଥିଲା । ତନୁଜାର ନିଦ ଭାଙ୍ଗିଯାଇଥିଲା । ନୌକାଟି କୂଳରେ ହିଁ ଥିଲା । କୂଳରେ ଥିବା ଘର ଆଗରେ ଥିବା ଆଲୁଅ ଦିଶୁଥିଲା ।

ତନୁଜା ଅଧୈର୍ଯ୍ୟ ହୋଇ ପ୍ରକାଶଙ୍କୁ ଡାକିଲା । "ପ୍ରକାଶ, ଉଠ ଟିକେ, ଏ ସୌନ୍ଦର୍ଯ୍ୟକୁ ଦେଖିନିଅ ।'

ISSN NO.
2582-208X

ପ୍ରକାଶ ସେତେବେଳେ ଘୁଙ୍ଗୁଡି ମାରୁଥିଲେ । ନିଦରେ କଣ ବିଳିବିଳି ହେଉଥିଲେ । ତନୁଜାର ଡାକରେ ତାଙ୍କ ନିଦ ଭାଙ୍ଗିଗଲା । ସିଏ ବିଗିଡି ଯାଇ କହିଲେ, "କେତେଟା ବାଜିଛି ? କଣ ସକାଳ ହୋଇଗଲାଣି ?'

"ନା, ସକାଳ ହୋଇନି । ଏବେ ରାତି ସାଢେ ଦୁଇଟା । କିନ୍ତୁ ଆକାଶରେ ଏବେ ଜହ୍ନ ଉଇଁଛି । ଚାରିଆଡ ବଡ ସୁନ୍ଦର ଦିଶୁଛି ।'

"ଜହ୍ନକୁ କଣ କେବେ ଦେଖିନୁ ନା କଣ ? ଏମିତି ରଙ୍କୁଣୀ ଭଳି ହେଉଛୁ । ଗାଁରେ ବଢିଛୁ ପରା । ସେଠିତ ଜହ୍ନକୁ ମନଇଚ୍ଛା ଦେଖିବାର ସୁଯୋଗ । ମତେ ଶୋଇବାକୁ ଦେ । ପୁଣି ସକାଳୁ ଶୀଘ୍ର ଉଠିବାକୁ ପଡିବ । ବାକ୍ସପତ୍ର ସଜାଡିବାକୁ ପଡିବ ।'

ତନୁଜା ଆଉ ପ୍ରକାଶଙ୍କୁ ଉଠାଇବା ଦିଗରେ ମନ ଦେଲାନି । ହୁଏତ ତନୁଜାର ମନଟା କବି, ଲେଖକର ମନ ତ । ସେଥିପାଇଁ ଛୋଟଛୋଟ କଥା ବି ତାର ଧ୍ୟାନ ଆକର୍ଷଣ କରେ। ପ୍ରକାଶ ବାସ୍ତବବାଦୀ । ଇଏ ଯେ ନୌକା-ଘରରୁ ଜହ୍ନକୁ ଦେଖିବାର ଅନୁଭୂତି, ନୌକାବିହାର ସମୟର ଜହ୍ନ, ଏସବୁ କଥା ତାଙ୍କ ମନକୁ ପ୍ରଭାବିତ କରିବନି । ଏଣୁ କିଛି ସମୟ ସିଏ ଏକାଏକା ସେ ଜହ୍ନକୁ ଦେଖିଲା ।

ଆଜି ଏକ ବଡ ସୁନ୍ଦର ଅନୁଭବ ରହିଲା । ନୌକାରେ ରାତିଟିଏ କାଟିବାର ଅନୁଭବ । ରାତି ପ୍ରାୟ ସାଢେ ନଅଟା ବେଳକୁ ନୌକାଚାଳକ ନୌକାକୁ ବିସ୍ତୃତ ଜଳରାଶିର ମଝିକୁ ନେଇଆସିଥିଲା । ଚାରିଆଡେ ଶାନ୍ତ, ମଧୁର ପରିବେଶ । ସେ ପରିବେଶରେ ମନ ମଧ୍ୟ ଶାନ୍ତ ହୋଇଆସିଲା । ସେତେବେଳକୁ ପ୍ରକାଶ ଓ ତନୁଜା ଶୋଇବାକୁ ପ୍ରସ୍ତୁତି କରୁଥିଲେ। କିନ୍ତୁ ନୌକାଚାଳନାର ଗତି ବାରି କୋଠରି ଭିତରୁ ବାହାରି ବାରଠାକୁ ଆସିଲେ ଓ ବାରଠାରେ ବୁଲିବୁଲି ବାହାରକୁ ଦେଖିଲେ । ରାତିରେ ତ ଆଉ କିଛି ଦେଖିବାର ନଥିଲା । କେବଳ ଜଳରାଶି ଉପରେ ଗତିଶୀଳ ନୌକା ମାନଙ୍କର ଆଲୋକର ପ୍ରତିବିମ୍ବ ଓ ରାତ୍ରିର

ISSN NO.
2582-208X

ଆକାଶକୁ ଦେଖିବା ଛଡା ଆଉ କୁଆଡେ କିଛି ନାହିଁ । ଚାରିଆଡେ ନିଃଶବ୍ଦ । କେବଳ ନୌକାଚାଳନାର ଶବ୍ଦ ଓ ଜଳରାଶି ଉପରେ ନୌକାର ଗତିର ଶବ୍ଦ ।

ପ୍ରକାଶ କହିଲେ, "ସୋନିକୁ ଡାକିଲେ ହୁଅନ୍ତା । ବହୁତ ଭଲ ଲାଗୁଛି । ସୋନି ଓ ବ୍ରାୟାନ୍ ମଧ୍ୟ ଟିକେ ଏ ନୀରବତା, ଏ ଜଳରାଶି ଉପରେ ଆଲୋକର ଏ ପ୍ରତିବିମ୍ବ ଦେଖନ୍ତେ । ଆଉ କଣ କେବେ ଦେଖିବାକୁ ପାଇବେ ?'

"ଅଳ୍ପ ସମୟ ପୂର୍ବରୁ ସୋନି ତ ତା' ପୁଅକୁ ଶୁଆଉଥିଲା । ପୁଅ ଭଲରେ ଶୋଇପଡିଲେ ବାହାରକୁ ଆସିବ ବୋଧହୁଏ ।

ହେଲେ ଆଜି ଏ ଗରମରେ ଏତେବାଟ ମାର୍କେଟ୍‌କୁ ଚାଲିଚାଲି ଯାଇ ସେମାନେ ସବୁ ବହୁତ କ୍ଲାନ୍ତ । ହୁଏତ ସେମାନେ ବି ଶୋଇପଡିଲେଣି କି କଣ ?'

ଏମିତି କହି ତନୁଜା ପଚାରିଲା, "ଟିକେ ଉପର ଡେକ୍‌କୁ ଯାଇ ଦେଖିବା କି ?'

ଯଦିଓ ତନୁଜା ଏମିତି କହିଲା, ତେବେ ତା ମନରେ ସବୁବେଳେ ଡର ଥାଏ । ଏଠି ଏ ନୌକା/ଡଙ୍ଗା ଘରେ ସେମାନେ ଏକା । କେହି କୁଆଡେ ନାହାନ୍ତି । କାଳେ ସେମାନେ ଉପରେ ଥିବାବେଳେ ସେ ନୌକା ଦାୟିତ୍ୱରେ ଥିବା ଲୋକଙ୍କ ଭିତରୁ କିଏ ଚୋରି କରିନେବ? କିଏ ଦେଖିବ ? ସୋନି ଓ ବ୍ରାୟାନ୍ ତ ଅନ୍ୟ କୋଠରିରେ ଅଛନ୍ତି । ଭିତରପଟୁ କବାଟ ଦେଇଦେଇଛନ୍ତି ।

ଭୟ ଥିଲେ ବି ତନୁଜା ମନକୁ ବୁଝାଉଥାଏ । "ନା ମ । ଏମାନେ ଚୋରି କାହିଁକି କରିବେ? ତାହେଲେ ଆମ ଟ୍ରାଭଲ୍ ଏଜେନସୀ ଏମାନଙ୍କ ମାଧ୍ୟମରେ କାହିଁକି ବୁକିଙ୍ଗ୍ କରିଥାନ୍ତା ?'

ISSN NO.
2582-208X

ଏମିତି ଭାବି ସେମାନେ ଉପର ମହଲାର ଡେକ୍‌କୁ ଗଲେ । ହେଲେ ସେତେବେଳେ ଡେକ୍ ଉପରେ ବିଛଣା ପଡିଥିଲା । ଉପରର ତମ୍ବୁ ପଡିଯାଇଥିଲା । ଡଙ୍ଗାରେ କାମ କରୁଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଶୋଇଥିଲା ବୋଧହୁଏ ।

ତେଣୁ ସେମାନେ ତଳକୁ ଆସିଲେ ଓ ବାରଠାରେ ପଦଚାରଣ କଲେ । ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ନୌକାଟି ଜଳରାଶି ମଧ୍ୟରେ ଆଗକୁ ଯାଇ ପୁଣି ଫେରିବାକୁ ପ୍ରସ୍ତୁତି କଲା ।

ଏସବୁ ଅନୁଭବ ସ୍ୱପ୍ନ ପରି ଲାଗୁଥିଲା ।

ଏମିତି ନୁହେଁ କି ତନୁଜା କେବେ ନୌକାରେ ବସିନି କି ନୌକାବିହାର କରିନି । ସିଏ ବିଭିନ୍ନ ସ୍ଥାନରେ ନୌକାରେ ବସି ଯାତ୍ରା କରିଛି । ଛୋଟବେଳରୁ ନୌକାରେ ବସି ଅନେକ ଥର ବ୍ରାହ୍ମଣୀ ନଦୀ ପାର ହୋଇଛି । ସେତେବେଳେ ସେସବୁ ଆବଶ୍ୟକତା ଥିଲା, ସଉକ ନୁହେଁ । ଗାଁ ଗାଁ ଭିତରେ ଗମନାଗମନ ପାଇଁ ପୋଲ ତିଆରି ହୋଇନଥିଲା । ବର୍ଷାଦିନେ ନଇରେ ପାଣି ଆସିଲେ, ନୌକା ହିଁ ଯାତାୟତ ପାଇଁ ଏକମାତ୍ର ସହାୟ । ଏମିତିରେ ଦେଖିଲେ ତନୁଜା ସେ ସମୟରେ ନୌକାରେ ବସି ଅନେକ ନଦୀ ପାର ହୋଇଛି ।

ଆମେରିକାରେ ହେଉ କି ୟୁରୋପରେ ହେଉ, ଯେଉଁ ସ୍ଥାନକୁ ତନୁଜା ଯାଇଛି, ସେଠିକାର ହ୍ରଦରେ, ସମୁଦ୍ରରେ ନୌକାରେ ବସି ସେଠି ମଜା ନେଇଛି । ସେସବୁ ଯାତ୍ରା କେତେବେଳେ ଘଣ୍ଟାଏ ପାଇଁ ତ କେବେକେବେ ଦୁଇତିନି ଘଣ୍ଟା ପାଇଁ ଥାଏ । ଇଟାଲିରେ ତ ସେମାନେ ପୂରା ଗୋଟିଏ ଦିନ ନୌକାରେ ଯାତ୍ରା କରିଥିଲେ, ଭେନିସ୍‌ରୁ ବାହାରି ମୁରାନୋ, ବୁରାନୋ ଦ୍ୱୀପ ସବୁ ପରିଦର୍ଶନ କରିଥିଲେ । ତେବେ ଏ ନୌକାବିହାର ଅଲଗା ।

ଏଠି ନୌକାରେ ଘର ରହିଛି । ସେ ଘରେ ଡ୍ରଇଂ ରୁମ୍ ଅଛି, ରୋଷେଇଘର ଅଛି, ଶୋଇବା ଘର ଅଛି, ଗାଧୁଆ ଘର ଅଛି, ଶୀତତାପ ନିୟନ୍ତ୍ରଣକାରୀ ଯନ୍ତ୍ର ଅଛି, ଘର ଭଳି

ISSN NO.
2582-208X

ସବୁ ସୁବିଧା ଅଛି । ଉପରେ ଏକ ବାଲକୋନି ରହିଛି । ସେଠି ଚେୟାର୍ ଟେବୁଲ୍ ପଡିଛି, ଟିଭି ରହିଛି, ସଂଗୀତ ପ୍ରୋଗ୍ରାମ୍ ପାଇଁ ସମସ୍ତ ସରଞ୍ଜାମ ରହିଛି । ଅତିଥିମାନେ ସେଠି ନାଚ, ଗୀତର ସମସ୍ତ ବନ୍ଦୋବସ୍ତ କରିପାରିବେ । ପାଣି ଉପରେ ନୌକା ଚାଲିବ । ନୌକା ଭିତରେ ଘର ଥିବ । ଘରେ ମଣିଷମାନେ ସବୁକିଛି କରୁଥିବେ । ଖାଉଥିବେ, ଶୋଉଥିବେ, ଗୀତ ଶୁଣୁଥିବେ, ବ୍ୟାୟାମ କରୁଥିବେ, ଗପଶପ କରୁଥିବେ । ଏଭଳି ଅନୁଭବ ତନୁଜା ଜୀବନରେ ପ୍ରଥମ । ତେଣୁ ତାକୁ ଭଲ ଲାଗୁଥିଲା ।

ପ୍ରଥମେ ଯେତେବେଳେ କେରଳ ଭ୍ରମଣର ଯୋଜନା ସେମାନେ କରିଥିଲେ, ସୁବିଧା ପାଇଁ ଟ୍ରାଭଲ୍ ଏଜେନସୀ ମାଧ୍ୟମରେ ସମସ୍ତ ବୁକିଙ୍ଗ୍ କରିଥିଲେ । ସେଥିରେ ଏ ନୌକାଘରେ ରହିବାର ଯୋଜନା ମଧ୍ୟ ଥିଲା । ତନୁଜା ଯାଇ ଗୁଗୁଲ୍ ରେ ଖୋଜିଥିଲା ଓ ନୌକାଘର କଣ, କେମିତି ବୁଝିଥିଲା । ତେବେ, ପଢିବା ଜ୍ଞାନ ଓ ଅନୁଭବର ଜ୍ଞାନ ମଧ୍ୟରେ ଅନେକ ପାର୍ଥକ୍ୟ । ସେଦିନ ଥିଲା ୨୦୨୪ ମସିହା ଜାନୁୟାରୀ ୪ ତାରିଖ । ସେମାନେ ଆଲେପିର ନୌକାଘରକୁ ଆସିବା ପାଇଁ ମୁନାର୍‌ରୁ ସାଢେ ୮ଟା ବେଳକୁ ବାହାରିଥିଲେ । ବାଟରେ କେବଳ ଗୋଟିଏ କେରଳ ହ୍ୟାଣ୍ଡଲୁମ୍ ଦୋକାନରେ ଅଟକିଥିଲେ କିଛି ହ୍ୟାଣ୍ଡଲୁମ୍ ଜିନିଷ କିଣିବା ପାଇଁ । ତନୁଜା ୭ ଖଣ୍ଡ ଶାଢୀ କିଣିଲା । କିଛି ଉପହାର ରୂପେ ଦେବାପାଇଁ ଓ କିଛି ନିଜ ପାଇଁ । ତାପରେ ସେମାନେ ଆଲେପି ଅଭିମୁଖେ ଯାତ୍ରା କରିଥିଲେ । ସେ ନୌକାଘର ବା ବୋଟ୍ ହାଉସ୍‌ର ଠିକଣା ଏମିତି ଥିଲା ଯେ, ଡ୍ରାଇଭର୍‌କୁ ଗୁଗୁଲ୍ ରେ ଠିକଣା ଦେଖିବାକୁ ଅସୁବିଧା ହେଉଥିଲା । କିନ୍ତୁ ତନୁଜାର ଭାଇ ଦେଇଥିବା ଫୋନ୍ ମାଧ୍ୟମରେ ସୋନି ଠିକଣା ଲଗେଇଦେଲା । ସେଇ ଠିକଣାକୁ ଅନୁସରଣ କରି ଡ୍ରାଇଭର୍ ଗାଡି ଚଲେଇଲା । ତେବେ ସେଇ ଠିକଣା ଯେତେବେଳେ ସେମାନଙ୍କୁ ଏକ ଗ୍ରାମ ଭିତରକୁ ନେଇଗଲା, ତନୁଜା ଚମକିପଡିଲା । "ଆରେ, ଆମେ ତ ଆସି କେଉଁ ଗାଆଁରେ ପଶିଗଲେଣି, ତୁ ଠିକଣା ଠିକ୍ ଭାବେ ଲଗେଇଛୁ ତ ସୋନି ?'

ISSN NO.
2582-208X

ସୋନି କହିଲା, "ହଁ ତ । ଏଇ ଠିକଣା ତ ପାପା ମତେ ଫରୱାର୍ଡ କରିଥିଲେ । ଏଇ ଠିକଣା ସେ ଟ୍ରାଭ୍ଲ୍ ଏଜେନସୀ ଦେଇଥିଲା ଓ ଏଇ ଠିକଣା ଡ୍ରାଇଭର୍ ମଧ୍ୟ ଦେଇଥିଲେ । ଆଉ ଭୁଲ୍ ହେବ କେମିତି ?'

"ହେଲେ ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଦର୍ଶନୀୟ ସ୍ଥାନକୁ କଣ ଏମିତି ସବୁ ଗାଁ ରାସ୍ତା ଦେଇ ଯିବାକୁ ପଡେ ? ମତେ ତ କାହିଁକି ଲାଗୁନି ।'

ଡ୍ରାଇଭର୍ କହିଲା, "ହଁ ଏମିତି ଗାଁ ରାସ୍ତା ଦେଇ ଯିବାକୁ ହୁଏ । ଏବେ କିନ୍ତୁ ଅନେକ ସବୁ ରାସ୍ତା ପରିବର୍ତ୍ତନ ହୋଇଛି । ତେଣୁ ମୁଁ ଚିହ୍ନିପାରୁନି ।'

ଗାଡି ସେ ଗୁଗୁଲ୍ କହୁଥିବା କଥାକୁ ଅନୁସରଣ କରି ଚାଲୁଥାଏ । ରାସ୍ତା ସବୁ ଅଣ ଓସାରିଆ । କେଉଁଠି ଖାଲ ତ କେଉଁଠି ଢିପ । ଆରପଟରୁ ଗାଡି ଆସୁଥିବା ବେଳେ ଅତ୍ୟନ୍ତ ସାବଧାନତାର ସହିତ ଗାଡି ଚଲେଇବାକୁ ପଡିବ । ନହେଲେ ସେସବୁ ଗାଡି ସହିତ ନିଜ ଗାଡି ଲାଗିଯିବାର ସମ୍ଭାବନା ଅଛି । ମଝିରେ ମଝିରେ ରାସ୍ତା ଭୁଲିଯିବା ଭଳି ମନେ ହେଉଥାଏ । ଡ୍ରାଇଭର୍ ସେ ସମୟରେ ନୌକାଘରର ମାଲିକଙ୍କ ସହିତ ଯୋଗାଯୋଗ କରୁଥାଏ । ସିଏ ଯେମିତି ବତାଉଥାନ୍ତି, ସେମିତି ପୁଣି ବଙ୍କାଉଥାଏ । ଏମିତି ଗାଉଁଲିଆ ରାସ୍ତାରେ ଅଧଘଣ୍ଟାଏ ଖଠ ଯିବା ପରେ ଡ୍ରାଇଭର୍ ଗାଡି ନେଇ ଜଣକ ଘର ଦାଣ୍ଡର ରଖିଲା । ହଁ, ସେଇଟା ଓଡିଶାରେ ତନୁଜା ଘର ଆଗର ଦାଠ ଭଳି ଦିଶୁଥିଲା । ତେବେ ତନୁଜା ଘରର ଦାଠ ତ ଓସାରିଆ । ଏ ଦାଠଟି ଅଣ ଓସାରିଆ । ଗାଡି ରଖିବା ସ୍ଥାନରେ କାଦୁଅ ଥାଏ । ଗାଡି ରହିବା ପରେ ଦୁଇଜଣ ଭଦ୍ରଲୋକ ଆସିଲେ ଓ ଗାଡି ଭିତରୁ ସମସ୍ତ ବାକ୍ସପତ୍ର ଧରି ଆଗରେ ଦିଶୁଥିବା ନୌକା ଆଡକୁ ଚାଲିଲେ । ସେମାନେ ଲୁଙ୍ଗି ଓ ଗଞ୍ଜି ପିନ୍ଧିଥାନ୍ତି । ଗାଁର ସାଧାରଣ ଲୋକଙ୍କ ଭଳି ଦିଶୁଥାନ୍ତି । ରାସ୍ତା ସବୁ ମାଟି ରାସ୍ତା । ବଡ ଅସନା । ତେବେ ସେଇ ରାସ୍ତା ଦେଇ ସେମାନେ ସେ ଡଙ୍ଗା ଭିତରକୁ ଗଲେ।

ISSN NO.
2582-208X

ଡ୍ରାଇଭର୍ ବିଦାୟ ନେଇ ଫେରିଗଲା । ଆସନ୍ତା କାଲି ସକାଳ ୮ଟା ୩୦ରେ ଆସି ସେମାନଙ୍କୁ କୋଚିନ୍ ନେଇଯିବ ବୋଲି ସମୟ ଦେଇଗଲା ।

ନୌକା ଭିତରେ ପଶିଯିବା ମାତ୍ରେ ବଡ ଚମତ୍କାର ଲାଗିଲା । ପ୍ରଥମେ ସ୍ୱାଗତ ପାଇଁ ଡ୍ରଇଂ ରୁମ୍ ରହିଥିଲା । ସେ ଡ୍ରଇଂରୁମ୍ ରେ ଟେବୁଲ୍ ଚେୟାର ପଡିଥିଲା ଓ ଡାଇନିଂ ପାଇଁ ସମସ୍ତ ବ୍ୟବସ୍ଥା ଥିଲା । ଦୁଇଟି ପାଣିବୋତଲ, ୫ଟି ଗ୍ଲାସ୍ ଓ ଗୋଟିଏ ଝୁଡିରେ କିଛି ଫଳ ରହିଥିଲା । ସେଠି ଗୋଟିଏ ଟିଭି ଥିଲା ଓ ସେ ରୁମ୍‌ର ଦୁଇ ପାର୍ଶ୍ୱରେ ମଧ୍ୟ ବେଞ୍ଚ୍ ରହିଥିଲା । ପ୍ରଥମେ ଡ୍ରଇଂରୁମ୍‌କୁ ଦେଖି ସେମାନଙ୍କୁ ଭଲଲାଗିଲା ।

ସେ ଦୁଇଜଣ ଭଦ୍ରଲୋକ ସମସ୍ତ ବାକ୍ସପତ୍ର ନେଇ ଶୋଇବା ଘର ମାନଙ୍କରେ ରଖିଦେଇଥିଲେ । ସେଥିରୁ ପ୍ରଥମ ଶୋଇବାଘରେ ତନୁଜା ଓ ପ୍ରକାଶଙ୍କ ବାକ୍ସ ସମସ୍ତ ରଖି, ସୋନି ଓ ବ୍ରାୟାନ୍ ସେମାନଙ୍କ ବାକ୍ସ ସବୁ ଦ୍ୱିତୀୟ ଶୟନ କୋଠରିକୁ ନେଇଗଲେ । ସେ କୋଠରି ମାନଙ୍କରେ ହୋଟେଲ୍ ରୁମ୍ ଭଳି ବିଛଣା ପଡିଥିଲା ଓ ଅନ୍ୟ ସମସ୍ତ ସୁବିଧା ଥିଲା । କୋଠରିକୁ ଲାଗି ଗାଧୁଆଘର ଓ ଲାଟ୍ରିନ୍ । ସେମାନେ ତଉଲିଆ ଓ ସାବୁନ୍ ମଧ୍ୟ ରଖିଥାନ୍ତି । ସମସ୍ତେ ପ୍ରଥମେ ଧୁଆଧୁଇ ହୋଇ ଡ୍ରଇଂରୁମ୍‌କୁ ଆସିଲେ । ସେଠି ମଧ୍ୟାହ୍ନ ଭୋଜନ ପାଇଁ ଖାଦ୍ୟ ପ୍ରସ୍ତୁତ ହୋଇ ରହିଥିଲା । ଭାତ, ସମ୍ବର, ବିନ୍ ଭଜା ଓ ଭେଠି ଭଜା ସହିତ କାକୁଡି ଓ ଟମାଟୋର ସାଲାଡ୍ ରହିଥିଲା । ସେମାନେ ଖାଉଥିବା ସମୟରେ ରୋଷେଇ ଦାୟିତ୍ୱରେ ଥିବା ଭଦ୍ରବ୍ୟକ୍ତି ଜଣକ ଆସି ରାତ୍ରି ଭୋଜନ ବିଷୟରେ ପଚାରି ଦେଇଗଲେ । ନୌକା ଯାଉଥିବା ରାସ୍ତାରେ ଏକ ମାଛବଜାର ପଡିବ । ଯଦି ଦରକାର, ତନୁଜାର ପରିବାର ମାଛବଜାରକୁ ଯାଇ ମନପସନ୍ଦର ମାଛ କିଣିପାରିବେ ଓ ସେଇ ମାଛରେ ରାତ୍ରଭୋଜନ ପାଇଁ ମାଛଭଜା ପ୍ରସ୍ତୁତ ହେବ । ହେଲେ ସେମାନଙ୍କ ଭିତରୁ ଦୁଇଜଣ ନିରାମିଷାଶୀ ଜାଣିବା ପରେ ସେମାନେ ରାତ୍ରଭୋଜନ ପାଇଁ ଅନ୍ୟ ସବୁ ଖାଦ୍ୟସାମଗ୍ରୀର ଯୋଜନାକଲେ । କିନ୍ତୁ ସୋନି ଓ ବ୍ରାୟାନ୍‌ଙ୍କ ପାଇଁ ସ୍ୱତନ୍ତ୍ର ମାଛଭଜା

ISSN NO.
2582-208X

ପ୍ରସ୍ତୁତ କରିବା ପାଇଁ କହିଲେ । ସେଥିପାଇଁ ସେମାନଙ୍କୁ ମାଛବଜାରରେ ଅଟକିବା ଦରକାର ନାହିଁ । ତେବେ ନୌକା ଅଟକିବା ରାସ୍ତାରେ ମାଲସ୍ ହେବାପାଇଁ ସୁବିଧା ଅଛି ବୋଲି ଜେଣେଇଲେ । ପ୍ରକାଶ ଓ ସୋନି ମାଲସ୍ ହେବା ପାଇଁ ଯିବାକୁ ଚାହିଁଲେ । ଜିନିଷପତ୍ର ବିଷୟରେ ଚିନ୍ତା କରି ତନୁଜା ନୌକାରେ ରହିବ ବୋଲି ସ୍ଥିରକଲା । ଆଦିର ଦାୟିତ୍ୱ ନେବ ବୋଲି ବ୍ରାୟାନ୍ ମଧ୍ୟ ନୌକା ଭିତରେ ରହିବ ବୋଲି ସ୍ଥିରକଲା ।

ନୌକା ଚାଲୁଥାଏ । ବିସ୍ତୃତ ଜଳରାଶି । ସେମାନଙ୍କ ନୌକା ଭଳି ଆଉ କେତୋଟି ନୌକା ମଧ୍ୟ ସେମାନଙ୍କର ଦୃଷ୍ଟିଗୋଚର ହେଲା । କିଛି ନୌକାରେ ଘର ଥାଏ । ଆଉ କିଛି ନୌକା କେବଳ ଦିନବେଳା ଯାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ସେସବୁ ନୌକାରେ ଘର ନଥିଲା । କେବଳ ଯାତ୍ରୀମାନେ ବସିବା ପାଇଁ ବେଞ୍ଚ ଓ ଟେବୁଲ୍ ଥିଲା । ଉପରେ ଥିବା ବାଲ୍‌କୋନିକୁ ଯାଇ ସେମାନେ ସବୁ ନୌକା ଓ ନୌକାର ଭିତରକୁ ଭଲଭାବେ ଦେଖିପାରୁଥିଲେ । କିଛି ସମୟ ପରେ ଗୋଟିଏ ବଜାର ଦେଖାଗଲା । ସେତେବେଳକୁ ପ୍ରାୟ ଚାରିଟା ବାଜିଥାଏ । ନୌକା ଚାଳକ ଜଣେଇଦେଲା, "ଏବେ ଏଇଠି ନୌକା ରହିବ । ଯିଏ ମାଲସ୍ ପାଇଁ ବୁକ୍ କରିଛନ୍ତି, ଯାଆନ୍ତୁ । ଘଣ୍ଟାଏ ଭିତରେ ଫେରିବେ ।'

ନୌକା ସେଠି ରହିଲା । ସୋନି ଓ ପ୍ରକାଶ ବାହାରକୁ ଗଲେ । ସୋନି ଯିବା ସମୟରେ ଆଦି ବହୁତ କାନ୍ଦିଲା । ଆଦିକୁ ବୁଝେଇବାକୁ ସମୟ ଲାଗିଲା । ତାକୁ ଉପରକୁ କିଛି ସମୟ ନେଇ ସେମାନେ ଖେଳେଇଲେ । ଯେହେତୁ ନୌକାଟି ଅଟକି ଥିଲା, ସେଥିପାଇଁ ସେତେବେଳେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରକୁ ଚାଲୁ କରିବା ମନା । କେବଳ ପଙ୍ଖା ପବନ ଗରମରୁ ଶାନ୍ତିଦେବାକୁ ଯଥେଷ୍ଟ ନଥିଲା । ଏହି ସମୟରେ ଫୋନ୍ ଲଗେଇ ତନୁଜା ତା' ଭାଉଜ ସହିତ କଥା ହେଲା । ଆଦି ଆଉ ଜଣକୁ ଫୋନ୍ ମଧ୍ୟରେ ଦେଖି ତା' ମାଆକୁ କିଛି ସମୟ ପାଇଁ ଭୁଲିଗଲା ଓ କାନ୍ଦ ବନ୍ଦ କଲା । ତା' ନିଜ ଭାଷାରେ କିଛି କହିଗଲା ମଧ୍ୟ । ଉଭୟ ନୌକା ଚାଳକ ଓ ରୋଷେଇଆ ମଧ୍ୟ ବାହାର ମାର୍କେଟ୍‌କୁ ଯାଇଥିଲେ । ଜାନୁୟାରୀ ମାସରେ ଏମିତି ଗରମ ହେଉଥିବ ବୋଲି ବିଶ୍ୱାସ ହେଉନଥିଲା । ସେମାନେ

ISSN NO.
2582-208X

ବାହାରେ ଦେଢଘଣ୍ଟା ପ୍ରାୟ ରହିଗଲେ । ତାପରେ ସମସ୍ତେ ନୌକାକୁ ଫେରିଲେ । ନୌକା ଚାଲିଲା ଓ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ମଧ୍ୟ ଚାଲିଲା ।

ତନୁଜା ପଚାରିଲା, "ମାଲସର ଅଭିଜ୍ଞତା କେମିତି ରହିଲା ?'

"ଭଲ ରହିଲା ।' ଉଭୟ ସୋନି ଓ ପ୍ରକାଶ ଉତ୍ତରଦେଲେ । ପରେ ପ୍ରକାଶ କହିଲେ, "ଏ ମାଲସ ଆମେରିକା ମାଲସ ଭଳି ସେମିତି ଗୁଣାତ୍ମକ ନୁହେଁ । କିନ୍ତୁ ଗୋଟିଏ ଅଭିଜ୍ଞତା ହେଲା ।'

ଆଦି ଏବେ ଖୁସି ଥିଲା । ସିଏ ସମସ୍ତଙ୍କ ସହିତ ଲୁଚକାଳି ଖେଳ ଖେଳିଲା । ପ୍ରକାଶ ବାଟରୁ କିଛି ଆତୁଆ କିଣିଥିଲେ । ସେମାନେ ସେଇଆକୁ ଖାଇଲେ । ଆଦିକୁ ଆତୁଆ ଭଲଲାଗିଲା । କିଛି ସମୟ ପରେ, ରୋଷେଇ ଦାୟିତ୍ୱରେ ଥିବା ଭଦ୍ରବ୍ୟକ୍ତି ଚାହା ଓ ପାଉଁରୁଟି ପକୁଡି ଆଣି ଟେବୁଲ୍ ଉପରେ ରଖିଲେ । ସମସ୍ତେ ସେସବୁ ଖାଇ ଆନନ୍ଦିତ ହେଲେ । ବିଶେଷ କରି ଆଦିକୁ ପାଉଁରୁଟି ପକୁଡି ଭଲଲାଗିଲା । ସେମାନେ ଅପରାହ୍ନର ଚାହା ପିଉଥିବା ବେଳେ ନୌକାଟି ଚାଲୁଥିଲା । ଜଳରାଶିର ଉଭୟ ପାର୍ଶ୍ୱରେ ଥିବା ବିଲ, ନଡିଆଗଛ ଓ ଘରସବୁ ବହୁତ ସୁନ୍ଦର ଦିଶୁଥାନ୍ତି । ସନ୍ଧ୍ୟାବେଳକୁ ନୌକାଟି ଯେଉଁସ୍ଥାନରୁ ବାହାରିଥିଲା, ସେଇ ସ୍ଥାନକୁ ଫେରିଆସିଲା । ନୌକାଚାଳକ ଆସି ପଚାରିଲେ, "ଏବେ ଆପଣମାନେ ଯଦି ପାଖ ବଜାର ବୁଲିବାକୁ ଚାହିଁବେ, ବୁଲିପାରିବେ ।'

ତନୁଜାର କୁଆଡେ ଯିବାକୁ ଇଚ୍ଛାନଥିଲା । ତେବେ ପ୍ରକାଶ ଓ ସୋନିଙ୍କର ଆଗ୍ରହ ହେଲା । ସେମାନେ ବାହାରିବାରୁ ବ୍ରାୟାନ୍ ମଧ୍ୟ ବାହାରିଲା । ଏବେ ତନୁଜା ମଧ୍ୟ ବାହାରିଲା । ସେମାନେ ସବୁ ବାକ୍ସରେ ତାଲା ପକେଇଦେଲେ । ଆଉ ଯାହା ପର୍ସ, ୱାଲେଟ୍ ଇତ୍ୟାଦି ନିଜ ହାତରେ ଧରି ମାର୍କେଟ୍ ବାହାରିଲେ । ନୌକାଚାଳକ ସେମାନଙ୍କ ସହତ ଯିବେ ବୋଲି ବାହାରିଲେ । ନହେଲେ ନୂଆ ଲୋକ, କୁଆଡେ ଯିବେ, କେମିତି ଜାଣିବେ ? ସେଇ ସମୟ ଭିତରେ ରୋଷେଇଆ ରୋଷେଇ ସାରିଦେବ ଓ ସେମାନେ ଫେରି ରାତ୍ରଭୋଜନ

ISSN NO.
2582-208X

କରିବେ । ଗାଁ ଗହଳିର ରାସ୍ତା ସବୁ । ଅଣ ଓସାରିଆ । ଏସବୁ ଭିତରେ ଯେ ଭଲ ମାର୍କେଟ୍ କୋଉଠି ଥିବ, ଜଣାପଡୁନଥିଲା । ଅବଶ୍ୟ ବିଜୁଳି ଆଲୁଅରେ ରାସ୍ତା ଦିଶୁଥାଏ, ତେବେ ମଧ୍ୟ ସ୍ଥାନେସ୍ଥାନେ ଅନ୍ଧାର ଥିଲା । ପ୍ରାୟ ଅଧଘଣ୍ଟାଏ ଚାଲିବା ପରେ ବି କିଛି ନଦେଖି ସମସ୍ତେ ହତାଶ ହେଲେ । "ସତରେ ମାର୍କେଟ୍ ଅଛି ନା ନାହିଁ ।' ଆଦି କାଖ ହୋଇଥାଏ, ତଥାପି ଗରମ ହେଉଥାଏ ଓ ମଶା ଖାଉଥାନ୍ତି ବୋଲି ବୋଧହୁଏ ବେଳେବେଳେ ବିରକ୍ତ ହେଉଥାଏ ।

କିଛି ସମୟ ପରେ ନୌକା ଚାଳକ ନେଇ ଗୋଟିଏ ନଡିଆତେଲ ଦୋକାନରେ ପହଞ୍ଚାଇଦେଲେ । ସେଠି ଗୋଟା ନଡିଆରୁ ତେଲ ପ୍ରସ୍ତୁତି ହେବାର କାରଖାନା ଥିଲା । ସେ ଦୋକାନର ସାମନାରେ ଗୋଟିଏ ବିରାଟ ପଡିଆ ଥାଏ । ସେ ପଡିଆରେ ନଡିଆ ସଢେଇ ସବୁ ଗଦା ହୋଇ ପଡିଥାଏ । ପ୍ରକାଶ ତନୁଜାକୁ ପଚାରିଲେ, "ନଡିଆ ତେଲ କିଣିବା ?' ତନୁଜା ଓଲଟି ପ୍ରଶ୍ନକଲା, "ହେଲେ ଏ ତେଲକୁ ବିମାନରେ ନେବ କେମିତି ?'

ଏବେ ପ୍ରକାଶଙ୍କ ମୁଣ୍ଡର ସେଇକଥା ପଶିଲା । ତେଣୁ ସିଏ ଛୋଟ ସାଇଜ୍‌ର ପ୍ଲାଷ୍ଟିକ୍ ବୋତଲରେ ଥିବା ଚାରି ପ୍ୟାକ୍ ନଡିଆ ତେଲ କିଣିଲେ । ସେସବୁ ବିମାନରେ ଯାଇପାରିବ ।

ସେଠାରୁ ପୁଣି କିଛି ଦୂର ଚାଲିଲା ପରେ କେରଳ ସରକାରଙ୍କର ହ୍ୟାଣ୍ଡଲୁମ୍ ଦୋକାନ ଆସିଲା । ସେ ଦୋକାନରେ ଶାଢୀ ବୁଣିବାର ଯନ୍ତ୍ର ମଧ୍ୟ ଥିଲା । ସେ ଦୋକାନ ଭିତରେ ପଶି ସମସ୍ତେ ଶାଢୀ ଓ ବିଭିନ୍ନ ପୋଷାକପତ୍ର ଦେଖିଲେ । ଆଦି ସେଠି ଅନ୍ୟ ଗ୍ରାହକ ମାନଙ୍କର ଛୁଆମାନଙ୍କ ସହିତ ଖେଳିବାରେ ଲାଗିଲା । ସୋନି ଓ ବ୍ରାୟାନ୍ ତାକୁ ପାଳି କରି ଜଗିଥାଆନ୍ତି । ପ୍ରକାଶ ତାଙ୍କ ପାଇଁ ଏକ ସାର୍ଟ ଓ ଧୋତି କିଣିଲେ । ସୋନି ଓ ବ୍ରାୟାନ୍ କିଛି କିଣିବାକୁ ଚାହିଁଲେନି । ତନୁଜା ଦୁଇଟି ହ୍ୟାଣ୍ଡଲୁମ୍ ଶାଢୀ କିଣିଲା । ତାପରେ ସେମାନେ ମୁଖ୍ୟ ବଜାର ସ୍ଥଳୀକୁ ଗଲେ । ସେଠାରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରୀ ହେଉଥିଲା । ନୌକାଚାଳକ ସେଠି ତାଙ୍କର ଜଣେ ସାଙ୍ଗଙ୍କ ଦୋକାନକୁ ଯାଇ ସାଙ୍ଗଙ୍କୁ କିଛି

ISSN NO.
2582-208X

ସମୟ ପାଇଁ ସାହାଯ୍ୟକଲେ । ସେଠି ଅନ୍ୟାନ୍ୟ ସଂଗ୍ରହଯୋଗ୍ୟ ସାମଗ୍ରୀ ସବୁ ରହିଥିଲା । ହେଲେ ସେସବୁ ବାକ୍ସରେ କେମିତି ଭର୍ତ୍ତିକରି ନେବେ, ସେଇ ଚିନ୍ତା କରି ସେମାନେ କିଛି କିଣିଲେନି । ତାପରେ ସମସ୍ତେ ଫେରିଲେ । ଯେତିକି ବାଟ ଯାଇଥିଲେ, ସେତିକି ବାଟ ପୁଣି ଚାଲିଚାଲି ଫେରିବାକୁ ପଡିଲା । ଆଦି ଚାହିଁଲା ତା' ମା କୋଳକୁ ଯିବ । ସେଥିପାଇଁ ବେଳେବେଳେ କାନ୍ଦିଲା । ତଥାପି ସେ ଗରମ, ଗୁଳୁଗୁଳି ଓ ଖାଲଢିପ ରାସ୍ତା ପାର କରି ସେମାନେ ଯେତେବେଳେ ନୌକା ଭିତରେ ପଶିଗଲେ, ବହୁତ ଶାନ୍ତି ଲାଗିଲା । ନୌକା ଭିତରେ ସେତେବେଳେ ଏ.ସି. ଚାଲୁଥିଲା ଓ ଖାଦ୍ୟ ପ୍ରସ୍ତୁତି ଚାଲୁଥିଲା । ସେମାନେ କିଛି ସମୟ ନୌକାର ବାରଣ୍ଡାରେ ବୁଲିଲେ । ନୌକାଟି ମଙ୍ଗ ଲଗେଇ ସେଇ ଏକ ସ୍ଥାନରେ ରହିଥିଲା । ତାପରେ ରାତ୍ରିଭୋଜନ ପରିବେଷଣ କରାଗଲା । ସୋନିକୁ ମାଛ ଭଜା ବହୁତ ପସନ୍ଦ ଆସିଲା ।

ସିଏ ଖୁସି ହୋଇ କହିଲା, "ଏ ବୋଟ୍ ହାଉସ୍‌ର ମୋର ଏଇ ମାଛର ସ୍ୱାଦ ସ୍ମୃତି ହୋଇ ରହିବ ।'

ବ୍ରାୟାନ୍ କହିଲା, "ମୋର ମଧ୍ୟ ।'

ତନୁଜା ପଚାରିଲା, "କେବଳ ଖାଦ୍ୟ ସ୍ମୃତିରେ ରହିବ ? ଅନୁଭୂତି ନୁହେଁ ?'

ସୋନି କହିଲା, "ଅନୁଭୂତି ବି ରହିବ । ଇଏତ ଆମ ସମସ୍ତଙ୍କର ପ୍ରଥମ ବୋଟ୍‌ହାଉସ୍ ରହଣି ନା ।'

ପ୍ରକାଶ ମତାମତ ଦେଲେ, "ସତ କଥା । ଏ ସବୁ ସୋନି ପାଇଁ ସମ୍ଭବ ହେଲା । ସିଏ ହିଁ ଚାହିଁଲା, କେରଳ ଭ୍ରମଣ କରିବାକୁ ଆଉ ବୋଟ୍ ହାଉସ୍ ରେ ରହିବାକୁ । ନହେଲେ, ଆମେ ତ ଏତେ ବର୍ଷ ହେଲାଣି, ସେମିତି କିଛି ଭାବି ହିଁ ନଥିଲୁ ।'

ISSN NO.
2582-208X

ଡିନର୍ ସରୁସରୁ ରାତି ନଅଟା ବାଜିଯାଇଥିଲା । ଆଦିର ଶୋଇବା ସମୟ ହୋଇଥିଲା । ବ୍ରାୟାନ୍ କହିଲା, "ମୁଁ ବି ଶୋଇବାକୁ ଯାଉଛି ।'

ତନୁଜା ମନେ ପକେଇଦେଲା, "କାଲି ସକାଳୁ ଶୀଘ୍ର ଉଠି ସବୁ ପ୍ରସ୍ତୁତ ହୋଇଯିବ । ବାକ୍ସପତ୍ର ସଜାଡିଦେବ । କାରଣ ସେ ଡ୍ରାଇଭର୍ ସାଢେ ଆଠଟା ବେଳକୁ ପହଞ୍ଚିବ ।'

ସେମାନେ ଯିବାପରେ ପ୍ରକାଶ ଓ ତନୁଜା ନିଜ କୋଠରିକୁ ଆସିଲେ । ଶୋଇବାର ପ୍ରସ୍ତୁତି କରୁଥିଲେ ତ ଡଙ୍ଗା ଚାଲିବାର ଅନୁଭବ ହେଲା । ତାପରେ ପ୍ରକାଶ ଓ ତନୁଜା ନ ଶୋଇ ବାରଠାରେ କିଛି ସମୟ ବୁଲି ରାତ୍ରିରେ ନୌକାବିହାରର ଅନୁଭୂତି ସଂଗ୍ରହକଲେ ।

ତାପରେ ନିଜ କୋଠରିକୁ ଆସି ଶୋଇଥିଲେ । ଅଧରାତିରେ ତନୁଜାର ନିଦ ଭାଙ୍ଗିଥିଲା ଓ ସିଏ ଜହ୍ନ ଦେଖିଥିଲା । ତାପରେ ପୁଣି ଶୋଇପଡିଥିଲା ।

ଭୋରରୁ ଯେତେବେଳେ ତନୁଜାର ନିଦ ଭାଙ୍ଗିଲା, ସେତେବେଳେ କୋଠରିର ଝରକା ପରଦା ଖୋଲି ବାହାରକୁ ଦେଖିବାବେଳକୁ ବାହାରେ ବର୍ଷା ହେଉଥିଲା । ସେଇ ବର୍ଷାକୁ କିଛି ସମୟ ଚାହିଁ ରହିଲା ତନୁଜା । ସତରେ ବଡ ଅଭୁଲା ଏ ଅନୁଭୂତି । ହେଲେ ସକାଳୁ ସେମାନଙ୍କୁ ଏ ବୋଟ୍ ହାଉସ୍‌ରୁ ବାହାରିବାକୁ ପଡିବ । ଦିନସାରା ବୁଲାବୁଲି କରି କୋଚିନ୍‌ର ରେଡିସନ୍ ବ୍ଲୁ ହୋଟେଲ୍‌କୁ ଯିବାକୁ ପଡିବ । ସେଠି ପୁଣି ସେ ବଡ ସହରର ମାୟାଜାଲରେ ଜୀବନ ଛନ୍ଦି ହୋଇଯିବ । ପ୍ରକୃତି ରହିଯବ କେତେ ପଛରେ ?

ରାତି ତଥାପି ବାକି ଥିଲା । ଇଚ୍ଛା ହେଲା ରୁମ୍ ରେ ଲାଇଟ୍ ଅନ୍ କରି ବାକ୍ସପତ୍ର ସଜାଡିଦେବାକୁ । କିନ୍ତୁ ପ୍ରକାଶ ଶୋଇଥିଲେ । ସିଏ ଶୋଇବାବେଳେ ଲାଇଟ୍‌କୁ ଜମା ପସନ୍ଦ କରନ୍ତିନି । ଏବେ ବାଧ୍ୟ ହୋଇ ତନୁଜା ପୁଣି ଆସି ବିଛଣାରେ ଗଡପଡ ହେଲା । ନୂଆ ଜାଗାରେ ନିଦ ଏମିତି ହିଁ ମଝିରେ ମଝିରେ ଭାଙ୍ଗିଯାଏ । ବିଛଣାରେ ଗଡପଡ ହେଉହେଉ ପୁଣି ନିଦ ଆସିଗଲା ।

ISSN NO.
2582-208X

ଏବେ ଯେତେବେଳେ ତନୁଜାର ନିଦ ଭାଙ୍ଗିଲା, ସେତେବେଳକୁ ସମସ୍ତେ ଉଠିସାରିଥିଲେ । ପ୍ରକାଶ ଉଠି, ନିତ୍ୟକର୍ମ ସାରି, ବାକ୍ସପତ୍ର ସଜାଡି ଯିବାକୁ ପ୍ରସ୍ତୁତ ହୋଇ ରହିଥିଲେ । କୋଠରି ବାହାରୁ ସୋନି, ବ୍ରାୟାନ୍ ଓ ଆଦିଙ୍କର କଥାବାର୍ତ୍ତା ଓ ବୁଲୁଥିବାର ଶବ୍ଦ ଆସୁଥିଲା। ପ୍ରକାଶ କୋଠରି ଭିତରକୁ ଆଦିକୁ ଧରି ଆସିଲେ ଓ ଆଦିକୁ କହିଲେ, "ଏବେ ଆଇକୁ ଗୁଡ୍ ମର୍ଣ୍ଣିଙ୍ଗ୍ କହି ଉଠା ।' ଆଦି ଆସି ତନୁଜା ଉପରେ ଚଢିଲା ଓ ତନୁଜା ତାକୁ ଟିକେ ଗେଲ କରି ଉଠିବସିଲା । ସେଲ୍ ଫୋନ୍ ପାଖ ଟେବୁଲ୍ ରେ ଥିଲା । ତାକୁ ଚେକ୍ କରି ଦେଖିବାବେଳକୁ ୬ଟା ୪୫ ମିନିଟ୍ । ଏବେ ସିଏ ସିଧା ଉଠିଲା ଓ ନିତ୍ୟକର୍ମ ସାରି ଗାଧୋଇବାକୁ ଯିବାକୁ ପ୍ରସ୍ତୁତି କଲା । ପ୍ରକାଶଙ୍କୁ କହିଲା, "ତମେ ଯଦି ବାହାରକୁ ଯାଉଛ ତ ଯାଅ । ମୁଁ କବାଟ ଦେବି । ଗାଧୋଇ ସାରି ପ୍ରସ୍ତୁତ ହୋଇସାରିଲା ପରେ କବାଟ ଖୋଲିବି ।'

ପ୍ରକାଶ ଆଦିକୁ ନେଇ ବାହାରକୁ ଚାଲିଗଲେ । କୋଠରିର କବାଟ ବନ୍ଦ କରି ତନୁଜା ଗାଧୁଆଘରକୁ ଯାଇ ଗାଧୁଆ ସାରିଲା । ଭଲ ଗରମ ପାଣି ଆସୁଥିଲା । ନୌକାଟିରେ ଏତେ ସୁବିଧା ଦେଖି ତନୁଜା ବହୁତ ଖୁସି ହେଉଥିଲା ।

ତନୁଜା ପ୍ରସ୍ତୁତ ହୋଇ କୋଠରି ଭିତରୁ ବାହାରିବା ପରେ, ବ୍ରେକ୍‌ଫାଷ୍ଟ୍ ପ୍ରସ୍ତୁତ ହୋଇ ରହିଥିଲା । ଇଡ଼ିଲି, ସମ୍ବର, ଚଟଣୀ ସହିତ ବ୍ରେଡ୍ ଟୋଷ୍ଟ ଓ ଫଳ ମଧ୍ୟ ଥିଲା । ବ୍ରେକ୍‌ଫାଷ୍ଟ୍ ପରେ ନୌକାର ରୋଷେଇଆ ଗରମ ଚାହା ନେଇ ଆସିଲେ ଓ ଆଦି ପାଇଁ ଉଷୁମ କ୍ଷୀର ମଧ୍ୟ ଆଣିଦେଲେ । ସମସ୍ତେ ଭଲରେ ବ୍ରେକ୍‌ଫାଷ୍ଟ୍ ସାରି ନିଜନିଜର ବାକ୍ସ ଓ ଅନ୍ୟାନ୍ୟ ଜିନିଷପତ୍ର ସଜାଡିବାକୁ ନିଜନିଜର କୋଠରିକୁ ଗଲେ ।

ଏହି ସମୟରେ ନୌକାଟି ପୁଣି ଗତିଶୀଳ ହେଲା ଓ ଜଳରାଶିର ମଧ୍ୟସ୍ଥଳୀକୁ ଆସିଲା । ବିଦାୟ ପୂର୍ବରୁ ଏଇଟା ସେମାନଙ୍କର ନୌକାଗୃହରେ ଶେଷ ନୌକାବିହାର ।

ISSN NO.
2582-208X

ତନୁଜା ନିଜ ମତ ରଖିଲା, "ଯାହା ବି ହେଉ, ସୋନିକୁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ । ତାର ଜିଦ୍ ପାଇଁ ଆମେ କେରଳ ଆସିବାକୁ ଦୃଢ ହୋଇ ନିଷ୍ପତ୍ତି ନେଲେ ଓ ଏ ନୌକାଘର ରହଣି ଓ ନୋକାବିହାର ସମ୍ଭବ ହୋଇପାରିଲା ।'

ଗଲା କିଛିଦିନ ଧରି କେରଳରେ କୋଭିଡ୍ ବ୍ୟାପୁଛି ବୋଲି ଓଡିଶାର ଖବରକାଗଜ ମାନଙ୍କରେ ବାହାରୁଥିଲା ।
ସେଥିପାଇଁ ସେମାନେ କେରଳ ଯିବେ ନା ଯିବା ସ୍ଥଗିତ କରିବେ, ସେ ବିଷୟରେ ଦୋଦୋପାଞ୍ଚ ଥିଲେ । ଯେହେତୁ ସାଙ୍ଗରେ ଛୋଟପିଲାଟିଏ ଥିଲା, ସେ ନେଇ ଅଧିକ ଚିନ୍ତା ଥିଲା । କିନ୍ତୁ ସୋନି ଜିଦ୍ କରି ଦୃଢ ରହିଲା । ସମସ୍ତେ ତ ଡିସେମ୍ବରରେ କୋଭିଡ୍ ଟୀକା ନେଇଥିଲେ । ତେଣୁ ସାହସ କରି, କୋଭିଡ୍ ପାଇଁ ମୁଖାବରଣ ଓ ସାନିଟାଇଜର୍ ସବୁ ଭର୍ତ୍ତି କରି ଜାନୁୟାରୀ ଦୁଇ ତାରିଖରେ ସେମାନେ ସମସ୍ତେ ଭୁବନେଶ୍ୱର ବିମାନ ବନ୍ଦରରୁ କେରଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ।

ତା' ଛଡା ଆଉ ଗୋଟିଏ କାରଣ ଥିଲା ତନୁଜା ଓ ପ୍ରକାଶଙ୍କ ମନୋବୃତ୍ତି । ଏତେ ବୟସ୍କ ହେଲେ ମଧ୍ୟ, ନିଜ ପାଇଁ କିଛି ଗୋଟିଏ ଅଧିକ ଖର୍ଚ୍ଚ କରିଦେବାକୁ ସେମାନେ କେବେବି ସହଜ ହୋଇପାରନ୍ତନି । "ହାଁ, ଏ ଶାଢୀଟା କୋଡିଏ ହଜାର ଟଙ୍କା । ନା, ନା, ଏ ଶାଢୀ ମୁଁ କିଣିବିନି । କେତେଥର ଅବା ପିନ୍ଧିବି ? ସେଥିପାଇଁ କୋଡିଏ ହଜାର ଟଙ୍କା ଦେବି ?' ଝିଅ ମାନେ ବୁଝାନ୍ତି । "ପାପା, ମାମା, ଟିକେ ନିଜ ପାଇଁ କେବେ ଖୁସି ଦେଖ । ଯଦି ଶାଢୀଟା ତମକୁ ପସନ୍ଦ ଆସୁଛି ଓ ତମ ଦେହକୁ ମାନୁଛି ତ କିଣ ? ଅର୍ଥ ସଞ୍ଚୟ କରି ଲାଭ କଣ ? ଯଦି ସେ ଅର୍ଥରେ ନିଜ ପାଇଁ ଟିକେ ଖୁସି ଆଣିପାରୁନ ।'

"ଅଧିକ ଦାମ୍‌ର ପୋଷାକ, ଶାଢୀ, ଗହଣା କଣ ଖୁସି ଆଣି ଦିଏ ? ବରଂ ମନକୁ ଆବଦ୍ଧ କରି ରଖେ । କେତେବେଳେ ଗହଣା କୋଉଠି ହଜିଯିବ କି ? କିଏ ଚୋରି କରିନେବ କି ? ଶାଢୀରେ ଖାଇବା ବେଳେ କିଛି ପଡିଯିବ କି ? କୋଉଠି କଣ ଲାଗିକି ଚିରିଯିବ କି ?'

ISSN NO.
2582-208X

"ତାହେଲେ ତମେ କଣ ଭଲପାଅ ।'

"ମତେ ବୁଲାବୁଲି କରି ପୃଥିବୀର ସ୍ଥାନ ସବୁ ଦେଖିବାକୁ, ଆବିଷ୍କାର କରିବାକୁ ଭଲଲାଗେ । ସୌଭାଗ୍ୟ ବଶତଃ ମୋ କାମରୁ ମତେ ଅନେକ ଦେଶ ବୁଲିବାର ସୁଯୋଗ ମିଳିଛି, ଅନେକ ସଂସ୍କୃତି ବିଷୟରେ ଜାଣିବାର ସୁଯୋଗ ମିଳିଛି । ହେଲେ ନିଜ ଖର୍ଚ୍ଚରେ ଯିବାକୁ ସାହସ ହୁଏନି । ଏତେ ଖର୍ଚ୍ଚ ? ବିମାନରେ ଯିବାର ଖର୍ଚ୍ଚ, ହୋଟେଲ୍ ରେ ରହିବାର ଖର୍ଚ୍ଚ, ଖାଇବାର ଖର୍ଚ୍ଚ ଓ ଟ୍ୟାକ୍ସିରେ ବୁଲାବୁଲି କରିବାର ଖର୍ଚ୍ଚ । କଣ କମ୍ ହେଲାଣି ?' - ତନୁଜା ନିଜ ବିଷୟରେ ଜଣେଇଥିଲା ।

ଏବେ ସେଇ ପିଲାମାନେ ସବୁ ନେତୃତ୍ୱ ନେଉଛନ୍ତି । ସେମାନଙ୍କ ପାଇଁ ଫାଦର୍ସ ଡେ, ମଦର୍ସ ଡେରେ ଉପହାର ସ୍ୱରୂପ ବ୍ରୋଡ୍ ୱେ ରେ ଶୋ ଦେଖିବା ପାଇଁ ଟିକେଟ୍ କିଣି ଦେଉଛନ୍ତି । ସେସବୁ ଖର୍ଚ୍ଚ କରିବାପାଇଁ ପ୍ରକାଶ ଓ ତନୁଜା ନିଜେ କେବେ ପସନ୍ଦ କରିନଥାନ୍ତେ । କହିଥାନ୍ତେ, "ଜଣକ ପିଛା ଦେଢଶହ, ଦୁଇଶହ ଡଲାର୍ ଟିକେଟ୍ ଦେଇ ଆମେ ଶୋ ଦେଖିବାକୁ ଯିବୁ ? ଥାଉ ।'

ସେଇଭଳି ଯୋଜନା କରି ସୋନି ଜିଦ୍ ଧରି ବସିଥିଲା, "ମୁଁ ଏବେ ଭାରତ ଗଲେ, ଆମେ ସବୁ କେରଳ ଯିବା ।'

ଝିଅ, ଜୁଆଇଁକୁ ଖୁସି କରିବାକୁ ପ୍ରକାଶ ଓ ତନୁଜା "ହ' ଭରିଥିଲେ । ତା' ସହିତ ନାତି ସହିତ ବି ନୂଆ ଅନୁଭୂତି ସୃଷ୍ଟି କରିବାର ଇଚ୍ଛା ।

ସେଥିପାଇଁ ସବୁ ଖର୍ଚ୍ଚକୁ ସ୍ୱୀକାର କରିନେଇଥିଲେ । ଅବଶ୍ୟ କୋଭିଡ୍ ସମୟର ଅଭିଜ୍ଞତା ପରେପରେ ସେମାନେ ନିଜ ପାଇଁ ଖର୍ଚ୍ଚ କରିବାରେ ଟିକେ ମୁକ୍ତ ହସ୍ତ ହେଉଥିଲେ, ତେବେ

ISSN NO.
2582-208X

ସଂପୂର୍ଣ୍ଣ ରୂପେ ନୁହେଁ । ହେଲେ ସୋନିର ଅନୁରୋଧ ଓ ଜିଦ୍ ନିକଟରେ ହାର ମାନିଥିଲେ। ସ୍ରଷ୍ଟା ସୃଷ୍ଟିର କ୍ରୀତଦାସ । ସୃଷ୍ଟିକୁ ଖୁସି ରଖିବାରେ ସ୍ରଷ୍ଟା କେବେବି କାର୍ପଣ୍ୟ କରେନି ।

ସେମିତି ହିଁ ହେଲା । ସମସ୍ତେ କେରଳ ଭ୍ରମଣ କଲେ । ଆଉ ନୌକାଘରେ ରାତି ବିତାଇବାର ଅନୁଭୂତି ସହିତ ନୌକାବିହାରର ଏକ ଅବର୍ଣ୍ଣନୀୟ ସ୍ମୃତି ସର୍ଜନା କଲେ ।

ଏସବୁ ଭାବି ପ୍ରକାଶ କହିଲେ, "ହଁ ସୋନି, ଏ ନୌକାଘରର ଅନୁଭୂତି ତତେ ହିଁ ଅର୍ପଣ କରାଯିବା ଉଚିତ ।'

ସୋନି କହି ପକେଇଲା, "ହେଲେ ତମେ ତ ସବୁ ଖର୍ଚ୍ଚ କଲ ।'

ତନୁଜା ସୋନିର କାନ୍ଧ ଥାପୁଡାଇ ତାକୁ ନୀରବରେ ପ୍ରଶଂସା ଜଣେଇଲା ଓ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲା । ଏହି ସମୟରେ ପ୍ରକାଶଙ୍କ ଫୋନ୍ ମାଧ୍ୟମରେ ଡ୍ରାଇଭର୍ ଆସି ପହଞ୍ଚି ଯାଇଛି ବୋଲି ବାର୍ତ୍ତା ପହଞ୍ଚିଲା ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ପ୍ରେମ ସ୍ୱାଗତିକା



ଅଳକା ମହାନ୍ତ

ଶୀତ ଅୟନାନ୍ତେ ବସନ୍ତ ପ୍ରବେଶ
ପୁଲକିତ ହୁଏ ଧରା,
ପ୍ରେମ ଋତୁ ର ସେ ମଳୟ ପରଶେ
ଯଉବନ ମଧୁଝରା।

ସୁବର୍ଣ୍ଣ ଯୁଗର ଆଗମନ ପ୍ରାୟେ
ସ୍ୱାଗତ କୋକିଳ ଗାଏ,
ବକୁଳ ବନର ଅପୂର୍ବ କାନ୍ତି
ପ୍ରେମ ମନ୍ଦାକିନୀ ପ୍ରୟେ।

ଭିନ୍ନ ଭିନ୍ନ ପୁଷ୍ପ ପ୍ରଫୁଟିତ ହୁଏ
ବସନ୍ତ ସ୍ୱାଗତିକା ରେ,
ରାଧା କୃଷ୍ଣଙ୍କର ଶାଶ୍ୱତ ପ୍ରେମ
ଫଗୁ ଖେଳେ ଏ ଧାମରେ।

ISSN NO.
2582-208X

ରାସ କେଳି ସାଥେ ମୁରଲୀ ର ସ୍ୱନ
ହୃଦୟେ ଜାଗ୍ରତ ପ୍ରୀତି,
ଅତି ମନୋରମ ସେ ଦୃଶ୍ୟ ଧାରାରେ
ମନେ ଜାଗେ କେତେ ସ୍ମୃତି ।

ସୁଦିନ ଆସିଛି ପ୍ରେମ ପ୍ରୀତି ସାଥେ
ସୁଖ, ସମୃଦ୍ଧି ନେଇ,
ଅନ୍ତର ନାହିଁ ପ୍ରଦୋଷ ଗୋଧୂଳି
ଧରଣୀ ଅମୃତମୟୀ ।

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# ଅହମିକା



ଡ. ଶକୁନ୍ତଳା ଗୁପ୍ତା

ତୁ ଜାଣିନୁ ମୋ ଠିକଣା
ମୁଁ ବି ପଚାରିନି ତୁ କେଉଁଠି ରହୁ,
ଏମିତି ତ ଆଜିକାଲି ମନ ଦିଆନିଆ

ବାହୁଙ୍ଗାଟିଏ ଝଡ଼ରେ ପଡ଼ିଲା ଯେହେତୁ
କେହି ନା କେହି ଘୋଷାରି ନେବା ଥୟ
ସେ ତୋର ନ ହେଲେ ଆଉ ଏକ ହାତ
ତାପରେ କଥା ହେବ, ହରିବଂଶ ରାମାୟଣ ଭାଗବତ ।

ଆମେ କାଳେ ବଞ୍ଚିଛେ
ଦେଖିବା ପାଇଁ ଅହମିକାର ରଣ ଭୂଇଁ
ସେମାନେ ଦଳିବେ ମାରିବେ ନିରୀହ ପ୍ରେମକୁ
ଶୁଣାଣି ହେବ ସଜାଏ ମୌତ୍ !
ତଥାପି ଆମେ ଉତୁରିବା ନାହିଁ ରଥବିମାନ ଉପରୁ
ଭୋଗିବାକୁ ରକ୍ତ ମାଂସରେ ପ୍ରେମର ପୀଡ଼ନ
ହାଡ଼ମଞ୍ଜା ଯାଏଁ ପହଞ୍ଚି ପାରିବ ନାହିଁ
ତିଳେହେଁ କଷଣ

ISSN NO.
2582-208X

ଆମେ କଣ ବା ସଞ୍ଚି ଚାଲିଛେ , ଆଉ କାହା ପାଇଁ ?
ଏକ ବୃହତ୍ ବାକ୍ସ ଭିତରେ ଦୁଇଟି ବିନ୍ଦୁ ପରି
ନକଲି ଆଖି ନେଇ ଏମିତି ଘୁରିବୁଲୁ ଦୁହିଁଙ୍କର ଜୀବନ!

ଆମେ ଥରେ ମଧ୍ୟ ବାହାରିବା ନାହିଁ ଆମ
ଖୋଳପା ଭିତରୁ
ଅନ୍ତତଃ ଦୁଇଘଡ଼ି ପାଇଁ ଭୁଲିପାରିବାନି ଆମ ଗଳାରେ ଝୁଲୁଥିବା
ଏ ମିଥ୍ୟା ପରିଚୟକୁ
କୋଟିଏ ଯୁଗ ଗୋଟିଏ ଦିନ ହେଉ ପଛେ
ଅନ୍ଧାର ଘୋଟିଯାଉ ଆକାଶେ ବା ପୃଥିବୀ ପୃଷ୍ଠରେ
ବା ତ୍ରିଭୂବନେ
କେହି କାହାରିକୁ ନ ଦିଅନ୍ତୁ ଉତ୍ତରବଚନ !

ଯେଉଁ ଆଲିଙ୍ଗନରେ ଥରି ଥାଆନ୍ତା ପ୍ରତି ପ୍ରତୀକଯାକ
ଖାଲି ହାତରେ ଫେରି ଯାଉ ସେ ଇପ୍ସିତ ଆଲିଙ୍ଗନ !
ତୁ କହ,
ଆମ ଆଖି ସତରେ କଣ ଆମ ପାଖେ ଅଛି ?

ରାଉରକେଲା

ISSN NO.
2582-208X

# ପ୍ରଶ୍ନ ଈଶ୍ୱରଙ୍କୁ !



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

ଯଦି ତୁମେ ସ୍ରଷ୍ଟା
ଯଦି ତୁମେ ସୃଷ୍ଟି
ତେବେ ସବୁ ପୁଣ୍ୟ-ମଙ୍ଗଳରେ
ସତ୍ୟ-ନ୍ୟାୟରେ
ପ୍ରେମ-ବିଶ୍ୱାସରେ
କେବଳ ତୁମ ପ୍ରଶଂସା କାହିଁକି ?
ତୁମ ନାମ କାହିଁକି ?

ଅଶୁଭ ଆଉ ଅମଙ୍ଗଳ
ଅସତ୍ୟ ଆଉ ଅନ୍ୟାୟ
ପାପ ଆଉ ଅଧର୍ମ
ଦୁଃଖ ଆଉ ଯନ୍ତ୍ରଣା
ସବୁ ତ ତୁମରି ଦାନ ...
ତେବେ ତୁମକୁ କେବଳ ବାଃ ବାଃ କାହିଁକି ?
ତୁମକୁ ନିନ୍ଦା ମଧ୍ୟ କରାଯିବା ଉଚିତ
ଆଉ ମୁଁ କରିବି ମଧ୍ୟ ...

ISSN NO.
2582-208X

ଯଦି ତୁମକୁ ନିନ୍ଦା କରି
ମୁଁ ପାପର ଭାଗିଦାର ହୁଏ
ତେବେ ମୁଁ ସ୍ୱୀକାର କରିବି
ଏ ପୁଣ୍ୟ, ଧର୍ମ, ସତ୍ୟ ବାଟରେ ଚାଲି
କ'ଣ ବା ମିଳିଛି ???
କ'ଣ ଏଇ ପୁଳା ପୁଳା ଦୁଃଖ
ଆଉ ଯନ୍ତ୍ରଣା ଦେଇ
ତୁମେ ଭାବୁଛ ହେବଯିବ ସର୍ବଶ୍ରେଷ୍ଠ ?
ନା ... କେବେ ନୁହେଁ

ହଁ ହେଇପାର ତୁମେ କାହା ପାଇଁ
ଦୟାର ସାଗର
ହେଲେ ମୋ ପାଇଁ ତୁମେ ନିଷ୍ଠୁର ଆଉ ପଥର ...

ହେ ! ପରମ ଈଶ୍ୱର !
କହି ପାରିବ ତୁମେ ...
ତୁମେ କି ଈଶ୍ୱର ???

ଅତିଥି ଅଧ୍ୟାପିକା , ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଏଣ୍ଟୁଅ



ଆଶୁତୋଷ ମେହେର

ନିଜର ମୁହଁ ଦେଖିବାପାଇଁ..ଯାହାକୁ ଦର୍ପଣ ଭାବି ତା ଆଗରେ ସେ ଠିଆ ହେଲା, ସେଇଟା ଦର୍ପଣ ନ ଥିଲା, ଥିଲା ଗୋଟାଏ ସ୍ୱଚ୍ଛ ପାରଦର୍ଶୀ କାଚର ବଡ ଝରକାଟିଏ, ସହରର ସବୁଠୁଁ ବଡ ଇନ୍ଦ୍ରଧନୁ ମଲ୍ ଦୋକାନ ଘର ର । ଝରକା ଦେଇ ଆର ପଟରେ ଘଟୁଥିବା ଘଟଣା ସବୁ, ତାକୁ ଫଟିକ୍ ଦେଖାଯାଉଥିଲା। ଆରପଟରେ ହାଉଯାଉ ହେଉ ଥିଲେ କିଛି ମଣିଷ, କଣ ସବୁ ଜିନିଷ ପତ୍ର କିଣିଥୁଲେ। କିଛ ଲୋକ ତାଙ୍କ ଭିତରୁ, ଜିନିଷ ପତ୍ରକୁ ହାତକୁ ନେଉଥିଲେ, ପରଖୁଥିଲେ ଆଉ ରଖିଦେଉଥିଲେ.. ଦରକାର ହେବନି ବୋଲି ଭାବି ।

ଏ ସଂସାରର ମଣିଷ ଗୁଡା ଏଇମିତି। ନିଜ ଦରକାରି ଜିନିଷ କିଣନ୍ତି..ତାକୁ ଇସ୍ତମାଲ୍ କରନ୍ତି..... ତା ପରେ ଡଷ୍ଟବିନ୍ ରେ ଫିଙ୍ଗନ୍ତି। ଏ ସଂସାର ଅଧିକାଂଶ ମଣିଷ ଏଇମିତି ସ୍ୱାର୍ଥପର....ନିଜ ମତଲବ ସରିଲେ ମୁହଁ ମୋଡନ୍ତି । ଛାଡ ସେ କଥା। ସେ ନିଜେ ତ ଭୁକ୍ତଭୋଗୀ, କାହାକୁ ପଚାରିବା କଣ ଦରକାର ??

ମାଖନୁ ଦେଖିଲା ତା ପଟକୁ ପୋଲିସ୍ କନେଷ୍ଟବଲ ଜଣକ ଆସୁଛନ୍ତି ବୋଧେ। ମୁହଁ ମୋଡି କାଚଝରକାର ପଛପଟ କୋଣକୁ ବୁଲିଗଲା। ସନ୍ଦେହ, ତାକୁ ପୋଲିସ୍ ଖୋଜିବା ଆରମ୍ଭ କରିଦେଇଛି ? ହୋଇପାରେ ନହୋଇପାରେ ମଧ୍ୟ।

ISSN NO.
2582-208X

କନେଷ୍ଟବଲ ଟା ସିଧା ଚାଲିଗଲା। ସଫିଂ ମଲରେ ସବୁ ଦିନିଆଁ ସଂଧ୍ୟାକାଳୀନ ଡ୍ୟୁଟିରେ ଅଛି ଯାହା ଜଣାପଡୁଛି । ଟିକିଏ ସହଜ ହୋଇ ନିଜକୁ ସଳଖାଇଲା ମାଖନୁ ।

ଦୁଇପହର ଖାନାକୁ ତିନି ଚାରି ଘଣ୍ଟା ବିତିଲାଣି। ପେଟରେ ସାମାନ୍ୟ ଭୋକ ରୁଗ୍ ରୁଗ୍ କଲାଣି। ଆଗ ପଟେ ଥିବା ଫାଷ୍ଟଫୁଡ୍ ଦୋକାନକୁ ପଶି, ଗୋଟାଏ ଖାଲି ଟେବୁଲ ରେ ବସି, ବୟକୁ ଆର୍ଡର କଲା ଅଧପ୍ଲେଟ୍ ଭେଜ୍ ଚାଉମିନ ଆଉ ଗରମ୍ ଗରମ୍ କଫି ଆଣିବାକୁ ।

ଆଖି ପଡିଲା ସାମ୍ନା କାନ୍ଥରେ ଥିବା ଟେଲିଭିଜନରେ ଚାଲିଛି ସଦ୍ୟ ସରିଥିବା ନିର୍ବାଚନର ଖବର। ସେ କର୍ମୀ ଭାବରେ କାମ କରିଥିବା ସୁଖବାସୀ ଦଳର ହୋଇଛି ବିପୁଳ ବିଜୟ। ତା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଶ୍ରୀ ପରିଚୟ ସାମନ୍ତ ବିଜୟୀ ହୋଇଛନ୍ତି। ଖବର କହୁଛି ଆସନ୍ତା କାଲିର ନୂଆଁ ମନ୍ତ୍ରୀମଣ୍ଡଳରେ ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ବି ମିଳିପାରେ ।

ଏଇ ସେ, ସାମନ୍ତ ମହାଶୟଙ୍କ ଯାହାଙ୍କ ପାଇଁ ଗାଁ ଘର ଦ୍ୱାର ଛାଡି ସହରରେ ପଡିରହିଥିଲା ଗତ ଦୁଇତିନି ମାସ ଧରି…ତାଙ୍କ ସପକ୍ଷରେ ପ୍ରଚାର କରିବାକୁ। ପ୍ରାର୍ଥୀ ଚୟନ ଠାରୁ ଦଳର ଟିକଟ ହାସଲ ପାଇଁ….ପ୍ରାର୍ଥୀ ପତ୍ର ଦାଖଲ ବେଳେ ପ୍ରୋସେସନ୍ କରିବା ଆଉ ଗାଁଗଣ୍ଡା ଗଳିକନ୍ଦି ବୁଲିବୁଲି ପ୍ରଚାରରେ ମାତି ତାଙ୍କୁ ଜିତାଇବାର ଖେଳ ସେ ଖେଳିଛି। ଯେଉଁଠି ଯାହା ମିଳୁଥିଲା ସେଇତକ ଖାଇ….ଉପର ତଳ ଯେଉଁଠି ଜାଗା ମାଳିଲା ରାତି ଟା କାଟି …ଦିନରାତି ସମାନ କରିଥିଲା ସେ ଅନ୍ୟ କର୍ମୀଙ୍କ ସହ। ହେଲେ ନିର୍ବାଚନ ପ୍ରଚାରର ଶେଷ ଦିନରେ ସେ ଯେଉଁ ଭୁଲ କଲା ସେଇଥି ପାଇଁ ତା'ର ଏ ଅବସ୍ଥା । ଫେରାର୍ ଆସାମୀ ପାଲଟିଛି ସେ ଆଜି। ତା' ନାଁ ରେ ପୋଲିସ୍ ର ୱାରେଣ୍ଟ ବାହାରିଛି, ଗିରଫ କରିବା ପାଇଁ!!

ପରେ ପରେ ସେ ବୁଝିପାରିଛି ଭୁଲ ଥିଲା ତା ନିଜରି। ପର ର ଉସକା କଥାରେ ବିନା ଲାଭ କ୍ଷତି ବିଚାରି, ମନ ଉଦ୍ମାଦନାରେ, ଗଣ୍ଡଗୋଳ ସୂତ୍ରପାତ କରିଥିଲେ ତା କର୍ମୀଗୋଷ୍ଠୀ ବିରୋଧୀଙ୍କ ସଭାକାର୍ଯ୍ୟ ଚାଲିଥିଲାବେଳେ। ସେଇ ସୁଯୋଗ ନେଇ ସେ ତଳୁ ଉଠାଇ

ISSN NO.
2582-208X

ଛାଟିଥିଲା ବଡ ପଥର ଗୋଡିଟା ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଯିଏ ଭାଷଣ ଦେଉଥିଲେ ମଞ୍ଚ ଉପରୁ। ମୁହୂର୍ତ୍ତ ଭିତରେ ସେଇଟା ଯାଇ ବାଜିଥିଲା ତାଙ୍କ ନାକ ଉପରେ ଆଉ ଝରିଯାଇଥିଲା ରକ୍ତ ଧାରଧାର। ହୋହଲ୍ଲା ମଚିଯାଇଥିଲା ସବୁଆଡେ। ସୁଯୋଗ ପାଇ ଚୁପଚାପ୍ ଖସିଯାଇଥିଲା ନିଜେ।

ଗଡବିଜୟ କଲା ପରି ଧାରଣା ନେଇ ନିଜ ପ୍ରାର୍ଥୀଙ୍କ କେମ୍ପରେ ପହଞ୍ଚିଲା ପରେ ବୁଝିଲା, ସେ ଯେମିତି ଏକଦମ୍ ଅଲୋଡା ହୋଇଯାଇଛି, ସତେ ଅବା ଜଣେ ଅଜଣା ଚରିତ୍ର ସମସ୍ତଙ୍କ ଆଖିରେ। ପ୍ରାର୍ଥୀ ଶ୍ରୀ ପରିଚୟ ବାବୁ ବି ନିଜ ଧୋବ୍ ଫରଫର୍ କୁର୍ତ୍ତାରୁ ଧୂଳି ଝାଡିଲା ପରି କହିଥିଲେ....ଖାଲି ହୋହଲ୍ଲା କରି ଗଣ୍ଡଗୋଳ କରି ବିରୋଧୀଙ୍କ ସଭା ଭଣ୍ଡୁର ପାଇଁ ତାଙ୍କ ଆଦେଶ ଥିଲା... ପଥର ମାରି କାହା ନାକ ଫଟାଇବାକୁ ନୁହେଁ। ନିର୍ବାଚନ ସମୟ ନିର୍ବାଚନ କମିଶନଙ୍କ ହାତରେ ପୋଲିସ୍ ପାଓ୍ଵାରଫୁଲ୍....ଓ୍ଵାରେଣ୍ଟ ବାହାରି ସାରିଛି। ତା ପରେ ଆଉ ଦୁଇ ଦିନ ପରେ ନିର୍ବାଚନ... ପାଞ୍ଚ ଦିନରେ ଫଳାଫଳ। ତାଙ୍କ ଜିତିବା ସମ୍ଭାବନା ବହୁତ ବେଶୀ। ସେ ରିକ୍ସ୍ ନେଇ ପାରିବେନି ଏ ସମୟରେ। ପୋଲିସ ଉପରେ ତା ପାଇଁ ଚାପ ଦେଇପାରିବେନି। ତେଣୁ, ତାଙ୍କ କେମ୍ପ ଯଥାଶୀଘ୍ର ଛାଡି ନିଜର ସୁରକ୍ଷା ବ୍ୟବସ୍ଥା ନିଜେ କରୁ। ଫେରାର୍ ରହୁ ଆସନ୍ତା ମାସଟେ। ସରକାର ବନିଲା ପରେ ଯାହାକିଛି ଦେଖିବା।

ଆଉ ସେ ପରିପେକ୍ଷୀରେ..ଧୋକାଖାଇ.ପ୍ରତାରିତ ହୋଇ ଏଇ ସାତ ଆଠ ଦିନ ହେଲା ସେ ଘୁରିବୁଲୁଛି ବାରଦ୍ଵାର ଶୁଣ୍ଢୀପିଣ୍ଢା ହୋଇ । ଆଉ ଏବେ ବସିଛି ମଲ୍ ର ଫାଷ୍ଟଫୁଡ୍ ଦୋକାନରେ ପେଟର ଭୋକ ମେଟାଇବାକୁ।

..."..ସାର୍ ଆପଣଙ୍କ ଭେଜ୍ ଚାଉମିନ୍...ଖାଇ ନିଅନ୍ତୁ। ଟିକେ ଛାଡିକିନା କଫି ଆଣିଦେବି। ଗରମ ଗରମ ଭଲ ଲାଗିବ....ଏଇ ଯେମିତି ଗରମା ଗରମ ନ୍ୟୁଜ୍ ଆସୁଛି ଏଇ ଟେଲିଭିଜନ୍ ରୁ। ହେଲେ ଆଉ ପଦେ କଥା କହିବି ଯଦି ଅନୁମତି ଦେବେ।"

ISSN NO.
2582-208X

ପାଟିରେ ପ୍ରଥମ ଚାମଚ ଚାଉମିନ୍ ପୁରାଉ ପୁରାଉ ସେ କହିଲା...." ହଉ...କହ"

"...".ଆଜ୍ଞା, ଏ ନିର୍ବାଚନ ଲଢୁଥିବା ଲୋକ ଗୁଡାକ ନିଜକୁ ନେତା ବୋଲି କହନ୍ତିସିନା, ହେଲେ ମୋଟ ଭଲ ମଣିଷ ନୁହନ୍ତି ।"

".....କେମିତି ?"

...." ଏଇ ଦୁଇମାସ ତଳେ ମୋର ଗୋଟେ ସାଙ୍ଗ ଡାକିକରି କହିଲା, ଏ ହୋଟେଲ ଚାକିରୀ ଛାଡି ମୋ ସାଙ୍ଗରେ ଆସ..ଏବେ ନିର୍ବାଚନ ସମୟ....ପାର୍ଟିବାଲାଙ୍କ କର୍ମୀକାମ କରିବା। ଦିନକୁ ପାଞ୍ଚଶହ ଟଙ୍କା ସହ ଗାଡି ପାଇଁ ପେଟ୍ରୋଲ୍, ଖାଇବା ପିଇବା ଯାହାକୁ ଯେତେ ମୁଫତ୍। ହେଲେ ମୁଁ ତାକୁ ମନା କରି କହିଲି ଏ ହୋଟେଲରେ ଦିନକୁ ଶହେ ଟଙ୍କା ସହ ଖାଇବା ରହିବା ଫ୍ରି....ଶାନ୍ତିରେ ଅଛି। ନିଜ ପରିଶ୍ରମର ଫଳ ବହୁତ ମିଠା ଓ ମୂଲ୍ୟବାନ ...ପରର ବେଶୀ ଦାମି ଦୟା ଠାରୁ। ତା ପରେ ଗତ ପାଞ୍ଚ ବର୍ଷ ତଳେ ନିର୍ବାଚନରେ କର୍ମୀ କାମ କରି ପ୍ରତାରିତ ହୋଇ ମୋ ବଡଭାଇ ପୋଲିସ୍ ର ମାଡ ଖାଇଲା ଆଉ ଜେଲରେ ଦୁଇ ବର୍ଷ ରହି ଘରକୁ ଫେରିଥିଲା।ବଡ କଷ୍ଟକର ଦୁଃଖଦ ଅନୁଭୂତି ଆମ ପରିବାରରେ ଅଛି ଆଜ୍ଞା।"

ଚକିତ ହୋଇ ସବୁ ଶୁଣୁଥିଲା ମାଖନୁ ଭୋଇ ।

....."ଆପଣ ଖାଆନ୍ତୁ ଆଜ୍ଞା। ମୋ କଥା ଶୁଣି ଚାମଚ ଧରି ହାତ ଚାପି ବସିଗଲେ ଯେ!! ହଉ ଆପଣଙ୍କର କଫି ଆଣୁଛି ମୁଁ।"

କିଛି ସମୟ ପରେ, କଫି ରଖୁ ରଖୁ ବୟ୍ ପଚାରିଲା, "ଆଉ କିଛି ଦରକାର କି ବିଲ୍ ଆଣିବି, ଆଜ୍ଞା ?"

ISSN NO.
2582-208X

....."ବିଲ୍ ଘେନିଆସ। ହଁ ବିଲରେ କଷ୍ଟମର୍ ନାଁ ଲେଖିବ ....ସଂଗ୍ରାମ ଘଡଙ୍ଗୀ!!"

ବିଲ୍ ଉପରେ ସଂଗ୍ରାମ ଘଡଙ୍ଗୀ ର ନାଁ ଦେଖି ହସିଲା ମାଖନୁ। ଟି ସାର୍ଟ ଗଞ୍ଜି ଭିତରକୁ ହାତ ପୁରାଇଲା...ହାତରେ ବାଜିଲା ପଇତା। ଉଠିଲା, ଆଗ ବେସିନ୍ ରେ ହାତଧୋଇ ବାହାରକୁ ଯିବ।

ୱାସବେସିନ୍ ର ଦର୍ପଣରେ ନିଜ ମୁହଁ ଦେଖି ହଠାତ୍ ଚମକିଲା ସେ, ଏ କି ବିଚିତ୍ର ପରିବର୍ତ୍ତନ? ଏ କଣ ସେ ନିଜେ..ଗାଁ ର ଚାଷୀ ମାଖନୁ ଭୋଇ ନା ଆଉ ଜଣେ କିଏ?? ଗତ ଦୁଇ ମାସରେ ମୁହଁରେ ଦାଢ଼ୀ ବଢ଼ିଯାଇଛି ଯଥେଷ୍ଟ ଆକାରରେ। ଖାଇବାପିଇବା, ବସାଉଠାରେ ଅନିୟମିତା, ଟିକେ ବେଶୀ ପରିଶ୍ରମ ଓ ପରେ ପରେ ଏଇ ଦୁଃଖଦ ଘଟଣା ର ବିଷାଦରେ ଶୁଖି ଯାଇଛି ମୁହଁ। ପଶି ଯାଇଛି ଆଖି ଦୁଇଟା କୋରଡ ଭିତରକୁ। ଜୀବନ ରେ ଏଇ ସଦ୍ୟ ଘଟିଯାଇଥିବା ଘଟଣା ସବୁର ଦୁଃଖଭରା କଥା ଲେଖୁ ଲେଖୁ ସେ ନିଜେ ଯେମିତି ପାଲଟି ଯାଇଛି ଗପ ଭିତରର ମୁଖ୍ୟ ଖଳନାୟକ ଟି'ଏ !!

ଆଜ୍ଞା ଆପଣଙ୍କ ପରିଚୟ ?" ଗେଟ୍ ପାଖରେ କନେଷ୍ଟବଲ ଟା ବାଟ ଓଗାଳୁଥିଲା।

ବିଲ୍ ଟା ବଢ଼ାଇଦେଲା ମାଖନୁ ।

...."ଓହୋ.... ସଂଗ୍ରାମ ଷଡଙ୍ଗୀ। ହେଲେ ଏଇଟା ଚଳିବନି, ସରକାରୀ ଆଇ ଡି ପ୍ରୁଫ୍ ଦେଖାନ୍ତୁ।"

ପର୍ସ ଅଣ୍ଡାଳି ଆଧାର କାର୍ଡ ଟା ବାହାରକରି ବଢ଼ାଇ ଦେଲା ମାଖନୁ।

"ଠିକ୍ ଅଛି ସଂଗ୍ରାମ ବାବୁ। ଆପଣ ଯାଇପାରିବେ।"

ISSN NO.
2582-208X

ଆଧାରକାର୍ଡ ଟା ପର୍ସରେ ରଖିଲା ବେଳେ ମାଖନୁ ଭାବୁଥିଲା... ବଞ୍ଚିବା ପାଇଁ ସରୀସୃପ ଏଣ୍ଡୁଅ ରଙ୍ଗ ବଦଳାଇଥାଏ ତାକୁ ତ କେହି ଠକଟେ ବୋଲି ଧରନ୍ତି ନାହିଁ ...ତେଣୁ ସେ ଯଦି ଦୁଇଶହ ଟଙ୍କା ଦେଇ ଡୁପ୍ଲିକେଟ୍ ଆଧାରକାର୍ଡ ତିଆରି କରିଛି କେଉଁ ବିଚାରା ସଂଗ୍ରାମ ଷଡଙ୍ଗୀ ନାଁ ରେ ତେବେ ସେତ କାହାକୁ ଠକିଛି ବୋଲି ଧରାହେବା କଥା ନୁହେଁ !!!

ଏ ଦୁନିଆଁ ସାରା ସବୁ ମଣିଷ ଗୋଟାଏ ଗୋଟାଏ ଏଣ୍ଡୁଅ। ସୁବିଧା ସୁଯୋଗ ଦେଖି ସେମାନେ ରଙ୍ଗ ବଦଳାଇଥାନ୍ତି, କିଏ କମ୍ ତ କିଏ ଟିକିଏ ବେଶୀ !!

ଅନ୍ଧାର ରେ ମିଶିଯାଉଥିଲା ମାଖନୁ ଭୋଇ, କେଜାଣେ କେତେ ଦିନଧରି ସଂଗ୍ରାମ ଷଡଙ୍ଗୀ ର ରଙ୍ଗ ବୋଳା ମୁହଁ ଧରି ସେ ବାଟ ଚାଲିବ !!

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ତରଳା ପଥର



ମଧୁମିତା ମିଶ୍ର

ସିଏ ତ ପଥର ଥିଲା...
ନା ଲୁହ ନା କୋହ ନା ମୋହ...!!
ସବୁଥିରୁ ନିଷ୍ଠେ ବିରକ୍ତ ଥିଲା...!!
ହେଲେ ଏଇଟା ସତ ଯେ ସିଏ କୁଆଡେ
ତମକୁ ତରଲେଇ ଦେଇଥିଲା...!!

ପଥର କଣ ଜାଣିଲା... ?
ତମେ ତାକୁ ଛୁଇଁଦେଲ ବୋଲି... ?
ତା ତୁଚ୍ଛ ନାଁ ନେଇ କୁଆଡେ...
କେଉଟ ତମ ପାଦ ଧୋଇଦେଲା... ??

ପଥର କଣ ଦେଖିଲା... ?
ତମ ହୃଦୟ ନିସୃତ ମନ୍ଦାକିନୀକୁ... ??
ନା ସେ ଥରେ ପଚାରି ପାରିଲା...
ତା ପାଇଁ ତୁମ କରୁଣାର କାରଣ ସାରଣିକୁ... ??

ISSN NO.
2582-208X

ତଥାପି ତମ ପାଦ ଅଟକିଲା... ?
ଯେଉଁ ସ୍ପର୍ଶ ଏଯାଏଁ ଜନକ ନନ୍ଦିନୀ ପାଇ ନଥିଲେ...
ଯେଉଁ ସ୍ପର୍ଶ ପାଇଁ କୌଶଲ୍ୟା ଦଶରଥ ବ୍ୟାକୁଳ ଥିଲେ...
ସେହି ସ୍ପର୍ଶ ଫେରେ ଗୋଟେ ପଥର ପାଇଲା... ??

ପଥର ହେବାକୁ ହେଲେ କଣ କରିବାକୁ ହୁଏ... ?
ଜଣା ଅଜଣା ପାପଟିଏ ତ... ??
କଣ ଏତିକି ଯଥେଷ୍ଟ ତୁମ ଆଗମନ ପାଇଁ... ??
ମାପଦଣ୍ଡ ବାସ୍ କ୍ଷଣିକ ତ୍ରୁଟି ଟିକକ... ??

ଏତେ ପାପ ଭିତରେ କଣ ଏତିକି ପାପ ସାଉଁଟିବନି... ?
ପଥର ପରି ଲୁହ କୋହ ମୋହ ତ ଶୁଖିଗଲାଣି...
ଏବେ ବି କଣ ତମ ପାଦ ଅଟକି ଯିବନି... ??
ଦେଖ ଜୀବନ ପରା ନିଷ୍ପ୍ରାଣ ହୋଇ ସାରିଲାଣି...!!

ପଥର ଆଉ କଣ କି... ?
ମୋ ପରି ସବୁ ସହି ଚୁପ୍ ରହିଥିବା ବସ୍ତୁଟେ ତ... ??
ଘୁଞ୍ଚି ନପାରି ଘୁଂଚେଇ ନପାରିବାର ...
ଏକ ଅସହାୟ ଅଲୋଡା ସତ୍ତାଟେ ତ... ??

ଥରେ ଦେଖ ଏଇଠି ପଥରଟେ ପରା ପଡ଼ିଛି...
ପାଦ ଥୋଇଦେଇ ଯେ ଯା ବାଟେ ଆଗେଇ ଯାଉଛି...
ଏଇ ପଥର ଉପରେ ପାଦ ଥୋଇଦେଇ...
ଦେଖ ତମେ ତରକୁଛ ନା ଏଥର ବି ପଥର ତରଲୁଛି... ??

ଭୁବନେଶ୍ୱର

ISSN NO.
2582-208X

# ତରଳୁଛି ମେରୁ, କମୁଛି ଓଜୋନ୍ !



ଇଂ. ସୁଶାନ୍ତ କିଶୋର ବଳ

ସୁମେରୁ କୁମେରୁ ଉର୍ବୀର କିରୀଟ
ଯାହାଥିଲା ଗର୍ବ, ଗାମ୍ଭୀର୍ଯ୍ୟର ସୋପାନ.
ନାମ ଶୁଣିଦେଲେ ଥରୁଥିଲା ଛାତି
ଯାହା ତୁହିନେ ଆବୃତ ଚ଼ାଦରଘନ .

ଯୁଗଯୁଗର ଭାଂଗି ନୀଦ୍ରା କୁମ୍ଭକର୍ଣ
ଆଜି କଡ ଲେଉଟିବା କଲାଣି ଆରମ୍ଭ.
ବଢି ଗଲାଣି ଧରତୀରେ ଉତ୍ତାପ
ଉଚ୍ଚ ଆକାଶେ କମି ଆସିଲାଣି ଧିରେ
ଦୁଷ୍ପ୍ରାପ୍ୟ ବିରଳ 'ଓଜୋନ' ବାଷ୍ପ .
ଯାହା ବଂଚାଉଥିଲା ସାରା ଧରତୀକୁ,
ସୂର୍ଯ୍ୟରଶ୍ମୀରୁ ନୀର୍ଗତ ବିଷାଲୁ ତାପରୁ.
ଠିକ୍ କୃଷ୍ଣଂକୁ ଯେସନ ଘନବୃଷ୍ଟି ଆଉ
ଝଂଜା ତୋଫାନରୁ ରଖ୍ୟାକରିଥିଲା ସେଇ ସପ୍ତଫେଣୀ ବାସୁକୀସର୍ପ .

ISSN NO.
2582-208X

ହେଲେ ସେ ଶ୍ରୀକୃଷ୍ଣ ଥିଲେ ବାଳୁତଶିଶୁ ·
ପାରହେଉଥିଲେ ବେଗେ ଯମୁନାନଦୀ ·
ବଂଚିବାପାଇଁ ନୀଷ୍ଠୁରକଂସର ଦାଉରୁ
ହେଲେଏ ଚତୁରମାନବ ସବୁବୁଝି କରିବି
ରଚାଉଛନ୍ତି ଏ ବିଶ୍ୱେ ଧଂସଲୀଳା ·
ବୋମାଠାରୁ ନେଇ ଯେତେ ମାରଣାସ୍ତ୍ର
ସମୁଦ୍ର ଠୁଂ ନେଇ ପାତାଳ ଯାଏ
କରୁଛନ୍ତି ତାର ପରୀଖ୍ୟା ନୀରିଖ୍ୟା
ନୀର୍ଗତୀ ତହିଂରୁ ବିଷାକ୍ତ ଧୂମ୍ର ·
ହଲାଇ ମେଦିନୀ ଥରାଇ ବସୁଧା
ଭୂମିକମ୍ପ ପରି ପ୍ରକମ୍ପ ନାଦ ·
ବଦଳିଯାଉଛି ନଦୀର ଗତିପଥ
ସୃଷ୍ଟି ହେଉଅଛି ନୂଆନୂଆ ହ୍ରଦ ·
ବଢୁଛି ଜନସଂଖ୍ୟା କମୁଛି ଅମ୍ଳଜାନ
କମୁଛି ରଖ୍ୟାକାରୀ ଓଜୋନ୍ ର ସ୍ତର·
ବଢୁଛି ଉତ୍ତାପ ବଦଳୁଛି ମୌସୁମୀର
ସବୁଦିନିଆ ବାର୍ଷିକ ଗତିପଥ ·

ଯଦି ବାସ୍ତବେ ତରଳେ ମେରୁଦେଶ
ଫଳାଫଳତାର ହେବକେତେ ଭୟଂକର
ତା' ସହଜେ ଅଟଇ ଅନୁମେୟ ·
ମିଶିଯିବ ସାଗରେ ପୂରା ଧରିତ୍ରୀ
ଚଉଦିଗ ହୋଇବ ଜଳାର୍ଣବ ·
ସ୍ୱଦେହେ ନଥିବେ ମାନବ, ଜୀବ ·

ISSN NO.
2582-208X

ଦରକାର ପଡିବନି ଆଗ୍ନେୟବୋମା.
ଦରକାର ପଡିବନି ଆନ୍ତର୍ଦେଶୀୟ
କମ୍ପ୍ୟୁଟର ଚାଳିତ ଖେପଣାସ୍ତ୍ର .
ନାଂଥିବ ବାଂଶ, ନାଂବାଜିବ ବାଂଶୁରୀ .
ନାଂ ଥିବେ ଜନ, ନାଂଥିବ ତାଂକ ଘମଣ୍ଡ
ବିଲୁପ୍ତ ହୋଇବ ପୂରା ପ୍ରୁଥିବୀ,
ରାଜକରୁଥିବ ଖାଲି ଅଖଣ୍ଡ ପ୍ରଚଂଣ୍ଡ ନୀଶବ୍ଦତା ଆଉ ନୀସ୍ତବତା .

କଟକ

ISSN NO.
2582-208X

# ଆମ ସେ ପ୍ରଥମ ପ୍ରୀତି



ରଘୁନାଥ ତ୍ରିପାଠୀ

ନୂଆ ନୂଆ ଦିନେ ପ୍ରେମ କରୁଥିଲେ
ପ୍ରେମିକ ପ୍ରେମିକା ହୋଇ
ଆମ ଦୁଇ ମନ ଉଡି ବୁଲୁଥିଲେ
ଏଠି ବା ସେଠି ନ ରହି
ଏବେ ସେ ଆବେଗ ନାହିଁ
ଉନ୍ନୀତ ହେଲେ ଉଚ୍ଚ ସୋପାନକୁ
ମନ ପ୍ରାଣ ଦେଇ ନେଇ ॥
ସଦା ଖୋଜା ଥିଲା ଅପର ସାନ୍ନିଧ୍ୟ
ଅଥବା ସପନ ଦେଖା
ବନି ଯାଇଥିଲି କବି ମୁଁ ଗୋଟିଏ
ମନେ ତୁମ ରୂପ ଲେଖା
ବଦନ ହରିଦ୍ରା ମଖା
ହେଲେ ସେହି ଚନ୍ଦ୍ର ଆନନରେ କେବେ
ଦେଖିନି କଳଙ୍କ ରେଖା ॥
ଅଳତାରେ ସଜା ତୁମ ଲକ୍ଷ୍ମୀ ପାଦ
ଯେବେଠୁଁ ଥାପିଲ ନେଇ


ISSN NO.
2582-208X

ଆମ ଅଙ୍ଗନରେ ସିନ୍ଦୂର ପିନ୍ଧି
ମୁଣ୍ଡରେ ଓଢଣା ଦେଇ
ଦେବୀର ମହକ ଥାଇ
ତୁମ ନିରାଜନା ମୋ ମନ ମନ୍ଦିରେ
କାଳ ଯାକ କରିବଇଁ ॥
ଯେଉଁ ଅନୁରାଗ ନେଇ ଆସିଥିଲ
ହେଲାଣି ସେ ବହୁଗୁଣ
ଛୋଟିଆ ଆମ ସେ ପୀରତିର କଢ଼ି
ଫୁଟି ବିକଶିଲା ଜାଣ
ସୁରଭି ଭରିଲା ମନ
ବଧୂବେଶେ ଆସି ଊଷର ଜୀବନେ
ଭରିଲ ପରା ପରାଣ ॥
ରୂପେ ଅନୁପମା ଗୁଣେ ନିରୁପମା
ଥିଲ ମୋ ପ୍ରେୟସୀ ସାଥୀ
ଅନୂଢ଼ାରୁ ଦିନେ ହେଲ ପରିଣୀତା
ବିଶ୍ୱାସକୁ ଆମ ଜିତି
ସମୟ ସାଥିରେ ନିତି
ହୀନବଳ ନୋହି ବହଳ ହୋଇଲା
ଆମ ସେ ପ୍ରଥମ ପ୍ରୀତି ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଚୌକିଦାର ବାଘ



ବିନୟ ମହାପାତ୍ର

ମନ ପଚାରିଲା : କୋଳି ଖାଇବାକୁ ଯିବୁ ?

ମୁଁ ଟିକିଏ ଆଗ୍ରହ ଦେଖାଇ ପଚାରିଲି, କୋଳି ? କି କୋଳି ? କେଉଁଠି ଅଛି ?

ମନ କହେ, ଛାଡ୍ ସେ କଥା, ଆଗ କହ, କୋଳି ଖାଇବାକୁ ଯିବୁ, କି ନାହିଁ ?

ମୁଁ ଟିକେ ଭାବେ, ଓଠ ଉପରେ ଟିପ ଠକ୍ ଠକ୍ କରେ, ଆଖି ଡୋଳାକୁ ଉପର ତଳ, ବାଆଁ ଡାହାଣ ଘୁମାଏ, ପୁଣି ଭାବେ ଏବଂ ବହୁତ ଗହନ ଚିନ୍ତନ ପରେ ଜବାବ ଦିଏ, ହଁ ଯିବି ! ହେଲେ ପଚାରି ପାରେନି କୋଳି ଖାଇବା ପରି ଏକ ମାମୁଲି କଥାକୁ ମନ ଏତେ ସିରିୟସ ହୋଇ କାହିଁକି ପଚାରୁଛି ! ମନେ ମନେ ଭାବେ ସାରୁ ଭିତରେ ମାରୁ ନାହିଁ ତ ? ସେଇଥି ପାଇଁ ଅନେକ କିଛି ଭାବେ, ହଁ ନାହିଁର ଡଙ୍ଗାରେ ବସି ଏ କୂଳ ସେ କୂଳ ହୁଏ । ଲାଭ କ୍ଷତିର ଅଙ୍କ କଷେ ପୁଣି ବହୁତ କିଛି ଭାବିଲା ପରେ ହଁ କହେ ।

ମନ ପୁଣି ପଚାରେ : କୋଳି ଖାଇବାପାଇଁ ତ ଯିବୁ, ହେଲେ ଜଙ୍ଗଲରେ ବାଘ ଦେଖିଲେ ଡରିବୁନି ତ ?

ମନର ଏଇ ପ୍ରଶ୍ନଟି ମୋତେ ପୁଣି ସତେ ଯେପରି ଭାବନାର ଗଭୀର ଜଳକୁ ଟାଣିନିଏ । ମୁଁ ଟିକିଏ ଘାବରେଇ ଯାଏ । କୋଳି ଖାଇବା ପରି ଏକ ସାମାନ୍ୟ ପ୍ରସଙ୍ଗ ଭିତରକୁ ହଠାତ୍ ଏ

ISSN NO.
2582-208X

ବାଘ କେଉଁଠୁ ଡିଆଁ ମାରିଲା । କାହିଁ ଆଗରୁ ତ କେହି କହି ନଥିଲା ଏ କଥା, ବାଘ ଜଙ୍ଗଲକୁ କୋଳି ଖାଇଯିବା କଥା । ଜଙ୍ଗଲରେ ବାଘ ରହେ, ଆଜି ଏ କଥା କିଛି ନୂଆକଥା ନୁହେଁ, ଯେବେଠୁ ଜଙ୍ଗଲ ଅଛି, ସେବେଠୁ ଜଙ୍ଗଲରେ ବାଘ ଅଛନ୍ତି । ବାଘ ବଳୁଆ ନା ମଣିଷ ବଳୁଆ ? ହଁ ବାଘର ବଳ ବେଶି ହୋଇପାରେ, କିନ୍ତୁ ମଣିଷ ଏତିକି ବୁଦ୍ଧି ତ ବାଘର ନାହିଁ, ବାଘର ଖାଲି ବଳୁଆ ଦେହ, ସେ ଜଙ୍ଗଲର ରାଜା, କିନ୍ତୁ ମଣିଷର ବନ୍ଧୁକ ସାମ୍ନାରେ ବାଘ ବା କଣ ? ଜଙ୍ଗଲରେ କେତେଟା ବାଘ ଥିବେ, ଆଉ ଆମେ ମଣିଷ କେତେ ଅଧିକ ? ତଥାପି ମନ ମୋତେ ବାଘ, ବାଘ କହି ଡରଉଛି କାହିଁକି? ଜଙ୍ଗଲକୁ ମୁଁ ଆଗରୁ ବି ଅନେକ ଥର ଯାଇଛି, କାହିଁ କେବେ ତ ବାଘ ମୋ ସାମ୍ନାକୁ ଆସିନି । ମୋତେ ଡରେଇବା ପାଇଁ ମନର ଏଇଟା ଗୋଟେ ଚାଲ ନୁହେଁତ ।

ବାଘ କଣ କୋଳି ଖାଏ ? ନା କୋଳି ଜଙ୍ଗଲ ବାଘର ରହିବା ଜାଗା ?? ମୁଁ ସାମାନ୍ୟ ଆଶ୍ୱସ୍ତ ହୁଏ । ଶେଷରେ ଏଇ ନିସ୍କର୍ଷରେ ପହୁଞ୍ଚେ ଯେ, ବାଘ ରହୁଥିବା ଅଗନା ଅଗନି ବନସ୍ତ ଭିତରେ କୋଳିଗଛ ନଥାଏ, କିମ୍ବା କୋଳିଗଛ ଥିବା ଜଙ୍ଗଲରେ ବାଘ ରହେନା । ଯେଉଁଠି ବାଘ ନ ଥିବାର ସମ୍ଭାବନା ଏତେ ଅଧିକ, ସେଇଠି ପୁଣି ବାଘର ଭୟ କାହିଁକି ? ମୁଁ ହଠାତ୍ ନିର୍ଭୀକ ହୋଇଯାଏ, ଛାତିଫୁଲାଇ ବାହାଦୁରୀ ଦେଖାଇ କହେ, ମୁଁ ବାଘକୁ ଡରେନା । ଚାଲ କୋଳି ଖାଇବାକୁ ଯିବା ।

× × × × × ×

ମୋ ମନ ଆଉ ମୁଁ, ଆମେ ଦିଜଣ କୋଳି ଖାଇବାକୁ ଗଲୁ । ଅଗନା ଅଗନି ବନସ୍ତ, କେତେ ବଡ ବଡ ଗଛ, ଦିନରେ ସୂର୍ଯ୍ୟକିରଣ ବି ତଳେ ପଡେନା । ତାଆରି ମଝାମଝି ଛୋଟିଆ ଜାଗାଟିଏ ସେଇଠି ଥାଏ କୋଳିଗଛର ବଣଟି । ଏତେ ଦାମିକା ଦାମିକା ଶାଳ ପିଆଶାଳ ଜଙ୍ଗଲର ଗଛମାନଙ୍କ ଭିତରେ ଏଇ ମାମୁଲି କୋଳିବଣଟିକୁ କେହି ପଚାରନ୍ତି ନାହିଁ । ବାକି ବଡଗଛ ମାନଙ୍କ ପରି ଗୋଟିଏ ବି କୋଳି ଗଛରେ ଜଙ୍ଗଲ ବିଭାଗର ଷ୍ଟାମ୍ପ ବାଜିନି କିମ୍ବା ରଙ୍ଗ ଟୋପେ ବି ଲାଗିନି । ବଡ ମୂଲ୍ୟହୀନ ଅନାଥଙ୍କ ପରି ଦିଶୁଥାଆନ୍ତି

ISSN NO.
2582-208X

କୋଳିଗଛ ଗୁଡିକ, ହେଲେ କେତେ ଜାତିର ନାଲି ଟହ ଟହ ପାଚିଲା କୋଳି ଲାଗିରହିଛି ଗଛମାନଙ୍କରେ । ଗଛସବୁ ନାଲି ଟହ ଟକ କୋଳିରେ ନେନ୍ଥି ହୋଇ ରହିଥାଆନ୍ତି । ଚାରି ଦିଗରେ ବାସ ମହକି ଯାଉଥାଏ । ପାଟିରୁ ଆମର ଲାଳ ଗଡି ଆସିଲା । ଆମେ ଆଉ ଅପେକ୍ଷା କରି ପାରୁନଥିଲୁ । ଆମେ ପୁରାପୁରି ଆସ୍ୱସ୍ଥ ହୋଇଗଲୁ, ଜଙ୍ଗଲ ବିଭାଗ ଗଛଗୁଡିକର ମାଲିକ ନୁହେଁ, କିମ୍ବା ବାଘ କୋଳିଗଛ ବିଷୟରେ ଏତେ ସିରିୟସ ନୁହେଁ । ତେଣୁ ଆମେ କୋଳିଗଛରେ ଚଢିଲୁ, କୋଳି ତୋଳିଲୁ । କଣ୍ଟା ବାଜି ଦେହରୁ ରକ୍ତ ଝରିବାକୁ ଲାଗିଲା, ଲୁଗା ଚିରିଲା, ତଥାପି ଆମେ ଭୟ ନକରି ଗଛରେ ଚଢିଲୁ, କୋଳି ତୋଳିଲୁ ।

ଏତେ ସୁନ୍ଦର କୋଳିଦେଖି ଲୋଭ ସମ୍ଭାଳି ହେଉନଥାଏ । ଶେଷରେ କୋଳି ଗୋଟିଏ ପାଟିରେ ଦେବା ବେଳକୁ କେଉଁଠି ଥିଲା କେଜାଣି, ଗର୍ଜନ କରି ମାଡି ଆସିଲା ବାଘମାମୁଁ । ନିଶକୁ ଫୁଲାଇ ଭୁଇଁରେ ତାର ଲାଂଜ ପିଟିଲା । ରାଗରେ ଗର୍ଜନକରି କହିଲା, କିଏରେ ରାଜାଙ୍କ ଜଙ୍ଗଲରୁ କୋଳି ତୋଳୁଛି ?

ଆମେ କହିଲୁ : ବାଘ ମାମୁଁ ଆମେ !

ଆମେ ? ଆମେ ଅର୍ଥ ? କିଏ ତୁମେ ?? ତମେ କଣ ମନ୍ତ୍ରୀ, ଅଫିସର, ନା କଟୁଆଳ ନା ଜଗୁଆଳୀ ଯେ ଜଙ୍ଗଲରେ ପଶି ମନ ଇଚ୍ଛା କୋଳି ତୋଳିନେବ, କୋଳି ଖାଇବ ? ତୁମେ କଣ ଜାଣିନ, ଜଙ୍ଗଲରେ ଯାହାବି ଅଛି ସେସବୁ ରାଜାଙ୍କର । କେବଳ ରାଜାଙ୍କ ପାଖଲୋକ, ତାଙ୍କର ଚେଲା ଚାମଣ୍ଡା ଭୋଗ କରିବେ । ତୁମେ ଏଇଠି କୋଳି ଖାଉଛ, ଏ କଥା ରାଜାଙ୍କ କାନକୁ ଗଲେ ତୁମକୁ ଶୁଳି ହୋଇଯିବ, ଜେଲ ହୋଇଯିବ ।

ମନ ଟିକିଏ ଭାବେ, ପୁଣି କହେ : ଏ ଜଙ୍ଗଲ କଣ ରାଜାଙ୍କର ? ଏ ଜଙ୍ଗଲ ତ ଏ ଦେଶର ଜନ ସାଧାରଣଙ୍କର । ରାଜା ତ ଖାଲି ଜଗୁଆଳୀ । ଏଇ କୋଳି ସମସ୍ତଙ୍କ ପାଖରେ ଠିକ୍ ସମୟରେ ଠିକ୍ ଭାବରେ ପହଞ୍ଚାଇବା ରାଜାର ଦାୟିତ୍ୱ । ମନ୍ତ୍ରୀ ଅଫିସରଙ୍କ ଦାୟିତ୍ୱ । ଗଣତନ୍ତ୍ର ଦେଶରେ ଜନତା ହାତରେ ସବୁକିଛି । ଜନତା ଚାହିଁଲେ ରାଜାଙ୍କୁ ବଦଳେଇ

ISSN NO.
2582-208X

ଦେବେ । ରାଜା ଲୋକଙ୍କର, ରାଜା ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ । ରାଜା ବଡ ନା ଜନତା ବଡ ??

ମନର ଉତ୍ତର ଶୁଣି ବାଘର କ୍ରୋଦ୍ଧ ଚରମ ସୀମାରେ ପହଞ୍ଚିଗଲା । ରାଗରେ ବାଘ ଆଖିରେ ସତେ ନିଆଁ ଜଳି ଉଠିଲା । ବାଘ ଗର୍ଜନ କଲା । ଭୁଇଁରେ ଲାଂଜ ପିଟିଲା । ପୁଣି କହିଲା ଆମକୁ ନିୟମ କାନୁନ ଶିଖାଅନା । ତୁମେ ସବୁ ଜନତା ରାଜାଙ୍କୁ ଗଦିରେ ବସେଇଛ ବୋଲି ରାଜାଙ୍କ ଉପରେ ରାଜା ହେବାକୁ ଚେଷ୍ଟା କରନା । ଭୂଲି ଯାଅନା, ତୁମେ ସବୁ ଜନତା ରାଜାଙ୍କୁ ଯୋଗ୍ୟବୋଲି କିମ୍ବା ଦୟାଦେଖାଇ ସିଂହାସନରେ ବସାଇନ । ତୁମର ବୋତଲେ ମଦ କି ମାଉଁସ ଭୋଜିପାଇଁ, ଗାଆଁ କ୍ଲବ ପାଇଁ ପଇସା ଲୋଡା, ଟଙ୍କାନେଇ, ବୋତଲେ ମଦ ବଦଳରେ ଭୋଟବିକିବା କଥା ଭୂଲିଗଲ ? ରାଜା ଭୋଟ କିଣି ରାଜାହେଲେ, କିଣାବିକାର କାରବାରରେ ପୁଣି ଅଧିକାର କଥା କାହିଁକି କହୁଛ ? ତୁମେ ତ ଜାତି, ଧର୍ମ, ମନ୍ଦିର ମସଜିଦ୍ ନାଆଁରେ ଭୋଟ ଦେଇ ପ୍ରତିନିଧି ନୁହେଁ ରାଜା ଭାବରେ ନେତାଙ୍କୁ ଗଦିରେ ବସେଇଛ, ଏବେ ଏ ସ୍ୱାଧିନତା, ନାଗରିକ ଅଧିକାର କଥା କାହିଁକି ଭାବୁଛ? ନେତାଙ୍କୁ କେବେ ପଚାରିଛ, ଗତ ପାଞ୍ଚ ବର୍ଷରେ ସେମାନେ ତୁମ ପାଇଁ କଣ କରିଛନ୍ତି?

ମନ ଜବାବ ଦେଲା ହଁ, କେତେଥର ପଚାରିଛୁ, ଯେତେ ବେଳେ ପ୍ରତିଶୃତି କଥା ପଚାରିଛୁ ରାଜା କଥା ବଦଳେଇ ଦିଅନ୍ତି, ମୋ ଧର୍ମ ବିପଦରେ ପଡିଛି, ସେମାନେ ମୋ ଧର୍ମର ରକ୍ଷକ, ତାଙ୍କୁ ବାଛିବାକୁ କୁହନ୍ତି, ଆଉ ପୁଳାଏ ଆସି ମୋ ସମ୍ବିଧାନ ବିପଦରେ ପଡିଛି ସମ୍ବିଧାନ ର ରକ୍ଷକ ସେମାନେ, ତାଙ୍କୁ ଭୋଟ ଦେବାକୁ କହୁଛନ୍ତି, ରାଜା ହେବା ପାଇଁ ସେମାନଙ୍କ ଭିତରେ ପ୍ରତିଯୋଗିତ ଚାଲିଛି, ସତ ମିଛ କହି ସେମାନେ ନିଇତି ଆମକୁ ଡରାଉଛନ୍ତି । ବାଘମାମୁଁ ସତକୁହ, ଜଣେ ଭୟାତୁର ମଣିଷ କଣ କିଛି ସଠିକ୍ ନିର୍ଣ୍ଣୟ ନେଇ ପାରିବ? ଭୟାତୁର ମଣିଷର ନିଷ୍ପତ୍ତିରେ ଭୂଲ ବି ହୋଇପାରେ ଏବଂ ଅଯୋଗ୍ୟ ବ୍ୟକ୍ତି ରାଜଆସନରେ ବିରାଜମାନ ହୋଇ ଯାଇପାରେ, ଯାହା ଏବେବି ହେଉଛି । ଆଜି ଜନତାର ସେବା ପାଇଁ କେହି ଜନପ୍ରତିନିଧି ହେବାକୁ ଚାହୁଁନି, ସମସ୍ତେ ନିଜ ସ୍ୱାର୍ଥ, ନିଜ

ISSN NO.
2582-208X

ଅହଂକାର ତୁଷ୍ଟି ପାଇଁ ରାଜନୀତିକୁ ନିଜର ପେଶା କରିନେଇଛନ୍ତି । ଦେଶ ସ୍ୱାଧୀନତା ପାଇଁ ଅନେକ ଉଚ୍ଚଶିକ୍ଷିତ ମଣିଷ, ନିଜର ଅର୍ଥକାରୀ ଲୋଭନୀୟ ଆୟର ପନ୍ଥାକୁ ଛାଡି ସଂଗ୍ରାମରେ ଯୋଗ ଦେଇଥିଲେ, ସେ ନେତାମାନଙ୍କ ଭିତରେ ଗୋଟିଏ ନେତାର ନାଁ କୁହ ଯିଏ ଅଶିକ୍ଷିତ ଥିଲା ! କିନ୍ତୁ ଆଜି କଣ ହେଉଛି, ରାଜନୀତି ନାଁ ଶୁଣିଲେ ଶିକ୍ଷିତ ଲୋକେ ଘୃଣାରେ ମୁହଁମୋଡି ଦେଉଛନ୍ତି, ଆଉ ଯିଏ କୌଣସି କାମ ପାଇଁ ଯୋଗ୍ୟ ନୁହଁନ୍ତି, କେବଳ ସେଇ ଅପାଠୁଆ, ଦରପାଠୁଆ ଲୋକମାନେହିଁ ରାଜନୀତିରେ କୁଜିନେତା ହୋଇ ଚାଟୁକାରିତା କରିକରି ଶେଷରେ ଧଳା ପୋଷାକ ପିନ୍ଧି ନେତା ଶାଜୁଛନ୍ତି । ବିଚରା ସବୁ ଚୋରଙ୍କ ଭିତରୁ କାହାକୁ ବାଛିବୁ ? କାଉ ମାନଙ୍କ ଭିତରୁ ଯାହାକୁ ବାଛିଲେ ବି ସେ କଳା ଥିବ ? କାଉ ଗହଣରେ ବଗ ଖୋଜିଲେ କାହୁଁ ମିଳିବ !

ବାଘ କହିଲା, ତୁମେ କାହା ଭିତରୁ କାହାକୁ ବାଛିବ ସେ କଥା ମୁଁ ଜାଣେନା, ତମେ କଣ ନିଷ୍ପତ୍ତି ନେବ ବା ନେଉଛ ସେଥିରେ ମୋର କିଛି ଯାଏ ଆସେନା । ସିଂହାସନରେ ଯିଏ ବସିଲା, ଗଧ ହେଉ କି ଘୋଡା, ସିଂହ ହେଉ କି ଶିଆଳ ସେ ମୋ ରାଜା ହେଲା, କେବଳ ତାର ହୁକୁମ ମାନିବାକୁ ମୁଁ ବଚନବଦ୍ଧ । ମୋତେ ଯାହା ଆଦେଶ ଅଛି, ତାହା ହେଉଛି, ଏ ସବୁ କୋଳି କେବଳ ଜନତାଙ୍କୁ ଦେଖାଇବା ପାଇଁ । ଏ କୋଳି କେବଳ ରାଜା, ତାଙ୍କର ଅମାତ୍ୟମାନେ ହିଁ ତୋଳି ପାରିବେ, ଖାଇ ପାରିବେ ଏବଂ ସେମାନଙ୍କ ପ୍ରିୟ ପାତ୍ର ମାନଙ୍କ ମଧ୍ୟରେ ବାଣ୍ଟି ପାରିବେ । ତୁମମାନଙ୍କ ପାଖରେ ଏସବୁ ପହଞ୍ଚିବା ଆଗରୁ ପ୍ରଥମେ ଆମ ହାତକୁ ଆସିବ । ଆମଠୁ ବଳିଲେ, ଚେଲା ଚାମଣ୍ଡାଙ୍କ ପେଟକୁ ଯିବ, ସେଇଠୁ ବଳିଲେ ଯାଇ ତୁମ ପାଖରେ ପହଞ୍ଚିବ । ଘରକୁ ଯାଅ, ଘରେ କୋଳିର ଅପେକ୍ଷା କରି । ତେଣିକି ତୁମର ଭାଗ୍ୟ । ଯଦି ତୁମକୁ କେବେ କିଛି ମିଳିଗଲା, ତେବେ ଭଗବାନଙ୍କୁ ଧନ୍ୟବାଦ କହିବ, ଯଦି ନ ମିଳିଲା ତେବେ ଆର ବର୍ଷ ପାଇଁ ଅପେକ୍ଷା କରିବ । ହଁ ଯିବା ଆଗରୁ ଯେତେକ କୋଳି ତୋଳିଛ ସେସବୁ ମୋ ସାମ୍ନାରେ ରଖିଦେଇ ଯାଅ ।

ISSN NO.
2582-208X

ବାଘର ରାଗ ଦେଖି ଆମେ ବହୁତ ଡରିଗଲୁ । ଗଛରୁ ଓହ୍ଲେଇଲୁ । ଯେତେ କୋଳି ତୋଳିଥିଲୁ ସବୁ ନେଇ ବାଘମାମୁଁ ସାମ୍ନାରେ ଚୁପଚାପ୍ ରଖିଦେଲୁ । ବାଘ ମାମୁଁ ଥରେ ଆମକୁ, ପୁଣି ଥରେ ଭୋକିଲା ଆଖିରେ କୋଳି ଆଡକୁ ଚାହିଁଲା ଏବଂ ଚିତ୍କାର କରି କହିଲା, ଆରେ ଆଉ ଚାହିଁ ରହିଛ କଣ ? ଯାଅ, ପଳାଅ ଏଇଠୁ, ଜଲଦି ପଳାଅ । ନହେଲେ ତୁମକୁ ଜେଲ ହୋଇଯିବ, ଜୋରିମାନା ହୋଇଯିବ ।

ବାଘକୁ ଡରି ଆମେ ଏକା ମୁହଁା ହୋଇ ଧାଇଁଲୁ ଘର ଆଡକୁ । ହେଲେ ମୁଁ ଯେତେବେଳେ ଥରେ ପଛକୁ ଫେରି ଚାହିଁଲି, ଯାହା ଦେଖିଲି, ସେଥିରେ ମୁଁ ମୋ ଆଖିକୁ ବିଶ୍ୱାସ କରି ପାରୁ ନଥିଲି । ବାଘ ମାମୁଁ ଗୋଟିକ ପରେ ଗୋଟିଏ କୋଳି, ଟପ୍ ଟାପ୍ କରି ତା ପାଟିରେ ପକାଇ ଚାଲିଛି । ତାର ମିଠା ମିଠା ସ୍ୱାଦର ଆନନ୍ଦ ନେଉଛି । ମନକୁ ପଚାରିଲି, କିରେ ବାଘ କଣ ସତରେ କୋଳି ଖାଏ ?

ପଟିଆ, ଭୁବନେଶ୍ୱର

ISSN NO.
2582-208X

# କବିର ଶବ୍ଦ ଆୟୁଧ



ଦଣ୍ଡାସି ପ୍ରଧାନ

ଶବ୍ଦ ଅସ୍ତ୍ର ସମ ଶସ୍ତ୍ର ଟିଏ ନାହିଁ
ଯୁଗାନ୍ତରେ ରଚି କ୍ରାନ୍ତି,
ରାତିର ଆୟୁଷ ଘୁଞ୍ଚାଏ ନିମିଷେ
ଆର୍ତ୍ତ ମନୁ ହରେ ଭ୍ରାନ୍ତି;
କବି ଭୋର ଆକାଶର ଶାନ୍ତି ।01
ବୋଧି ସତ୍ତ୍ୱ ସେ'ଯେ ପ୍ରଭାତ ଅରୁଣ
ଅତନ୍ଦ୍ରିତ ନାଗ ଆଖି,
ସଦା ଜାଗ୍ରତ ବିପଦ ଆପଦେ
ମଧୁ ସିକ୍ତ ମଧୁ ମକ୍ଷି;
ଅର୍ପେ ମୃତ ସଞ୍ଜିବନୀ ଚାଖି ।02
ତା' ଜୀବନ ପରା ଏ ଜନ ଯୁଗର
ଐଶ୍ୱରୀୟ ଐରାବତ,
କୋଟି ମେଣ୍ଢା ଶାଳେ ସଞ୍ଚାରୀ ପାରେ ସେ'
ଶୋଣିତ ଶାଣିତ ଗୀତ;
ସେ' ଜନ ହିତେ ପାରିଜାତ ।0

ISSN NO.
2582-208X

ମେଣ୍ଢାର ଲୋମରେ ତିଆରି କମଳ
ନିବାରେ ନା ତା'ର ଶୀତ
ନିରୀହ ଶୋଷଣ ବାହାଦୁରି ପଣେ
ଉଡାଇ ନି କବି ନେତ;
ଏ'ତ ଦଃଖ ଭରେ ଅପ୍ରମିତ ।।
ନବ ଜାଗରଣ ଅଗ୍ନି ଉଦ୍ଗୀରଣ
ସତ୍ ଶବ୍ଦାୟୁଧ ଶତ,
ଧରି ଧର୍ମର ଧ୍ଵଜା ପରିତ୍ରାଣ ପନ୍ଥା

ଶକ୍ତି ସୃଜି ଅପ୍ରମିତ;
ଏଠି କେତେ ଯେ ଦେଖିଛି ନେତ୍ର ।।
ମରି ନାହିଁ କେବେ ବିଶ୍ରାମ ବି ନାହିଁ
ସେ'ତ ରକ୍ତ ଜବାର ବାସ
ଦର୍ପ ଯାହାର ଆଭୂମି ଅରଣ୍ୟ
ଚହଟଇ ଲଙ୍ଘି ଦେଶ;
କବି ବିଶ୍ୱାସେ ଭରେନା ବିଷ ।04
ସଶକ୍ତ ସିସାର କାନଭାସ ପରେ
ବିପ୍ଳବ କ୍ରାନ୍ତିର ଛବି
ଅସନ୍ତୋଷ ଉକ୍ତି ଆୟୁଧ ଆଧାରେ
ସଦା ଅଗ୍ରସର ହୁଏ କବି
ଆଙ୍କି ସତ୍ୟରଞ୍ଜିତ ଛବି ।।05
ଅସତ ସ୍ଥାୟିତ୍ୱ କ୍ଷୀଣ ସର୍ବକାଳେ
ସତ୍ୟାନୁସରଣ ଶ୍ରେୟ
ଧୃତରାଷ୍ଟ୍ର ପରି ବଞ୍ଚିବା ଅପେକ୍ଷା

ISSN NO.
2582-208X

ମରଣ ବରଣ ପ୍ରେୟ,
ତେଜି ଅପରା ହୀନ ଆଶ୍ରୟ ।।06
ଶୁଦ୍ଧ ପୂତ ଯେତେ ଅନ୍ଧ ଦରବାରେ
ଦୁର୍ଯୋଧନ ଅହଙ୍କାର
ଅତୀତ କୁ ତଳେ କରି ନିକ୍ଷେପଣ
ହେଲେ, ମହାଯୁଦ୍ଧେ ଛାରଖାର;
ଏ'ତ 'ପଞ୍ଚମ ବେଦ'ର ସାର ।।07
ଉଚ୍ଚାଙ୍କାକ୍ଷା ବିଷ ହୋଇଲେ ଉତ୍କଟ
ସବଂଶ ନାଶ ଭଜଇ
ସାରସ୍ୱତ ସେବା ମହତ୍ତ୍ୱ ଜନର

ଭାଗ୍ୟରେ ଥିଲେ ମିଳଇ
ଏଣୁ ବିନୟ ଭଜ ହୋ ଭାଇ !
ସାରା ଜଗତ ମଙ୍ଗଳ ପାଇଁ !!
ବିଦ୍ୟା ବିନୟେ ଭଜ ହୋ ଭାଇ !!!

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ। ଭ୍ରାମ୍ୟଭାଷ୍ୟ-8660194967

ISSN NO.
2582-208X

# ଏଇ ମାସ ସାରା



ପୁଷ୍ପାଞ୍ଜଳି ପଣ୍ଡା

ଜଳି ଜଳି ପାଉଁଶ ନ ହେଇ ବି
ଭଙ୍ଗା ପଡିଆ ଧିଅରେ
ପଳ ପଳ ମାଉଁସ
ଝଡାଇଛି, ଶୁଖାଉଛି
ବିନା ନିଆଁ ରେ
ଏଇ ଡହ ଡହ ଖରା ମାସ ସାରା
ସାରା ରାତି ଅନିଦ୍ରା ରେ।।

ଶ୍ରାବଣ ର  ଝଡି ନ ଥାଇ ବି
ଆଖି ଭର୍ତ୍ତି ପାଣି
ଲୁହ ନାଁ ରେ ଗଳାଉଛି
ସଂସାର ର ଫୁଟା ଡଙ୍ଗା ବାହୁଛି,
ତମେ ନାଉରୀ ସାଜି
ପାରି କରିବାକୁ ନ ଆସିଲ ନାହିଁ
ଦୁଃଖ ନାହିଁ
ଭାଦ୍ରବ ର ଭୋଦୁଅ ଖରା ରେ
ଧିରେ ଧିରେ ଶୁଖିଯିବ ଲୁହ ନଇ
ଚିନ୍ତା ନାହିଁ।।

ଏକାହୋଇ ରହିବାରେ
ଏକାହୋଇ ଚାଲିବା ରେ

ISSN NO.
2582-208X

ଦୁଃଖ କଣ..!!
ବରଂ
ନିଜ ଶୈଳୀରେ
ସାରିବାକୁ ଅଛି କିଛି ସମୟ
ଆୟୁଷ କୁ ମୋର।।

ଅନ୍ଧ ପରମ୍ପରା ରେ
ମିଥ୍ୟାଚାର ରେ,
ଅନାତ୍ମିୟ ତାଟୁକାରଙ୍କ ଭିଡରେ
ହନ୍ତସନ୍ତ ହେଇଛି ଅନେକ ,
ଜୀବନ ଟା ଯାକ,
ସବୁଦିନ ପୁରୁଣା ରୁଟିନ୍।
ନ ବଦଳିଲା ନାହିଁ
କ୍ଷୋଭ ନାହିଁ ।।
ଶେଷରେ
ଏମିତି ହେବାକୁ ହୁଏ
ବୈଶାଖର ଅପରାହ୍ନ ରେ
ବସନ୍ତର ରଙ୍ଗ ରସ ମଧୁର ମାଧୁର୍ଯ୍ୟ
ଅନୁଭବିବାକୁ ହୁଏ
ଏକା ଏକା।।

ପାପ ପୁଣ୍ୟର ମଝିରେ ଜୀବନ
ବେଶ୍ ବଢୁଛି ଗଢୁଛି ।
ଟୋପେ ଟୋପେ
ଅଶ୍ରୁ ଝରଣା କୂଳେ
ସବୁକିଛି ସମୟ ଇଛାରେ।।

କେନ୍ଦ୍ରାପଡ଼ା

ISSN NO.
2582-208X

# ଫେରିଛି ଫଗୁଣ



ଜୟଶ୍ରୀ ପଟ୍ଟନାୟକ

ସେଦିନ ସେ ଦୂରେଇଗଲା
ମୋ ଦୃଶ୍ୟପଟରୁ, ମନ ଚୌହଦୀରୁ
ମୁଁ ତାକୁ ଆଉ ଖୋଜିନି କି
ଖୋଜିବାର ଅଭିପ୍ରାୟ ବି ରଖିନି ।

ଏତିକି ଜାଣିଚି, କେବେ ଆସିଥିଲା
ଆପଣାର ହୋଇ, ସାଥିରେ ଆଣିଥିଲା
ମୃଦୁ ମଳୟ, ନଈରେ ତରଙ୍ଗ
ବନାନୀରେ ସବୁଜ ରଙ୍ଗ
ଫୁଲ ଫୁଟୁ ନ ଥିବା ସମୟରେ
ଫୁଟେଇ ଥିଲା ପ୍ରୀତିର
କିଆରି କିଆରି ଫୁଲ
ମଧୁ ସମ୍ଭାଷଣ ରେ ବାନ୍ଧି ରଖିଥିଲା
ଚେତନାର ଚୌହଦୀ
କଳ୍ପନାର କାନଭାସରେ ଆଙ୍କିଥିଲା
ପ୍ରେମର ଯେଉଁ ନିଖୁଣ ଛବି

ISSN NO.
2582-208X

ତହିଁରେ ଭରିଥିଲା ନାହିଁ ନ ଥିବା
ଆକର୍ଷଣୀୟ ରଙ୍ଗ
ସମୟକୁ ଦେଇଥିଲା ଭିନ୍ନରୂପ ।

ତାପରେ ମନ ସହ ମନର ଦୁର୍ଘଟଣା
ଘଟିଗଲା ନାହିଁ ନ ଥିବା ଘଟଣା
ମିଛ ର ପ୍ରଲେପ ଦେଇ ସେମାନେ
ଭାଙ୍ଗି ଚାଲିଥିଲେ ଦୁଇ ସରଳ ମନ
ଘଟିଗଲା ବିଚ୍ଛେଦାତ୍ମକ ଦୃଶ୍ୟ
ବିୟୋଗାନ୍ତକ ନାଟକ ।

ସେ ଫେରିଗଲା ତା ବାଟରେ
ହେଲେ ମୁଁ ଫେରି ପାରିଲିନି
ମନ ଦେବାଟା ଯେତେ ସହଜ
ଫେରେଇନେବାଟା କଣ ସେତେ ସହଜ ?
ନା ଭଲପାଇବା ଓ ଭୁଲିଯିବା
ଦୁଇଟି ମଇଦାନରେ ହେଉଥିବା ପେଣ୍ଡୁଖେଳ ଯେ ?

ମୁଁ ସେମିତି ବସିଥିଲି ସେଇଠି
ଯେଉଁଠାରୁ ସେ ସେଦିନ ଫେରି ଯାଇଥିଲା
ଗୁଳି ଫୁଟୁ ଛାତି ପତେଇବି
ପ୍ରେମ ବରସିଲେ ଭିଜୁଥିବି

ISSN NO.
2582-208X

ହସେଇଲେ ଓଠରେ ସଜେଇବି ହସମୁକୁତା
କନ୍ଦେଇଲେ ଦୁଇ ପାପୁଲିରେ ସାଇତି ରଖିବି ଲୁହ ।

ସେମିତି କିଛି ବି ହେଲାନି
କିଛିଦିନର ନୀରବତା ପରେ
ମୁଁ ଦେଖିଲି ସେଇ ସୀମାରେ ଥିଲା
ଶୁଭେଛା ର ଫୁଲ, ପ୍ରେମର ଫୁଲ
ପାଖରେ ଥିଲା ମନ ଚିଠିଟିଏ
ମୁଁ ଆସିଛି । ସାଥିରେ ଆଣିଛି ଫଗୁଣ
ଫେରିଚାହାଁ ଥରେ
ଫେରିଚାହିଁଲା ପରେ ମୁଁ
ଆଉ ମୁଁ ହୋଇ ରହିପାରିଲିନି
ମତେ ବୋଧେ ଏବେ ସେ ଛୁଇଁଛି
ପ୍ରତିଶ୍ରୁତି ଦେଇଥିଲା ବୋଲି
ଫଗୁଣ ହୋଇ ଫେରିଛି ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ଲଳତ ନବନ୍ଧ-
# ଭୁଲ ଠିକଣାର ଚଠି



ବଦ୍ରୀ ମହାନ୍ତ

ଚାରିପାଖରେ ଖଞ୍ଜା ହୋଇଛି ଅସୁମାରି ବ୍ୟବସ୍ଥା, ଖେଳି ବୁଲୁଛି ମାଳ ମାଳ ଉପାୟ, ଲମ୍ବିଛି ସଳଖ ସୁନ୍ଦର ରାସ୍ତା ବିଭିନ୍ନ ଦିଗକୁ । ଆଉ ତା ଉପରେ ଲୀଳା ଖେଳା କରୁଥିବା ବ୍ୟକ୍ତି ଅହରହ ବ୍ୟସ୍ତ ରହୁଛି ନିଜର ଆଶା ଆକାଂକ୍ଷା, ସ୍ୱପ୍ନ ଓ ଲକ୍ଷ୍ୟକୁ ଧାରତଳ କରିବା ପାଇଁ । ସବୁ ଯେ ସଠିକ ଭାବେ ସମ୍ପନ୍ନ ହେଉଛି ଏବଂ ସବୁ ସମୟରେ ସୁଫଳ ହାତକୁ ଆସୁଛି ଏହା ସତ୍ୟ ନୁହେଁ । ସ୍ଥାନ କାଳ ବ୍ୟକ୍ତି ବସ୍ତୁ ଓ ବିଷୟ ବଦଳିଗଲେ ବଦଳି ଯାଉଛି ତାର ଫଳାଫଳ । ସବୁରି ଅଲକ୍ଷ୍ୟରେ ଅଯାଚିତ ଭାବରେ ଅଜ୍ଞାତରେ ସୁଦ୍ଧା ଏହା ସର୍ବଦା ଘଟୁଛି ବୋଲି କହିହେବ ନାହିଁ, ବରଂ ଇଚ୍ଛାକୃତ ଭାବେ ଗୋପନ ଅଭିସନ୍ଧି ପୂରଣ ପାଇଁ ନିଆ ଯାଉଛି ଏହାର ସାହାରା । ଫଳସ୍ୱରୂପ ଓଲଟ ପାଲଟ ହେଉଛି ପରିଣତି । ଜଣେ ଏହାକୁ ଆନନ୍ଦରେ ଭୋଗ କରୁଛି ତ ଅନ୍ୟ ଜଣକ ନିରାଶ ହୋଇ ଅଭିଶାପ ଦେଉଛି ସମୟକୁ, ବ୍ୟବସ୍ଥାକୁ ଓ ନିଜର କୃତକର୍ମକୁ ।

ଜୀବନ ପାଇଁ ପ୍ରଶସ୍ତ ରାସ୍ତା ଯେତିକି ଲୋଡ଼ା, ସେତିକି ଆବଶ୍ୟକ ସଠିକ ଠିକଣା । କଥା, କାମ, ଭାବ, ବସ୍ତୁ ଓ ଚିନ୍ତାକୁ ନିଜ ମଣିଷ ନିକଟରେ ଅଥବା ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପରିଷ୍କାର ଠିକଣା ନଥିଲେ ତାହା ଅନ୍ୟ ଯେ କୌଣସି ସ୍ଥାନରେ ପହଞ୍ଚି ଯାଇ ପାରେ । ଆଉ ପରିଣତି ସବୁବେଳେ ଅନୁକୂଳ ହୋଇ ନଥାଏ ପ୍ରେରକ ନିମନ୍ତେ । ସେଥିପାଇଁ ବିଶ୍ୱାସନୀୟ ବାହକ ହିଁ ଉପଯୁକ୍ତ ପଥ ସହାୟତାରେ ଗନ୍ତବ୍ୟ ସ୍ଥାନକୁ ସଠିକ ଠାବ କରି

ISSN NO.
2582-208X

ପାରନ୍ତି । ସଠିକ ଠିକଣା ସହିତ ଯୋଡି ହୋଇଥିବା ପରିବାହକ ଓ ପରିବହନର ଅଂଶୀଦାର ଥିବା କଥାକୁ ସହଜରେ ଅସ୍ୱୀକାର କରି ହେବ ନାହିଁ ।

ଭୁଲ ଠିକଣାରେ ପହଂଚିବା କିଛି ନୂଆ କଥା ନୁହେଁ । ପ୍ରେରକ ଓ ବାହକର ତ୍ରୁଟି ଯୋଗୁଁ ଯେଉଁ ସବୁ ବିଘଟନ ସୃଷ୍ଟି ହୁଏ ତାହା ଅନେକ ସମୟରେ ଅପୂରଣୀୟ ଏବଂ ତାର ପରାଭବ ଭୋଗ କରନ୍ତି ଉଭୟ ପ୍ରାପକ ଓ ପ୍ରେରକ । ଏହାର ସୁଦୂର ପ୍ରସାରୀ ପ୍ରଭାବ କ୍ଷତିଗ୍ରସ୍ତ କରେ ଉଭୟଙ୍କୁ । ଜରୁରୀ ବର୍ତ୍ତାଟି ଅଥବା ଅତ୍ୟାବଶ୍ୟକୀୟ ବସ୍ତୁଟି ଯଥା ସମୟରେ ଯଥା ସ୍ଥାନରେ ଓ ନିର୍ଦ୍ଦିଷ୍ଟ ବ୍ୟକ୍ତି ପାଖରେ ନ ପହଁଚିଲେ ବିଗିଡିଯାଏ ସ୍ଥିତି, ଓଲଟ ପାଲଟ ହୁଏ କାର୍ଯ୍ୟଧାରା । ଅପ୍ରତ୍ୟାଶିତ ଭାବେ ଭୁଲ ଠିକଣା ଯୋଗୁଁ ହାତ ପାଆନ୍ତାକୁ ଅପରିକଳ୍ପନୀୟ ବାର୍ତ୍ତଟିଏ ବା ବସ୍ତୁ ଆସିଗଲେ ନିଜ ଅବସ୍ଥାର ତତ୍କାଳୀନ ସୁଧାର ଆସିପାରେ, ଆଲୋକିତ ହୋଇ ପାରେ ବର୍ତ୍ତମାନ ଏବଂ ନିଜର ଅସମାଧିତ ସମସ୍ୟା ସମାଧାନ ହୋଇ ପାରେ ସତ, ମାତ୍ର ପ୍ରକୃତ ପ୍ରାପକର ଜୀବନ ହୋଇଉଠେ ବୀତସ୍ପୃହ ।

ଆଦୌ ନ ପହଂଚିବା ଅପେକ୍ଷା ଭୁଲ ଠିକଣାରେ ପହଂଚିବା ଦ୍ୱାରା ଦୁଇଟି କାର୍ଯ୍ୟ ସାଧିତ ହୋଇଥାଏ । ପ୍ରଥମଟି ନିଜ ପାଇଁ ଉପଯୋଗ କରିବା ଓ ଅନ୍ୟଟି ସଠିକ ଠିକଣା ଖୋଜି ପ୍ରାପକ ନିକଟରେ ପହଞ୍ଚାଇ ଦେବା । ତେଣୁ ନପହଞ୍ଚିବାକୁ ସାଧାରଣରେ ସହଜରେ ଗ୍ରହଣ କରାଯାଇ ପାରେନା । ସଠିକ ଠିକଣା ଥିବା ସତ୍ତ୍ୱେ ଅନେକ କ୍ଷେତ୍ରରେ ପ୍ରାପକ ଓ ପ୍ରେରକଙ୍କୁ ଜାଣିଶୁଣି ଠକି ଦେଇଥାଏ ବାହକ । କୌଣସି ବ୍ୟକ୍ତି ବିଶେଷ ଦ୍ୱାରା ଅନୁପ୍ରେରିତ ହେଉ ଅଥବା ନିଜର ନିହିତ ସ୍ୱାର୍ଥ ହାସଲ ନିମନ୍ତେ ହେଉ, ଏ କୁକର୍ମଟି ସମ୍ପନ୍ନ ହୋଇଥାଏ ବାହକ ଦ୍ୱାରା । ବାର୍ତ୍ତାଟିଏ, ଚିଠିଟିଏ ବା ମୂଲ୍ୟବାନ ବସ୍ତୁଟିଏ ପଠାଇଦେଇ ପ୍ରେରକ ଚିନ୍ତାଶୂନ୍ୟ ହୋଇ ଅପେକ୍ଷା କରିଥାଏ ପ୍ରତ୍ୟୁତ୍ତର ଆସିବ, ଫଳାଫଳ ମିଳିବ ଅଥବା ମଜବୁତ ହେବ ସମ୍ପର୍କ । ମାତ୍ର ସେପରି କିଛି ନଘଟିଲେ ଆଖିରୁ ପାଣି ମରି ମରି ଯାଏ, ସମୟ ସରି ସରି ଆସେ, ଜୀବନ ଚାଲିଯାଏ ବିପଥରେ, ଅଥଚ ଉତ୍ତର ଆସେନାହିଁ ଭୁଲ ଠିକଣା ଯୋଗୁଁ ।

ISSN NO.
2582-208X

ସମ୍ପର୍କ ନିର୍ମାଣ କରିବା, ସୁଦୃଢ଼ କରିବା ଓ ତାକୁ ସ୍ଥାୟୀତ୍ୱ ପ୍ରଦାନ କରିବା ନିମନ୍ତେ ସବୁଠୁ ବଡ଼ ଆବଶ୍ୟକତା ଆଦାନ ପ୍ରଦାନ । ନିଜର ଭାବ ସ୍ନେହ ଓ ପ୍ରେମକୁ ସଠିକ ମୁହୂର୍ତ୍ତରେ ସଠିକ ସ୍ଥାନରେ ପହଞ୍ଚାଇ ପାରିଲେ ଏହା ସମ୍ଭବ ହୁଏ । ବୃତ୍ତିଗତ କାରଣରୁ ଦୂର ଦୁରନ୍ତରେ ଅବସ୍ଥାନ କରୁଥିବା ସତ୍ୱେ ପିତା-ପୁତ୍ର, ଭାଇ-ଭଉଣୀ, ସ୍ୱାମୀ-ସ୍ତ୍ରୀ ବା ପ୍ରେମିକ-ପ୍ରେମିକା ନିଜ ସଠିକ ଠିକଣାର ଉପଯୋଗ କରିବା ଦ୍ୱାରା ପରସ୍ପର ମଧ୍ୟରେ ସ୍ଥାୟୀ ଭାବରେ ରହିଥାଏ ଅଭୁତପୂର୍ବ ସମ୍ପର୍କ ।

ଅନେକ ସମୟରେ ଭୁଲ ଠିକଣା ସୁଦ୍ଧା ମଙ୍ଗଳାକାରୀର ଭୂମିକା ତୁଲାଇ ଥାଏ । ଭାଙ୍ଗି ଯାଉଥିବା ଘର ଓ ତୁଟି ଯାଉଥିବା ମନ ଯୋଡି ହୋଇଯାଏ । ନିକଟତର କରିଦିଏ ଦୁଇଟି ବିପରୀତଗାମୀ ହୃଦୟକୁ । ଦୀର୍ଘକାଳ ଧରି ସମାଧାନ ହୋଇ ପାରୁନଥିବା ସମସ୍ୟା ସମାଧାନ ହୋଇଯାଏ । ଅପ୍ରତ୍ୟାଶିତ ଓ ଅଯାଚିତ ଭାବରେ ପହଂଚୁଥିବା ଫଳପ୍ରଦ ବାର୍ତ୍ତା, ବସ୍ତୁ ବା ବ୍ୟକ୍ତିର ଆଭିମୁଖ୍ୟ ସ୍ୱଷ୍ଟ ଥିବାରୁ କୌଣସି ନା କୌଣସି ନିଷ୍କର୍ଷରେ ପହଞ୍ଚାଇ ଦିଏ । ଏ ବିଶାଳ ସଂସାରରେ ପ୍ରତି ମଣିଷର, ପରିବାରର ବା ସମାଜର କିଛି ନା କିଛି ଆବଶ୍ୟକତା ସବୁବେଳେ ରହିଥାଏ ଏବଂ ଏହାକୁ ପୂରଣ କରିବା ନିମନ୍ତେ ଉଦ୍ୟମ ସହିତ ସଂଘର୍ଷ କରୁଥାଏ ଜୀବନବ୍ୟାପି । ଅନ୍ୟ ଅର୍ଥରେ ସୂକ୍ଷ୍ମ ଭାବରେ ବିଚାର କଲେ ଊଣା ଅଧିକେ ସବୁଠି ରହିଛି ପ୍ରାୟ ଏକା ପ୍ରକାର ଆବଶ୍ୟକତା । ପ୍ରେମ ଧନ ଅର୍ଥ ପ୍ରତିପତ୍ତି ସମ୍ମାନ ସମ୍ପର୍କ ଆଦି ମୌଳିକ ଆବଶ୍ୟକତା ଅନୁଭୂତ ହୁଏ ସବୁଠି । କେଉଁଠି ଏହା ଆକାଶ ପରିବ୍ୟାପ୍ତ ତ କେଉଁଠି ଏକ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ବନ୍ଧା । ଯଦି ବିନା ପ୍ରଚେଷ୍ଟାରେ ବିନା ଉଦ୍ୟମରେ ଓ ପରିଶ୍ରମ ବିନା ଦାଣ୍ଡ ଦୁଆର ସାମ୍ନାରେ ଅଫୁରନ୍ତ ପ୍ରାଣ ପ୍ରବାହ ପୂର୍ଣ୍ଣ ଚିଠିଟିଏ, ଶଗଡ଼ ପରିମାଣ ଭରସା ଏବଂ ଆକାଶ ଭରି ସ୍ୱପ୍ନ ସାକାର କରିବା ପାଇଁ ଅର୍ଥ ପ୍ରେମ ଆଦର ଆସି ପହଂଚି ଯାଏ, ତେବେ ତାହାକୁ ଭାଗ୍ୟ କୁହାଯିବ ନା କୁହାଯିବ ବିଧି ନିର୍ଦ୍ଦେଶ ? ସଠିକ ଠିକଣାରେ ଅପେକ୍ଷାରତ ଅଭାଗା ଜଣକ ନିନ୍ଦୁଥିବ ନିଜ କୃତକର୍ମକୁ, ଅନ୍ୟ ପାଖରେ ଦେଇଆସିଥିବା ଠିକଣାକୁ, ରାସ୍ତାକୁ ଅଥବା ବାହକକୁ ।

ISSN NO.
2582-208X

ଠିକଣା ଜଣା ନଥିବା ଅଥବା ଅସ୍ପଷ୍ଟ ଠିକଣା ଧରିଥିବା ବ୍ୟକ୍ତିଟି ସାମ୍ନାରେ ଯେ କୌଣସି ଲୋକକୁ ଦେଖିବା ମାତ୍ରେ ପଚାରି ବସେ ଗନ୍ତବ୍ୟ ସ୍ଥାନ ଓ ସହଜ ରାସ୍ତା । ସଭିଏଁ ଯେ ସତ୍ୟନିଷ୍ଠ ଭାବେ ତାକୁ ସଠିକ ରାସ୍ତା ବତେଇଦେବେ ବା ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇଦେବାରେ ସାହାଯ୍ୟ କରିବେ ଏହା ଆଶା କରିବା ବୃଥା । ଭୁଲ ଠିକଣା ଦେବା, ଅରାସ୍ତାରେ ଯିବାକୁ କହିବା ଏବଂ ଅମଣିଷର ସାମ୍ନା କରାଇଦେବା ଜନିତ ପୈଶାଚିକ ଆନନ୍ଦ ଅନୁଭବ କରୁଥିବା ମଣିଷ କିଛି କମନାହାନ୍ତି ଆମ ଚାରିପାଖରେ । ଅତଏବ ଲକ୍ଷ୍ୟ ସ୍ଥିର କରିବା, ଗନ୍ତବ୍ୟ ନିର୍ଦ୍ଦିଷ୍ଟ କରିବା ଅଥବା ଚିଠିଟିଏ ଲେଖି ସମ୍ପର୍କ ଯୋଡିବା ବେଳେ ସତର୍କ ନହେଲେ ପ୍ରଚୁର ମୂଲ୍ୟ ଦେବାକୁ ପଡେ ।

କେବଳ ବ୍ୟକ୍ତିଗତ ସ୍ତରରେ ନୁହେଁ, ସରକାରୀ ଚିଠି, ସାର୍ବଜନୀନ ବାର୍ତ୍ତା ଓ ଆନୁଷ୍ଠାନିକ ଦାନ ଅପାତ୍ରରେ ଏବଂ ଅସ୍ଥାନରେ ପହଞ୍ଚି ସୃଷ୍ଟି କରୁଥିବା ଝଡ଼ କ୍ଷତିଗ୍ରସ୍ତ କରେ ସମାଜ ଜୀବନକୁ । ଉଦବେଗ ଓ ଉଦବେଳନ ଜନିତ ଅଶାନ୍ତିରେ ଚାରିପାଖ ବନ୍ଧା ପଡ଼ିଯାଏ । ଏ ସବୁକୁ ଲକ୍ଷ୍ୟକରି ବାଇ ମହାନ୍ତି ଯୁକ୍ତି ବାଢ଼ନ୍ତି, “ହେ ପ୍ରିୟଜନ, ଭୁଲ ଠିକଣାରେ ଚିଠି ପଠାଇବା ଅଥବା ଭୁଲ ଠିକଣାକୁ ଚିଠି ଆସିବାର ଅନ୍ତ ହେବନାହିଁ ଏ କଥା ସତ, ମାତ୍ର ତାକୁ ସଠିକ ରାସ୍ତା ଦେଖାଇବା, ଯଥା ସ୍ଥାନରେ ଓ ପ୍ରକୃତ ବ୍ୟକ୍ତି ନିକଟରେ ପହଞ୍ଚାଇବା କଣ ଆମର ଦାୟିତ୍ୱ ନୁହେଁ କି! ଏ ସାମାନ୍ୟ କାମଟି ସମ୍ପାଦନ ନକଲେ ଆସନ୍ତା କାଲି ମହାକାଳ ଆମକୁ ଛାଡିବ ତ !”

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ପୁସ୍ତକ



ଦିଲ୍ଲୀପ ଶତପଥୀ

ଦେଖିଲେ ଲାଗୁଚି ଦୁଃଖ,
ହାତରେ ନାହିଁ ପୁସ୍ତକ ।
ଥିଲାବାଲା ଘର ଥାକରେ ଥାଇକି
ଖାଉଛନ୍ତି ଉଇ ପୋକ ।

ଲୁଣ କୁ ଶୁଙ୍ଘିଲେ ଜୋକ,
ପାଚିଲା ବେଲ କୁ କାକ ।
ରଦ୍ଦି ବାଲା ତାକୁ ପଲା ରେ ଟେକୁଛି
ଦଶ ଟଙ୍କା ଦି କିଲ କ ।

ଛାତି କରେ ଧକ ଧକ,
ରାଜୁତି କରନ୍ତି ମୂର୍ଖ ।
ଜ୍ଞାନ ବି ବଢିଛି ଜ୍ଞାନୀ ବଢିଛନ୍ତି
ଭାଷା ପାଇଁ ଯାହା ଶୋକ ।

ବାକି କିଛି ଅଲାଜୁକ,
ନ ମାଡି ପୁସ୍ତକ ପାଖ ।

ISSN NO.
2582-208X

ଅଜ୍ଞାନ ଉପରେ ଜ୍ଞାନ ବରଷାନ୍ତି
ପାଟି କରି ବକବକ ।

ଫକୀର ଆମ ଗାଳ୍ପିକ,
ଉପେନ୍ଦ୍ର କବିରେ ଟେକ ।
ଯେତେକ ଲେଖକ ଜାତି ସୁଧାରକ
ଉପନ୍ୟାସ ବା ନାଟକ ।

ଯୁଗ ତ ହେଲା ଯାନ୍ତ୍ରିକ,
ଅଲୋଡ଼ା ଯେ ବହିତକ ।
ଖଟରେ ଶୋଇଲି ମୋବାଇଲ ଖୋଲି
ଶିକ୍ଷକଙ୍କୁ କଲି ମୁକ ।

ଜଗନ୍ନାଥ ତମେ ଦେଖ,
କଇଁଛ କାଢ଼ିଚି ବେକ ।
ବେଳ ଥାଉ ଥାଉ ବାଟରୁ ହୁଡ଼ିଲେ
ଅବାଟୁ ଟିକେ ସଳଖ ।

ପୋଷ୍ଟମାଷ୍ଟର, ଏ ଜି ପୋଷ୍ଟ ଅଫିସ
ଭୁବନେଶ୍ୱର 751001
9437175764

ISSN NO.
2582-208X

# ଝିଅଟି ମୋର ଅତି ନିଜର



ଡକ୍ଟର ସୀମାଞ୍ଚଳ ପ୍ରଧାନ

ଝିଅଟି ମୋର ଅତି ନିଜର
ତା'ପରି ନାହିଁ କେହି
ପଥି, ପାଚନ ଦେଇ ମୋ ମୁଖେ
ପାଖରେ ବସେ ସେହି ।

ସଅଳ ଉଠେ ଶେଜରୁ ତା'ର
ଚଉଡି ରଖେ ଶେଜ
ଯେଉଁଠି ଯାହା ରହିବା କଥା
ରଖିଥାଏଟି ଆଜ ।

ଘର ଦାଣ୍ଡରେ ପକାଏ ସଦା
ଛଡ଼ା ପାଣିରୁ ମୁନ୍ଦେ
ସେହି ସଂସ୍କୃତି ଲୋପ ପାଇଛି
ଦେଖ ରାଇଜ ମଧ୍ୟେ ।

ସୁନ୍ଦର ଥିଲା ଆମ ସଂସ୍କୃତି
ପୂନେଇଁ ଚାନ୍ଦ ପରି
ସିମେଣ୍ଟ ରାସ୍ତା ଯେତେ ବି ହେଲେ
ନୋହିବ ତାକୁ ସରି ।

ISSN NO.
2582-208X

ଘର ଘରକେ ପଡିଛି ଛାତ
ଚଟାଣେ ମାରବଲ୍
ଆମ ନାରୀକୁ ଟିକେ ସମୟ
ନାହିଁ ଟି ବିଲ୍ କୁଲ୍ ।

ଘର ସଜଡ଼ା କାମରେ ସିଏ
ବିତାଏ ଦିନ, ରାତି
ସନ୍ଧ୍ୟା ହୋଇଲେ ଈଶାଣେ ଯାଇ
ଲଗାଏ ସଞ୍ଜବତି ।

ଆମ ସଂସ୍କୃତି ମହାନ ଅତି
ଠାକୁର ପୂଜେ ସିଏ
ମୁଣ୍ଡିଆ ମାରି ମନ କଥାକୁ
ତାଙ୍କୁ ଜଣାଇଥାଏ ।

ମୁହିଁ କିପରି ସୁଖ ଶ୍ରଦ୍ଧାରେ
କଟାଇବି ଏ ଜୀବନ
ଠାକୁର କାନେ କହେ ସର୍ବଦା
ନହୋଇ ମ୍ରିୟମାଣ ।

***

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ISSN NO.
2582-208X

# ଖୋଜିଛି ମୁଁ ପାଇନାହିଁ



କାର୍ତ୍ତୀକେଶ୍ୱର ନାୟକ

ସତରେ ମୁଁ ଦେଖିନାହିଁ
ସୃଷ୍ଟି ର ସ୍ରଷ୍ଟାଙ୍କୁ..
ଖୋଜି ଖୋଜି ନୟାନ୍ତ ମୁଁ
ଅଦୃଶ୍ୟ ସତ୍ତାଂକୁ.....
ଖୋଜେ ନିରନ୍ତର, ଠିକଣା ତୁମର..

ଖୋଜିଛି ତୁମକୁ
ସହର ବଜାର, ବିଲପ୍ରାନ୍ତର
ଘଂଚ ବନାନୀ ଅବା ସୁନୀଳ ଅମ୍ବର
ଅଗଭୀର ପରିବ୍ୟାପ୍ତ  ଜଳଭଣ୍ଡାର
ତଥାପି  ପାଇନି ତୁମକୁ ଅବା ଠିକଣା ତୁମର...

ହେ ଈଶ୍ୱର, ଶୁଣିଲି ଘର ତୁମ ନିରଳା
ମନ୍ଦିର..
ଧାଇଁ ଗଲି, ଦୁଃଖ ନେଇ ମୋର..
ହେଲେ, ଠକି ଦେଲ ମୋତେ
ଦେଲନି ଉତ୍ତର...

ISSN NO.
2582-208X

ଦେଖି ଦେଖ ନାହିଁ, ଶୁଣି ଶୁଣ ନାହିଁ
ପାଟି ଥାଇ କୁହ ନାହିଁ,
ନୀରବ ପଥର, କି ଦେବ ଉତ୍ତର..

ତଥାପି ମୁଁ ହାରିନାହିଁ
ଗଲି ଗୀର୍ଜା ଘର, ପ୍ରଣତି ଜଣାଇ
ଡାକିଲି, ଶୁଣ ହେ ଈଶ୍ୱର
ନିଷ୍ଫଳ ପ୍ରାର୍ଥନା ନର୍ଜୀବ ମୂର୍ତ୍ତି ସେ
କି ଦେବ ଉତ୍ତର
ମୁଁ ଖୋଜେ ନିରନ୍ତର...

ଶୁଭୁଥିଲା ବହୁଦୂରୁ ଆହ୍ଲା ହୋ ଆକବର୍...
ଦୃଢ ବିଶ୍ୱାସ ଜନ୍ମାଇ
ପଶିଲି ଶରଣ ଯାଇ.
ପାଟ ବସ୍ତ୍ର ଭେଟି ଦେଲି
ନେହୁରା ବି ହେଲି...
ହେଲେ ଫେରିଲି ମୁଁ ଖାଲି ହାତେ
ନ ମିଳେ ଉତ୍ତର
ମୁ ଖୋଜେ ନିରନ୍ତର...

ଶେଷ ଆଶା ରଖି
ଗଲି ମୁଁ ଗୁରୁ ଦ୍ୱାର
ତନ୍ମୟ ହୋଇ ଡାକିଲି
ହେ ଗୁରୁ ହେ ଗୁରୁବର

ISSN NO.
2582-208X

ଯଶ ବା ବିଭବ
ଲୋଡା ନାହିଁ ମୋର
ମାନବ ବାଦରେ ହସୁ
ଏ ସାରା ସଂସାର....

କିନ୍ତୁ ହେଲି ହତାଦର
ବିଶାଦ ରେ ଫେରିଲି ମୁଁ ଘର
କେଉଁଠି ରହିଲା ଭୁଲ୍
କେହି ନ ଦେଲେ ଉତ୍ତର
ଖୋଜିଛି ମୁଁ ପାଇ ନାହିଁ
ଏବେବି ଖୋଜୁଛି
ହେ ସ୍ରଷ୍ଟା କେଉଁଠି ତୋ ଘର..

ଶ୍ରୀବିହାର ବୌଦ୍ଧ
ମୋ: 7978128353

ISSN NO.
2582-208X

# ଆରିଷା ପିଠା



ଶାନ୍ତଲତା ମିଶ୍ର

ବୋଉ ସଙ୍ଗେ ଫୋନ୍ ରେ କଥା ହେଉଥିଲା "ଅରୁଣ' । କଥାରେ କଥାରେ ବୋଉ ପଚାରିଲା କେବେ ଆସିବୁ ଘରକୁ । ବହୁତ ଦିନ ହେଲା ତତେ ଦେଖିନି । ବୋଉକୁ ଆଉ ପାରି ହବନି ଏଇତ ଦେଢ ମାସ ବି ହବ କି ନାହିଁ ଯାଇଥିଲା ଘରକୁ । ତଥାପି ବୋଉ ଯେତେବେଳେ ପଚାରିଲାଣି କିଛି ତ ଗୋଟେ ଉତ୍ତର ଦବ । ଅରୁଣ ବିନା କିଛି ନଭାବି କହିଦେଲା ଆସନ୍ତା ଦଶ ତାରିଖ ରବିବାର ଦିନ ସୁବିଧା ହେଲେ ଆସିପାରେ । କିନ୍ତୁ ସେ ପରେ ସଠିକ୍ ଭାବେ ଜଣେଇବ । ଏତିକିରେ ବୋଉର ଖୁସି କହିଲେ ନସରେ ।

ଯେତେ ଥର ସେ ବୋଉକୁ ଆସି ତା ପାଖେ ରହିବାକୁ କହିଛି ସେ ମନା କରେ କାରଣ ତାକୁ ସହରରେ ରହିବାକୁ ଭଲ ଲାଗେନି । ସେ ତ ସାରା ଜୀବନ ଗାଁରେ ହିଁ ବିତେଇଛି । ତାର ଏଇ ଗାଁ ସାଇ ପଡିଶା ଭଲ ତ ସିଏ ଭଲ । ତଥାପି କହେ ତୁ ବାହା ହୋଇ ସାରିଲା ପରେ ଆସିବି ତୋ ପାଖରେ ରହିବି । ବୋଉକୁ କିପରି ବୋହୁ ମିଳିବ ଜଣା ନାହିଁ ସେ ଏପରି ଏକ ଅହେତୁକ ଆଶା କାହିଁକି ଯେ ମନରେ ରଖିଛିଅରୁଣକୁ ଜଣା ନାହିଁ ।

କିନ୍ତୁ ସେ ମାସର ଦଶ ତାରିଖ ଦିନ "ଜିଲି'ର ଜନ୍ମଦିନ ସେ ପରେ ଜାଣିଲା । ଜିଲିର ତାର ପ୍ରାୟ ଛଅ ମାସରୁ ଉର୍ଦ୍ଧ ହେବ ପରିଚୟ ହୋଇଛି । ଦୁଇ ଜଣ ଏକ ଅଫିସରେ କାମ କରନ୍ତି । ବେଶ୍ ମିଳାମିଶା, ସିନେମା ଦେଖା ହୋଟେଲ ଖିଆ ବୁଲିବା ଚାଲିଛି । ଜିଲିକୁ ତ

ISSN NO.
2582-208X

ହଁ କରି ଦେଇଛି, ବୋଉକୁ ବି କଥା ଦେଇଥିଲା । ତେବେ ଜଣକୁ ତ ଏବେ ମନା କରିବାକୁ ହେବ । ଦୁଇ ଯାଗା ସେ ଏକା ଦିନରେ ଯାଇ ପାରିବନି ।

ଜିଲିକୁ ମନା କରିବା ସମ୍ଭବ ନୁହେଁ । ଜନ୍ମ ଦିନ ଏକ ବାହାନା । ଆଜିର ପାର୍ଟି ପ୍ରକୃତରେ ଅରୁଣ ଉଦ୍ଦେଶ୍ୟରେ । ବୋଉକୁ ସେ ମନା କରିଦେବ ତା ପର ରବିବାର ସେ ଆସିବ । କିନ୍ତୁ ଫୋନ୍ କରିବ କରିବ ହୋଇ ଭୁଲି ଯାଇଛି । ଜିଲି ସବୁଦିନ ଫୋନ କରି କଥା ହୁଏ। ଅଫିସରୁ ଆସିଲା ପରେ, ତାପରେ କ୍ଳାନ୍ତ ହୋଇ ଶୋଇଯାଏ । ଭୁଲିଗଲା ବୋଉକୁ ଫୋନ କରିବାକୁ । ହଠାତ୍ ଦଶ ତାରିଖ ସକାଳୁ ମନେ ପଡିଗଲା ନଅଟା ବାଜିଛି କିଛି ଅର୍ଜେଣ୍ଟ କାମର ବାହାନା କରି ଆଜି ଯାଇ ହବନିବୋଉକୁ କହିଦେବ ।

ଫୋନ୍ ଉଠେଇ ତା ସ୍ୱର ଶୁଣି ବୋଉର କି ଖୁସି । -ଆରେ କେତେବେଳେ ଆସୁଛୁ । ତୋ ପାଇଁ ସକାଳୁ ମାଛ ବେସର, କାନିକା, ପଣଷ ଡାଲମା, ପୁରି କରି ସାରିଲିଣି । ଏଇଲେ ଯାଉଛି ଆରିଷା ପିଠା ମଣ୍ଡା କାକରା ଦିଟା କରିଦେବି ତୁ ଗଲାବେଳେ ନେଇକି ଯିବୁ । ଅରୁଣକୁ କିଛି କହିବାର ଅବସର ନଦେଇ ବୋଉ ଗପିଚାଲିଲା ।

-କେତେବେଳେ ଏତେ କଥା କରି ସାରିଲୁଣି । ବ୍ୟସ୍ତ ହୋଇ ପଡିଲା ଅରୁଣ । -"ଆରେ ରାତି ଚାରିରୁ ନିଦ ଭାଗିଁଗଲା ଉଠିକି ଧିରେ ଧିରେ ସବୁ ସାରିଦେଲି । ତୋ ସଙ୍ଗେ କଥା ହବାକୁ ସମୟ ମିଳିବନି ଯଦି ରୋଷେଇରେ ବ୍ୟବ ରହିବି ତୁ ଆସିଲା ପରେ । ତୁ ତ ସକାଳୁ ଆସି ରାତିରେ ଚାଲିଯିବୁ କହିଥିଲୁ" ।

ହଉ କହିକି ଅରୁଣ ଫୋନ୍ ରଖିଦେଲା । ଆଉ କଣ ସେ କହିଥାନ୍ତା ବୋଉ ଏତେ ଖୁସିରେ ସକାଳୁ ଉଠି ରୋଷେଇବାସ କରି ଚାହିଁକି ବସିଥିବ ମନା କରିଦେଲେ ଏଇଲେ ତା ମନରେ

ISSN NO.
2582-208X

କେତେ ଦୁଃଖ ହେବ ସେ ଅନୁମାନ କରି ପାରୁଛି । ବୋଉର ଖୁସିକୁ ଏତେ ସହଜରେ ଭାଙ୍ଗି ଦବାକୁ ମନ ଚାହିଁଲାନି ।

ଘରକୁ ଯିବାକୁ ଦୁଇରୁ ତିନି ଘଣ୍ଟା ଲାଗିଯାଏ । ଭିଡ ଉପରେ ନିର୍ଭର କରେ । ସେ କାଳ ବିଳମ୍ବ ନକରି ଯେମିତି ସେମିତି ପାଣି ଦି ଢାଳ ଦେହରେ ପକେଇ ଗାଧୁଆ କାମ ସାରି ଗାଡି ଧରି ବାହାରି ଗଲା । ଶିଘ୍ର ଯାଇ ଶିଘ୍ର ଫେରି ଆସି ଜିଲିର ଜନ୍ମଦିନରେ ଯୋଗ ଦେବ । କାରଣ ଜିଲରି ଏଇଟା ପ୍ରଥମ ଜନ୍ମ ଦିନ ପାଳନ ସେମାନଙ୍କ ଦେଖା ସାକ୍ଷାତ ମିଳାମିଶା ପରେ । ବଡ ଧୁମ୍ ଧାମ୍ ରେ ନିଶ୍ଚୟ ଆୟୋଜନ କରିଥିବ । ଆଜି ତା ବାପା ଭାଇଙ୍କ ସଙ୍ଗେ ଅରୁଣର ପରିଚୟ ମଧ୍ୟ କରେଇବ ବୋଲି କହୁଥିଲା । ତାପରେ ବିବାହ ଚିନ୍ତା କରିବେ ।

ଆଜି ମନ ସବୁ ଆଡୁ ଖୁସି । ଭଲ ହେଲା । ବୋଉର ବି ଆଶୀର୍ବାଦ ମିଳିଯିବ । ବାପା ଯିବା ପରେ ବୋଉ ବାପ ମା ଦୁଇଜଣଙ୍କ ବୋଝ ଏକା ବୋହି ତାକୁ ମଣିଷ କରିଛି । କେତେ କଷ୍ଟ କରିଥିବ ତାକୁହିଁ କେବଳ ଜଣା । ତାକୁ ସହରରେ ପାଠ ପଢେଇ ଉଚ୍ଚ ଶିକ୍ଷିତ କରିବା ଏତେ ସହଜ ନଥିଲା ଏକାକୀ ଜଣେ ନାରୀ ପକ୍ଷେ ।

ଘରୁ ତିନି ଟା ବା ଅତି ବେଶୀରେ ଚାରି ଭିତରେ ଯଦି ସେ ବାହାରି ଆସେ ତେବେ ସନ୍ଧ୍ୟା ଛ ନହେଲେ ବି ଟିକେ ଡେରିରେ ପହଞ୍ଚି ଯିବ ଜିଲି ଘରେ । ଛଅଟା ବେଳେ ତାର ପାର୍ଟି ଆରମ୍ଭ ହେବ ବୋଲି ଜିଲି କହିଥିଲା । ଅରୁଣର ପ୍ଲାନ ମୁତାବକ ସବୁ କାମ ଠିକ୍ ଟାଇମ୍ ରେ ହୋଇଗଲା । ତାର ଯିବାକୁ ତର ତର ଦେଖି ବୋଉ ବି ଅଟକେଇ ନଥିଲା । ବୋଉ କଥା ବେଶି ନଲମ୍ବେଇ ସେଦିନ ସଟ୍‌କଟରେ ସାରି ଦେଇଥିଲା । ଆର ମାସରେ ପୁଣି ଆସିବ କହି ଘରୁ ଶିଘ୍ର ବାହାରି ଆସିଲା ଅରୁଣ । କିନ୍ତୁ ଗାଁ ରାସ୍ତା ଛାଡି ସହର ରାସ୍ତାରେ ପ୍ରବେଶ କରିବା ପୂର୍ବରୁ ସେଇ ରାସ୍ତାରେ ଏକ ଟ୍ରକ୍ ଓଲଟି ପଡି ରାସ୍ତା ଅବରୋଧ କରିଛି । ଯିବାକୁ ଅନ୍ୟ ରାସ୍ତା ନାହିଁ । ଓ କି ଝମେଲା । ଘରୁ ସକାଳେ ଆସିଲା ବେଳେ ତରତରରେ ଫୋନ୍ ଟା ବି ଆଣିବାକୁ ଭୁଲି ଯାଇଥିଲା । ମୁଣ୍ଡ ଗରମ, ମନ ଖରାପ କିଛି ଅନ୍ୟ ଉପାୟ

ISSN NO.
2582-208X

ନାହିଁ । ଲୋକ ମାନେ ଲାଗିଛନ୍ତି ରାସ୍ତା ସଫା କରିବାକୁ । ତାକୁ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ପଡିବ । ସେ ବି ଯାଇ ସେ ଲୋକ ମାନଙ୍କୁ ସାହାଯ୍ୟ କରିବାକୁ ଲାଗିଲା । ରାସ୍ତା ସଫା ହେବାକୁ ପ୍ରାୟ ଦୁଇ ଘଣ୍ଟା ଉପରେ ଲାଗିଗଲା । ଜିଲିର ଘରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ନଅଟା । ଅତିଥି ମାନେ ଫେରିବା ପ୍ରସ୍ତୁତିରେ ।

ଅରୁଣ ଜାଣିଥିଲା ଜିଲି ନିଶ୍ଚୟ ମୁହଁ ଫୁଲେଇବ ତା ସଙ୍ଗେ କଥା ବି ନହୋଇ ପାରେ । ସେ ଆଜିର ପାର୍ଟିରେ ମୁଖ୍ୟ ଅତିଥି ହବାର କଥା ଥିଲା । କିନ୍ତୁ ଏବେ ଭାବୁଛି କିଛି ତିରସ୍କାର ବା ଭତ୍ସନା ବ୍ୟତୀତ ତାକୁ ଆଉ କିଛି ମିଳିବନି । ତଥାପି ସାହାସ ସଂଚୟ କରିକି ଗଲା । ଏବଂ ସବୁ ସତ କଥା କହିବ ଏବଂ ଜିଲି ର ସବୁ ବାକ୍ୟ ବାଣର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୋଇଗଲା ।

ସେଇଆ ହିଁ କଲା ଅରୁଣ । ଜିଲି ପ୍ରଥମେ ତାକୁ ଦେଖି ନଦେଖିବାର ଛଳନା କଲା । ଅନ୍ୟ ମାନଙ୍କ ସହିତ କଥା ବାର୍ତ୍ତାରେ ନିଜକୁ ବ୍ୟସ୍ତ ରଖିଲା । ଅରୁଣ ବି କିଛି କହିଲାନି । ଗୋଟାଏ କୋଣରେ ଯାଇ ବସିଗଲା ଓ ସମସ୍ତ ଅତିଥି ଯିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କଲା ।

ସମବେ ଗଲା ପରେ ଜିଲି ରାଗରେ ଅରୁଣକୁ କହିଥିଲା ଆଜି ନଆସିଥିଲେ ଚଳିଥାନ୍ତା । ସମବେ ଗଲେଣି ତମେ ବି ଏବେ ଯାଇପାର । ପରିବେଶକୁ ଟିକେ ହାଲକା କରିବା ପାଇଁ ଅରୁଣ ଏକ ପରିହାସର ସ୍ୱରରେ କହିଲା -"ଖାଇବାକୁ କି ପିଇବାକୁ କିଛି ବି ପଚାରିବନି । ଜାଣେ ବହୁତ ଡେରି ହୋଇ ଯାଇଛି ଡେରି ହବାର କାରଣ ବି ପଚାରିବନି ।'

-"ପଚାରିବାକୁ କଣ ବାକି ଅଛି । ତୁମେ ଯେତେବେଳେ ସ୍ୱଦେହରେ ଏଠି ଠିଆ ହୋଇଛ ତାର ମାନେ ସବୁ ଠିକ୍ ଠାକ୍ ଅଛି ।'

ISSN NO.
2582-208X

ତାପରେ ଅରୁଣ ବିନା ପୂର୍ଣ୍ଣଚ୍ଛେଦ ପକେଇ ଏକ ନିଶ୍ୱାସରେ ସବୁ ଗପିଗଲା ଦିନ ଯାକର କାର୍ଯ୍ୟ । ତାପରେ ବୋଉ ଦେଇଥିବା ଆରିଷା ପିଠା ଓ ମଣ୍ଡା ପିଠା ତାକୁ ଦେଇଥିଲା । ଆରିଷା ପିଠା ଦେଖି ଜିଲି କି ଖୁସି । ତାର ବି ବୋଉ ନାହାଁନ୍ତି । ସେ ବହୁ ତ ଭଲ ପାଏ ଆରିଷା ପିଠା । କିନ୍ତୁ ତାକୁ କେହି କରିକି କେବେ ଦେଇ ନାହାଁନ୍ତି । ଆରିଷା ପିଠା ଦିଟା ଖାଇ ସେ ସବୁ ରାଗ ରୋଷ ଭୁଲି ଗଲା । ତାର ବଡ ଭାଇ ଭାଉଜ ଓ ବାପାଙ୍କୁ ଅରୁଣ ସହିତ ପରିଚୟ କରେଇ ଦେଇ ସେଦିନ ତାଙ୍କ ଘରେ ରହିବାକୁ ଅନୁରୋଧ କରିଥିଲା ।

ସେଦିନ ରାତିରେ ଶୋଉ ଶୋଉ ଗପସପ ପରେ ରାତି ତିନି ବାଜିଗଲା । ତା ପର ଦିନ ସକାଳୁ ଅଫିସ ଯିବାକୁ ଅଛି । ଯାଇଥିଲା ସତ କିନ୍ତୁ ନା କାମରେ ମନ ଲାଗିଥିଲା । ଦିନ ଯାକ ନିଦ, ଅଳସୁଆ ଲାଗୁଥିଲେ ବି କାମ ତ କରିବାକୁ ପଡିବ । ମନ ଭିତରେ କିନ୍ତୁ ଦୁହେଁ ବହୁତ ଖୁସି ଥିଲେ ।

ଜିଲି ଯେ ଏତେ ସହଜରେ ଅରୁଣକୁ କ୍ଷମା କରିଦେବ, ଏତେ ଶୀଘ୍ର ସବୁ ଭୁଲି ଯିବ ସେ ସ୍ୱପ୍ନରେ ବି ଭାବି ନଥିଲା । ସେଥିପାଇଁ ଅରୁଣର ମନ ଆକାଶରେ ଉଡୁଥିଲା । ଆଉ ଜିଲିକୁ ଜଣେ ଆରିଷା ପିଠା କରି ଜାଣିଥିବା ଶାଶୂ ମିଳିଯିବ ଏତେ ସହଜରେ ତା ମନ ବି ଆକାଶରେ ଉଡୁଥିଲା । ଏତେ କ୍ଳାନ୍ତି ସତ୍ତ୍ୱେ ଦୁହିଁକ ମନ ଆଜି ଗୁଡି ପରି ଅନାୟସରେ ଉଡି ବୁଲୁଥିଲେ ଆକାଶର ଏ କୋଣରୁ ସେ କୋଣ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ଅକୁହା କଥା



ଛବି ରାଣୀ ପତି

ଭାରି ଯନ୍ତ୍ରଣା ଦାୟକ ସତେ
ଏହି ଅକୁହା କଥା ....!!
ଦିଏନି ଶୁଆଇ କେବେ
ଗହଳ ନିଦରେ;
ଉଖାରି ପୁଣି କରୁଥାଇ ରକ୍ତାକ୍ତ
ଅଜାଗା ଘାଆକୁ ।
କହି ହୁଏନି, ନକହି ରହି ହୁଏନି।
ସନ୍ତାପି ହେଉଥାଏ ବୁଦ୍ଧି
ସନ୍ତୁଳି ହେଉଥାଏ ମନ
ଏକ ପରିବ୍ୟାପ୍ତ ଚରାଭୁଇଁ ନେଇ ।
କିଛି କିଛି ଗାଳିଦିଏ .....
ଅନ୍ତରଙ୍ଗ ସମୟ ଚକ୍ରରେ
ହୃଦୟର ପାଖ ଲୋକ ପାଖେ,
ଆଉ କିଛି ଭାବନାକୁ ସ୍ୟାହି କରି
ନିଗାଡି ଦିଏ କାଗଜ କୋଳରେ ।

ISSN NO.
2582-208X

କଳ୍ପନାର ପୁଟ ମାଖି ଥୋଇଦିଏ
ଜୀବନର ଅବ୍ୟକ୍ତ ବାସ୍ତବକୁ...
ଶବ୍ଦ ବିନ୍ୟାସରେ ପରିସ୍ଫୁଟିତ କରି
ଛନ୍ଦ ଜତୀପାତର ସାଜସଜ୍ଜା ଦେଇ
ଛିଡା କରିଦେଇପାରେ...
ବିଗତର କିଛି ଅଭୁଲା ସ୍ମୃତିକୁ ।
କିଏ ବୁଝିଲା ଭଲ !!
ନ ବୁଝିପାରିଲା ତ' ଆହୁରି ଭଲ ।
ମୁଁ କହିଚାଲେ ଏମିତି ଅନେକ.....
ମନଖୋଲା ମୋର ଅକୁହା କଥାକୁ ।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ତମେ ଥିଲ ବୋଲି
# ( ୨ )



କୀର୍ତ୍ତନ ସାହୁ

ତମେ ଥିଲ ବୋଲି
ଗାଆଁ ଦାଣ୍ଡ ଆମକୁ ନିରେଖି ଚାହୁଁ ଥିଲା
ନୀରବ ମୁଦ୍ରାରେ ଉଲ୍ଲସି ଉଠୁଥିଲା
ଗାଁ ଛୁଆଙ୍କର ଡୁ ଡୁ ରାହାରେ
ଆମେ ସ୍ୱର ମିଳାଉ ଥିଲେ

ଗାଁ ମୁଣ୍ଡ ବରଗଛ ଓହଳରେ
ଆମ ଗପ ଲେଖା ହେଉ ଥିଲା
ଆମ ଯାତ୍ରାରେ ଖସାଣି ଉଠାଣିର
ଚିତ୍ର ପରା ସିଏ ଆଙ୍କୁ ଥିଲା

ଆମେ ନିଜକୁ ଖୋଜି ପାଉଥିଲେ
ଆମ ଗାଁ ନଈ କୂଳ ସୁଲୁସୁଲୁ ବାଆରେ
ଏକାଠି ବସି ଶୁଣୁ ଥିଲେ
ମଧୁର ସଙ୍ଗୀତ

ISSN NO.
2582-208X

ଚଢୁଥିଲେ ଭାବମୟ ସୋପାନ
ଲେଖୁଥିଲେ ପରସ୍ପରକୁ ବୁଝିବାର
ସଂକ୍ଷିପ୍ତ ପରିଭାଷା

ଅନେକ ବେଳେ ଗାଁ ମନ୍ଦିର ବେଢ଼ା
ଆମକୁ ବନ୍ଦୀ କରି ରଖୁଥିଲା
ଆମକୁ ପଢାଉ ଥିଲା ଆଧ୍ୟାତ୍ମିକତାର
ଅସରନ୍ତି ଫର୍ଦ୍ଦ
ଆମେ ବିଭୋର ହେଇ ଉଠୁ ଥିଲେ
ଖୋଳତାଳର ମଧୁମୟ ଆବାହନୀରେ
ଆମ ଜୀବନ ପୁସ୍ତିକାରେ
ଲେଖି ହେଇ ଯାଉଥିଲା
ଭାବପୂର୍ଣ୍ଣ ଧାରା ସବୁ ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ଦୂରଭାଷ - ୯୪୩୮୪୧୪୭୦୧

ISSN NO.
2582-208X

# ମାଆ



ଅରୁଣ କୁମାର ମହାପାତ୍ର

ରାତିର ଅନ୍ଧାର ଆଣେ ମୁଠା ମୁଠା
କେତେ ସପନ ସାଉଁଟି
ପାହାନ୍ତି ପହର ଅଧା ଭଙ୍ଗା ନିଦ
ଖୋଜେ ନିତି ବାରବାଟି ।
ଗରଭ ବେଦନା ହୋଇ ପ୍ରଶମିତ
ତୋଳେ ବିଶାଳ ସଉଧ
ସଂସାର ହାଟରୁ କରି ଏକତ୍ରିତ
ଦରବ ସେ ନାନାବିଧ ।
ହାଣ୍ଡି ଶେଷ ଅନ୍ନ କଣିକା ଭୁଞ୍ଜଇ
ପ୍ରସନ୍ନ ବଦନ ହୋଇ
ସନ୍ତାନ ମୁଖରେ କ୍ଷଣିକ ବିଷାଦ
ଆତ୍ମାକୁ କ୍ଷୀଣ କରଇ ।
ଅମୃତର ଧାରା ଜନ୍ମରୁ ଝରିଛି
ଅନ୍ତ ଜୀବନର ଶେଷ

ISSN NO.
2582-208X

ସନ୍ତାନ ମୁଖରେ ହସ ଧାରେ ଆଣେ
ନିଦାଘେ ଜଳର ସ୍ପର୍ଶ ।
ଆବଶ୍ୟକତାର ତାଲିକା ସୁଦୀର୍ଘ
କରେ ଶେଷ ଭାଗଶେଷ
ନିଜ ଇଚ୍ଛା ବଳି ସତତ ପଡ଼ିଛି
ନାହିଁ ତିଳେ ଅବଶୋଷ ।
ତା ପାଇଁ ଶବ୍ଦର ସେତୁ ଅଗ୍ରସର
ଅପହୁଞ୍ଚ ସତେ ତଟ
କି ଉପମା ଦେଇ କରିବ ପ୍ରଶଂସା
ଦେବାକୁ ମାଆକୁ ଭେଟ ?
ସେହି ଅଟେ ସଦା ମାମତାମୟୀ ମା
ମିଳିଲେ ଚରଣ ଧୂଳି
ସନ୍ତାନ ଜୀବନ ମର୍ତ୍ତ୍ୟରେ ଉଜ୍ଜ୍ୱଳ
କିଏ ବା ତାହାରି ସରି ?

E 23
ଗୌତମୀ ନଗର, ଅଶ୍ୱପୁରମ
ତେଲେଙ୍ଗାନା

ISSN NO.
2582-208X

# ହେ ଜ୍ଞାନୀ



ଅଜିତ କୁମାର ରାଉତ

ଏ ବା ତୁ କଣ କରୁଛୁ
ତୋତେ ଯିଏ  ଲାଳନ ପାଳନ କରିଛି
ଶିକ୍ଷା ମଣିଷ କର୍ତ୍ତବ୍ୟ ଦେଇଛି
ଦୁନିଆ ଦେଖିଛୁ  ଯାହାଙ୍କ ଦ୍ୱାରା
କିମ୍ପା କରୁ ତିରସ୍କାର ?
ପତ୍ନୀ ଆଉ ସନ୍ତାନ ପାଇଁ
ଧିକ୍କାର ତୋ ଜୀବନ
କି ଜ୍ଞାନୀ ତୁ
କି ଶିକ୍ଷା ତୁ ପାଇଛୁ
କରୁ ଅବହେଳା ବୃଦ୍ଧକାଳେ
ପିତୃମାତୃ ସେବା କର୍ତ୍ତବ୍ୟର
ନାହୁଁ କିମ୍ପା କରି ପାରୁ  ?.............
କି ସନ୍ତାନ ଅଟୁ
କି ବା କର୍ମ କରୁଛୁ
ଗୃହ ଆଶ୍ରମର
ଜିଅଁନ୍ତା ଦେବତା
ବୃଦ୍ଧ ଆଶ୍ରମେ  ତାଙ୍କୁ ରଖିଛୁ............

ISSN NO.
2582-208X

ଏହୁ କି ସନାତନ ସଂସ୍କୃତି ସଂସ୍କାର
କିଏ ବା ଶିକ୍ଷା ଦେଉଛି
କଥାକୁ ତୁ ତା ମାନୁଛୁ
ଅଜ୍ଞାନୀ କିମ୍ବା ସାଜିଛୁ ?
ମନୁଷ୍ୟ କର୍ତ୍ତବ୍ୟ
ନାହିଁ ମନେ କିବା
ଖୁସି ଆନନ୍ଦରେ ତୁହି
ପିତୃମାତୃ ଛାଡି
ସନ୍ତାନ ଓ ପତ୍ନୀ ସଙ୍ଗରେ
ଆରାମେ
କାଳ କାଟୁଛୁ...............
ହେବ ପୁନରାବୃତ୍ତି ଅବଶ୍ୟ
ଜାଣି କି ନାହୁ ଅବା ଶାସ୍ତ୍ର ପଢି ନାହୁ
ନିଶ୍ଚୟ ଆସିବ ଜୀବନେ ତୋର
ହେ ଜ୍ଞାନବନ୍ତ ପୁତ୍ର !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୪ )

ଚାରିଶହ ସାତରୁ ଓହ୍ଲେଇ ପ୍ରଥମେ ମୁଁ ଓ ଗଣିଆ ଭାଇ ସ୍କୁଲ୍ ଗଲୁ। ପ୍ରଧାନ ଶିକ୍ଷକ, ଅଷ୍ଟମ ଶ୍ରେଣୀ ଶିକ୍ଷକ ଶମ୍ଭୁନାଥ ସାର୍ ଯିଏ ମୋତେ ଜିଲ୍ଲା ସ୍କୁଲରେ ସହଜ ହେବାକୁ ଶିଖାଇଥିଲେ ଓ ଗଣିତର ଗୋଟାଏ ଭାବାତ୍ମକ ଦିଗ ଦେଖେଇଥିଲେ, ଉଷା ଦିଦି ଯାହାଙ୍କୁ ଦେଖି ଶିକ୍ଷାର କୋମଳତାକୁ ମୁଁ ଅନୁଭବ କରିଥିଲି, ସମେତ ସମସ୍ତ ଶିକ୍ଷକ ମାନଙ୍କ ସହିତ ଦେଖା କରି ଆଶୀର୍ବାଦ ନେଲି । ପ୍ରଧାନ ଶିକ୍ଷକ ବେଶ୍ ଆଶାୟୀ ଥିଲେ ଯେ ମୁଁ ବିହାର ବୋର୍ଡରେ ପ୍ରଥମ ନହେଲେ ବି ପ୍ରଥମ ଦଶଜଣଙ୍କ ମଧ୍ୟରେ ଅବଶ୍ୟ ରହିବି। ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳରୁ ଏପର୍ଯ୍ୟନ୍ତ କେହି ସେପରି କରି ପାରି ନଥିଲେ । ବିହାରୀ ମାନଙ୍କର ବର୍ଚ୍ଚସ୍ୱ ରହିଥିଲା ଏଥିରେ।

ଆମେ ଘରକୁ ଫେରିଲୁ। ତାପରେ ସମୟକୁ ଅପେକ୍ଷା କରିବା କଥା । ପରୀକ୍ଷା ଫଳ ମେ ମାସର ଶେଷ ଆଡ଼କୁ ପ୍ରକାଶିତ ହୁଏ। ଏ ଭିତରେ ଗାଁରେ ଆହୁରି କିଛି ପରିବର୍ତ୍ତନ ଆସି ଯାଇଥିଲା । ଅନେକ ପୁରୁଣା ପାଦ ଚିହ୍ନ ସବୁ ଗାଁ ଦାଣ୍ଡରୁ ଲିଭି ଯାଇ ନୂଆ ପାଦ ମାନେ ସ୍ଥାନ ନେଇଥିଲେ। କଳାକର ଜେଠା ଓ ବିବେକା ମାଷ୍ଟରଙ୍କ ବୁଢ଼ୀ ମାଆ ବଡ଼ପୁଲ ମଶାଣିରେ ଧୂଆଁ ହେଇ ସାରିଥିଲେ। ମଣ୍ଡେଲ୍ ସ୍କୁଲ୍ ପାଖ ହରିଆ ଅଜା ଭି ସ୍ୱର୍ଗବାସୀ

ISSN NO.
2582-208X

ହୋଇ ଯାଇଥିଲେ । ତାଙ୍କର ବତକ ମାନେ ସ୍ୱାମୀହରା ହୋଇ ପୋଖରୀରେ ପହଁରୁଥିଲେ, ନିଜେ ନିଜେ ଥଣ୍ଟ ଦ୍ୱାରା ନାଳିଆ ଖୋଳି ପୋକ ଜୋକ, କେଞ୍ଚୁଆ ଖାଉଥିଲେ କଡ଼ କଡ଼ ଶବ୍ଦ କରି।

ସବୁଠାରୁ ଦୁଃଖର କଥା ବାଡ଼ି ପଛପଟରେ ପଡୋଶୀ ପରି ରହୁଥିବା ଆମ କୁଟୁମ୍ବର ବିପିନ୍ କାକାଙ୍କ ଅକାଳ ମୃତ୍ୟୁ। ବିପିନ୍ କାକାଙ୍କ ଅଣଜେଜେ ଓ ବାପାଙ୍କ ଅଣଜେଜେ ଦୁଇଭାଇ ଥିଲେ । ଆମ କୁଟୁମ୍ବ ସବୁବେଳେ ଛୋଟିଆ । ସମ୍ପୂର୍ଣ୍ଣ ବଂଶରେ ଉତ୍ତରାଧିକାରୀ ମଧ୍ୟ ଏପର୍ଯ୍ୟନ୍ତ କେବଳ ମୁଁ । ମୋ ଜେଜେ ଗୋଟିଏ ପୁଅ । ବିପିନ୍ କାକାଙ୍କ ବାପା ମଧ୍ୟ ଗୋଟିଏ ପୁଅ। ମୋ ମାଆ ମଧ୍ୟ ଗୋଟିଏ ଝିଅ । ସେଥିପାଇଁ ତିନି ପୁରୁଷ ଅଣ୍ଡାଳିଲେ ମଧ୍ୟ ମୋର ନିଜର କାକା, ବଡ଼ବାପା କି ଝି (ପିଇସୀ) ନଥିଲେ । ଇଆଡ଼ୁ ମାଉସୀ କି ମାମୁଁ ମଧ୍ୟ ନଥିଲେ । ମୋତେ ଛୁଆବେଳେ ବାଧୁଥିଲା ଏସବୁ । ସବୁ ପିଲା ମାମୁଁ ଘରକୁ ଯାଆନ୍ତି । ତାଙ୍କ ଘରକୁ ସବୁ କେତେ କୁଣିଆ ଆସନ୍ତି, କେତେ କୋରା ଖଜା ନେଇ । ମୋ ଜୀବନ ଶୁଖିଲା କାଠ । ନା ମୁଁ କେଉଁଠି କୁଣିଆ ହେଇ ପାରେ ନା ଆମ ଘରକୁ କେହି ଆସନ୍ତି କୁଣିଆ ମଇତ୍ର ହେଇ।

ବିପିନ୍ କାକା ନିଃସନ୍ତାନ ଥିଲେ । ତେଣୁ ତାଙ୍କର ଛୁଆର ସ୍ନେହଟା ମଧ୍ୟ ମୋତେ ମିଳିଥିଲା। ବିପିନ୍ କାକାଙ୍କ ବହୁତ ମୁଣ୍ଡ ବିନ୍ଧୁଥିଲା ସବୁବେଳେ । କଣ ଟିକେ ତୁଟୁକା ମୁଟୁକା କଲେ ବେଳେ ଭଲ ହେଇ ଯାଉଥିଲା ତ ବେଳେ ହେଉ ନଥିଲା। ଦିନେ ରାତିରେ ଏମିତି ମୁଣ୍ଡ ମୁଣ୍ଡ ହେଇ ପଡ଼ିଗଲେ ଯେ ଆଉ ଉଠିଲେ ନାହିଁ। ରଙ୍ଗୀ ଖୁଡ଼ୀ ଏକୁଟିଆ ହେଇଗଲେ । କାଜ କମାଣ ପରେ ମାଆ ଡାକି ଆଣିଲା ତାଙ୍କୁ । ସେ ବର୍ତ୍ତମାନ ଆମ ଘରେ ରୁହନ୍ତି। ତାଙ୍କ ଘରଟା ମଧ୍ୟ ଗଲା ବାତ୍ୟାରେ ଭାଙ୍ଗି ଯାଇଥିଲା। ଆମ ଘରେ ଏବେ ଚାରିଜଣ। ବାପାଙ୍କ ଉଦ୍ ଯୋଗରୁ ଆମ ଘରକୁ ଭଲ ସମୟ ଆସିଲା । ବାପାଙ୍କ ଜମିରେ ଭଲ ଧାନ ଓ ପରିବା ପତ୍ର ହେଉଥିଲା। ଘରର ଅବସ୍ଥାରେ ଅନେକ ସୁଧାର ଆସି

ISSN NO.
2582-208X

ଯାଇଥିଲା। ଗୋଟାଏ ଗାଇ ମଧ୍ୟ କିଣା ହେଇଥିଲା। ବିପିନ୍ କାକାଙ୍କ ଘର ଯେଉଁଠି ଥିଲା ସେଠି ଛାମୁଣ୍ଡିଆ ବାନ୍ଧି ଗାଇ ବନ୍ଧା ହେଇଛି। ଗାଇର ସମସ୍ତ ତତ୍ୱାବଧାନ ଖୁଡ଼ୀ ବୁଝନ୍ତି ।

ମାଆ ଓ ଖୁଡ଼ୀ ବହୁତ ଖୁସି ଯେ ମୁଁ କଲେଜ ଯିବା ପୂର୍ବରୁ ଯେଉଁ କେତେମାସ ରହିବି ଘରର ଦୁଧ, ଦହି, ଘିଅ ଖାଇବି। କାରଣ ଗାଇଟା ଏଇ କୋଡ଼ିଏ ଦିନ ପୂର୍ବରୁ କଅଁଳେଇଛି। ମୁଁ ଯାଇ ଦେଖିଲି କେଡ଼େ ସୁନ୍ଦର ଧୋବ ଫରଫର ବାଛୁରୀ, ତା ମୁଣ୍ଡରେ ପୁଣି ଟୋପି ପରି ନାଲିଆ ଚାନ୍ଦଟିଏ।

ବିବେକା ମାଷ୍ଟର୍ ଘରକୁ ବିଜୁଳି ଆଲୁଅ ଆସି ଯାଇଥିଲା । ଆମ ସାହିର ଦୁଇ ପାଖ ଛକ ମଝିରେ ଦୁଇଟା ବଲ୍ବ ଝୁଲୁଥିଲା ଓଲଟା ବଙ୍କୁଲିଆ ଛତାରୁ । ରାତିରେ ବର୍ତ୍ତମାନ ଫରଚା ଦିଶୁଥିଲା ।  ଆମ ଗାଁ ସେପାଖ ନଈଟାରେ ମଧ୍ୟ ପୋଲ ବନ୍ଧା ଯାଇଥିଲା। ତେଣୁ ସେପାଖ ଗାଁ ମାନଙ୍କ ସହିତ ଚଳ ପ୍ରଚଳ ବୃଦ୍ଧି ପାଇଥିଲା। ଚିତ୍ତ ବେଶି ଯାଆ ଆସ କରୁଥିଲା। ବିବେକା ମାଷ୍ଟର କହୁଥିଲେ କୋଉ ଗୋଟେ ରାଜନୈତିକ ଦଳ ସହିତ ତାର ଉଠା ବସା ହେଉଛି। ବଡ଼ ଗୋଟାଏ ଭଲ ସମ୍ପର୍କ ଯୋଡ଼ିଛି, ତାରି ସକାଶେ ଗାଁକୁ ବିଜୁଳି ଆସିଛି। ଚଇନୁ ମୋର ସବୁଠାରୁ ଅନ୍ତରଙ୍ଗ ସାଙ୍ଗ ସେ ତ ହୋଷ୍ଟେଲ୍ ରେ। ଗାଁର ଆଉ ସାଙ୍ଗ ମାନଙ୍କୁ ନିଜ ବେଉସାରୁ ସମୟ ମିଳୁ ନଥିଲା। ମୋଠାରୁ ଟିକେ ଟିକେ ଦୂରତ୍ୱ ମଧ୍ୟ ରଖୁଥିଲେ ସମସ୍ତେ। ମୋତେ ଦୂରରୁ ଦେଖି ନ ଜାଣିଲା ପରି ବାଟ ଭାଙ୍ଗୁଥିଲେ।

କି ଖବର୍, କେମତି ଅଛୁ, ପଢାପଢି କେମତି ଚଲିଛି ଏହିପରି ନିତାନ୍ତ ଔପଚାରିକ କଥାବାର୍ତ୍ତା।

ସିଦ୍ଧୁ ଦୋକାନରେ କି ନଈରେ ସେମାନେ ମିଶି କଥାବାର୍ତ୍ତା କରୁଥାନ୍ତି କିନ୍ତୁ ମୁଁ ପହଞ୍ଚିଗଲେ କିଛଟା ସତର୍କ ହେଇ ଯାଆନ୍ତି । ମନ ଖୋଲା ମିଶନ୍ତି ନାହିଁ ।

ISSN NO.
2582-208X

ମୁଁ ଭାବେ, ମୋ ଠାରେ ପରିବର୍ତ୍ତନ ଆସିଛି ନା ମୋ ସାଙ୍ଗ ମାନଙ୍କ ଠାରେ । ମନ ମାରି ପଳେଇ ଆସେ। ଶିକ୍ଷା ତେବେ କଣ ଦୂରେଇ ଦିଏ ମଣିଷ ମାନଙ୍କୁ ? ଫାଟ ସୃଷ୍ଟି କରେ?

ନିଜକୁ ନିଜେ ବୁଝେଇ, ସାନ୍ତ୍ୱନା ଦେଇ ମୁଁ ବିବେକା ମାଷ୍ଟର ଘରେ ବେଶି ସମୟ ରୁହେ । ତାଙ୍କ ପାଖରେ ବସି ଆଗାମୀ ଜୀବନର ସ୍ୱପ୍ନ ବୁଣେ। ବହିପତ୍ର ପଢେ। ଅନିନାନୀ ଘରୁ ଘରୁ ବିଏ ପାସ୍ କରି ସାରି ଥାଆନ୍ତି । ଓଡ଼ିଆ ସାହିତ୍ୟରେ ଏମ ଏ କରିବା ଇଚ୍ଛା କିନ୍ତୁ ବର୍ତ୍ତମାନ ସମ୍ଭବ ହୋଇ ପାରି ନଥାଏ । କାରଣ ତାଙ୍କର ପ୍ରଥମ ସନ୍ତାନ ଏକ ଶିଶୁପୁତ୍ର । ତାଙ୍କର ପ୍ରଥମ କବିତା ବହି ଛାପାଖାନାରେ।

- ବାଃ, ନାନୀ ତେବେ କବୟିତ୍ରୀ ହେଇଗଲେ ?

- କି କବୟିତ୍ରୀ ରେ ? ଏଇ ତାର୍ ପୁଅର୍ କାନ୍ଦ ବନ୍ଦ କରବାର୍ ନାଗି ଛୁଆ ମାନକର୍ ଗୀତ ଗୁଲେଇ ନେଖି ପକେଇଛି ।

ଯେତେ ହେଲେ ବି ବାପା ମାନେ ସବୁ ଯୁଗରେ ବାପା । ଯେତେ କଲେ ଖୁସି ନାହିଁ । ତାଙ୍କ ପାଇଁ ଆକାଶଟା ହେଉଛି ସୀମାରେଖା। ମୋତେ ହସ ମାଡ଼ିଲା।

କେବେ କେବେ ଯାଏ ନୀରୁ ନୁଆବୋହୂ ପାଖକୁ । ତାଙ୍କ ଆଉ ମୋ ସହିତ ବସିବାକୁ ସମୟ ନଥାଏ । ଚଇନୁର ସବୁ ନାନୀ ମାନେ ବାହା ହେଇ ପଳେଇ ଯାଇଥିବାରୁ ଘରର ପୁରା ଦାୟିତ୍ୱ ତାଙ୍କ ଉପରେ । ଖୁଡ଼ୀ (ଚଇନୁର ମାଆ) ଆଉ କିଛି କରି ପାରନ୍ତି ନାହିଁ । ଅଣ୍ଟା ଅଣ୍ଟା ହେଇ ତାଙ୍କର ଜୀବନ ଯାଉଥାଏ। ଚଇନୁର ମାଇଁ ବାହାର କାମ ସବୁ କରନ୍ତି, ତଥାପି ଘରୁଆନା ଘର। ପୁଣି ତିନିଟା ଛୁଆ। ବଡ଼ଟାକୁ ସ୍କୁଲ୍ ପଠେଇବା, ଗଣିଆ ଭାଇଙ୍କୁ ଜିଲ୍ଲା ସ୍କୁଲ୍ ପଠେଇବା, ନବ କାକାଙ୍କୁ ବିଲକୁ ପଠେଇବା ତା ବାଦ୍ ଆର ଛୁଆ ମାନଙ୍କର

ISSN NO.
2582-208X

କାମ। ତାଙ୍କୁ ନାକ ପୋଛିବାକୁ ସମୟ ନଥାଏ। ମୋତେ ବସେଇ ଦେଇ, ଏଇ ମୁଁଇଁ ଆସୁଛେଇଁ କହିକରି କୁଆଡ଼େ ମିଲକି ଦିଅନ୍ତି। ମୁଁ ଯୋଉଥିପାଇଁ, ରଙ୍କୁଣା ହେଇ ଯାଇଥାଏ କିଛି ମିଳେ ନାହିଁ । ଖୁଡିଙ୍କ ସହିତ କଥା ହେଇ ପଳେଇ ଆସେ।

ଆଉ କଣ ନୀରୁ ନୁଆବୋହୂ କବିତା, ଗପ ଲେଖୁଥିବେ ? ମୋ ଭିତରୁ ନିରାଶ ଦୀର୍ଘଶ୍ୱାସଟିଏ ବାହାରି ଆସେ।

କିଛି ଦିନ ପରେ ଅବଶ୍ୟ ଚଇନୁ ପଳେଇ ଆସେ ଗ୍ରୀଷ୍ମ ଛୁଟିରେ । ଆଉ ଗାଁର ସାଙ୍ଗମାନେ ମଧ୍ୟ ସହଜ ହେଇ ଉଠନ୍ତି ପ୍ରଥମେ ତା ସହିତ ପରେ ମୋ ସହିତ। କାମକାର୍ଯ୍ୟରୁ ସମୟ ବାହାର କରି ସେମାନେ ଗପ କରନ୍ତି ଆମ ସହିତ । ପୁଣି ମୋ ହୃଦୟୟଟା ଗାଁମୟ ହେଇ ଉଠେ।

ମେ ଅଠେଇସ ତାରିଖ, ମେଟ୍ରିକ ପରୀକ୍ଷା ପରିଣାମର ଦିନ । ଗଣିଆ ଭାଇ ବ୍ଲକ୍ ଅଫିସ୍ ଯାଇ ଦେଖି ଆସନ୍ତି । ମୁଁ ଥାଏ ବିବେକା ମାଷ୍ଟର୍ ଘରେ। ହୁଡ଼ମୁଡ଼ିଆ ପଶି ଆସନ୍ତି ।

- କି କରଲୁ ରେ ଭାଇ ? ତୁଇ ବିହାର ବୋର୍ଡରେ ଫାଷ୍ଟ ହେଇଛୁ ରେ । ଆମର୍ ସ୍କୁଲର ନାମ୍ ରଖଲୁ ତୁଇ। ବାଃ ।

ବିବେକା ମାଷ୍ଟର ବହୁତ ଖୁସି ହେଲେ। କିନ୍ତୁ ଗଣିଆ ଭାଇଙ୍କ ପରି ସେତେଟା ଉତ୍ତେଜିତ ହେଲେ ନାହିଁ । ମୁଁ ଗଲି ଘରକୁ । ବାପା ପୁଣିଥରେ ମୋ ମୁଣ୍ଡରେ ତାଙ୍କର ରାଢ଼ ଶୀରାଳ ହାତଟା ବୁଲେଇ ଆଣିଲେ। ସେଇଟା ମୋ ପାଇଁ କୌଣସି ପୁରସ୍କାରରୁ କମ୍ ନଥିଲା।

ତା ପରଦିନ ପେପର ରେ ମୋର ଫଟୋ ବାହାରିଥିଲା। କିଏ ଲଡ୍ଡୁ ବାଣ୍ଟେ । ଚିତ୍ତ ଦଶ ବାରଟା ପେପର୍ ଆଣି ଗାଁରେ ବାଣ୍ଟି ଦେଇଥିଲା । ସାଙ୍ଗମାନେ ମଧ୍ୟ ବହୁତ ଖୁସି ହେଲେ

ISSN NO.
2582-208X

କିନ୍ତୁ ଆମ ମଝିର ଫାଟଟା ଚଉଡ଼ା ହେବାରେ ଲାଗିଥିଲା। ଚଇନୁ ସବୁଠାରୁ ବେଶି ଖୁସି ହେଇଥିଲା।

ସ୍କୁଲକୁ ପରୀକ୍ଷା ଫଳ ଆସିଲା ପରେ ମୁଁ ଯାଇଥିଲି । ମମତା ରାଉଳ ତୃତୀୟ ଶ୍ରେଣୀରେ ପାସ୍ କରିଥିଲା । ସେତିକିରେ ଉଷା ଦିଦି ଓ ସୌମ୍ୟଭାଇ ଖୁସି ଥିଲେ। ସୂର୍ଯ୍ୟ ଓ ପ୍ରମଥ ପ୍ରଥମ ଶ୍ରେଣୀ ପାଇଥିଲେ। ପ୍ରଧାନ ଶିକ୍ଷକ ମୋତେ କୁଣ୍ଢେଇ ପକେଇଥିଲେ । ଏତେ ବଡ଼ ଗୌରବର କଥା। ସୌମ୍ୟଭାଇ ତ ମୋର ସୌମ୍ୟଭାଇ।

ରେଭେନ୍ସା ଯିବା ପୂର୍ବରୁ,

ରଜରେ ଆମେ ପୁଣି ଖେଳୁ କବାଡ଼ି, ପୁଣିଥରେ ମୋ ଗୁଡ଼ି ଆକାଶ ଛୁଏଁ। ଆଉଥରେ ପିଲାବେଳ ଫେରିଆସେ, ଅଳ୍ପଦିନ ପାଇଁ ହେଉ ପଛେ।

ଗଣିଆ ଭାଇ ଓ ବିବେକା ମାଷ୍ଟରଙ୍କ ଇଚ୍ଛା ଥାଏ ମୁଁ କଟକର ରେଭେନ୍ସା କଲେଜରେ ପଢେ ବୋଲି । ବାପା ମାଆ କହୁଥାନ୍ତି ଏଇ ଟାଟା ସହରରେ, ପାଖରେ ରହି ପଢୁ ବୋଲି ।

ରଜ ସରିଯାଏ । ଚଇନୁ ଚାଲିଯାଏ। ମୋର ମଧ୍ୟ ଯିବାବେଳ ଆସିଯାଏ।

କଟକ ରେଭେନ୍ସାରେ ମୋର ଏଡମିସନ୍ ........

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଦୁବ



ଡ.ପ୍ରିୟମ୍ବଦା ସାମଲ

ଧୂସର ଧରାରେ ଉଙ୍କିମାରେ ଯେବେ
ଉଲ୍ଲସି ଉଠଇ ଭୂଇଁ
ସବୁଜିମା ଛାଇ ସୁନ୍ଦରତା ଆଣେ
ଦୁବ ଘାସଟିଏ ସେହି ।
ବାଟୋଇ ପଥିକ ପଥ ଅତିକ୍ରମୀ
ଯେବେ ବସେ ଥକ୍କା ହୋଇ
ନରମ ଶେଜର ପୁଲକ ଲଭଇ
ସାଉଁଳାଏ ଖୁସିହୋଇ ।
ନ କରେ ଆଦର ଫୁଲ ପରି ନର
ନ ନିଏ ଯତନ ତାର
କା ' ଫୁଲ କୁଣ୍ଡରେ କିବା ବଗିଚାରେ
ଶୋଭା ପାଏ ନାହିଁ ଛାର ।
ବଣ ବିଲ ଭୂଇଁ କିଅବା ରାସ୍ତାରେ
ପାଦତଳେ ଦଳି ହୋଇ
ପଦ ଯାତ୍ରୀର ସେବାରେ ଲାଗିଥାଏ
କ୍ଷୁଦ୍ର ଘାସଟିଏ ହୋଇ ।

ISSN NO.
2582-208X

ପୂଜା ପାର୍ବଣରେ ପ୍ରତି ଘରେ ଘରେ
ଦୁର୍ବାର ଆଦର ଥାଏ
ପୁଷ୍ପ ସହ ଦୂର୍ବା ନୈବେଦ୍ୟ ରୂପରେ
ପୂଜନରେ ଲାଗିଥାଏ ।
ଆଦ୍ୟ ଦେବ ଗଣେଶଙ୍କ ପ୍ରିୟ ଦୁବ
ପ୍ରତୀକ ପବିତ୍ରତାର
ମନ ତେଜିୟାନ ପ୍ରଫୁଲ୍ଲତା ଭାବ
ଦରଶନେ ଆଗ୍ରହର ।
ସର୍ବ ପର୍ବେ ଦେବଦେବୀ ଅରଚନା
ଦୁବ ଅର୍ପିତ ପୂଜନ
ଔଷଧୀୟ ଗୁଣ ଅଧିକାରୀ ଦୁବ
ରୋଗ କରଇ ନାଶନ ।

ନନ୍ଦନ ବିହାର, ଭୁବନେଶ୍ୱର

ISSN NO.
2582-208X

# ସାବିତ୍ରୀ ବ୍ରତ



ପୁଷ୍ପାଞ୍ଜଳି ମିଶ୍ର

ସଧବା ନାରୀ ର ସାବିତ୍ରୀ ବ୍ରତ ଏ
ସ୍ୱାଧୀ ନାରୀ ଙ୍କର ଆଦର୍ଶ
ସ୍ୱାମୀ ର ଦୀର୍ଘ ଆୟୁଷ କାମନା କରି
ମଙ୍ଗଳ ମନାସି
ଅହି ସୁଲକ୍ଷଣୀ ହେବା ପାଇଁ
ସଧବା ହୋଇ ମରିବାକୁ
ଏହି ବ୍ରତ କାମନା କରିଥାନ୍ତି
ଉପବାସ ହୋଇ ବ୍ରତ କରନ୍ତି
ନଡିଆ କଦଳୀ ଆମ୍ବ ପଣସ
ସବୁ ଜାତିକାର ଫଳ ମୂଳ
ଶାଢ଼ୀ ଶଙ୍ଖା ଅଳତା ସିନ୍ଦୂର
ସବୁ କୁ ସବୁ ସଜାଡି
ଅପରାହ୍ନ ରେ ଗାଁ ମଣ୍ଡପ ରେ
ଅବା ଦେବା ଦେବୀ ମନ୍ଦିର ରେ
ସବୁ ସ୍ତ୍ରୀ ଲୋକ ମେଳି ହୋଇ
ପୂଜା କରନ୍ତି
ସ୍ୱାମୀ ର ଦୀର୍ଘ ଆୟୁଷ କାମନା କରି

ISSN NO.
2582-208X

ସାବିତ୍ରୀ ବ୍ରତ ର ବହି ପଢନ୍ତି
ମା ସାବିତ୍ରୀ ଙ୍କୁ ସୁମରଣା କରି
କାହିଁ କେଉଁ ଅନତି କାଳରୁ
ସାବିତ୍ରୀ ବ୍ରତ ର ମହିମା
ଯୁଗେ ଯୁଗେ ରହିଅଛି
ମର୍ତ୍ତ୍ୟ ମଣ୍ଡଳରେ
ଜ୍ୟେଷ୍ଠ ମାସର ଅମାବାସ୍ୟା ରେ
ଓଡ଼ିଶା ର ପୁର ପଲ୍ଲୀରେ
ସଧବା ନାରୀ ର ଏହି ବ୍ରତ କଥା
ଯମ ଠାରୁ ମା ସାବିତ୍ରୀ ସତ୍ୟବାନ୍ ଙ୍କ
ଆୟୁଷ କୁ ମାଗି ଆଣିଥିଲେ
ଯୁଗେ ଯୁଗେ ତାହା ହୋଇଛି ବ୍ୟାଖ୍ୟା
ମା ସାବିତ୍ରୀ ଙ୍କୁ ଅନୁଧ୍ୟାନ କରି
ଯୁଗେ ଯୁଗେ ଆଜି
ତାଙ୍କ ନୀତି ଆଦର୍ଶ କୁ
ଅନୁ ପ୍ରାଣିତ କରି ଚାଲିଛି ପ୍ରଥା
ସାବିତ୍ରୀ ବ୍ରତ ରେ ହୋଇଛି ଖ୍ୟାତ

ସୁଜନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
୯୫୫୬୬୪୩୯୨୧

ISSN NO.
2582-208X

# ସ୍ୱାଭିମାନ



ମନ୍ଦାକିନୀ ପାଢ଼ୀ

ମୋ ସ୍ୱାଭିମାନ ମୋ ରକ୍ଷାକବଚ
ସତର୍କ ରହିଯାଏ
ଅଦମ୍ୟ ଇଚ୍ଛା କୁ ରୋକି ଦିଏ
ମୋ ହାତ ପାପୁଲିର
ରେଖା ରେ ଦେଖେ
ସଂପର୍କ ର ବିଶ୍ୱାସ ଟିଏ
ସମୁଦ୍ରର ଉତ୍ତାଳ ଢେଉ ଟିଏ
ମୋ ଆଖିର ଅଗ୍ନି ନିର୍ବାଣ ସିଏ ।

ମୋ ସ୍ୱାଭିମାନ ରେ ଦେଖେ
ଯୋଜନା ର ନକ୍ ସା କୁ
କଣ୍ଟା ବାଡ଼କୁ
ଆକାଶ ଉପରେ ଚକ୍ ଚକ୍
କରୁଥିବା କପୋତ କୁ
ଈର୍ଷା ର ଇଗଲ୍ କୁ
ଭୂତ ଓ ଭବିଷ୍ୟତ ରେ

ISSN NO.
2582-208X

ବିଛି ହୋଇଥିବା
ଅଗଣାକୁ।।

ମୋ ସ୍ୱାଭିମାନ ରେ ଦେଖେ
ରାଣୀ ଫୁଲିଆ ଜହ୍ନ ର ରୋଷଣୀ କୁ
ପାଖରେ ଥିବା ବୁଢ଼ା ବରଗଛ କୁ
ଭୂଇଁ ରେ ପଡିଗଲେ
ଲମ୍ବାଇ ଦେବ କି ଓହଳ କୁ।।

ମୋ ସ୍ୱାଭିମାନ ରେ ଦେଖେ
ଫୁଲ ର ଫଗୁଣ କୁ
ଆବର୍ଜନା କୁ
ବହି ଯାଉଥିବା ବର୍ଷା କୁ
ହିଂସା ରେ ଜଳୁଥିବା
ହୃଦୟକୁ
ତଥାପି ବାଧ୍ୟ ଶିଶୁ ଟିଏ ପରି
ରହିଯାଏ
ଜାବୋଡି ଧରି
ମୋ ସ୍ୱାଭିମାନ କୁ ।।

ରାଜନୀତି ବିଜ୍ଞାନ ଅଧ୍ୟାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X



# ମାଷ୍ଟର ମହାଶୟ

ମୂଳବଙ୍ଗଳା : ପ୍ରଭାତ କୁମାର ସଖପାଧ୍ୟାୟ
ଅନୁବାଦ: ସରୋଜିନୀ ପାଣି

ଡ. ସରୋଜିନୀ ପାଣି

ପ୍ରାୟ ପଚାଶ ବର୍ଷ ପୂର୍ବର କଥା, ବର୍ଦ୍ଧମାନ ସହରରୁ ଷୋହଳ କୋଶ ଦୂରରେ ଦାମୋଦର ନଦୀର ଆରପଟେ ନନ୍ଦୀପୁର ଓ ଗୋସାଇଁଗଞ୍ଜ ବୋଲି ଦୁଇଟି ବଡ଼ ଗ୍ରାମ ପାଖାପାଖି ଥିଲା। ଉଭୟ ଗ୍ରାମର ସୀମାରେଖା ଉପରେ ଗୋଟିଏ ପ୍ରାଚୀନ ବିରାଟ ବଟବୃକ୍ଷ ଦଣ୍ଡାୟମାନ ଥିଲା। ଏବେ ସେ ଗ୍ରାମ ଦୁଇଟି ନାହିଁ, ବଟବୃକ୍ଷ ମଧ୍ୟ ଅଦୃଶ୍ୟ କାରଣ ଦାମୋଦରର ବନ୍ୟା ସେ ସବୁକୁ ଭସାଇ ନେଇ ଯାଇଛି । ଫାଲ୍ଗୁନ ମାସ ବେଳ ପ୍ରାୟ ଏକ ପ୍ରହର ହୋଇଥାଏ। ଗୋସାଇଁଗଞ୍ଜର ମୁଖିଆ, ପ୍ରଜା ଏବଂ ଅଭିଭାବକ ସ୍ଥାନୀୟ ତତ୍ତ୍ୱାବଧାରକ କିରାଣୀ ମହାଶୟ ଶ୍ରୀଯୁକ୍ତ ହୀରାଲାଲ ଦାସ ଦତ୍ତ ମହାଶୟ ହାତରେ ହୁକାଧରି ଧୂମପାନ କରୁଥିଲେ। ପ୍ରତିବେଶୀ ଶ୍ୟାମପଦ ମୁଖାର୍ଜୀ ଓ କୋଣାରାମ ମଲ୍ଲିକ ତାଙ୍କ ନିକଟରେ ବସି ଚଳିତ ଚୈତ୍ର ମାସରେ ସାର୍ବଜନୀନ ଅନ୍ନପୂର୍ଣ୍ଣା ପୂଜା କେମିତି ସୁରୁଖୁରୁରେ ସମ୍ପନ୍ନ ହେବ ସେ ବିଷୟରେ ପରାମର୍ଶ କରୁଥିଲେ । ପାଶ୍ୱର୍ବର୍ତ୍ତୀ ନନ୍ଦୀପୁରରେ ମଧ୍ୟ ପ୍ରତିବର୍ଷ ଚାନ୍ଦା ଆଦାୟ ହୋଇ ଧୁମଧାମର ସହିତ ଅନ୍ନପୂର୍ଣ୍ଣା ପୂଜା ଅନୁଷ୍ଠିତ ହୁଏ। ଏ ବର୍ଷ କିନ୍ତୁ ଗୁଜବ ଶୁଣାଗଲା ଯେ, ସେମାନେ ଅନ୍ୟ ବର୍ଷ ପରି ଯାତ୍ରାଦଳ ଆଣିବେ, ତା' ସହିତ କଲିକତାକୁ ଯାଇ କେଉଁ ନାଚବାଲିକୁ ମଧ୍ୟ ବଇନା ଦେଇ ଆସିଛନ୍ତି। ଏହି ଅଞ୍ଚଳରେ (ଢ଼ପ୍) ଦେଶୀ ସଙ୍ଗୀତ ଆଗରୁ କେବେ ଶୁଣାଯାଇ ନଥିଲା। ଗୁଜବଟି ଯଦି ସତ୍ୟ ହୋଇଥାଏ ତେବେ ଗୋସାଇଁଗଞ୍ଜ ଖାଲି ଯାତ୍ରାବାଲାଙ୍କୁ ଆଣିଲେ ତ ଚଳିବନି, (ଢ଼ପବାଲୀ) ନାଚବାଲୀକୁ ମଧ୍ୟ ଆଣିବାକୁ ପଡ଼ିବ। ସେମାନେ କେଉଁ ନାଚବାଲୀକୁ ବଇନା ଦେଇଛନ୍ତି ସେଇ ଗୋପନ କଥାଟା ସଂଗ୍ରହ କରିବା ପାଇଁ ଗୁପ୍ତଚର ନିଯୁକ୍ତ ହୋଇଛନ୍ତି। ତା'ରି ନାଁଟା ସଠିକ୍ ଜାଣି ପାରିଲେ ବର୍ଦ୍ଧମାନ କିମ୍ବା କଲିକତାକୁ ଯାଇ ଖବର ନେବା ସହ ସେହି ନାଚବାଲି ଠାରୁ ଅଧିକ ଖ୍ୟାତି ସମ୍ପନ୍ନ କୌଣସି ନାଚବାଲିକୁ ବଇନା ଦେବାକୁ ହେବ, ଏଥିପାଇଁ ପଛେ

ISSN NO.
2582-208X

ଯେତେ ଟଙ୍କା ଲାଗୁଛି ଲାଗୁ, କାରଣ ଗୋସାଇଁଗଞ୍ଜ ଲୋକମାନଙ୍କର ଗୋଟିଏ ମତ ଯେ, ତିନିପୁରୁଷ ଧରି ସେମାନେ କୌଣସି ବିଷୟରେ ନନ୍ଦୀପୁର ପାଖରେ ହାରି ନାହାନ୍ତି କି ଆଜି ମଧ୍ୟ ହାରିବେ ନାହିଁ।

ଆଗାମୀ ସାର୍ବଜନୀନ ପୂଜା ବିଷୟରେ ଗ୍ରାମର ତିନିଜଣ ମୁଖିଆ ବ୍ୟକ୍ତିଙ୍କ ମଧ୍ୟରେ ଏହି ବିଷୟକୁ ନେଇ ଗଭୀର ଓ ଗୂଢ଼ ଆଲୋଚନା ଚାଲିଥିଲା। ଠିକ୍ ସେହି ସମୟରେ ରାମଚରଣ ମଣ୍ଡଳ ଧଇଁସଇଁ ହୋଇ ସେଠାରେ ଆସି ପହଞ୍ଚିଲା ଏବଂ ହାତରେ ଥିବା ଲାଠିଟାକୁ ଫୋପାଡ଼ି ଦେଇ ଦୁମକରି ବସି ପଡ଼ିଲା। ତା'ର ଭାବଭଙ୍ଗୀ ଦେଖି ସଭିଏଁ ପଚାରିଲେ, କିହୋ! ମୁଖିଆ ପୁଅ କ'ଣ ଏମିତି ଥକ୍କା ହୋଇ ବସି ପଡ଼ିଲ ଯେ, କ'ଣ ହୋଇଛି କି ? ରାମଚରଣ ଆଖି ଦୁଇଟା ଉପରକୁ କରି ଧକେଇ ଧକେଇ କହିଲା, କ'ଣ ହୋଇଛି ବୋଲି ପଚାରୁଛନ୍ତି ଦତ୍ତବାବୁ, ହବାପାଇଁ ଆଉ କ'ଣ କିଛି ବାକି ଅଛି ? ହାୟ - ହାୟ - ହାୟ ! କାର୍ତ୍ତିକ ମାସରେ ଯେତେବେଳେ ମୋତେ ଜ୍ୱର-ବାନ୍ତି ହୋଇଥିଲା, ସେତେବେଳେ ମୁଁ ମରିଗଲିନି କାହିଁକି? ବିଧାତା କ'ଣ ଏଇଆ ଦେଖିବାପାଇଁ ମୋତେ ବଞ୍ଚାଇ ରଖିଥିଲେ, ହାଏରେ ବିଧାତା! ମୋର ପୋଡ଼ା କପାଳ ! ଶ୍ୟାମପଦ ଓ କୋଣାରାମ ଘୋର ଦୁଶ୍ଚିନ୍ତାରେ ରାମଚରଣ ଆଡ଼କୁ ଚାହିଁ ରହିଲେ। ଦତ୍ତବାବୁ କହିଲେ, କ'ଣ ହୋଇଛି? କ'ଣ ହୋଇଛି ? ସବୁକଥା ଖୋଲି କୁହ ଏବେ କେଉଁଠାରୁ ଆସୁଛ ? ଦୀର୍ଘ ନିଃଶ୍ୱାସ ଛାଡ଼ି ରାମଚରଣ କହିଲା, ନନ୍ଦୀପୁରରୁ । ହାୟ-ହାୟ! ଶେଷରେ ନନ୍ଦୀପୁର ଆଗରେ ମୁଣ୍ଡ ନୁଆଇଁବାକୁ ହେଲା। ହାଏରେ - କପାଳ ! ବୋଲି କହି ରାମଚରଣ ଜୋରରେ ନିଜ କପାଳରେ କରାଘାତ କଲା। ଦତ୍ତବାବୁ କହିଲେ, କେମିତି କାହିଁକି? ନନ୍ଦୀପୁର ବାଲା କ'ଣ କରିଛନ୍ତି? "କହୁଛି, କହିବା ପାଇଁ ହିଁ ତ ଆସିଛି। ଏତେବଡ଼ ଟାଣ ଖରାରେ କୋଶେବାଟ ଧାଇଁ ଧାଇଁ ଆସିଛି। ଗଳାଟା ଶୁଖି ଯାଇଛି, ମୁହଁରୁ ପଦେ ବି କଥା ବାହାରୁ ନାହିଁ, ଗୋଟେ ଢ଼ାଳ ପାଣି...।'' ଦତ୍ତବାବୁଙ୍କ ଆଦେଶରେ ଅବିଳମ୍ବେ ଗୋଟିଏ ମାଠିଆ ପାଣି ଓ ଗୋଟିଏ ଘଡ଼ି ଆସିଲା। ରାମଚରଣ ତଳୁ ଉଠି ବାରଣ୍ଡା ପ୍ରାନ୍ତରେ ବସିଲା, ସେହି ପାଣିରେ ହାତ, ଗୋଡ଼, ମୁହଁ ଧୋଇ ପକାଇଲା। କିଛି ପାଣି ପିଇଲା ମଧ୍ୟ। ତା'

ISSN NO.
2582-208X

ପରେ ଗାମୁଛାରେ ମୁହଁ ପୋଛି ପୋଛି, ପାଖରେ ଆସି ବସି ଗଭୀର ବିଷାଦରେ ମୁଣ୍ଡ ନୁଆଁଇ ବସିଲା। ହୀରୁ ଦତ୍ତ କହିଲେ, ଏଥର ତ କହ କ'ଣ ହୋଇଛି, ଆଉ ଆମକୁ ଜଳାଇ ମା'ରେ ନା ବାପା। ରାମଚରଣ କହିଲା, କ'ଣ ହୋଇଛି ବଡ଼-ବଡ଼ ସହରରେ ଯାହା ହୋଇ ନାହିଁ, ତାହା ନନ୍ଦୀପୁରରେ ହୋଇଛି। ଏ ସବୁ ସାହି ପଡ଼ିଶା ଗାଁରେ ଯାହା କେହି କେବେ ସ୍ୱପ୍ନରେ ମଧ୍ୟ ଭାବି ନଥିଲେ, ସେଇଆ ହୋଇଛି, ସେମାନେ "ହୁସ୍କୁଲ' ବସେଇଛନ୍ତି। ତିନିଜଣ ସମବେତ ସ୍ୱରରେ ପଚାରିଲେ, ସେ ପୁଣି କ'ଣ? ହୁସ୍କୁଲ କ'ଣ ? ରାମଚରଣ କହିଲେ, "ଆରେ ଭାଇ, ମୁଁ କ'ଣ ଜାଣିଛି "ହୁସ୍କୁଲ' କାହା ନାଁ ?

ଦତ୍ତବାବୁ କହିଲେ ଓଃ! ଇସ୍କୁଲ୍ ଖୋଲିଛନ୍ତି ସେମାନେ ବୋଧହୁଏ ? ହଁ ଆଜ୍ଞା, ହଁ, ସେଇଟା ହିଁ ଖୋଲିଛନ୍ତି। ଜଣେ ମାଷ୍ଟରଙ୍କୁ ମଧ୍ୟ ଆଣିଛନ୍ତି। "ଇଞ୍ଜିରି' ପାଠଶାଳର ଗୁରୁମହାଶୟଙ୍କୁ ମାଷ୍ଟର କୁହାଯାଏ। ଦାଶ ଘୋଷଙ୍କର ଚଣ୍ଡୀମଣ୍ଡପରେ "ହୁସ୍କୁଲ' ବସାଇଛନ୍ତି। ନିଜ ଆଖିରେ ଦେଖିଲି। ମାଷ୍ଟର ବସିଛି - ଆଉ ଦଶ-ବାରଜଣ ପିଲାଙ୍କୁ ନିଃଶ୍ୱାସ ପକାଇ କହିଲେ, ଗାଲରେ ହାତଦେଇ ବସି ଭାବିବାକୁ ଲାଗିଲେ। କିଛି ସମୟ ପରେ ପଚାରିଲେ- ମାଷ୍ଟର କେଉଁଠାରୁ ଆସିଛନ୍ତି, ସେ ବିଷୟରେ କିଛି ଶୁଣିଛ? ଏ ସବୁ ଖବର ନେଇ ଆସିଛି, ବର୍ଦ୍ଧମାନରୁ ଆସିଛନ୍ତି। ବ୍ରାହ୍ମଣ ଲୋକ - ତାଙ୍କର ନାଁ ହାରାଣ ଚକ୍ରବର୍ତ୍ତୀ। ପନ୍ଦର ଟଙ୍କା ମାସିକ ଦରମା, ରହିବା ଖାଇବା ମଧ୍ୟ ତା' ସହିତ ଦେଇଛନ୍ତି। ସବୁ ଖବର ନେଇ ଆସିଛି। ଠିକ୍ ଏହି ସମୟରେ ବାହାରେ ଗୋଟିଏ କୋଳାହଳ ଶୁଣାଗଲା। ତା'ପରେ ଦେଖାଗଲା ଯେ, ଦଳଦଳ ଲୋକ ଫାଟକ ଦେଇ ପ୍ରବେଶ କରୁଛନ୍ତି। ରାମଚରଣ ବାଟରେ ଆସିବା ସମୟରେ ନନ୍ଦୀପୁର ହାଟରେ ଗୋସାଇଁଗଞ୍ଜର ଏଇ ଅଦ୍ଭୁତପୂର୍ବ ସମ୍ବାଦ ପ୍ରଚାର କରି କରି ଆସିଥିଲା। ତେଣୁ ଗ୍ରାମର ସମସ୍ତ ଲୋକମାନେ ଆସି ଚିତ୍କାର କରି କରି ନାନା ପ୍ରକାରର କଥା କହିବାକୁ ଲାଗିଲେ, "ଏ କି ସର୍ବନାଶ ହେଲା, ନନ୍ଦୀପୁର ହାଟରେ ଏଇ ଅପମାନ। ଆମ ଗ୍ରାମରେ ସ୍କୁଲ ଖୋଲିବା ପାଇଁ ଏବେ ଉପାୟ କ'ଣ ? ହୀରୁଦତ୍ତ ସେତେବେଳେ ସଙ୍ଗେ ସଙ୍ଗେ ବାରଣ୍ଡାରେ ଠିଆ ହୋଇ ହାତ ହଲାଇ ସମସ୍ତଙ୍କୁ କହିଲେ, ହେ ମୋର ସମସ୍ତ ଭାଇଭଉଣୀ, ତୁମେମାନେ ସମସ୍ତେ କ'ଣ ଭାବୁଛ

ISSN NO.
2582-208X

ଯେ ତିନିପୁରୁଷ ପରେ ଗୋସାଇଁଗଞ୍ଜ ନନ୍ଦୀପୁର ପାଖରେ ହାରିଯିବ? କେବେ ନୁହେଁ, ଏ ଦେହରେ ପ୍ରାଣ ଥିବା ପର୍ଯ୍ୟନ୍ତ ତ କେବେବି ନୁହେଁ। ଆମ ଗ୍ରାମରେ ମଧ୍ୟ ସ୍କୁଲ ଖୋଲିବ। ଆରେ ସେମାନେ କି ସ୍କୁଲ୍ ଖୋଲିଛନ୍ତି, ଆମର ତାଙ୍କଠାରୁ ଚାରିଗୁଣ ଭଲ ସ୍କୁଲ୍ ଖୋଲିବ। ତୁମେମାନେ ସମସ୍ତେ ଶାନ୍ତ ହୋଇ ଘରକୁ ଯାଅ। ଆଜି ହିଁ ଖିଆପିଆ ସାରି ମୁଁ ବାହାରିବି। କଲିକତାକୁ ଯିବାପାଇଁ ତ ଏବେ ରେଳଗାଡ଼ିର ବ୍ୟବସ୍ଥା ଅଛି, ତେଣୁ ସେଥିପାଇଁ ଆଉ ଚିନ୍ତାକରିବା ଦରକାର ନାହିଁ। ମୁଁ କଲିକତା ଯାଇ ସେମାନଙ୍କ ଠାରୁ ଆଉ ଜଣେ ଭଲ ମାଷ୍ଟର ନେଇ ଆସିବି ଆମ ଗାଁରେ ପାଠ ପଢ଼ାଇବା ପାଇଁ। ଆଜିଠାରୁ ସପ୍ତାହକ ମଧ୍ୟରେ ଆମର ଏଇ ଚଣ୍ଡୀମଣ୍ଡପରେ ସ୍କୁଲ ବସିବ - ବସିବ - ବସିବ - ତ୍ରିବାର ସତ୍ୟକଲି । ଏବେ ଯାଅ, ତୁମେମାନେ ଘରକୁ ଯାଅ। ଖିଆପିଆ କର। ଜୟ ଗୋସାଇଁଗଞ୍ଜ ଜୟ।

ଜୟ ହିରୁ ଦତ୍ତଙ୍କର ଜୟ ।।

ଜୟଜୟକାର କରି ଲୋକମାନେ ନିଜ ନିଜ ଘରକୁ ଫେରିଗଲେ।

କଲିକତାରୁ ମାଷ୍ଟର ନିଯୁକ୍ତ କରି ହିରୁଦତ୍ତ ଚତୁର୍ଥ ଦିବସରେ ଗ୍ରାମକୁ ଫେରି ଆସିଲେ। ମାଷ୍ଟର ମହାଶୟଙ୍କର ନାମ ବ୍ରଜ ଗୋପାଳ ମିତ୍ର। ବୟସ ତିରିଶ ବର୍ଷ, ଗେଡ଼ା ଓ କଳାରଙ୍ଗର ପତଳା ବ୍ୟକ୍ତି, ଖୁବ୍ ମିଷ୍ଟଭାଷୀ। ଇଂରାଜୀ କହିବା, ଲେଖିବା, ପଢ଼ିବା ଇତ୍ୟାଦିରେ ସେ ଖୁବ୍ ଓସ୍ତାଦ୍ । ଇଂରାଜୀଟା ତାଙ୍କର ଏତେବେଶୀ ଅଭ୍ୟାସରେ ପଡ଼ିଯାଇଛି ଯେ, ଲୋକଙ୍କ ସଙ୍ଗେ ଆଳାପ କଲାବେଳେ ମଝିରେ ମଝିରେ ଇଂରାଜୀ ମିଶାଇ କହିପକାନ୍ତି। ଅଜ୍ଞ ଲୋକମାନଙ୍କର ବୁଝିବା ପାଇଁ ତାହା ପୁଣି ବଙ୍ଗଳାରେ ମଧ୍ୟ ବୁଝାଇ ଦିଅନ୍ତି। କୁହନ୍ତି, ଆଗେ ପିତାଙ୍କର ଜୀବିତାବସ୍ଥାରେ ଦିନେ କଲିକତାର ଗଙ୍ଗାନଦୀ କୂଳରେ ମାଷ୍ଟର ମହାଶୟ ବୁଲୁଥିଲେ, ସେତିକିବେଳେ ଜଣେ ସାହେବଙ୍କ ସଙ୍ଗେ ସାକ୍ଷାତ୍ ଓ କଥାବର୍ତ୍ତା ହେଲା। ସାହେବ ତାଙ୍କର ଇଂରାଜୀ ଶୁଣି, ଖୁସୀ ହୋଇ ଲାଟ୍ ସାହେବଙ୍କ ପାଖରେ ତାଙ୍କ ବିଷୟରେ କହିଲେ। ଲାଟ ସାହେବ, ମାଷ୍ଟର ମହାଶୟଙ୍କୁ ଡାକି, ତାଙ୍କୁ ଡେପୁଟି କଲେକ୍ଟର ପଦ ଦେବା ପାଇଁ ପ୍ରସ୍ତାବ କରିଥିଲେ; କିନ୍ତୁ ସେତେବେଳେ ସେ ବାପର

ISSN NO.
2582-208X

ଗେହ୍ଲା ପୁଅ, ସଂସାରର ଚିନ୍ତା ନ ଥିଲା। ତେଣୁ ସେହି ପ୍ରସ୍ତାବ ସେ ବିନୀତ ଭାବରେ ପ୍ରତ୍ୟାଖାନ କରିଥିଲେ। ଆଜି ଅଭାବରେ ପଡ଼ି ଏଇ ପଚିଶ ଟଙ୍କାର ଚାକିରୀ ତାଙ୍କୁ ସ୍ୱୀକାର କରିବାକୁ ହେଲା । "ପୁରଷସ୍ୟ ଭାଗ୍ୟ' ମାଷ୍ଟର ମହାଶୟଙ୍କର ମୁହଁରୁ ଏପରି କଥାବାର୍ତ୍ତା ଶୁଣି ଏବଂ ଇଂରାଜୀ ଚାଲିଚଳନ ଦେଖି ଗ୍ରାମଲୋକମାନେ ଏକବାରେ ମୋହିତ ହୋଇଗଲେ।

ହୀରୁଦତ୍ତଙ୍କର ପ୍ରତିଜ୍ଞା ଅନୁସାରେ, ତା'ପରଦିନ ଇସ୍କୁଲ ଖୋଲିଲା। ପନ୍ଦର ଷୋହଳଟି ଛାତ୍ରଛାତ୍ରୀଙ୍କୁ ନେଇ ମାଷ୍ଟର ମହାଶୟ ଅଧ୍ୟାପନା ଆରମ୍ଭ କଲେ। କଲିକତାରୁ ଦତ୍ତବାବୁଙ୍କ ଅର୍ଥଦାନରେ ପ୍ରଚୁର ପରିମାଣରେ ସିଲଟ, ପେନ୍ସିଲ୍ ଓ ମରେ ସାହେବଙ୍କର ସ୍ପେଲିଂ ପୁସ୍ତକ କିଣି ଅଣାଗଲା; ଏବଂ ଛାତ୍ରମାନଙ୍କର ଆଗ୍ରହପାଇଁ ସେମାନଙ୍କୁ ସେଗୁଡ଼ିକୁ ବିନା ମୂଲ୍ୟରେ ବଣ୍ଟନ ମଧ୍ୟ କରାଗଲା।।

ଗୋସାଇଁଗଞ୍ଜର ଲୋକମାନଙ୍କ ସହ ଯଦି ରାସ୍ତା ଘାଟରେ କେବେ କେମିତି ନନ୍ଦୀପୁର ଗ୍ରାମର ଲୋକମାନଙ୍କର ଭେଟହୁଏ ତେବେ ଦୁଇଗ୍ରାମର ମାଷ୍ଟରମାନଙ୍କର କଥା ହିଁ ଆଲୋଚନା ହୁଏ। ଗୋସାଇଁଗଞ୍ଜର ଲୋକମାନେ କୁହନ୍ତି, "ସେ ବର୍ଦ୍ଧମାନର ମାଷ୍ଟର। ସେ ଜାଣେ ବା କ'ଣ ? ଆଉ ପଢ଼େଇବ ବା କ'ଣ?'' ଆଉ ନନ୍ଦୀପୁରର ଲୋକମାନେ କୁହନ୍ତି, "ହେଉପଛେ ଆମ ମାଷ୍ଟରଙ୍କ ଘର ବର୍ଦ୍ଧମାନ, କିନ୍ତୁ ସେ ତ କଲିକତାରେ ହିଁ ପାଠ ପଢ଼ିଛନ୍ତି ନା, ସେମାନେ ଯେତେବେଳେ ପଢୁଥିଲେ, ସେତେବେଳେ କ'ଣ ବର୍ଦ୍ଧମାନରେ ଇଂରାଜୀ ଇସ୍କୁଲ ଥିଲା ? କଲିକତାକୁ ଯାଇ ଇଂରାଜୀ ପଢ଼ିବାକୁ ହେଉଥିଲା।''

ଯଥାସମୟରେ ଉଭୟ ଗ୍ରାମର ସାର୍ବଜନୀନ ଅନ୍ନପୂର୍ଣ୍ଣା ପୂଜା ଆରମ୍ଭ ହେଲା । ଉଭୟ ଗ୍ରାମ ତରଫରୁ ଲୋକମାନଙ୍କର ପ୍ରତିମା ଦର୍ଶନ, ପ୍ରସାଦ ଗ୍ରହଣ, ଯାତ୍ରା ଓ ଢ଼ପ୍ ସଙ୍ଗୀତ ଶ୍ରବଣ ପାଇଁ ନିମନ୍ତ୍ରଣ ହେଲା। ଏଇ ଉପଲକ୍ଷେ ଉଭୟ ମାଷ୍ଟରଙ୍କର ଦେଖାସାକ୍ଷାତ ମଧ୍ୟ ହୋଇଗଲା, ଏବଂ ସଭାସ୍ଥଳରେ ଜଣାଗଲା ଯେ, ଉଭୟ ପୂର୍ବରୁ ପରିଚିତ। ପୂଜା ଶେଷରେ ଗୋସାଇଁଗଞ୍ଜର ଲୋକମାନେ ଗୋଟିଏ କଥା ଶୁଣି ବଡ଼ ଉଦ୍ୱିଗ୍ନ ହୋଇଗଲେ।

ISSN NO.
2582-208X

ନନ୍ଦୀପୁରର ମାଷ୍ଟର କହୁଥିଲେ, ସେମାନଙ୍କର ଯିଏ ମାଷ୍ଟର ହୋଇ ଆସିଛି, ସେଇଟା ତ ମହାମୂର୍ଖ। ପିଲାଦିନେ କଲିକତାରେ ଆମେ ଦୁଇଜଣ ଏକାସାଙ୍ଗରେ ଗୋଟିଏ କ୍ଲାସରେ ପଢୁଥିଲୁ। ମୁଁ ଯେତେବେଳେ ସେକେଣ୍ଡ କ୍ଲାସରେ ପଢୁଥିଲି ସେତେବେଳେ ସେ ସ୍କୁଲ ଛାଡ଼ି ଦେଇଥିଲା। ତା'ପରେ ତ ସେ ବଡ଼ ବଜାରରେ ଜଣେ ମହାଜନ ପାଖରେ ଗୁମାସ୍ତା କାମ କରୁଥିଲା। ମାସକୁ ସାତଟଙ୍କା ଦରମା ଥିଲା ତାର। ଗଲାବର୍ଷ କଲିକତାରେ ତା'ସହିତ ମୋର ଦେଖାସାକ୍ଷାତ ହୋଇଥିଲା। ସେତେବେଳେ ସେ ସେହି ଚାକିରୀରେ ଥିଲା।

ଗୋସାଇଁଗଞ୍ଜର ଲୋକମାନେ ବ୍ରଜ ମାଷ୍ଟରଙ୍କୁ ଆସି ପଚାରିଲେ, ଏ କ'ଣ ଶୁଣୁଛୁ ଆମେ ? ବ୍ରଜମାଷ୍ଟର ଏ ପ୍ରଶ୍ନ ଶୁଣି ହା ହା କରି ହସି ଉଠିଲେ। କହିଲେ, ଏଁ ଏଇ କଥା ସେ କହୁଛି ? ଏସବୁ ବିଲକୁଲ ମିଛ କଥା। ସେହି ମାଷ୍ଟର ପାଖରେ ଏହାର କିଛି ପ୍ରମାଣ ଅଛି କି ? ଯାହାଙ୍କ ପାଖରେ ପ୍ରମାଣ, ସେ ତ ଆଉ ବଞ୍ଚି ନାହାନ୍ତି, ଗଲାବର୍ଷ ସେ "ହେଭେନ୍' ମାନେ ସ୍ୱର୍ଗକୁ ଚାଲିଯାଇଛନ୍ତି। ତାଙ୍କର ଶ୍ରାଦ୍ଧରେ ମୁଁ ଇନଭାଇଟ (ନିମନ୍ତ୍ରଣ) ଖାଇ ଆସିଛି, ମୋର ଭଲଭାବରେ ମନେ ଅଛି । ମୋତେ ସେ ଭାରି ଭଲ ପାଉଥିଲେ। ଏକବାରେ ପୁତ୍ରତୁଲ୍ୟ। ତାଙ୍କର ପୁତ୍ରମାନେ ଆଜି ମଧ୍ୟ ମୋତେ ବଡ଼ ଭାଇ ବୋଲି ଡାକନ୍ତି।

ଦୁଇମାଷ୍ଟରଙ୍କର ପରସ୍ପର ପ୍ରତି ଏଇ ଅପବାଦ ପ୍ରୟୋଗର ଫଳ ଏଇ ହେଲା ଯେ, ଉଭୟ ଗ୍ରାମରେ ହିଁ ନିଜ ନିଜ ମାଷ୍ଟରଙ୍କର ଅସାଧାରଣ ପାଣ୍ଡିତ୍ୟ ସମ୍ବନ୍ଧରେ ସନ୍ଦେହ ସୃଷ୍ଟି ହେଲା। ଅବଶେଷରେ ସ୍ଥିର ହେଲା ଯେ, କୌଣସି ଗୋଟିଏ ସ୍ଥାନରେ ଦୁଇଜଣଙ୍କ ମଧ୍ୟରେ ବିଚାର ହେବ। କିଏ କାହାକୁ ପରାସ୍ତ କରିପାରେ ଦେଖାଯାଉ। ଉଭୟ ଗ୍ରାମର ସୀମାରେଖା ଉପରେ ଯେଉଁ ପ୍ରାଚୀନ ବଟବୃକ୍ଷ ଅଛି ତାହାରି ତଳେ ବିଚାର ସଭା ବସିବ କିନ୍ତୁ ଉଭୟ ଗ୍ରାମର ଲୋକମାନେ ହିଁ ଇଂରାଜୀରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ସୁତରାଂ ଜୟ-ପରାଜୟ ସମ୍ବନ୍ଧରେ କାହାମନରେ କିଛି ମାତ୍ର ସଂଶୟ ନ ରହୁ। ସେଥିପାଇଁ ଏମିତି ଗୋଟିଏ ସରଳ ବିଚାର ପ୍ରଣାଳୀ ସ୍ଥିର କରିବା ଆବଶ୍ୟକ। ଉଭୟ ଗ୍ରାମର ସମ୍ମତିକ୍ରମେ ସ୍ଥିର ହେଲା ଯେ, ମାଷ୍ଟରମାନେ ପରସ୍ପରକୁ ଇଂରାଜୀ କଥାର ଅର୍ଥ ପଚରାପଚରି ହେବେ। ଜଣେ ପଚାରିବ ଓ ଅନ୍ୟ ଜଣେ ତା'ର ଉତ୍ତର ଦେବ, ଯଦି ଦୁଇଜଣ ଯାକ ଉତ୍ତର ଦେଇ ପାରିଲେ ତେବେ

ISSN NO.
2582-208X

ଉଭୟ ସମାନ; କିନ୍ତୁ ଯଦି ଜଣେ ଅନ୍ୟଜଣଙ୍କୁ ଜିତିଲା, ତେବେ ସେ ଜୟପତ୍ର ପାଇବେ। ବିଚାରର ଦିନ ସ୍ଥିର ହେଲା – ଆଗାମୀ ବୈଶାଖ ପୂର୍ଣ୍ଣିମା; ସ୍ଥାନ – ଉପରୋକ୍ତ ବଟବୃକ୍ଷ ତଳ; ସମୟ – ସୂର୍ଯ୍ୟାସ୍ତ।

ଧାର୍ଯ୍ୟ କରାଯାଇଥିବା ଦିନର ସୂର୍ଯ୍ୟାସ୍ତ ପୂର୍ବରୁ ହିଁ ଗୋସାଇଁଗଞ୍ଜର ମୁଖ୍ୟ ବ୍ୟକ୍ତିମାନେ ବ୍ରଜମାଷ୍ଟରଙ୍କୁ ସାଙ୍ଗରେ ନେଇ ବଟବୃକ୍ଷ ଅଭିମୁଖେ ଶୋଭାଯାତ୍ରା କଲେ। ତାଙ୍କ ସହିତ ଢ଼ାଳ, ଢ଼ୋଲ, ଖୋଳ, ଝାଞ୍ଜ, ତୂରୀ, ଭେରୀ, ନାଗଡ଼ା ଇତ୍ୟାଦି ବାଦ୍ୟ ଉପକରଣ ଏବଂ ଜଣେ ବ୍ୟକ୍ତି ଗୋଟିଏ ବୃହତ୍ ରାମସିଙ୍ଗା ନେଇ ଚାଲିଛି। ଯଦି ଈଶ୍ୱରଙ୍କ ଇଚ୍ଛାରେ ଗୋସାଇଁଗଞ୍ଜର ଜୟ ହୁଏ, ତେବେ ଢ଼ାଳ-ଢ଼ୋଲ ବଜାଇ ଆନନ୍ଦ କରି କରି ଗ୍ରାମକୁ ଫେରିବାକୁ ହେବ। ବାଟରେ ଯିବା ସମୟରେ ବ୍ରଜମାଷ୍ଟରଙ୍କ ସାଙ୍ଗରେ ଯାଉଥିବା ଲୋକମାନେ କହିବାକୁ ଲାଗିଲେ- କିହୋ ମାଷ୍ଟରେ ! ମୁହଁ ରଖି ପାରିବତ? ବାଛି ବାଛି ଗୋଟିଏ କଠିନ ଶବ୍ଦ ରଖିଥାଅ ଯେମିତି ହାରାନ୍ ମାଷ୍ଟର କୌଣସି ମତେ ସେଇ ଶବ୍ଦର ଅର୍ଥ କହିପାରିବ ନାହିଁ। ବ୍ରଜବାବୁ କହିଲେ, ଆପଣମାନେ ଏତେ ବ୍ୟସ୍ତ କାହିଁକି ହେଉଛନ୍ତି? ଦେଖନ୍ତୁ ନା' ମୁଁ କ'ଣ କରୁଛି, ଏମିତି ପ୍ରଶ୍ନ ପଚାରିବି ଯେ, ଶୁଣିବାମାତ୍ରେ ହିଁ ତା'ର ଅକଲ ଗୁଡୁମ୍ ହୋଇଯିବ, ଉତ୍ତରଦେବା ତ ବହୁ ଦୂରର କଥା। ଦତ୍ତବାବୁ କହିଲେ – ଦେଖ ଭାଇ, ଯଦି ଆମର ମାନସମ୍ମାନ ରହେ ତେବେ ତୁମର ଦରମା ପାଞ୍ଚଟଙ୍କା ମୁଁ ବଢ଼େଇ ଦେବି। କେହି ସ୍ପଷ୍ଟ ନ କହିଲେ ମଧ୍ୟ ବ୍ରଜମାଷ୍ଟର ଏହା ବୁଝିଗଲେ ଯେ, ଆଜି ଯଦି ତାଙ୍କର ପରାଜୟ ହୁଏ ତେବେ ଏହି ଗ୍ରାମ ତାଙ୍କୁ କାଲି ହିଁ ଛାଡ଼ିବାକୁ କରିବାକୁ ହେବ।

ସୂର୍ଯ୍ୟାସ୍ତର କିଛିସମୟ ପୂର୍ବରୁ ହିଁ ଗୋସାଇଁଗଞ୍ଜର ଦଳ ବଟବୃକ୍ଷତଳେ ଉପସ୍ଥିତ ହେଲେ । ସପ, ମଶିଣା, ଚଟେଇ ପ୍ରଭୃତି ପୂର୍ବରୁ ବାହାକମାନେ ଆଣି ବିଛାଇ ସାରିଥିଲେ। ଦୂରରୁ ପଙ୍ଗପାଳପରି ନନ୍ଦୀପୁରବାସୀଙ୍କର ଆସିବାର ଦେଖାଗଲା। ତା'ସହିତ ସପ, ମଶିଣା, ଢ଼ାଳ, ଢ଼ୋଲ ସହିତ ଆସି ନନ୍ଦୀପୁର ଲୋକମାନେ ନିଜ ଗାଁର ସୀମା ଭିତରେ ମଣିଣା ବିଛାଇ ବସିଗଲେ। ଉଭୟଗ୍ରାମର ନେତୃସ୍ଥାନୀୟ ବ୍ୟକ୍ତିଗଣ ସମ୍ମୁଖରେ ବସିଛନ୍ତି; ମଝିରେ ମାତ୍ର ଦୁଇ ଗାଁର ତିନି ହାତ ଖାଲଜମି।

ISSN NO.
2582-208X

ଏଥର କଥା ଉଠିଲା କେଉଁ ମାଷ୍ଟର ପ୍ରଥମେ ପ୍ରଶ୍ନ ପଚାରିବେ ? ଉଭୟ ଗ୍ରାମ ହିଁ ପ୍ରଥମେ ପ୍ରଶ୍ନ ପଚାରିବା ପାଇଁ ଦାବି କଲେ। କୌଣସି ପକ୍ଷ ନିଜର ଦାବି ତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ। ଅବଶେଷରେ ବୃଦ୍ଧଗଣ ମୀମାଂସା କଲେ ଯେ, ହୀରୁଦତ୍ତ ମହାଶୟ ଗୋଟିଏ ବାଡ଼ି ବୁଲାଇ ଉପରକୁ ଛାଡ଼ିଦିଅନ୍ତୁ। ବାଡ଼ିଟାର ମୁଣ୍ଡ ଯେଉଁ ଗ୍ରାମବାସୀଙ୍କ ଆଡ଼କୁ ରହିବ, ସେମାନେ ପ୍ରଥମେ ପଚାରିବାର ଅଧିକାର ପାଇବେ। ଆମବାଡ଼ି ନିଅନ୍ତୁ ଆମ ବାଡ଼ି ନିଅନ୍ତୁ, ବୋଲି ଉଭୟ ଗ୍ରାମର ଅନେକଲୋକ ଆଗେଇ ଆସିଲେ। ହାତରେ ଯେଉଁ ବାଡ଼ଟି ପାଇଲେ, ହୀରୁଦତ୍ତ ସେଇ ବାଡ଼ିକି ଜୋରରେ ବୁଲାଇ ଉପରକୁ ଫୋପାଡ଼ିଦେଲେ। ବାଡ଼ିଟି ବୁଲିବୁଲି ଆସି ଭୂମିରେ ପଡ଼ିଲା। ସମସ୍ତେ ଦେଖିଲେ ଯେ ବାଡ଼ିଟିର ମୁଣ୍ଡଟା ନନ୍ଦୀପୁର ଗ୍ରାମ ଆଡ଼କୁ ରହିଛି। ନନ୍ଦୀପୁରବାସୀ ଏହାଦେଖି ଆନନ୍ଦରେ ଚିତ୍କାର କରିବାକୁ ଲାଗିଲେ। ଗୋସାଇଁଗଞ୍ଜର ମୁହଁଟି ଛୋଟ ହୋଇ ଗଲା । ସମସ୍ତେ ପ୍ରଶ୍ନ ଓ ତା'ର ଫଳାଫଳକୁ ଅପେକ୍ଷା କଲେ। ନନ୍ଦୀପୁରର ହାରାଣ ମାଷ୍ଟର ଛାତି ଫୁଲାଇ ଆଗକୁ ଆସି ଠିଆହେଲେ, ତାଙ୍କର ଛାତି ଭିତରଟା ଧଡ଼ଧଡ଼ ହେଉଥାଏ; କିନ୍ତୁ ସେ କଥା ସେ ବାହାରକୁ ପ୍ରକାଶ କରିବାକୁ ଦେଉ ନଥାନ୍ତି। ହାରାଣ ମାଷ୍ଟର ପଚାରିଲେ, ଆଚ୍ଛା କହିଲ ଦେଖି "horns of a dilemma'ର କ'ଣ ଅର୍ଥ ଏହି ବିଷୟରେ ପୂର୍ବରୁ ବ୍ରଜ ମାଷ୍ଟର ଅବଗତ ଥିଲେ, ତେଣୁ ସେ ଛାତି ଫୁଲାଇ ସହାସ୍ୟ ବଦନରେ କହିଲେ, ଏହାର ଅର୍ଥ ହେଉଛି - "ଉଭୟ ସଙ୍କଟ' - କ'ଣ ହେଲା ନା ନାହିଁ? "ପାରିଛିରେ ପାରିଛି, ଆମର ମାଷ୍ଟର ଉତ୍ତର ଦେଇ ପାରିଛି'' ବୋଲି ଗୋସାଇଁଗଞ୍ଜର ଲୋକମାନେ ଖୁସିରେ କୋଳାହଳ ଆରମ୍ଭ କରିଦେଲେ । ମୁରବିମାନେ ଅନେକ କଷ୍ଟରେ ସେମାନଙ୍କୁ ନିୟନ୍ତ୍ରଣ କଲେ। ଏବେ ବ୍ରଜମାଷ୍ଟରର ପ୍ରଶ୍ନ ପଚାରିବାର ସମୟ ଆସିଲା।

ବ୍ରଜମାଷ୍ଟର ଉଠି ଠିଆ ହୋଇ କହିଲା - "ଶୁଣ ହାରାଣବାବୁ, ମୁଁ ତୁମକୁ କୌଣସି କଠିନ ପ୍ରଶ୍ନ ପଚାରିବାକୁ ଚାହେଁ ନାହିଁ। ବରଂ ଖୁବ୍ ଗୋଟିଏ ସହଜ ପ୍ରଶ୍ନ ପଚାରିବାକୁ ଚାହେଁ। ଏହି ଅଞ୍ଚଳରେ ତୁମେ ଓ ମୁଁ - ଆମେ ଦୁହେଁ ହିଁ କେବଳ ଇଂରାଜୀ ଜାଣିଥିବା ଲୋକ। ଗୋଟିଏ କଠିନ ଶବ୍ଦର ଅର୍ଥ ପଚାରି ତୁମକୁ ଠକି ଦେଇ ପାରିବି ନାହିଁ; ମୋର ମନରେ

ISSN NO.
2582-208X

ଏତେ ସ୍ୱାର୍ଥପରତା ନାହିଁ । ଏଥିରେ ହୁଏତ ଗୋସାଇଁଗଞ୍ଜର ଲୋକମାନେ ରାଗକରି ପାରନ୍ତି, କିନ୍ତୁ ମୁଁ ଜଣେ ଇଂରାଜୀ ଶିକ୍ଷକ ହୋଇ ଆଉ ଜଣେ ଇଂରାଜୀ ଶିକ୍ଷକର ଅପମାନ ସଭାମଝିରେ ତ କରିପାରିବି ନାହିଁ। ଆଚ୍ଛା ଠିକ୍ ଅଛି - ମୁଁ ଗୋଟିଏ ଖୁବ୍ ସହଜ କଥାର ଅର୍ଥ ପଚାରୁଛି - ଉତ୍ତର ଦିଅ।'' ଦମ୍ଭର ସହିତ ଆଉ ଉଚ୍ଚ ସ୍ୱରରେ ମଧ୍ୟ, ଯେମିତି କି ଦୁଇଗ୍ରାମର ଲୋକମାନେ ଖୁବ୍ ଭଲ ଭାବରେ ଶୁଣି ପାରିବେ, ବ୍ରଜ ମାଷ୍ଟର ପଚାରିଲେ,"କହିଲ ଦେଖି - "don't know ଏହାର ଅର୍ଥ କ'ଣ? ତୁମେ ତ ନିଶ୍ଚିତ ଜାଣ, କୁହ। ହାରାଣ ମାଷ୍ଟର ଉତ୍ତର ଦେଲେ - "ମୁଁ ଜାଣିନାହିଁ'।

ଏକଥା ଶୁଣିବା ମାତ୍ରେ ହିଁ ନନ୍ଦୀପୁରର ସମସ୍ତଙ୍କର ମୁହଁ ବିଷର୍ଣ୍ଣ ହୋଇଗଲା । ସାଙ୍ଗେ ସାଙ୍ଗେ ଗୋସାଇଁଗଞ୍ଜର ଲୋକମାନେ ଠିଆ ହୋଇ ବିପୁଳମାତ୍ରାରେ ନୃତ୍ୟ କୀର୍ତ୍ତନ କରିବାରେ ଲାଗିଲେ; ହୋ - ହୋ – ଜାଣିନି! ହାରାଣ ମାଷ୍ଟର ଜାଣିନି! ନନ୍ଦୀପୁର ହାରିଗଲେରେ.........ହାରିଗଲେ। ହାରାଣମାଷ୍ଟର ବିକଳ ଆକୁଳ ହୋଇ ସମସ୍ତଙ୍କୁ କ'ଣ କହିବାପାଇଁ ଚେଷ୍ଟା କରୁଥିଲେ; କିନ୍ତୁ ଠିକ୍ ସେହି ସମୟରେ ଗୋସାଇଁଗଞ୍ଜର ଲୋକମାନେ ଢୋଲ, ନାଗାଡ଼ା, ଏକସିଙ୍ଗା, ତୂରୀ, ଭେରୀ ସବୁ ବଜାଇ ଉଠିଲେ। ତାଙ୍କର କଥା କାହାର ଶ୍ରୁତିଗୋଚର ହେଲା ନାହିଁ। ଗୋସାଇଁଗଞ୍ଜର କେତେଜଣ ତାଗଡ଼ା ଲୋକ ଆନନ୍ଦରେ ନାଚି ନାଚି ଆଗକୁ ଅଗ୍ରସର ହେଲେ ଏବଂ ତାଙ୍କ ମଧ୍ୟରୁ କେତେଜଣ ବ୍ରଜମାଷ୍ଟରଙ୍କୁ କାନ୍ଧରେ ବସାଇ ଗ୍ରାମଅଭିମୁଖେ ଚାଲିଲେ । ଅନ୍ୟମାନେ ତାଙ୍କୁ ଘେରି ନୃତ୍ୟ କରିବାକୁ ଲାଗିଲେ ଏବଂ ମହା ହର୍ଷୋଲ୍ଲାସରେ ଗ୍ରାମକୁ ଫେରିଲେ।

((()))

(ଏହି ଗଳ୍ପଟି ଭାରତ ସ୍ୱାଧୀନ ହେବା ପୂର୍ବରୁ ଲେଖାଯାଇଥିଲା। )

ବଙ୍ଗଦେଶରେ ଯେତେବେଳେ ଇଂରାଜୀ ଶିକ୍ଷାର ପ୍ରଚାର ପ୍ରସାର ଆରମ୍ଭ ହେଲା, ସେତେବେଳେ ଗାଁ ଗଣ୍ଡାରେ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ସାଧାରଣ ଲୋକଙ୍କର ମନରେ କି ପ୍ରକାର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ତାକୁ ହିଁ ଅଧାର କରି ଏହି କାହାଣୀଟି ରଚିତ। ଏହି

ISSN NO.
2582-208X

ସମୟରେ ଜଣେ ସ୍ୱଳ୍ପ ଶିକ୍ଷିତ ଶିକ୍ଷକ କେମିତି ଚତୁରତାର ସହିତ ଜଣେ ଦକ୍ଷ ଶିକ୍ଷକକୁ ହାରମାନିବା ପାଇଁ ବାଧ୍ୟ କରି ନିଜକୁ ଜ୍ଞାନୀ ଓ ପ୍ରତିଷ୍ଠିତ ଶିକ୍ଷକ ଭାବରେ ପ୍ରମାଣ କରିଥିଲେ ତାହା ଏହି ଗଳ୍ପରେ ପ୍ରତିଫଳିତ।

ମୋ-୯୮୬୧୪୫୪୪୭୦; ଏନ୍-୬,
ନେତାଜୀ ସୁବାଷ ଏନକ୍ଲେଭ୍; ଗାଡ଼କଣ,
ଭୁବନେଶ୍ୱର-୭୫୧୦୧୭

ISSN NO.
2582-208X

# ବୃକ୍ଷ ଆମରି ମିତ



ସତ୍ୟନାରାୟଣ ପ୍ରସାଦ ନାୟକ

ଜଗତ କରତା ସେ ବିଶ୍ୱ ବିଧାତା
ଧନ୍ୟ ତାଙ୍କରି ମହିମା
ପୂରି ରହିଅଛି ଏଇ ପୃଥିବୀରେ
ବୃକ୍ଷ ଲତା ସବୁଜିମା ।
ପ୍ରକୃତି କୋଳରେ ସଭିଏଁ ବଢ଼ନ୍ତି
ହେଉ ନର ପଶୁ ପକ୍ଷୀ
ବଞ୍ଚିବା ନିମନ୍ତେ ସବୁ ଉପାଦାନ
ପ୍ରକୃତି ଦେଇଛି ଖଞ୍ଜି ।
କୃତଘ୍ନ ମଣିଷ ବୁଝି ବି ବୁଝେନି
ଜଙ୍ଗଲ କରୁଛି ପଦା
ବିଶାଳ ବୃକ୍ଷକୁ ଧରାଶାୟୀ କରି
ଖୋଜୁଛି ନିଜ ସୁବିଧା ।
ଅଙ୍ଗାରକାମ୍ଳକୁ ନେଉଛି ସାଉଁଟି
ବାଣ୍ଟୁଅଛି ଅମ୍ଳଜାନ
ଗଛ ଛାଇ ତଳେ ପ୍ରଚଣ୍ଡ ଗ୍ରୀଷ୍ମରେ
ବାଟୋଇ ନିଏ ବିଶ୍ରାମ ।

ISSN NO.
2582-208X

ମାଟିକୁ ଜାବୁଡି ଧରିଅଛି ଗଛ
ମାଟି ହୁଏ ନାହିଁ କ୍ଷୟ
ଦିଏ ଫୁଲ ଫଳ ଦିଶେ ଢଳ ଢଳ
ପକ୍ଷୀଟି ନିଏ ଆଶ୍ରୟ ।
ବୃକ୍ଷ ପରି ମିତ ନାହିଁ ଏ ଜଗତେ
କରେ କେତେ ଉପକାର
କାଟିକୁଟି ତାକୁ ପଦା କରନାହିଁ
ବୁଝ ମୂଲ୍ୟଟି ତାହାର ।

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ଯଜ୍ଞାସେନୀ



ପ୍ରିୟଦର୍ଶିନୀ ଓଝା

ଯଜ୍ଞରୁ ହେଲି ମୁଁ ଜାତ, ଯାଜ୍ଞସେନୀ ନାମେ ସଂସାରେ ହେଲି ମଣ୍ଡିତ ।
ଦେଖିନାହିଁ ବାଲ୍ୟକାଳ, ଜାଣିନାହିଁ କିଏ ମୋର ମାତା,
ସାରା ଆର୍ଯ୍ୟବର୍ତ୍ତେ ହୁରୀ ପଡ଼େ
ସତ୍ୟ, ଧର୍ମ, ନ୍ୟାୟ ପ୍ରତିଷ୍ଠାର ମୁଁ କାଳେ ବିଧାତା ।

ନିୟତି ହାତେ ଯେବେ ହେଲି ବନ୍ଧା, କଳୁଷିତ ସମାଜ ଆଗେ ହେଲି କଳଙ୍କିତା ।
ଜନେ କୁହନ୍ତି ଅନେକ ପୁରୁଷେ ଯାର ମନ ସେ କି ପାଇବ କୂଳବଧୁର ସମ୍ମାନ ।
ହୁଏତ ଏଇଥିପାଇଁ,
କୁରୁସଭା ତଳେ ହେଲି ବିବସ୍ତ୍ର ।
ପାଞ୍ଚପତି ଥାଇ ମଧ୍ୟ ସବୁ ନିରସ୍ତ୍ର ।

ଥାଉଥାଉ ପିତା ମହାଗୁରୁ ଦ୍ରୋଣ, ପୁରୁବଂଶର କୂଳବଧୂ ହେଲା ହୀନିମାନ ।
ସ୍ୱାର୍ଥ ଲାଳସାର ପିପାସାରେ,
ଯେ ଅନ୍ଧ ସେ ଅନ୍ଧ
ଆତ୍ମଗରିମାର ଦ୍ୱାହି ଦେଉଥିବା ଜ୍ଞାନୀ ମଧ୍ୟ ହେଲେ ଅନ୍ଧ ।

ISSN NO.
2582-208X

ସହସ୍ର ସହସ୍ର ଜ୍ଞାନୀଙ୍କ ମଧ୍ୟରେ କେବଳ ସଖାହେଲେ ମୋର ସାଥୀ
ଯାହାଙ୍କ ସାହସରେ ବରିଥିଲି ମୁଁ ପଞ୍ଚପତି ।
ନା ରହିଲା ସାମ୍ରଜ୍ଞିର ପ୍ରତିପତ୍ତି
ନା ରହିଲା ଧର୍ମରାଜଙ୍କ ଅହିଂସା ନୀତି ।

ଜିତିଲା କେବଳ ଅଧର୍ମର କୁଟିଳନୀତି ।
ବିଜୟର ହେଲା ଜୟଗାନ
କିନ୍ତୁ ସମାଜ କରିଲା ପାଞ୍ଚାଳୀର ଚିରହରଣ ।

କରିଲି ଧର୍ମର ପ୍ରତିଷ୍ଠା ହେଲି କଳଙ୍କିତା ତଥାପି
ସମାଜକୁ ହେ କୌରବ ବଂଶ ନାଶର ମୁହିଁ କର୍ତ୍ତା ।

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ତା'



ଶ୍ରୀକ୍ଷେତ୍ର ସୁନ୍ଦର

ତା' ମଥାମଣି ତଳେ ଲୁଚି ଯାଏ ସୁରୁଜ
ତା' ଆଖି କଜଳ ଗାରେ ଚାହାଣି ତା ଢଳ-ଢଳ ସରସୀରେ ଜଳ
ତା' ନାସିକା ତିଳଫୁଲ କାନର ଝୁମୁକା ଝିକି-ଚୁନା ତାରା ଫୁଲ
ତା' ଖୋଲା କେଶ ତଳେ ଘୋଟି ଆସେ ବାଦଲ
ତା' ସରୁ ଓଠ ଧାରେ ନାଲି ଲାଜ ହସର ଜୁଆର
ତା' ଚୁପି ଚୁପି କଥା ଭ୍ରମର ଗୁଞ୍ଜନ
ତା' କଣ୍ଠରୁ ଝରିଯାଏ ରାଗିଣୀ ଅମୃତ
ତା'ଗାଲର ଭଉଁରୀରେ ମୃତ ପାଏ ଜୀବନ
ତା' ଚନ୍ଦ୍ରହାର ଆଗେ ଫିକା ଇନ୍ଦ୍ରଧନୁ ସାତ ରଙ୍ଗ
ତା' ଅଙ୍ଗୁଳି ଚମ୍ପା କଢି ହାତେ ତାର କଥାକୁହା ସୁବର୍ଣ୍ଣ କଙ୍କଣ
ତା' ଦେହ କସ୍ତୁରୀ ଗନ୍ଧ ସୁରଭୀ ଶୋଭିତ
ତା' ପଣତେ ଦିଗ ଭୁଲେ ଶୀତଳ ସମୀର
ତା' ଅଳସି ନଈ ପରି ଅଙ୍କା ବଙ୍କା ଚାଲି ସାଥେ ରୁଣୁ ଝୁଣୁ ନୁପୁର
ତା' ଅଳତା ପିନ୍ଧା ପାଦ ଫୁଟାଏ ପଦ୍ମୁଅଁ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ ବରଗଡ
ମୋ ୯୦୯୦୨୭୭୮୦୬

ISSN NO.
2582-208X

# ହେଉ ଏ ଅସଲ ଶିକ୍ଷା



ନୀଳମଣି ଗୁନ୍ଧ

ଛାଡ଼ି ଧରାଧାମ ଦିନେ ତ ମାନବ
ଆରପାରିକୁ ଯେ ଯିବ
ଇଏ 'ଘଟାନ୍ତର' ଏ 'ମହାପ୍ରୟାଣ'
ଭାବୁଥାଏ ବସି ଜୀବ ।

ଗର୍ବ, ଅହଙ୍କାର  ଦମ୍ଭ ହେବ ଚୂନା
ବଡେଇ ଯିବରେ ଭାଙ୍ଗି
ଆସିଛି ସେ ଏକା ଯିବ ଫେରି ଏକା
ନ ହେବେ କେ ସାଙ୍ଗ, ଭାଗୀ ।

ସାତ୍ୱିକ ଗୁଣକୁ ଆଦରି ଥିଲେରେ
ମିଳିଥାଏ ପୂଣ୍ୟ ଫଳ
ରାଜସିକ, ତାମସିକ ଗୁଣ ଥିବା
ବ୍ୟକ୍ତି ଜୀବନ ନିଷ୍ଫଳ ।

ISSN NO.
2582-208X

ଭଲ କର୍ମ କରି ସୁନାମ ଅରଜି
ଧରାରୁ ଗଲେରେ ଫେରି
ଚାଲିଗଲା ଜଣେ ଭଲ ଲୋକ ବୋଲି
ହୁଅନ୍ତି ସମସ୍ତେ ଝୁରି ।

ଦୟା, ଦାନ, ଧର୍ମ ପର ଉପକାର
ଏ ସବୁ ସ୍ୱର୍ଗୀୟ ଗୁଣ
ସେହି ଗୁଣ ବଳେ ଦେବତ୍ୱ ପ୍ରାପ୍ତିଟି
ଲଭିଥାଏ ନର ଜାଣ ।

ଧର୍ମ ଏକା ସିନା ମହତପଣିଆ
ନେବା ଜୀବନରେ ଦୀକ୍ଷା
ଅଳପ ଦିନର ଜୀବନ ପାଇଁରେ
ହେଉ ଏ ଅସଲ ଶିକ୍ଷା ।।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଚିତ୍ତରଞ୍ଜନଙ୍କ "ରୋହିତର ଡାଏରୀ" : ଏକ ଅଭିନବ ପ୍ରୟାସ

ଶାଶ୍ୱତ ପାତ୍ର

ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଜଣେ ପ୍ରଥିତଯଶା ଲେଖକ ଭାବେ ପ୍ରଫେସର ଚିତ୍ତରଂଜନ ଦାସ ଓଡ଼ିଆ ପାଠକଙ୍କ ହୃଦୟରେ ଯେପରି ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ରହିଛନ୍ତି ତାହା ଯେ ତାଙ୍କର ସ୍ୱତନ୍ତ୍ର ଗଦ୍ୟ ଦୃଷ୍ଟି ନିମନ୍ତେ, ଏହା ପ୍ରତ୍ୟେକେ ସ୍ୱୀକାର କରିବେ । ପ୍ରାବନ୍ଧିକ ଚିତ୍ତରଂଜନ ସବୁବେଳେ ବ୍ୟକ୍ତିନିଷ୍ଠ ପ୍ରବନ୍ଧ ରଚନା କରୁଥିବା ଆମେ ଲକ୍ଷ୍ୟ କରୁ । ମନେହୁଏ ଲେଖକ ବ୍ୟକ୍ତିଗତ ଅନୁଭୂତିକୁ ହିଁ ନିଜ ପ୍ରବନ୍ଧରେ ସ୍ଥାନ ଦେଇ ତାହା କିପରି ପାଠକର ହୃଦୟକୁ ସ୍ପର୍ଶ କରିବ ଏବଂ ତାର ଚିନ୍ତନକୁ ବିକଶିତ କରାଇବ ସେଥିପ୍ରତି ସେ ଯଥା ସମ୍ଭବ ଚେଷ୍ଟିତ । ତାଙ୍କ ଦ୍ୱାରା ରଚିତ ପ୍ରବନ୍ଧ ସାହିତ୍ୟ ଓଡ଼ିଆ ସାହିତ୍ୟରେ ଏକ ଏକ ମଇଲଖୁଣ୍ଟ ସଦୃଶ । ଗୋଟିଏକୁ ଛାଡି ଚିତ୍ତରଂଜନଙ୍କ ବ୍ୟକ୍ତିତ୍ୱକୁ ହୁଏତ ସମ୍ପୂର୍ଣ୍ଣ ଆଲୋଚନା କରାଯାଇନପାରେ । ଏମିତି ଲାଗେ ତାଙ୍କର ପ୍ରତିଟି ପ୍ରବନ୍ଧ ଏକ ଏକ ଆତ୍ମଜୀବନୀ । ନିଜ ଅନୁଭୂତି ଅଭିଜ୍ଞତାରେ ଭର୍ତ୍ତି ତାଙ୍କର ପ୍ରତିଟି ରଚନା ।

ପ୍ରଫେସର ଚିତ୍ତରଂଜନ ଦାସ ତାଙ୍କ ଜୀବନକାଳ ମଧ୍ୟରେ ପ୍ରବନ୍ଧ ସାହିତ୍ୟ ବ୍ୟତୀତ ଅନ୍ୟ ଯେଉଁ ବିଭାଗରେ ଲେଖନୀ ଚାଳନା କରି ନିଜକୁ ପ୍ରତିଷ୍ଠିତ କରାଇଛନ୍ତି ତାହା ତୁଳନାରେ ତାଙ୍କର ଗଦ୍ୟ ସାହିତ୍ୟର ଯେଉଁ ପରୀକ୍ଷା ନିରୀକ୍ଷା ମୂଳକ ସୃଷ୍ଟି ଆମେ ଲକ୍ଷ୍ୟ କରୁ ତାହା ତାଙ୍କୁ ଆଣିଦେଇଛି ସାହିତ୍ୟ ଦୁନିଆରେ ପରିଚୟ । ଓଡ଼ିଆ ସାହିତ୍ୟରେ "ରୋହିତର ଡାଏରୀ "ଲେଖକଙ୍କ ଏକ ଅନନ୍ୟ ପ୍ରୟାସ । ତାଙ୍କ ପୂର୍ବରୁ ଅନ୍ୟକେହି ଏପରି ଚିନ୍ତନ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଆମେ ଲକ୍ଷ୍ୟ କରିପାରୁ ନାହୁଁ ।

ISSN NO.
2582-208X

ଡାଏରୀ ସାହିତ୍ୟରେ ଚିତ୍ତରଂଜନଙ୍କ ଥିବା ବଳିଷ୍ଠ ପ୍ରବେଶକୁ "ରୋହିତର ଡାଏରୀ" ପୁସ୍ତକମାନଙ୍କରୁ ହିଁ ଆମେ ଲକ୍ଷ୍ୟ କରିପାରୁ । ସର୍ବମୋଟ ଚବିଶ ଖଣ୍ଡ "ରୋହିତର ଡାଏରୀ" ପୁସ୍ତକରେ ସେ ତାରିଖ, ମାସ ଓ ମସିହା ଦେଇ ନିଜର ସ୍ମୃତି ଅନୁଭୂତିକୁ ବ୍ୟକ୍ତ କରିପାରିଛନ୍ତି ପ୍ରବନ୍ଧ ମାଧ୍ୟମରେ । ୧୯୨୩ ମସିହାରେ ଜନ୍ମିତ ଚିତ୍ତ ଭାଇ ସୂର୍ଯ୍ୟ ପରି ବୁଲିବୁଲି ନିଜର ଅଭିଜ୍ଞତା ସାଉଁଟୁ ଥିବା ତାଙ୍କର ବକ୍ତବ୍ୟରୁ ଜାଣିପାରୁ । "ରୋହିତର ଡାଏରୀ" ପୁସ୍ତକର ପ୍ରଥମଖଣ୍ଡରେ ଏହି ପୁସ୍ତକର ନାମକରଣ, ଆବଶ୍ୟକତା ତଥା ନିଜର ଅସ୍ଥିରତା ପ୍ରକାଶ କରିବାକୁ ଯାଇ ସେ ଉଲ୍ଲେଖ କରିଛନ୍ତି -" ମୋର ଦୃଷ୍ଟି ରୋହିତର ଦୃ । "ରୋହିତ" ଶବ୍ଦଟି ସୂର୍ଯ୍ୟର ସମବାଚୀ । "ଐତେରେୟ ବ୍ରାହ୍ମଣ"ରେ ରୋହିତର ଉପଖ୍ୟାନ ଅଛି । ଦେବତା ପାଖରେ କରିଥିବା ଏକ ଶପଥ ଅନୁସାରେ ରୋହିତର ବାପା ରୋହିତକୁ ବଳି ଦେବାକୁ ବାଧ୍ୟ ହେଉଥିଲେ । କିନ୍ତୁ ଅମାନିଆ ରୋହିତ ଘର ଛାଡ଼ି ପଳାଇଲା । ସ୍ୱୟଂ ଇନ୍ଦ୍ର ବ୍ରାହ୍ମଣର ବେଶ ଧରି ତାକୁ "ଚରୈବେତି" ମନ୍ତ୍ରଦ୍ୱାରା ବର୍ଷ ବର୍ଷ ଧରି କେବଳ ଚାଲିବାକୁ ହିଁ ଉଦବୁଦ୍ଧ କରି ରଖିଥିଲେ ଓ ତାକୁ ଘରକୁ ଫେରିଯିବାକୁ ନିବର୍ତ୍ତାଇ ରଖିଥିଲେ। 'ପ୍ରତିଦିନ ବିଚରଣ କରି ମଧ୍ୟ ଏହି ସୂର୍ଯ୍ୟ ଯେପରି ପରିଶ୍ରାନ୍ତ ହୋଇପଡୁ ନାହିଁ, ତୁ ମଧ୍ୟ ସେମିତି ଅପରିଶ୍ରାନ୍ତ ଭାବରେ ଚାଲିବାରେ ଲାଗିଥା' - ଏହି ଉଦବୋଧନମନ୍ତ୍ର ରୋହିତକୁ ସତତ ଆଗେଇନେଇ ଯାଉଥିଲା ।

"ରୋହିତ ଡାଏରୀ" ଲେଖା ଆରମ୍ଭ ହୋଇଥିଲା ସେହିଦିନ, ଯେଉଁଦିନ ଥିଲା ଚିତ୍ତରଂଜନଙ୍କର ଜନ୍ମଦିନ । ୧୯ ବର୍ଷ ବୟସରୁ ହିଁ ତାଙ୍କର ଡାଏରୀ ଲେଖାର ପ୍ରୟାସ ଆମେ ଦେଖିବାକୁ ପାଉ ଏହି ସଂଙ୍କଳନରୁ । ଧାରାବାହିକ ଭାବେ ସେ କୌଣସି ଘଟଣାକୁ ବା ନିଜର ଦୈନନ୍ଦିନ ଜୀବନର ଅଯଥା ସମୟକୁ ଲିପିବଦ୍ଧ କରି ଏହି ପୁସ୍ତକଟିକୁ ଭାରାକ୍ରାନ୍ତ କରିନାହାନ୍ତି । ଜୀବନର ଯେଉଁ ଯେଉଁ ଦିନ ତାଙ୍କ ମାନସିକତା ଅସ୍ଥିର କରିଛି ସେ ବାଧ୍ୟ ହୋଇ ଲେଖନୀ ଚାଳନା କରିଛନ୍ତି ନିର୍ଦ୍ୱନ୍ଦରେ । ପ୍ରତିଟି ଘଟଣାକୁ ରୂପଦେବାକୁ ଯାଇ ପାଠକ ସାମ୍ନାରେ ଉପସ୍ଥାପନ କରିଛନ୍ତି ଠିକ ଭୁଲର ବିଚାର । ପାଠକ ହିଁ ପ୍ରତିଟି ପୁସ୍ତକର ଶ୍ରେଷ୍ଠ ବିଚାରକ ଏହା ବିଶ୍ୱାସ କରନ୍ତି ଚିତ୍ତ ଭାଇ । ୦୭/୧୧/୧୯୪୨ ମସିହାରୁ

ISSN NO.
2582-208X

ସେ ଆରମ୍ଭ କରିଛନ୍ତି ରୋହିତର ଡାଏରୀ ଲେଖା । ସେହିଦିନର ଅନୁଭୂତିକୁ ଯିଏ ପାଠ କରିବ ସେ ଜାଣିପାରିବ ଜନ୍ମଦିନଟିଏ କେବଳ ଏକ ସମୟଖଣ୍ଡ । ଏହା ସାମୟିକ ଆନନ୍ଦ ପ୍ରଦାନ କରେ ସତ, କିନ୍ତୁ ସେଇ କ୍ଷଣରେ ଜଣେ ସଚେତନ ଚିନ୍ତକ ସାମ୍ନାରେ ଥୋଇଦିଏ ନିରାଶାର ଦ୍ରୁମ। ଅର୍ଥାତ, ଚିନ୍ତକଟି ଭାବେ ଜୀବନଟି କେତେଶୀଘ୍ର ଧାଇଁ ଯାଉଛି । ମୁଁ ଏହି କାଳଖଣ୍ଡ ମଧ୍ୟରେ କଣ ବା କରିପାରିଲି । ମୋ ଦ୍ୱାରା ଆଗକୁ କଣ ବା ହୋଇପାରିବ । ଏ ସମସ୍ତ ବିଷୟ ଜଣେ ଚିନ୍ତାଶୀଳ ବ୍ୟକ୍ତିକୁ ହିଁ କରୁଥାଏ ବିଗଳିତ । ଚବିଶ ଖଣ୍ଡର ରୋହିତର ଡାଏରୀ ଆତ୍ମଜୀବନୀ ମୂଳକ ଜୀବନୀ ପୁସ୍ତକ ମଧ୍ୟରେ ଚିତ୍ତରଂଜନଙ୍କ ଦୁଃଖ, ସୁଖ, ଯନ୍ତ୍ରଣା, ହତାଶା, ଘଟଣା, ଦୁର୍ଘଟଣା, ଅନୁଭୂତି, ସ୍ମୃତି, ଭ୍ରମଣାନୁଭୁତି, ଆଦିକୁ ପ୍ରର୍ଯ୍ୟାୟକ୍ରମେ ଉପଲବ୍ଧି କରିବା ସହ ତାଙ୍କର ଗଦ୍ୟ ସାହିତ୍ୟରେ ଦକ୍ଷତାକୁ ସ୍ୱଷ୍ଟ ଅନୁଭବ କରିପାରେ । ପ୍ରବନ୍ଧ ଯେତେ ବ୍ୟକ୍ତିନିଷ୍ଠ ହବ ସେତେ ପାଠକାଦୃତି ଲାଭ କରିବ ଏହା ସମସ୍ତେ ଅନୁଭବ କରିଥିବେ ନିଶ୍ଚୟ ।

ଶିକ୍ଷକତା ଜୀବନର ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି ବିଶ୍ୱାସ କରୁଥିବା ଚିତ୍ତ ଭାଇ ଏହି ପ୍ରବନ୍ଧ ମାଧ୍ୟମରେ ଜଣେ ଶିକ୍ଷକର ଭୂମିକା ତୁଲାଇଛନ୍ତି । ପ୍ରତିଟି ଦିନର ଘଟଣା ବହୁଳ ମୁହୂର୍ତ୍ତକୁ ସେ ଜଣେ ଶିକ୍ଷକର ଦୃଷ୍ଟିଭଙ୍ଗୀ ନେଇ ପାଠକ ସମାଜ ଆଗରେ ଉପସ୍ଥାପନା କରିଛନ୍ତି । ଯେଉଁ ବ୍ୟକ୍ତି ଏହି "ରୋହିତର ଡାଏରୀ" ପୁସ୍ତକର ଅଧ୍ୟୟନ କରିବେ ସେମାନେ ଦର୍ଶନ, ସାହିତ୍ୟ ଆଦି ବିଷୟକୁ ସ୍ୱଷ୍ଟ କରି ଆଶ୍ଚର୍ଯ୍ୟ ହେବେ ବହୁମୁଖୀ ପ୍ରତିଭା ଚିତ୍ତରଂଜନଙ୍କ ପାଣ୍ଡିତ୍ୟ ଦେଖି । ଚବିଶ ଖଣ୍ଡ "ରୋହିତର ଡାଏରୀ" ପୁସ୍ତକରେ ସେ ନିଜର ବ୍ୟକ୍ତିଗତ ଅନୁଭୂତିକୁ ପ୍ରକାଶ କରିବାରେ ସର୍ବପ୍ରଥମ ଲେଖକ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହା ଯେ, ତାଙ୍କ ପରେ ମଧ୍ୟ କେହି ଏହିପରି ଅଭିନବ ପ୍ରୟାସକୁ ଆଗେଇ ନେଇ ପାରିଲେ ନାହିଁ । ଏଥିରୁ ସ୍ୱଷ୍ଟ ଅନୁମେୟ ଯେ ରୋହିତର ଡାଏରୀ ପରି ଡାଏରୀ ସାହିତ୍ୟ ରଚନା ସମସ୍ତଙ୍କ ପାଇଁ ଯେପରି ନୁହେଁ ସମ୍ଭବ ,ସେପରି ନୁହେଁ ସହଜ । ଚିତ୍ତରଂଜନ ଦାସ ଆଜି ଇହଜଗତରେ ନାହାଁନ୍ତି ସତ କିନ୍ତୁ ତାଙ୍କ ରୋହିତର ଡାଏରୀ ପୁସ୍ତକ ମଧ୍ୟରେ ସେ ଯେପରି ପ୍ରତିଟି ମାସ ଓ ଦିନ ବଞ୍ଚିଛନ୍ତି ତାହା ମନେ ହେଉଥିବ ।

ISSN NO.
2582-208X

ଆଜି ଯେମିତି ସେ ଆମ ଚାରିପାଖରେ ଚଳପ୍ରଚଳ ହୋଇ ଆମକୁ କିଛି ଉପଦେଶ ଦେଉଛନ୍ତି ଏବଂ ତାଙ୍କର ଆଜିର ଅନୁଭୂତିକୁ ସତେ ଯେମିତି ଆମ ଆଗରେ ବସି କହୁଛନ୍ତି। ଚବିଶ ଖଣ୍ଡ ଏହି ଡାଏରୀ ପୁସ୍ତକରେ ତାରିଖ, ମାସ, ବର୍ଷର ସୂଚନା ଦେଇ ନିଜର ଜୀବନର ଘଟଣାକୁ ଉପସ୍ଥାପନା କରି ପାଠକ ସମାଜକୁ ଯେଉଁ ଦିଗଦର୍ଶନ ଦେଇଛନ୍ତି ତାହା ଉଭୟ ଚିତ୍ତରଂଜନ ଦାସ ଓ ରୋହିତର ଡାଏରୀକୁ ପାଠକ ହୃଦୟରେ ସ୍ଥାନ ଦେବାରେ ହେବ ଏକାନ୍ତ ସହାୟକ ।

ଅଧ୍ୟାପକ, ଶାନ୍ତିଲତା ମହାବିଦ୍ୟାଳୟ,
ଉଇଟିକରି, ବାଲେଶ୍ୱର

ISSN NO.
2582-208X

# ଏକ ଭିନ୍ନ କ୍ରିକେଟ୍



ଡ. ଜ୍ଞାନେଶ୍ୱର ମିଶ୍ର

ଏକ ଯୌଥ ପରିବାର ଷ୍ଟାଡିୟମରେ
ମଧ୍ୟବିତ୍ତ ପିଚ୍ ରେ, ବ୍ୟାଟିଂ କି ବୋଲିଂ
କଷ୍ଟ ଓ କଷଣ ସତରେ
କେତେବେଳେ ଝଗଡାର ବାଉନ୍ସର
ସ୍ନେହର ଫୁଲଟସ୍, ଦେଖେଇ ଶିଖେଇ କହିବାର
ସ୍ପିନ୍ ବଲ୍ ସାମନା କରିବାକୁ ହୁଏ ଏ ଖେଳରେ ।

ବାପା, ବୋଉ, ଭାଇ ଭଉଣୀ ଜଣକ ପରେ ଜଣେ
ଆଉଟ୍ ହୋଇଗଲେ ରୋଗର କ୍ୟାଚ ଆଉଟ୍, ଷ୍ଟମ୍ପିଂ ଅବା ଏଲ ବି ଡବ୍ଲୁରେ ।
କେହି ଶତକ ନକଲେ ବି ଅର୍ଦ୍ଧ ଶତାବ୍ଦୀ କୁ ପାରି କରିଥିଲେ ।
ସମୟେ ସମୟେ ବାଉଣ୍ଡାରୀ ଛକାରେ
ବଂଧୁ ଓ ପଡିଶା ଦର୍ଶକ ତାଳି ମାରୁଥିଲେ,
ସବା ଶେଷରେ ଆମେ ଦୁହେଁଥିଲୁ
ଶେଷ ବ୍ୟାଟସ୍ ମ୍ୟାନ ଦଶ ଓ ଏଗାର
ବ୍ୟାଟିଂ ଠିକ୍ ଠାକ୍ ଥିଲା, ଏକ ରନ୍ ନେଇ
ତାକୁ ବ୍ୟାଟିଂ ଦେବା ମୋର କାମ ଥିଲା
ହାଡଭଙ୍ଗି, ଗୋଡ କଟି, ଛାତିରେ ଷ୍ଟେନ ବସାଇ

ISSN NO.
2582-208X

ବ୍ୟାଟ କରୁଥିଲା, ସବୁ ଡି.ଆର୍.ଏସ୍ ତା ସପକ୍ଷରେ ଥିଲା
ଶତଷଠୀ ରନ କରି ସାରିଥିଲା ।
ଅଚାନକ ଦୁର୍ଭାଗ୍ୟର ଏକ ୟର୍କର ବଲ୍ ରେ
କ୍ଲିନ୍ ବୋଲ୍ଡ ହୋଇଗଲା ॥
ମୁଁ ଏକା ବ୍ୟାଟ୍ ଧରି, ବ୍ୟାଟକୁ ମାଟିରେ ପିଟିପିଟି
ଡ୍ରେସିଂ ରୁମକୁ ଗଲି, ବ୍ୟାଟକୁ ସାଇତି ରଖିଛି
ବେଙ୍ଗାଲୁରୁରେ ଆମ ଦଳର ସମର୍ଥକ
ଟ୍ରେନିଂ ନେଉଥିବା ନୂଆ ଖେଳାଳୀ ଆସିଲେ
ତା ଅଧିନାୟକତ୍ୱରେ, ସେ ଦଳରେ
ସୁଯୋଗ ପାଇଲେ ଖେଳିବାର ଆଶାବାନ୍ଧି
ପାଭିଲିୟାନ୍ ରେ ଅନାଇ ବସିଛି ।

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଏଇ ପୁରୁଷ



ଦେବାର୍ଚ୍ଚନ ମେହେର

ଏଇ ପୁରୁଷ ଜୀବନ
ନୁହଇଁ ସହଜ,
ଆଜୀବନ ବୋହେ
ଚିନ୍ତା ରୂପୀ ବୋଝ।।

ଏଇ ପୁରୁଷ...
ମନର ଦୁଃଖ ଭର୍ ବେଦନାକୁ ଲୁଗୃଇ ରଖେ
କହି ଯେ ପାରେନା କାହାକୁ,
ଆଖିର ଲୁହକୁ ଛାତିରେ ଗୃପି ରଖେ
ଦେଖେଇ ପାରେନା ଅନ୍ୟକୁ।।

ଏଇ ପୁରୁଷ...
ସ୍ତ୍ରୀର ମର୍ଯ୍ୟାଦା ରକ୍ଷା କରେ
ପୂର୍ଣ୍ଣ କରେ ତାର ପ୍ରତିଟି ଇଚ୍ଛାକୁ,
ସନ୍ତାନର ଭବିଷ୍ୟତ କରିବାକୁ ଉଜ୍ୱଳ
ତ୍ୟାଗ କରିଦିଏ ନିଜ ଖୁସିକୁ।।

ISSN NO.
2582-208X

ଏଇ ପୁରୁଷ...
ନିଜ ପିତା ମାତାଙ୍କ ସେବାରେ
ଲିପ୍ତ ହୋଇଯାଏ,
ନିଜ କୂଳ ବଂଶ ରକ୍ଷା କରି
ଟେକ ରଖେ ସିଏ।।

ଏଇ ପୁରୁଷ...
ନିଜ ପରିବାରଙ୍କ ପାଇଁ
ସକାଳରୁ ସଞ୍ଜ ଯାଏ ଖଟି ଥାଏ,
ନିଜେ ପନ୍ଧେ ପିନ୍ଧେ ଛିଣ୍ଡା କନା
ନିଜ ସ୍ତ୍ରୀ, ପିଲାଙ୍କୁ ନୂଆଁ ପୋଷାକ ପିନ୍ଧାଏ।।

ଏଇ ପୁରୁଷ...
ନିଜ ପିତା, ମାତା,
ସ୍ତ୍ରୀ, ସନ୍ତାନ, ଭାଇ ଭଉଣୀଙ୍କୁ,
ସ୍ନେହ, ପ୍ରେମ, ଆଦର, କ୍ରୋଧ
କରଇ କେତେ ତାଙ୍କୁ।।

ଏଇ ପୁରୁଷ...
ଦେଇ ନିଜ ପ୍ରାଣ
ସଭିଙ୍କର ଚନ୍ତା କରଇ କେତେ,
ଧନ, ସମ୍ପତ୍ତି ଅର୍ଜନ କରିବା ନିଶାରେ
ସହେ ଯନ୍ତ୍ରଣା ଯେତେ।।

ISSN NO.
2582-208X

ଏଇ ପୁରୁଷ...
ସନ୍ତାନର ପଢ଼ିବା, ବଢ଼ିବାରେ
ସର୍ବଦା ଚନ୍ତା ମନରେ ରଖିଥାଏ,
ସଭିଙ୍କୁ ମନ ଲାଖି ଦ୍ରବ୍ୟ
ବୁଲି ଖୋଜି ଆଣିକ ଦିଏ।।

ଏଇ ପୁରୁଷ...
ନଜ ପରିଶ୍ରମ ବଳରେ
ବସ୍ତ୍ର, ବାସଗୃହ ଯୋଗାଏ,
ସର୍ବଦା ନଜ ପରିବାର
ଚନ୍ତାରେ ମଗ୍ନ ଥାଏ।।

ଏଇ ପୁରୁଷ...
ବିଶାଳ ହୃଦୟର
ପୁରୁଷ ଟିଏ,
ତା ଭିତରେ ଦୁଃଖକଷ୍ଟ ସହିବାର
କ୍ଷମତା ଥାଏ।।

ଏଇ ପୁରୁଷ...
ଶାନ୍ତ ଓ ସରଳ
ମନର ପୁରୁଷ ଟିଏ,
କ୍ଷମା ଆଉ ଆଦରର
ଗନ୍ତାଘର ସିଏ।।

ଗ୍ରାମ – ବାପୁଜୀନଗର, ଜିଲ୍ଲା – ବୌଦ୍ଧ
ମୋ – ୭୮୯୪୩୪୩୫୫୨

ISSN NO.
2582-208X

# ପରିଚୟ

ସ୍ୱାଗତିକା ନାଏକ

ସବୁଠାରୁ ମୁସ୍କିଲ
ପ୍ରେମିକାର ପରିଚୟ ନେଇ ବଞ୍ଚିବାରେ ।

ନା ମନର ମଣିଷର
ଖୁସିରେ ହୃଦୟ ଖୋଲି ହସିପାରେ

ନା ତା ଦୁଃଖରେ
ବୁକ୍କୁ ଫଟେଇ କାନ୍ଦିପାରେ ।

ଭୟ ଲାଗେ କାଳେ କହିବ କିଏ
କଳଙ୍କିନି ଏ ସମାଜରେ ।

ମନର ମଣିଷର ସତ୍ତାକୁ କେବଳ
ଅନୁଭବ କରେ ନିଜେ ହିଁ ନିଜ ଭିତରେ ।

ସତରେ, ସବୁଠାରୁ ମୁସ୍କିଲ
ପ୍ରେମିକାର ପରିଚୟ ନେଇ ବଞ୍ଚିବାରେ ॥

ବୌଦ୍ଧ

ISSN NO.
2582-208X

# ଆକାଶ ପରି ନିବିଡ଼



କୁଞ୍ଜ ବିହାରୀ ସାହୁ

ମୁମତାଜ ମୁସଲିମ୍ ହେଲେ ବି ଓଡିଶାରେ ରହିଆସିଛି ଜେଜେ ଅମଳରୁ । ପାଠ ପଢିଛି ସହରର ନାମୀଦାମୀ ସ୍କୁଲ କଲେଜରେ । ଏକ ପ୍ରାଇଭେଟ ମେଡିକାଲ କଲେଜରେ ନାଁ ଲେଖେଇଛି । ରୂପରେ ଯେତିକି ଆକର୍ଷଣୀୟ, କଥାବାର୍ତ୍ତା ଚାଲିଚଳନରେ ସେତିକି ସଞ୍ଜତ। ଡାକ୍ତରୀ ପାଠରେ ଅହେତୁକ ଇଚ୍ଛା । ଥିଓରି ହେଉ କି ପ୍ରାକ୍ଟିକାଲ କ୍ଲାସ, ସବୁଥିରେ ଆଗୁଆ ମୁମତାଜ । ସମସ୍ତଙ୍କର ଅତି ଆପଣାର ହେଇଯାଇଛି ଆଡମିଶନର କେଇମାସ ଭିତରେ ।

ହଷ୍ଟେଲର ରହି ଅନ୍ତେବାସୀଙ୍କ ସହ ସୋହାର୍ଦ୍ଦପୂର୍ଣ୍ଣ ପରିବେଶ ତିଆରି କରିଛି ମୁମତାଜ । ଓଡିଆ ନ ହେଲେ ବି ହିନ୍ଦୁମାନଙ୍କର ପ୍ରଚଳିତ ପର୍ବପର୍ବାଣିରେ ସାମିଲ ହେଉଛି । ପାଳନ କରୁଛି ଖୁସୀ ଓ ଆନନ୍ଦରେ । ନାଚ-ଗୀତରେ ବି ଖାଣ୍ଟି ଏକ ନମ୍ବରୀ ଝିଅଟିଏ ।

ମୁମତାଜର ବାପା-ମା ଗାଉଁଲି ହେଲେ ବି ବିଚାରଧାରାରେ ଶାଳୀନତା ବଜାୟ ରଖନ୍ତି । ଶିକ୍ଷାଲାଭରୁ ବଞ୍ଚିତ ହୋଇ ନିଜ ଝିଅକୁ ଡାକ୍ତରୀ ପାଠ ପଢେଇବାରେ ସବୁବେଳେ ଆଗ୍ରହ ଦେଖାନ୍ତି ଦୁହେଁ । ବାପା-ମା ଙ୍କର ଆଶୀର୍ବାଦ ସନ୍ତାନ ପାଇଁକି ଅଭୟବର ସଦୃଶ । କୋଟି ଆୟୁଷର ମାପକାଠି । ସେଥିପାଇଁ ମୁମତାଜ ପାଠପଢାରେ ଅଗ୍ରଣୀ । ଶୁଦ୍ଧ ଓଡିଆ କହିବା ଓ ଲେଖିବାରେ ଏକଦମ୍ ମାହିର ।

ISSN NO.
2582-208X

ହଷ୍ଟେଲର ମଜାମସ୍ତିରେ ବ୍ୟସ୍ତ ମୁମତାଜ ରବିବାର ଛୁଟିଦିନରେ । କୋମଳ ହୃଦୟା ମୁମତାଜ ଆଖିରେ ସ୍ୱପ୍ନ ବାନ୍ଧିହେଇଯାଇଛି ଯୌବନରେ ପାଦ ଦେଉ ଦେଉ । ପ୍ରଗଳଭ ନଦୀପରି ଧାବମାନ ହେଉଛି ବେଳେବେଳେ । ଇମୋସନାଲ ହୋଇ ଲେଖୁଛି କବିତା ପୁଣି ରୋମାଣ୍ଟିକ ହୋଇ ନିଜ ଆଖିର ଚାହାଁଣିକୁ ଲମ୍ବେଇଦେଉଛି କାହ୍ନୁର ପରିଧି ପର୍ଯ୍ୟନ୍ତ । ଏମିତି ତ ଅନେକ କବିତା ଲେଖିଛି, ପୁରସ୍କୃତ ହେଇଛି ପ୍ରତିଯୋଗିତାରେ । ଲେଖିବସିଲା ଅଙ୍ଗେ ନିଭାଇଥିବା ଭାବନାର କବିତା ।

ଚଷମା ତଳର ଆଖି ଦୁଇଟାରେ ସ୍ୱପ୍ନସାଉଁଟା ଜହ୍ନରାତି
ଓଠର ଫାଙ୍କରେ ନିତି ଉଙ୍କିମାରେ ରଜନୀଗନ୍ଧାର ମିଠା ତାତି

ଧୂରୀଣ ସ୍ରଷ୍ଟା ମୁମତାଜ ଖାତାରେ ଏମିତି ରୋମାଣ୍ଟିକ କବିତା ଲେଖୁଲେଖୁ ସୁନୟନା କହିଦେଲା - ଆଲୋ ସାଙ୍ଗ ଆଜି ପରା ପହିଲି ରଜ । ରଜପର୍ବ ଉପରେ କବିତା ନଲେଖି ଏ ପ୍ରେମଫ୍ରେମ କବିତା କଅଣ ଲେଖୁଛ ମ !! ଆ ରଜପର୍ବକୁ ପାଛୋଟିନେବା । ଖୁସୀମନରେ ମସଗୁଲ ହେବା । ଦୋଳି ଖେଳି ସମୟ ବିତାଇଦେବା ।

ମୁମତାଜ ଫିକ୍ କରି ହସିଦେଲା କିଛି ପାଇଗଲା ବୋଧହୁଏ । ସହରୀ ସଭ୍ୟତାକୁ ଆବୋରି ନେଲେ ବି ରଜପର୍ବର ମଧୁରତାକୁ ଗ୍ରହଣ କରିଛି ଦୁଇ ତିନିଥର । ଗାଁରେ ଥିଲାବେଳେ ମସ୍ତି କରିଛି ସାଙ୍ଗସାଥୀମାନଙ୍କ ସହ । ଦେହରେ ମାଉଁସ ଲାଗିବା ଦିନଠୁ ଟିକେ ସତର୍କ ହେଇଯାଇଛି । ଏବେ ସୁନୟନା କଥାରେ ବିଭୋର ହେଇଯାଇଛି । ମନେପଡିଯାଇଛି ରଜପର୍ବର ଲୋକଗୀତକୁ -

ବନସ୍ତେ ଡାକିଲା ଗଜ
ବରଷକ ପରେ ଆସିଛି ରଜ
ଆସିଛି ରଜ ଲୋ ଘେନି ନୂଆ ସଜବାଜ ।

ISSN NO.
2582-208X

କାହିଁକି କେଜାଣି ଆଖିରୁ ଦୁଇଟୋପା ଲୁହ ଗଡିଗଲା । ବାଁ ଆଖିପତା କୁଣ୍ଡେଇହେଲା ବାରମ୍ବାର । ଅସ୍ତବ୍ୟସ୍ତ ଲାଗିଲା ମୁମତାଜକୁ । ଗାଁରେ କାହାର କିଛି ଅସୁବିଧା ହେଇନି ତ। ଫୋନ କଲା ତା ବାପାଙ୍କୁ । ଉତ୍ତର ଆସିଲା - ମୁଁ ଭଲରେ ଅଛି ଝିଅ । ଆଜି ପହିଲି ରଜରେ ତୋ ପାଖକୁ ପଠେଇଥିବା ଡ୍ରେସ ପିନ୍ଧିବୁ । ରାଣୀ ପରି ଦିଶିବୁ । ସାଙ୍ଗମାନଙ୍କ ସହ ମଜାମସ୍ତି କରିବୁ । ମା ତୋ ପାଇଁ କାକରା, ପୋଡପିଠା ପଠେଇଦେବି ଆମ ଗାଁ ବସରେ । ବସ ଡ୍ରାଇଭର ଆମ ଗାଁର ପୁଅ ।  କଲେଜ ଛକକୁ ଆସି ଡ୍ରାଇଭରଠୁ ପିଠା ନେଇଯିବୁ ।

ହଁ ବାପା।

ଟିକେ ଶାନ୍ତିରେ ନିଃଶ୍ୱାସ ମାରିଲା ମୁମତାଜ । ସୁନୟନାକୁ କହିଦେଲା ଖୁସିରେ - କାଲି ତ ରଜସଂକ୍ରାନ୍ତି । ମା ପିଠା ପଠେଇବ । ସାଥୀହୋଇ କଲେଜଛକ ଯାଇ ଆମ ଗାଁ ଗାଡିର ଡ୍ରାଇଭରଠୁ ପିଠା ଆଣିବା । ସୁନୟନା ହଁ କହିଲା ।

ନୁଆ ଡ୍ରେସରେ ସଜେଇହେଲା ମୁମତାଜ । ସୁନୟନା ଆଖି ତରାଟି ଚାହିଁଲା ସାଙ୍ଗକୁ । ସତରେ ବହୁତ ସୁନ୍ଦର ଦିଶୁଛୁ ମୁମତାଜ । ତୋ ଗୋରା ତକ ତକ ଦେହକୁ ମଲ୍ଲୀଫୁଲିଆ ଓଠ ଆଉ ପୁରିଲା ପୁରିଲା ଗାଲକୁ ଦେଖି ମୋର ଇଛା ହେଉଛି ...

ସୁନୟନାର କଥାକୁ ଆଗକୁ ନ ଦେଇ ମୁମତାଜ କହିଲା -ସାଙ୍ଗ କହୁନୁ କହୁନୁ କଅଣ ଇଛା ହେଉଛି ?

- ଗୋଟିଏ ଛୋଟିଆ କିସ୍ !

- ଦେଇଦେଉନୁ, ତୁ ଯଦି ଏତେ ଭଲପାଉଛୁ, ତୋ ଇଛାକୁ ରଖିବେନି କେମିତି ?

ISSN NO.
2582-208X

- ସୁଯୋଗକୁ ହାତଛଡା ନ କରି ମୁମତାଜକୁ କିସ୍ ଦେଲା ସୁନୟନା । ଶିହରିଉଠିଲା ଅଜାଣତେ । ଦୁଇ ସାଙ୍ଗ ହସିଲେ, ଗପିଲେ, ମଜା କଲେ ଅସୁମାରି ।

ସକାଳୁ ସକାଳୁ ଉଠିପଡି ନିଜର ନିତ୍ୟକ୍ରମ ସାରିଲାବେଳକୁ ଘଣ୍ଟାରେ ଆଠଟା ବାଜିଗଲାଣି। ସୁନୟନାକୁ ଉଠେଇଲା ଶେଯରୁ । ଚମକିପଡ଼ି ସୁନୟନା କହିଲା - କୁଆଡେ ଯିବୁକି ମୁମତାଜ !

ଆମେ ଦୁହେଁ ପରା କଲେଜଛକକୁ ଯିବା । ଗାଁ ଗାଡି ଆସିବାର ଟାଇମ୍ ହେଇଗଲାଣି । ଡ୍ରାଇଭରଠୁ ପିଠା ଆଣିବା । ଉଠିଯା । ମୁମତାଜ ତରବରିଆ ଢଙ୍ଗରେ କହିଲା ।

ମୋ ହାତ ଧରି ଉଠେଇଦେ । ସୁନୟନାର ହାତ ଧରି ଶେଯରୁ ଉଠେଇଦେଲା ମୁମତାଜ ।

ବ୍ରଶ୍ କରି ସୁନୟନା ବାହାରିଗଲା ମୁମତାଜ ସହ କଲେଜଛକକୁ । ନାଇଟ୍ ଡ୍ରେସଟା ଚେଞ୍ଜ କରିବାକୁ ଭୁଲିଗଲା । ତଥାପି ଶ୍ୟାମଳୀ ରଙ୍ଗର ସୁନୟନା ଝଟକୁଥିଲା ନାଇଟ୍ ଡ୍ରେସରେ । ଉଲୁସି ଉଠୁଥିଲା ଛାତି । ବସ୍ ଠିକ୍ ସମୟରେ ପହଞ୍ଚିଗଲା । ମୁମତାଜ ଡ୍ରାଇଭରଠୁ ନେଇଆସିଲା ପାର୍ସଲ । ଦରଦ ଭଙ୍ଗୀରେ ଡ୍ରାଇଭର କହିଦେଲା - ରଜ ସଂକ୍ରାନ୍ତିର ଅନେକ ଶୁଭେଚ୍ଛା ଦୁହିଙ୍କୁ ।

ମୁମତାଜ-ସୁନୟନା ଫେରିଆସିଲେ ହଷ୍ଟେଲକୁ ।

ମୋବାଇଲ ରିଂ ହେଲା । ହ୍ୟାଲୋ କହୁ କହୁ ଉତ୍ତର ଆସିଲା- ମୁମତାଜ, ମୋ ହାତ ତିଆରି ପିଠା ତୋ ସାଙ୍ଗମାନଙ୍କୁ ବାଣ୍ଟିଦେବୁ । ରଜପର୍ବରେ ପିଠା ବାଣ୍ଟିବାଣ୍ଟି ଖାଇଲେ ମଜା ଲାଗିବ । ଭଲରେ ଥା, ରଜପର୍ବକୁ ମନଖୁସିରେ ପାଳୁଥା ।

ISSN NO.
2582-208X

ସୁନୟନା ଟିକେ ମନଦୁଃଖ କରୁଥିଲା ବୋଲି ଅନୁଭବିଲା ମୁମତାଜ । ମା ଛେଉଣ୍ଡ ସୁନୟନାକୁ ଆଶ୍ୱାସନା ଦେଲା ପାଖରେ ବସେଇ । ତା ଶ୍ୟାମଳ ରଙ୍ଗର ଫୁଲକା ଗାଲରେ ଚୁମାଦେଇ ପିଠା ଖୁଆଇଦେଲା । ସାଙ୍ଗର ଆଖିକୋଣରେ ଜକେଇଥିବା ଲୁହ ପୋଛିଦେଲା । ବୁଝେଇଦେଲା – ଆଜି ରଜ ସଂକ୍ରାନ୍ତିରେ ଝିଅମାନଙ୍କ ଆଖିରୁ ଦି ଟୋପା ଲୁହ ଶୋଭାପାଏନା । ମୁଁ ତୋ ପାଖରେ ଅଛି । ତୁମ ଘରୁ ପିଠା ଆସିନି ବୋଲି କାହିଁକି ସକଉଛୁ । ଏଇଟା ପରା ଭାଇଚାରାର ପର୍ବ, ଖୁସୀ ଆନନ୍ଦ ବାଣ୍ଟିବାର ପର୍ବ ।

ସୁନୟନା ନିଜ ଆଖିଲୁହକୁ ରୁମାଲରେ ପୋଛି ମୁମତାଜ ହାତରୁ ଆଉ ଖଣ୍ଡେ ପିଠା ଖାଇଦେଲା । କହିଲା – ସତରେ ମୁମତାଜ ତୋତେ ମୁଁ କେବେ ଭୁଲିପାରିବିନି । ରଜପର୍ବ ହିନ୍ଦୁମାନଙ୍କର ହେଲେ ବି ତୁ ଆଗ୍ରହରେ ପାଳନ କରୁଛୁ, ଖୁସିର କଥା। ଆ ଦୋଳି ଖେଳିବା।

ଦି ସାଙ୍ଗ ହାତ ଧରି ହଷ୍ଟେଲ ସାମ୍ନାରେ ଥିବା ପାର୍କକୁ ଗଲେ । ପାର୍କରେ ଭିଡ ଜମିଯାଇଛି କେତେବେଳୁ । ଫୁଲର ସମ୍ଭାର ଚାରିପଟେ । ହସନ୍ତ ମୁଖର ପରିବେଶ । ଖିଲିଖିଲି ପବନରେ ମତୁଆଲା ଦୁଇ ସାଙ୍ଗ । ଦୁଃଖ ସେମାନଙ୍କର ଦିଗବଳୟ ସେପାରେ । ରଜପର୍ବର ମାଦକତା ନେସିହେଇଯାଇଛି ଦେହସାରା । ଦୁଇଜଣଙ୍କର ଭଲପାଇବା ଆକାଶ ପରି ନିବିଡ । ଯୋଡିହୋଇ ବୁଲିବାର ଏକ ସୁନ୍ଦର ଅନୁଭୂତି । ଦୋଳି ଖେଳିଲେ ଗୀତ ଲହରେଇ । ହସ- ଖୁସୀରେ ଦୋଳି ଖେଳୁଖେଳୁ ଗାଁ କଥା ମନେପଡିଗଲା ଦୁହିଁଙ୍କର । ମନେପଡିଗଲା ବାପା-ମା ଙ୍କର କଥା ଆଉ ହାତ ତିଆରି ସୁଆଦିଆ ପିଠାର ମହକ –

ଦୋଳି କରେ କଟମଟ
ମୋ ଭାଇ ମୁଣ୍ଡରେ ସୁନାମୁକୁଟ
ସୁନା ମୁକୁଟ ଲୋ ଦିଶୁଥାଏ ଝଟଝଟ ।

ISSN NO.
2582-208X

ଗୋଡ଼ ଛୁଇଁଲାନି ଭୂଇଁକୁ। ସୁନୟନା କହିଲା - ମାଟି ମା ଏବେ ରଜୋବତୀ । ମାଟିକୁ ଛୁଇଁବା ମନା । ତିନିଦିନ ମାଟି ରଜସ୍ୱଳା ହେଇଛି ବୋଲି ମାଟି ଉପରେ ଚାଷକାମ ବି ବନ୍ଦ। ରାଜ ପର୍ବର ଶେଷଦିନ ହିଁ ମା ବସୁମତୀ ସ୍ନାନ । ବିଲରେ ମା ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ହଳ ଲଙ୍ଗଳ ପୂଜାପରେ ଚାଷକାମ ଆରମ୍ଭ ହୁଏ ।

ହସିଦେଲା ମୁମତାଜ । ଗୋଟିଏ ସପ୍ତାହ ତଳେ ମୁମତାଜ ରଜୋବତୀ ହେଇଥିଲା । ଅନୁଭବ କରୁଥିଲା ସେ ବେଳର ସମୟକୁ । ଆରେ ସତେତ ମୁଁ ସ୍ନାନ କରିଥିଲି ତିନିଦିନ ପରେ । ସୁନୟନା ଚାହିଁରହିଲା ମୁମତାଜର ଗୋଲାପି ଓଠକୁ ।

ସଞ୍ଜ ନଇଁ ଅାସିଲାଣି । ପଶ୍ଚିମାକାଶରେ ସୂର୍ଯ୍ୟ ବୁଡିଲାଣି । ଫେରିଆସିଲେ ଘରକୁ ମୁମତାଜ ଓ ସୁନୟନା । ଆକାଶ ପରି ନିବିଡ ଆତ୍ମୀୟତାକୁ ସାଉଁଟି ନେଉଥିଲେ ଦୁହେଁ ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ମୁଁ ନେତା ହେବି



କୁଞ୍ଜବିହାରୀ ରାଉତ

ମଧୁବାବୁ ଦିନେ କହିଥିଲେ 'ନେତା ଯଦି ହେବ ରାଜ୍ୟର,
ତେବେ ନିଅନି ଦରମା, କର ଦେଶ ସେବା,
ତାହା ହେଉ, ନେତୃତ୍ୱର ଅଙ୍ଗିକାର'
ଦିନ ବଦଳିଲା, ବିରୋଧୀ ଶାସକ ମିଶି କରିଲେ ଚିତ୍କାର
ବଢାଅ ଦରମା, ନହେଲେ କାମ ହେବ ନାହିଁ ଏ ଦେଶ ମାଟିର
ଦେଖି ଜନତା ହୁଏ ଜଳକା, କି ନ୍ୟାୟ ଭାଇ ଆମ ରାଜ୍ୟର
ସମାନ କାମକୁ ସମାନ ଦରମା, ହୁଏ ନାହିଁ ଏଠି କାହାର
ଶିକ୍ଷକ ଲଢୁଛି ଅଙ୍ଗନବାଡ଼ି କାନ୍ଦୁଛି, କାନ୍ଦୁଛି ବିଭିନ୍ନ ଦପ୍ତର
କାନ୍ଦନ୍ତି ନର୍ସ କାନ୍ଦନ୍ତି ଚାଷୀ କାନ୍ଦନ୍ତି ସେବା ଦେଉଥିବା ଡାକ୍ତର
ତେବେ କିଆଁ ଶୁଣାଯାଏ ନାହିଁ ସରକାରଙ୍କୁ ଏମାନଙ୍କ ଚିତ୍କାର ?
ମାତ୍ର ବିଧାୟକେ ପୂରଣ କରନ୍ତି ନିଜ ଇଚ୍ଛାକୁ ହୋଇ ସଲାସୂତର
ଭାବିଛି ଏବେ ହେବା ନେତା, ଏଇତ ସବୁଠୁ ଭଲ ବେପାର
ଅର୍ଥ ଲୋକବଳ ସବୁ ଅଛି ମୋର, କାହିଁକି କରିବି ବେକାର,
ଠକ, ଗୁଣ୍ଡା, ଅସାମାଜିକ ବୋଲି ଯାହା ଅତୀତେ ଅର୍ଜିଛି
ତାକୁ ଲିଭାଇବି ଦେଶସେବା ନାମେ ଘୋଡାଇ ନେତାଙ୍କ ଚାଦର
କେରାଣ୍ଡି ପକାଇ ବାଳିଆ ଧରିବି, ଏଇତ ବଢିଆ ବେପାର

ISSN NO.
2582-208X

ଅଫିସର ନେତା ହାତରେ ରଖିବି, ଭୁଲିବି ସତ୍ୟର ସଂସାର
ସୁନ୍ଦର ଭାଷଣ ମନଲୋଭା କଥା ହୋଇବ ମୋହର ଭୂଷଣ
କାମ ପଛେ ମୋର ଚୁଲିକି ଯାଉ, ସୁରାସାକି ରେ କାଟିବି ଜୀବନ
ଲୋକଙ୍କ କଥାକୁ ଫୁତ୍କାରେ ଉଡ଼ାଇ, କର୍ମୀଙ୍କୁ ନଦେବି କଷଣ
ଥରେ ମନ୍ତ୍ରୀ ହେଲେ ଯେତିକି ଅର୍ଜିବି, କାଟିବି ସାତପୁରୁଷ ଜୀବନ
ହେ ଉତ୍କଳମଣି, ହେ ଉତ୍କଳଗୌରବ, ତୁମେ ଥିଲ ଏ ଦେଶ ମାଟିର
ଦେଶସେବା ନାମେ ଭରିବୁ ଉଦର, ପିନ୍ଧି ଖୋଳପା ନେତାର
ଦେଖାଇ ଭେଳିକି ଜନତା ଜଳକା ପୂଜିବେ ଆମକୁ ସତ୍ୱର
ଆମ କର୍ମ ଦେଖି ଲଜ୍ଜିତ ହୋଇବେ ଗୋପବନ୍ଧୁ ସଙ୍ଗେ ମଧୁ ବାରିଷ୍ଟର .....

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ସାଥୀ ଆମ ପ୍ରେମ



ଝିଲିମିଲି ସାହୁ

ସାଥୀ ଆମ ପ୍ରେମ.....
ପ୍ରୀତି ନିର୍ଝରଣୀ
ଅମୃତ ପିଉଷ ଧାରା
କ୍ଷଣେ ପ୍ରତିକ୍ଷଣେ
ଆତ୍ମାରେ ସଂଚାରେ
ସୁନେଲି ଆଭାର ତୃଷ୍ଣା। ।।

ସାଥୀ ଆମ ପ୍ରେମ.....
କ୍ଲାନ୍ତ ନୟନେ
ଉଜ୍ଜୀବିତ କରେ ସ୍ୱପ୍ନ
ଅଧରେ ଫୁଟାଏ ସ୍ମିତହାସ୍ୟ ରେଖା
ବୁଣେ ଭାବନାରେ କେତେ ଖିଅ
ସେତ, ଆତ୍ମତୃପ୍ତିର ନିଃଶବ୍ଦ ମୋହ। ।।

ସାଥୀ ଆମ ପ୍ରେମ.....
ମତ ତତ୍ତ୍ୱରୁ ବହୁ ଉର୍ଦ୍ଧ୍ୱରେ
ନିତ୍ୟ ନିଷ୍ଠା ଆବେଗର ପ୍ରତୀକ
ପଲକେ ବିରହ ପଲକେ ପୁଲକ ଦିଏ

ISSN NO.
2582-208X

ଆକଣ୍ଠ ଗରଳ ଅମୃତ ଲାଗେ
ବଢ଼ାଏ ଜୀବନ ଜୀଇଁବା ମୋହ। ।।

ସାଥୀ ଆମ ପ୍ରେମ.....
ହଜେଇ ପାରେ ଭିଜେଇ ପାରେ
ଅଦିନେ ଶୁଣାଏ
କୋକିଳର ମଧୁଗୁଞ୍ଜନ
ଶୀତଳ ସମୀର ସନ୍ତାପ ଦିଏ
ଭିଡ଼ ବି ଲାଗେ ନିର୍ଜନ। ।।

ସାଥୀ ଆମ ପ୍ରେମ.....
ନବପଲ୍ଲବିତ ଅଶୋକ କଳିକା
ଶାଶ୍ୱତ ପ୍ରୀତିର ଫୁଆର
ଯହିଁ, ଅନୁରାଗ ଶ୍ରେଷ୍ଠ କାମନା
ଶୂନ୍ୟତାରେ ପୂର୍ଣତାର ଭାବ
ହୋଇଥାଏ ଶେଷ ଠିକଣା। ।।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ନିଜର ନା ନଜର



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

କେବେ କେବେ ନିଜର ନିଜର
ଲାଗୁଥିବା ସଂପର୍କରେ ବି ଅଳନ୍ଧୁ ଲାଗେ
ଝାଡି ଝୁଡ଼ି ଦେଇ ଫୋପାଡି ଦେବାକୁ
ହୁଏ
କବାଟ ତଳକୁ ଅବା ଖଟ ତଳକୁ //

ଅନେକ ପ୍ରଶ୍ନ ଭିତରେ ବି
ମନ ଉତ୍ତର ଖୋଜେ
ଏ ପରିବର୍ତ୍ତନ କାହାର
ନିଜର ନା ନଜରର//

ତୁମେ ଜାଣିଛ କି
ସବୁ ପ୍ରଶ୍ନର କାଳେ ଉତ୍ତର ନଥାଏ
କାଇଁ ମୁଁ ତ କେବେ ଜାଣେନି
ସ୍କୁଲ୍ ସାର୍ ପିଲାଦିନେ
ହଜାର ପ୍ରଶ୍ନ କରନ୍ତି
ସବୁ ଉତ୍ତର ସେ ଗୋଟି ଗୋଟି କରି ନିଅନ୍ତି //

ଜାଣିଛ
ମୁଁ ବୋଉକୁ ଯେବେ କିଛି ପଚାରେ

ISSN NO.
2582-208X

ସେ କହେ
ଛୋଟ ପିଲା ଛୋଟ ହୋଇ ରହ //

ବାପାଙ୍କୁ କାଳେ ପ୍ରଶ୍ନ କରାଯାଏନି
ଗାନ୍ଧୀ କହିଯାଇଛନ୍ତି
ବଡମାନେ ଭୁଲ କଲେ ଠିକ //

ପଚାରୁଛକି ପଡ଼ିଶା ଘର କଥା
ସେମାନେ ଯାହାକୁ ହଜାରେ ପ୍ରଶ୍ନର
ଜୁଇରେ ଲଦି ପାରନ୍ତି
ସେ ଯଦି ପ୍ରଶ୍ନଟିଏ ପଚାରେ
ଉତ୍ତର ଆସେ
ଝିଅ ତୁ ଝିଅ ହୋଇ ରହ //

ଭାଇ ଭଉଣୀ
ସେ ତ କେବେ ଭୁଲର ଛାଇ ମାଡନ୍ତିନି
ଯାହା ସବୁ ଭୁଲ ହୁଏ
ବାପାଙ୍କ ଖାତାରେ ସେ ସବୁ ମୋ ନାଁରେ ଲେଖାହୁଏ //

ଆଉ ବାକି ରହିଲ ତୁମେ
ଭାବିଥିଲି ମୋ ପ୍ରଶ୍ନର କାଠଗଡ଼ାରେ
ତୁମକୁ ଜେରା କରିବିନି
କିନ୍ତୁ ପାରିଲି କେଉଁଠି ଯେ
ଜାଣିଛ
ଆଜିବି ହଜାରେ ପ୍ରଶ୍ନର ଫୁଲତୋଡ଼ା ଧରି ଅପେକ୍ଷା କରିଛି
ତୁମେ ଉତ୍ତରଟେ ହୋଇ
ନିଶ୍ଚୟ ଫେରିବ //

ସାହାସପୁର(ତୁରଙ୍ଗ), ଚଣ୍ଡିଖୋଲ, ଯାଜପୁର

ISSN NO.
2582-208X

# ଗୋଟେ ସ୍ୱପ୍ନଦର୍ଶୀ ଏଣ୍ଡୁଅ



ସୁଧାଂଶୁ ଶେଖର ଦ୍ୱିବେଦୀ

ଗୋଟେ ଏଣ୍ଡୁଅ ଜଙ୍ଗଲ ମଧ୍ୟରେ ରହୁଥିଲା। ସୁରକ୍ଷିତ ରହିବା ନିମନ୍ତେ ଘନବହୁଳ ଝାଡି ଗଛରେ ନିଜ ଆସ୍ଥାନ ଜମେଇଥାଏ। ଖାଇବା ପିଇବାରେ ତା'ର କିଛି ବି ଅସୁବିଧା ନଥାଏ। ଆଖ ପାଖର କୀଟ, ପତଙ୍ଗ, ପୋକ ଇତ୍ୟାଦି ସହଜରେ ତାକୁ ମିଳିଯାଉଥାଏ। ସବୁପ୍ରକାର ସୁବିଧା ଥିବା ସତ୍ତ୍ୱେ ସେ ବହୁ ସମୟ ଉଦାସ ରହେ। ମନେ ମନେ ଭାବିହୁଏ -ମୋତେ ଅନ୍ୟ କିଛି ଜୀବ ହେବାର ଥିଲା। ପ୍ରତିଟି ଜୀବଙ୍କର ନିଜର ଏକ ସ୍ୱତନ୍ତ୍ର ରଙ୍ଗ ଅଛି, ହେଲେ ମୋ ନିକଟରେ ନିଜସ୍ୱ ବୋଲି କିଛି ରଙ୍ଗ ନାହିଁ। କିଛି ସମୟ ପୂର୍ବରୁ ନୀଳ ତ ରଙ୍ଗ ବଦଳି ହଳଦୀ ରଙ୍ଗ ହେଇଯାଏ; ପୁଣି ହଳଦୀ ରଙ୍ଗରୁ ବାଇଗଣୀ। ଏମିତି ବାରମ୍ବାର ତା' ରଙ୍ଗ ବଦଳିବା ଦେଖି ଚିନ୍ତା କରେ-ଏଇଟା କଣ ଜୀବନ? ତେବେ ଏହା ସତ ଯେ ରଙ୍ଗ ବଦଳାଇବାରେ ଅନ୍ୟଙ୍କୁ ଧୋକା ଦେଇହୁଏ। ବିପତ୍ତି ବେଳେ ଜୀବନ ସୁରକ୍ଷିତ କରିହୁଏ। ଏତେପରେ ବି ନିଜର ଏକ ସଠିକ ପରିଚୟ ନଥାଏ। ସକାଳୁ ଉଠିଲେ କଞ୍ଚା ମକ୍କା ଭଳି ହଳଦିଆ ପୁଣି ରାତିରେ ଶୋଇବାବେଳେ ବାଇଗଣ ପୋଡା ଭଳି କଳା ରଙ୍ଗରେ ଜୀବନ ଅତିବାହିତ କରିବାକୁ ହୁଏ। ବାସ୍ତବିକ ପ୍ରତି ଦୁଇଘଣ୍ଟା ଅନ୍ତରରେ ନିଜେ ନିଜକୁ ଚିହ୍ନିବା ଅସମ୍ଭବ ହୋଇଯାଏ ।

ISSN NO.
2582-208X

ପ୍ରତ୍ୟକ ପ୍ରାଣୀଙ୍କ ଉପରେ ତା'ର ଇର୍ଷା ହୁଏ। ଝାଡ଼ି ଗଛ ତଳେ ଗୋଟେ ଗର୍ତ୍ତରେ ସାପଟିଏ ରହେ। ତା' ଚମଡା ଏତେ ଚିକ୍କଣିଆ ହୋଇଥାଏ ଯେ ତାକୁ ଦେଖିବା କ୍ଷଣି ଏଣ୍ଡୁଅ ମନରେ ଇର୍ଷା ଜାଗ୍ରତ ହୋଇଯାଏ। ସାପ ଆଖପାଖର ମୂଷା, ମୂଷାଛୁଆ ତଥା ଗଛ କୋରଡ ରେ ଥିବା ଚଢ଼େଇ ଛୁଆଙ୍କୁ ଚଟ୍ କରି ଖାଇଦିଏ। କେବେ କେବେ ସ୍ୱୟଂ ସାପକୁ ଦେଖି ଭୟରେ ମାଟି ରଙ୍ଗରେ ମାଟି ହୋଇ ପଡି ରହେ। ତା' ମନରେ ସବୁବେଳେ ଉଚ୍ଚାଟ ହୁଏ ଏଣ୍ଡୁଅ ବଦଳରେ ଯଦି ସାପ ହୋଇଥାନ୍ତି କେତେ ଭଲ ହୋଇଥା'ନ୍ତା! ଯେବେ ମନ ହୁଅନ୍ତା ପେଟ ଉପରେ ଭରା ଦେଇ ସର୍ ର ସର୍ ର ହୋଇ ଚାଲନ୍ତି। ଯେବେ ମନ ହୁଅନ୍ତା କୁଣ୍ଡଳୀ ମାରି ଫଣା ଉଠେଇ  ସିଧା ହୋଇ ବିସି ଯାଆନ୍ତି ।

ଦିନେ ରାତିରେ ତାକୁ ଆଦୌ ନିଦ ହେଲାନାହିଁ। ୪ଟା କୀଟ ଅଧିକ ଗିଳି ଦେଇଥିବାରୁ ବଦହଜମ ହେଇଯାଇଥାଏ। ନିଦ ଆସିବାପାଇଁ କେତେ କେତେ ପ୍ରକାର ଭାବ ଭଙ୍ଗିମା କଲା ତଥାପି ନିଦ ହେଲା ନାହିଁ । ଆଖିକୁ ଧୋକା ଦେବା ଲାଗି ନିଜ ରଙ୍ଗକୁ ବାରମ୍ବାର ବଦଳାଇଲା। କିଛି ଲାଭ ମିଳିଲା ନାହିଁ। ଶେଷରେ ସେ ଝାଡ଼ି ନିକଟକୁ ଯାଇ ନିଦ ଆସିବା ଲାଗି ଗୋଟେ ପତ୍ର ଗିଳି ପିକେଇଲା। ପତ୍ର ଖାଇବାର ଉପାୟ ତା'ର ଜଣେ ଏଣ୍ଡୁଅ ବନ୍ଧୁ କହିଥିଲା ।ପତ୍ରଟି ଖାଇବା ପରେ ତା' ମୁଣ୍ଡ ଘୁରୁଣୀ ଭଳି ଘୁରେଇଲା। ତାକୁ ଜଣାଗଲା ନିଜେ ଯେମିତି ଭୂମି ଭିତରେ ପଶି ଯାଉଛି। ଜୀବନ୍ତ କେହି ଯେମିତି ମାଟିତଳେ ପୋତି ଦେଉଛି। ନିଜକୁ ବଞ୍ଚେଇବା ପାଇଁ ମାଟିତଳୁ ଝଟକା ମାରିଲା। ଯେମିତି ତା' ମୁଣ୍ଡ ବାହାରକୁ ବାହାରିଛି ସେ ଏକ ଆଶ୍ଚର୍ଯ୍ୟ ଅନୁଭୁତିରେ ଉପନୀତ ହେଲା। ତା' ମୁଣ୍ଡ ଏଣ୍ଡୁଅ ପରିବର୍ତ୍ତେ ସାପ ମୁଣ୍ଡ ହେଇଯାଇଥାଏ। ଅବଶିଷ୍ଟ ଶରୀରକୁ ମାଟିତଳୁ ବାହାର କରି ସାପ ଭଳି ଚାଲିବାକୁ ଲାଗିଲା। କୁଣ୍ଡଳୀ ମାରିବାକୁ ଇଚ୍ଛା କଲା ତାହାବି ଅଚିରେ ହେଇ ଗଲା। ମନେ ମନେ ସେ ଆଶ୍ଚର୍ଯ୍ୟ ହେଉଥାଏ, ପରବର୍ତ୍ତୀ ମୁହୂର୍ତ୍ତରେ ମନରେ ଖୁସି ବି ହେଉଥାଏ। ତା' ଜୀବନର କାମନା ପୂର୍ଣ୍ଣ ହୋଇଛି ସେ ପ୍ରକୃତରେ ସାପ ହୋଇଯାଇଛି ।

ସାପ ହେଇସାରିବା ପରେ ଆଖପାଖ ବାତାବରଣକୁ ଦେଖିଲା। ମୂଷା, ଚଢ଼େଇ ଓ ଅନ୍ୟ ଜୀବ ତାକୁ ଭୟ କରୁଛନ୍ତି। ତା' ସାଥି ଏଣ୍ଡୁଆମାନେ ବି ତାକୁ ଦେଖି ଭୟରେ ରଙ୍ଗ

ISSN NO.
2582-208X

ବଦଳାଉଛନ୍ତି। ସାପ ରୂପରେ ସେ କ୍ରମଶଃ ଆଗକୁ ବଢ଼ିଲା। କିଛି ଦୂର ଯାଇଛି ଗୋଟେ ନେଉଳ ତା'କୁ ଆକ୍ରମଣ କରିବାକୁ ପାଖେଇ ଆସୁଥାଏ। ସାପ ହୋଇଥିବା ଏଣ୍ଟୁଆର ଇଚ୍ଛା ହେଲା ଯଥାଶୀଘ୍ର ରଙ୍ଗ ବଦଳାଇଦେବି। ହେଲେ ସାପ ହୋଇ ରଙ୍ଗ ବଦଳାଇ ପାରିଲା ନାହିଁ। ନେଉଳ ତା'ର ଅତି ନିକଟକୁ ଆସି ସାରିଥାଏ। ତୁରନ୍ତ ସେ ଝାଡି ତଳେ ଥିବା ଗର୍ତ୍ତ ଭିତରେ ପଶିଗଲା। ହେଲେ ତା' ଆଖିରେ ନେଉଳର ରୂପ ଓ ଆକାର ବାରମ୍ବାର ପାରଦର୍ଶୀ ଭଳି ପ୍ରତୀତ ହେଉଥାଏ। ମନର ଆଇନାରେ ଭାବନା ଜାଗ୍ରତ ହେଲା-ଯଦି ସାପ ନହୋଇ ନେଉଳ ହୋଇଥାନ୍ତି.....!

ପୁଣିଥରେ ତା' ମୁଣ୍ଡ ଘୁରେଇଲା। କିଛିକ୍ଷଣ ପରେ ସେ ଅନୁଭବ କଲା ସାପ ବଦଳରେ ନେଉଳ ହେଇଯାଇଛି। ସାପ ସହିତ ଆକ୍ରମଣ କରିବାକୁ ତୁରନ୍ତ ସେ ନଜର ଘୁରେଇଲା। ହେଲେ ସେଠି ଗୋଟେ ବି ସାପ ନଥାଏ। ସାପ ଆସିବାକୁ ଡିଆଁଡେଇଁ ମାରିଲା। କେବେ ଝାଡ଼ି ନିକଟକୁ ଦୌଡ଼ିଲା ପୁଣି କେବେ ନିଜ ମୁଣ୍ଡରେ ମାଟି ତାଡିଲା। ଥରେ ଏତେଜୋର ଡିଆଁ ମାରିଲା ଯେ ନିକଟସ୍ଥ ଝାଡ଼ି ଗଛର ସନ୍ଧି ରେ ତା' ଗୋଡ଼ ଛନ୍ଦି ରହିଗଲା। ଝାଡ଼ିରେ ଥିବା କଣ୍ଟା ଏମିତି ଫୋଡିଗଲା ଯେ ଆଉ ସେ ତଳକୁ ଆସିପାରୁ ନଥାଏ କି ବାହାରି ପାରୁନଥାଏ। ବ୍ୟାକୁଳ ହୋଇ ଭାବିଲା- କାହିଁକି ନେଉଳ ହେବାକୁ ଚାହିଁଲି ? ତା' ଅପେକ୍ଷା ଭଲ ହୋଇଥାନ୍ତା ଗଛର ଡାଳ ହୋଇଥାନ୍ତି। ନା ସାପ ଭଳି ଚାଲିବାକୁ ପଡ଼ିଥା'ନ୍ତା ନା ନେଉଳ ପରି ଡିଆଁ ମାରିବାକୁ ପଡ଼ିଥା'ନ୍ତା!ଗୋଟେ ସ୍ଥାନରେ ରହି ପବନର ଗତିରେ ଦୋହଲୁଥାନ୍ତି ।

ଆଉଥରେ ତାକୁ ନିଦର ଝଡ଼ ନିଜକୁ ଉଡେଇନେଲା। ସତକୁ ସତ ସେ ନେଉଳ ବଦଳରେ ଗୋଟେ ଗଛର ଡାଳ ହୋଇଯାଇଥାଏ। ତା' ମନ ମସ୍ତିରେ ଭରିଗଲା। ଭୂମି ସହିତ ତା'ର ଆଉକିଛି ସମ୍ପର୍କ ନାହିଁ। ଜୀବନସାରା ଉପରେ ଥାଇ ପବନ ଗତିରେ ଦୋହଲିବ। ସେଇ ବେଳେ କେତେକ କୁଆ ଆସି ଉକ୍ତ ଡାଳରେ ବିସି ମଳତ୍ୟାଗ କଲେ। ଅନ୍ୟ କିଛି କୁଆ ଥଣ୍ଟକୁ ଡାଳରେ ଘଷିଲେ। ତାକୁ ଯନ୍ତ୍ରଣା ଅନୁଭବ ହେଉଥାଏ। ନିଜର ଭୁଲପାଇଁ ପଶ୍ଚାତାପ କରିବା ଛଡା ତା ନିକଟରେ ଆଉ କିଛି ଉପାୟ ନଥାଏ।ଯ ଦି ଗଛର ଡାଳ ବଦଳରେ କୁଆ

ISSN NO.
2582-208X

ହୋଇଯାଆନ୍ତା କେତେ ଭଲ ହୁଅନ୍ତା ସତେ! ନିଜ ଭାବନା ଭିତରେ ଥାଏ ଡାଳରେ ବସିଥିବା କୁଆମାନେ ଉଡ଼ିଗଲେ। ପରେ ପରେ ସେ ବି କୁଆଙ୍କ ପଛେ ପଛେ କୁଆଟିଏ ହୋଇ ଉଡ଼ିଗଲା। ଶୂନ୍ୟରେ ଶୂନ୍ୟରେ ଉଡିଯାଉଥାଏ। ଚକର କାଟି କଆ-କଆ ରଡି କରୁଥାଏ। ହଠାତ ସେ ଦେଖିଲା ତଳେ କିଛି ପିଲା ଛିଟିକିଣିରେ ଗୋଡି ଭରି ତା'କୁ ମାରିବାକୁ ପ୍ରସ୍ତୁତ ହେଉଛନ୍ତି। ପୂର୍ବରୁ ଅନ୍ୟ ଏକ କୁଆ ସେମାନଙ୍କ ଛିଟିକିଣି ମାଡରେ ତଳେ ପଡି ଧକଉଥାଏ। ସେ ଭୟଭୀତ ହୋଇ ଆଖି ବନ୍ଦ କରି ଭାବିଲା- କେତେ ଭଲ ଥିଲା ମୁଁ ଏଣ୍ଟୁଅ ହୋଇ ରହିଥିଲି। ବହୁ ସମୟ ପରେ ବି ତା' ଦେହରେ ଛିଟିକିଣିର ଗୋଡି ନ ବାଜିବାରୁ ଆଖି ଖୋଲି ଦେଖିଲା ସେଇ ସ୍ଥାନରେ ଅଛି ଯେଉଁଠି ସେ ପୂର୍ବରୁ ଶୋଇଥିଲା।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଆତ୍ମିକ ଚନ୍ତନ



ବିଜୟ କୁମାର ସାହୁ

ଆତ୍ମା ତ ନୁହଁଇ ଶରୀରଟା ପୁଣି
ଭିନ୍ନ ସେ ଉପାଦାନ
ଶରୀରଟା ପାଇଁ କିମ୍ପାଇ
ବୃଥାଟାରେ ହୁଅ ମ୍ରିୟମାଣ
ଶରୀରଟା ଦିନେ ଚାଲିଯିବ ସିନା
ଆତ୍ମା ତ ଚିରନ୍ତନ
ଶରୀରକୁ ଛାଡି ଏବେ
ଆତ୍ମା କର ନିରୀକ୍ଷଣ

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୬୩୧୪୮୬୨୩

ISSN NO.
2582-208X

# ଷଡ଼ରୀପୁ ହେଲେ ମିତ



ଅଲେଖ ମେହେର

ଆଶା ମରିଚୀକା  କାମନା ବଇରୀ
ଜୀବନେ ଦୁଃଖ କାରଣ,
ପାରାବାର ଉର୍ମି  ସମ ଆସେ ଧାଇଁ
ମନକୁ ଭ୍ରମାଏ ବଣ ।
କ୍ରୋଧ ରୀପୁ ଗ୍ରାସେ  ଆପଣା ଶରୀର
ନଭେ ଯେହ୍ନେ ବାରିବାହ,
ପ୍ରଚଣ୍ଡ ରୌଦ୍ରରେ ଜଳେ ଅପଘନ
ହୃଦୟରେ  ଅନ୍ତର୍ଦାହ ।
ଯାତୁଧାନ କାମ  ସ୍ୱାଛନ୍ଦେ ବିଚରେ
ସାଜି ରଙ୍ଗ ପ୍ରଜାପତି,
ପ୍ରସୂନ ବିଲୋକି  ଘୁରିବୁଲେ ଛକି
ତଣ୍ଟି ଚିପି ମତି ଗତି ।
ଲୋଭର ପ୍ରମାଣ  ଖରସ୍ରୋତା ନଇ
ଜାଣି ଶୁଣି ଦିଏ ଝାସ,
ବୁଦ୍ଧି ନଦୀ ତଟ  ତରୁକୁ ଉପାଡି
ଜୀବନରେ ଭରେ ତ୍ରାସ ।

ISSN NO.
2582-208X

ମୋହ ମୀନ ହୋଇ  ପାଶେ ପଡିଯାଇ
ହୁଏସିନା ଛଟପଟ,
ଜୀବନ ବିହୁନେ ଜୀବନ ସମର୍ପେ
ତେଜି ବିଭୁ ଦତ୍ତ ଘଟ।
ସାତ୍ତ୍ୱିକ ଅଶନ  ପଞ୍ଚେନ୍ଦ୍ରିୟ ବାରେ
ଲୋଡେ ଆସୁରୀକ ଖାଦ୍ୟ,
ଅଶ୍ଳିଳ ସଙ୍ଗୀତ  ମୋହିନିଏ ଚିତ୍ତ
ପିତା ଲାଗେ ବେଦ ବାଦ୍ୟ।
ସୁରା ପାନେ ମନ  ବରଜି ମୋହନ
ଅନୀତି ଅନ୍ୟାୟ କରେ,
ଦଶଶୀର, ଦୁଃଶା  ଅଟ୍ଟହାସ୍ୟ ଶୁଭେ
ଅଶନୀ ସମ ନଭରେ।
ଧର୍ମ ଦରବାରରେ  ଅଧର୍ମ ରାଜୁତି
ମିଛ ହୋଇଯାଏ ସତ,
ମଦଭାଟି ତଳେ  ମାତାଳ  ମଣିଷ
ଅନ୍ତରରୁ ଗାଏ ଗୀତ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ଅନୁଶାସନ



ସିନ୍ଧୁ ନନ୍ଦିନୀ

ସଫଳ ଜୀବନ ଯାପନ ପାଇଁ
ଅନୁଶାସନ ମୂଳମନ୍ତ୍ର
କଥା କାର୍ଯ୍ୟରେ ସଂଯମତା ରଖି
ନିଜକୁ କରିବା ସ୍ୱତନ୍ତ୍ର

ମାନବିକ ମୂଲ୍ୟବୋଧ ହଜିଯାଇଛି
ମଣିଷ ହୋଇଛି ଅନ୍ଧ
ସ୍ୱାର୍ଥରେ ଅନ୍ଧ ମଣିଷ ଆଜି
ଗଢ଼ିଛି ସ୍ୱାର୍ଥର ସୌଧ

ମନୁଷ୍ୟ ଅଟଇ ଶ୍ରେଷ୍ଠ ପ୍ରାଣୀ
କର୍ମ ପଶୁଠୁ ହୀନ
ସଂସ୍କାର ସମ୍ମାନ ପଛରେ ପକାଇ
ଭୁଲି ଯାଇଛି ଅନୁଶାସନ

ଅନୁଶାସନ ନୁହେଁ ଶୃଙ୍ଖଳା ବନ୍ଧନ
ଚରିତ୍ର କରେ ନିର୍ମଳ

ISSN NO.
2582-208X

ଶୃଙ୍ଖଳିତ ଅନୁଶାସନେ ଶାସିତ
ଜୀବନ ପଥ ସୁଗମ

ଆମ ଅନୁଶାସନ ଆମରି ହାତେ
ହେବା ନାହିଁ ପଥ ଭ୍ରଷ୍ଟ
ହିଂସା ଅହଙ୍କାର ଦୁରେଇ ଦବା
ସବୁଠି ହେବା ଶ୍ରେଷ୍ଠ

ମଧୁମୟ ହୁଏ ଜୀବନ ସୁରଭି
ମିଳଇ ମାନ ସନମାନ
ଅସାଧ୍ୟ ପୁଣି ସାଧନ ହୁଅଇ
ଥିଲେ ଉତ୍ତମ ଅନୁଶାସନ

ଭୁବନେଶ୍ୱର

ISSN NO.
2582-208X

# ମହାପାତ୍ର ନୀଳମଣି ସାହୁ ଙ୍କ "ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ" ଗଳ୍ପ ଏକ ଦୃଷ୍ଟିପାତ



ସୁଲତା ସାହୁ

ସ୍ୱାଧୀନତା ପରବର୍ତ୍ତୀ କାଳର ପ୍ରମୁଖ କଥାକାର ତଥା ଗଳ୍ପ ସ୍ରଷ୍ଟା ମାନଙ୍କ ମଧ୍ୟରେ ମହାପାତ୍ର ନୀଳମଣି ସାହୁଙ୍କ ନାମ ପାଠକ ଗହଣରେ ବେଶ୍ ପରିଚିତ । ସେ ଏକାଧାରରେ ଥିଲେ ଜଣେ ପ୍ରଖ୍ୟାତ ଗାଳ୍ପିକ, ଔପନ୍ୟାସିକ, ପ୍ରବନ୍ଧିକ, ଶିଶୁ ସାହିତି୍ୟକ, ରମ୍ୟରଚକ ତଥା ଅନୁବାଦକ । ଆଧୁନିକ କାଳରେ ଜଣେ ଶ୍ରେଷ୍ଠ କଥାକାର ଭାବରେ ସେ ହେଉଛନ୍ତି ଜଣେ ଖ୍ୟାତି ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ। ମହାପାତ୍ର ନୀଳମଣି ଙ୍କ ସମଗ୍ର ଗଳ୍ପ ଅଧ୍ୟୟନ କଲେ ମନେହୁଏ ବହୁ ବୈଶିଷ୍ଟ୍ୟ ଓ ଆଭିମୁଖ୍ୟ ଧର୍ମୀ ଗଳ୍ପ ରଚନା କରିବାରେ ସେ ଓଡ଼ିଆ ସାହିତ୍ୟ ବିଭାଗ ରେ ଥିଲେ ଜଣେ ସିଦ୍ଧହସ୍ତ ସ୍ରଷ୍ଟା । ମହାପାତ୍ର ନୀଳମଣି ସାହୁ ବାସ୍ତବ ରେ ଥିଲେ ମାତା ଭାରତୀ ନୀଳ ସରସ୍ୱତୀ ଙ୍କ ବରପୁତ୍ର । ସେ ଥିଲେ ନୀଳ ଆଭାଯୁକ୍ତ ଏକ ଅମୁଲ୍ୟ ମଣି ଟିଏ । ଯାହାର କଲମ ମୁନରୁ ଝରି ପଡିଛି ଅନେକ ଅନନ୍ୟ ଗଳ୍ପ ର ସମ୍ଭାର । ଅଜସ୍ରାବୀ ଗଳ୍ପ ରଚନା କରି ସେ ଓଡ଼ିଆ ସାହିତ୍ୟ ଭଣ୍ଡାର କୁ କରିଛନ୍ତି ପରିପୂର୍ଣ୍ଣ ।

କଥାକାର ମହାପାତ୍ର ନୀଳମଣି ସାହୁ ଙ୍କ ଗଳ୍ପ ଗୁଡ଼ିକ କାହାଣୀ ଧର୍ମୀ ସୁଖପାଠ୍ୟ, ବ୍ୟଙ୍ଗାତ୍ମକ, ହୃଦୟସ୍ପର୍ଶୀ ଓ ବେଶ୍ ଉପଭୋଗ୍ୟ । ସେ କଥା କୁହନ୍ତି କାହାଣୀ ବୟାନ କରନ୍ତି ଓ କାହାଣୀ ରେ ନାଟକୀୟତା ଆଣନ୍ତି । ଖୁଦ୍ରଗଳ୍ପ ର ସମସ୍ତ ସଦ୍ ଗୁଣ ଘେନି ତାଙ୍କ ଗଳ୍ପ ଗୁଡିକ ଅସାଧାରଣ ଢଙ୍ଗରେ ହୋଇଛି ପ୍ରକାଶିତ । ମହାପାତ୍ର ଙ୍କ ପ୍ରସିଦ୍ଧ ଗଳ୍ପ

ISSN NO.
2582-208X

ଗ୍ରନ୍ଥ ଗୁଡ଼ିକ ମଧ୍ୟରେ ରହିଛି -ପ୍ରେମ ତ୍ରିଭୁଜ (୧୯୫୨), ମିଛ ବାଘ (୧୯୫୫),ଗଞ୍ଜେଇ ଗବେଷଣା(୧୯୫୫), ସୁମିତ୍ରା ର ହସ (୧୯୬୧), ବିଷ୍ଣୁମାୟା (୧୯୬୨), ଅନ୍ଧ ରାତିର ସୂର୍ଯ୍ୟ (୧୯୭୧), ଅନ୍ୟ ରୂପ ରୂପାନ୍ତର (୧୯୭୪), କପୋତ ପକ୍ଷୀ ଗୁରୁ ମୋର (୧୯୭୪), ଆକାଶ ପାତାଳ (୧୯୭୬), ପିଙ୍ଗଳେ ସେ ଅନ୍ୟଜଣେ (୧୯୭୭), ସେ କାଳ ପଖାଳ(୧୯୭୮) ଯା ଦେବୀ ମମ ଗୃହେଷୁ (୧୯୭୮), ଅଭିଶପ୍ତ ଗନ୍ଧର୍ବ (୧୯ ୮୧), ବୃନ୍ଦାବନ ର ଶେଷ ଧୂପ (୧୯୮୩), ରାନୁଅପା ଠାରୁ ପୁଷି ପଯ୍ୟନ୍ତ (୧୯୮୩), ଲୌକିକ ଅଲୌକିକ (୧୯୮୩), ନିବେଦିତା ର ନୈଶଭିସାର (୧୯୮୪), ପାପ ଓ ମୁକ୍ତି (୧୯୮୬), ବାବା ଡହରାନନ୍ଦ ଙ୍କ ଅଭିନବ ପ୍ରବଚନମାଳା (୧୯୯୭), ବାଇଧର ବାବୁଙ୍କ ରାଜଯୋଗ(୨୦୦୪) ଏହିପରି ଅନେକ ଗଳ୍ପ ଓ ଉପନ୍ୟାସ ଲେଖି ସେ ଅନେକ ପୁରସ୍କାର ଓ ସମ୍ମାନ ର ଅଧିକାରୀ ମଧ୍ୟ ହୋଇଛନ୍ତି । ଆକାଶ ପାତାଳ(୧୯୭୬)ଗଳ୍ପ ସଂକଳନ ପାଇଁ ୧୯୮୧ ମସିହା ରେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଅଭିଶପ୍ତ ଗନ୍ଧର୍ବ (୧୯୮୧) ପାଇଁ ୧୯୮୪ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ଵାରା ପୁରସ୍କୃତ ହୋଇଥିଲେ, ଏବଂ ୧୯୮୩ରେ ଅଭିଶପ୍ତ ଗନ୍ଧର୍ବ ପାଇଁ ସାରଳା ପୁରସ୍କାର ମଧ୍ୟ ପ୍ରାପ୍ତ ହୋଇଥିଲେ ।

ଭାରତବର୍ଷ ର ସ୍ୱାଧୀନତା ପ୍ରାପ୍ତି କାଳରେ ଲେଖନୀ ଚାଳନା ଆରମ୍ଭ କରିଥିବା ଏହି ଯଶସ୍ୱୀ ଗାଳ୍ପିକ ଙ୍କ ସମସ୍ତ ଗଳ୍ପ ଗୁଡିକୁ ଅନୁଶୀଳନ କଲେ ସାଧାରଣ ପାଠକ ତାଙ୍କୁ ମୁଖ୍ୟତଃ ଜଣେ ହାସ୍ୟରସ ଧର୍ମୀ ଗାଳ୍ପିକ ଭାବରେ ବିବେଚନାକରିବେ । ଏହାର ପୂର୍ବବର୍ତ୍ତୀ କାଳରେ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ପରବର୍ତ୍ତୀ କାଳରେ ଚୌଧୁରୀ ହେମାକାନ୍ତ ଓ "ଡଗର" ପତ୍ରିକା ର ର ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରମୁଖ ଗଳ୍ପ ସ୍ରଷ୍ଟା ଗଣ ଓଡ଼ିଆ ସାହିତ୍ୟ ରେ ହାସ୍ୟରସ ର ଧାରା ସୃଷ୍ଟି କରିପାରିଥିଲେ ହେଁ ମହାପାତ୍ର ନୀଳମଣି ସେହି କ୍ଷୀଣ ଧାରାଟିକୁ ନିଜର ସୃଷ୍ଟି ବଳୟ ମଧ୍ୟରେ ଲାଳନ ପାଳନ କରି ତା ସହିତ ବ୍ୟଙ୍ଗ ବିଦ୍ରୁପ ଓ ବୌଦ୍ଧିକତା ରେ ଆଚ୍ଛନ୍ନ କାରୁଣ୍ୟ ର ଭାବଧର୍ମ ଟିକୁ ପ୍ରକାଶ କରିଛନ୍ତି ।ତାଙ୍କ ଗଳ୍ପ ଗୁଡ଼ିକ

ISSN NO.
2582-208X

ଲଘୁହାସ୍ୟ ର ଉର୍ମିଳନ ଧାରା ସୃଷ୍ଟି କରୁଥିଲେ ହେଁ ଏହାର ଅନ୍ତଃସ୍ଥଳ ବ୍ୟଙ୍ଗ ବିଦ୍ରୁପ କାରୁଣ୍ୟବୋଧ ଓ ଗମ୍ଭୀର୍ଯ୍ୟ କୁ ନେଇ ପ୍ରକଟିତ ।

ହାସ୍ୟରସ ମଧ୍ୟରେ କାରୁଣ୍ୟତା ପରିପ୍ରକାଶ କରୁଥିବା ତାଙ୍କର ଗଳ୍ପଗ୍ରନ୍ଥ ଗୁଡ଼ିକ ମଧ୍ୟରୁ ଏଠାରେ "ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ" ଗଳ୍ପଗ୍ରନ୍ଥ ଟିକୁ ଆଲୋଚନା କୁ ନିଆଯାଇପାରେ । ଏହି ଗାଳ୍ପସଂକଳନ ମଧ୍ୟରେ ୧୧ ଗୋଟି ଗଳ୍ପ ସଂକଳିତ । ସେଗୁଡିକ ଯଥାକ୍ରମେ-ପ୍ରଥମ ଗଳ୍ପ ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ, ଶୁଣନ୍ତୁ ସର୍ବ ଅମୃତସ୍ୟ ପତ୍ରାହଃ, ଆଦ୍ୟ ବସନ୍ତ ର କାହାଣୀ, କୁମାରୀ ଲଳିତା ମିଶ୍ର, ଗପଲାଗି ଘଟଣା ଟିଏ, ଘୋଡା ଡିମ୍ବ, ବନ ଗହନର କାକଳି, ଧନେଶ୍ବର ଚରିତାମୃତ, ବୁଦ୍ଧନାଥ ସୌରୀନ୍ଦ୍ରି ଦେବୀ ଓ ଢାବଲ ଉପାଖ୍ୟାନ, ବାଘର ବିଳାପ ଏବଂ ପତ୍ନ ତତ୍ତ୍ୱବିତ୍ ।

କଥାକାର ନୀଳମଣି ସାହୁଙ୍କ ପ୍ରାୟ ସମସ୍ତ ଗଳ୍ପ ଆତ୍ମ ଜୀବନୀ ଶୈଳୀ ରେ ରଚିତ । ଏଣୁ ବିଖ୍ୟାତ କବି ଶ୍ରୀଯୁକ୍ତ ରମାକାନ୍ତ ରଥ ମହାପାତ୍ର ନୀଳମଣି ଙ୍କ ଉପରେ ଏକ ମତ ଉତ୍ଥାପନ କରିଥିଲେ -ତୁମର କୋଉ ଗଳ୍ପ ଆତ୍ମଜୀବନୀ ମୂଳକ ନୁହେଁ ଯେ ଏଗୁଡିକ ବିଶେଷ ଭାବରେ ଆତ୍ମଜୀବନୀ ମୂଳକ ବୋଲି ଅଯଥା ରେ ବିଜ୍ଞପ୍ତି ଦେଉଛ । ଏହାପରେ ପ୍ରାୟତଃ କିଛି ଗଳ୍ପରେ ମହାପାତ୍ର ଙ୍କ ର କିଛି ଅଲଗା ଧାରା ବା ଶୈଳୀ ଦେଖିବାକୁ ମିଳେ ।

ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ ଶୀର୍ଷକ ଗଳ୍ପଟି ନାରୀ ଜୀବନ ର ଦୁଃଖ, ଦୈନ୍ୟ, ଯନ୍ତ୍ରଣା ଓ ଅବସାଦ ର କରୁଣ ଚିତ୍ର ବୟାନ କରେ । ରାନୁ ଅପା ଗଳ୍ପଟି ମଧ୍ୟରେ ସତେଯେପରି କରୁଣ ଗୀତି କବିତା ର ଏକ ପ୍ରବାହ ଧାରା । ସେହି ପ୍ରଭାବ ମଧ୍ୟରେ ଜୀବନର ବ୍ୟର୍ଥତା ଓ ନିରାଶାବୋଧ ହିଁ ଫୁଟିଉଠେ । ନାରୀ ଜୀବନ ର ଆଶା ଓ ସ୍ୱପ୍ନ ର ସୌଧ ଦୁଃଖ ଓ ପ୍ରତାରଣା ର ପ୍ରତିଘାତରେ ତାସ୍ ର ଘରଟିଏ ପରି ଭାଙ୍ଗି ଭୁଶୁଡି ପଡେ । ଏ ସବୁ ଘଟଣା ଓ ଦୁର୍ଘଟଣା ମଧ୍ୟରେ ପୁଷି ବିରାଡ଼ି ଟି ଗଳ୍ପ ର ପ୍ରାରମ୍ଭ ରୁ ପରିସମାପ୍ତି ପର୍ଯ୍ୟନ୍ତ ପ୍ରତିକିତ ହୋଇ ଲଘୁ ହସ୍ୟରସ ମାଧ୍ୟମରେ ଏ ସମାଜରେ ଉପେକ୍ଷିତ ଚରିତ୍ର ର ମଧୁର ପ୍ରତାରଣା କୁ ବ୍ୟଞ୍ଜିତ କରିଛି । ଏହି ଗଳ୍ପ ରେ ପ୍ରେମ ର ବିଫଳତା କୁ ଅତି

ISSN NO.
2582-208X

ଚମତ୍କାର ଢଙ୍ଗରେ ତଥା ନାଟକୀୟ ଶୈଳୀ ରେ ପ୍ରତିପାଦନ କରିଛନ୍ତି ଗାଳ୍ପିକ । ଏହି ଗଳ୍ପଟିକୁ ଏକ ପାରିବାରିକ ତଥା ପ୍ରେମଭିତିକ ଗଳ୍ପ ବୋଲି ମଧ୍ୟ କୁହାଯାଇ ପାରିବ । ଏହି ଗଳ୍ପର ପ୍ରତ୍ୟେକଟି ଚରିତ୍ର ପ୍ରେମ ରେ ପଡିଛନ୍ତି କିନ୍ତୁ କେହି ମଧ୍ୟ ସଫଳ ହୋଇଥିବା ଦେଖିବାକୁ ମିଳେ ନାହିଁ ।

ରାନୁ ଅପା ବୃତ୍ତିରେ ଜଣେ ଗଣିତ ଅଧ୍ୟାପିକା ବୟସ ଚାଳିଶି ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ସେ ଅଦ୍ୟବଧି ଅବିବାହିତ । ସେ ଖୁବ୍ ମୋଟି ଓ ବୟସ ଅପେକ୍ଷା ସେ ଢ଼େର ବୁଢ଼ୀ ଦେଖାଯାଇଛନ୍ତି । ମୁଣ୍ଡର ବାଳ ସବୁ ଝଡି ଯାଇ ଚନ୍ଦା ହୋଇଗଲାଣି ।ଏ କଦା ସେ ତାଙ୍କ ଯୌବନ ରେ ଭଲ ପାଉଥିଲେ ଜଣେ ପୁଅ କୁ ସେ ମଧ୍ୟ ବିବାହ କରିବାର ପ୍ରତିଶ୍ରୁତି ଦେଇଥିଲା କିନ୍ତୁ କଥା ନ ରଖି ସେ ଅନ୍ୟ କାହାକୁ ବିବାହ କରିଛି । ସେହିଦିନ ଠାରୁ ଅବିଭାହିତ ରହି କେବଳ ଶ୍ରୀ ଅରବିନ୍ଦ, ନିଗମାନନ୍ଦ, ଶିବାନନ୍ଦ ଓ ରାମକୃଷ୍ଣ ଆଦିଙ୍କ ବହି ପଢ଼ି ଦିନ କାଟନ୍ତି ସେ । ମାଆ ଥିଲେ ଖୁବ ସୁନ୍ଦରୀ ତାଙ୍କ ସୌନ୍ଦର୍ଯ୍ୟ ଆଗରେ ବାପା ଅତି ମ୍ଲାନ ଓ କ୍ଷୀଣ । ସୁନ୍ଦରୀ ଗୁଣବତୀ ମାଆ ର ମନକୁ ସନ୍ତୁଷ୍ଟ କରିବା ପାଇଁ ବାପା ଜୀବନ ସାରା ଅନେକ ସାଧନା କରିଛନ୍ତି । ତାଙ୍କର ଉପାର୍ଜିତ ଧନ ସମ୍ପତ୍ତି ସବୁ କୁ ସେ ମାଆ ର ମନୋରଞ୍ଜନ ଲାଗି ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇଛନ୍ତି । କିନ୍ତୁ ମାଆ ତାଙ୍କୁ ଠକି ଦେଇ ଚାଲିଯାଇଛି । ଚାରି ଝିଅ ଦୁଇ ପୁଅ ହେବା ପରେ ମଧ୍ୟ ସେ ଏକ ଅବୈଧ ସନ୍ତାନ ର ଭ୍ରୁଣ କୁ ଗର୍ଭ ରେ ଧାରଣ କରି ଦିନେ ଆତ୍ମହତ୍ୟା କରିଛନ୍ତି । ସେହି ଭଳି ଭାଇ ନବକିଶୋର ଏକାଦଶ ଶ୍ରେଣୀରେ ପାଠ ପଢୁଥିଲା । ଶ୍ରେଣୀରେ ସବୁବେଳେ ହେଉଥିଲା ପ୍ରଥମ । ସେ ଇଂରାଜୀ ରେ ଦେଇପାରୁଥିଲା ଅନର୍ଗଳ ବକ୍ତୃତା । ଗଣିତରେ କଷି ପାରୁଥିଲା ଅସାଧ୍ୟ ମନସାଙ୍କ । ରାନୁ ଅପା ଏହି ଭାଇଟିକୁ ଖୁବ୍ ଭଲ ପାଉଥିଲା ଠିକ୍ ଯେମିତି ମମତାମୟୀ ସ୍ନେହାମୟୀ ମାଆଟିଏ ପରି କିନ୍ତୁ ସେ ବି ଦିନେ ସ୍କୁଲ ହେଡ୍ ମାଷ୍ଟର ଙ୍କ ଝିଅ ମାନମୟୀ କୁ ବିବାହ କରିବାକୁ ଜିଦ୍ ଧରିବାରୁ ଏକମାତ୍ର ଆଶା ଭରଷା ର ସାନ ଭାଇଟିର ଏଭଳି ଆକସ୍ମିକ ଦୁର୍ବିପାକରେ କାତର ହୋଇ ରାନୁଅପା ସାମାନ୍ୟ କଡା କଥା ଶୁଣାଇ ଦେଇଥିଲା ।ସେହି ଦିନୁ ନବକିଶୋର ଘରୁ ଯାଇଛି ଯେ ଆଉ ଫେରିଲା

ISSN NO.
2582-208X

ନାହିଁ । ଏହାର କିଛି ଦିନ ପରେ ସମୁଦ୍ର କୂଳରୁ ଅବିସ୍କୃତ ହୋଇଛି ନବକିଶୋର ର ଶବ । ଏଭଳି ଅଭାବନୀୟ ଘଟଣା ଘଟିଯିବା ପରେ ରାନୁ ଅପା ହୋଇଯାଇଛନ୍ତି ଯେମିତି ସମ୍ପୂର୍ଣ୍ଣ ସ୍ତବ୍ଧ ଓ ନିରବ । ଏହା ପର ଠାରୁ ସେ ସମ୍ପୂର୍ଣ୍ଣ ଗମ୍ଭୀର ହୋଇ ରୁହନ୍ତି । ରାନୁ ଅପା ର ବ୍ୟବହାର ରେ ଆସିଛି ଘୋର ପରିବର୍ତ୍ତନ । ରାନୁ ଅପା ତଳକୁ ଥିବା ସାନ ଭଉଣୀ ମାନୁ ଅପା ସେ ମଧ୍ୟ ଭାଙ୍ଗି ଦେଇଛି ରାନୁ ଅପାର ମେରୁଦଣ୍ଡ କୁ ଯେହେତୁ ମାଆ ଚାଲିଯିବା ପରେ ସେ ହେଉଛି ଗୃହକର୍ତ୍ରୀ ସମସ୍ତ ଙ୍କ ଦାୟିତ୍ୱ ତାରି ମୁଣ୍ଡ ଉପରେ । କିନ୍ତୁ ସେ ମଧ୍ୟ ଅଟକାଇ ପାରିନି ମାନୁ ଅପାକୁ । ଦିନେ ମାନୁ ଅପା କଲେଜ ରୁ ଜଣେ ବସ୍ କଣ୍ଡକ୍ଟର ସହ ଫେରାର ହୋଇଯାଇ କୋର୍ଟରେ ବିବାହ କରିଛି । ଲିନା ଅପା ଯିଏ ଭଲପାଏ ଇଞ୍ଜିନିଅର ଅଶୋକ ଦାସ କୁ ତା ପୁଣି ଅନ୍ଧ ଭାବରେ କିନ୍ତୁ ଅଶୋକ ଦାସ ବିବାହ କରିଛି ଚିଫ୍ ଇଞ୍ଜିନିଅର ଝିଅ ଅଞ୍ଜନାକୁ । ବିଫଳ ପ୍ରେମର ଏକ ଅଶ୍ରୁଳ ସୁଅରେ ଭାସିଯାଇଛନ୍ତି ସମସ୍ତ ଚରିତ୍ର । ମୀନା ଯିଏ ଘର ର ସବା ସାନଝିଅ । ସେ ଦେଖିବାକୁ ଅତ୍ୟନ୍ତ ମୋଟି ପାଉଁସିଆ କଳା ରଙ୍ଗର । କିନ୍ତୁ ସେ ବୁଦ୍ଧିମତୀ ଓ ଲିନା ଅପା ପରି ସେ ଏତେ ଗପୁଡି ନୁହଁ । ସେ ଅସୁନ୍ଦରୀ ହେଲେ ମଧ୍ୟ ଭଗବାନ ତାକୁ ବହୁତ ସୁନ୍ଦର ଗଳା ଟିଏ ଦେଇଛନ୍ତି କୋକିଳ କଣ୍ଠ ଭଳି ତାର ସଙ୍ଗୀତ ର ସ୍ୱରରେ ମୁଗ୍ଧ ହୋଇଯାଆନ୍ତି ସମସ୍ତେ । ସେ ତାନପୁରାଟିଏ ଧରି ଗୀତ ଗାଏ ସେହି ସଙ୍ଗୀତ ର ସ୍ୱର ରେ ଅଶୋକ ଦାସ ମଧ୍ୟ ମୁଗ୍ଧ ହୋଇ ବାନ୍ଧି ହୋଇଯାଏ ମୀନା ପାଖରେ ଅନେକ ସମୟ । ସମୟଜ୍ଞାନ ବି ତାର ନଥାଏ ମୀନା ଓ ଅଶୋକ ଦାସ ଏଭଳି ଅନ୍ତରଙ୍ଗ ହେଉଥିବାର ଦେଖି ଲିନା ସନ୍ଦେହ କରିଛି ମୀନା ଉପରେ ଉଭୟେ ଆଉ ପରସ୍ପର କୁ ପ୍ରେମ କରୁନାହାଁନ୍ତି ତ । ସେ ଇର୍ଷା କରିଛି ମୀନା ଉପରେ କିନ୍ତୁ ପରିଶେଷରେ ଅଶୋକ ଦାସ ନା ହୋଇଛି ମୀନା ର ଆଉ ନା ହୋଇଛି ଲୀନା ଅପା ର ସେ ହୋଇଛି ଅଞ୍ଜନା ର । ଏ ସମସ୍ତଙ୍କ ର ସଖୀ ଓ ସାକ୍ଷୀଟିଏ ପରି ତାଙ୍କ ପାଖେ ପାଖେ ରହିଆସିଛି ରାନୁଅପା ର ସେହି ରୁମାଳିଆ କାବୁଲୀ ପୁଷି ବିଲେଇଟି ସେ ସମସ୍ତ ଙ୍କ ଦୁଃଖରେ ଦୁଃଖୀ ହୋଇ ନିରୀହ ଚାହାଁଣି ରେ ଚାହିଁ ମ୍ୟାଉଁ ମ୍ୟାଉଁ ଡାକ ଛାଡ଼ିଛି ଗାଳ୍ପିକ ଙ୍କ ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ ଗଳ୍ପ ର ସାର୍ଥକତା ପ୍ରତିପାଦନ ହୋଇଛି ।

ISSN NO.
2582-208X

ଶୁଣନ୍ତୁ ସର୍ବ ଅମୃତସ୍ୟ ପୁତ୍ର- ଏହି ଗଳ୍ପଟିରେ ଭଗ୍ନ ସମାଜର ବ୍ୟାଧିଗ୍ରସ୍ତ ରୂପଟିକୁ ପ୍ରକାଶ କରିଛନ୍ତି ଗାଳ୍ପିକ ଶ୍ରୀ ମହାପାତ୍ର । ଆଧୁନିକ ସମାଜରେ ଅର୍ଥନୈତିକ ବୈଷମ୍ୟ ର ଶିକାର ହୋଇ ଏହି ମଣିଷମାନେ ଯେପରି ଆତ୍ମୋଦ୍ଧାର ର ପନ୍ଥା ନିର୍ଣ୍ଣୟ କରି ପାରୁନାହାନ୍ତି । ଏହିମାନେ ହିଁ ଲେଖକ ଙ୍କ ଆଖିରେ 'ଅମୃତସ୍ୟ ପୁତ୍ରାହଃ' କିନ୍ତୁ ସେମାନେ ନର୍କ ଯନ୍ତ୍ରଣା ମଧ୍ୟରେ ଛଟପଟ ହେଉଛନ୍ତି । ଅଭାବ ଅନଟନ ର ସଂସାର ଭିତରେ ସେଇ ମଧ୍ୟବିତ୍ତ ଶ୍ରେଣୀ ପେଷି ହୋଇ ଯାଉଛନ୍ତ ତାହାହିଁ ଅଲ୍ପଟିର ସାରମର୍ମ ।

ଗଳ୍ପ ନାୟକ ବାନାମ୍ବର ମେହେର ଲେଖକ ଙ୍କ କୈଶୋର ସମୟ ର ବନ୍ଧୁ । ସେ ଥିଲେ ବ୍ରହ୍ମଚାରୀ ଓ ସନ୍ୟାସୀ ଜୀବନ ବିତାଉଥିଲେ । ସେ ରାମକୃଷ୍ଣ ବିବେକାନନ୍ଦ ଆଦି ଙ୍କ ଗ୍ରନ୍ଥ ସବୁ ପଢ଼ି ନୀତିନିୟମ ସେ ସବୁରେ ସେ ଥିଲେ ଖୁବ୍ ଅଟଳ ବିଶ୍ୱାସୀ । ବିବେକାନନ୍ଦ ଙ୍କ ଉଧୃତ୍ତି ଦବାକୁ ଯାଇ ସେ କୁହନ୍ତି ଯେ ସବୁ କ୍ଷେତ୍ର ରେ -ସର୍ବ ଶ୍ରେଷ୍ଠବାନ ହୁଏ । ଚୋରି ଯଦି କର ରାଜସ୍ୱ ଖାନା ଲୁଣ୍ଠନ କର । ଶିକାର କରିବାକୁ ଚାହୁଁଥିଲେ ମୃଗେନ୍ଦ୍ର କୁ ଶିକାର କର । ବାନାମ୍ବର ଙ୍କୁ ଯାହା ଭଲ ଲାଗେ ସେ ପ୍ରଶଂସା କରନ୍ତି ଓ ଯାହା ଖରାପ ଲାଗେ ସେ ରୀତିମତ ନିନ୍ଦା ମଧ୍ୟ କରନ୍ତି । କିନ୍ତୁ ନିଜ ପାଖରେ ପଇସା ନଥିଲେ ମଧ୍ୟ ସେ କାହାକୁ ମନା କରନ୍ତି ନାହିଁ । ଏପରିକି ଲେଖକ ଙ୍କୁ ମଧ୍ୟ ସେ ଅନେକ ଥର ଟଙ୍କା ଦେଇଛନ୍ତି । କିନ୍ତୁ ଲେଖକ ସେ ଟଙ୍କାକୁ ଫେରେଇ ନାହାନ୍ତି । ଲେଖକ ତାଙ୍କ ଜୀବନରେ ଛୋଟଲୋକି ମାନଙ୍କୁ ଭାରି ଘୃଣା କରନ୍ତି ।ତାଙ୍କ ମତରେ ଦାରିଦ୍ର୍ୟ ରୁ ମଣିଷ ଉଦ୍ଧାର ପାଇପାରେ କିନ୍ତୁ ଥରେ ଛୋଟ ଲୋକି ମନୋଭାବ ଆସିଲେ ସେଥିରୁ ନିସ୍ତାର ନାହିଁ । ଏହା ଏକ ବ୍ୟାଧି । ତେଣୁ ଲେଖକଙ୍କ ର ସ୍ୱଳ୍ପ ବେତନ ଯୋଗୁଁ ସେ ଅଦ୍ୟାବଧି ବିବାହ କରିନାହାଁନ୍ତି । କାଳେ ଦୁଇ ଚାରି ଟା ସନ୍ତାନ ହୋଇଗଲେ ତାଙ୍କୁ ବି ସେମିତି ଛୋଟ ଲୋକି ପରି ବଞ୍ଚିବାକୁ ହେବ ତେଣୁ ତାହା ମନେ କରି ସେ ଏଯାଏଁ ବିବାହ ବନ୍ଧନକୁ ବରଣ କରିନାହାନ୍ତି । ବହୁଦିନ ପରେ ଲେଖଙ୍କ ର ବନ୍ଧୁ ବାନାମ୍ବର ଙ୍କ ସହ ସାକ୍ଷାତ ହୋଇଛି । ଅମୃତସ୍ୟ ପୁତ୍ର ବାନାମ୍ବର ଙ୍କ ଚେହେରା କୁ ଦେଖି ସେ ଅବାକ୍ ହୋଇଛନ୍ତି । ବାନାମ୍ବର ବିବାହ କରି ସଂସାର ଜଞ୍ଜାଳ ର ବୋଝୋଟି କୁପିଠିପରେ ଧାରଣ କଲା ପରି ପ୍ରତୀୟମାନ ହୋଇଛନ୍ତି । ସେ ୪ ଟି

ISSN NO.
2582-208X

ସନ୍ତାନ ର ଜନକ । ବାନାମ୍ବର ର ନିମନ୍ତ୍ରଣ କ୍ରମେ ସେ ଦିନେ ବାନାମ୍ବର ଙ୍କ ଗୃହକୁ ଆସିଛନ୍ତି ଲେଖକ ଏବଂ ସାଥିରେ ଆଣିଛନ୍ତି ଗୋଟିଏ ବିସ୍କୁଟ ର ଡବା ଯେହେତୁ ବନ୍ଧୁ ଘରକୁ ସେ ପ୍ରଥମ ଥର ଯାଉଛନ୍ତି ଓ ବନ୍ଧୁ ଙ୍କ ର ଚାରୋଟି ସନ୍ତାନ । ବାନାମ୍ବର ଙ୍କ ସ୍ତ୍ରୀ କଳାବତୀ । ସେ ମଧ୍ୟ ଥିଲେ ଜଣେ କଳା ଓ ସାହିତ୍ୟ ପ୍ରେମୀ । ତେଣୁ ସେ ଲେଖକଙ୍କୁ ପାଇ ଭାରି ଖୁସି ହୋଇଛନ୍ତି । ଦାରିଦ୍ର୍ୟ ର ବିଭତ୍ସତା ତାଙ୍କୁ ଏତେ ତଳକୁ ନେଇ ଯାଇଛି ଯେ ଲେଖକ ଙ୍କ ହାତରୁ ବିସ୍କୁଟ ଡବା ଟି ଝାମ୍ପି ନବାକୁ ମଧ୍ୟ ସେ ପଛାଇ ନାହାଁନ୍ତି । ଏବଂ ସେହି ବିସ୍କୁଟ ଡବା ଟିକୁ ନେଇ ପରସ୍ପର ଭିତରେ ବାଡାବାଡି ହୋଇଛନ୍ତି ପିଲାମାନେ । ଲେଖାକ ଙ୍କ ପାଖରେ ଥିବାଅଧା ପିଇଥିବା ଚାହା କପ୍ କୁ ମଧ୍ୟ ଗୋଟିଏ ଛୁଆ ନେଇ ପିଇଦେଇଛି । ବାନାମ୍ବର ର ଝିଅ ଲେଖକ ଙ୍କୁ ମାରିବା ଛିଣ୍ଡିବାକୁ ମଧ୍ୟ ପଛାଇ ନାହିଁ । ଲେଖକ ସେଠାରୁ ଅଣନିଶ୍ୱାସୀ ହୋଇ ଫେରିଛନ୍ତି । ଏବଂ ଅନ୍ୟ ଏକ ଦିନେ ବାନାମ୍ବର ଚାହା ପିଇବା ର ବାହାନା ରେ ଦୁଇ ଅଣି ଟିଏ ମାଗିଛନ୍ତି ଓ ସ୍ତ୍ରୀ କଳାବତୀ ଲେଖକଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ପକେଟ୍ ରୁ ଦଶ ଟଙ୍କା ନୋଟ୍ ଟିଏ କାଢୁ କାଢୁ ଲେଖକ କିନ୍ତୁ କଳାବତୀ କବଳରୁ ନିଜକୁ ମୁକ୍ତ କରିବା ସହିତ ନିଜର ଦଶ ଟଙ୍କିଆ ନୋଟ୍ କୁ ମଧ୍ୟ ତାଙ୍କ କର କମଳରୁ ଉଦ୍ଧାର କରିଛନ୍ତି । ଏହିଭଳି ସାଂସାରିକ ଜୀବନ ର କରୁଣ ପରିସ୍ଥିତି କୁ ନେଇ ଗଳ୍ପଟି ରଚିତ ହୋଇଛି ।

**ଆଦ୍ୟ ବସନ୍ତ ର କାହାଣୀ** ଗଳ୍ପ ନାୟକ ରମାକାନ୍ତ ଚୌଧୁରୀ ଙ୍କ ମାନସିକତା ଖୁବ୍ ବ୍ୟର୍ଥ ଓ ଅସହାୟତା ରେ ଆଚ୍ଛନ୍ନ । ଅତୀତ ର ସ୍ମୃତି ଭିତରେ ପହଁରୁ ପହଁରୁ ସେ ଯାଇ ପହଞ୍ଚି ଯାଇଛନ୍ତି ତାଙ୍କର ବାଲ୍ୟ ଓ କୈଶୋର ଜୀବନର ଇଲାକାରେ । କୈଶୋର ର ଚପଳ ସ୍ମୃତି ଖୁବ୍ ଉତ୍ପୀଡ଼କ ବୋଧ ହୋଇଛି ତାଙ୍କୁ । ଆଦିବାସୀ ସାନ୍ତାଳ ଯୁବକ ଯୁବତୀଙ୍କର ନାଚ-ଗୀତ ମଧ୍ୟ ତାଙ୍କ ମନରେ କୌଣସି ଆନନ୍ଦ ସୃଷ୍ଟି କରିପାରିନାହିଁ । ସେହି ସ୍ମୃତି ରେ ବାରମ୍ବାର ଅତିଷ୍ଠ ହୋଇପଡିଛନ୍ତି ସେ । ବାହାରେ ବସନ୍ତ ଅପରାହ୍ନ ର ହଳଦିଆ ଖରା, ଛାତ ଉପରେ ପାରା ଦୁଇଟି ଘୁମୁରୁଛନ୍ତି । କିନ୍ତୁ ରମାକାନ୍ତ ଙ୍କ ମନ ଭିତରେ ଘୁମୁରୁଛି ଖାଲି ବ୍ୟର୍ଥତା-ଅସନ୍ତୋଷ ଆଉ ନପାରିଲା ପଣ ଓ ପରାଜିତ ବ୍ୟକ୍ତିତ୍ୱ ।

ISSN NO.
2582-208X

ସ୍ମୃତି ଦଂସିତ ଆଧୁନିକ ମଣିଷର ଅସହାୟତା ଓ ଉତ୍ପୀଡ଼ନ ଗଳ୍ପଟିର ଆଭିମୁଖ୍ୟ ଭାବରେ ପ୍ରତିପର୍ଣ୍ଣ ହୋଇଛି ।

କୁମାରୀ ଲଳିତା ମିଶ୍ର -କୁମାରୀ ଲଳିତା ମିଶ୍ର ସେ ସବୁଠାରେ ପରିଚିତ । ସେ କେଉଁଠାରେ ମଧ୍ୟ୍ୟ ଅପରିଚିତ ନୁହଁନ୍ତି । ଡାକ୍ତର ଠାରୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ ଏବଂ ଦୋକାନ, ବଜାର, ସହର ସେ ସବୁଠାରେ ପରିଚିତ । ସବୁଠାରେ ତାଙ୍କର ଅବାଧ୍ୟ ପ୍ରବେଶ । ପବନ ପାଇଁ ଅବରୋଧ ଅଛି କିନ୍ତୁ ଲଳିତା ମିଶ୍ର ଙ୍କ ପାଇଁ ନାହିଁ । ଲଳିତା ମିଶ୍ର ଙ୍କୁ ଭେଟିବା ନିମନ୍ତେ ଅନେକ ଲୋକ ନାନା ଉପହାର ନେଇ ଆସନ୍ତି । କିନ୍ତୁ ପରେ ତାଙ୍କ ବିରୁଦ୍ଧରେ ଓ ତାଙ୍କ ଚରିତ୍ର ବିରୁଦ୍ଧରେ ବିଭିନ୍ନ ଟିପ୍ପଣୀ ଦିଅନ୍ତି । ଲଳିତା ମିଶ୍ର ଆଠ ଟି ଝିଅ ଙ୍କୁ ନେଇ ମେସ୍ କରି ରହନ୍ତି । ଲଳିତା ଦେବୀ ଙ୍କୁ ହାତ କରି ସୁନ୍ଦରୀ ଝିଅ ମାନଙ୍କୁ ପ୍ରେମ କରିବା ଉଦେଶ୍ୟ ରେ ସମସ୍ତେ ଆସନ୍ତି ଲଳିତା ମିଶ୍ର ଙ୍କ ନିକଟକୁ । ଲଳିତା ମିଶ୍ର ଯେତେବେଳେ ଜାଣିଛନ୍ତି ସେ ଏ ସବୁକୁ ଆଉ ପଶ୍ରୟ ଦେଇ ନାହାଁନ୍ତି । ଫଳରେ ଲୋକମାନେ ତାଙ୍କ ପଛରେ ଷଣ୍ଢ ଲଗାଇ ତାଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛେଇ ନାହାଁନ୍ତି । କୁମାରୀ ଲଳିତା ମିଶ୍ର ପ୍ରାଣ ବଞ୍ଚାଇବାକୁ ଦୌଡ଼ୁଥିବା ସମୟରେ ଲେଖକ ତାଙ୍କୁ ଷଣ୍ଡ କବଳରୁ ରକ୍ଷା କରିଛନ୍ତି । ଏବଂ ସାମ୍ବାଦିକ ଲେଖକ ଙ୍କୁ ଲଳିତା ତାଙ୍କ ଜୀବନର ସମସ୍ତ ଘଟଣାବଳୀ କୁ ପ୍ରକାଶ କରିଛନ୍ତି । ପରିଶେଷରେ ନିମ୍ନ ବକ୍ତବ୍ୟ ଭିତରେ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ପ୍ରକାଶିତ । "ଆମେ କେବଳ ହସ୍ପିଟାଲ ରେ ଜନ୍ମ ନେବୁ । ଅଫିସ୍ ରେ ଅର୍ଥ ଉପାର୍ଜନ କରିବୁ ଆଉ ଶେଷରେ ହସ୍ପିଟାଲ ରେ ମରିବୁ । ଆମ ସଭ୍ୟତା ଯେ ଆମ ପାଇଁ ଏତେ ବ୍ୟବସ୍ଥା କରିଛି ସେଥିଲାଗି ଆମ ସଭ୍ୟତା ଓ ସମାଜର ଜିନ୍ଦାବାଦ୍ ।"

ଗପ ଲାଗି ଘଟଣାଟିଏ ଏହି ଗଳ୍ପ ର ନାୟକ ପଞ୍ଚାନନ ବାବୁ ଜଣେ ଗାଳ୍ପିକ । ପତ୍ନୀ ତାଙ୍କର ହ୍ଲାଦିନୀ । ବିବାହ ର ମାତ୍ର ଦୁଇ ବର୍ଷଏବଂଏକ ମାତ୍ର ପୁତ୍ର ସନ୍ତାନ ହୋଇ ମଧ୍ୟ ସଂସାର ପ୍ରତି ତାଙ୍କର ଆଦୌ ମୋହ ନଥାଏ । ବିବାହ ଟା ତାଙ୍କୁ ଯେମିତି ଏକ ବନ୍ଧନ ପରି ମନେ ହୁଏ । ଏଣୁ ସେ ଅତୀତ ର ସେହି ସ୍ୱାଧୀନ ଜୀବନ କଥା ସ୍ମରଣ କରି

ISSN NO.
2582-208X

ସବୁବେଳେ ଦୁଃଖ ଅନୁଭବ କରନ୍ତି । ସ୍ୱାମୀଙ୍କର ଅତାଦୃଶ ବ୍ୟବହାର ରେ ଲ୍ହାଦିନୀ ଦେବୀ ଭାରି ବିଚଳିତ ହୁଅନ୍ତି । ପଞ୍ଚାନନ ବାବୁ ଭାବନ୍ତି ଏହି ବୈବାହିକ ଜୀବନରେ କଣ ଅଛି? ସବୁଦିନ ସମାନ । ଗାଳ୍ପିକ ଜୀବନ ପାଇଁ ଏହି ନିତିଦିନିଆ ଘଟଣା ଖୋରାକ ଯୋଗାଇ ପାରିବ ନାହିଁ । ଏଣୁ ସେ ଗଳ୍ପ ପାଇଁ ଘଟଣା ଖୋଜିବା ନିମନ୍ତେ ଟ୍ରେନ ଯୋଗେ ବାହାରନ୍ତି । ମାର୍ଗରେ ବନ୍ଧୁ ରଙ୍ଗାଧର ବାବୁଙ୍କ ସହ ମଧ୍ୟ ତାଙ୍କର ସାକ୍ଷାତ ହୋଇଛି । କିନ୍ତୁ ତାଙ୍କ ଜୀବନରେ ବି କିଛି ବୈଚିତ୍ର ଉପଲବ୍ଧି କରିନପାରି ସେ ବାଲେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ଫକୀର ମୋହନ ଙ୍କ ଶାନ୍ତିନିକେତନ ଠାରୁ ଆରମ୍ଭ କରି ଫରାସୀ ଓ ପାର୍ତ୍ତୁଗୀଜ ମାନଙ୍କର ସ୍ମୃତି ବିଜଡିତ ଭଗ୍ନାବଶେଷ ପର୍ଯ୍ୟନ୍ତ ବାନ୍ଧବୀ ଇନ୍ଦୁଲେଖା ଙ୍କ ଠାରୁ ଆରମ୍ଭ କରି କବି ସୀତା ବଲ୍ଲଭ ଙ୍କ ପର୍ଯ୍ୟନ୍ତ ଯାଇଛନ୍ତି । କିନ୍ତୁ କେଉଁଠାରୁ ମଧ୍ୟ ଘଟଣା ଟିଏ ସଂଗ୍ରହ କରିନପାରି ସେ ଫେରିଆସୁଥିବା ସମୟରେ ଟ୍ରେନ ରେ ତାଙ୍କର ଦୃଷ୍ଟିଗୋଚର ହୋଇଛି ତିନୋଟି ଧଳା କଳା ଓ ନାଲି ରଙ୍ଗର ଛତା । ଏହି ତିନୋଟି ଛତା ଗାଳ୍ପିକ ଙ୍କ ପ୍ରାଣ ରେ ଏକ ନୂତନ ଭାବର ସଞ୍ଚାର କରିଛି । ସେ ଏହି ତିନୋଟି ରଙ୍ଗକୁ ସତ୍ୱ, ରଜୋ, ତମୋ ତଥା ବ୍ରହ୍ମଆ, ବିଷ୍ଣୁ, ମହେଶ୍ୱର ଙ୍କ ସହ ତୁଳନା କରିଛନ୍ତି । ସେହି ଛତା ତୋନୋଟି କୁ ଦେଖି ଅନେକ କପୋଳ କଳ୍ପିତ କାହାଣୀ ଆସି ଜଡିତ ହୋଇଛି ତାଙ୍କ ସ୍ମୃତି ପଟରେ। ସେ ଗୋଟିଏ ବର୍ଷ ମଧ୍ୟରେ ୩ ଟି ଛତା ହଜାଇ ସ୍ତ୍ରୀଙ୍କ ଠାରୁ ଅନେକ ଗାଳି ଓ ଅପମାନ ଶୁଣି ସାରିଲେଣି। ଏଣୁ ଏହି ୩ ଟି ସୁନ୍ଦର ଛତା ଦେଖିବା ପରେ ଜୀବନରେ କେବେ ଚୋରି କରିନଥିଲେ ମଧ୍ୟ ପରିଶେଷରେ ଛତାଟିକୁ ଚୋରୀ କରିନେଇ ଆସିଛନ୍ତି ।

ଏହି ଗଳ୍ପ ଟିରେ କାହାଣୀ ର କୌଣସି ବିଚିତ୍ରତା ଦେଖାଯାଏ ନାହିଁ । କେବଳ ଛତା କୁ ନେଇ କାହାଣୀ ହୋଇଛି ଗତିଶୀଳ ଓ ଦୀର୍ଘ ବର୍ଣ୍ଣନାଧର୍ମୀ।

ଘୋଡା ଡିମ୍ବ -ଏହି ଗଳ୍ପ ରୁ କୌଣସି ତତ୍ୱ ତଥ୍ୟ ବା ଦର୍ଶନିକତା ଖୋଜିବା ଉଚିତ ନୁହେଁ। କିନ୍ତୁ ଘୋଡା ର ଡିମ୍ବ ଦେବା ଓ ତାକୁ କୁକୁଡ଼ା ଉଷୁମେଇବା ଏବଂ ଏଇ ଦୃଶ୍ୟକୁ କେନ୍ଦ୍ର କରି ସମଗ୍ର ପରିବାର ର ବ୍ୟାଗ୍ରତା ଓ ବ୍ୟସ୍ତତା ଗଳ୍ପ ର ଶେଷରେ ଏକ ଭିନ୍ନ ରୂପ ନେଇଛି । ଏ ଅବୋଧ୍ୟ ତଥ୍ୟ ର ଯେ ସ୍ରଷ୍ଟା ସେଇ ପରାତ୍ପର ପରମ କାରୁଣିକ ଙ୍କ

ISSN NO.
2582-208X

ଉଦ୍ଦେଶ୍ୟ ରେ ଲେଖକ ଖୁବ୍ ଭାବପ୍ରବଣ ହୋଇ ଉଠିଛନ୍ତି ଓ ସମଗ୍ର ସୃଷ୍ଟି ର ରହସ୍ୟ ଘୋଡାଡିମ୍ବ ପରି ଅବବୋଧହୀନ ବୋଲି ପ୍ରମାଣ କରିଛନ୍ତି । ଏଥିରେ ତାଙ୍କର ଶେଷ ମନ୍ତବ୍ୟ ହେଲା -ଏ ପୃଥିବୀ ଯେତିକି ସାର୍ଥକ ବୋଲି ମନେ ହୁଏ -ପ୍ରକୃତରେ କିନ୍ତୁ, ତାର ସବୁ ଅର୍ଥ ଏହିପରି ଅର୍ଥ ହୀନ ଘଟଣା ରାଜିରେ। କାରଣ, ସାରା ବ୍ରହ୍ମାଣ୍ଡ ଟା ବ୍ରହ୍ମ ର ଅଣ୍ଡ ରୁ ଜାତ ବୋଲି ସମସ୍ତ ଙ୍କୁ ଜଣା । ଏକ ଲଘୁ ହାସ୍ୟ ମୁଖର ପରିବେଶରୁ ହଠାତ୍ ଏପରି ଗୁରୁତମ ଦର୍ଶନ ମଧ୍ୟ କୁ ଲମ୍ଫ ପ୍ରଦାନ ମହାପାତ୍ର ନୀଳମଣି ଙ୍କ ଅଧିକାଂଶ ଗଳ୍ପ ର ଉଚ୍ଚତମ କୌଶଳ ବୋଲି ମନେ ହୁଏ ।

ଗଳ୍ପ ନାୟକ ଖିରୋଦ ଓ ତା'ର ବନ୍ଧୁ ଇଞ୍ଜିନିୟର ଗଜେନ୍ଦ୍ର ଙ୍କ ସହ ବାର୍ତାଳାପ ଛଳରେ କଥାବସ୍ତୁ ଗତିଶୀଳ । ଖିରୋଦ ଅନେକ ପାଠ ପଢ଼ିଛି -ଉପନ୍ୟାସ, ନାଟକ, ଗଳ୍ପ, ଇତିହାସ, ଭୂଗୋଳ, ରାଜନୀତି, ଅର୍ଥନୀତି କିନ୍ତୁ କୌଣସି ଗୋଟିଏ ବିଷୟରେ ସେ ପ୍ରବୀଣ ତା ହାସଲ କରିପାରିନାହିଁ । ପରୀକ୍ଷାରେ କେବେ ଶୀର୍ଷ ସ୍ଥାନ ଅଧିକାର କରିପାରିନାହିଁ ପିଲାଦିନେ ଜଣେ ଭଦ୍ର ବ୍ୟକ୍ତିଙ୍କ ଠାରୁ ଭବିଷ୍ୟତ ବାଣୀ ଶୁଣିବାକୁ ପାଇଛି ଏହି ପିଲା ବଡ ହୋଇ ଭାରି ବୁଦ୍ଧିମାନ ହେବ । ଏହା ଶୁଣିବା ପରେ ଖିରୋଦ ମନରେ ଏକ ଅହଂକାର ଆସିଯାଇଛି । ଶେଷରେ ଏକ ପରୀକ୍ଷା ତା ମୁଣ୍ଡକୁ ଜୁଟିଛି । ସେ ଭୀଷଣ ଗରମ ସତ୍ୱେ କମଳ ଘୋଡାଇ ସୋଇ ନାଭିତଳେ କୁକୁଡ଼ା ଅଣ୍ଡା କୁ ଉଷୁମାଇବାକୁ ଚେଷ୍ଟା କରିଛି ଓ ପ୍ରବଳ ଗରମ ପରେ ବି ଅଣ୍ଡା ଫୁଟିବା ଲାଗି ଘଣ୍ଟା କୁ ଥରେ ଚାହା ପିଇଛି । ଏହି ଦୃଶ୍ୟ ଦେଖି ଗଜେନ୍ଦ୍ର ଆଶ୍ଚର୍ଯ୍ୟ ହୋଇ ଖିରୋଦ କୁ କହିଛି ତୋର ପ୍ରତିଭା ଶେଷରେ ଏହି ଅଣ୍ଡା ଉଷୁମେଇବାର ତଥ୍ୟ ଉଦ୍ଭାବନ କଲା । ଏହାର ଉତ୍ତର ରେ ଖିରୋଦ ଏକ ତାର୍ସ୍ଲ୍ୟମୟ ହସ ହସି କହିଛି ପ୍ରତିଭା ନା ଘୋଡାଡିମ୍ବ । ପ୍ରତିଭା ଯେତେବେଳେ କୌଣସି କାର୍ଯ୍ୟ ରେ ଆସିପାରେ ନାହିଁ ତେବେ ତାହାର ପରିଣତି ଏହି ପରି ଘୋଡାଡିମ୍ବ ଉଷୁମେଇବାରେ ହିଁ ଯାଇଥାଏ ।

ବନଗହନ ର କାକଳି ଗଳ୍ପ ରେ ଜଣେ ଦୁର୍ବଳ ଉପରେ ସବଳ କିପରୀ ରାଜୁତି କରେ ତଥା ଜୋର ଯାର ମୂଳକ ତାର ଉକ୍ତି ର ସତ୍ୟତା ପ୍ରତିପାଦିତ ହୋଇଛି । ଧନ ର ମୋହ

ISSN NO.
2582-208X

କିମ୍ବା ଉକ୍ତୋଚ ପ୍ରଦାନ କରିବା ଦ୍ୱାରା କିଭଳି ତତକ୍ଷଣାତ୍ ମିଥ୍ୟା ସତ୍ୟ ରେ ଓ ଅନ୍ୟାୟ ନ୍ୟାୟ ରେ ରେ ପରିଣତ ହୋଇଯାଏ ତାହା ଏହି ଗଳ୍ପ ରୁ ଉପଲବ୍ଧି କରିବାକୁ ମିଳେ ।

ଗଳ୍ପ ଟି ମାନବେତାର ଚରିତ୍ର ମାନଙ୍କୁ ନେଇ ହୋଇଛି ଗତିଶୀଳ । ବରଗଛ ଡାଳ ରେ ବସା ବାନ୍ଧି ରହୁଥିବା ହଳଦୀ ବସନ୍ତ ର ବସା କୁ ବୁଢ଼ା ମାଙ୍କଡ଼ ଗଛ ଡାଳରେ ଡେଇଁ ଡେଇଁ ଭାଙ୍ଗି ସାରିଲାଣି । ଯେତେ ବୁଝେଇଲେ ବି ସେ ବୁଝିବାକୁ ନାରାଜ । ଯୁକ୍ତି ବାଢି କହେ ଆମେ ମାଙ୍କଡ ଜାତି ଗଛ ଡାଳରେ ଡେଇଁବା ଆମ ଅଭ୍ୟାସ । ଏଣୁ ଆମକୁ କେହି ବାଧା ଦେଇ ପାରିବେ ନାହିଁ ଏଥିରେ ହଳଦୀବସନ୍ତ ବିଚଳିତ ହେବା ସହ ବଣରେ ବାସ କରୁଥିବା କାଉ, ଗଙ୍ଗେଇ କୋଇଲି, ଆଦି ପକ୍ଷୀମାନେ ମଧ୍ୟ ଅତ୍ୟନ୍ତ ବ୍ୟତିବ୍ୟସ୍ତ ହୋଇଉଠିଛନ୍ତି । ହଳଦୀବସନ୍ତ ର ସ୍ତ୍ରୀ ଆସନ୍ନ ପ୍ରସବା ଥିବା ସତ୍ତ୍ୱେ ମାଙ୍କଡ଼ ର ଏଭଳି ଦୌରାତ୍ମ୍ୟ ନିହାତି ଦୁଃସହ ଜନକ । ଏଣୁ ଏଥିରେ କଜଳପାତି ମଧ୍ୟ ମଧ୍ୟସ୍ତତା କରିଛି । ଏବଂ ଏହାର ବିଚାର କରିବା ନିମନ୍ତେ ସେମାନେ ରାଜାଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି । ରାଜାଙ୍କ ପ୍ରଥମ ନ୍ୟାୟ ବିଚାର ହଳଦୀ ବସନ୍ତ ର ସପକ୍ଷରେ ଯାଉଥିବା ବେଳେ ପରବର୍ତ୍ତୀ ସମୟରେ ମାଙ୍କଡ ଠାରୁ ପ୍ରାପ୍ତ ପାଚିଲା ପଣସ କୁ ଦେଖି ପରବର୍ତ୍ତୀ ସମୟରେ ତାଙ୍କ ନ୍ୟାୟ ବିଚାର ବଦଳି ଯାଇଛି । ଏବଂ ସମସ୍ତ ପକ୍ଷୀ ନିରାଶ ହୋଇ ସେଠାରୁ ଫେରିଆସିଛନ୍ତି ।

ଧନେଶ୍ୱର ଚରିତାମୃତ- ଏହି ଗଳ୍ପରେ ଏକ ନିମ୍ନ ମଧ୍ୟବିତ୍ତ ପରିବାର ର ଅସହାୟତା ଏବଂ ନିଜର ସ୍ୱଳ୍ପ ଆୟ ମଧ୍ୟରେ ମିତବ୍ୟୟୀ ହୋଇ କିପରି ସଂସାର ରଥ କୁ ଆଗକୁ ଚଳେଇବାକୁ ହୁଏ ତାହା ଅତ୍ୟନ୍ତ ନାଟକୀୟ ଢଙ୍ଗରେ ଉପସ୍ଥାପନା କରିଛନ୍ତି ଗାଳ୍ପିକ ଶ୍ରୀ ମହାପାତ୍ର । ଗୋଟିଏ ମାଧ୍ୟ୍ୟବିତ୍ତ ପରିବାର ର ଦାୟିତ୍ୱ ବହନ କରିଥିବା ପରିବାର ର ମୁରବୀ ଙ୍କ ମଥା ଉପରେ ରହିଥିବା ଦାୟିତ୍ୱବୋଧ ନିଜର ସ୍ୱଳ୍ପ ଆୟରେ ଦୁଇ ଝିଅ ଗୋଟିଏ ପୁଅ ତଥା ସ୍ତ୍ରୀଙ୍କ ଅଭାବ ପୂରଣ କରିବା ନିମନ୍ତେ ଗଳ୍ପ ନାୟକ ଧନେଶ୍ୱର କିପରି ବିଫଳ ହୋଇଛନ୍ତି ତାହା ବର୍ଣ୍ଣିତ । ଗୋଟିଏ ମଧ୍ୟବିତ୍ତ ପରିବାର ନିମନ୍ତେ ନିଜର ସର୍ବ ନିମ୍ନ ଆବଶ୍ୟକତା ଖାଦ୍ୟ, ବସ୍ତ୍ର, ବାସଗୃହ ବ୍ୟତୀତ ଅନ୍ୟ କୌଣସି ଇଚ୍ଛା କରିବାର

ISSN NO.
2582-208X

ଅଧିକାର ନାହିଁ । ସଂସାର ଯେମିତି ଏକ ଛିଣ୍ଡା ପଣତ ଟିଏ ଗୋଟିଏ ପାଖ ସିଲେଇ କଲା ବେଳେ ଅନ୍ୟ ପାଖ ଚିରି ଯାଏ ତାହା ଅନୁମାନ କରିବାକୁ ହୁଏ ଏହି ଗଳ୍ପରୁ ।

ବୁଦ୍ଧନାଥ ସୌରୀନ୍ଦ୍ରି ଦେବୀ ଢାବଲ ଉପାଖ୍ୟାନ

ଲଘୁ ହାସ୍ୟରସ ଶୈଳୀ ର ପ୍ରୟୋଗ ମାଧ୍ୟମରେ ଏ ସମାଜର ତଥା କଥିତ ଅହିତକାରୀ ଓ ସ୍ୱାର୍ଥାନ୍ଧ ଲୋକ ମାନଙ୍କ ପ୍ରତି ଏକ ବିଦ୍ରୁପ ର ବାଣୀ ଶୁଣାଇଛନ୍ତି ଗାଳ୍ପିକ ।

ବୁଦ୍ଧନାଥ ବହୁତ ଖୋଜି ସାରିବା ପରେ ଭଡାଘର ଖଣ୍ଡେ ପାଇଲେ । ଘରଭଡା ମାତ୍ର ତିରିଶି ଟଙ୍କା । ଘରର ଅବସ୍ଥା ଏତେ ଶୋଚନୀୟ ଯେ ନକହିବା ଭଲ । ଘରଟି ବୁଦ୍ଧନାଥ ଙ୍କ କର୍ମକ୍ଷେତ୍ର ଠାରୁ ମାତ୍ର ୩ ମାଇଲ୍ ଦୂରରେ । ଘର ଆଗରେ ଖୋଲା ନର୍ଦ୍ଦମା । ଘର କହିଲେ ମାତ୍ର ୨ ଟି ବଖରା । ଗୋଟିଏ ରୋଷ ଘର ଆଉ ସେଇଟା ହିଁ ଭଣ୍ଡାର ଘର । ଶୋଇବା ପାଇଁ ମାତ୍ର ଗୋଟିଏ ଛୋଟିଆ ବଖରା । ବୁଦ୍ଧନାଥ ଘରଣୀ ଘର ଦେଖି ମୁହଁ ମୋଡ଼ି ଦେଲେ ଓ କହିଲେ ଏ ଘର ନା ଛେଳି ଗୁହାଳ । ପାଞ୍ଚ ପାଞ୍ଚ ଟା ଛୁଆ ଙ୍କୁ ନେଇ ଏ ଘରେ ଚଳିବେ କେମିତି ଭାବି ସେ ବ୍ୟତିବ୍ୟସ୍ତ ହୋଇପଡିଲେ ଓ ସ୍ୱାମୀଙ୍କୁ ଏ ସବୁ ପାଇଁ ଦାୟୀ କଲେ । ଏହି ଘର ବଦଳାଅ ନହେଲେ ମୁଁ ଛୁଆ ପିଲାଙ୍କୁ ନେଇ ମୋ ବାପ ଘରକୁ ଚାଲିଯିବି କହି ଛୁଆ ପିଲାଙ୍କୁ ନେଇ ଘରୁ ବାହାରୁ ଥିବା ବେଳେ ବୁଦ୍ଧନାଥ ଙ୍କ ଜଣେ ବନ୍ଧୁ ଆଦିକନ୍ଦ ଆସି ପହଞ୍ଚିଛନ୍ତି । ବୁଦ୍ଧନାଥ ବନ୍ଧୁ ଙ୍କ ଆଗରେ କ୍ରୋଧକୁ ଟିକେ ଶାନ୍ତ କରିବା ନିମନ୍ତେ ପତ୍ନୀ ଙ୍କୁ ପରାମର୍ଶ ଦେଇଛନ୍ତି । ବନ୍ଧୁ ଆଦିକନ୍ଦ କିନ୍ତୁ କିରୋସିନ ପଟା ର ଢାବଲ ଗୁଡାକ ବନ୍ଧୁ ଘରେ ରଖିଦେଇ ନିଜର ବ୍ୟବସାୟ କରିବା ନିମନ୍ତେ ବାହାରକୁ ଚାଲିଯାଇଛନ୍ତି ଯେ ଆଉ ଫେରିନାହାନ୍ତି । ଦୁଇ ମାସ ପରେ ବନ୍ଧୁ ପାଖକୁ ଚିଠି ଲେଖି ପୁଣି ଜଣାଇଛନ୍ତି ବର୍ତ୍ତମାନ ଯାଇ ଢାବଲ ଗୁଡାକ ଆଣିପାରିବି ନାହିଁ । ଆଉ ଦୁଇ ମାସ ପରେ ନେଇ ଆସିବି ବୋଲି ଶୁଣେଇ ଦେଇଛନ୍ତି । ଏହା ଶୁଣି ବୁଦ୍ଧିନାଥ ରାଗି ନିଆଁବାଣ ହୋଇ ପଡିଛନ୍ତି କାରଣ ଘରର ଅବସ୍ଥା ଯାହା କହିଲେ ନସରେ ଢାବଲ ଗୁଡାକ ତଳେ ମଶା, ଅସରପା, ଝିଟିପିଟି,

ISSN NO.
2582-208X

ମୂଷା ଆଦି ଙ୍କ ଘର ହୋଇଗଲାଣି ପୁଣି ସାନପୁଅ ମୁନାକୁ ଚୁଚୁନ୍ଦ୍ରା କାମୁଡି ଦେଇଛି ଢ଼ାବଲ ଟେକି ଦେଖିଲା ବେଳକୁ ଗଦା ଗଦା ଚୁଚୁନ୍ଦ୍ରା ଛୁଆ ତାରି ତଳୁ ବାହାରିଛନ୍ତି । ବୁଦ୍ଧିନାଥ ସେହି ଢ଼ାବଲ ଗୁଡାକୁ ବାହାରକୁ ବାହାର କରି ସେଥିରେ ଅଗ୍ନି ସଂଯୋଗ କରିଛନ୍ତି । ଏବଂ ପୁଅକୁ ନେଇ ଡାକ୍ତରଖାନା ଯାଇଛନ୍ତି । କିନ୍ତୁ ଡାକ୍ତର କ୍ଷତ ଟିକୁ ଦେଖିବା ପରେ ଏହା ସାପ କିମ୍ବା ଚୁଚୁନ୍ଦ୍ରା କାମୁଡା ନୁହଁ ଲୁହା କଣ୍ଟା ବାଜି ଆଘାତ ହୋଇଥିବା କଥା କହିଛନ୍ତି । ବୁଦ୍ଧିନାଥ କିନ୍ତୁ ନିଜ ଘରେ ତ ଜାଗାର ଅଭାବ ପୁଣି ସ୍ୱାର୍ଥପର ବନ୍ଧୁ ଙ୍କ ଯୋଗୁଁ ଏତେ ସବୁ ଅଘଟଣ ଘଟିଯିବା କଥା ହୃଦୟଙ୍ଗମ କରିପାରିଛନ୍ତି ।

ବାଘର ବିଳାପ-ମନୁଷ୍ୟ ଜନ୍ମ ଅତି ଶ୍ରେଷ୍ଠ ଜନ୍ମ ଟିଏ । ଅନେକ ଯୋନି ରେ ଜନ୍ମ ମୃତ୍ୟୁ ର ଚକ୍ର ରେ ଘୁରି ସାରିବା ପରେ ନିଜର ପୂର୍ବ ଜନ୍ମର କିଛି ପୂଣ୍ୟ ଫଳ ଯୋଗୁଁ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଥାଏ । ଯାହାକି ଅତ୍ୟନ୍ତ ଦୁର୍ଲଭ । ମନୁଷ୍ୟ ଜନ୍ମ ପାଇବା ପରେ ସାଧନା ବଳରେ ବାଘ ହବା କିନ୍ତୁ ପୁଣିଥରେ ପୂର୍ବ ଅବସ୍ଥା କୁ ଫେରି ନ ପାରିବାରେ ଯେଉଁ ବିଡମ୍ବନା, ଯେଉଁ ଯନ୍ତ୍ରଣା ତାହା ଏହି ଗଳ୍ପ ରୁ ଅନୁମାନ କରିହୁଏ । ବାଘ ର ଶରୀର ମଧ୍ୟରୁ ମନୁଷ୍ୟ ର ଆତ୍ମା ଟିଏ କିପରି ଚିତ୍କାର କରି ବିଳପି ଉଠେ । ଏବଂ ତାହାର ଚିତ୍କାର କୁ କେହି ବୁଝିପାରନ୍ତି ନାହିଁ ଯେହେତୁ ସେ ଏକ ପଶୁ । ତେଣୁ ତାର ଭାଷା କୁ ମଣିଷ ବା କିପରି ବୁଝିପାରିବ । ପଶୁଟିର ସେହି କରୁଣ ଆର୍ତ୍ତ ଚିତ୍କାର କୁ ମଣିଷ ସମାଜ କିପରି ବୁଝିବାକୁ ଅସମର୍ଥ ହୋଇଛି ତାହା ଏହି ଗଳ୍ପରେ ଦର୍ଶାଇଛନ୍ତି ଗାଳ୍ପିକ ।

ଧରମୁକୁଣ୍ଡ ଏକ ବିଚକ୍ଷଣ ତାନ୍ତ୍ରିକ । ତାର ଗୁଣି ଗାରେଡି ମନ୍ତ୍ର ତନ୍ତ୍ର ବଳରେ ସେ ସେ କେତେ ଅସମ୍ଭବ କୁ ମଧ୍ୟ ସମ୍ଭବ କରିଦିଏ । କେତେ ଭୟଙ୍କର ଡାହାଣୀ ମାନଙ୍କୁ ସାହାଡ଼ା ଗଛରେ ବାନ୍ଧି ରଖିଛି । ତାର ତନ୍ତ୍ର ଶକ୍ତି ବଳରେ ବାଘ ଆସି ପ୍ରତିଦିନ ତାର ଦ୍ୱାର ମୁହଁ ରେ ଖାସିମାଂସ ଆଣି ଦେଇଯାଏ । ମାଙ୍କଡ ପରିବା ଏବଂ ଓଧ ପ୍ରତିଦିନ ଆସି ମାଂସ ଦେଇଯାଏ । ନିଜର ତନ୍ତ୍ର ସାଧନା ବଳରେ ସେ ସବୁ ଅସମ୍ଭବ କୁ ସମ୍ଭବ କରିଦେଉଥିଲା । ଧରମୁକୁଣ୍ଡ ତନ୍ତ୍ର ସାଧନା ରେ ବହୁ ପୁରସ୍କାର ମଧ୍ୟ୍ୟ ପାଇଛି । ସେ ଲୋକଙ୍କୁ ସାହାର୍ଯ୍ୟ କରିଛି କିନ୍ତୁ କାହା ଠାରୁ ଟଙ୍କାଟିଏ ବି ନିଏନାହିଁ । କିନ୍ତୁ ଦିନେ ପତ୍ନୀ ଉପରେ ବିଶ୍ୱାସ କରି

ISSN NO.
2582-208X

ସେ ବାଘ ବେଶରେ ଜଙ୍ଗଲ କୁ ଛେଳି ହରିଣ ଆଦି ଶିକାର କରିବାକୁ ଯାଇଛି । ଏବଂ ମନ୍ତୁରା ହଳଦୀପାଣି ରଖି ସ୍ତ୍ରୀ କୁ ମୁଁ ଫେରିବା ପରେ ଏହି ମନ୍ତୁରା ପାଣି ମୋ ଦେହରେ ବୋଳିଦେବୁ ବୋଲି କହିଛି । ସଦ୍ୟ ଛେଳି ଶିକାର କରି ଫେରୁଥିବା ବାଘ କୁ ଦେଖି ସ୍ତ୍ରୀ ଭୟଭୀତ ହୋଇ କବାଟ ଖୋଲିନାହିଁ ଓ ପାଖକୁ ମଧ୍ୟ ଯାଇନାହିଁ । ଭୟରେ ସେ ମନ୍ତୁରା ପାଣିକୁ ଝରକା ପଟେ ଫୋପାଡ଼ି ଦେଇଛି । କିନ୍ତୁ ଟୋପାଏ ଦି ଟୋପା ପାଣି କୁ ଛାଡିଦେଲେ ବାକି ସବୁ ପାଣି ତଳେ ପଡି ବାଲିରେ ଭିଜିଯାଇଛି । ଏହି ସମୟରେ ରାତ୍ରୀ ର ପରିସମାପ୍ତି ଘଟିଛି । ଧରାମୁକୁଣ୍ଡ ର ବ୍ୟାଘ୍ର ଶରୀର ଆଉ ମଣିଷ ହୋଇପାରିବ ନାହିଁ । ସେ ବିଳାପ କରି ଉଠିଛି । ଚିତ୍କାର କରିଛି କିନ୍ତୁ ତାର ଭାଷା କୁ କେହି ମଧ୍ୟ ବୁଝି ପାରିନାହାଁନ୍ତି । ପତ୍ନୀ ହୋଇଥିଲେ ମଧ୍ୟ ଗୋଟିଏ ବାଘ ଯେ ତାର ସ୍ୱାମୀ ହୋଇପାରେ ଏହି ସନ୍ଦେହ ସୃଷ୍ଟି ହୋଇଛି ସ୍ତ୍ରୀ ମନରେ ସେ ଭୟରେ ତା ଠାରୁ ଦୂରେଇ ରହିଛି ।ବିଚରା ବାଘ ଆଉ ମଣିଷ ହୋଇପାରିନାହିଁ ଏବଂ ଦିନର ଆଲୁଅ ରେ ମଣିଷ ଙ୍କ ସହ ଆଉ ସେ ରହିପାରିବ ନାହିଁ ତେଣୁ ଅତ୍ୟନ୍ତ ଦୁଃଖ ରେ ସେ ଜଙ୍ଗଲ ମଧ୍ୟ କୁ ଚାଲିଯାଇଛି ।

ବାସ୍ତବିକ ଅନ୍ୟକୁ ଭରଷା କରି ନିଆଯାଉଥିବା ପଦକ୍ଷେପ ଓ କରାଯାଉଥିବା କାର୍ଯ୍ୟ ମଣିଷକୁ କେଉଁଭଳି ଅସୁବିଧା ରେ ପକାଇଥାଏ । ତାହା ହିଁ ଏହି ଗଳ୍ପ ର ପରିଣତି । ଏବଂ ମନ୍ତ୍ର ଯନ୍ତ୍ର କରୁଥିବା ଲୋକର ବଂଶ ରେ କେହି ରହିବେ ନାହିଁ ତାର ବଂଶ ଲୋପ ପାଇଯାଏ । ତାହା ଏହି ଗଳ୍ପ ରୁ ଅନୁମାନ କରିହୁଏ ।

## ପତ୍ନତତ୍ତ୍ୱବିତ୍

ଗଳ୍ପଟି ଉଚ୍ଚଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କ ମଗ୍ନ ମାନସିକତାର ଏକ ସଫଳ ରୂପାୟନ । ବିଚିତ୍ରାନନ୍ଦ ପତ୍ନତତ୍ତ୍ୱ ଉପରେ ଦୀର୍ଘ ସମୟ ଧରି ଗବେଷଣା କରିଚାଲିଛନ୍ତି । ଯାହାର ପରିଣତି ରେ ତାଙ୍କର ବାସଗୃହଟି ଗୋଟିଏ ଛୋଟ ମ୍ୟୁଜିୟମ୍ ରେ ପରିଣତ ହୋଇଯାଇଛି । ଯେଉଁ ସ୍ଥାନରେ ଏକଦା ଘରର ଆସବାବ ପତ୍ର ଶୋଭା ପାଉଥିଲା, ସେଠାରେ ସଜ୍ଜିତ ହୋଇଛି ଭୂଖୋଦିତ ଭଗ୍ନମୂର୍ତ୍ତି, ମୃତ୍ତିକା ପାତ୍ର, ନରକପାଳ, ଓ ନର କଙ୍କାଳ । ଏଗୁଡିକୁ ନେଇ

ISSN NO.
2582-208X

ପରୀକ୍ଷା କରିବାର ଦୀର୍ଘ ପ୍ରୟାସ ମଧ୍ୟରେ ବିଚିତ୍ରାନନ୍ଦ ନିଜ ପରିବାର ର ଦାୟିତ୍ୱବୋଧ କୁ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି । ଗବେଷଣା ର ନିଷ୍ଠାପର ସାଧନା ଓ ପରିବାର ର ଦାୟିତ୍ୱବୋଧ ମଧ୍ୟରେ ଚରିତ୍ରଟିର ମାନସିକ ଦ୍ୱନ୍ଦ ହିଁ ଗଳ୍ପଟିର କଥାବସ୍ତୁ ଭାବରେ ଗୃହୀତ ।

ଉପସଂହାର

ପ୍ରେମ ର ଅପ୍ରାପ୍ତି, ନାରୀ ଜୀବନ ର ପୁଞ୍ଜିଭୂତ ଅସହାୟତା ଓ ଅଭାବ ବୋଧ ତଥା କାରୁଣ୍ୟ ର ଆଲେଖ୍ୟ ଏବଂ ନାରୀ ମନସ୍ତତ୍ୱ ଟିକୁ ଅତି ନିଖୁଣ ଭାବରେ ଉପସ୍ଥାପନ କରିପାରନ୍ତି ଗାଳ୍ପିକ ଶ୍ରୀ ମହାପାତ୍ର । ସମସ୍ତ ସମୁନ୍ନତ ଜୀବନୀଧର୍ମୀ ଗଳ୍ପ ଭଳି ଲଘୁହାସ୍ୟ ରସ ର ଛଟା ତାଙ୍କ କୋଉ ଗଳ୍ପ ର ଉପରିସ୍ଥ ଭାଗଟି ନାହିଁ ବୋଲି ନୁହେଁ । ପ୍ରତ୍ୟକଟି ଗଳ୍ପ ର ସେହି ଊର୍ମିଳ ହାସ୍ୟ ର ଆନ୍ତରାଳରୁ ଚିର ସଜଳ କାରୁଣ୍ୟ ର ଗଭୀର ଆର୍ତ୍ତିତ ଅଶ୍ରୁ ସ୍ପଷ୍ଟ ବାରି ହୁଏ । ଲଘୁ ହାସ୍ୟ ର ପ୍ରୟୋଗ ଓ ନାଟକୀୟ ଢଙ୍ଗରେ ପାଠକ କୁ ବିଷୟ ସହିତ ବାନ୍ଧି ରଖିବାର କଳା ଶ୍ରୀ ମହାପାତ୍ର ଙ୍କୁ ବେଶ୍ ଜଣା ।

ସହାୟକ ଗ୍ରନ୍ଥସୂଚୀ

ରାନୁ ଅପା ଠାରୁ ପୁଷି ପର୍ଯ୍ୟନ୍ତ -ମହାପାତ୍ର ନୀଳମଣି ସାହୁ
ଅଭିଶପ୍ତ ଗନ୍ଧର୍ବ -ମହାପାତ୍ର ନୀଳମଣି ସାହୁ
ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା -ଡକ୍ଟର ବ୍ରହ୍ମାନନ୍ଦ ଖୁଣ୍ଟିଆ
ଓଡ଼ିଆ କ୍ଷୁଦ୍ରଗଳ୍ପ ଧରା ଓ ଧାରା – ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଶ୍ରୀଦତ୍ତା ନିର୍ଝରିଣୀ

ଅତିଥି ଅଧାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# କବି କବିତା



ବେଣୁଧର ସୂତାର

ଶବ୍ଦ ବିଭୂତିର  ମହକ ମାଳାରେ
ସୃଷ୍ଟି କରେ ସାହିତ୍ୟରେ ବନ୍ୟା
ରୂପ ମାଧୁର୍ଯ୍ୟର ଚାରୁ ରୂପନ୍ୟାସ
ସେପରା କବିର ମାନସ କନ୍ୟା ।

ବାଣୀ ନିରାଜନା  ଅପୂର୍ବ ସାଧନା
ଭାବରସ ଉଦ୍ଦାମ ତରଙ୍ଗେ
ସାଜେ ଯୋଗାରୂଢ଼
କଳ୍ପଯୋଗୀ କବି
ଭାବନାର ଅମୃତ ପରାଗେ ।

ସମୟରସ୍ରୋତେ କଳ୍ପନାରପୋତେ
ଚେତନାର ପ୍ରତିଟି ବିନ୍ଦୁରେ
ଦିବ୍ୟ ରୂପାନ୍ତର କବିତା ସମ୍ଭାର
ସୁଧାମୟ ସାହିତ୍ୟ ସିନ୍ଧୁରେ ।

ସୃଷ୍ଟିର ଅସ୍ତିତ୍ୱେ ଜ୍ଞାନଗୂଢତତ୍ତ୍ୱେ
ଅନୁରାଗେ ରଙ୍ଗ ଦିଅ ବୋଳି

ISSN NO.
2582-208X

ଶବ୍ଦମଧୁ ରଙ୍ଗେ ଭାବର ତରଙ୍ଗେ
ଲଳିତ ଲେଖନୀ ପଦ୍ୟାବଳୀ ।

ମାନସ ପ୍ରସୂତା ଲାବଣ୍ୟ କବିତା
ଜନ ମାନସରେ ଭରେ ଚେତନା
ଅମୃତ ଭାବନା ନବ ସନ୍ଦିପନା
ଆର୍ଯ୍ୟ ଧର୍ମ ନ୍ୟାୟ ସଙ୍ଗତି ସିନା ।

ଲଳିତ ଭାଷାର ପ୍ରଭାମୟ ଦୀପ୍ତି
ପ୍ରଜ୍ଞାପୀୟୂଷ ର ଅଥଳ ସିନ୍ଧୁ
ଜ୍ଞାନାଲୋକ ଧାରେ
ସାହିତ୍ୟାକାଶର
ଉଇଁ ଆସେ କିବା ପୂର୍ଣ୍ଣିମା ଇନ୍ଦୁ ।

ଛନ୍ଦମୟ ଭାଷା ବିଭୂଷିତ ଆଶା
ଜ୍ଞାନାଞ୍ଜନ ଝରା ସୃଜନ ଲତା
ଦିବ୍ୟ ଚେତନାର ପ୍ରଜ୍ଞାମୟୀ ସେତ
ନିଖିଳ ମୋହିନୀ କନ୍ୟା କବିତା ।

ସମ୍ବେଦନଶୀଳା ସଂପ୍ରୀତି ପଖଳା
ରସ ରହସ୍ୟର ଚାରୁ କଳିକା
କବିତା କାମିନୀ ମତ୍ତ ଉଲ୍ଲାସିନୀ
କବି ମନ ମରୁଦ୍ୟାନ ମଲ୍ଲୀକା ।

ଜ୍ଞାନର ସାଗର ପ୍ରଜ୍ଞାର ଆଗାର
କବିତାର କଳ କଲ୍ଲୋଳ ରସ

ISSN NO.
2582-208X

ଚିର ଅମଳିନ  କବିର ସୃଜନ
କରି ପାରେନାହିଁ ତା କାଳଗ୍ରାସ  ।

କବି ଓ କବିତା  ଭାବ ଗମ୍ଭୀରତା
ଲଳିତ ଲେଖନୀ ଅମୃତ ଝରା
ବିନା ଆଶ୍ରାରେ ତ ତିଷ୍ଠି ନପାରଇ
କବିତା ବନିତା ଜୀବନ ଧାରା  ।

ଶ୍ରୋତାବକ୍ତା ସିନା ତାରଆଶ୍ରାଦାତା
ଅକ୍ଷୟ ଅତୁଟ ଯାର ଆୟୁଷ
ଚିରଞ୍ଜିବୀ  ହୁଏ କବିତା କୁମାରୀ
ବତରି ତ୍ରିପୁରେ ଜ୍ଞାନ ପୀୟୂଷ  ।

କେଶଦୁର୍ଗାପାଳ  କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଗୁହାରି ଶୁଣ ସରକାର



ଚତରଞ୍ଜନ ବେହେରା

ଗୁହାରି ଶୁଣ ସରକାର
ଆମକୁ ଦିଅ ଅଧିକାର.....
ଆମ ଇଚ୍ଛା କର ପୂରଣ
ବଧିର ହେଲ କି ନ ଶୁଣ.....!!
ଚାଉଳ ତ ଦେଲ ମାଗଣାରେ ତମେ
ଜମି ଖଣ୍ଡେ ଦେଲ ନାହିଁ......
ଶୌଚାଳୟ ଦେଲ ଝାଡ଼ା ଯିବା ପାଇଁ
ଶୌଚ ପାଇଁ ପାଣି କାହିଁ.....!!
ଥରେ ବୁଝ ପାଣି କସଣ......
ବଧିର ହେଲ କି ନ ଶୁଣ......!!!
ଗୁହାରି ଶୁଣ ସରକାର
ଆମକୁ ଦିଅ ଅଧିକାର..........!!!!!
ମାଗଣା ଜିନିଷ ଦରକାର ନାହିଁ
ଇଚ୍ଛା ଆତ୍ମନିଯୁକ୍ତିରେ......

ତମେ ମନ୍ତ୍ରୀଗଣ ସବୁ ଜାଣିଶୁଣି
ବସିଛ ମହା ଖୁସିରେ.....!!
ଥରେ ବୁଝ ଜନତା ମନ......
ବଧିର ହେଲ କି ନ ଶୁଣ.......!!!
ଗୁହାରି ଶୁଣ ସରକାର
ଆମକୁ ଦିଅ ଅଧିକାର.....!!!!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ପାପକ୍ଷୟ ଘାଟ



ଗୀତାଞ୍ଜଳି ମିଶ୍ର

ବୁଢା ବରଗଛ ସାକ୍ଷୀ ରହିଅଛି
ପାପକ୍ଷୟ ଘାଟେ ଥାଇ
କେତେ ବଡ ବ୍ୟାଧି ଖୁର୍ଣ୍ଣ ହୋଇଥିଲା
ଜନ୍ମ ଜନ୍ମାନ୍ତର ପାଇଁ ।
ଚିର ସ୍ରୋତା ନଦୀ ବହି ଯାଉଅଛି
ଯାର ପାଦ ଦେଶ ତଳେ
ପାପ ତାପ ସର୍ବ ହରଣ ହୋଇବ
ଗ୍ରହଣେ ସ୍ନାଆନ କଲେ ।
ଦର୍ଶନୀୟ ସ୍ଥାନ ବୋଲି ପାପକ୍ଷୟ
ପାଇଛି ଗୋଟିଏ ମାନ୍ୟ
ବିନିକା ସହରେ ଅଛି ବୋଲି ସେତ
ଜୀବନ ହୋଇଛି ଧନ୍ୟ ।
ପାତାଳି , ଚରଦା, ଦେବୀ ମେଟାକାନି
ପାସ୍ୱେ ପାଶ୍ୱେ ବିରାଜିତ
କୋଟି ପୁଣ୍ୟବାନ ଅଟେ ସେ ନିବାସୀ
ସେବା କରେ ଯିଏ ନିତ୍ୟ ।

ISSN NO.
2582-208X

ଅଟଳ ବିହାରୀ ଏ ପୁଣ୍ୟ ଭୂଇଁରେ
ଅର୍ଜିଥିଲେ ଦିନେ ମାନ
ଦେଶ ବିଦେଶରେ କଳାକାର ନାମେ
ଲଭିଲେ ରାଷ୍ଟ୍ର ସମ୍ମାନ ।
ପାପକ୍ଷୟ ସ୍ଥାନ ଅଟେ ପୁଣ୍ୟ ଧାମ
ଅତି ମନୋରମ ସ୍ଥାନ
ବରଷ କେ ଥରେ ବୁଡ଼ ପକାଇଲେ
ମନସ୍କାମ ହେବ ପୂର୍ଣ୍ଣ ।
ଆଶା ଓ ଆକାଂକ୍ଷା ନେଇ ଆସୁଛନ୍ତି
କେତେ କେତେ ତୀର୍ଥ ଯାତ୍ରୀ
ମାଆ ନାରାୟଣୀ ସଦୟ ହୋଇବୁ
କରୁଅଛି ମୁଁ ବିନତି ॥

ବିନକା, ସୁବର୍ଣ୍ଣପୁର

ISSN NO.
2582-208X

# ଧରିତ୍ରୀ ଧରିଛି ଧର୍ମ ନିକିତି



ବିନୋଦିନୀ ଦାଶ

ଧର୍ମ ଅଧର୍ମରେ ମାତଇ ମାନବ
ଭାବି ନିଜଠାରେ ଅସୀମ ଶକ୍ତି
କର୍ମ ପରିଣାମ ଦର୍ଶାଇବା ପାଇଁ
ଧରିତ୍ରୀ ଧରିଛି ଧର୍ମ ନିକିତି ।

ଅଧର୍ମେ ପୃଥିବୀ ଧେନୁ ରୂପ ଧରି
ଶସ୍ୟବୀଜସବୁ ଖାଇ ଲୁଚିଲା
ପୃଥୁ ନରପତି ଧରମ ବଳରେ
କ୍ଷୀର ସ୍ରବୀ ଶସ୍ୟଶ୍ୟାମଳା ହେଲା ।

ବର୍ଣ୍ଣଇ ଏକଥା ପୁରାଣର ଗାଥା
ଯାହା ସତ ସମ ପ୍ରତୀୟମାନ
ଧରିତ୍ରୀ କୋପରେ ପ୍ରକୃତି କୋଳରେ
ଆଜି ବି ତାଣ୍ଡବଲୀଳା ଦର୍ଶନ ।

ISSN NO.
2582-208X

କେବେ ବନ୍ୟା, ବାତ୍ୟା କେବେ ଭୂମିକମ୍ପ
ସାଗରରେ କେବେ ଆସେ ସୁନାମୀ
ଟର୍ଣ୍ଣାଡୋ ରୂପରେ ବିସ୍ତୀର୍ଣ୍ଣ ଭୂଖଣ୍ଡେ
କେବେ ବାୟୁ ହୁଅଇ ବେଗଗାମୀ ।

ଧର୍ମ ହେଲେ କ୍ଷୀଣ ଧରା ପ୍ରତିକ୍ଷଣ
ପାପର ଭାରାରେ କରି ରୋଦନ
ଶିକ୍ଷାଦେବା ପାଇଁ ତାଣ୍ଡବ ରଚଇ
ଭୟରେ କାତର ମଣିଷ ମନ ।

ଏ ଦୁର୍ବିପାକରେ ଅସଂଖ୍ୟ ସଂହାରେ
ନିକିତିରେ ପାପ ପୁଣ୍ୟ ତଉଲି
ନାହିଁ କା' ସାମର୍ଥ୍ୟ କରିବାକୁ ରୋଧ
ଜ୍ଞାନନେତ୍ର ଯେତେ ପାରିଲେ ଖୋଲି ।

ଧରଣୀର ଧନ ପରା ଯେତେ ବଣ
ପାହାଡ଼, ପର୍ବତ, ଜଳର ଉତ୍ସ
ତାହାର ସୁରକ୍ଷା ଆମ ଜୀବ ରକ୍ଷା
ଏଥିରେ ସକଳେ ଲଗାଅ ମନ ।

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ଆପଣଙ୍କର ଅଛି



ଓଟେରି ସେଲଭ୍ କୁମାର

ମୁଁ ତୁମକୁ ଏମିତି କଥା କହିବାକୁ ଜିଦ୍ କରେ ଯାହା ମୁଁ ତୁମକୁ କହିନଥିଲି ।
ମୁଁ ତୁମର ପ୍ରିୟ ଶବ୍ଦରେ ଅଛି
ତୁମ ପ୍ରତି ମୋର ହୃଦୟ
ମୁଁ ମୋର ପ୍ରିୟ ଶବ୍ଦରେ ଅଂଶୀଦାର କରେ ...
ତୁମ ର ହୃଦୟ
ରେକର୍ଡ କରାଯାଇପାରିବ ଶବ୍ଦଗୁଡିକରେ ଅଂଶୀଦାର କରାଯାଇପାରେ
ନୂଆ ଅର୍ଥ ହୃଦୟ ନୁହେଁ ବରଂ ପ୍ରେମ... ପ୍ରେମର ହୃଦୟ [ସମ୍ପାଦନା]
ତେବେ ଖେଳ କ'ଣ ? କଣ ସେଠାରେ ?
ମୋତେ କ'ଣ କୁହନ୍ତୁ
ମୁଁ ଆପଣଙ୍କୁ ଅନୁରୋଧ କରୁଛି, ପ୍ରେମଠାରୁ ଅଧିକ ଅର୍ଥ ରହିପାରିବ କି ?
ମୁଁ କଣ କହିପାରିବି ?
ବାସ୍ତବତା ପ୍ରେମର ନୂତନ ଅର୍ଥର ମିଶ୍ରଣ ଅଧ୍ୟାୟ
ମୁଁ ତୁମ ସହ ସହମତ... ?
ହୃଦୟରେ
ଏହା ଆନନ୍ଦ ପାଉଛି
ଏହା ତୁମ ପାଇଁ ମଧ୍ୟ ମୋ ହୃଦୟରୁ ....

ISSN NO.
2582-208X

# ମଧୁ ମାଳତୀ



ଡାଃ· ଅନତା ପଣ୍ଡା

## ପରିବାର ରଜ୍ଜୁ

(୯)

ସବୁଥିରେ ଅସଫଳତା ଲାଭ କରି ବାଲୁ ଭାଇନା ସହ ପୁଣି ଥରେ ସଂପର୍କ କରିଥିଲା ମାଳତୀ । ନେଞ୍ଜା ସହ ୟାଙ୍କର ଖରାପ ସଂପର୍କକୁ ପ୍ରାଞ୍ଜଳ ଭାବରେ ବଖାଣିଲା । ସବୁ କଥାର ସାରାଂଶ ଥିଲା ଅମର ୟାଙ୍କର ନିଜ ରକ୍ତ । ଯେଉଁଥିପାଇଁ ସେ ତା'ର କଲେଜ ବାନ୍ଧବୀର ସାହାଯ୍ୟ ଭିକ୍ଷା କରିଥିଲା । ବାନ୍ଧବୀର ମା ଡ଼ିଏନ୍ଏ ଟେଷ୍ଟ ପାଇଁ ଗୁପ୍ତ ପ୍ରସ୍ତାବ ଦେଇଥିଲେ । ଯାହା ୟାଙ୍କୁ ମଞ୍ଜୁର ନଥିଲା । ବାଲୁ ଭାଇନା ତାକୁ ଭରସା ଦିଆଇଥିଲା । ଏଇଟା ଆମ ପାଇଁ ବହୁତ ବଡ଼ ପ୍ରମାଣ, ଯଦି ଏହା ସତ ନୁହେଁ ତେବେ ମଧୁବାବୁ କାହିଁକି ପରୀକ୍ଷା କରାଇବା ପାଇଁ ରାଜି ହେଉ ନାହାନ୍ତି । ଏଇ ପଛଘୁଞ୍ଚା ସୂଚାଇ ଦେଉଛି ଯେ ଉଡ଼ା କଥାଟି ଉଡ଼ା ନୁହେଁ ପ୍ରତିଷ୍ଠିତ । ତେଣୁ ସେ ଶ୍ରୀମତୀ ମାଳତୀ ଦେବୀଙ୍କୁ ତାଙ୍କଠାରୁ ଦୂରେଇ ରଖିବା ସଂଗେ ସଂଗେ ତାଙ୍କର ସବୁ କିଛି ତତ୍ତ୍ୱାବଧାନର ଦାୟିତ୍ୱ ତାଙ୍କ ଉପରେ । ଉକ୍ତ ପରୀପ୍ରେକ୍ଷୀରେ କୋର୍ଟ ତାଙ୍କୁ ତିନି ବର୍ଷ ପାଇଁ ଅଲଗା ରହିବା ପାଇଁ ନିର୍ଦ୍ଦେଶ କରିଥିଲା । ମଧୁସୂଦନ ମାଳତୀକୁ ନେଇ ଗାଁରେ ମା' ପାଖେ ଛାଡ଼ି ଆସିଥିଲା ।

ମାଳତୀ ଠାରୁ ଗୋଟି ଗୋଟି କଥା ଶୁଣିଥିଲେ ଶଶିକଳା । ପୁଅ ଉପରେ ତାଙ୍କର ପ୍ରଗାଢ଼ ଆସ୍ଥା ଥିଲା । ସ୍ୱାମୀ, ଶ୍ୱଶୁର ଦିହେଁ ଖବରଟି ଜାଣି ଚୁପ୍ । ମଧୁ ଗାଁକୁ ଆସିଥିଲା ସତ କିନ୍ତୁ ଜେଜମ, ବାପା, ମା' କାହାରି ନିକଟରେ ନିଜର ସଫାଇ ଦେଇନଥିଲା । ଏକ ତରଫା ବିଚାର । ଅର୍ଥାତ୍ ଅନ୍ୟ ପକ୍ଷର କିଛି କହିବାର ନାହିଁ ।

ISSN NO.
2582-208X

ମାଳତୀ ଦୁଃଖ କରୁଥିଲା । ମୁଁ ଏବେ ସବୁରି ଉପରେ ବୋଝ ହେଇଗଲି ମା' । ଜଜମ୍ କାହିଁକି ଚୁପ୍ ରହୁଛନ୍ତି । ମୁଁ ସତ କହୁଛି ମା', ନେଞ୍ଜାଦିଦି ଆଉ ତା' ପୁଅ କଥା ବାହାର ଲୋକମାନଙ୍କ ମୁହଁରୁ ଶୁଣି ଶୁଣି ମୁଁ ଅଥୟ ହୋଇ ପଡ଼ିଥିଲି । କଥା ଯେ ଏତେ ଦୂରକୁ ଚାଲିଯିବ ସେ କଥା ମୁଁ ସ୍ୱପ୍ନରେ ବି ଭାବି ନଥିଲି, ବୋଉ ତା ଦୁଃଖରେ । ବାଲୁ ଭାଇନା ଆଗରେ ଗାଇ ଯାଇଥିଲି । ତା' ଓକିଲିଆ ବୁଦ୍ଧିରେ ସେ କଥାଟାକୁ ଏତେ ଆଗେଇ ନବ ବୋଲି କିଏ କ'ଣ ଚିନ୍ତା କରିଥିଲା । ତୁମେ ମତେ ଯାହା ସଜା ଦେବ ସବୁ ସହିନେବି । ହେଲେ ବାପା, ଜଜମ୍‌ଙ୍କୁ ମୁଁ ଆଗ ଭଳି ଦେଖିବାକୁ ଚାହେଁ ।

ନିଜକୁ କାହିଁକି ଦୋଷୀ ମଣୁଛୁ ମାଳ ? ତୋ ବାପା, ମା' ଯୋଉଦିନ ତତେ ଆମ ଘରକୁ ବିଦା କରିଦେଲେ ସେଇଦିନଠୁ ତୁ ଆମର ଝିଅ, ତୋ ସୁବିଧା ଅସୁବିଧା ଦେଖିବା ତ ଆମର ଦାୟିତ୍ୱ । କୋର୍ଟ ସିନା ସ୍ୱାମୀଠଉଁ ସ୍ତ୍ରୀକୁ ଅଲଗା କରିଦେଲା, ବାପା, ମା'ଙ୍କ ଠଉଁ ତ ନୁହେଁ। ପୁଅକୁ ଯଦି ଅନ୍ୟ ଘର ବସେଇବାକୁ ଭଲ ନାଗିଲା । ଆମେ କାହିଁକି ଆମ ଝିଅର ଘର ବସେଇବା ପାଇଁ ପଛେଇବୁ !

ରୀତୁ ଫୋନ୍ କରିଥିଲା । ସବୁ ଖବର ଆମେ ଜାଣିଲୁ ମାଳତୀ । ମା' କହୁଥିଲେ ତୁ ଆଜିର ଦୁନିଆ ପାଇଁ ସଂପୂର୍ଣ୍ଣ ଭାବେ ଅନଫିଟ୍ । ଟିକିଏ ଫୁର୍ତ୍ତୀ କରିବା ପାଇଁ ଏତେ ବଡ଼ ପ୍ଲାନ କରାଗଲା । ହେଲେ ତୁ ମହର୍ଗରୁ ଯାଇ କାନ୍ତାରରେ ପଡ଼ିଗଲୁ । ଯିଏ ପତି ପାଖରେ ରହି ଆଜି ଦୁନିଆର ଜୀବନ ଜୀଇବା ଶିଖି ପାରିଲାନି ସିଏ ଶାଶୁ ଶ୍ୱଶୁରଙ୍କ ପାଖରେ ରହି ଫୂର୍ତ୍ତି କରିପାରିବ ! ସଂସାରରେ ଅୟୁତ ପ୍ରିୟବ୍ରତ ଅଛନ୍ତି ।

ରୀତୁର ଫୋନ୍ । ମୋ ପାଇଁ ଗୋଟାଏ ବଡ଼ ସମସ୍ୟା ଛିଡ଼ା ହୋଇଯାଇଛି ମାଳ । ଏତେ ସାବଧାନରେ ରହୁ ଥିଲେ ମଧ୍ୟ ମୋର ଗର୍ଭ ହୋଇଥିଲା । ସମସ୍ତ ବୟ ଫ୍ରେଣ୍ଡମାନଙ୍କ ପାଖକୁ ଯାଇ ମତେ ଆପଣେଇବା ପାଇଁ ନେହୁରା ହୋଇଥିଲି । ମାତ୍ର ସମସ୍ତେ କିଛି କିଛି ବାହାନା ଆଉ ପ୍ରମାଣ ଦେଇ ଦୂର ହୋଇଯାଇଥିଲେ । ଶେଷରେ ଜାହ୍ନବୀ ପାଖକୁ ଦଉଡ଼ି ଥିଲି । ସିଏ ମତେ ତା ମା'ଙ୍କ ପାଖକୁ ନେଇ ଯାଇଥିଲା । ମାତ୍ର ତା' ମା' ହାତ ଟେକି ଦେଇଥିଲେ । ପାଞ୍ଚ ମାସ ଗର୍ଭକୁ ନଷ୍ଟ କରିବାକୁ ହେଲେ ମା' ଏବଂ ପିଲା ଦୁହିଙ୍କ ପାଇଁ ବିପଦ । ଯାହାତ ବଦନାମ ହୋଇ ସମାଜରେ ବଂଚୁଥିଲି ଏବେ କ'ଣ ଛୁଆଟାଏ ଧରି ଶାଶୁ ଘର ଯିବି !!!

ISSN NO.
2582-208X

ମାଳତୀ ବସି ବସି ଚିନ୍ତା କରୁଥିଲା । ଅର୍ଥାତ୍ ତା ନିଜ କର୍ମ ପାଇଁ ସେ ମଧ୍ୟ ଗର୍ଭବତୀ ହୋଇଥିଲା । ଯାହାର ଆଭାସ ମଧୁସୂଦନଙ୍କୁ ଛୁଇଁ ପାରିଥିଲା । ତା'ର ସମ୍ମାନ ବଜାୟ ରଖିବା ପାଇଁ ସେ ତାଙ୍କର ଆପ୍ରାଣ ଚେଷ୍ଟା କରିଛନ୍ତି । ମାତ୍ର ସେ ତାଙ୍କ ପ୍ରତି କୃତଜ୍ଞତା ପରିବର୍ତ୍ତେ କୃତଘ୍ନତା ଜ୍ଞାପନ କରିଛି । ଆଉ ମାସ କେଇଟା ପରେ ସଂପୂର୍ଣ୍ଣ ରୂପେ ସେ ମଧୁସୂଦନଙ୍କଠାରୁ ଅଲଗା ହୋଇଯିବ । ନିଜକୁ ନିଜେ ଦୋଷୀ ସାବ୍ୟସ୍ତ କରୁଥିଲା ମାଳତୀ। ମଧୁସୂଦନଙ୍କ ନିଜ ପିତା ମାତାଙ୍କ ସାମ୍ନାରେ ସେ ତାଙ୍କର ସ୍ଥାନକୁ ବହୁ ନିମ୍ନକୁ ଟାଣି ଆଣିଛି । ଯେଉଁ ଦୁଃଖରେ ବାପା, ଜେଜେ ଦୁହେଁ ଶଯ୍ୟାଶାୟୀ । ମା' ବାରଂବାର ତାକୁ ସାନ୍ତ୍ୱନା ଦେଉଛନ୍ତି । ତୁ ଚିନ୍ତା କରନାମାଳ । ଆପଣା ସୁନା ଭେଣ୍ଡି । କାହାକୁ କହିବି।

ମାଳ ... ମା'ଙ୍କ ଚିତ୍କାର ଶୁଣି ଦଉଡ଼ି ଗଲା ମାଳତୀ । ନିଜ ରୋଗଶଯ୍ୟାରୁ ଉଠି ଜେଜେଙ୍କ ମୁହଁକୁ ଚାହିଁ ବସିଛନ୍ତି ବାପା । ବାପାଙ୍କ ହାତକୁ ଶାମୁକାଟାଏ ବଢ଼ାଇ ଦେଇ ମା' କହୁଥିଲେ ବାପାଙ୍କ ପାଟିରେ ଟିକିଏ ଗଙ୍ଗାଜଳ ଦେଇଦିଅ ମଧୁବାପା । ଥରଥର ହାତରେ ଶାମୁକାଏ ଗଙ୍ଗାଜଳ ବାପାଙ୍କ ମୁହଁ ପାଖକୁ ନେଇ ଗଲେ ନୀଳକଣ୍ଠ ବାବୁ । ମୁହଁ ପାଖରେ ଶାମୁକାଟା ପହଞ୍ଚାଇଲା ବେଳକୁ ଆଉ ଜମା ବୁନ୍ଦାଏ ଗଙ୍ଗାଜଳ ଥିଲା । ମା' ଆଉଥରେ କହିଲେ ସେଇ ବୁନ୍ଦାକ ଦେଇଦିଅ ମଧୁବାପା । ଆଉ ଡ଼େରି କରନା । ଯେମିତି ସେଇ ପାଣି ବୁନ୍ଦାକ ପାଇଁ ଅପେକ୍ଷା କରିଥିଲେ ଗୋପବନ୍ଧୁ ବାବୁ । ଜୋର୍‌ରେ ନିଶ୍ୱାସଟିଏ ନେଇ ନୀଳମଣି ବାବୁଙ୍କ ଉପରକୁ ଗଡ଼ି ପଡ଼ିଲେ ।

ପଡ଼ିଶା ଘରର ବାପିନା ଯାଇ ମଧୁସୂଦନକୁ ନେଇ ଆସିଲା । ଜେଜେଙ୍କୁ କୋକେଇରେ ବାନ୍ଧି ମଶାଣି ଆଡ଼କୁ ନେଇଗଲେ । ମାଳତୀ କାଠ ହୋଇ ଯାଇଥିଲା ଯେମିତି । ହଠାତ୍ ତା'ର ଚେତା ଆସିଗଲା । "ରୁହ ରୁହ କକା, ଦାଦା ମାନେ ।"

କହି ଜେଜେ ଲଗାଇଥିବା ମଧୁମାଳତୀ ଗଛରେ ପ୍ରଥମ କରି ଆସିଥିବା ଫୁଲ ପେଣ୍ଡାଟିକୁ ଜେଜେବାପାଙ୍କ ଉପରେ ଢ଼ଙ୍କା ହୋଇଥିବା ଧଳା ଚଦର ଖଣ୍ଡକ ଉପରେ ରଖିଦେଇ ଭୁସ୍ କରି କଚାଡ଼ି ହୋଇ ପଡ଼ିଲା ମାଳତୀ ।

ISSN NO.
2582-208X

ଶଶିକଳା ପୁରାପୁରି ପଥର ହୋଇଯାଇଥିଲେ ଯେମିତି । ଆଖିରେ ଟୋପାଏ ବି ଲୁହ ନାହିଁ। ମଧୁସୂଦନ କ୍ରିୟା ଧରିଥିଲା । ହାତଠାରି ତା ପାଖରେ ତାଙ୍କୁ ବସାଇବାକୁ କହିଲେ ନୀଳମଣି ବାବୁ । କହିବା ପାଇଁ ଶତଚେଷ୍ଟା କରି ମଧ୍ୟ କିଛି ପ୍ରକାଶ କରି ପାରୁ ନ ଥିଲେ ।

କ'ଣ କିଛି କହିବ ?

କିଛି ନ କହିପାରି ଉପରକୁ ଚାହିଁଲେ ନୀଳମଣି ବାବୁ । ତାଙ୍କ ସଂଗେ ସଂଗେ ସମସ୍ତେ ଉପରକୁ ଚାହିଁଲେ । କେବଳ ଛାତଟା । ଆଉ କିଛି ନାହିଁ । ପୁଣି କିଛି କହିବାକୁ ଯାଇ ଜିଭଟାକୁ ଲହଲହ କଲେ । ମାଳତୀ ଦଉଡ଼ି ଯାଇ ନଖ ଉଷୁମ ପାଣି ଟିକିଏ ଆଣି ପିଆଇବାକୁ ଚେଷ୍ଟା କଲା । ମାଳତୀର ହାତଟାକୁ ଠେଲି ଦେଇ ମଧୁସୂଦନ ଉପରେ ନିଜ ହାତ ରଖି ଦୂରରେ ପଡ଼ିଥିବା ଗଙ୍ଗାଜଳ ବୋତଲ ଆଡ଼କୁ ଇଶାରା କଲେ । ଶଶିକଳାଙ୍କୁ ଚାରିଆଡ଼ ଅନ୍ଧାର ଦେଖାଗଲା । ମାଳତୀ ହାତରୁ ଚାମୁଚାଟା ନେଇ ଗଙ୍ଗାଜଳ ଟୋପାଏ ବାପାଙ୍କ ମୁହଁରେ ଦେଲା ମଧୁସୂଦନ । ଗୋଟାଏ ଚାମଚ ପିଇ ଆଉ ଚାମଚଟା ଦିଅନ୍ତେ ବାହାରକୁ ଗଡ଼ି ପଡ଼ିଲା । ଚାହୁଁ ଚାହୁଁ ଡକାଡକି ହୋଇ ଆକାଶରୁ ଦୁଇଟି ଉଜ୍ଜ୍ୱଳ ତାରକା ନିଷ୍ପ୍ରଭ ହୋଇଗଲେ ।

✯✯✯

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ମୃତ୍ୟୁ



ଅପରାଜିତା ମହାରଣା

ଭାଗ- ୧

ଯିବିଯିବି ବୋଲି କେବେଠୁ ଭାବୁଛି
ନଥିଲା ଡାକରା ଆସି
ଆଜି ଆସିଗଲା ଡାକରା ମୋର ଯେ
ନଥିଲି ପ୍ରସ୍ତୁତ ହୋଇ
ମୋ ଭିତରେ ଥିବା ପ୍ରାଣ ମୋର କି ?
ମୋର ହୋଇଥିଲେ ଛାଡ଼ି ଯାଆନ୍ତା କେମିତି ?
କୋଉଟା ମୋର ?
ଭାବିଥିଲି ମୁଁ ଯେ ଟଙ୍କା କୋଠା ବାନ୍ଧି
କିଛି ସାଙ୍ଗରେ ମୁଁ ନେଇଯିବି
ହେଲେ ଭଲ ଗଦି ଆଜି ଖରାରେ ଶୁଖୁଛି
ଛିଣ୍ଡା ମସିଣାକୁ କୋତରା ଚାଦର ଦେଇଛନ୍ତି ଆଜି ଘୋଡ଼େଇ
ଝିଅ କହେ ରଖରଖ ତାକୁ
ସାତସିଆଁ ଲୁଗା ଦିଅ ପାରି
ଆଗକୁ ବହୁ ଖର୍ଚ୍ଚ ଅଛି
ଜାଣିପାରୁନକି କେହି କିଛି ??

ISSN NO.
2582-208X

ମଲା ଲୋକ ଜାଣି ନପାରେ କିଛି
ଦୁର୍ବୋଧ ଚାକର ଦିନେ ଭାବୁଥିଲି ଯାହାକୁ
ତା'ରି ଚିରା ଗାମୁଛାରେ ଘୋଡ଼େଇ ହୋଇଲି ଆଜୁ

କିଛି ଦିଅହେ ଲୁବୁନ୍ନୀମା
ଖାଲି ହାତେ ମୁଁ ଯେ କିପରି ଯିବି ??
ପୁଅକହେ ବାପା ରୋଗରେ ସାରିଲେ ଟଙ୍କା
ଆଉକିବା ଅଛି ଆମ ନାଁ ଛାଡ଼ିଦେଲେ ଏହି କୋଠା
ମୋତେଯେ ଥୋଇଛନ୍ତି ପଦାରେ
କୋତରା କନ୍ଥାବି ନଦିଅଇ କେହି
ଝିଅ କହେ ରଖରଖ ତାକୁ
ଆଉ ଗୁଡ଼େ ଦିନ ଯିବ ବ୍ୟବହାର ହୋଇ
ମୋର ମୋର ଶବ୍ଦ ହଜି ଆଜି
ସୂର୍ଯ୍ୟ ଉଇଁବାକୁ ଥିଲା ଦୁଇଘଡ଼ି
ସେ ସମୟୁ ହୋଇଗଲି ମୁଁଯେ ଶବ
ଭାବିଥିଲି ମୁଁ ଚାହିଁଲେ ଏହି ଜୀବ ଯିବ

ଆସିଥିଲି ଲଙ୍ଗଳା ମୁଁ
ଯିବି ଶୂନ୍ୟ ହୋଇ
ପାପପୁଣ୍ୟ ଗୁଡ଼େ ଥିଲି ଅରଜି
ପୁଣ୍ୟଭାର ଆଜି ଗଲାତ ଡୁବିଯେ
ପାପକୁ ମୁଁ ଆଶ୍ରା କଲି
ନିଆଁରେ ପୋଡ଼ିବି ଭାବି ମନେ ଗର୍ବ
ବିଦ୍ୟୁତରେ ଗଲି ମୁଁ ପାଉଁଶ ହୋଇ
ମୋ କୋଟି ସମ୍ପତ୍ତିଯେ ଅମୂଲ୍ୟ ହୋଇଲା

ISSN NO.
2582-208X

କଞ୍ଚାକାଠ ଟିକେ ନମିଳିଲା
ବାରଣ୍ଡେ ପଡ଼ିଛି ମୁଁଯେ ଅରକ୍ଷିତ ହୋଇ
ପୋଷାର କି ଆଜି କାନ୍ଦେ ବାହୁନି ବାହୁନି
ବନ୍ଧୁ ପରିଜନେ ଆଜି ବସିଛନ୍ତି ବେଢ଼ି
ଖୋଳପାରେ ଥିଲାବେଳେ ନଆସନ୍ତିତ କେହି
ଆମ ମଝିଆ ନାତିଆ ଟୋକା
ଆଜି ଆସିଛି ମୋତେ ଦେଖିବା ପାଇଁ
ବଂଚିଥିଲାବେଳେ ପାଖ ନମାଡ଼ଇ
କାଳେ ଯିବ ପଶି ମୋ ରୋଗ କରୋନା ହୋଇ
ହେଲେ ଆଜି ଆସିଛି କ'ଣପାଇଁ????
ଓଃ...ଅଠର ମାଣକୁ ଚାରିପୋଖରୀ
ଭାଗ ନେବ ବୋଲି ଆସିଛି ବିଦେଶୁଁ ଧାଇଁ

ଭାଗ -୨

ପଡ଼ିଅଛି ମୁଁଯେ ଅରକ୍ଷିତ ହୋଇ
ଆଖି ଓଲଟି ପାଟି ମେଲାକରି
ସିଏ କ'ଣ ମୁଁ ???
ଆଜି ମୁଁ ଘେରାବନ୍ଦୀ
ମୁଁ ମଣିଷଙ୍କ ଘେରାବନ୍ଦୀ....
ଛାଡ଼ିଲି ଶରୀର
ଅଶରିରୀ ହେଲି
ଖୋଳପା ତ୍ୟାଗ କରିଲି
ମର୍ତ୍ତେ ମଣ୍ଡଳେ ପଶିଲି
ଚିତ୍କାର କରୁଛି ଆଜି
ନପାରେ କେହି ଶୁଣି

ISSN NO.
2582-208X

କିଏ କହେ ଆତମା ମୁଁ
କିଏ କହେ ଶବ
କିଏ କହେ ଗଙ୍ଗା ଲାଭ
କିଏ କହେ ପୁଣି ଭୂତ
ଏ ଶରୀରେ ଆଉ ନପଶିବ ଆତ୍ମା
ଏ ସଂସାର ଆଜି ଲାଗିଲା ତୁଚ୍ଛା
ପ୍ରବେଶ ଯେବେଠୁଁ ମୋର ମୃତ୍ୟୁବସ୍ଥା......

ଅତିଥି ଅଧ୍ୟାପିକା,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ନୂଆ ଜୀବନ ର୍ହା



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ନାଆଁଟି ତାର ଶୁଭଜିତ
ସବୁଠି ସେ ଥାଏ
ଗେଲ ବସରିଆ ପୁଅଟିଏ ପରି
ମାଆର ସେନେହ ପଣତର ଭୁରୁଭୁରୁ
ବାସ୍ନାରେ ----
ବାପାଙ୍କ ଚଗଲିଆ ଶ୍ରଦ୍ଧାରେ;
ସାଙ୍ଗ ଗହଣରେ ନିରୀହ କପୋତ ପରି ତ
ଥାଏ ପୁଣି ଶିକ୍ଷକଙ୍କ ଶୃଙ୍ଖଳ ବେଢ଼ିରେ।।

ଜୀବନକୁ ସେ ନଥିଲା ଜାଣି
ସାଉଁଟୁ ଥିଲା ସୁଖ ଖାଲି ---
ଆଖପାଖରୁ; ଚତୁର୍ଦ୍ଦିଗ ରୁ।
କେତେବେଳେ ଜେଜେବାପା ପାଖରୁ ତ
କେତେବେଳେ ପିଉସୀ ଠାରୁ --
ପୁଣି କେତେବେଳେ ପାଖ ପଡୋଶୀ ରୁ।।

କି ସୁନ୍ଦର ଜୀବନ ଟିଏ
ପାଇଥିଲା ଶୁଭଜିତ। !!
ଅକାଳ ମୃତ୍ୟୁର ହାତ ଧରି ସେ

ISSN NO.
2582-208X

ଚାଲିଗଲା ଆଉ ପାରି
ନିର୍ଭୟ ଆଉ ବୀର ପରି!!
ଶାନ୍ତି ଦୂତ ପରି ଦେଇଗଲା ସେ ଯେ
ଶୁଭ ସନ୍ଦେଶ ---
ଜୀବନ ଯୁଦ୍ଧରେ ହାରବନି କେହି
ଯିଏ ଯେତେ ଦିନ ଅଛ --
ଖୁସିର ରାହା ଧରି ଚାଲରେ ପଥିକ
ଶାନ୍ତିର ବାର୍ତ୍ତା ନେଇ ----
ଆଗାମୀ ଦିନର ସାଜି
ଅଙ୍ଗରକ୍ଷକ ଲଢି ଚାଲ
ସୈନିକ ପରି!!!

ଜାଣେନା ତ କେହି କେବେ ଆମେ
ଭେଟ ପଡ଼ିବାକି ନାହିଁ;
ନିଜେ ଚାଲିଗଲେ ନାହିଁ ଦୁଃଖ
ମାତ୍ର ନିବାରଣ କର ଅନ୍ୟର ଦୁଃଖ;;
ଆଲୋକିତ କର ଅନ୍ୟର ଜୀବନ
ସହାୟ ହୁଅ ଅସହାୟର ;
ସାହା ବାଡ଼ି ଧରି
ଆଗେଇ ନେଇଚାଲ
ଖୋଜିବା ଲାଗି ନୂଆ ଜୀବନର ରାହା!!!!

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ଆଖିର ନିଦ ମନର କୋହ



ପ୍ରସନ୍ନ କୁମାର ମେହେର

ଆଖିର ନିଦ ଯାଇଛି ହଜି
ତୁମ କଥା ଭାବି ଭାବି
ମନର କୋହ ଉଠୁଛି ଭାଜି
ବିରହେ ବିରହୀ ସ୍ରବି ।।

ମନର ଭାବ ହେବ ଅଭାବ
ମନ ମନ୍ଦିରରେ ବହି
ଆଖିର ଲୁହ ଝରି ପଡିବ
ତୁମ ବିନା ଝୁରେ ମୁହିଁ ।।

ଆଖିର ନିଦ ଚୋରାଇ ନେଲ
ମନର ମଇନା ହୋଇ
ଦିବା ସପନ ହେବ ଗୋପନ
ମରୀଚିକା ମରୁଭୂଇଁ ।।

ମନର କୋହ କାମନା ମୋହ
ଯାଇଛି ହୃଦେ ଚହଟି

ISSN NO.
2582-208X

ମାୟାର ଫାଶେ ହୋଇଛି ବାନ୍ଧି
ପର୍ଣ୍ଣନାଭ ଜାଲେ ଲୋଟି ।।

ଆଖିର ନିଦ ମନର କୋହ
ହଜାଇ ଦେଇଛି ତାତି
ବିଷୟା ସୁଖ ହୋଇବ ଦୁଃଖ
ମତିଭ୍ରମ ହେବ ମତି ।।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# କଳାପାଣିର କଷଣ ଶିବିର : ଭାଇପର୍ ଓ ରୋସ୍

ପ୍ରିୟବ୍ରତ ପାତ୍ର

ପୃଥିବୀରେ ଏମିତି ଏକ ଦ୍ଵୀପ ସାମ୍ରାଜ୍ୟ କେଉଁଠି ନଥିବ, ଯାହାର ଫାସିଘର୍ ହେଉଛି ଏକମାତ୍ର ଗୌରବ (?) ଓ ପରିଚୟ। ସାମ୍ରାଜ୍ୟର ବିଲୁପ୍ତିପରେ ବଞ୍ଚି ରହିଥିବା ଏଅମାତ୍ର ଅକ୍ଷତ୍ର ସୌଧ ପୁଣି ସେହି ଫାଶିଘର। ଏହା ହେଉଛି ଆଣ୍ଡାମାନର ଭାଇପର୍ ଦ୍ଵୀପ। ଏହି ଜନମାନବହୀନ ଦ୍ଵୀପର ଏକମାତ୍ର ବାସିନ୍ଦା ହେଉଛନ୍ତି ସରକାରୀ ବେତନ ଭୋଗୀ ଏକ ବୃଦ୍ଧ ଦମ୍ପତ୍ତି ଓ ତାଙ୍କର ଲାଞ୍ଜହୀନ ପୋଷା କୁକୁର। ପର୍ଯ୍ୟଟକଙ୍କୁ ନେଇ ପହଞ୍ଚୁଥିବା ଫେରୀଟି ଯେତିକି ସମୟ ଏଠାରେ ରହେ, ସେତକ ସମୟ ହିଁ ଦ୍ଵୀପ ବେଳାଭୂମି ଓ ଫାସିଘର ଚଳଚଞ୍ଚଳ ହୋଇଉଠେ। ଭାଇପର୍ ନାମଟି ଯେପରି ଭୟଙ୍କର, ଦ୍ଵୀପର ପରିବେଶ ମଧ୍ୟ ତଦ୍ରୁପ ବିକଟ ଓ ଭୟାନକ। ଏଠି କଲ୍ଲୋଳିତ ବେଳାଭୂମି ଶୁଭେନାହିଁ, ବରଂ ପଥର ଦେହରେ ପିଟିହୋଇ ସମୁଦ୍ର ପାଣିର କରୁଣ ଆର୍ତ୍ତନାଦ ଶୁଭେ। ଗଛ ପତ୍ର ଦେଇ ବହୁଥିବା ମଳୟ ପବନ, ଅୟୁତ ଅହିରାଜଙ୍କ ଫୁତ୍କାର ପରି ଲାଗେ। ଦ୍ଵୀପର ଏକମାତ୍ର ବାସିନ୍ଦା ଦମ୍ପତ୍ତି ଆନନ୍ଦିତ ଆଦମ୍-ଇଭ୍ ବଦଳରେ ପ୍ରେତ-ପ୍ରେତିନୀ ପରି ଲାଗନ୍ତି।

୧୭୯୬ ମସିହାରେ କର୍ଣ୍ଣୱାଲିସ୍ ବ୍ଲେୟାର, ନିଜର ଜାହାଜ ଭାଇପର୍ ଯୋଗେ ଏହି ନିର୍ଜନ ଦ୍ଵୀପକୁ ଆସିଥିଲେ। ସେଇ ଦୁଃସାହସୀ ନାବିକ-ସେନାପତିଙ୍କ ଜାହାଜ ନାମାନୁସାରେ ଇଂରେଜମାନେ ଏହାର ନାମେ ରଖିଥିଲେ ଭାଇପର୍। ସମୟର ଅବଲୀଳା କ୍ରମେ

ISSN NO.
2582-208X

ଇଂରେଜମାନେ ଏହି ଦ୍ୱୀପକୁ କଳାପାଣି ଜେଲ୍ ଗୃହ ରୂପେ ବ୍ୟବହାର କଲେ ଏବଂ ନିକଟସ୍ଥ ରୋସ୍ ଦ୍ୱୀପଥିଲା ଏହି ଦ୍ୱୀପପୁଞ୍ଜ ଆଣ୍ଡାମାନ ସାମ୍ରାଜ୍ୟରେ ରାଜଧାନୀ । ପ୍ରଥମ ଅବସ୍ଥାରେ ଭାଇପର୍ ଥିଲା ବିକଟ ସମୁଦ୍ର ଘେରା ଉନ୍ମୁକ୍ତ ଜେଲ୍ ପ୍ରାଙ୍ଗଣ ଯାହାର ଇଟାକାନ୍ଥର ବାଡ ନଥିଲା କି ଘର ନଥିଲା । କ୍ରମେ ସେଠାରେ ତିଆରି ହେଲା କାନ୍ଥଥିବା ଜେଲ୍ ଓ ଫାସିଘର । କ୍ରମେ ତାହା ନିଅଣ୍ଟ ହେବାରୁ ତାର ପରବର୍ଦ୍ଧିତ ରୂପ ସୃଷ୍ଟି ହେଲା ମୂଳ ଦ୍ୱୀପର ପୋର୍ଟବ୍ଲେୟାର ସହରରେ । ଆଜକୁ ଶହେ ବର୍ଷ ତଳେ, ଏହି ଭାଇପର୍ ରୁ ଯେବେ ଘଣ୍ଟି ଶବ୍ଦ ଶୁଭୁଥିଲା, ଦୂରରେ ଯାଉଥିବା ଜାହାଜରେ ଯାତ୍ରୀମାନେ ଆନନ୍ଦିତ ହେବା ବଦଳରେ ଦୀର୍ଘଶ୍ୱାସ ଛାଡୁଥିଲେ । ଖ୍ରୀଷ୍ଟିୟାନ୍ ମାନେ ଛାତି ଉପରେ କ୍ରଶ୍ ଚିହ୍ନ ଆଙ୍କୁଥିଲେ, ହିନ୍ଦୁମାନେ ହାତଯୋଡି ପ୍ରଣାମ କରୁଥିଲେ । ଏଣେ ଫାସିଘରେ, ଫାସି ପାଇଥିବା ଜୀବନହୀନ ଶରୀରଟିଏ ବଡ ଅସହାୟ ଭାବରେ ଦଉଡିରେ ଲଟକି ରହୁଥିଲା ।

ମ୍ୟାପ୍ ଦେଖିଲେ ଲାଗେ ସତେ ଅବା ଦୁଇ ଯମଜ ଦ୍ୱୀପ ରୋସ୍ ଓ ବାଇପର୍ ଅତୀତର ସେଇ ଭୟନାକ ଓ ମର୍ମନ୍ତୁଦ ଇତିହାସକୁ ଧାରଣ କରି ସମୁଦ୍ର ଦ୍ୱାରା ବନ୍ଦୀ ହୋଇ ରହିଛନ୍ତି । ଦୈନିକ ପୋର୍ଟବ୍ଲେୟାର ଠାରୁ ପର୍ଯ୍ୟାଟକ ଓ ଗାଇଡ୍ ଙ୍କୁ ନେଇ ଛୋଟ ଜାହାଜଟିଏ ଏହି ଦୁଇ ଦ୍ୱୀପ ଦିଗେ ବାହାରିଥାଏ । ଭାଇପର୍ ଦ୍ୱୀପର ବେଳାଭୂମି ଉପରେ ପଦଚାରଣ କଲାବେଳେ ରୋସ୍ ଅପେକ୍ଷା ଭାଇପର୍ ଅଧିକ ଭୟାନକ ଲାଗେ । ଗାଇଡ୍ ଙ୍କ ସହ ପାଦ ମିଳେଇ ଦ୍ୱୀପ ଉପରେ ପଦଚାରଣ କଲାବେଳେ ମନ କାହିଁ କେତେ ପଛକୁ ଫେରିଯାଏ । ଭାଇପର୍ ଦ୍ୱୀପର ଦର୍ଶନ ଅଧିକ ଭୀତିପୂର୍ଣ୍ଣ, କାରଣ ଦ୍ୱୀପର ଯୁଆଡକୁ ଗଲେ ମଧ୍ୟ ଏକ ଉଚ୍ଚ ଜାଗାରେ ଅକ୍ଷତ ଅବସ୍ଥାରଏ ଥିବା ଫାସି ଘରଟି ନିଶ୍ଚିତ ରୂପେ ତୁମକୁ ଗୋପନରେ କଟାସ ଭଇ ଅନେଇ  ରହିଲା ଭଳି ଲାଗୁଥାଏ । ଜାହାଜରୁ ଓହ୍ଲେଇ ଦ୍ୱୀପଟିରେ ପାଦ ରଖୁ ରଖୁ "Way to gallow" ନାମଧାରଣ କରିଥିବା କଳା ରଙ୍ଗର ଫଳକଟି ମନରେ ହଠାତ୍ କରି ଶିହରଣ ସୃଷ୍ଟି କରେ । ଶହେ ବର୍ଷ ତଳେ କୌଣସି ଅଭିଯୁକ୍ତକୁ ଯେତେବେଳେ ଟାଣି ଟାଣି ଏହି ରାସ୍ତାରେ ନିଆଯାଉଥିଲା, ତାର ମନର ବିକଳ ଓ ଭୟଙ୍କର ପ୍ରତିକ୍ରିୟାର କ୍ଷୀଣ ପ୍ରତିଧ୍ୱନି ଏବେ ବି ସେହି ବାତାବରଣରେ ମହଜୁଦ୍ । ପାଦ

ISSN NO.
2582-208X

ପକେଇ ପାହାଚ ପରେ ପାହାଚ ଅତିକ୍ରମ କଲାବେଳେ ହୃଦସ୍ପନ୍ଦନ ବଢିଚାଲିଥାଏ, କେଉଁ ଏକ ଅଭିଯୁକ୍ତର ସ୍ପନ୍ଦନ ସହ ସମାନ୍ତରାଳ୍ଲ ଧ୍ୱନି ସୃଷ୍ଟି ହୋଇଚାଲେ । ଭାଇପର ରେ ଏଇଟିକୁ ଛାଡି ଦେଲେ ଆଉ କିଛି ହେଲେ ତିଷ୍ଠି ରହିନାହିଁ । ଏକଦା ଏଠାରେ ଜେଲ୍ ଥିଲା, ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ଦୀର୍ଘ ଦିନ ଧରି ଜେଲ୍ ରେ ରଖି ଖାଇବା ପିଇବାକୁ ଦେବା ତଥା ମଣିଷକୁ ମାରିବାରଏ ଗୁଳିଗୋଳା ବ୍ୟୟ କରିବା ଏକ ଅନାବଶ୍ୟକ ବୋଝ ବୋଲି ବିଚାରି ଫାସି ଘରଟିରେ ପ୍ରଚଣ୍ଡ ଆବଶ୍ୟକତାକୁ ଜାପାନୀମାନେ ଜାଣିପାରିଥିଲେ । ଆଜି ସେଇଟି କେବଳ ଚାରିପଟର ବିକଟ କଳାପାଣିର ସମୁଦ୍ରକୁ ଛକି ବସିବା ପରି ଦେଖାଯାଉଛି । ଫରାସୀ ବିପ୍ଳବ ସମୟରେ ମଣିଷ କଟା ଗିଲୋଟିନ୍ ଯନ୍ତ୍ର ସତେଯେମିତି ଅକାମି ହୋଇ ପର୍ବତ ଟାପୁରେ ପଡିରହିଛି ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ନାଆଁ ମୋ ପ୍ରେମିକ ଟିଏ



ଜୟନ୍ତ କୁମାର ମଲ୍ଲିକ୍

ପ୍ରେମ ଦୁନିଆଁରେ କରିଛି ମୁଁ ଘର
ନାଆଁ ମୋ ପ୍ରେମିକ ଟିଏ -
ଉପରେ ଉପରେ ହସୁଥାଏ ସିନା
ଭିତରେ ମୁଁ ଲୁହ ପିଏ ,
ମିଛ ସପନରେ ରାତି ବିତିଯାଏ
ମାପିଚୁପି କଥା କହେ -
ଦରମା ଟଙ୍କାକୁ ପ୍ରେମିକାକୁ ଦେଇ
ଏଣୁ ତେଣୁ ଖାଇ ରହେ ,
ଜନ୍ମ କଲା ବାପା ବୋଉଙ୍କ ପାଖରେ
ମିଛ ମୁଁ ତ କହିଥାଏ -
ରୋଜଗାରକୁ ମୋ ବଢେଇବା ପାଇଁ
ରାତି କାମକୁ ବି ଯାଏ,
ପ୍ରେମିକାର ସବୁ ଖର୍ଚ୍ଚ ମୁଁ ତୁଲାଏ
ତା ସାଥେ ପାଆର୍କ ଯାଏ -
ଡାଆର୍କ ହୋଇଲେ ଫେରିବା ସମୟେ
ଦାମୀ ହୋଟେଲରେ ଖାଏ ,
ବାଇକି ଥୋଇ ମୁଁ କାଆର କିଣିଛି
କେବଳ ବୁଲିବା ପାଇଁ -
ପ୍ରେମ ଅଭିଯାନ ଭଲରେ ଚାଲିଛି
ସାହା ମୋ ଜଗତ ସାଇଁ ।

ଶୂରଡିହ ,ନନ୍ଦିପୁର ,
ଦଶରଥପୁର ,ଯାଜପୁର
ମୋ:~୯୪୩୭୮୭୫୭୨୨

ISSN NO.
2582-208X

# ଭାବ ବିନୋଦିଆ ଠାକୁର



ସସ୍ମିତା ଭୋଇ

ଜଗନ୍ନାଥ ଆହେ ଜଗତର ନାଥ
କି କହିବି ବାରେ ତୁମରି କଥା
ତୁମକୁ କି ଅଗୋଚର ଅବା
ଭକତ ମନର ଗୁପତ ବ୍ୟଥା...
ପତିତ ଜନର ପ୍ରାଣ ଅଟ ତୁମେ
କୋଟିଏ ମନର ମଣିମା ତୁମେ
ଭକତ ଭାବରେ ତୁମେ ଆଜି ବନ୍ଦୀ
ତୁମେ ଜଗତର ଜଗତ ତୁମର
ନପାରେ କେବେ କେ ତୁମକୁ ଛନ୍ଦି
ଛନ୍ଦର ଠାକୁର କପଟ ଠାକୁର
କି କହିବି ବାରେ ତୁମରି କଥା
ତୁମକୁ କି ଅଗୋଚର ଅବା
ଭକତ ମନର ଗୁପତ ବ୍ୟଥା....
ସାରା ଜଗତର ମୂଳଆଧାର ତୁମେ
ଉଦାହରଣରେ ପରିପୂର୍ଣ୍ଣ ତୁମେ
ତୁମକୁ ଯିବ କେ ଆଉ ବଳି

ISSN NO.
2582-208X

ଦୂରେ ଥିଲେ ଡାକ ଶୁଣ ପାଶେ ଥିଲେ ନଶୁଣ
ଭକତଙ୍କୁ ଭାବରେ ଖେଳାଉଥାଅ
କାହିଁ କେତେ ଦୂରୁ ଡାକ ଶୁଣିଥିଲ ଭକ୍ତ ସାଲବେଗର
ଭାବର ଠାକୁର ତୁମେତ ଭକ୍ତିର ଠାକୁର
ଦୁଃଖ ତୁମ ହାତେ ସୁଖ ତୁମ ହାତେ
ଭାବ ବିନୋଦିଆ ଭାବରେ ଭାବରେ
ଏ ସାରା ସଂସାରକୁ ଚଳାଉଥାଅ
ଜଗନ୍ନାଥ ଆହେ ଜଗତର ନାଥ
କି କହିବି ବାରେ ତୁମରି କଥା
ତୁମକୁ କି ଅଗୋଚର ଅବା
ଭକତ ମନର ଗୁପତ ବ୍ୟଥା ....

କଟକ, ବ୍ରାହ୍ମଣଝରିଲୋ
ଭ୍ରାମ୍ୟଭାଷ - ୭୯୭୮୩୭୦୮୬୪

ISSN NO.
2582-208X

# ଶ୍ରମିକ ଭାଇ



ଶୋଭ୍ମୟୀ ପତ୍ରୀ

ଶ୍ରମଦାନ କରି ଶ୍ରମିକ ସିଏ
ପ୍ରସ୍ତରେ ପଦୁଅଁ ଫୁଟାଇ ଦିଏ,
ତାର ଶୁଭାଶୁଭ ପଚାରେ କିଏ
ସମାଜର ଘୃଣ୍ୟ ବସ୍ତୁଟି ସିଏ,
କର୍ତ୍ତବ୍ୟରେ କବେ କରେନି ହେଳା
ଖରା ବର୍ଷା ଶୀତେ ଧାଇଁଛି ପରା,
ଜୀବନଟା ତାର ଭାରି ହୀନିମାନ
ଭଙ୍ଗା ରୁଜା ସଦା ତାର ସଦନ,
ଆଖିରେ ଆଖିଏ ସପନ ସିନା
ତା ପାଇଁ ସପନ ଦେଖିବା ମନା,
ମଣିଷ ପଣିଆ ତା ଠେଇଁ ଖାଣ୍ଟି
ପୁରେ ନାହିଁ କେବେ ତାହାରି ଅଣ୍ଟି,
ତତଲା ମୁଠାଏ ଜୁଟୁ କି ନ ଜୁଟୁ
ତତଲା ଲୁହରେ ଭିଜାଏ ତଣ୍ଟି,
ଅନ୍ତର ବେଦନା ଜୀବିକା ଯନ୍ତ୍ରଣା
ତା ଜୀବନେ ଥାଏ ଫେଣ୍ଟା ଫେଣ୍ଟି,

ISSN NO.
2582-208X

ତଥାପି ତାହାକୁ କରେନି ଖାତର
କର୍ମଜୀବି କର୍ମେ ନୁହେଁ କାତର,
ଦେଶ ଉନ୍ନତି ପଥେ ସଦା ତତ୍ପର
ପଛେ ଭୋକ ଉପାସେ ମରୁ ସଂସାର,
ତା ସମର୍ପିତ ପ୍ରାଣେ ଦେଶ ଭାଗ୍ୟ ମିନାର
ହେ ଦ୍ୱିତୀୟ ଇଶ୍ୱର ତୁମକୁ କୋଟି ଜୁହାର ॥

ତୁଳସୀକ୍ଷେତ୍ର, କେନ୍ଦ୍ରାପଡ଼ା
ମୋ. ନଂ -୯୩୩୭୪୮୯୧୫୨

ISSN NO.
2582-208X

# ଶତାବ୍ଦୀର ସବୁଠାରୁ ବଡ ବିପଦ ହେଉଛି 'ଜଳବାୟୁ ପରିବର୍ତ୍ତନ' (୨)



ଅସିତ ମହାନ୍ତ

ଆମର ସମସ୍ତ ଉପକୂଳବର୍ତ୍ତୀ ସହର ଚେନ୍ନାଇ, ମୁମ୍ବାଇର ଜନସଂଖ୍ୟା ବହୁତ ବିପଦରେ ଅଛି ଏବଂ ଏହି ବିପଦ ବନ୍ଦ ହେଉନାହିଁ । ଆପଣ ମନେ ରଖିଥିବେ ଯେ ୨୦୧୫ ରେ ପ୍ୟାରିସରେ ଏକ ବଡ ଚୁକ୍ତି ହୋଇଥିଲା । ୨୦୧୫ ପରେ, ଗ୍ରୀନହାଉସ ଗ୍ୟାସ୍ ନିର୍ଗମନ ହ୍ରାସ ହେବା ପରିବର୍ତ୍ତେ ବୃଦ୍ଧି ପାଇଛି । ଏହାର ଅର୍ଥ ପରିସ୍ଥିତି ବିପଜ୍ଜନକ ହେବାରେ ଲାଗିଛି । ଜଳବାୟୁ ବୈଜ୍ଞାନିକମାନେ କହୁଛନ୍ତି ଯେ ଆମେ ବିନାଶ ଆଡକୁ ଯାଉଛୁ । ଯଦି ୨୦୩୦ ସୁଦ୍ଧା କାର୍ବନ ଡାଇଅକ୍ସାଇଡର ପରିମାଣ ହ୍ରାସ କରିବାକୁ ପଡିବ, ତେବେ ନିର୍ଗମନର ଉତ୍ସକୁ ଅଧା କରିବାକୁ ପଡିବ । ଏହାକୁ ହ୍ରାସ କରିବାରେ ବିଶ୍ୱ'ର ସରକାରମାନେ ଗମ୍ଭୀର କି? ଏହାକୁ ଦେଢ ଡିଗ୍ରୀରେ ଛାଡିଦିଅ, ଯଦି ତୁମେ ଏହାକୁ ଦୁଇ ଡିଗ୍ରୀରେ ବନ୍ଦ କରିବାକୁ ଚାହୁଁଛ ତେବେ ତୁମକୁ ଏହାକୁ ୨୮% ହ୍ରାସ କରିବାକୁ ପଡିବ, କିନ୍ତୁ ଏହା ବୃଦ୍ଧି ପାଉଛି । ଗତ ୪୦ ବର୍ଷ ମଧ୍ୟରେ ଆମେ ଆମର ବନ୍ୟ ଜୀବନର ଅଧାରୁ ଅଧିକ ନଷ୍ଟ କରିଛୁ । କାହିଁକି? ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ଜଙ୍ଗଲ ନଷ୍ଟ । ପୃଥିବୀର ସମସ୍ତ ପ୍ରଜାତିର ପ୍ରାଣୀମାନଙ୍କ ମଧ୍ୟରୁ ଆମେ ଗତ ୪୦ ବର୍ଷ ମଧ୍ୟରେ ସେମାନଙ୍କୁ ସବୁଦିନ ପାଇଁ ନଷ୍ଟ କରିଛୁ, ଅର୍ଥାତ୍ ସେଗୁଡ଼ିକ ବିଲୁପ୍ତ ପ୍ରଜାତି । ଏବଂ ଏହି ହାର ପ୍ରତିବର୍ଷ ବୃଦ୍ଧି ପାଉଛି । ଆମକୁ ଜନସଂଖ୍ୟା ବନ୍ଦ କରିବାକୁ ପଡିବ । ଜନସଂଖ୍ୟା ବୃଦ୍ଧି ପ୍ରକୃତିର ଶୋଷଣର କାରଣ ହେବ । ସମଗ୍ର ବିଶ୍ୱରେ ବୈଜ୍ଞାନିକମାନେ

ISSN NO.
2582-208X

କହୁଛନ୍ତି ଯେ ସମଗ୍ର ହିମାଳୟ ଅଞ୍ଚଳ ଏକ ପରିବେଶ ବିପର୍ଯ୍ୟୟରେ ପରିଣତ ହୋଇଛି । ସେଥିପାଇଁ ଲଦାଖରେ ଆନ୍ଦୋଳନ ଚାଲିଛି । କିନ୍ତୁ ସରକାର ନିୟୋଜିତ ଅଛନ୍ତି, ନା ଆମକୁ ଖନନ କାର୍ଯ୍ୟକୁ ଜାରି ରଖିବାକୁ ହେବ । ଯେତେବେଳେ ଆପଣ ଖୋଦନା କାର୍ଯ୍ୟ କରିବେ, କାର୍ବନ ବାହାରକୁ ଆସିବ ଯାହାକୁ ଶୁଟ୍ କୁହାଯାଏ । ଏଗୁଡ଼ିକ ବହୁତ ଛୋଟ । ହିମାଳୟ ଉପରେ ଯେଉଁ ବରଫ ଅଛି ଯେତେବେଳେ ଏଗୁଡିକ ଏହା ଉପରେ ପଡିବ, ପଡ଼ିବା ପରେ କଣ ହେବ? ବରଫ କଳା ହୋଇ ଗରମକୁ ଶୋଷିବ । ଏହାର ପରିଣାମ ବରଫ ତରଳବ । ଏହା ବାସ୍ତବରେ ଲଦାଖରେ ଘଟୁଛି । ଲଦାଖର ଇକୋସିଷ୍ଟମ୍ ଅତ୍ୟନ୍ତ ସୂକ୍ଷ୍ମ, ଏହି କାର୍ଯ୍ୟକୁ ସହ୍ୟ କରିବାକୁ ଅସମର୍ଥ । ଆମେ ବଡ଼ ବିନାଶର ପଥରେ ଠିଆ ହୋଇଛୁ । ଲୋକମାନେ ସଚେତନ ନୁହଁନ୍ତି । ଏପରିକି ସରକାରଙ୍କର ଇନ୍ଦ୍ରିୟ ନାହିଁ । ଏହି ପ୍ରସଙ୍ଗ ନିର୍ବାଚନ ମନିଫେଷ୍ଟୋରେ ଅଛି କି? ଯଦି ଆମେ ସରକାରଙ୍କୁ ବିଶ୍ୱାସ କରୁ, ତେବେ ସରକାର କହୁଛନ୍ତି ଆମକୁ ବିକାଶ ଆବଶ୍ୟକ, ଯାହାକୁ ଅର୍ଥନୀତିରେ ଜିଡିପି କୁହାଯାଏ । କିନ୍ତୁ ଯେତେବେଳେ ଆମେ ସତ୍ୟକୁ ଦେଖିବା, ଜଳବାୟୁ ପରିବର୍ତ୍ତନ ହେତୁ ଚଳିତ ବର୍ଷ ଭାରତର ଜିଡିପି ୧୦% କ୍ଷତିଗ୍ରସ୍ତ ହୋଇଛି । ଏହି ଆଘାତ ଆଗାମୀ ବର୍ଷ ଏବଂ ଦଶନ୍ଧିରେ ୩୦-୪୦% କୁ ବୃଦ୍ଧି ହେବାର ସମ୍ଭାବନା ଅଛି । ତେବେ କଳ୍ପନା କରନ୍ତୁ କେତେ ଟ୍ରିଲିୟନ୍ ଡଲାର କ୍ଷତି ହୋଇଛି । ଏହା ଅର୍ଥନୀତି ଉପରେ କେତେ ବଡ ପ୍ରଭାବ ପକାଇଛି! ୨ ଡିଗ୍ରୀ ତାପମାତ୍ରା ବିଷୟରେ ଆମେ କଥାବାର୍ତ୍ତା ହେଉଛୁ! ଦିନରେ ତାପମାତ୍ରା ପ୍ରକୃତରେ ବୃଦ୍ଧି ପାଇବ, ଯାହା ପୂର୍ବରୁ ଦେଖାଯାଉଛି । ଏହା ବାସ୍ତବରେ ୨ ଡିଗ୍ରୀ ନୁହେଁ ବରଂ ୪ ଡିଗ୍ରୀ ଏବଂ ଯେତେବେଳେ ଏକ୍ସଟ୍ରିମ ୱେଦର ଥାଏ - ତେବେ ଏହା ୮ ଡିଗ୍ରୀ ହେବ । ଲୋକମାନେ ଉତ୍ତରପ୍ରଦେଶ, ଦିଲ୍ଲୀ, ହରିୟାଣା ଏବଂ ରାଜସ୍ଥାନରେ ୫୫-୬୦ ଡିଗ୍ରୀରେ ବଞ୍ଚିପାରିବେ କି? ଏସି କାମ କରିବ କି? ଯାନବାହାନ ରାସ୍ତାରେ ଚାଲିପାରିବ କି? ଏହି ଉତ୍ତାପରେ ଗାଧୋଇବାକୁ ଛାଡିଦିଅ, ପିଇବା ପାଇଁ ପାଣି ରହିବ ନାହିଁ । ଯଦି କାରଟି ବାହାରେ ପାର୍କିଂ ହୋଇଛି, ଟାୟାର ଫାଟି ଯାଇଥାଇପାରେ ଏବଂ ରାସ୍ତାଗୁଡ଼ିକ ତରଳି ଯାଇଥାଇପାରେ । ବାସ୍ତବରେ କଥା ହେଉଛି, ତାପମାତ୍ରା ସମାନ ଭାବରେ ବୃଦ୍ଧି ହେଉନାହିଁ, ହାରାହାରି ୨ ଡିଗ୍ରୀ । ଯଦି ଏହା ରାତି 0 ଅଟେ ତେବେ ଦିନରେ ହାରାହାରି

ISSN NO.
2582-208X

୨ ହେବ । ଯେତେବେଳେ ଏହି ତାପମାତ୍ରା ପରିସର ବୃଦ୍ଧି ପାଇବ, ବ୍ୟକ୍ତି ଏହାକୁ କିପରି ସମ୍ଭାଳିବେ ? ଆମ ଶରୀରର ପ୍ରଣାଳୀ ଏକ ନିର୍ଦ୍ଦିଷ୍ଟ ତାପମାତ୍ରା ସହିତ ସନ୍ତୁଳନ ସୃଷ୍ଟି କରିଛି । ଯେତେବେଳେ ଏହା ବଦଳିଯାଏ, ବଞ୍ଚିବା ସମ୍ଭବ କି? କେତେ ନୂତନ ପ୍ରକାରର ରୋଗ ଉତ୍ପନ୍ନ ହେବ ବୋଲି କେହି ଭାବିଛନ୍ତି କି? କୋଭିଡ ପରି ହଜାର ହଜାର ରୋଗ ଆସିବାକୁ ଯାଉଛି, କାରଣ ସେହି ସମସ୍ତ ଜୀବାଣୁ ବରଫ ତଳେ ହଜାର ହଜାର ବର୍ଷ ଧରି ପୋତି ହୋଇ ରହିଛନ୍ତି । ଯେତେବେଳେ ସେହି ବରଫ ତରଳିଯାଏ, ସମସ୍ତ ଜୀବାଣୁ ବାହାରକୁ ଆସିବେ । ଭାଇରସ୍ ଏପରି କିଛି ନୁହେଁ ଯାହାର କୌଣସି ବୟସ ଅଛି । ଜୀବାଣୁ ଏକ ରାସାୟନିକ ପରି । ତେବେ ରାସାୟନିକ ପଦାର୍ଥର କୌଣସି ବୟସ ଅଛି କି? ଜୀବାଣୁ ଜୀବନ୍ତ / ଅଣ-ଜୀବନ୍ତ ବୋଲି ବିବେଚନା କରାଯାଏ କାରଣ ସେଗୁଡ଼ିକ ରାସାୟନିକ ପଦାର୍ଥ ପରି । ଏକ କରୋନା ଜୀବାଣୁ ସମଗ୍ର ବିଶ୍ୱକୁ ଥରାଇ ଦେଇଥିଲା । ସେଠାରେ ଲକ୍ଷ ଲକ୍ଷ ଭାଇରସ୍ ବାହାରକୁ ଆସିବାକୁ ଅପେକ୍ଷା କରିଛନ୍ତି । କେହି ଆଶ୍ଚର୍ଯ୍ୟ ହେଉଛନ୍ତି କି? WHO କିଛି ଦିନ ପୂର୍ବରୁ ଏହିପରି କିଛି କହିଥଲା । ଶରଣାର୍ଥୀ ପ୍ରସଙ୍ଗ ସମଗ୍ର ବିଶ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଭାରତରେ ମଧ୍ୟ ଏହା ଏକ ସମସ୍ୟା ଯାହା CAA ସହିତ ଜଡିତ । ଜଳବାୟୁ ପରିବର୍ତ୍ତନ ମଧ୍ୟ ଏହା ଉପରେ ପ୍ରଭାବ ପକାଇବ । ଦୁନିଆର ୮୦୦ କୋଟି ଲୋକଙ୍କ ମଧ୍ୟରୁ ୧୨୦ କୋଟି ଲୋକ ଶରଣାର୍ଥୀ ହେବାକୁ ଯାଉଛନ୍ତି । କେଉଁ ଦେଶ ସେମାନଙ୍କୁ ରଖିବ? ଏହା ବାସ୍ତବରେ ଏକ ନୂତନ ପ୍ରକାରର ଶରଣାର୍ଥୀ, ଯାହାକୁ ଜଳବାୟୁ ଶରଣାର୍ଥୀ କୁହାଯାଏ । ଯେତେବେଳେ ଏହା ଘଟିବା ଆରମ୍ଭ ହୁଏ ସେତେବେଳେ ଏହା ଭୌଗଳିକ ରାଜନୀତିକୁ କିପରି ପ୍ରଭାବିତ କରିବ ସେ ବିଷୟରେ ଆପଣ କେବେ ଚିନ୍ତା କରିଛନ୍ତି କି? ସମଗ୍ର ବିଶ୍ୱରେ ଯୁଦ୍ଧ ଆରମ୍ଭ ହେବ । ଯୁଦ୍ଧ ନିଜେ ଜଳବାୟୁ ପରିବର୍ତ୍ତନର ଏକ ପ୍ରମୁଖ କାରଣ । କିପରି? ସମସ୍ତେ ଜାଣନ୍ତି ଯେ ଯେତେବେଳେ ଅଙ୍ଗାରକାମ୍ଳ କଣିକା ବାୟୁରେ ପ୍ରବେଶ କରେ, ଯେତେବେଳେ ବୋମା ବିସ୍ଫୋରଣ ହୁଏ, କିମ୍ବା ଯେତେବେଳେ ବୋମା ବର୍ଷା ହେତୁ ନିଆଁ ଲାଗେ, ବାୟୁମଣ୍ଡଳରେ କେତେ କଳା ଧୂଆଁ ପ୍ରବେଶ କରେ? ଉତ୍ତାପ ଜାଲ । ଏହା ବ୍ୟତୀତ କାର୍ବନ ଡାଇଅକ୍ସାଇଡ୍ ମୁକ୍ତ ହୁଏ, ଯାହା ନିଜେ ଏକ ଗ୍ରୀନ୍ ହାଉସ୍ ଗ୍ୟାସ୍ । ତେଣୁ ଯୁଦ୍ଧ ନିଜେ

ISSN NO.
2582-208X

ଜଳବାୟୁ ପରିବର୍ତ୍ତନରେ ସହାୟକ ହୁଏ । ଜଳବାୟୁ ପରିବର୍ତ୍ତନ ହେତୁ ଅନ୍ୟ ବାଧ୍ୟତାମୂଳକ ଉପାୟରେ ଯୁଦ୍ଧ ନକରିବା ଅସମ୍ଭବ ଅଟେ। ସାମରିକ ବିଶେଷଜ୍ଞମାନେ ମାନେ କୁହନ୍ତି ଯେ ଏହା ସମ୍ଭବ ଯେ ପରବର୍ତ୍ତୀ ବିଶ୍ୱଯୁଦ୍ଧ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇପାରେ ଏବଂ ପରବର୍ତ୍ତୀ ବିଶ୍ୱଯୁଦ୍ଧ ବହୁତ ଦୂରରେ ନାହିଁ । କଲୋନୀ ପାଇଁ ପ୍ରଥମ ଦୁଇଟି ବିଶ୍ୱଯୁଦ୍ଧ ହୋଇଥିଲା, ସେମାନଙ୍କୁ ଜମି ଆବଶ୍ୟକ ଥିଲା ! ଅତୀତରେ କିଛି ଯୁଦ୍ଧ ହୋଇଛି - ତେଲ ପାଇଁ । ଆଗାମୀ ଯୁଦ୍ଧ କେବଳ ଜଳ ପାଇଁ ହେବ! ଏହାର ଅର୍ଥ ଆମେ ଶୋଷରେ ମରିବାକୁ ଯାଉଛୁ । ମନୁଷ୍ୟ କଥା ତ ଛାଡ଼ନ୍ତୁ, ଗୋଟିଏ ଛୋଟ ପକ୍ଷୀ ଘରଚଟିଆ - ତାଙ୍କ ସହିତ କଣ ହେବ ? କୌଣସି ଗଛ ନାହିଁ ଏବଂ ତାପମାତ୍ରା ୫୦-୬୦, ଏହାର କଣ ହେବ ? ପକ୍ଷୀମାନଙ୍କର ଯନ୍ତ୍ରଣା ବିଷୟରେ କେହି ଭାବନ୍ତି କି? ପକ୍ଷୀମାନେ ଆମର ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଆମେ ପ୍ରକୃତରେ ଆମର ପିଢ଼ିକୁ କେଉଁ ଦୁନିଆ ଦେଉଛୁ ?

ଦେଶ ଚଳାଉଥିବା ରାଜନେତାମାନେ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି କି? ନିର୍ବାଚନ ବିଜ୍ଞାପନରେ ଏସବୁ ବିସ୍ତୃତ ଭାବରେ ଲେଖା ହୋଇଛି କି? କିଏ କ୍ଷମତାକୁ ଆସିବ, ତେଣୁ ଯୁଦ୍ଧ । ମାନବ କାର୍ଯ୍ୟକଳାପର ଏପରି କୌଣସି କ୍ଷେତ୍ର ନାହିଁ ଯାହା ଜଳବାୟୁ ପରିବର୍ତ୍ତନର ପରିଣାମ ଭୋଗିବ ନାହିଁ । ଦୈନିକ ମଜୁରୀ ଶ୍ରମିକମାନଙ୍କ ସହିତ କ' ଣ ହେବ? ଏହି ଲୋକମାନେ ଖରାଦିନେ ଏପରି ଉତ୍ତାପରେ କିପରି କାମ କରିବେ? ସମସ୍ତେ ଜାଣନ୍ତି ଯେ ନିର୍ମାଣ କାର୍ଯ୍ୟ ଦିନରେ ହୋଇଥାଏ । ଜଳବାୟୁ ପରିବର୍ତ୍ତନ ୨୧୦୦ ସୁଦ୍ଧା ଭାରତରେ ଶ୍ରମ ଉତ୍ପାଦନକୁ ୪୦% କୁ ହ୍ରାସ କରିପାରେ । - ଦ ଇକୋନୋମିକ ଟାଇମ୍ସ । ଦ୍ୱିତୀୟ ଜିନିଷ ଯାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆମ ଶରୀର, ଏହାର ଶାରୀରିକ ବ୍ୟବସ୍ଥା ଅଛି । ଯେହେତୁ ଆମେ ଭାରତୀୟ, ଆମ ଶରୀର ଏପରି ଭାବରେ ତିଆରି ହୋଇଛି ଯେ ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଉତ୍ତାପକୁ ସହ୍ୟ କରିପାରିବ । ଯେତେବେଳେ ତୁମେ ସେହି ତାପମାତ୍ରା ପରିସରରେ ରୁହ ନାହିଁ, ତୁମକୁ ଅତିରିକ୍ତ ବ୍ୟବସ୍ଥା କରିବାକୁ ପଡିବ । ଏହାର ଅର୍ଥ ଆପଣଙ୍କୁ ଏସି ଆବଶ୍ୟକ ହେବ କିମ୍ବା ଆପଣଙ୍କୁ ବିଦେଶ ଯିବାକୁ ପଡିବ । ଯେତେବେଳେ

ISSN NO.
2582-208X

ବିଦେଶୀମାନେ ଭାରତକୁ ଆସନ୍ତି । ସେମାନେ ଟି-ଶାର୍ଟ ରେ ବୁଲନ୍ତି । କାରଣ ସେମାନଙ୍କ ଶରୀର -୧୦, -୨୦ ତାପମାତ୍ରାରେ ଅଭ୍ୟସ୍ତ । ଏହାର ଅର୍ଥ ଉଚ୍ଚ ତାପମାତ୍ରା ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ଆମେ ପ୍ରକୃତରେ ସାଇକୋସୋମାଟିକ୍ ଜୀବ । ଜଳବାୟୁ ପରିବର୍ତ୍ତନ ହେତୁ ଆମର ସମ୍ପୂର୍ଣ୍ଣ ମାନସିକ ବ୍ୟବସ୍ଥା ଧ୍ୱଂସ ହୋଇଯିବ । ଯେତେବେଳେ ସମଗ୍ର ପୃଥିବୀ ଗରମ ହୁଏ, ମଣିଷ ମଧ୍ୟ ଗରମ ହେବ । ଏହି ତାପମାତ୍ରାରେ - ସର୍ବପ୍ରଥମେ ଆମେ ଅଧାରୁ ଅଧିକ ପ୍ରଜାତିଙ୍କୁ ମାରି ସାରିଛୁ, ବାକି ସବୁକୁ ମାରିଦେବା । ଜଳବାୟୁ ପରିବର୍ତ୍ତନ ଘଟଣାଗୁଡ଼ିକର ଅଧା (୪୪%) କେବଳ ହିମାଳୟ ଅଞ୍ଚଳରେ ଘଟିଥାଏ (ବିଜନେସ ଇନସାଇଡ଼ର)। ଆମ ପାଇଁ ହିମାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବଡ କଥା । ସେଥିପାଇଁ ଲଦାଖରେ ଆନ୍ଦୋଳନ ଚାଲିଛି । ହିମାଳୟକୁ ଉତ୍ତରର ପ୍ରହରୀ କୁହାଯାଏ । କିନ୍ତୁ ଭୂବିଜ୍ଞାନୀମାନେ କହିଛନ୍ତି ଯେ, ହିମାଳୟ ଏକ ଦୁର୍ବଳ ପର୍ବତ। ସେମାନଙ୍କୁ ୟଙ୍ଗ ଫୋଲ୍ଡ ମାଉଣ୍ଟେନ୍ସ କୁହାଯାଏ । ସେଥିପାଇଁ ଏଥିରେ ଭୂସ୍ଖଳନ ଅଧିକ ଘଟେ । କାରଣ ଏହା ପ୍ରକୃତରେ ଏକ କଞ୍ଚା ପର୍ବତ । ହିମାଳୟ ଏବେ ମଧ୍ୟ ବର୍ଷକୁ କିଛି ସେଣ୍ଟିମିଟର ବୃଦ୍ଧି ପାଉଛି, ଅର୍ଥାତ୍ ସେମାନେ ବର୍ତ୍ତମାନ ଗଠନ ପ୍ରକ୍ରିୟା ଚାଲୁ ରହିଛି । ଏହା ଅଧିକ ପୁରୁଣା ନୁହେଁ । ଆରାବଳି ପର୍ବତଗୁଡିକ ବହୁତ ପୁରୁଣା । ବିନ୍ଧ୍ୟାଞ୍ଚଳ ମଧ୍ୟ ପୁରୁଣା । ହିମାଳୟ କିପରି ଗଠିତ ହୋଇଛି ? ଏକ ଭୂଖଣ୍ଡ ଯାହା ପୁରୁଣା ଏସିଆ ଥିଲା ତାହା ସହିତ ଧକ୍କା ଦେଉଛି । ଏବଂ ଯେତେବେଳେ ଦୁଇଟି ଲ୍ୟାଣ୍ଡମାସ୍ ପରସ୍ପର ସହ ମୁହାଁମୁହିଁ ହୁଅନ୍ତି, ଏହା ସ୍ପଷ୍ଟ ଯେ ଲ୍ୟାଣ୍ଡମାସ୍ ଏକ ପର୍ବତର ରୂପ ନେବ । ତାହା ହେଉଛି ହିମାଳୟର ଗଠନ । ଏହା କାହା ପାଇଁ ରହସ୍ୟ ନୁହେଁ, ହିମାଳୟର ଜଙ୍ଗଲ କିପରି କଟାଗଲା ଏବଂ ଏହାର ଜଙ୍ଗଲ ସମ୍ପଦ ନଷ୍ଟ ହୋଇଗଲା? ସେଠାରୁ ଯାହା ଲୁଟ୍ ହୋଇପାରେ ତାହା ଲୁଟ୍ ହୋଇଛି । ଏହା ଆମ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ସେଠାରେ ରହୁଥିବା ଲୋକମାନେ କାନ୍ଦୁଛନ୍ତି । ହିମାଳୟ ହେଉଛି ଏକ କାନ୍ଥ ଯେଉଁଥିରେ ମୌସୁମୀ ପବନ ଧକ୍କା ହୋଇ ବର୍ଷା ସୃଷ୍ଟି କରିଥାଏ । ସେଥିପାଇଁ ଉତ୍ତର ଭାରତର ପର୍ବତରେ ସର୍ବାଧିକ ବୃଷ୍ଟିପାତ ହୁଏ । କାରଣ ହିମାଳୟ ହେଉଛି ସେହି କାନ୍ଥ, ବେଙ୍ଗାଲରୁ ମୌସୁମୀ ପବନ ଆସେ ଏବଂ ଯେତେବେଳେ ସେମାନେ ହିମାଳୟର କାନ୍ଥକୁ ଧକ୍କା ଦିଅନ୍ତି,

ISSN NO.
2582-208X

ସେତେବେଳେ ବର୍ଷା ହୁଏ । କିନ୍ତୁ ସେହି କାନ୍ଥ ଶୁଖିଲା ହେବାକୁ ଯାଉଛି । ତେବେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଏବଂ ରାଜସ୍ଥାନରେ କଣ ହେବ? ହିମାଳୟର ମରୁଡ଼ି – ଯାହା ଘଟିବାକୁ ଯାଉଛି, ଅକଳ୍ପନୀୟ ଜିନିଷ । ଯଦି ତାପମାତ୍ରା ୩ ରୁ ୪ ଡିଗ୍ରୀ ବୃଦ୍ଧି ହୁଏ (ଯାହା ନିଶ୍ଚିତ ଭାବରେ ବୃଦ୍ଧି ପାଇବ), ତେବେ ଫୁଲର ପଲିନେସନ ବନ୍ଦ ହୋଇଯିବ । କମ୍ ପଳେଣ ଗ୍ରେନ ଉତ୍ପାଦନ ହେବ ଏବଂ ଯେତେବେଳେ ପଲିନେସନ ର ଏଜେଣ୍ଟ ଆଉ ନାହାଁନ୍ତି, ତେବେ ପଲିନେସନ କେଉଁଠାରେ ହେବ? ପଲିନେସନ ପାଇଁ କଣ ଆବଶ୍ୟକ? ଏକ କୀଟ ବା ଭଅଁର । ଯେତେବେଳେ ଏହା ଆଉ ନାହିଁ, ପଲିନେସନ ହେବ ନାହିଁ, ତେବେ ପ୍ରଜାତିଗୁଡିକ ତୁରନ୍ତ ଅଦୃଶ୍ୟ ହୋଇଯିବେ । ମହା ବିନାଶ ସହିତ ଜଡିତ ଏହି ପ୍ରସଙ୍ଗ, ଇତିହାସରେ ଏପରି ଘଟଣା କେବେ ହୋଇ ନଥିଲା, କିନ୍ତୁ ଆମେ ଏହା ବିଷୟରେ ଚିନ୍ତିତ ନୁହେଁ । ଜଣ ସଂଖ୍ୟା ବଢି ଚାଲିଛି , ଏହା ସ୍ପଷ୍ଟ ଯେ ଲୋକମାନେ ନିଜର ଚାହିଦାକୁ ବୃଦ୍ଧି କରିବେ, ଅର୍ଥାତ କାର୍ବନ ଏମିସନ ବଢିବ । ପ୍ରକୃତିର ଦୋହନ ଅଧିକ ହେବ । ତାହେଲେ, ଏହା ସ୍ପଷ୍ଟ ଯେ ତାପମାତ୍ରା ବୃଦ୍ଧି ପାଇବ । ସମୟ ଥାଉ ଥାଉ ଯଦି ଏହାକୁ ରୋକ ନଯାଏ ତେବେ ପୁରା ମାନବ ସମାଜ ଛଟପଟ ହୋଇ ମୃତ୍ୟୁ ମୁଖରେ ପଡିବେ ଏବଂ ପୃଥିବୀ ଏକ ନିଆଁର ଗୋଲାକାର ବସ୍ତୁରେ ପରିଣତ ହେବ । ଯେଉଁ ପୁଞ୍ଜିବାଦୀ ଧନ କୁବେର ମାନେ ପ୍ରକୃତିର ଦୋହନ ସାଶକ ଗୋଷ୍ଠୀ ସହିତ ମିଶି କରୁଛନ୍ତି, ସେମାନେ ଏବିଷୟରେ କୌଣସି ତାଲିକା ପ୍ରସ୍ତୁତ କରୁଛନ୍ତି କି ? ନିର୍ବାଚନ ଭାଷଣରେ ଏବିଷୟରେ ଲୋକମାନଙ୍କ ସହିତ କଥା ହେଉଛନ୍ତି କି ?

ଆବାହକ, ଓଡ଼ିଆ ଭଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ହୃଦୟର ଶୂନ୍ୟତା



ଅମୃତନାରାୟଣ ଶତପଥୀ

ହୃଦୟରେ ଯେବେ ଶୂନ୍ୟତା ଭାବ ଆଗମନ ହୁଏ ବନ୍ଧୁ,
ସେହି ସମୟରେ ମନରେ ପୁଣି ସୃଜନଶୀଳତା ବାନ୍ଧୁ ।(୧)
ଅବା ପୁଣି ସେହି ହୃଦୟଶୂନ୍ୟତା ଈଶ୍ୱର ଭକ୍ତିରେ ମଞ୍ଜୁ,
ଯାହା ଗୁରୁତ୍ୱପୂର୍ଣ୍ଣ ଛଡାଇବା ପାଇଁ ମୋହ ଅହମିକା ରଜ୍ଜୁ ।(୨)
ଅସଫଳତା ଓ ଅକାଳ ଘଟଣା ଅବା ଦୁର୍ଘଟଣା ପାଇଁ,
ମନୁଷ୍ୟ ହୃଦୟ ଦୁଃଖ ଏବଂ ପୁଣି ଶୂନ୍ୟତାରେ ଭରିଯାଇ ।(୩)
ସେହି ଶୂନ୍ୟତାକୁ ପୂର୍ଣ୍ଣ କରିବାକୁ ଲୋଡା ଭକ୍ତି ସମର୍ପଣ,
ଅବା ନିଜ ଭାବନା ପରିପ୍ରକାଶରେ ନକରିବାକୁ କାର୍ପଣ୍ୟ ।(୪)
ଅସାର ସଂସାରରେ ହୃଦୟଶୂନ୍ୟତା ପୂର୍ଣ୍ଣତା ହେବ ତେବେ,
କିଏ ଅଟେ ଆତ୍ମା କ'ଣ ତା ପ୍ରତିରୂପ ଦିବ୍ୟଜ୍ଞାନ ମିଳିବ ଯେବେ ।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଘରଚଟିଆ



ସରସ୍ୱତୀ ମିଶ୍ର

 କ୍ଷୁଦ୍ର ଏକ ଜୀବ କିନ୍ତୁ
ମୋହୁ ସଭି ମନ
ଘର ଚଟିଆ ତୋ ନାମ
କିଣୁ ସର୍ବ ପ୍ରାଣ ।
କିଚିରି ମିଚିରି ରାବ
କେତେ ମଧୁମୟ
ହୃଦ ହୁଏ ହର୍ଷ ମୟ
ସ୍ମୃତି ପୁଲକିତ ।
ପ୍ରଭାତୁଁ ଉଠାଇ ଦିଏ
ତୋ ସୁନ୍ଦର ସ୍ୱନ
ଆଉଁଷି ଦିଅନ୍ତି ଟିକେ
ହୁଏ ନିଜ ମନ ।
ଡେଉଁଥାଉ ଏ ଚାଳରୁ
ଆଉ ଗୋଟେ ଚାଳ
ରାବୁଥାଉ ଆମ୍ରବୃକ୍ଷେ
ଅବା ବୃକ୍ଷ ଶାଳ ।
ଏ ଘର ଖବର କିବା
ଆନ ଘରେ ଦେଉ

ISSN NO.
2582-208X

ଆତ୍ମାର ବାହକ ତୁହି
ଦୂତ ସାଜି ଥାଉ ।
ସୃଷ୍ଟିର କ୍ଷୁଦ୍ର ସର୍ଜନା
ମନ କିନ୍ତୁ ବଡ଼
ଛୋଟ ଏକ ଜୀବ ହୋଇ
ଗଢୁ କେତେ ନୀଡ ।
ବୋହି ବୋହି ଛୋଟ ଛୋଟ
କୁଟା ଆଉ କାଠି
ନିର୍ମାଣ କରୁ ନିଜର
ସୁନ୍ଦର ବସାଟି ।
ଛୋଟ ଜୀବ ନୁହେଁ ତୁହି
କରୁ କେତେ ଶ୍ରମ
ବୃହତ ହୋଇବି ହସ୍ତି
ନୁହେଁ ତୋର ସମ ।
ଶରୀର ରୁ ବଡ଼ ନୁହେଁ
କେହି ଏଇ ମର୍ତ୍ତ୍ୟେ
କର୍ମ ସିନା ବଡ଼ ସାନ
କରଇ ଜଗତେ ।
କ୍ଷୁଦ୍ର ଏକ ଜୀବ କିନ୍ତୁ
କେତେ ଶିକ୍ଷା ଦେଉ
ତେଣୁ ତ ସଭିଙ୍କ ସ୍ନେହ
ତୁହି ପାଇଥାଉ ।

ମାର୍ଫତ୍-ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର
ରାଧାକୃଷ୍ଣ ନିବାସ
ଆନନ୍ଦ ନଗର, ବଲାଙ୍ଗିର-767002
ଫୋନ ନଂ8895558976

ISSN NO.
2582-208X

# ସଂଘର୍ଷ ପୂର୍ଣ୍ଣ ଜୀବନ




ମୋନାଲିସା ପାଣିଗ୍ରାହୀ

ଦୁଃଖ ମୋ ଭାଗ୍ୟରେ ଲେଖା
ସୁଖ କୁଆଡ଼େ ପାଇବି ଦେଖା
ଜୀବନ ତରାଜୁର ଦୁଇଟି ପାଖ
ଗୋଟେ ସୁଖ ହେଲେ ଆଉ ଗୋଟେ ଦୁଃଖ ।

ଦୁଃଖର ଓଜନ ସବୁ ବେଳେ
କାହିଁ ହୁଏ ଭାରି,
ଜୀବନ ତରାଜୁରେ ତଉଲି ଦେଖିଲି
ଦୁଃଖ ହେଲା ବେଶୀ ଭାରୀ।

ମନରେ ଅଛି ଯେ ମୋର କେତେ
ଦୁଃଖ କାହାକୁ ପାରିବି କହି
କହି ନ ପାରିଲେ ରହିବି କେମିତି
ଜଳିବି ମୁଁ ଏକା ଏକା ।

ଏ ସଂସାରେ ରହି ସର୍ବଦା ଏକା
ହେବି ମୁଁ ଲୋକହସା
ସଂସାର ମଧ୍ୟ କହିବ ଆଜି
ତୁ ରହିବୁ ସର୍ବଦା ଏକା ଏକା ।

ISSN NO.
2582-208X

ସଂସାର ଚାହେଁନି କେହି ଜଣେ
ଯାଉ ଆଗକୁ, ସଂସାରର ନିୟମ
ବଡ଼ ବିଚିତ୍ର ମାଗିଲେ ଦବ ନି କାମ
କଲେ ଛୋଟ କାମ ବୋଲି
କରିବ ସଂସାରେ ଲୋକହସା ।

ତାହେଲେ ଶୁଣିବା କାହିଁକି ସଂସାର କଥା
ଆଗକୁ ବଢିବା ଆମେ ଏକା ଏକା,
ସଂସାର ତ ଯାହା ଦେଲା ଦୁଃଖ
ଦେଲା ଏବେ ନିୟତି ମଧ୍ୟ ମୋତେ
ଦେଲା ଏତେ ବଡ ଧୋକା।

ମାଗି ଥିଲି ତତେ ଏକା ସେ ଗୋଟିଏ ଦରବ
ଦେଇ ପରିଲୁନି ମୋତେ ଏକା
ଥିଲା କ'ଣ ମୋର ଭୁଲ୍ ?
ଥିଲା କ'ଣ ମୋର ଅପରାଧ ?
ଦେଇ ଦେଲୁ ମତେ
ଏତେ ଦୁଃଖ ଏକା ଏକା।

ସବୁର ପରେ ବି ସମୟ
ହେଲା ନି ମୋତେ ସାହା
କେମିତି ବଞ୍ଚିବି, କେମିତି ରହିବି
ହୋଇଗଲି ମୁଁ ଏକା ଏକା ।

ସବୁରି ପରେ ବି ଦିନେ
ହେବ ମୋର କ୍ଷତିପୂରଣ
ଯାହା ମୁଁ ମାଗିଛି ଆଜି

ISSN NO.
2582-208X

ସେହି ଅଭିଳାଷ ହେବ ଦିନେ ପୂରଣ
ସେ ଦିନ ଜିଣିବି ସଂସାର ଆଗରେ ।

ଗରୀବର ମଧ୍ୟ ଦିନେ ହୋଇଥାଏ
ସ୍ୱପ୍ନ ଯେ ପୂରଣ,
ଦେଖୁ ଦେଖୁ ହେଲା ପୂରଣ
ସ୍ୱପ୍ନ ଯେ ମୋର ।

ସ୍ୱପ୍ନ ପୂରଣ ସଙ୍ଗେ ହେଲା
ନୂତନ ଅପୂର୍ବ ସମୟର ଆଗମନ
ଅନ୍ତ ହେଲା ଦୁଃଖ ଦୁର୍ଦ୍ଦଶାର ଦିନ ।

ଦିନ ଥିଲା,
ଛୋଟ ବୋଲି ମୋତେ
କରୁଥିଲେ ଲୋକେ ଅନାଦର
ଦିନ ଆସିଲା,
ପାଇଲି ମୁଁ ଲୋକଙ୍କ ଆଦର ।

ଶେଷରେ ପାଇ ମୁଁ ମୋ ଗନ୍ତବ୍ୟର ପ୍ରାନ୍ତ
କାନ୍ଦି ଉଠିଲି ଭାବି
ମୋ ଅତୀତର ସଂଘର୍ଷକୁ !
ସଂଘର୍ଷ ଥିଲେ ଅଛି
ଗନ୍ତବ୍ୟର ପ୍ରାନ୍ତ, ଗନ୍ତବ୍ୟର ପ୍ରାନ୍ତ ।।

ନନ୍ଦପଡା, ସମ୍ବଲପୁର

ISSN NO.
2582-208X

# ନାରୀ ଅତ୍ୟାଚାର



ସନ୍ତୋଷ କୁମାର ବେହେରା

ନାରୀ ଅତ୍ୟାଚାର ହେଲା ଅପ୍ରମିତ
ଧରିତ୍ରୀ କରେ କ୍ରନ୍ଦନ
ଶତ ଶତ ମହିଷାସୁର ଗୋ ଆଜି
କରନ୍ତି ନାରୀ ଶୋଷଣ (୧)

ସର୍ବ ଦେବାଦେବୀ ଏକତ୍ରିତ ହୋଇ
ଜାତ କର ମୃତ୍ୟୁ ବାଣ
ମୃତ୍ୟୁର କରାଳ ବିଭୀଷିକା ସାଜି
ମର୍ତ୍ତ୍ୟକୁ ଆସ ବହନ (୨)

ନାରୀଙ୍କ ହୃଦୟେ ହୁଅ ବିରାଜିତ
କର ମା ଶକ୍ତି ପ୍ରଦାନ
ଅବଳା ଦୁର୍ବଳା ନାରୀ ସମାଜକୁ
କର ମାଗୋ ବଳିୟାନ (୩)

ଦୁର୍ବଳ ଉପରେ ଶବଳର ଆଜି
ବଢୁଅଛି ଅତ୍ୟାଚାର

ISSN NO.
2582-208X

ଅନ୍ୟାୟର ସୀମା ଟପି ଯାଉଅଛି
କର ମାଗୋ ପ୍ରତିକାର (୪)

ଏ ଧରାପୃଷ୍ଠକୁ ଅବତରି ଆସ
ପ୍ରଳୟର ରୂପ ଧରି
ସଂହାର କର ମା ସଂହାର କାରିଣୀ
ହାତରେ ତ୍ରିଶୂଳ ଧରି (୫)

ଜ୍ୱାଳାମୁଖୀ ହୋଇ କର ଗୋ ବିନାଶ
ପାପ ହୋଇଯାଉ କ୍ଷୟ
ଧର୍ମ ଆଗମନେ ପାପ ହେଉ ଅସ୍ତ
ପୂଣ୍ୟର ହେଉ ମା ଜୟ (୬)

କପସିଲ୍, ତୁଷୁର୍, ବଲାଙ୍ଗିର
ଫୋନ:ନ:-୭୭୩୫୬୧୫୧୦୭

ISSN NO.
2582-208X

# କାମନାର ବିନାଶରେ ଦୁଃଖ ର ବ୍ୟଞ୍ଜନା – ବିଜୟ ମିଶ୍ରଙ୍କ "ତଟ ନିରଞ୍ଜନା"



ସାହିଲ କୁମାର ନାୟକ

ଓଡିଆ ସାହିତ୍ୟରେନାଟକର ଉନ୍ମେଷ ସମୟ ହେଉଛି ଊନବିଂଶ ଶତାବ୍ଦୀର ଶେଷ ଦଶକଦ୍ଵୟ। ମାତ୍ର ଏହା ପୂର୍ବରୁ ଉତ୍କଳୀୟଗଣ ନାଟ୍ୟକଳା ସମ୍ବନ୍ଧରେ ଅବହିତ ନଥିଲେ ବୋଲି ଭାବିବା ଠିକ୍ ନୁହେଁ। ବହୁ ପ୍ରାଚୀନ କାଳରୁ ଉତ୍କଳ ନାଟ୍ୟକଳା ସହିତ ସଂପୃକ୍ତ। ତେବେତତ୍ତ୍ୱ ଗ୍ରନ୍ଥପଢ଼ି କେହି ନାଟ୍ୟକାର ହୁଏ ନାହିଁ, କିମ୍ବା ନାଟକ ଲେଖିବା ପାଇଁ କୌଣସି ତାତ୍ତ୍ୱିକନୀତି ନିୟମର ପ୍ରୟୋଜନ ମଧ୍ୟ ହୁଏ ନାହିଁ । ନାଟ୍ୟକାର ଯେତେବେଳେ ନାଟକ ସୃଷ୍ଟି କରି ବସେ, ତାହା ପୂର୍ବରୁ ସେ କୌଣସି ତତ୍ତ୍ୱ ଗ୍ରନ୍ଥ ପଢ଼ି ନଥାଏ, କିମ୍ବା ପଢ଼ିଥିଲେ ମଧ୍ୟ ତାହାକୁ ସ୍ମରଣ କରି ତଦନୁସାରେ କୌଣସି ନାଟକ ଲେଖେ ନାହିଁ । କାରଣ କୌଣସି ଗଠନମୂଳକ ସୃଷ୍ଟିଶୀଳ ସାହିତ୍ୟ ସର୍ବଦା ରଚନା କୌଶଳର ନିୟମମାନ ପ୍ରସ୍ତୁତ ହେବା ସମ୍ଭବ ନୁହେଁ । ମଞ୍ଚ ସହିତ ସଂପୃକ୍ତ ଏବଂ ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ ଅଭିଜ୍ଞତା ହିଁ ନାଟ୍ୟକାରକୁ ନାଟକ ସୃଷ୍ଟିରେ ବ୍ରତୀ କରାଇଥାଏ । ନାଟ୍ୟକାର ଭାବେ କେହି ଜନ୍ମ ହୁଅନ୍ତି ନାହିଁ, ତେଣୁ ଜନ୍ମ ସୂତ୍ରରେ କେହି ନାଟ୍ୟକାର ରୂପରେ ଆତ୍ମପ୍ରକାଶ କରିବା ବିଶ୍ୱାସ ଯୋଗ୍ୟ ନୁହେଁ ବରଂ ନାଟ୍ୟକାର ଗଢ଼ା ହୁଅନ୍ତି ଏଇ ଧୂଳିମାଟି, ପାଣି ପବନର ଅନ୍ତରଙ୍ଗ ସ୍ପର୍ଶରେ । ଆପାତତଃ କହିବାକୁ ଗଲେ ନାଟ୍ୟକାର ପରିସ୍ଥିତି ପ୍ରସୂତ । ଏ ସଂପର୍କରେ ମତାମତ ପ୍ରଦାନ କରି, **W.T Price** କହନ୍ତି **"The idea that one can be born a play-wright is a monstrous lie and fraught with evil. If one personally believes it of himself he is suffering from a form of insanity."**

ISSN NO.
2582-208X

ତେବେ ନାଟକ ଲେଖା ପାଇଁ ନୀତି ନିୟମ ପ୍ରଣୟନ ପ୍ରକ୍ରିୟା ଅବ୍ୟାହତ ରହି ଆସିଅଛି । ନାଟକ ରଚନା ପାଇଁ କୌଣସି ନିର୍ଦ୍ଦିଷ୍ଟ ନୀତି ନିୟମ ନାହିଁ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଅଦ୍ୟାବଧି ନାଟ୍ୟତତ୍ୱ ଗ୍ରନ୍ଥ ସୃଷ୍ଟି ବ୍ୟାହତ ହୋଇନାହିଁ । ଭାରତ ବର୍ଷରେ ଭରତଙ୍କ ପରେ ନନ୍ଦିକେଶ୍ୱର, କାତ୍ୟାୟନ, ଧନଞ୍ଜୟ, ସାଗରନନ୍ଦୀ, ଶାରଦା ତନୟ, ବିଶ୍ୱନାଥ କବିରାଜଙ୍କ ଭଳି ଅନେକ ଏବଂ ପାଶ୍ଚାତ୍ୟ ଦେଶରେ ଆରିଷ୍ଟଟଲ୍‌ଙ୍କ ପରେ ନିକଲ୍‌ଙ୍କ ପର୍ଯ୍ୟନ୍ତ ଓ ଅଦ୍ୟାବଧି ମଧ୍ୟ ବହୁ ନାଟ୍ୟଶାସ୍ତ୍ରୀ ନାଟ୍ୟବିଦ୍ୟା ଆଲୋଚନାର ଧାରାକୁ ଜାରି ରଖିଛନ୍ତି। ନାଟକ ରଚନା ପାଇଁ ନାଟ୍ୟକାରଙ୍କୁ ସମାଜ ବିବର୍ତ୍ତନର ଅନ୍ତର୍ନିହିତ କାରଣ, ବିବର୍ତ୍ତନର ଇତିହାସ, ବିବର୍ଷିତ ସମାଜିକ ଅବସ୍ଥାରେ ମଣିଷର ପ୍ରବୃତ୍ତି-ନିବୃତ୍ତିର ବିଶେଷ ରୂପ, ସମାଜର ଅନ୍ତର୍ଦ୍ୱନ୍ଦ୍ୱ ଓ ବହିର୍ଦ୍ୱନ୍ଦ୍ୱ ପ୍ରକୃତି, ସମାଜର ବିଭିନ୍ନ ଶ୍ରେଣୀର ଆଶା-ଆକାଂକ୍ଷାର କ୍ରିୟା-ପ୍ରତିକ୍ରିୟା, ଜୀବନାବେଗର ଗତି ପ୍ରକୃତି - ଏସବୁ ସଂପର୍କରେ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ହେବ, ଅର୍ଥାତ ନାଟ୍ୟକାରଙ୍କୁ ହେବାକୁ ପଡ଼ିବ ଏକାଧାରରେ ଐତିହାସିକ, ମନସ୍ତାତ୍ୱିକ, ସମାଜତତ୍ତ୍ୱବିତ୍ ଏବଂ ଆହୁରି ଅନେକ କିଛି । ପ୍ରତ୍ୟେକ ନାଟକର ଲକ୍ଷ୍ୟ ହେଉଛି, ଦର୍ଶକ ମନରେ ଭାବର ଉଦ୍ରେକ କରାଇ ଆନୁଷଙ୍ଗିକ ଆବେଗ ସୃଷ୍ଟି କରିବା ତଥା ନାଟକର ମର୍ମ କୁ ଅନୁଭବ କରି ଦର୍ଶକ କିଛି ସମୟ ସେଇ ନାଟକୀୟ ବିଷୟର ମନନ ଓ ଚିନ୍ତନ ରେ ଯେମିତି ମଜ୍ଜିଯିବ ତାହାକୁ ନିର୍ଣ୍ଣୟ କରିବା । ବିଷୟର ଗାମ୍ଭୀର୍ଯ୍ୟ ଯେତେ ହୃଦୟସ୍ପର୍ଶୀ ହେବ, ନାଟକ ହେବ ସେତେ ପ୍ରାଣବନ୍ତ ଓ ସେତେ ମର୍ମସ୍ପର୍ଶୀ ।

ସଫଳ ପ୍ରୟୋଗବାଦୀ ନାଟ୍ୟକାର ବିଜୟ ମିଶ୍ରନିଜ ନାଟ୍ୟକଳାରେ ରୋମାଞ୍ଚତା ସୃଷ୍ଟିକରି ତାଙ୍କର ପ୍ରତ୍ୟେକ ନାଟକକୁ ଗୋଟିଏ ଗୋଟିଏ ପରୀକ୍ଷାମୂଳକ ପ୍ରୟୋଗଧର୍ମୀ ସୃଷ୍ଟି ଭାବରେ ଗଢ଼ି ତୋଳିଛନ୍ତି । ନାଟ୍ୟକାରଙ୍କର ସମଗ୍ର ସୃଷ୍ଟିକୁ ନିରୀକ୍ଷଣ କଲେ ଜଣାଯାଏ ଯେ, ସେ କୌଣସି ନିର୍ଦ୍ଦିଷ୍ଟ ସମୟରେ ବାନ୍ଧି ହୋଇ ଯାଇଥିବା ନିର୍ଦ୍ଦିଷ୍ଟ ଧାରାର ନାଟ୍ୟକାର ନୁହଁନ୍ତି । ସମୟ ସୁଅରେ ଭାସି ଯାଉ ଯାଉ ତାଙ୍କର ନାଟକ କେତେବେଳେ ଯୁଗରୁଚି କୁ ଆପଣାର କରିପାରିଛି ତ, କେତେବେଳେ ଭବିଷ୍ୟତ ସମୟର କଥା କହିବା ନିମନ୍ତେ ବ୍ୟାକୁଳ

ISSN NO.
2582-208X

ହୋଇଉଠିଛି । କେତେବେଳେ ଜୀବନ ଓ ଦର୍ଶନର ସହଜାତ କୌତୁହଳ ନାଟ୍ୟକାରଙ୍କୁ ଗତାନୁଗତିକ ଯୁକ୍ତିର ଶୃଙ୍ଖଳ ମଧ୍ୟରେ ବାନ୍ଧି ଦେଉ ଦେଉ ନାଟ୍ୟକାରଙ୍କର ଅତଳ ମନ ଗହ୍ୱରର ନିଦ୍ରିତ ଆତ୍ମା ପୁରୁଷ ସେ ଶୃଙ୍ଖଳକୁ ଭାଙ୍ଗି ଅନ୍ତଃସତ୍ତାର ଉଦ୍‌ବୋଧନ ଓ ଆବିଷ୍କାର ନିମନ୍ତେ ଅନୁସନ୍ଧାନୀ କରାଇ ପାରିଛି । ବିଜୟ ମିଶ୍ରଙ୍କ ନାଟ୍ୟ ଶିଳ୍ପାୟନ ନିମନ୍ତେ ତାଙ୍କର ନାଟକ ମାନଙ୍କୁ ଦୁଇ ପର୍ଯ୍ୟାୟରେ ଅବସ୍ଥାପିତ କରି ଆଲୋଚନା କରା ଯାଇପାରେ। (୧) ଗତାନୁଗତିକ ବା ପାରଂପରିକ ନାଟକ (୨) ପରୀକ୍ଷାଧର୍ମୀ ବା ପ୍ରୟୋଗବାଦୀ ନାଟକ ।

ବିଜୟ ମିଶ୍ର ଙ୍କ ସାରସ୍ୱତ କୃତୀ –

ଜନନୀ(୧୯୬୦), ଅଶାନ୍ତଗ୍ରହ(୧୯୬୪), ତିମିରତୀର୍ଥ(୧୯୬୫), ପ୍ରତୀକ୍ଷା(୧୯୬୬), ଆର୍ତ୍ତନାଦ(୧୯୬୬), ହେସ୍ୱର୍ଗବିଦାୟ(୧୯୬୨), ଯାଯାବର(୧୯୬୮), ଅସତ୍ୟସହର (୧୯୬୮), ଶବବାହକମାନେ(୧୯୬୮), ଏଠି-ସେଠି-ସବୁଠି(୧୯୭୧), ଯାଦୁକର (୧୯୭୪), [ଏକାକୀ], [ଅମରକବି(ଅନୁବାଦ)], ସାଗରତୀରେ(୧୯୭୫), ଚନ୍ଦ୍ରଚୋରୀ (୧୯୬୮), [ପାହାଚ], [ଲଗ୍ନ], [ଚିହ୍ନ,ଉଚ୍ଚତା-ଏବଂ-ଇତ୍ୟାଦି], [ଗୌରୀ], ଦୁଇଟି ସୂର୍ଯ୍ୟଦଗ୍‌ଧ-ଫୁଲକୁ ନେଇ(୧୯୭୨), ତଟନିରଞ୍ଜନା(୧୯୭୮), ସାକ୍ଷୀ-ଇତିହାସ(୧୯୮୦), ଜଣେ-ରାଜାଥିଲେ(୧୯୮୨), ବାଦ୍-ଶା(୧୯୮୩), ପର୍ଶୁରାମ(୧୯୮୪), ପ୍ରଭୃତି ନାଟକର ରଚୟିତା ।

'ତଟନିରଂଜନା' ନାଟକର ବିଷୟଗତ ଦୃଷ୍ଟିରୁ ବିଚାର କଲେ ଔପନ୍ୟାସିକ ହେରମାନ ହେସ୍‌ଙ୍କର 'ସିଦ୍ଧାର୍ଥ', ଅର୍ନେଲଙ୍କର 'Light of Asia· କଥାକାର ସୁରେନ୍ଦ୍ର ମହାନ୍ତିଙ୍କର 'ମହାନିର୍ବାଣ' ଗଳ୍ପ ପ୍ରଭୃତିକୁ ସ୍ମରଣ କରାଯାଇପାରେ । ଉଲ୍ଲିଖିତ ଗ୍ରନ୍ଥ ମାନଙ୍କର ବିଷୟ ଛାୟା ବିଜୟ ମିଶ୍ରଙ୍କର ଏ ନାଟକରେ ଅନୁଭୂତ ହୁଏ । ନାଟକଟି ବୌଦ୍ଧ ଧର୍ମର myth ଉପରେ ପର୍ଯ୍ୟବସିତ । ଆଲୋଚିକା ଡ.ସଂଘମିତ୍ରା ମିଶ୍ରଙ୍କ ଉକ୍ତିରେ, "ପ୍ରାଚ୍ୟ ଦର୍ଶନର ଜ୍ଞାନ ଭକ୍ତିର ବିଚାରଧାରାକୁ ନେଇ 'ତଟନିରଂଚନା' ଜ୍ଞାନୀ ମନୁଷ୍ୟଟିର ଅନ୍ତରକୁ ପ୍ଲାବିତ କରି

ISSN NO.
2582-208X

ବଢ଼ିଯାଇଛି ସାରାବିଶ୍ୱକୁ ନୂତନ ତତ୍ତ୍ୱର ସନ୍ଧାନ ଦେଇ । ପ୍ରସ୍ତ ପ୍ରସ୍ତ ନୂଆ ଦୁଃଖକୁ ଦେଖି ବୁଦ୍ଧଙ୍କୁ ଆଚମ୍ବିତ ହେବାକୁ ହୋଇଛି ଏବଂ ନିଜ କହିଥିବା କଥା ଉପରେ ଅନସ୍ଥାଭାବ ଆସିଯାଇଛି ।" ଏ ନାଟକର ବିଷୟବସ୍ତୁର ନିର୍ଯ୍ୟାସ ହେଉଛି, ବୌଦ୍ଧ ସଂଘର କଠୋର ନୀତି ନିୟମ ମଧ୍ୟରେ ବିଚରଣ କରୁଥିବା ଚରିତ୍ର ଗୁଡ଼ିକ ସେମାନଙ୍କର ଯୌନ କାମନାର ବିନାଶ ଘଟାଇବାରେ ସମର୍ଥ ହୋଇନାହାନ୍ତି । ନାଟ୍ୟକାର ମିଶ୍ରଙ୍କର ସୃଷ୍ଟି ସମ୍ଭାର ଭିତରେ ପ୍ରାଚ୍ୟ ଜୀବନବୋଧର ଯେଉଁ ସ୍ପନ୍ଦନଟିଏ ଅନୁରଣିତ ହେଉଥିଲା, ତାହା ନିରନ୍ତନ ମାନବୀୟ ସମସ୍ୟାର ଏକ ନିଚ୍ଛକ ଆତ୍ମପ୍ରକାଶ ରୂପେ ବୁଦ୍ଧ, ଧର୍ମ, କାମନା, ଦୁଃଖ ଓ ସଂଘ ମଧ୍ୟରେ ପ୍ରତୀକିତ ହୋଇଅଛି ।

'ତଟନରଂଜନା' ନାଟକରେ ନାଟ୍ୟକାର ନାଟକ ଆରମ୍ଭରୁ ଯେଉଁ ଦୃଶ୍ୟ ପରିକଳ୍ପନା କରିଛନ୍ତ୍ର, ତାହା ଚନ୍ତାଦ୍ୟୋତକ । ପ୍ରଜ୍ୱଳତ ଜ୍ଞାନ ପ୍ରଦୀପକୁ ଇଚ୍ଛାମତୀ ଫୁଙ୍କି ଲିଭାଇଦେବା ପରେ ମଞ୍ଚ ସଂପୂର୍ଣ୍ଣ ଅନ୍ଧକାର ହୋଇଯିବା ଓ ଅସ୍ପଷ୍ଟ ଛାଇଅନ୍ଧାର ମଧ୍ୟରେ ଦୁଇଟି ପୁରୁଷ ଏବଂ ସ୍ତ୍ରୀ ଆପଣା ଆପଣା ଭିତରେ ନଜକୁ ଆବିଷ୍କାର କରିବା, ଏକ ମୌନ ସାଙ୍କେତିକତାର ପରିଚୟ ପ୍ରଦାନ କରେ । ଯୌନ ମିଳନର ଆବଶ୍ୟକତାରେ ପ୍ରଜ୍ଞା ପ୍ରଦୀପ ନର୍ବାପିତ ହେବା ସହିତ ଇଚ୍ଛାମତୀ ଏବଂ ନୀଳଲୋହିତ ମଧ୍ୟରେ ଘଟିବାକୁ ଯାଉଥିବା ଅବୈଧ ଯୌନ ମିଳନ ଜନତ ପାପପୁଣ୍ୟ ବୋଧର ପ୍ରତୀକାତ୍ମକ ରୂପ ଦର୍ଶକକୁ ସଚେତନ କରେ ।

**"Psychology is the science of the mental processes of man and the higher animals as shown by their behaviour. It is concerned with the responses of individuals and groups to their physical and social environments.(Sigmundfreud)**

ମଣିଷର ହତାଶା, ପାପବୋଧକୁ ଭିତ୍ତିକରି ଫ୍ରୟେଡ୍, ମାନବୀୟ ମୂଲ୍ୟବୋଧ ଉପରେ ଗଢ଼ି ତୋଳଲେ ବିରାଟ ପ୍ରଶ୍ନବାଚୀ । ସେ ଘୋଷଣା କଲେ ସଭ୍ୟତା ଓ ସଂସ୍କୃତିର ଶ୍ରେଷ୍ଠତମ ଉପଲବ୍ଧି ହେଉଛି, ମଣିଷର କାମ ପ୍ରବୃତ୍ତିର ବିବିଧ ଅଭିବ୍ୟଞ୍ଜନା । ଏହି କାମ ପ୍ରବୃତ୍ତିକୁ ଫ୍ରୟେଡ୍ ସାହିତ୍ୟର ମୂଳ ପ୍ରେରଣା ରୂପେ ମାନ ନେଇଛନ୍ତ । "ତଟ ନରଞ୍ଜନା"ରେ ମଧ ତାହା ଉଲ୍ଲେଖ୍ୟ । ନାଟକରେ ଇଚ୍ଛାମତୀର ହସ କେଉଁଠି ଯୌନ ଆମନ୍ତ୍ରଣକୁ

ISSN NO.
2582-208X

ସୂଚାଇଥିବାବେଳେ ଅନ୍ୟ କେଉଁଠି ଅବଜ୍ଞା ଭାବକୁ ସୂଚାଇ ଅଛି । ଅନ୍ୟତ୍ର ଇଚ୍ଛାମତୀର କଟାକ୍ଷ କାମାଗ୍ନି ସାଜି ପୁରୁଷକୁ ଦଗ୍ଧ କରିଦେବା ପାଇଁ ନିମନ୍ତ୍ରଣ ମଧ୍ୟ ଜଣାଇଛି । ନାରୀର ଉଗ୍ର ଯୌନ କାମନା ସର୍ପ ରୂପରେ ନୀଳଲୋହିତକୁ କାବୁ କରିନେଇଛି । କାମାଗ୍ନି ପ୍ରଜ୍ଜ୍ୱଳିତ ଇଚ୍ଛାମତୀର ଦେହର ଦାହକୁ ନୀଳଲୋହିତ ତୃପ୍ତ ନ କରିବାରୁ ନାକରୁ ନିର୍ଗତ ଖର ନିଶ୍ୱାସ, ପ୍ରଜ୍ଜ୍ୱଳିତ ଚକ୍ଷୁ ଯୁଗଳ ଯୌନ ଅତୃପ୍ତ ନାରୀର ହିଂସ୍ରତାକୁ ସଂକେତ ମାଧ୍ୟମରେ ଉପସ୍ଥାପିତ କରିଅଛି ।

ନାରୀ ମନସ୍ତତ୍ତ୍ୱର ସାର୍ଥକ ଓ ସଫଳ ଉପସ୍ଥାପନା 'ଚଟନିରଂଜନୀ'କୁ ଏକ ଭିନ୍ନ ସ୍ୱାଦର ନାଟକ ଭାବରେ ପରିଚିତ କରିପାରିଛି । ବର୍ଷା ଭିଜା ଅନ୍ଧାର ରାତିରେ ଇଛାମତୀର ଦେହ ଓ ମନ ଭିଜିବା ପାଇଁ ବ୍ୟାକୁଳ । କାମନାର ପ୍ରଜ୍ଜ୍ୱଳିତ ବହ୍ନି ଦେହ ମନକୁ ସଂକ୍ରମିତ କରିଅଛି । ମନ ଚାହେଁ ନୀଳଲୋହିତର ଦେହର ସ୍ପର୍ଶ । ପୁରୁଷ ଦ୍ୱାରା ବାରମ୍ବାର 'ନିପୀଡିତ ହେବାକୁ ଚାହୁଁଥିବା ଇଚ୍ଛାମତୀର ଦେହ ରୂପୀ ଦୁର୍ଗ, ନୀଳଲୋହିତର ସାନ୍ନିଧ୍ୟରୁ ବଞ୍ଚିତ । ଯେଉଁ ଦେହ ବର୍ଷାରେ ଭିଜେନାହିଁ, ଶୀତଳ ହୋଇବି ସ୍ନିଗ୍ଧ ହୁଏନି, ସେ ଦେହଟା ବି ବେଳେବେଳେ କାନ୍ଦେ, ଛଟପଟ ହୁଏ, ତା ଭିତରେ ନାରୀ ମନସ୍ତତ୍ତ୍ୱକୁ ସହଜରେ ପଢ଼ିହୁଏ ହୁଏ । ଇଚ୍ଛାମତୀ ଚାହେଁ ଦେହ ଦେଇ ଦେହର ବିଜୟ। ଅନେକ କିଛି ପାଇବାର କାମନା କରି କିଛି ନପାଇବାର ମାନସିକ ସନ୍ତୁଳନରେ ସେ ଦଗ୍ଧିଭୂତ । ସମଗ୍ର ନାଟକ ମଧ୍ୟରେ ସାଧାରଣ ନାରୀଟିଏ ହେଉଛି ଇଚ୍ଛାମତୀ, ଯେକି କାମ ଯଜ୍ଞରେ ଆହୁତି ସାଜି ବାରମ୍ବାର ଝାସ ଦେବାକୁ ଚାହିଁଛି । କିନ୍ତୁ କୌଣସି ଅତୃପ୍ତ ନାରୀର ଶୋଷ ନ ମେଣ୍ଟିଲା ଭଳି ଇଚ୍ଛାମତୀର ଦେହ ଓ ମନର କ୍ଷୁଧା ଅମେଣ୍ଟା ରହିଛି । ଯୌନଅତୃପ୍ତ ନାରୀର ହିଂସ୍ରତା ଇଚ୍ଛାମତୀର ହୃଦୟକୁ ବିଦୀର୍ଣ୍ଣ କରିଛି ।

ଇଚ୍ଛାମତୀ ଏବଂ ନୀଳଲୋହିତର ସମ୍ଭାଷଣ ବିଶେଷ କରି କାବ୍ୟସତ୍ତାକୁ ରସାଣିତ କରିପାରିଅଛି । ଭାବପ୍ରବଣ ଇଚ୍ଛାମତୀର ମନ ଅତୀତର ସାଇତା ସ୍ମୃତିକୁ ରୋମନ୍ଥନ କରି ଚାଲିଥିବା ବେଳେ ନୀଳଲୋହିତର ସ୍ୱର ହୋଇଛି ପରିବର୍ତ୍ତିତ –

ISSN NO.
2582-208X

ଇଚ୍ଛାମତି - ତମ ଦେହରେ ସମୁଦ୍ରର ଗନ୍ଧ ।

ନୀଳଲୋହିତ - ତମ ଆଖରେ ଆକାଶର ନୀଳ ।

ଇଚ୍ଛାମତି - ତମ ବାହୁ ନଦୀର ପ୍ଲାବନ ।

ନୀଳଲୋହିତ - ତମ ପ୍ରେମ ସବୁଜ ଅରଣ୍ୟ ।" xxxxxx

ଇଚ୍ଛାମତି - ସଭ୍ୟହେଲ ?

ନୀଳଲୋହିତ - ମାର୍ଜିତ ହେଲ ।

ଇଚ୍ଛାମତି - ଇଚ୍ଛାକୁ ରକ୍ତ ଚକ୍ଷୁ ଦେଇ ଶାସନ କଲ ?

ନୀଳଲୋହିତ - ପଶୁତ୍ୱକୁ ନିର୍ବାସିତ କଲ ।

ଇଚ୍ଛାମତି - ଦେହକୁ ଅସ୍ୱୀକାର କଲ ?

ନୀଳଲୋହିତ - ଏବଂ କାମନାକୁ ବଶୀଭୂତ କଲ ।"

ସଂଘଠାରୁ ଆରମ୍ଭ କରି ବୋଧିଦ୍ରୁମ ପର୍ଯ୍ୟନ୍ତ, ନିରଞ୍ଜନା ଠାରୁ ବୁଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ 'ତଟନିରଞ୍ଜନା' ନାଟକରେ ପ୍ରତୀକ ରୂପେ ବ୍ୟବହୃତ । ଇଚ୍ଛାମତୀର ଯୌନକାମନା ଭିତରେ ଯେପରି ଉଗ୍ରତା ଓ ପ୍ରଚଣ୍ଡତାର ଆଭାଷ ମିଳେ, ସେହିପରି ନୀଳଲୋହିତ ପ୍ରତି ତା'ର ଦୈହିକ ଆମନ୍ତ୍ରଣ ଅଲଂଘନୀୟ । କାମନା ଅଗ୍ନିରେ ପ୍ରଜ୍ଜ୍ୱଳିତ ଇଚ୍ଛାମତୀର ସ୍ୱରରେ- " ନୀଳଲୋହିତ ଦେହ ଦେଇ ସଜା ହେଇଥିବା ଏ ଦୁର୍ଗଟାକୁ ଭାଙ୍ଗି ଦିଅ । ମୁଁ ଆଉ ପାରୁନି ରହି ରହି ବେଙ୍ଗର ଚକ୍ରାର, ଝିଙ୍କାରିର ଝିଁଝି ଏ ଦେହଟାକୁ ମୁଖର କରୁଛି | ମୋତେ ନିଅ । ମୋତେ କିଛି ପ୍ଲାବନ ଦିଅ । କିଛି ଶୀତଳତା ।" ସବୁ ନାରୀର ମାନସିକତା ଏକ | ଇଚ୍ଛାମତୀ, ସୁଜାତା, ଗୋପା - ସମସ୍ତେ ସମାନ । ରୂପରେ, ସ୍ୱରରେ, କଥାବାର୍ତ୍ତାରେ ସୁଜାତା ହେଉଛି ଇଚ୍ଛାମତୀର ପ୍ରତିରୂପ । ଏକ ପୁତ୍ରହୀନା ବନ୍ଧ୍ୟା ନାରୀର ବିଚିତ୍ର ମନସ୍ତତ୍ୱକୁ ନେଇ, କିଛି ଦେଇ ପ୍ରତିଦାନରେ କିଛି ପାଇବାର ଲାଳସା ସୁଜାତାକୁ ବି ଇଚ୍ଛାମତୀ ସଜେଇଛି । ତେଣୁ ସୁଜାତାଙ୍କ ମୁଖରେ, "ତଫାତ୍ କ'ଣ ? "ସୁଜାତାମାନେ ତ ଯୌବନରେ ଇଚ୍ଛାମତୀ"- କହିବା ଭିତରେ ନାରୀର ଖଣ୍ଡିତ ବୁଭୁକ୍ଷା ଏବଂ ଅନ୍ତହୀନ

ISSN NO.
2582-208X

ପ୍ରତୀକ୍ଷାର ପରିଚୟ ମିଳେ । ବିମର୍ଷ ସୁଜାତା ପରିଣତ ବୟସରେ ମଧ୍ଯ ତାରୁଣ୍ୟର ସ୍ମୃତିଗ୍ରହଣ କରି ଉଲ୍ଲସିତ ହେବା ସହିତ ବିଫଳତାର ଦୀର୍ଘଶ୍ଵାସରେ ଉତ୍ତପ୍ତ ହୋଇ ଉଠିଛି" । ପରିବର୍ତ୍ତନଶୀଳ ଜୀବନରେ ଚେତନାର ପ୍ରବହମାନତାକୁ ନେଇ ମନୁଷ୍ୟ ଅସ୍ଥିର, ଚଳଚଞ୍ଚଳ । ତେଣୁ ଗୌତମଙ୍କ ମନରେ ପ୍ରଶ୍ନ, "ମଣିଷ କ'ଣ ସବୁବେଳେ ଖାଲି ନିରଞ୍ଜନା ପାଖକୁ ଯାଉଥିବ, ନିରଞ୍ଜନା କେବେ କ'ଣ ମଣିଷ ପାଖକୁ ଆସିବନି ?"

ଗୌତମ :- ସର୍ବଶ୍ରେଷ୍ଠ ସତ୍ୟ ବୋଲି କଛି ନାହିଁ । ମଣିଷର ବିବର୍ତ୍ତନ ପରି ସମୟରୁ ସମୟକୁ ସତ୍ୟ ବିକଶିତ ।

ଆନନ୍ଦ :- ପ୍ରଭୁ ତଥାଗତଙ୍କ ପ୍ରଚ୍ଚରିତ ସତ୍ୟ, ମହାନ ସତ୍ୟ... ସର୍ବଶ୍ରେଷ୍ଠ ସତ୍ୟ !

ଗୌତମ;- ନା ମୁଁ ସର୍ବଶେଷ ବୁଦ୍ଧ ନୁହେଁ । ମଣିଷର ଇଚ୍ଛା ଓ କାମନା ପୁଣି ବୁଦ୍ଧମାନଙ୍କୁ ଆଣିବ ।

ଆନନ୍ଦ :- କାମନାର ବିନାଶରେ ଦୁଃଖର ବିନାଶ ।

ଗୌତମ :- କାମନାର ବିନାଶ ନାହିଁ । ତେଣୁ ଦୁଃଖର ବିନାଶ ନାହିଁ । ମନର ଊର୍ଦ୍ଧ୍ବରେ ଏକ ଜଗତ ଅଛି, ସେଠି ପାପ ନାହିଁ, ପୁଣ୍ୟ ନାହିଁ, ମିଛ ନାହିଁ, ସତ ନାହିଁ । ସେଠି ଖାଲି ଅଖଣ୍ଡ ଅନିର୍ବାଣ ଆଲୋକର ଦ୍ୟୁତି !

ଆନନ୍ଦ :- କାମନା ଦୁଃଖର କାରଣ !

ଗୌତମ :- ଦୁଃଖମାନଙ୍କ ଦେଇ ସତ୍ୟର ସିଂହାସନ ପାଖରେ ପହଞ୍ଚିବାକୁ ହୁଏ । ନିରଞ୍ଜନା ବି ମଣିଷପାଖକୁ ଘୁଞ୍ଚିଆସେ, ଭ୍ରାତା ଭଳ, ବନ୍ଧୁଭଳ ।

ଇଚ୍ଛାମତି ମଧ୍ୟ ତା ପ୍ରଶ୍ନ ର ଉତ୍ତର ପାଇପାରିନାହିଁ :-କାମନାର ବିନାଶରେ ଦୁଃଖର ବିନାଶ?

ISSN NO.
2582-208X

ସେଇ ପଳାୟନ ତ ? କାମନା ଯେପରି ଏକ ହିଂସ୍ର ପଶୁ ?......

କାମନାର ବିନାଶରେ ଦୁଃଖର ବିନାଶ ?...... ତାହେଲେ କାମନାର ବିନାଶ କେଉଁଠି...?

କାମନା କୁ ବିନାଶ କରିବାର କାମନା ମଧ୍ୟ ଅନ୍ୟ ଏକ 'କାମନା'ନୁହେଁ କ ?

ତେବେ ଦୁଃଖ ର ବିନାଶ କେଉଁଠି ?

ଆଲୋଚ୍ୟ ନାଟକର ଅନ୍ତରାତ୍ମାକୁ ସ୍ପର୍ଶ କଲେ ଅନୁଭବ କରି ହେବ ଯେ, ନୀଳଲୋହିତର ଅସହାୟତା । ପାର୍ଥିବ ଆକର୍ଷଣଠାରୁ ଦୂରେଇ ଆସି ସଂଘରେ ପହଞ୍ଚିଥିବା ନୀଳଲୋହିତ ମୁକ୍ତ ଓ ନିର୍ବାଣ ପରି ନିର୍ଜୀବ ଶବ୍ଦମାନଙ୍କୁ କେବଳ ଆପଣାର କରି ନିରାଶ ହୋଇଛି । ନାଟକ 'ତଟ ନିରଞ୍ଜନା'ର ଚରିତ୍ର ସୃଷ୍ଟିରେ ଆଧୁନିକ ଜୀବନ ଜିଜ୍ଞାସାର ସ୍ୱରୂପ ଦେଖିବାକୁ ମିଳେ । ନାଟ୍ୟମଣ୍ଡିତ ଚରିତ୍ରମାନଙ୍କର ଅସହାୟତା ସେମାନଙ୍କ ମନରେ ଯେଉଁ ଶେଷହୀନ ପ୍ରଶ୍ନ ସୃଷ୍ଟି କରିଛି, ତାହାର କୌଣସି ସମାଧାନ ନାହିଁ ।

ସହାୟକ ଗ୍ରନ୍ଥାବଳୀ

ସାହିତ୍ୟର ଡାଳ ପତ୍ର - ଡ଼ ସୁରେନ୍ଦ୍ର କୁମାର ମହାରଣା

ତଟ ନିରଞ୍ଜନା - ବିଜୟ ମିଶ୍ର

ନାଟକ : ସୀମା ଓ ସମ୍ଭାବନା - ଡ଼ ସଂଘମିତ୍ରା ମିଶ୍ର

ନାଟ୍ୟଧାରା - ହେମନ୍ତ କୁମାର ଦାସ

**Analysis of play construction and dramatic principles - W.T price**

ଅତିଥି ଅଧ୍ୟାପକ (ଓଡିଆ ଭାଷା ଓ ସାହିତ୍ୟ ବିଭାଗ)
ଢେଙ୍କାନାଳ, ଓଡ଼ିଶା (୮୮୯୫୩୪୯୪୫୭)

ISSN NO.
2582-208X

# ଭୋକିଲା ମଣିଷ



ବର୍ଷାରାଣୀ ମହାମଲ୍ଲୀକ

ଭୋକ ସବୁଠୁଁ ଧ୍ୟାନ ଦେବାର ବିଷୟ
ଅର୍ଣ୍ଣ ଚନ୍ତା ଚମତ୍କାର
ଏ ଭୋକ ଏକା ଭାଙ୍ଗିଦିଏ
ମଣିଷର ମେରୁଦଣ୍ଡ
ଏ ଭୋକ ମେଣ୍ଟାଇବା ପାଇଁ ତ ଦାଦନ
ୟାରି ପାଇଁ କଏ ମନ ବିକୁଚ ତ କଏ ଦେହ
ଭୋକଲ୍ ଲୋକ ର ଖାଲି ପେଟ ଚନ୍ତା
ସ୍ୱପ୍ନ ଦେଖିବା ଆକାଶ କୁସୁମ
ଖାଇବା ର ଇଚ୍ଛା କୁ ଛାଡ଼ିଦେଲେ
ସମ୍ପୂର୍ଣ୍ଣ ବାହ୍ୟ ଇଚ୍ଛା ର ହତ୍ୟା କରିବାକୁ ହୁଏ....
ଭୋକଲ୍ ମଣିଷ ର ସେ ଆର୍ତ୍ତଚତ୍କାର ଶୁଣିଛ?
କ କରୁଣ ତାହା.....
ପୁଙ୍ଗୁଳା ଦେହ ର ଚର୍ମ କୁ ଧରି ବାହାରି ପଡ଼ିଥିବା
ହାଡ଼ ର କ ବିଭସ୍ସ ଦୃଶ୍ୟ?
କ୍ଷଣେ ପାଇଁ ଥରାଇ ଦିଏନ ତୁମ ଛାତିକୁ
ତରଳାଇ ଦିଏନ ତୁମ ହୃଦୟ କୁ

ISSN NO.
2582-208X

ନା ଭଗବାନ ତୁମକୁ ଆଖି ଦେଇଛନ୍ତି...
ଅଥଚ ଦେଖିବାର ଦୃଷ୍ଟି ଦବାକୁ ବୋଧେ ଭୁଲିଯାଇଛନ୍ତି
ଭୋକ ସାଂଘାତିକ ଘଟଣା ର ସୂତ୍ରପାତ କରିପାରେ
ଭୋକ, ଭାରି ଭୟଙ୍କର ତାର ରୂପ
ତାର ଉପଶମ ପାଇଁ ଆପଣେଇ ହୋଇପାରେ ଯେକୌଣସି ଦୋଷ......
କାହିଁକି ନା ଭୋକ କଣ ତାର ସଂଜ୍ଞା
ପେଟ ପୁରା ବଡଲୋକ କହିପାରିବ ନ
କହିପାରିବ ଯିଏ ଭୋକିଲା ପେଟ ରେ
ସଂଗ୍ରାମ କରୁଛି ଅବିରତ....
କେଉଁ ଏକ ଫୁଟପାଥ୍ ରେ
ଅଥବା ନହାତି ଏକ ଅସଭ୍ୟ ବସ୍ତି ରେ
ବାସ୍ତବ ରେ ଭୋକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ.........

ଜିଲ୍ଲା :ବରଗଡ଼

ISSN NO.
2582-208X

# ସୁନ୍ଦର ମନ



ବାସନ୍ତୀ ଲତା ଜେନା

ସୁନ୍ଦର ସୃଷ୍ଟିକୁ ରଚିଲେ ଈଶ୍ୱର
ସୁନ୍ଦର ମନଟେ ଦେଇ
ମାନବକୁ କଲେ ସର୍ବ ଶ୍ରେଷ୍ଠ ପ୍ରାଣୀ
ବିଦ୍ୟା ବୁଦ୍ଧି ଜ୍ଞାନ ଥୋଇ ।
ରସନା ସଂଯତ କରିବା ପାଇଁ କି
ବିବେକଟି ଖଞ୍ଜି ଦେଲେ
ଭଲ ମନ୍ଦ କଥା ବିଚାର କରିଣ
ଆଗକୁ ବଢ଼ିବ ଭଲେ ।
ପରଶ୍ରୀକାତର ହେବ ନାହିଁ କେବେ
ନିଃସ୍ୱାର୍ଥ ସେବା କରିବ
ସତ୍ୟ ଧର୍ମ କ୍ଷମା ନ୍ୟାୟ ଆଚରିବ
ପ୍ରତିଜନେ ଖୁସି ଦେବ ।
ନ କରିବ କେବେ ପର ଆଲୋଚନା
ପର ନିନ୍ଦା ନ କରିବ
ବିପଦରେ ମନ ଯିଏ ପଡି ଥିବ
ତାକୁ ସାହାଯ୍ୟ କରିବ ।
ମନ ଚାହେଁ ଯାହା ସବୁତ ମିଳେନି
କେବେ ଦୁଃଖ ନ କରିବ
ବିବେକ ନିର୍ଦ୍ଦେଶେ କର୍ମ କରୁ ଥିଲେ

ISSN NO.
2582-208X

ଖୁସିରେ ଦିନ ବିତିବ ।
ଈଶ୍ୱରଙ୍କ ଠାରେ ସମର୍ପିତ ହେଲେ
ସରଳ ହୃଦୟ ହେବ
ଏସାରା ଦୁନିଆ ଏକ ପରିବାର
ଭେଦଭାବ ନ କରିବ ।
ଏ ମର୍ତ୍ତ୍ୟ ମଣ୍ଡଳ ବୈକୁଣ୍ଠ ପୁର
ମନ ନିରିମଳ ଥିଲେ
ସ୍ନେହ ଶ୍ରାଦ୍ଧା ପ୍ରେମ ବିତରଣ କଲେ
କୋଟି ପୂଣ୍ୟ ତୀର୍ଥ ମିଳେ ।
ସୁବିଚାର ଆଉ ଉନ୍ନତ ଚିନ୍ତନ
ଯାହା ପାଖେ ରହି ଥାଏ
ସାଧୁ ସନ୍ଥ ସଙ୍ଗେ ସେ ନର ସମାନ
ପ୍ରୀୟ ସଭିଙ୍କର ହୁଏ ।
ଈଶ୍ୱର ବିଶ୍ୱାସୀ ଯେଉଁ ବ୍ୟକ୍ତି ହୁଏ
କୁକର୍ମ ସେ କରେ ନାହିଁ
ପର ସେବା ପାଇଁ ଜୀବନ ସେ ଦିଏ
ଜାତି ସ୍ୱାଭିମାନୀ ସେହି ।
ମନ ନିରିମଳ ଗଙ୍ଗା ଜଳ ହେଲେ
ନାରାୟଣ ଦରଶନ
ସେ ପାଦେ ଶରଣ ଭକ୍ତି ନିବେଦନ
ରଖ ପ୍ରଭୁ ଭଗବାନ ।
ତୁମରି ଆଶ୍ରାରେ ଏ ଜୀବନ ମୋର
ବିତୁ ଅଛି ଦିନ ରାତି
ଅଧମ ସନ୍ତାନେ କୃପା ଢାଳି ଦେବ
ଶୁଣ ପ୍ରଭୁ ମହାଜ୍ୟୋତି

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ଋତୁରାଜ ବସନ୍ତ



ଡ. ଅଭିମନ୍ୟୁ କାନୁନଗୋ

ବସନ୍ତ ଋତୁ ସମ୍ରାଟ ଆସେ ଶୀତ ପରେ ।
ବସନ୍ତେ ବସନ ବଣ ମହା ଜମକରେ
ବସନ୍ତ ପକ୍ଷିବରଟି ବସଇ ଦୃମରେ ।
ବସନ୍ତେ ରଙ୍ଗର ଭେଟି ଜନ ମାନସରେ ।।
ବସନ୍ତ ଆଗମନରେ ବନପ୍ରୀୟ ସ୍ୱରେ
ବସନ୍ତେ ଚତୁର୍ଦ୍ଦିଗକୁ ସତତ ପ୍ରସରେ
ବସନ୍ତେ ରାଧା ମାଧବ ଦୋଳ ବିମାନରେ ।
ବସନ୍ତି ଭୋଗ ଖାଇବା ପାଇଁ ପ୍ରତି ଘରେ ।।
ବସନ୍ତ ରଙ୍ଗ ରୋଷଣୀ ଭରେ ଆନନ୍ଦରେ ।
ବସନ୍ତ ଶୋଭଇ ନାନା ଜାତି ପ୍ରସୂନରେ ।।
ବସନ୍ତର ଆଗମନ ଅଗ୍ନି ଉତ୍ସବରେ ।
ବସନ୍ତ ଶୀତ ବିଦାୟ ଦିଏ ଧାଡିକାରେ।।
ବସନ୍ତେ ଫଗୁଣ ଚୈତ୍ର ଏ ବେନି ମାସରେ ।
ବସନ୍ତେ ଶୋହେ ଧରଣୀ ନବ ପଲ୍ଲବରେ ।।
ବସନ୍ତେ ମଧୁର ବାତ ବହେ ଧୀରେ ଧୀରେ ।
ବସନ୍ତରେ ଆମ୍ବ କଷି ଜନ ମନ ହରେ ।।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ସତୀ ହେବା ଅତି କଷ୍ଟ



ମୀର୍‌ ପୂରବୀ ପାଣିଗ୍ରାହୀ

ସତୀ ନାରୀ ହେବା ସହଜ ନୁହଇ
ହୋଇଥାଏ ଅତି କଷ୍ଟ
ବାରମ୍ବାର ତାର ପରୀକ୍ଷା ନିଅନ୍ତି
ଭଗବାନ, ଦେବ, ଇଷ୍ଟ ।
ଘାତ ପ୍ରତିଘାତ ସହି କି ମଧ୍ୟ ସେ
ଚରିତ୍ର ନକରେ ନଷ୍ଟ
ସ୍ୱାମୀ ମୋ ଖାଇବେ ତାଜା ଖାଦ୍ୟ ପରା
ଭୁଞ୍ଜିବେ ନାହିଁ ଉଚ୍ଛିଷ୍ଟ ।
କିଏ ଯାଚୁଥାଏ ଧନ, ଟଙ୍କା କେତେ
ଭ୍ରମିତ କରାଏ ଭ୍ରଷ୍ଟ
କିଏ ପୁଣି ଲୋଭ ଦେଖାଉଥାଏ ଯେ
ପଦ ପଦବୀ ର ଶ୍ରେଷ୍ଠ ।
ଏ ସବୁ କୁ ଲଙ୍ଘି ସତୀ ନାରୀ ଚାଲେ
ନ ହୁଏ ତିଳେ ଆକୃଷ୍ଟ
ଧନ, ଟଙ୍କା, ପଦ, ପଦବୀ ସବୁଥୁ
ସତୀ ପଣ ମୋ ଗରିଷ୍ଠ ।

ISSN NO.
2582-208X

ସତୀତ୍ୱ ଲୁଣ୍ଠନ କରିବା ପାଇଁ ଯେ
ବିଚାର ଚାଲେ ଉଦ୍ଭଟ
ମନ୍ଦ ବୁଦ୍ଧି ବୋଲି ଜାଣିଯାଏ ସତୀ
ଅଟେ ଇୟେ ଗୋଟେ ଦୁଷ୍ଟ।
ସଭିଏଁ ଶେଷେ ମାତା ବୋଲି ପୂଜନ୍ତି
ଜ୍ୟେଷ୍ଠ ହେଉ ବା କନିଷ୍ଠ
ରୋଗ ହେଲେ ସତୀ ଖାତିର ନକରେ
କର୍କଟ ହେଉ ବା କୁଷ୍ଠ।

କୋମନା, ନୂଆପଡା

ISSN NO.
2582-208X

# ଆଜିକାର ବନ୍ଧୁ



ଜୟ କୁମାର ମିଶ୍ର

ବନ୍ଧୁ ପଦ ଏକ, ପବିତ୍ର ସମ୍ପର୍କ
ନଥାଏଟି, ଆବିଳତା,
ନାହିଁ ଲାଭ ଲୋଭ, ଉଚ୍ଚ, ନୀଚ ଭାବ
ଦୁଇଟି ହୃଦୟ  ଗୁନ୍ଥା ॥
ପୀରତି ରଜ୍ଜୁରେ, ଆଦୃର୍ଷ୍ୟ ଭାବରେ
ବନ୍ଧା, ଛନ୍ଦା, ନିବିଡ଼ରେ
ଆପଦ, ବିପଦେ, ସୁଖ ଓ ସମ୍ପଦେ
ମନ ପ୍ରାଣ, ନିତ୍ୟ ଝୁରେ ॥
କ୍ଷମତାର ସିଢ଼ି, ଗଲେ କେବେ ଚଢ଼ି
ତଥାପି ବନ୍ଧୁକୁ ଖୋଜା,
ହେଉ ସେ ଫକୀର, ହେଉ ସେ ଅମୀର
ମନ କରୁଥାଏ ହେଜା ॥
ପଞ୍ଚୁପାଣ୍ଡବଙ୍କ, ସୁଦାମା ବ୍ରାହ୍ମଣ
ଗୋବିନ୍ଦଙ୍କ  ବନ୍ଧୁ, ସଖା,
ନିରନ୍ତରେ ରହି, ବିପଦରୁ ତ୍ରାହି
ଉଧରୀ ଧରିଣ ରକ୍ଷା ॥

ISSN NO.
2582-208X

ପ୍ରତି ବଦଳରେ, ସ୍ନେହପ୍ରୀତି ପାରେ
କେତେ ଯେ କଷଣ ସହି,
ନିନ୍ଦା ଅପନିନ୍ଦା, କରି, ମନୁ ବିଦା
ସହିଥିଲେ ଭାବଗ୍ରାହୀ ॥
ସମୟର ବଳେ, ସବୁତ ବଦଳେ
ବଦଳେ ବନ୍ଧୁର ରୂପ,
ଦିଆ, ନିଆଁ ପାଇଁ, ଆକୁଳରେ ବାଇ
(କରେ) ଏକରୁ ଅନେକ ପାପ ॥
ସୁବିଧା, ସୁଯୋଗ, କରି ଉପଯୋଗ
ଆପଣାର ହୀତ ଭାଳି,
ଇଜ୍ଜତ, ମହତ, ସୁଖ, ଶିରୀ ଚିତ୍ର
(ସହ) କପଟ ପଶାକୁ ଖେଳି ॥
ଶକୁନିତ ଥିଲେ, ବନ୍ଧୁ ହାତ ଦେଲେ
କୁରୁ ଘର ଧନ ଖାଇ,
ବନ୍ଧୁ ଧନ ଖାଇ, ପାଣ୍ଡବଙ୍କ ପାଇଁ
କରୁଥିଲେ ଚିନ୍ତା ସେହି ॥
ଯିଏ ଦେଲା ନେଲା, ମନ ତୋଷ କଲା
ସେ ପରା ବନ୍ଧୁରେ ଗଣା,
ହୁଏ ହତାଦର, ନଲଭି ଆଦର
ଅଭାବୀ ଭାଗ୍ୟଟି ବଣା ॥
ସୁବିଧା ବାଦର, ଉତଙ୍ଗ ଶିଖର
ଚଢ଼ଇ ନିର୍ଲଜେ ବନ୍ଧୁ,
କରେ କାରନାମା, ଡେଇଁ ସବୁ ସୀମା
ଚରିତ୍ରେ ବୋଳି ଅଳନ୍ଧୁ ॥

ISSN NO.
2582-208X

ଦାଣ୍ଡରେ କୁହନ୍ତି, ଦେଖାଇ ହୁଅନ୍ତି
ବଡ଼ ଭଦ୍ରଲୋକ ଆମେ,
କାମରେ ଓଲଟା, ନିକୃଷ୍ଟ ଚିନ୍ତାଟା
ରାହୁପରି ଗ୍ରାସେ ଭ୍ରମେ ॥
ସମ୍ପଦେ ସମ୍ପର୍କ, ବିପଦେ ବିମୁଖ
ଦୂର ବ୍ୟବଧାନ ରଖା,
କେତେ ଯେ ବାହାନା, କଳ୍ପନା ଯୋଜନା
କଥା ଚାତୁରୀରେ ଯୋଖା ॥
ବନ୍ଧୁର ମହତ୍ୱ, ହୋଇଅଛି ଖତ
ଅମଡ଼ା ବଟ, ବାଟୋଇ,
ବନ୍ଧୁ, ବନ୍ଧୁ ପାଇଁ, ଅଇରୀ ସାଜଇ
ଗଳା କାଟେ ସ୍ୱାର୍ଥ ପାଇଁ ॥
ବନ୍ଧୁତ ଅଛନ୍ତି, ଏକରୁ ଅନେକ
ସ୍ୱାର୍ଥେ ଆତ ଯାତ ହୋଇ,
କୋଟିକରେ ଗୋଟେ, ଦୁର୍ଲଭ ବନ୍ଧୁଟେ
ପ୍ରକୃତ ବନ୍ଧୁଟି କାହିଁ,???
ବିଶ୍ୱାସ ଭରସା, ତୁଟିଯାଏ ଆଶା
ଦୁଃଖ ସହ,ବନ୍ଧୁ  ଧନ୍ଦେ,
ପହଲା ଏଣ୍ଡୁଅ, ରଙ୍ଗ ବର୍ଣ୍ଣମୟ
ବନ୍ଧୁ ପାଇଁ ବନ୍ଧୁ କାନ୍ଦେ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ୧୯୮୦ ମସିହା ପରବର୍ତ୍ତୀ ଓଡିଆ ନାଟକରେ ସଙ୍ଗୀତ



ଡକ୍ଟର ଲିଙ୍ଗରାଜ ମେହେର

ସଙ୍ଗୀତ ହେଉଛି ନାଟକର ଏକ ପ୍ରମୁଖ ଉପାଦାନ । ଆରିଷ୍ଟଟଲଙ୍କ ମତରେ ସଙ୍ଗୀତ ଟ୍ରାଜେଡିର ଅଭିନୟକୁ ଆନନ୍ଦଦାୟକ କରି ଗଢ଼ି ତୋଳଥାଏ । ଗ୍ରୀକ୍ ନାଟକର ଉଦ୍ଭବ ହୋଇଛି ଡିଥିରାମ ଓ କ୍ଲାସିକ୍ କୋରସ୍ ଗୀତରୁ । ଅର୍ଥାତ ଟ୍ରାଜେଡି ପାଇଁ ସଙ୍ଗୀତ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଆଚାର୍ଯ୍ୟ ଭରତ ମଧ୍ୟ ନାଟ୍ୟଶାସ୍ତ୍ରରେ ସଙ୍ଗୀତର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । ପଂଚମବେଦ ବା ନାଟ୍ୟବେଦର ସୃଷ୍ଟିକାଳରେ ସାମବେଦରୁ ଗୀତକୁ ଗ୍ରହଣ କରିଥିଲେ । ସଙ୍ଗୀତରତ୍ନାକର ଗ୍ରନ୍ଥରେ କୁହାଯାଇଛି–"ନୃତ୍ୟଂ ଗୀତଂ ବାଦ୍ୟଂ ତ୍ରୟଂ ସଙ୍ଗୀତ ମୁଚ୍ୟତେ ।" ଅର୍ଥାତ ନୃତ୍ୟ, ଗୀତ ଓ ବାଦ୍ୟର ସମ୍ମିଶ୍ରଣର ନାମ ହେଉଛି ସଙ୍ଗୀତ । ପ୍ରାଚୀନ କାଳରେ ନାଟକର ଆରମ୍ଭ ପୂର୍ବରୁ ପୂର୍ବରଙ୍ଗରେ ଓ ଅଙ୍କ ଶେଷରେ ରସାନୁକୁଳ ସଙ୍ଗୀତ ଗାଇବାର ପରମ୍ପରା ଥିଲା ।

ଓଡିଆ ନାଟକର ପ୍ରାରମ୍ଭିକ କାଳରେ ସଙ୍ଗୀତର ବହୁଳ ପ୍ରୟୋଗ ନଥିଲେ ମଧ୍ୟ କବିଚନ୍ଦ୍ର କାଳୀଚରଣଙ୍କ ସମୟରେ ସଙ୍ଗୀତକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା । ମାତ୍ର ସ୍ୱାଧୀନତା ପରବର୍ତ୍ତୀ ସମୟରେ ନାଟକରୁ ସଙ୍ଗୀତ ଏକ ପ୍ରକାରର ଉଭେଇ ଗଲା କହିଲେ ଚଳେ । କିନ୍ତୁ ୧୯୮୦ ମସିହା ପରବର୍ତ୍ତୀ ସମୟରେ ଓଡିଆ ନାଟକରେ ଲୋକନାଟକର ଶୈଳୀକୁ ବିଶେଷ ଭାବରେ ଗ୍ରହଣ କରାଯାଇଥିବାରୁ ଏବଂ ଲୋକନାଟକରେ ସଙ୍ଗୀତର ବହୁଳ ପ୍ରୟୋଗ ଥିବାରୁ ସଙ୍ଗୀତର ସିଧାସଳଖ ପ୍ରଭାବ ପଡିଛି ଏହି ନାଟକରେ । ୧୯୮୦ ମସିହା ପରବର୍ତ୍ତୀ ପ୍ରମୁଖ ଓଡିଆ ନାଟ୍ୟକାରଙ୍କ କେତେକ ପ୍ରମୁଖ ନାଟକ ଉପରେ ଅବଲୋକନ କଲେ ଏହା ସ୍ପଷ୍ଟ ଜଣାପଡେ ।

ISSN NO.
2582-208X

ନାଟ୍ୟକାର ଚନ୍ଦ୍ରଶେଖର ନନ୍ଦଙ୍କ 'କସ୍ତୁରୀ' ନାଟକର ଆରମ୍ଭରେ ନାନ୍ଦୀପାଠ ଓ ଶେଷରେ ଭରତ ବାକ୍ୟର ପ୍ରୟୋଗ କରାଯିବା ସହ ନାଟକ ମଝିରେ ସଂଗୀତର ପ୍ରୟୋଗ ମଧ୍ଯ କରାଯାଇଛି । ନାଟକର ଚତୁର୍ଦ୍ଦଶ ଦୃଶ୍ୟରେ ବାସବଦତ୍ତା ଦୁଃଖରେ ଏକ ଗୀତ ବୋଲୁଥିବା ବେଳେ ଦ୍ୱିତୀୟ ଦୃଶ୍ୟରେ ନାଟକୀୟ କଥାବସ୍ତୁର ଉପସ୍ଥାପନା କରିବା ପାଇଁ ସୂତ୍ରଧର ଓ ନଟୀ ଗୀତ ଓ ନୃତ୍ୟ କରିଛନ୍ତି ।

"ସୂତ୍ରଧର – ଏମିତି କଥାଟେ କହିବି ନଟୀ ଲୋ
ଦେହ ଉଲୁସିବ ତୋର
ପ୍ରେମିକ ପ୍ରେମିକା ଲାଗିଆସିବେ ଲୋ
ଦେହୁ ମନୁ ଫାଙ୍କ ଦୂର ।"

ସେହିପରି ନାଟ୍ୟକାର ନନ୍ଦଙ୍କ 'କଥା କଥାରେ' ନାଟକର ଏକାଦଶ ଦୃଶ୍ୟରେ "ଆହେ ଦୟାମୟ ବିଶ୍ୱ ବିହାରୀ" ପ୍ରାର୍ଥନାକୁ ଅନ୍ତରାଳରୁ ସଂଯୋଜିତ କରାଯାଇଥିବା ବେଳେ ନାଟକର ଶେଷରେ ସମ୍ମିଳତ ସଂକର୍ତ୍ତନ୍ୟର ସ୍ୱର ସଂଯୋଜିତ ହୋଇଛି ।

ନାଟ୍ୟକାର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'ସ୍ୱର୍ଗାରୋହଣ', 'ଭୀମଭୋଇଙ୍କ ସଂଧାନରେ', 'କଲୁରିବେଣ୍ଟ', 'ମଇଁଷିର ପାଶ ନ ଯାଅ ଦନାଇ' ପ୍ରଭୃତି ନାଟକରେ ସଙ୍ଗୀତର ପ୍ରୟୋଗ କରାଯାଇଛି । 'ସ୍ୱର୍ଗାରୋହଣ' ନାଟକରେ ଖଞ୍ଜଣି, ଦାସକାଠିଆ ଆଦି ସ୍ୱରରେ କଛି ସଂଗୀତର ପ୍ରୟୋଗ କରାଯାଇଛି । ଯଥା–

"କେତେଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ଘେନି ଯିବୁ ତୋର ଛୁଟିଲେ ଘଟରେ ।
ଖଣ୍ଡି ଯେ ଖଣ୍ଡି ତୋର ପିଞ୍ଜରା କାଠି
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ ।"

ସେହିପରି ନାଟ୍ୟକାର ହରିଚନ୍ଦନଙ୍କ 'ଭୀମଭୋଇଙ୍କ ସଂଧାନରେ' ନାଟକରେ ଅନେକ ସ୍ଥାନରେ ଛୋଟ ଛୋଟ ସଂଗୀତର ପ୍ରୟୋଗ କରାଯାଇଛି । ଯେପରିକ –

ISSN NO.
2582-208X

"୧ମ –　　ସତ୍ୟପଥେ ଧର୍ମପଥେ ଘେନଯାଅ ମତେ ।
୨ୟ –　　ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ ।
୩ୟ -　　ପ୍ରଭୁ ପରମ ଶରଣ ।

୧ମ, ୨ୟ, ୩ୟ – ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ ପ୍ରଭୁ ପରମ ଶରଣ ।(ଗାଇ ଗାଇ ନାଚବେ )"

'କଲୁରିବେଣ୍ଟ' ନାଟକର ପ୍ରତ୍ୟେକ ଦୃଶ୍ୟର ଆରମ୍ଭରେ କଲୁରିବେଣ୍ଟ ଲୋକକଥାର ଗୀତକୁ କୋରସ୍ ଦ୍ୱାରା ପରିବେଷଣ କରାଯାଇଛି । ଯଥା–

"କୋରସ୍ –　　କା କା କା ଆକାଶୀ ଫଳ କଲୁରିବେଣ୍ଟ ଖା ଖା ଖା
　　ଯୁଆଡ଼େ ଯାଆ ସିଆଡ଼େ ଖାଲି ନା ନା ନା

୧ମ –　　ଦେ କୂଅ ଦେ ପାଣି, ଦେରେ ମୋର ମନ ଜାଣି
　　କାହୁଁ ପାଣି ଧୋଉ ଥଣ୍ଟ ଧାଁଇ ଧାଁଇ ଖାଉ କଲୁରିବେଣ୍ଟ ।
　　x　　x　　x
କୋରସ୍ –　　କା କା କା ଆକାଶୀ ଫଳ କଲୁରିବେଣ୍ଟ ଖା ଖା ଖା
　　ଯୁଆଡ଼େ ଯାଆ ସିଆଡ଼େ ଖାଲି ନା ନା ନା

(ସମସ୍ତେ ମଞ୍ଚ ଉପରୁ ଗ୍ଲଲିଯିବେ । ଏହିପରି ପ୍ରତ୍ୟେକ ଥର କୋରସ୍ ଦଳ ଆସିବେ ଓ ଗ୍ଲଲିଯିବେ ।)"

'ମଇଁଷିର ପାଶ ନ ଯାଅ ଦନାଇ' ନାଟକରେ ପିଲାଦିନେ ସ୍କୁଲରେ ବୋଲୁଥିବା ଏକ ପ୍ରାର୍ଥନାକୁ କପରି ବଡ ହେଲେ ଭୁଲିଯାଉ ଏବଂ ତାର ଓଲଟା କାର୍ଯ୍ୟକରୁ ତାହା ଦେଖାଇବା ସହ ଦନେଇ ସେହି ପଦକ ମନେ ପକାଇ ଉଚ୍ଚ କଣ୍ଠରେ ଗାଇଉଠେ –

ISSN NO.
2582-208X

"ସତ୍ୟ ପଥେ ଧର୍ମ ପଥେ ଘେନଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୁ ପରମ ଶରଣ,
ଏ ଜୀବନ ଶ୍ରୀଚରଣେ କଲି ସମର୍ପଣ
ପ୍ରଭୁ ପରମ ଶରଣ ।"

ନାଟ୍ୟକାର ଡାକ୍ତର ସୁବୋଧ ପଟ୍ଟନାୟକଙ୍କ 'ହେ ଭଗତେ' ନାଟକଟି ମୁକ୍ତଧାରାର ହୋଇଥିବାରୁ ଏଠାରେ ସ୍ୱତସ୍ଫୁର୍ତ୍ତ ଭାବରେ କିଛି ଲୋକପ୍ରିୟ ଗୀତକୁ ପ୍ରସଙ୍ଗ କ୍ରମରେ ପରିବେଷଣ ଉପଯୋଗୀ କରାଯାଇଛି । ଯଥା – 'ଆହେ ନୀଳ ଶଇଳ', 'କବାଟ ଖୋଲ ପ୍ରିୟେ', 'ସଂସାରେ ଥିବୁ ଯେତେଦିନ' ଇତ୍ୟାଦି । ଏତତ୍‌ବ୍ୟତୀତ ଲୋକବାଦ୍ୟ ଭାବରେ ଘଣ୍ଟ ଓ ମାଦଳକୁ ବ୍ୟବହାର କରାଯାଇଛି । ଏ ସଂପର୍କରେ ନାଟକର ନିର୍ଦ୍ଦେଶକ ଦୋଳଗୋବିନ୍ଦ ରଥ କହନ୍ତି – "ଜନସମୁଦ୍ରର ମୁଖୋତ୍ଭବ ଶବ୍ଦ ଏବଂ ମାନସଜାତ ତନ୍ତ୍ରୀର ସ୍ୱର, ଉଭୟଙ୍କର ବାତାବରଣ ଭିନ୍ନ ହେଲେ ମଧ୍ୟ ସଞ୍ଚରଣ ଅଭିନ୍ନ । ଏହି ଦୁଇ ଧ୍ୱନିର ଗାମ୍ଭୀର୍ଯ୍ୟ ଏବଂ ବ୍ୟାପକତାକୁ 'ଘଣ୍ଟ ମାଦଳ' ମାଧ୍ୟମରେ ପ୍ରକାଶ କରାଯାଇଛି ।" 'ଅବରୁଦ୍ଧ ଉଦ୍ଧବ' ନାଟକଟି କଳାହାଣ୍ଡିକୁ ନେଇ ହୋଇଥିବାରୁ ଏବଂ ଏହି ଅଞ୍ଚଳରେ ସାଧାରଣତଃ ନାରୀମାନଙ୍କ ମୁଖେ ମୁଖେ 'ରସରକେଲି', 'ଡାଲଖାଇ' ଆଦି ଗୀତ ରହିଥିବାରୁ ନାଟ୍ୟକାର ବଡ ଚତୁରତାର ସହିତ ମଇନା ମୁହଁରେ ଏକ 'ରସରକେଲି' ଗୀତକୁ ସଂଯୋଜିତ କରିଛନ୍ତି । ଅବରୁଦ୍ଧର ଅନୁରୋଧରେ ତାର ପେଟରେ ଥିବା ଛୁଆପାଇଁ ସେ ଗାଇଉଠିଛି –

"ବରଷିଲା ପାନି କଗୋ କରିଦେଲା ଝରି,
କୁକୁର୍ ବିଚର୍ ମନେ ନାଇଁ ପାରଲେ ଚରି ।
ଯାହା ଥିଲେ ବୁଢ଼ା ବୁଢ଼ା ଶୂନ୍ୟେ ଗଲେ ଢ଼ଲି ।
ଧାନ ହାଁଡ଼େ ଶିଝେଇଲି ନହେଲା ବତର
ଧାନମାନେ ଉଦ୍ଧାର କଲି ନ ହେଲା ଉଦ୍ଧାର
ରହ, ରହରେ ଛୁଆ ପୁତେ ଆଉର ବେଲେ ଟାକ
କାଲକେ ହେବା ଆଠ କୁଡ଼ା କେତେ ଖାଏବ ଚୁଡ଼ା ।..."

ISSN NO.
2582-208X

ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ 'ଉତ୍ତର ପୁରୁଷ' ନାଟକର ଆରମ୍ଭରେ ସୂତ୍ରଧର ଦୁଇଜଣ ନୃତ୍ୟ ଭଙ୍ଗୀରେ ଆସି ଲୋକଗଳ୍ପ କଥନର ପ୍ରାରମ୍ଭ 'କଥାଟିଏ କୁହ କଥାଟିଏ'କୁ ଗାଇଛନ୍ତି । ସେହିପରି ଅନ୍ୟ ସ୍ଥାନମାନଙ୍କରେ 'ଦଣ୍ଡଗୀତ' ଓ 'ଦାଶକାଠିଆ' ଆଦି ଗୀତକୁ ପରିବେଷଣ କରିଛନ୍ତି । ଯଥା –

"ପାଣ୍ଡବଙ୍କ ଛାଉଣିରେ ପଡ଼ିଲା ଭଲେଣି, କେ ଭେଦିବ ଚକ୍ରବ୍ୟୂହ କଏ ଅଛି ଜାଣି ।
ଅର୍ଜ୍ଜୁନ ଏକଇ ବୀର ପାଣ୍ଡବ ପକ୍ଷରେ, ଚକ୍ରବ୍ୟୂହ ଭେଦିବାକୁ ଏକା ସେହି ଜାଣେ ।
କୃଷ୍ଣ ଆଉ ଅରଜୁନ ନାହାନ୍ତ ଏବେ, ଯାଇଛନ୍ତି ଯୁଦ୍ଧପାଇଁ ରାକ୍ଷସର ସଙ୍ଗେ ।"

ନାଟ୍ୟକାର ସ୍ୱର୍ଗତ ରତିରଂଜନ ମିଶ୍ର ତାଙ୍କ ନାଟକ ଗୁଡିକରେ ଲୋକନାଟ୍ୟ ଶୈଳୀର ଯଥେଷ୍ଟ ପ୍ରୟୋଗ କରିଥିବାରୁ ପାଲା, ଦାସକାଠିଆ, କର୍ତ୍ତନ, ଭଜନ, ଚଢେୟା-ଚଢେୟାଣୀ ଆଦି ଲୋକନାଟ୍ୟ ଶୈଳୀ ଆଧାରିତ ସଙ୍ଗୀତର ବହୁଳତା ଦେଖିବାକୁ ମିଳଥାଏ । ତାଙ୍କର 'ଦେଖ ବର୍ଷା ଆସୁଛି' ନାଟକରେ ପୁଷି ଓ କାଉ ଚରିତ୍ରକୁ ସୂତ୍ରଧର ଚରିତ୍ର ଭାବରେ ମଞ୍ଚକୁ ଆଣି ତାଙ୍କ ମୁହଁରେ "ଡାମରା କାଉରେ ଡାମରା କାଉ" ଓ "ପୁଷି ନାନୀ ଲୋ ପୁଷି ନାନୀ" ସଙ୍ଗୀତ ମାଧ୍ୟମରେ ନାଟକର ପ୍ରାରମ୍ଭିକ ସୁଚନା ଓ ପରିସମାପ୍ତି ଘୋଷଣା କରିଛନ୍ତି । ଯଥା-

"ପୁଷି – ଡାମରା କାଉରେ ଡାମରା କାଉ
ପର୍ବତ କନ୍ଦରେ ବୋବାଉ ଥାଉ
ଦେଶ ବିଦେଶର ଯେତେକ କଥା
ଅଛପା ରହିଚ ତତେ କେଉଁଟା
ପାଖକୁ ଆରେ ଡାମରା କାଉ
କହିଦେ ଖବର ଦୁଃଖ ମୋ ଯାଉ ।

କାଉ – ପୁଷି ନାନୀ ଲୋ ପୁଷି ନାନୀ
ତୋ ଗୁଣକୁ କଏ ଜାଣିନ ?
ପାଖକୁ ଗଲେ ମୁଁ ତୋହର
ଭେକାଳ ବୁଡିଲା ମୋହର

ISSN NO.
2582-208X

ଖବର କହିଲ୍ ଆଗରୁ ତତେ
କଡମଡ କରି ଖାଇବୁ ମତେ ।"

ଏତତ୍‌ବ୍ୟତୀତ ଏହି ନାଟକରେ ଚଷା ଭାଇର ହଳଆ ଗୀତ, ଡଗର ଗୀତ, ଦାସକାଠିଆ ଆଦି ଗୀତ ସହ ନିରଞ୍ଜନ ବାବାଙ୍କ ସୁସ୍ଥତା କାମନା କରି ସମସ୍ତେ ପ୍ରାର୍ଥନା ଗୀତ ଗାଇଛନ୍ତି । ଯଥା-

"ଅଖିଳ ବ୍ରାହ୍ମଣ ପତି ହେ ଜୀବନ ଦାତା ।
ବାବା ନିରଞ୍ଜନ ଆମ ହୃଦୟ କରତା ।୧ ।
ସେ ଥିଲେ ଆମକୁ ଦେବେ ବରଷା ବାରତା,
ଭଲ କରି ଦିଅ ତାଙ୍କୁ ପ୍ରଭୁହେ, ବିଧାତା ।୨ ।"

'ଦୁଗଧଜାତ' ନାଟକରେ ମଧ୍ୟ ଲୋକନାଟ୍ୟ ଶୈଳୀର ଆଧାରରେ ସଙ୍ଗୀତର ପ୍ରୟୋଗ କରାଯାଇଛି । ଯେପରିକି ନାଟକର ଆରମ୍ଭରେ ଭଜନ ଶୈଳୀ ମାଧ୍ୟମରେ ରାଜାଙ୍କର ପରିଚୟ ପ୍ରଦାନ କରାଯାଇ କୁହାଯାଇଛି-

"ଭଜରେ ଭଜମନ - ରାଜାଙ୍କ ଗୁଣ ।
ଭଜିଲେ ତରିଯିବ - ସାତ ଜନମରେ, ସାତ ଜନମ ।
ମଣିମା ସର୍ବଗୁଣି - ଶକ୍ତ ଅପାର ।
ସଂସାର ଯାକ ଲୋକ - ମଧ୍ୟରେ ସାରରେ, ମଧ୍ୟରେ ସାର ।
x x x
ଛାମୁ ନିଜେ ବିଧାତା - ସେ ଅବତାର
ତାଙ୍କୁ ପୂଜିଲେ ଆମ୍ଭେ - ହେବୁ ଉଦ୍ଧାରରେ, ହେବୁ ଉଦ୍ଧାର ।"

'ରୁଦ୍ଧଦ୍ୱାର' ନାଟକର ଆରମ୍ଭରେ ମଧ୍ୟ ଚଢେୟା-ଚଢେୟାଣୀ ସୂତ୍ରଧର ଚରିତ୍ର ଭାବରେ ଆସି ସଙ୍ଗୀତ ମାଧ୍ୟମରେ ନାଟକର ପ୍ରାରମ୍ଭିକ ସୂଚନା ଦେଇଛନ୍ତି :

ISSN NO.
2582-208X

"ଚଢ଼େୟା – ଚଢ଼େୟାଣୀ ଗପତ କହିବି ନାହିଁ- ୨
ଆସି ଅଛୁ ଆମେ ନାଟକ ପାଇଁ
ନାଟକ ପାଇଁ- ଯା
କେତେ ଦୁର ଦେଖୁ ଧାଇଁ ଧାଇଁ- ।
ଆମେ ଆସିଛୁ ନାଟକ ପାଇଁ ।

ଚଢ଼େୟାଣୀ – ଚଢ଼େୟାରେ ବିଷୟବସ୍ତୁ ତା କଣ -୨
ଦୁଃଖ କହିବୁକ ସୁଖ ତୁ ଜାଣ
ସୁଖତୁ ଜାଣ - ଯା
ସଭ୍ଯଜନେ ମନକର୍ଣ୍ଣ ଦେଇ ଶୁଣ ।

x x x

ଚଢ଼େୟା – ସୁନ୍ଦରୀଲୋ ସେକଥା ପଗ୍ଗରେ ନାଇଁ
ଯିବା ଗ୍ଭଲ ଗାଆଁ ବୁଲିବା ପାଇଁ
ବୁଲିବା ପାଇଁ ଯେ -
ସେଠି କହିବି ସବୁ ବୁଝାଇ ।"

ଏଥିସହିତ ନାଟକର ମଝିରେ ମଝିରେ ମଧ ଚଢ଼େୟା ଓ ଚଢ଼େୟାଣୀ ପ୍ରବେଶ କରି କେଳା-କେଲୁଣୀ, ଦାସକାଠିଆ ଯୁଦ୍ଧ, ଠିଆପୁଚ ନାରଙ୍ଗ, ଆରେ ଆରେ ବାଇ ଚଢ଼େଇ ମୋ ଧନ ସାଥିରେ ଖେଳବୁ ତୁହି ଆଦି ସ୍ୱରରେ ଗୀତ ଗାଇ ସୂତ୍ରଧରର କାର୍ଯ୍ୟ ତୁଲାଇଛନ୍ତି ।

ନାଟ୍ୟକାର ମିଶ୍ରଙ୍କର ଅନ୍ୟାନ୍ୟ ନାଟକ ପରି ତାଙ୍କର 'ମାଛ କାନ୍ଦଣାର ସ୍ୱର' ଐତିହାସିକ ନାଟକଟିରେ ମଧ ସଙ୍ଗୀତର ପ୍ରୟୋଗ ଦେଖିବାକୁ ମିଳେ । ଭୂୟାଁ ଆଦିବାସୀ ଅଂଚଳରେ ସଂନ୍ଧ୍ୟା ନଇଁ ଆସିଲା ପରେ ଆଦିବାସୀ ଲୋକମାନେ ହାଣ୍ଡିଆ ପିଇ ଗ୍ଭଙ୍ଗୁ ବାଜାର ସୁରେ ସୁରେ ଗୀତ ଗାଇ ନାଚଉଠିଛନ୍ତି -

"ପାଚଲା ଧାନ ବାଜିଲା ଗ୍ଭଂଗୁ
ଗାଲର ଉପରେ ଗାଲ

ISSN NO.
2582-208X

ହେଲା ଚଇତ ସରିଲା ଧାନ
ଯୋଉଠି ଖାଲ ସେଇଠି ଗୁଲ ।୧ ।

x x x

ହାଣ୍ଡିଆ ଖାଇ, ଗୁଂଗୁ ବଜେଇ
ଘରଜକୁ ଫେରି ଯା
ଆରେ ଭେଣ୍ଡିଆ - ଆ
ଆରେ ଟୋକଲି - ଆ...."

'ଅବତାର' ନାଟକଟି ପୂର୍ବାଞ୍ଚଳ ଲୋକନାଟକ ଉତ୍ସବ ପାଇଁ ଅଶି ଦଶକରେ ଲେଖା ଯାଇଥିବାରୁ ସେଠାରେ ଲୋକନାଟକର ଅନୁସରଣରୁ ଅନେକ ସଙ୍ଗୀତର ପ୍ରୟୋଗ କରାଯାଇଛି । ନାଟକର ଆରମ୍ଭରେ ବାଦକ ଓ ପାଳଆ ଆସି ପାଲା ଶୈଳୀରେ ନାଟ୍ୟ କଥାବସ୍ତୁର ଅବତାରଣା କରିଛନ୍ତି । ପରେ ରଂଜିତ ସତ୍ୟଦେବଙ୍କ କାହାଣୀ କହିବା ପରିପ୍ରେକ୍ଷୀରେ, ପୁଣି ସୂତ୍ରଧର ଓ ପାଳଆ ଆସି ସଙ୍ଗୀତ ମାଧ୍ୟମରେ କାହାଣୀକୁ ଆଗକୁ ନେଇଛନ୍ତି । ଯଥା-

"ସୂତ୍ରଧର – (ଗୀତ)

ଏ ସମୟେ ସ୍ୱର୍ଗପୁରେ ବସନ୍ତର ଖେଳା
ଆରମ୍ଭିଲା ମନ ସବୁ ହୋଇଲା ଚଂଚଳା
ବସନ୍ତର କୌତୁକଯେ ମନକୁ ଭ୍ରମିଲା
ହୋଇଲେ ମତ ଉନ୍ମତ ଦେବାଦେବୀ ସାରା"

ନାଟ୍ୟକାର ବିଜୟ କୁମାର ଶତପଥୀଙ୍କ 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକର ପ୍ରଥମ ପର୍ବରେ ଖୋଳ, ତାଳ ଧରି ପାଲାଦଳ ମଞ୍ଚକୁ ଆସିବା ସହ ପ୍ରଥମରେ ମାଁ ସାରଳାଙ୍କ ସ୍ତୁତିଗାନ କରି ସଙ୍ଗୀତ ମାଧ୍ୟମରେ ନାଟ୍ୟ ବିଷୟର ସୂଚନା ଦେଇଛନ୍ତି । ପରବର୍ତ୍ତୀ ଦୃଶ୍ୟ ଗୁଡିକରେ ମାଳବିକା କଣ୍ଠରେ, ସୈନିକ ମାନଙ୍କ କଣ୍ଠରେ ସଙ୍ଗୀତ ଦିଆଯିବା ସହ ଦ୍ୱିତୀୟ ପର୍ବର ଆରମ୍ଭରେ କିଛି ସଂଗୀତ ଦିଆଯାଇଛି । ଏପରିକି 'ମାଳତୀ ହତ୍ୟାକାଣ୍ଡ' ପୁସ୍ତକର ବିଜ୍ଞାପନ ମଧ୍ୟ ସଂଙ୍ଗୀତ ମାଧ୍ୟମରେ ଦିଆଯାଇଛି । ଯଥା-

ISSN NO.
2582-208X

"ରାଜା ରାଜୁଡାତ ଗଲେ ସଙ୍ଗୀତରେ
ରାଜା ରାଜୁଡାତ ଗଲେ
ଗଣତନ୍ତ୍ର ନାମେ ଆଉ ଦଳେ ରାଜା
ଶାସନ ଡୋରି ଧଇଲେ ।
ଦୁଃଖତ ମେଣ୍ଟିଲା ନାହିଁ ସଙ୍ଗୀତରେ
ଦୁଃଖତ ମେଣ୍ଟିଲା ନାହିଁ
ଅଣ୍ଟିଛୁରୀ ଯଦି ତଣ୍ଟି କାଟି ଦିଏ
କାହାକୁ କହିବି ଯାଇ ।"

ନାଟ୍ୟକାର ନାରାୟଣ ସାହୁଙ୍କ 'କାହାଣୀ ସବାଶେଷଲୋକର' ନାଟକର କେତୋଟି ସ୍ଥାନରେ ସଙ୍ଗୀତର ପ୍ରୟୋଗ କରାଯାଇ ନାଟକକୁ ଆଉ ଟିକଏ ସରସ ସୁନ୍ଦର କରିବାକୁ ଚେଷ୍ଟା କରାଯାଇଛି । ପ୍ରଥମ ଦୃଶ୍ୟରେ 'ଜାତି ନନ୍ଦିଘୋଷ ଚଳବକ ଭାଇ' ସଙ୍ଗୀତକୁ ସଂଯୋଜିତ କରାଯିବା ସହିତ ଦୃଶ୍ୟ ପରିବର୍ତ୍ତନ ପାଇଁ 'ଶୁଣ ଆହେ ସଭ୍ଭଜନେ ଦେଇ ମନ କର୍ଣ୍ଣ' ସଙ୍ଗୀତକୁ ସଂଯୋଜିତ କରାଯାଇଛି । ସେହିପରି ନାଟକ ମଝିରେ ଆଉ ଏକ ସଙ୍ଗୀତ କଳାକଳେବର ବୃତ୍ତରେ ଦିଆଯାଇଛି ।

"ଏହାପରେ ଯାହା ଘଟିଲା କହୁଅଛି ବୁଝାଇ
ଶୁଣ ଆହେ ସୁଜ୍ଞଜନହେ ମନ କର୍ଣ୍ଣଟି ଦେଇ (୦)
ଦୁଇଟି ଯୁଗରେ ଦେଖିଲ ସବାଶେଷର ଦୁଃଖ
ଜଣେ ବି ନଥିଲେ କେହିଟି କରିବାକୁଟି ମୋକ୍ଷ (୧)
ଏହି ରୂପେ ବିତିଯାଇଛି କେତେ ସହସ୍ର ଯୁଗ
ବିଜ୍ଞାନ ଯୁଦ୍ଧ ସେ ରଟିଲା ଆଧୁନକ ମଣିଷ (୨)"

ନାଟ୍ୟକାର ସାହୁଙ୍କ 'ମୁକ' ନାଟକର ଆରମ୍ଭରେ ନାଟ୍ୟ କଥାବସ୍ତୁକୁ ଆଗେଇ ନେବା ପାଇଁ ବୋଲବମ୍ ଭକ୍ତଙ୍କ ମୁଖରେ ଅଳ୍ପ ବୋଲବମ୍ ସଂଗୀତର ସଂଯୋଜନା କରାଯାଇଛି । ଯଥା-

ISSN NO.
2582-208X

"ଭକ୍ତ ୧ - ହର ହର ବମ୍
ଅନ୍ୟମାନେ - ବୋଲରେ ବମ୍
ଭକ୍ତ ୨ - ଜଟିଆ ବାବା
ଅନ୍ୟମାନେ - ପାର କରେ ଗା ।
ଭକ୍ତ ୩ - ଦାଢ଼ିଆ ବାବା
ଅନ୍ୟମାନେ - ଉଦ୍ଧାର କରେଗା ।"

ନାଟ୍ୟକାର ହୃଷିକେଶ ପଣ୍ଡାଙ୍କ ନାଟକ ଗୁଡିକରେ କଛି କଛି ସଙ୍ଗୀତର ପ୍ରୟୋଗ କରାଯାଇଥିବାର ଦେଖାଯାଏ । 'ଶବ୍ଦାନ୍ତର' ନାଟକର ଶେଷରେ ଜନତାଙ୍କ ମୁଖରେ କୁମ୍ଭିନାଦୀ ଉଦ୍ଦେଶ୍ୟରେ ଖୋଳ କରତାଳ ଝାଂଜ ଓ ମୃଦଙ୍ଗ ସହିତ ଏକ ସ୍ତୁତି ଗାନ କରାଯାଇଛି ।

"ଜୟ ଜୟ ଦେବୀ କୁମ୍ଭିନାଦୀ
ଜୟ ଜୟ ନଦୀ ମହାନଦୀ
ଜୟ ଜୟ କରୁଣା ବାରିଧି
ଜୟ ମାଗୋ ଜୟ କୁମ୍ଭିନାଦୀ"

ସେହିପରି 'ବ୍ରହ୍ମରାକ୍ଷସ' ନାଟକର ଦ୍ୱିତୀୟ ଅଙ୍କ ଆରମ୍ଭରେ ଅନ୍ତରାଳରୁ ଗୋପାଳଆ ଗୀତର ସଂଯୋଜନା କରାଯାଇଥିବା ବେଳେ ଶେଷ ଆଡକୁ ପ୍ରଚ୍ଛଦପଟରୁ ଏକ ଗୀତର ସଂଯୋଜନା କରାଯାଇଛି ।

"ପୁ - ଆକାଶେ ଉଡ଼ିଲା ମାଟିଆ ଚଲଲୋ
ପକ୍ଷ କାଟି ନାହିଁ ଘେର ।
ସ୍ତ୍ରୀ - ନାଗର ପାଇଁ ଲୋ ଗୁଆ କାଟୁ କାଟୁ
କାଟିଲି ଆଙ୍ଗୁଠି ମୋର । ।
ପୁ - ତୋ ହାତର ଗୁଆ ନଖାଏ ଲାହାରି
ମୋହର ବୁଡ଼ିବ କୁଳ ।

ISSN NO.
2582-208X

ସ୍ତ୍ରୀ - ଅଜାତି ନୁହେଁ କ ବିଜାତି ନୁହେଁ ଗୋ
ତୋର ମୋର ଏକ କୁଳ । ।”

‘ଭସ୍କୋ ଡା ଗାମା’ ନାଟକରେ ଚର୍ଚ୍ଚ ସ୍କୁଲ୍ ଜଳବାର ଦୃଶ୍ୟରେ ଅନ୍ଧାରରୁ ଏକ ପ୍ରଚ୍ଛଦପଟ ଗୀତ ଭସିଆସିଛି ।

“ମୟୁର ନାଚଲ୍ ଜାଗା ଛାଡ ।
ଗୋରୁ ଭୁଆଁବୁଲ୍ ଜାଗା ଛାଡ଼ ।
ମହୁମାଛି ଘର ଜାଗା ଛାଡ଼ ।
ଶାଳ ପବନର ଜାଗା ଛାଡ଼ ।
ଇସ୍କୁଲ୍ ଘର ଜାଗା ଛାଡ଼ ।
ଧାଙ୍ଗଡ଼ା ଘର ଜାଗା ଛାଡ଼ ।
x x x
ସାହାବ ଦେବତା ଫେରିଯାଆ
ଭସ୍କୋଡ଼ାଗାମା, ଯା, ଫେରିଯା ।”

ନାଟ୍ୟକାର ସ୍ୱର୍ଗତ ପ୍ରମୋଦ କୁମାର ତ୍ରିପାଠୀଙ୍କ ‘ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ’ ନାଟକରେ ଜଣେ ଦାସକାଠିଆର ଜୀବନ କାହାଣୀକୁ ଲିପିବଦ୍ଧ କରାଯାଇଥିବାରୁ ଦାସକାଠି ସଂଗୀତକୁ ଏହି ନାଟକରେ ବିଶେଷ ପ୍ରୟୋଗ କରାଯାଇଛି । ତା ସହିତ ଅନ୍ୟାନ୍ୟ ସଂଗୀତର ବ୍ୟବହାର ମଧ୍ୟ ନାଟ୍ୟକାର ଏହି ନାଟକରେ କରିଥିବାର ଦେଖାଯାଏ । ଏ ସଂପର୍କରେ ନାଟ୍ୟକାର କହନ୍ତି – “ପାରଂପରିକ ଗଣମନୋରଞ୍ଜନର ବାଦ୍ୟଯନ୍ତ୍ର ଉପରେ ଏ ନାଟକର ସଂଗୀତ ପର୍ଯ୍ୟବସିତ । ଦାସକାଠିଆ ଏହାର ପ୍ରାଣ । x x x ଯଦିଓ ପ୍ରତିକାତ୍ମକ ଭାବରେ ଦାସକାଠିଆକୁ ନାଟକୀୟ ସୁବିଧା ପାଇଁ ନିଆଯାଇଛି, ଏଠି ପଦ୍ମତୋଳା, ପାଲା, ଜାନୁଘଣ୍ଟ, ଘଣ୍ଟାକର୍ଣ୍ଣ, ସାପୁଆ କେଳା, ଢ଼ଗ, ମହାଭାରତ(ସମ୍ବଲପୁରୀ) କିମ୍ବା ଅନ୍ୟ ଯେ କୌଣସି ପାରଂପରିକ ସର୍ବଜନାଦୃତ ଗଣମନୋରଞ୍ଜନ ପରିବେଷଣ କରାଯାଇପାରେ ।”

ISSN NO.
2582-208X

'ଯେଉଁ ବନସ୍ତରେ ମଣିଷ ନାହିଁ' ନାଟକରେ ଦ୍ରୁମ ସଙ୍ଗୀତ, ବିହଙ୍ଗ ସଙ୍ଗୀତ ଆଦି ଅନେକ ସଙ୍ଗୀତର ପ୍ରୟୋଗ କରାଯାଇଛି । ଯଥା-ଦ୍ରୁମ ସଙ୍ଗୀତରେ

"ଧରମ ଡରାଏ ତୋତେରେ ମଣିଷ
ଶାସ୍ତର ଡରାଏ ତୋତେ
କରମ କରିଣ ବଂଚଲେ ମଣିଷ
କଏ ଡରାଇବ ତୋତେ
ଅସ୍ତର ଯେତିକି ଡରାଏ ତୋତେରେ
ଶାସ୍ତର ଡରାଏ ସେତେ
କରମ ଧରମ ସମାନ ଭାବିଲେ
କଥା କହୁଥିବେ ତୋତେ ।"

ନାଟ୍ୟକାର ରଣଜିତ ପଟନାୟକଙ୍କ 'ଇଚ୍ଛା ବନାମ ପଦ୍ମନାଭ' ନାଟକରେ ଭାଗବତର କେତୋଟି ପଦକୁ ସଂଗୀତ ମାଧ୍ୟମରେ ଉପସ୍ଥାପନ କରାଯିବା ସହିତ ରାଧୁ ଓ ଯଦୁଙ୍କ କଣ୍ଠରେ ମଧ୍ୟ ଏକ ସଂଗୀତ ସଂଯୋଜନା କରାଯାଇଛି । ଯଥା -

"ଚମ ଧୁଡୁଧୁଡୁ ଆଖି ଥୁରୁଥୁରୁ
ଆଉ କ କରିବୁ ପାଗ
(ବୁଢ଼ାରଜା) ଆଉକ କରିବୁ ପାଗ
ଭେଣ୍ଡିଆ ପୁଅ ତୋ ରାଜପଦ ପାଇ
ସିଝାଇ ଦବ ଯେ ଶାଗ
ଚମ ଧୁଡୁଧୁଡୁ...!
ରାମନାମ ଜପି କୃଷ୍ଣନାମ ଜପି
କଟାଇ ଦେ ଦିଇ ଦିନ

ISSN NO.
2582-208X

(ବୁଢ଼ାରଜା) କଟାଇ ଦେ ଦିଇ ଦିନ
ଗୁରିଖଣ୍ଡ କାଠ ସଜଡା ହେଲାଣି
ହାଇଁ ପାଇଁ କଆଁ ମନ
ଚମ ଧୁଡୁଧୁଡୁ.... ।"

ନାଟ୍ୟକାର ପଟନାୟକଙ୍କ 'ଗୋଇଠା ବାବା' ନାଟକରେ ବାବାର ମହିମା ପ୍ରଖ୍ୟାପନ ପ୍ରସଙ୍ଗରେ ମୃଦଙ୍ଗ ଓ ଝାଞ୍ଜ ସହିତ ସଂଗୀତର ପ୍ରୟୋଗ କରିଛନ୍ତି ।

"ପୂଜକ – ଗୋଇଠା ବାବାରେ ଗୋଇଠା ବାବା
ମୁକତି ଦେବାକୁ ହେଲେରେ ଉଭା
କୋରସ୍ – ଆରେ ବାବା ଗୋଇଠା ବାବା
ଗୋଇଠା ବାବାରେ ଗୋଇଠା ବାବା
କଉଟିଲ୍ୟ – ବିଧା ନୁହେଁ ମୁଥ ନୁହେଁ ଗୋଇଠା ସେ ମାରିବେ
ମହା ପାପୀମାନଙ୍କୁ ସେ ହୁକୁମ୍ ଦେଇ ତାରିବେ
କୋରସ୍ – ଆବ୍‌ବା କାବା ଗୋଇଠା ବାବା
ଗୋଇଠା ବାବାରେ ଗୋଇଠା ବାବା"

ତାଙ୍କର 'ଗାଁ' ନାଟକର କେତୋଟି ସ୍ଥାନରେ ବିଶେଷ କରି କୋରାଲ ଗ୍ରୁପ୍ ମାଧ୍ୟମରେ ସଂଗୀତର ପ୍ରୟୋଗ ହୋଇଛି । ଯଥା–

"ଇଁ ଇଁ ... ଇଁ ଇଁ ... ଇଁ ଇଁ ... ଇଁ ଇଁ
ଗୁମୁରି ଗୁମୁରି କାନ୍ଦୁଚ କଏ ସେ
ଆଖିରେ ରହୁନ ଲୁହ
କଏ ଜାଣିଚ କଏ ବୁଝିଚ
ନାଁଆଟି ତାହାର କୁହ ।"

ISSN NO.
2582-208X

ନାଟ୍ୟକାର ଶଙ୍କର ତ୍ରିପାଠୀ ତାଙ୍କ ନାଟକ ଗୁଡିକରେ ଲୋକନାଟ୍ୟ ଶୈଳୀର ବହୁଳ ପ୍ରୟୋଗ କରିଥିବାରୁ ସେହି କ୍ରମରେ ସଂଗୀତର ପ୍ରୟୋଗ ମଧ୍ୟ ତାଙ୍କ ନାଟକ ଗୁଡିକରେ ଦେଖିବାକୁ ମିଳିଥାଏ । 'ସାମ୍ରାଜ୍ୟ ପତନର ବେଳ' ନାଟକରେ ଏକ ହଳିଆ ଗୀତ 'ଉଡିଗଲେ ଗେଣ୍ଡାଳିଆ' ସଂଯୋଜନା କରାଯାଇଥିବା ବେଳେ ନାଟକର ଶେଷ ବେଳକୁ ଏକ ଭିକାରୀ କଣ୍ଠରେ ମଧ୍ୟ ଏକ ଗୀତକୁ ସଂଯୋଜିତ କରାଯାଇଛି । ଯଥା-

"ବିଭୁଷଣ ପୁଷ୍ପେ ଯାକାନ୍ତ ଜାଣ
ବିଭୁଷଣ କରି କନ୍ୟାକୁ ଆଣ,
ବାରଣ ଶିରେ ପଦଦେଇ ଆସୁ
ବରଣ କରି ରାମ ମନ ତୋଷୁ ସେ,
ବୋଲି ଦେଲେ କଉଶିକ ଯେ
ବୋଲିଦେଲା ପ୍ରାୟ ଗୋଳ ଚନ୍ଦନକୁ
ହୋଇଲେ ରଘୁବଂଶିକ ଯେ -"

'ନଜରୁ ନଜର ଦୂରତା' ନାଟକରେ କେତୋଟି କବିତା ସହ ଏକ ନାଉରୀ ନାଆଁ ବାହି ଯାଉଥିବା ବେଳେ ଦୂରରୁ ଏକ ଗୀତର ସଂଯୋଜିତ ହୋଇଛି ।

"ରେ ଆତ୍ମନ, ନିଦ୍ରା ପରି ହରି
ଫେଡି ଚନ୍ତାର ଲୋଚନ, କର କର ନିରୀକ୍ଷଣ
ନିଶବ୍ଦେ ଜୀବନ ସ୍ରୋତ ଧାଉଁଛ କପରି
ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ । ୦ ।..."

'ସ୍ୱୟଂବର' ନାଟକରେ କେତୋଟି ପ୍ରାଚୀନ କାବ୍ୟର ସଂଗୀତ ସମେତ କାଳଜାଇ ନାଉରୀଆ ସଂଗୀତକୁ ମଧ୍ୟ ବ୍ୟବହାର କରାଯାଇଛି । ପୁଣି ଜାଇ ବହୂ ହେବାର ସ୍ୱପ୍ନରେ ବିଭୋର ହୋଇ ବରକଥା ଭାବି ଗାଇ ଉଠିଛି ।

ISSN NO.
2582-208X

"ମଲ୍ଲୀମାଳ ଶ୍ୟାମକୁ ଦେବି, ମନ ତୋଷିବି
ଗ୍ରୀଷମ ହୋଇଲେ ବାସ, ଚନ୍ଦନ ମୁଁ ଲେପିବି ।
ତା ଅଙ୍ଗରୁ ସ୍ୱେଦବାରି, ଯେବେ ପଡୁଥିବ ଝରି
ମୋ ଦୃଷ୍ଟି ପଡନ୍ତେ କାନି ପଣନ୍ତରେ ପୋଛିବି ।
ସେ ଯେବେ କରିବେ ମାନ, ଭଙ୍ଗି ଭୁଞ୍ଜାଇବି ପାନ
ଗଣ୍ଡେ ଦେଇଣ ଚୁମ୍ବନ, ହରଷ କରାଇବି ।"

'ଧର୍ମଯୁଦ୍ଧ' ନାଟକ ଏକ ପାଲା ଦଳ ତଥା ବିଶେଷ କରି ଗାୟକ ଓ ପାଳଆର କାହାଣୀ କଥନ ଶୈଳୀରେ ପରିବେଷିତ ହୋଇଥିବାରୁ ଏଥିରେ ସଂଗୀତର ପ୍ରୟୋଗ କରାଯାଇଛି । ନାଟକର ଆରମ୍ଭରେ ପାଲା ଭଳି ମଙ୍ଗଳା ଚରଣ ଆଦି ସଂଗୀତ ମାଧ୍ୟମରେ ପରିବେଷିତ ହୋଇଛି ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ଦେଶାତ୍ମବୋଧକ ଆଦି ସଂଗୀତର ପ୍ରୟୋଗ କରାଯାଇଛି ।

"ତୁହିମା ଜନମଭୂମି, ପବିତ୍ର ଭାରତ ଭୂମି
ତୋହରି ସନ୍ତାନ ଆମ୍ଭେ ଅଟୁ ସରବେ
ତୋର ଶ୍ରୀଚରଣ ସେବା, ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ନାମ ଆନନ୍ଦ ରବେ
ତୋ ଆନନ୍ଦେ ହୋଇବା ସୁଖୀ,
କାନ୍ଦିବା ଦୁଖଃରେ ତୋର ହୋଇଣ ଦୁଃଖୀ ।୧ ।..."

୧୯୫୦ ମସିହା ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକରେ ପାଶ୍ଚାତ୍ୟ ନାଟ୍ୟାଦର୍ଶକୁ ଅନୁକରଣ କରି ନାଟକ ରଚନା କରାଯାଉଥିବାରୁ ନାଟକରୁ ଏହି ସଙ୍ଗୀତ ରୂପକ ଉପାଦାନଟି ଗୋଟିଏ ପ୍ରକାରର ଉଭେଇଯାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର ୧୯୮୦ ମସିହା ପରବର୍ତ୍ତୀ ସମୟର ଓଡ଼ିଆ ନାଟକରେ ଲୋକନାଟ୍ୟ ଶୈଳୀର ବହୁଳ ପ୍ରୟୋଗ କରାଯାଇ ଦର୍ଶକମାନଙ୍କୁ ନାଟକ ଆଡକୁ ଆକର୍ଷିତ କରିବା ପାଇଁ ପ୍ରୟାସ କରାଯାଉଥିବା ବେଳେ ଏହି ସଙ୍ଗୀତର ପ୍ରୟୋଗ କଥାଟି ଆଗକୁ ଆସିଲା ଏବଂ ଏହି ସମୟର ନାଟ୍ୟକାରମାନେ ଊଣା ଅଧିକେ ନିଜ ନିଜର ନାଟକମାନଙ୍କରେ ସଙ୍ଗୀତର

ISSN NO.
2582-208X

ପ୍ରୟୋଗ କଲେ । ଶେଷରେ ଏତିକି କୁହାଯାଇପାରେ ଯେ, ଆଜି ଯଦି ଓଡ଼ିଆ ନାଟକ ପୁଣିଥରେ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇଛି ଓ ଲୋକପ୍ରିୟତା ପାଇଛି ତେବେ ଏଥିରେ ସଙ୍ଗୀତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅନନ୍ୟ ।

- ତ୍ରିପାଠୀ, ଶଙ୍କର : ଧର୍ମଯୁଦ୍ଧ, ତାରାତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ପ୍ରଥମ ପ୍ରକାଶ – ୧୯୯୮, ପୃ-୯ ।

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ,
ବାଣୀନିକେତନ, ରୋତ, ଜିଲ୍ଲା-ବଲାଙ୍ଗିର ।
Email- lingaraj.meher82@gmail.com
Mobile No-9937441998

ISSN NO.
2582-208X

# କାରୁଣ୍ୟ ଶୃତଲିପି



ପ୍ରତିଭା ଦାସ

ଆଦିମ ଅଧ୍ୟାୟର କାରୁଣ୍ୟ ଶୃତଲିପି
ଆଜିବି ଝୁଲୁଛି ଦେହରେ
ଅନେକ ସ୍ୱପ୍ନ ଆଜିବି ଜଳୁଛି
ଅପୂର୍ଣ୍ଣ ଆକାଂକ୍ଷାର ଚାରିକାନ୍ଥରେ !

କ'ଣ ସହଜ ଥିଲା ସେମାନଙ୍କ ପାଇଁ ?
ଏଠାରେ ଆସି କ'ଣ ପାଇଲେ ?
କେଉଁ ଆଶାରେ ବନ୍ଦି ହୋଇଥିଲେ ?
କେଉଁ ସର୍ତ୍ତରେ ଛାଡ଼ି ଆସିଥିଲେ
ପ୍ରିୟ ପରିଜନ, ଜନନୀ ଜନ୍ମଭୂମି
ଆଉ ଭାଷା ସଂସ୍କୃତି ?

ସମୟର କଷାଘାତରେ
ପ୍ରତାରଣାର ଶିକାର ହୋଇଥିଲେ
ମୁଣ୍ଡ ଉପରେ ଶାଗୁଣା ବୁଲୁଥିଲା
ଆଘାତରେ ରକ୍ତାକ୍ତ

ISSN NO.
2582-208X

ହୋଇଥିଲା  ସେମାନଙ୍କର କଲିଜା
ସୁନେଲି ଭବିଷ୍ୟତ
ଅନ୍ଧକାରରେ ବାଟବଣା ହୋଇ ଆକାଶରେ ଭାସୁଥିଲା
କଳଘରର ଧୂଆଁ ହୋଇ !

ଭାରତ ସ୍ୱାଧୀନତା ପୂର୍ବରୁ ଯାହା
ଜୀବନ ସଂଗ୍ରାମ ଥିଲା
ଏବେବି ସଂଗ୍ରାମରତ...
ହାଡ଼ଭଙ୍ଗା ପରିଶ୍ରମ ବିନିମୟରେ
ରହିବାକୁ  ଘର ନାହିଁ
ଖାଇବାକୁ  ଖାଦ୍ୟ ନାହିଁ
ପିଇବାକୁ ବିଶୁଦ୍ଧ ପାଣି ନାହିଁ
ଦିନ ରାତି ଖଟୁଛନ୍ତି ସେବକ ହୋଇ
ଶିକ୍ଷା, ସଂସ୍କୃତି, ସାହିତ୍ୟ ଶୂନ୍ୟ ଧୂସର ଜୀବନ !

ଯୁଗ ପରେ ଯୁଗ ବିତିଗଲା
ପରିବର୍ତ୍ତନ ନାମରେ
ଚାଲିଛି  ରାଜନୀତି
ମଦ, କାନି,  ଭାଙ୍ଗ ଖୁଆଇ
କରୁଛନ୍ତି ଭୋଟ ନୀତି
ଦିନକୁ ଦିନ ମାଡ଼ି ଆସୁଛି ଦୁଃଖ ଦୁର୍ଗତି
ତିଳେ ମାତ୍ର ହୋଇ ନାହିଁ ଉନ୍ନତି ।

ISSN NO.
2582-208X

ଆଉ କେତେ ଦିନ ଏପରି
ଶୋଷଣ ବଞ୍ଚନାରେ ଦିନ ବିତାଇ
ଜୀବନ ସଂଗ୍ରାମରେ ପଛେଇ
ରହିବେ ସେମାନେ ?
କେତେଦିନ ଆଉ ରାଜନୀତି ହାତରେ
କଣ୍ଢେଇ ସାଜି ନାଚୁଥିବେ ଜୀବନ ରଙ୍ଗମଞ୍ଚରେ ?

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ତୁମ କବିତା



ନରଞ୍ଜନ ସାହୁ

ତୁମ କବିତାରେ କି ରସ ରହିଛି
ପାଠକେ ପଢ଼ିକି ଖୁସି
ମୋ କବିତା ତହିଁ ମିଳିନ ପଡଇ
ବସିଥାଏ ମୁହିଁ ରୁଷି ।

ସବୁ ପରକାର କବିତା ତୁମର
ପାଠକ ପସନ୍ଦ କରେ
ଆଧୁନିକ, ଗୀତିକବିତା ପଠନେ
ପାଠକର ଚିତ୍ତ ହରେ
ମୋ ଶିଶୁ କବିତା ଲଭଇ ହୀନସ୍ତା
ମରନ୍ତି କି ଛୁରୀ ଭୁସି ।

ଅନେକ ପ୍ରଚେଷ୍ଟା କରି ମୁଁ ଲେଖଇ
ବଡ଼ ଯତ୍ନଶୀଳ ହୋଇ
ମୋହରି ନାଆଁକୁ ପଢ଼ିକି ପାଠକ
ତାକୁ ତଳେ ଦିଏ ଥୋଇ
ତଥାପି ଭାବୁଛି ବହିଟେ ଛାପିବି
ନାଁ ଦେବି "ଟୁଉକି ମୂଷି" ।

ISSN NO.
2582-208X

ଏମିତି କେମିତି ଲେଖି ପାରୁଅଛ
ମନେମନେ ମୁହିଁ ଭାବେ
କେମିତି ଶବଦ ସିନ୍ଧୁ ପାରିହୁଅ
କାତ ମାରି ତୁମେ ନାବେ
ଯେତେ ଚେଷ୍ଟା କଲେ ମୁଁ ମୂଷା ପାଲଟେ
ତୁମେ ହୋଇଯାଅ ପୁଷି ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଆର୍ଯ୍ୟ ବଧୂ



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ଆର୍ଯ୍ୟ ଭୂମି ମୋର ଭାରତବର୍ଷ  ଆର୍ଯ୍ୟାବର୍ତ୍ତ ନାମ ତାର,
ଝର ଝର ଝରେ କଳ କଲ୍ଲୋଳିନୀ ପବିତ୍ର ଗଙ୍ଗୋତ୍ରୀ ଧାର;
ଶିଳା ଶାଳଗ୍ରାମ ମାଟି ତା ଚନ୍ଦନ,
ସଲିଳ ପବିତ୍ର ମଳୟ ପବନ;
ଆକାଶ ଛୁଆଁ ତା ଗରବ ଗୌରବ ତାର ମମତା ବନ୍ଧନ ।।

୨

ଏ ଦେଶର ମାନ ମହତ ସଂସ୍କୃତି ବେଦୁ ହୋଇଛି ଉଦ୍ଧୃତ,
ଶୃଂଖଳିତ ସୁସ୍ଥ ସମାଜ ଗଠନେ ଯେତେ ଉପବାସ ବ୍ରତ;
ଆର୍ଯ୍ୟ ବଧୂ ମହୀୟସୀ ଏ ମାଟିର,
ଦେଖାଇଛି ପରାକାଷ୍ଠା ସତୀତ୍ୱର;
ତ୍ରିଦଶାଳୟ ର ଦେବାଙ୍ଗନା ବଧୂ ଲଜ୍ଜ୍ୟା ପାଏ ବାରମ୍ବାର।।

୩

ବଶିଷ୍ଠ ମହର୍ଷି ପତ୍ନୀ ଅରୁନ୍ଧତୀ ଏ ଆର୍ଯ୍ୟ ଭୂମି ର ବଧୂ,
ଭୁବନେ ବିଦିତ ତାଙ୍କରି ସତୀତ୍ୱ ସପତ ସାଗର ସିନ୍ଧୁ;
ଉଜ୍ଜ୍ୱଳ ଜ୍ୟୋତିଷ୍କ ସପ୍ତର୍ଷି ମଣ୍ଡଳେ,
ବିଦ୍ୟମାନ ଦେଖ ସ୍ୱାମୀ ଙ୍କ ସଙ୍ଗରେ;
ଆର୍ଯ୍ୟାବର୍ତ୍ତ ର ଯେ ନାରୀ ନାରାୟଣୀ ଗୌରବ ସର୍ବ ଉର୍ଦ୍ଧରେ ।।

ISSN NO.
2582-208X

୪

ଦେବୀ ଅନସୂୟା ଅତ୍ରୀ ମୁନି ଜାୟା ଅମ୍ଲାନ ବସ୍ତ୍ର ବିଭୁତି,
ସରଗ ଦେବତା ହାରିଯାଇଛନ୍ତି ସ୍ୱାମୀ ପଦେ ରଖି ମତି;
ତିନି ଦେବତାଙ୍କୁ ବାତ୍ସଲ୍ୟ ମମତା,
ଅଭିଶାପେ ପୁତ୍ର କରିଦେଲେ ମାତା;
ଏମିତିକା ସତୀ ତିନିଲୋକେ ନାହିଁ (ଏ) ଆର୍ଯ୍ୟ ବଧୂ ପରାକାଷ୍ଠା ।।

୫

ଏ ମାଟିର ନାରୀ ସତୀ ଶିରୋମଣୀ ସ୍ୱାମୀ ର ପ୍ରାଣ କୁ ଖରେ,
ଯମ ଙ୍କ ହାତରୁ ଛଡାଇ ଆଣଇଁ ନିଜ ମହାନତା ବଳେ;
ଲକ୍ଷ୍ମୀ ନାରାୟଣ ବ୍ରତ କରେ ସତୀ,
ସେବା ସ୍ୱାମୀ ପଦତଳେ ରଖେ ମତି;
ମହୀ ତଳେ ନାମ ସଦା ଜହ୍ନ ସମ ଝଳେ ତା ନାମ ସାବିତ୍ରୀ ।।

୬

ତ୍ରେତୟା ଯୁଗର ରଘୁ କୁଳ ବଧୂ ଜନକ ରାଜ ନନ୍ଦିନୀ,
ଦେବୀ ସତୀ ମହିୟଷୀ ବଇଦେହୀ ମହା ସତୀ ଚୂଡାମଣୀ;
ଏଇ ଆର୍ଯ୍ୟାବର୍ତ୍ତ ମାଟିର ଲଳନା,
ଭୃତଖଣ୍ଡ ନାରୀ ପତିବ୍ରତା ଧନ୍ୟା;
ଯାର ଯଶ କିର୍ତ୍ତି ଲଂଘିଛି ହିମାଦ୍ରି ଆର୍ଯ୍ୟ ବଧୂ ଚନ୍ଦ୍ରାନନା ।।

୭

ଯାଜ୍ଞବଲ୍କ୍ୟ ପତ୍ନୀ ସେ ବ୍ରହ୍ମବାଦିନୀ ଗାର୍ଗୀ ୟେ ମାଟିର କନ୍ୟା,
ଦର୍ଶନ ଶାସ୍ତ୍ର ର ଅନନ୍ୟ ପ୍ରଣେତା ପତିବ୍ରତା ବରାନନା;
ଆର୍ଯ୍ୟ ବଧୂ ପୁଣ୍ୟଶ୍ଲୋକ ପୂଣ୍ୟବତୀ,
ଲୋପାମୁଦ୍ରା କଳାବତୀ ମହାସତୀ;
ନାରୀ ଆକାଶର ସମୁଜ୍ଜ୍ୱଳ ଜ୍ୟୋତି ଯାର ଅମର କିରତୀ ।।

ISSN NO.
2582-208X

୮

ଗାଉଛି ଧରିତ୍ରୀ ଗଗନ ପବନ ସୁରଭିତ ଅଛି କରି,
ଏହି ସେହି ଆର୍ଯ୍ୟାବର୍ତ୍ତ ଏ ଭୂଖଣ୍ଡେ ମହାନତା ଅଛି ଭରି;
ତେଣୁ ଆର୍ଯ୍ୟାବର୍ତ୍ତ ଭାରତବର୍ଷ,
ଗଗନ ଛୁଆଁ ତା ମହାନ ଉତ୍କର୍ଷ;
ଆର୍ଯ୍ୟ ବଧୂ ବୀରାଙ୍ଗନା ମହୀୟଷୀ (ଯା) ଶୀଳତା ଛୁଇଁଛି ଶୀର୍ଷ ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ନଈ ପାଇଁ ଗୀତଟିଏ



ବିରଞ୍ଚି ନାରାୟଣ ମିଶ୍ର

ନଈକୂଳେ ବସିଲେ ଆନମନା ହୋଇଯାଏ
ଆଖିଆଗରେ ନାଚଉଠେ କେତେ କାହାଣୀ
ଦିଶେ କେତେ ଆଂଚୁଡା ଦାଗ ନଈ ଜଳରେ ।
ଇଛାହୁଏ ଆଉଁସି ଦେବାକୁ ତା କାଚକେନ୍ଦୁ ପାଣିକୁ
ଦରିଆରେ ଜୁଆର ଆସିଲେ
କେମିତି ପ୍ରେମମୁଗ୍ଧା ହୋଇଯାଏ ।
ଫେରିଯାଏ ଅତୀତକୁ
ମନେ ପଡେ ଶ୍ରାବଣ
ରିମଝିମ ସ୍ୱର ତୋଳ କେବେ କେବେ ନାଚଉଠେ ବର୍ଷା ।
ଅଙ୍ଗରେ ଭରି ଶିହରଣ
କଦମ୍ବ ରୋମାଞ୍ଚ ।
ପାଗଳ ବତାସର କାନପାଖେ
ଚୁପି ଚୁପି କଥା
କଣ କହେ ସେ ଜାଣେ
ନଈ ପଠା  ଝାଉଁବଣରୁ ଶୁଭେ ବଇଁଶୀର ସ୍ୱର
କିଏ ଜଣେ ବଜାଉଛି ବଂଶୀ
ନା ଝାଉଁବଣର ଶୁଶୁରି ସ୍ୱର

ISSN NO.
2582-208X

ଅସହାୟତା ଶୁଣି ହସିଉଠେ ନଈ
ନଈଠୁ ଚରନ୍ତନ ପ୍ରେମିକା କଏ ଅଛି
ଦିନରାତି ଧାଇଁଥାଏ ମିଳନ ପିୟାସୀ
ଆହ୍ଲାଦରେ କୋଳେଇ ନଏ ସମୁଦ୍ର
ଅସରନ୍ତ ଲୋଡ଼ିବାପଣ ଚହଟୁ ଥାଏ
ମୋଟେ ସରେ ନାହିଁ ।
ନଈବି ପ୍ରଲବ୍ଧ ହୁଏ ମିଳନ ଆଶାରେ
ଅଭିସାରିକା ସାଜି
ଟାଣିଆଣେ ଜୁଆରକୁ ଛାତି ଉପରକୁ
ମୋହିନୀ ମାୟାରେ ।
ଭଙ୍ଗାରୁଜା ନାଆ ଦେଖି ସମୁଦ୍ରର କୂଳେ
ଲାଗେ କେଉଁ ଏକ ଅଜଣା ନାବିକର
ପରିତ୍ୟକ୍ତ ସ୍ୱପ୍ନର ଟୁକୁରା ଟୁକୁରା ଅଂଶ
ହସିଦିଏ ନଈ, ଝୁରେ ନାହିଁ ଅତୀତକୁ
ତାକୁ ଝୁରି ଲାଭ କଛି ନାହିଁ ।
ଅତୀତକୁ ସେ କେବେଠାରୁ ଭୁଲିଗଲାଣି
ତା ପିୟାସୀ ମନରୁ
ଏମିତି ରହୁଥିବ ଚରକାଳ
ପ୍ରେମମୁଗ୍ଧା ହୋଇ
ଋତୁ ପରେ ଋତୁର ସରହଦ ଡେଇଁ ।

ଭୁବନେଶ୍ୱର
9439011063

ISSN NO.
2582-208X

# ଶିବ ପଂଚାକ୍ଷରି
# ଗଣେଶ
# ମଂଗଳାଷ୍ଟକମ୍



ଅଭିଳାଷ ବାରିକ୍

ଗଜାନନାୟ ଗାଂଗେୟସହଜାୟ ସଦାତ୍ମନେ।
ଗୌରୀପ୍ରିୟ ତନୂଜାୟ ଗଣେଶାୟାସ୍ତୁ ମଂଗଳମ୍ ॥ 1 ॥

ନାଗୟଜ୍ଞୋପବୀଦାୟ ନତବିଘ୍ନବିନାଶିନେ।
ନଂଦ୍ୟାଦି ଗଣନାଥାୟ ନାୟକାୟାସ୍ତୁ ମଂଗଳମ୍ ॥ 2 ॥

ଇଭବକ୍ତ୍ରାୟ ଚେଂଦ୍ରାଦି ବଂଦିତାୟ ଚିଦାତ୍ମନେ।
ଈଶାନପ୍ରେମପାତ୍ରାୟ ନାୟକାୟାସ୍ତୁ ମଂଗଳମ୍ ॥ 3 ॥

ସୁମୁଖାୟ ସୁଶୁଂଡାଗ୍ରାତ୍-କ୍ଷିପ୍ତାମୃତଘଟାୟ ଚ।
ସୁରବୃଂଦ ନିଷେବ୍ୟାୟ ଚେଷ୍ଟଦାୟାସ୍ତୁ ମଂଗଳମ୍ ॥ 4 ॥

ଚତୁର୍ଭୁଜାୟ ଚଂଦ୍ରାର୍ଧବିଲସନ୍ମସ୍ତକାୟ ଚ।
ଚରଣାବନତାନଂତତାରଣାୟାସ୍ତୁ ମଂଗଳମ୍ ॥ 5 ॥

ISSN NO.
2582-208X

ବକ୍ରତୁଂଡାୟ ବଟବେ ବନ୍ୟାୟ ବରଦାୟ ଚ ।
ବିରୂପାକ୍ଷ ସୁତାୟାସ୍ତୁ ମଂଗଳମ୍ ॥ 6 ॥

ପ୍ରମୋଦମୋଦରୂପାୟ ସିଦ୍ଧିବିଜ୍ଞାନରୂପିଣେ ।
ପ୍ରକୃଷ୍ଟ ପାପନାଶାୟ ଫଲଦାୟାସ୍ତୁ ମଂଗଳମ୍ ॥ 7 ॥

ମଂଗଳଂ ଗଣନାଥାୟ ମଂଗଳଂ ହରସୂନନେ ।
ମଂଗଳଂ ବିଘ୍ନରାଜାୟ ବିଘହର୍ତ୍ରେସ୍ତୁ ମଂଗଳମ୍ ॥ ୫ ॥

ଶ୍ଲୋକାଷ୍ଟକମିଦଂ ପୁଣ୍ୟ ମଂଗଳପ୍ରଦ ମାଦରାତ୍ ।
ପଠିତବ୍ୟ ପ୍ରୟତ୍ନେନ ସର୍ବବିଘ୍ନନିବୃତ୍ତୟେ ॥

ଇତି ଶ୍ରୀ ଗଣେଶ ମଂଗଳାଷ୍ଟକମ୍

ସଂଗ୍ରାହକ: ଅଭିଳାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍,
କେନ୍ଦ୍ରାପଡ଼ା

ISSN NO.
2582-208X

# ମାଗି ଏକ ଲାଂଗୁଡା ପୋକ



ଦେବଦତ୍ତା ଦେବୀ

ହଠାତ କନଫରେନ୍ସ ହଲ ରୁ ବାହାରି ଆସିଲା ବେଳକୁ ସାଗରୀକା ର ଦୃଷ୍ଟି ପଡ଼ିଗଲା ଜଣେ ସୁଟ ବୁଟ ପିନ୍ଧା ପ୍ରାୟ ପଚାଶ ବର୍ଷୀୟ ହାଣ୍ଡସମ ପ୍ରଫେସର ଙ୍କ ଉପରେ । କେମିତି ଚହ୍ନା ଚହ୍ନା ଅତିପରିଚତ ଲାଗିଲା । ସତରେ କଣ ସେ ମାନବଙ୍କୁ ଦେଖୁଛି । ତାକୁ ଲାଗିଲା ସେ ଭଦ୍ର ବ୍ୟକ୍ତ ବି ତାକୁ ଦେଖି ଲାଗୁଛନ୍ତୁ । ଅପ୍ରସ୍ତୁତ ଲାଗିଲା ସାଗରୀକା କୁ । ଦ୍ରୁତ ଗତି ରେ ପାଦ ପକେଇ ହୋଟେଲ ଆଡକୁ ମୁହାଁଇଲା । ରୁମ ରେ ପଶି ଲମ୍ବା ହେଇ ଖଟ ଉପରେ ମୁହଁ ମାଡି ଶୋଇପଡ଼ିଲା । ନଜ ଅଜାଣତରେ ଆଖିରୁ ଧାର ଧାର ଲୁହ ଗଡି ତକିଆ ଟା ଭିଜିବାକୁ ଲାଗିଲାଣି । ଏହି ସମୟ ରେ ଦୁଆର ନକ ହେଲା ଡରିଡରି କବାଟ ଖୋଲିଲା ବେଳକୁ ହୋଟେଲ ବୟ ଅପରାହ୍ନ ଚାହା ଓ ଟିଫିନ ଟ୍ରେ ରେ ଧରି ଠିଆ ହେଇଛି । ତାକୁ ଇଂଗିତ ରେ ସାଗରୀକା ଜଣେଇ ଦେଲା ଟେବଲ ଉପରେ ରଖି ଚାଲି ଯିବାକୁ । ବୟ ଟି ଯିବାପରେ ଶାଢ଼ୀ ବଦଳେଇ ବାଥରୁମ ରେ ପଶି ଗାଧେଇବାକୁ ଲାଗିଲା । ଅତୀତ ଟା ଯେ ଆଜି ମନଭିତରେ ପୁଣି ତାଜା ହେଇ ହୃଦୟ ଟାକୁକ୍ଷତ ବିକ୍ଷତ କରିପକାଉଛି । କେତେ ସମୟ ଯେ ଏ ଭିତରେ ବିତିଗଲାଣି ସାଗରୀକା ଜାଣିପାରିଲାଣି କନ୍ତୁ ବହୁତ ସମୟ ଗାଧୋଇ ବାରୁ ଶରୀର ରେ ଗୋଟିଏ କମ୍ପନ ଆସିଲା ପ୍ରକୃତିସ୍ଥ ହେଇ ଗାଧୁଆ ସାରି ରୁମକୁ ଆସିଲା । ଡ୍ରେସ ଚେଞ୍ଜ କରି ଆଗ ଟିକଏ ଚା ପିଇ ଦେଲା.. ଆଖି ମୁଜି ଚେଷ୍ଟା କଲା ଚୁପ ହେଇ ଅତୀତ କୁ ବର୍ତମାନ ରେ ସ୍ଥାନ ନ ଦେବାକୁ । କନ୍ତୁ ସେ ପରା ମନ ଯେଉଁଟା ନ ଚାହିଁବ ସେଇଟା ହିଁ ମନଭିତରେ ଆଉଟୁ ପାଉଟୁ ହବ ।

ISSN NO.
2582-208X

ଏଥିରୁ ତ୍ରାହି ପାଇବା ପାଇଁ ଟେବଲ ଉପରେ ବସି ଟିଫିନ ଖାଇବା ପାଇଁ ଘୋଡା ହେଇଥିବା ଡିସରୁ ଘୋଡଣି କାଢି ଦେଖିଲା ବେଳକୁ ଭେଜିଟେବଲ ମାଗି, ଦେଖିଦେଇ ତାକୁ ଲାଗିଲା ସତରେ ଯେପରି ଅତୀତ ର ସେଇ ମାଗି ଗୁଡିକ ଲଂଗୁଡା ପୋକ ହେଇ ଆଜିବି ତାକୁ ଗୋଡାଉଛନ୍ତ ଦଂସିବାକୁ । ପେଟରୁ ଉକାର ଉଠି ଆସିଲା । ଅତୀତ ଟା ଆଜି ଅଡ଼ି ବସିଛି ମନ କୁହ ବା ହୃଦୟ କୁହ ସବୁଠାରୁ ବାହାରିଆସି ତା ଦୁଃଖ କହିବ । ଜାଗାଟାକୁ ପେଲି ଦେଇ ଉଠି ଆସିଲା ସାଗରୀକା । ହୋଟେଲ ରୁମକୁ ଲାଗିଥିବା ଛୋଟ ବାଲକୋନୀ ରେ ପଡ଼ିଥିବା ଚେୟାର ଟାରେ ବସିପଡ଼ିଲା । ଅନ୍ଧାର ହେଇଆସୁଥିବା ଆକାଶ କୁ ଦେଖିଲାବେଳକୁ ତା ଭିତରେ ପଚଶ ବର୍ଷ ତଳର ର ଆଲୁଅ ରେ କୋଡିଏ ବର୍ଷିଆ ସାଗରୀକା ଦିଶିଲା ।

ତିନଭଉଣୀ ଗୋଟିଏ ଭାଇରେ ତାଙ୍କ ପରିବାର । ଘରେ ସବୁଠୁ ସୁନ୍ଦର ଓ ଭଲ ଛାତ୍ରୀ ଥିଲା ସାଗରୀକା, ବୋଉ ର ଗେଲହି ଶାରୀ । ସମସ୍ତେ ତାକୁ ଘରେ ରିକ ଡାକଲା ବେଳେ ବୋଉ ର କନ୍ତ ଶାରୀ ବାପା ଙ୍କର ଅବସର ବେଳ ଆସି ପହଂଚଲା ବେଳକୁ ସାଗରୀକା ର ଏମେ ପ୍ରଥମ ବର୍ଷ । ଅନ୍ୟ ଭଉଣୀ ଙ୍କର ବାହାଘର ସରିଛି ଭାଇ ଇଂଗିନୀରିଙ୍ଗ ର ଶେଷ ବର୍ଷ ର ଛାତ୍ର । ତେଣୁ ବାପା ଙ୍କର ଏକମାତ୍ର ଚନ୍ତା ସାଗରୀକା ର ବାହାଘର । ସେ ଆଉ ବୋଉ ଯେତେ ଆପତ୍ତି ଉଠେଇଲେ ଏମ ଏ ଟା ସରୁ ବୋଲି, ବାପା ଶୁଣିବାକୁ ନାରାଜ । ଏହି ସମୟ ରେ ମାନବ ଙ୍କର ପ୍ରସ୍ତାବ ରେଭେନ୍ସା କଲେଜ ରେ ଲେକଚର୍ ଅଛନ୍ତ । ଯେଉଁ ଦିନ ମାନବ ଙ୍କ ପରିବାର ଆସିଥିଲେ ତାକୁ ଦେଖିବାକୁ ମାନବ ଙ୍କୁ ଦେଖି ତାଙ୍କ ସାଙ୍ଗରେ କଥା ହେଇ ଆଉ ମନହେଲନାହିଁ ବାହା ହେବାକୁ ନାହିଁ କରିବାକୁ ।

ବାହାହେଇ ଏକ ବର୍ଷ ପ୍ରାୟ ପୂରିବାକୁ ଯାଉଛି ମାନବ ଙ୍କ ଘରକୁ ବୋହୁ ହେଇ । ଶାଶୁଙ୍କ ଙ୍କର ଅଯଥା ମୁରବୀପଣିଆ ବେଳେ ବେଳେ ବ୍ୟଥିତ କଲେ ବି ଶଶୁର ଦିଅର ନଣନ୍ଦ ଙ୍କ ବ୍ୟବହାର ଯୋଗୁ ଦିନ ଭଲରେ କଟିଯାଉଥାଏ । ପୁଣି ପ୍ରତି ଶନିବାର ମାନବ ଆସିଗଲେ ତାକୁ ସ୍ୱର୍ଗ ଭଳ ଶାଶୂଘର ମନେହୁଏ । ଏ ଭିତରେ ଛ ମାସ କେମିତି କଟିଗଲା ସେ

ISSN NO.
2582-208X

ଜାଣିପାରିଲାଣି । ଏମେ ପଠା ପଢା ଅଧାରେ ଡୋରି ବନ୍ଧା ହେଲା । ମାନବ ଙ୍କ ପ୍ରେମ ରେ ସେ ପୁରା ଉବୁଟୁବୁ ହେଉଥିଲା । ଶନବାର ରବିବାର ତ ସତରେ ଯେମିତି ତାକୁ ସ୍ୱର୍ଗ ସୁଖ ମିଳୁଥିଲା । କନ୍ତୁ ସେ ପୁରା ଲକ୍ଷ୍ୟ କରୁଥିଲା ଘରେ ତାର ମାନବ ଙ୍କର ସୁଖୀ ଦାମ୍ପତ୍ୟ ଜୀବନ ରେ ଘରେ ସମସ୍ତେ ଖୁସି ଥିଲେ ମଧ୍ଧ ଶାଶୁ ବୋଧେ ପୁଅ ତାଙ୍କର ହାତ ରୁ ଖସି ଯାଉଥିଲା ବୋଲି ମନେ ମନେ ଆତଙ୍କିତ ହେଉଥିଲେ ଏବଂ ଅଯଥା ରେ ବେଳେ ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ଘରର ବାତାବରଣ ତଥା ସାଗରୀକା ଓ ମାନବ ର ହସଖୁସି ର ଦାମ୍ପତ୍ୟ ଜୀବନ ରେ କମ୍ପନ ସୃଷ୍ଟି କରୁଥିଲେ ।

ସେଦିନ ଥିଲା ରବିବାର । ଖାଲି ରବିବାର ନୁହେଁ ତ ଅଶୁଭ ରବିବାର କହିଲେ ଅତ୍ୟୁକ୍ତ ହେବ ନାହିଁ । ସେଦିନ ହଠାତ ମାନବ ଙ୍କର ପ୍ରସ୍ତାବ ମତେ ସମସ୍ତେ ସକାଳୁ ସକାଳୁ ରେଡି ହେଇ ନନ୍ଦନ କାନନ ବୁଲି ବାହାରିଲେ ଠିକ ବାହାରିଲା ପୂର୍ବରୁ ସାଗରୀକା ର ଶାଶୁ ଛ ଗୋଟି ମାଗି ପ୍ୟାକେଟ ଦେଇ କହିଲେ ଏକୁ କରିଦେ ସମସ୍ତେ ଜଳଖିଆ କରି ବାହାରିପଡିବା । ମାଗି କରିସାରି ସମସ୍ତ ଙ୍କୁ ବାଣ୍ଟି ଦେଇ ତାର ଆଉ ମାନବ ଙ୍କର ଦୁଇ ପ୍ଲେଟ ଧରି ବେଡ଼ ରୁମ କୁ ଗଲିଲା । ବେଡ଼ ରୁମ ରେ ମାନବ ଅତି ଆଦର ରେ ତା ପାଟିରେ ମାଗି ଦେଇ କହିଲେ ଶାରୀ ତୁମେ ମୋ ଟା ବି ଖାଇ ଦିଅ ମୋ ପେଟ ପୁରିଯିବ । ବୋଉ ଛଡ଼ା ମାନବ ତାକୁ ଗେଲହା ରେ ଶାରୀ ଡାକୁଥିଲେ । ପ୍ରେମ ର ଗାଥା ଗଲିଲା ବେଳେ ଡ୍ରଇଂ ରୁମ ରୁ ଶାଶୁ ଙ୍କର ବଡ ପାଟି ଶୁଭିଲା କଣ କେତେ ଡେରି କରୁଛ ଆଜି ବାହାରିବ କ ନାହିଁ । ଏ କର୍କଶ ଆବାଜ ଦୁହିଁ ଙ୍କୁ ପ୍ରକୃସ୍ଥିତ କଲା । ଶାରୀ ମାନବ ଙ୍କ ବନ୍ଧନ ରୁ ମୁକୁଳ ଶାଢ଼ୀ ସଜାଡି ତର ତର ହେଇ ବାହାରକୁ ଆସିଲା ଓ ତାପଛେ ପଛେ ମାନବ ବି ବାହାରିଲେ । ଦଶ ମିନଟ ଭିତରେ ସମସ୍ତେ ଗାଡ଼ିରେ ବସି ନନ୍ଦନ କାନନ ଅଭିମୁଖେ ବାହାରିଲେ ଅଳ୍ପ ବାଟ ଯାଇଛନ୍ତ କ ନାହିଁ ଚନ୍ଦନପୁର ପାଖରେ ଶାଶୁ କହିଲେ ଜଳଖିଆ ଦୋକାନ ପାଖରେ ଗାଡ଼ି ରଖ ଭୋକ ଲାଗିଲାଣି ଖାଇବ । ନଣନ୍ଦ ସାଙ୍ଗେ ସାଙ୍ଗେ କହିଲେ ତୁ ପରା ଏଇଲେ ଘରୁ ମାଗି ଖାଇ ଆସିଛୁ ତୋତେ ଏତେ ବେଗି ଭୋକ ଲାଗିଲାଣି । ମୁହଁ ଛିଞ୍ଚାଡି ଶାଶୁ କହିଲେ ହଁ ଗମଚଏ ମାଗିରେ ପେଟ ତ ପୁରି କରି ଫାଟିଗଲାଣି ମୋର ।

ISSN NO.
2582-208X

ବୋହୂ ତ ମୋତେ ଟିକଏ ଦେଇ ସବୁ ଧରି ତା ରୁମ କୁ ପଳେଇଲା ବର ମାଇପ ଖାଇଲେ ମା । କ ଦୁର୍ବୁଦ୍ଧି ଦିଶିଲା ସାଗରୀକା କୁ କେଜାଣି ହଠାତ ଉତ୍ତର ଦେଲା - ନାଇଁ ବୋଉ ମୁଁ ସମସ୍ତ ଙ୍କୁ ସମାନ ବାଣ୍ଟି ଦେଇଥିଲି । କେବେ ବି ବୋଉ କଥା ଉପରେ କଥା ନ କହୁଥିବା ବାପା ହଠାତ କହି ଉଠିଲେ ମୋତେ ତ ଠିକ ଦେଇଥିଲା ବୋହୂ । ନଣନ୍ଦ ବି ବାପା ଙ୍କ ସାଙ୍ଗ ରେ ପାଳ ଧରିବାରୁ ଶାଶୁ ରାଗିକାରୀ କହିଲେ ହଁ ମୁଁ ତା ନାଁ ରେ ମିଛ କହୁଛି ସେଇ ଏକା ସତେଇ । କଥା କଟା କଟି ହେଇ ବଢିବାକୁ ଲାଗିଲା ରୁ ହଠାତ ମାନବ ପାଟି କରି ଉଠିଲେ ସମସ୍ତେ ଚୁପ ହୁଅ । ଗାଡ଼ି ରଖ ଖାଇବା ଜଳଖିଆ ଏଇଠି । ଜଳଖିଆ ଖାଇ ନନ୍ଦନ କାନନ ବୁଲି ସମସ୍ତେ ଘରକୁ ଫେରିଲେ । କିନ୍ତୁ ଘରୁ ବାହାରିଲା ବେଳେ ର ହସ ଖୁସି ସମସ୍ତ ଙ୍କ ଠାରୁ ଛଡେଇ ନେଇଥିଲା । ବାଟରେ ପଦ ଟିଏ ବି କଥା କହି କଥା କହି ନ ଥିଲେ ମାନବ ଶାରୀ ସାଙ୍ଗରେ, ମନେ ମନେ ସାଗରୀକା ଭାବୁଥାଏ ସତରେ କଣ ବୋଉ ଙ୍କ କଥା କୁ ସତ ଭାବୁଛନ୍ତି କ ମାନବ । ସନ୍ଧ୍ୟା ବେଳ କୁ ଘରେ ପହଂଚ ଲୁଗା ବଦଳେଇ ସରିଲା ବେଳକୁ ମାନବ ସେତେବେଳକୁ ରୁମ ରୁ ବାହାରି ବାପାଙ୍କ ପାଖରେ ଡାଇନଂ ଟେବଲେ ପାଖରେ ବାପା ଙ୍କ ସାଙ୍ଗରେ ପେପର ପଢୁଛନ୍ତି । ସାଗରୀକା ରାନ୍ଧିବା କରି ସମସ୍ତ ଙ୍କୁ ଦେଲା । ଶାଶୁ ସେତେବେଳେ ଯାଏ ଗୁଣୁର ଗୁଣୁରୁ ହେଉଥାନ୍ତି । ଦିଅର ନଣନ୍ଦ ଦୁହେଁ ଭାଉଜ କୁ ବୁଝାଉଥାନ୍ତି ବୋଉ ପ୍ରକୃତି ସେମିତି ତା କଥା ନ ଧରିବା ପାଇଁ । କିନ୍ତୁ ଯିଏ ପଦେ ବୁଝେଇ ଦେଇଥିଲେ ମନ ଟା ହାଲକା ହେଇଥାନ୍ତା ସେ ପୁରା ଚୁପ, ତା ଆଡକୁ ଥରେ ବି ଚାହିଁ ନଥାନ୍ତି । ତଥାପି ରାତିରେ ଶୋଇଲାବେଳେ ସାହସ କରି ଶାରୀ ପଚାରି ଦେଲା ତମେ କଣ ବୋଉ ଙ୍କର କଥା ସତ ବୋଲି ଭାବୁଛ । ମାନବ ଏ କଥା ଶୁଣି ହଠାତ ଭଡକ ଉଠିଲେ କହିଲେ ସେ ବାଜେ କଥା କହି ଆଉ ମୁଣ୍ଡ ଖରାପ କରନ । ଚୁପ ଚାପ ଶୋଇପଡ । କାଲି ଭୋର ରୁ ପୁଣି ମୋତେ ବାହାରିବାକୁ ପଡିବ । ମନରେ ଅନେକ ଆଶଙ୍କା ମୁଣ୍ଡ ଭିତରେ ସୁନ୍ଦର ବିବାହିତ ଜୀବନ ର ଅସ୍ତବ୍ୟସ୍ତ ଚେହେରା ଦେଖି କେତେବେଳେ ଆଖି ଲାଗିଯାଇଛି ଜାଣିନ । ହଠାତ ଶାଶୁଙ୍କର ପାଟି ମହାରାଣୀ ଙ୍କର ନିଦ ଭାଙ୍ଗିବନି କ ଆଜି, ଶୁଣି ଧଡ଼ପଡ଼ ହେଇ ବିଛଣା ରୁ ଉଠି ଲକ୍ଷ୍ୟ କଲା ସକାଳ ସାତଟା ବାଜିଲାଣି । ତା ମାନେ ତାକୁ ନ ଜଣେଇ ମାନବ ଚାଲିଗଲେଣି ।

ISSN NO.
2582-208X

ବୋହୁ ଜୀବନ ତ, ଆଗେଇ ବାକୁ ପଡିବ। ଶାଶୁ ପଦେ ପଦେ ଖୁଣ୍ଟା ଦେଉଥାନ୍ତି। ମନଭିତରେ ଦିଆନଆ କୁ ନେଇ ଯେତକ ଅଶାନ୍ତ ଆସ୍ତେ ଆସ୍ତେ ଉଗାଳ ଦେଉଥାନ୍ତି, ତାର ପ୍ରତେକ କାର୍ଯ୍ୟ ରେ ଖୁଣ କାଢୁ ଥାନ୍ତି। ମନେ ମନେ ଭରି ଖୁସି ହେଉ ଥାନ୍ତି ଯାହେଉ ପୁଅ ଟା ମାଇପ ବୋଲିଆ ନ ହେଇ ମା ପଟିଆ ସେଥିପାଇଁ ବୋହୁ କୁ ଅଣଦେଖା କରି ଗ୍ଲିଗଲ୍। ସାଗରୀକା ବା କାହା ସାଥେ ତା ମନର ବେଦନାକୁ ଭ୍ଗ ବାଣ୍ଟିବ। ବାପା ଭ୍ଇତ ସାଗରୀକା ଛଡ଼ା ଆଉ କାହାର ଦୋଷ ଅଛି ବୋଲି ଧରିବେନ। ରହିଲ୍ ବୋଉ ସେ ଶୁଣିଲେ ଧାଇଁ ଆସିବ ଶାଶୁ ଙ୍କ ସାଙ୍ଗରେ ସାଗରୀକା ପାଇଁ ଲଢ଼ିବାକୁ। ଅଯଥାରେ କଥା ବଢିବ ଅଶାନ୍ତ ବଢିବ। ଅନେକ ଚନ୍ତା କରି ଶନବାର କୁ ଅପେକ୍ଷା କଲ୍, ମାନବ ର ବାଟ କୁ ଗ୍ହିଁ ରହିଲ୍। କନ୍ତୁ ଏ କଣ ଶନବାର ପରୀକ୍ଷା ରେ ତାର ଡିଉଟି ଅଛି ବୋଲି ବାପା ଙ୍କ ପାଖକୁ ଫୋନ କରି ଆସିଲେନ। ଆଖିରୁ ଠପ ଠପ ଲୁହ ଗଡି ପଡୁଥିଲ୍ ଶାରୀ ର। ଥରେ ବି ମାନବ ତା କଥା ଭ୍ବିଲେନ। ସେ ଏତେ ଅଲୋଡ଼ା ହେଇ ପଡିଲ୍ ମାନବ ଙ୍କ ଜୀବନ ରେ ଏଇ ସାମାନ୍ୟ ମାଗି ପାଇଁ।

ଏ ଭିତରେ ବାପା ଆସି ପହଁଚଲେ ଭ୍ଇ ପାଇଁ ଝିଅ ଦେଖା ହେବ ସାଗରୀକା ଆଉ ମାନବ କୁ ସାଙ୍ଗରେ ନବାକୁ।ଶଶୁର ମାନବ ତ ଯିବା ସମ୍ଭବ ନୁହେଁ କହିଲେ ସାଗରୀକା କୁ କହିଲେ ବୋହୁ ତମ ଇଚ୍ଛା ହେଲେ ଯାଅ। ଏହି ସମୟ ରେ ଶାଶୁ ବାହାରି ଆସି କହିଲେ ଭ୍ଇ ର ଝିଅ ଦେଖା ଭଉଣୀ ନଶ୍ଚୟ ଯିବ। ଶାଶୁଙ୍କ କଥା ବାର୍ତା ବ୍ୟବହାର ଦେଖି ସାଗରୀକା ର ମନେହେଲ୍ ଯା ହେଉ ଏ ଥର ସବୁ ନର୍ମାଲ ହେଇଯିବ। ଖୁସି ମନରେ ବାପାଙ୍କ ସାଙ୍ଗରେ ଗ୍ଲିଲ୍ ବାପ ଘରକୁ।

ବାପ ଘରେ ଭଉଣୀ ଭ୍ଇ ଙ୍କ ସାଙ୍ଗରେ ଯେତେ ହସ ଖୁସିରେ ସମୟ କାଟିଗଲେ ବି ମନ ତଳଟା ପୋଡିଯାଉଥାଏ । ଭ୍ଇ ଭଉଣୀ ଙ୍କର ଅଯଥା ପ୍ରଶ୍ନ ଏଡ଼େଇବାକୁ ଯାଇ ଯେତେବେଳେ ବି ତାପଟୁ ସିଏ ଫୋନ କରେ ମାନସ ଯଦିଓ ଫୋନ ଉଠାନ୍ତି କନ୍ତୁ ହଁ ନାହିଁ ରେ କଥା ସରେ। ଯଦିଓ ଭ୍ଇ ବାହାଘରକୁ ନଜେ ଯାଇ ବାପା ଡାକଥିଲେ କନ୍ତୁ କାମରେ

ISSN NO.
2582-208X

ବ୍ୟସ୍ତ ବୋଲି ଆସିଲେନ । ଭାରି ଅଭିମାନ ଲାଗିଲା ସାଗରୀକା କୁ । ଏକା ଏକା ଲାଗୁଥାଏ । ଏ ଭିତରେ ତିନ ମାସ ପୁରି ଗଲାଣି ଭାଇ ଭାଉଜ କୁ ଧରି ବାଙ୍ଗାଲୋର ରେ ତାଙ୍କ ଚାକରୀ ଜାଗା ରେ । ଭଉଣୀ ମାନେ ସବୁ ନିଜ ନିଜ ଘରକୁ ଫେରିଗଲେଣି । ସେ ଏକା ରହିଯାଇଛି ବାପ ଘରେ ନା ଶାଶୁ ଘରେ କିଏ ନା ମାନସ ତାକୁ ମନେ ପକାଉଛନ୍ତି । ବୋଉ ଆଖିରୁ ଶାରୀ ର ଆନ୍ତରମନର ବେଦନା ବାଦ ପଡୁନଥାଏ । ସେ ଦିନ ଯିଦ କରି ବସିଲା ଘଟଣା କଣ ବୋଲି ଜାଣିବାକୁ । ବୋଉ ଛଡ଼ା ତା କଥା ଆଉ କେହି ଶୁଣିବାକୁ ନାହିଁ । ସବୁ କଥା ଶୁଣି ସାରିଲା ପରେ ବୋଉ ପାଟିରୁ ବି ବାହାରିଆସିଲା ସାମାନ୍ୟ ମାଗି ପାକେଟ ପାଇଁ ମୋ ଝିଅ କୁ ଏତେ ଅଣଦେଖା । ବୋଉ ପାଟି ରୁ ବାହାରିଲା ଠିକ ଅଛି ନ ଡାକିଲା ଯାଏ ତୁ ଆଉ ତାଙ୍କ ଘରକୁ ଯିବୁନି । ପୁଣି ପଢା ପଢି ଆରମ୍ଭ କରେ, ଏମ.ଏ ପରୀକ୍ଷା ଦେବୁ । ବାପା ଶୁଣିଲା ପରେ ପ୍ରଥମ ଥର ତା ମୁଣ୍ଡ ରେ ହାତଦେଇ କହିଲେ ହଁ ପଢ଼ା ପଢି କରି ଏମ ଏ. କମ୍ପ୍ଲିଟ କରେ । ପଢିବା ଆରମ୍ଭ କଲା । ଭଲ ମାର୍କ ରଖି ବି ଏମ ଏ କମ୍ପ୍ଲିଟ କଲା । କିନ୍ତୁ ଏ ଦେଢ଼ ବର୍ଷ ଭିତରେ ଥରେ ବି ଶାଶୂଘରୁ କିମ୍ବା ମାନସ ଠାରୁ ଥରେ ବି ଫୋନ ନାହିଁ । କିନ୍ତୁ ଦିନେ ହଠାତ କୋର୍ଟରୁ ନୋଟିସ ପାଇଲା ମାନସ ଡିଭୋର୍ସ ପାଇଁ ଆବେଦନ କରିଛନ୍ତି । ଭାବୁ ଥିଲା ଆଉ କଣ ରହିଲା ଯେ ସେ ମାନସ ସାଙ୍ଗରେ ସଂସାର ବଢେଇବାକୁ ମନ କରିବ । ତଥାପି ବାପା ଙ୍କ ଅନୁରୋଧ ମୋତେ କୋର୍ଟ ରେ ମିଳାମିଶା କେନ୍ଦ୍ର ରେ ଉପସ୍ଥିତ ରହିଲା । ମାନସ ସେ ପାଖାପାଖି ବସିଲେ ଯେତେବେଳେ କମିଟି ପଚାରିଲେ ମିଳାମିଶା କଥା ମାନସ ପୁରା ମନା କଲେ । ବିବାଦ ର ମୂଳ କାରଣ ମାଗି ପାକେଟ ଶୁଣି ଜଜ ବି ନ ହସି ରହି ପାରିଲେନ । ତା ଶାଶୁ ଙ୍କୁ ବହୁତ ବୁଝାଇଲେ ଗୋଟିଏ ପାଞ୍ଚ ଟଙ୍କିଆ ମାଗିରେ କେତେ ହେଇ ଥାନ୍ତା ଯେ ମାଉସୀ ପୁଅର ଘରକୁ ଭାଙ୍ଗିଦେଲ..ଶାଶୁ କିନ୍ତୁ ଅଡ଼ି ବସିଲେ ଆପଣ କିଛି ଜାଣି ନାହାନ୍ତି ସେ ମୋ ପୁଅ ତାକୁ କମିଆ କରିଦେଲା । ମୁଁ ମୋ ପୁଅ ପାଇଁ ଆଉ ଗୋଟିଏ ଭଲ ବୋହୁ ଆଣିବି ।ହାକିମ ପଚାରିଲେ ସେ ବୋହୁ ଯଦି ଏମିତି ପଡିବ, ବୁଢ଼ୀ ଙ୍କର ଏକା ଜିଦି ନାଇଁ ସେ ଏମିତି ପଡ଼ିବନି । ତାପରେ ହାକିମ ମାନସ ଙ୍କୁ ବହୁତ ବୁଝେଇଲେ, ସେ ଅଡିବସିଲେ ଆଉ ଏକାଠି ରହିପାରିବେନି । ସାଗରୀକା ବି ମାନସ ର ଜିଦି ଦେଖି ଡିଭୋର୍ସ ପାଇଁ ଅନୁରୋଧ କଲା ।

ISSN NO.
2582-208X

ତାର ଦୁଇ ବର୍ଷ ପରେ ପରେ ପି. ଏଚ. ଡି ସାରି ଚାକରି ପାଇଁ ବିଭିନ୍ନ ଆଡେ ଆବେଦନ କଲା । ରେଭେନ୍ସା କଲେଜ ରୁ ଯଦିଓ ତାର ନିଯୁକ୍ତି ଆସିଥିଲା ତଥାପି କାଳେ କୋଉଠି ମାନସ ସାଙ୍ଗରେ ଦେଖାହେଇଯିବ ସେଇ ଆଶଙ୍କା ରେ ଜଏନ କଲାନି। ତାପରେ ଦିଲ୍ଲୀ ୟୁନିଭର୍ସିଟି ରେ ପାଇ ପଳେଇଆସିଛି ଯେ ଆଉ ପଛ କୁ ଫେରିଚାହିଁନି । ଯେତେ ଯିଏ କହିଲେ ବି ଆଉ ବାହା ହେବାକୁ ମନ ବଳେଇନାହିଁ । ଏବେ ପୁତୁରା ଝିଆରୀ ମାନଙ୍କ ର ଗାଇଡ଼ ସେ ସମସ୍ତେ ଦିଲ୍ଲୀ ଆସି ତା ପାଖରେ ରେ ରହି ପାଠ ପଢ଼ନ୍ତି ।

ପଛ କଥା ଭାବୁଭାବୁ ଫୋନ ଟା ରିଙ୍ଗ ହେଲା । ହାଲୋ କହିଲା ବେଳ କୁ ସେପଟୁ ସ୍ୱର ଶୁଭିଲା ଶାରୀ ମୁଁ ମାନସ । ମୁଁ ଟିକିଏ ତୁମକୁ ଦେଖା କରିବି । ମନା କରନାହିଁ । ସେଇ ଆବେଗ ସେଇ ସ୍ୱର ଶୁଣି ଶାରୀ ବିଭୋର ହେଇଗଲା ମନା କରିପାରିଲାନି । ପ୍ରାୟ ପନ୍ଦର ମିନିଟ ପରେ ଡୋର ବେଲ ରିଙ୍ଗ ହେଲା । ଦୁଆର ଖୋଲି ଆଗରେ ମାନସ କୁ ଦେଖି ଆଖିରେ ଲୁହ ଜକେଇ ଆସିଲା । ଦେହ ରୁ ଗୋଟେ ଝାଳ ବୋହିଗଲା । ପାଟିରୁ କଥା ବାହାରିଲା ନାହିଁ । ମାନସ କହି ଉଠିଲେ ମୋତେ ଭିତରକୁ ଡ଼ାକିବନି ଶାରୀ । ଏତେ ବର୍ଷ ପରେ ଶାରୀ ଡାକ ଶୁଣି ପ୍ରକୃତିସ୍ଥ ହେଲା ସାଗରୀକା । ଟେବଲ୍ ପାଖ ଚୌକି କୁ ଟାଣି ଦେଇ କହିଲା ବସିବାକୁ । ନିଜେ ତାଙ୍କ ସାମନାରେ ବିପରୀତ ପଟେ ତଳକୁ ମୁଁହ କରି ବସିରହିଲା । କିନ୍ତୁ ଜାଣି ପାରୁଥିଲା ତା ମୁଁହ ଉପରୁ ମାନବ ଙ୍କର ଦୃଷ୍ଟି ଉଠୁନଥିଲା ।

ହଠାତ ମାନବ କହି ଉଠିଲେ ମୁଁ ଜାଣିଛି ସେଦିନ ମୋ ବ୍ୟବହାର ତୁମକୁ ବ୍ୟଥିତ କରିଥିବ । ସମସ୍ତ ନୂଆ ମଣିଷ ଙ୍କ ଗହଣ ରେ ବ୍ୟସ୍ତ ବିବ୍ରତ ବୋହୂ କାହାଠୁ ନ ହେଲେ ବି ସ୍ୱାମୀ ର ଏକାନ୍ତ ସହଯୋଗ ଚାହେଁ । କିନ୍ତୁ ତୁମେ ବିଶ୍ୱାସ କରିବ କି ନାହିଁ ସେ ଦିନ ତୁମ ସାଙ୍ଗରେ ବିତେଇବାର ସ୍ୱପ୍ନ କୁ ସାକାର ଦେବା ପାଇଁ ପ୍ଲାନ କରିଥିଲି ମାତ୍ର ଗୋଟିଏ ମାଗି ପାକେଟ ଯୋଗୁ ସବୁ କ୍ଷତ ବିକ୍ଷତ ହେଇଗଲା ମୋର କଣ ହେଲା କେଜାଣି ମୁଁ ଉତକ୍ଷିପ୍ତ ହେଇ ଉଠିଲି । କଟକ ଯାଇ ଯେତେବେଳେ ପ୍ରକୃସ୍ଥିତ ହେଲି ତୁମ ଫୋନ ରୁ ଜାଣିଲି ତୁମେ ବାପ ଘରେ । କିଛି ବୁଝିବାକୁ ଚେଷ୍ଟା ନକରି ମୋତେ ନ ଜଣେଇ, ଅପେକ୍ଷା ନକରି ତୁମର

ISSN NO.
2582-208X

ପଳେଇବାଟା, ମୋର ପୁରୁଷ ପଣିଆ ର ଅଭିମାନ କୁ ପ୍ରବଳ ଆଘାତ ଦେଲା । ସେତିକବେଳେ ବୋଉ ର ତୁମ ପ୍ରତି ଅନେକ ଅଭିଯୋଗ ମୋତେ ପ୍ରାୟ ଭାରି ବ୍ୟଥିତ କରୁଥିଲା । ତୁମ ଭାଇ ବାହାଘର କୁ ନଯାଇଥିବା ଅପରାଧ ବୋଧ ମୋତେ ମାଡ଼ିବସୁଥାଏ । ଯେତେଥର ଫୋନ କରିବାକୁ ଫୋନ ଉଠେଇଚ ସେତେଥର କେଉଁ ଏକ ଅଜଣା ଶକ୍ତ ମୋତେ ମାଡ଼ିବସେ, ମୁଁ ଫୋନ ଥୋଇଦିଏ । ଏ ଭିତରେ ଯଦିଓ ମୁଁ ପୁରି ଗଲେ ବାପା କୁହନ୍ତ ଯା ବୋହୁ ଙ୍କୁ ନେଇଆସେ, କନ୍ତୁ ବୋଉ ଙ୍କର ସେଇ ଏକା କଥା ସେ ଯାଇଛି ସେଇଆସିବ, ମୋ ପୁଅ ଯିବନ ତାକୁ ଡାକବାକୁ । କେବେ ବି ବୋଉ ଆମ ଦୁଇ ଙ୍କ କଥା ଭାବିପାରନ୍ତ ନାହିଁ । ଏମିତିରେ ମୁଁ ଶୁଣିଲି ତୁମେ ଏମ. ଏ ପାସ କରିଛ ବୋଲି । ମୋର ଆତ୍ମା ଡ଼ାକଲାନ ତୁମକୁ ମୋ ଜୀବନ କୁ ଫେରେଇଆଣି ଆଉ କଷ୍ଟ ଦେବାକୁ । ତା ପରେ ତୁମକୁ ମୋବନ୍ଧନ ରୁ ମୁକ୍ତ କରି ଆଉ ଗୋଟିଏ ସୁନ୍ଦର ନୀଡ଼ ଟିଏ ଗଢିବା ପାଇଁ କେଶ ଫାଇଲ କଲି । ସେଦିନ କୋର୍ଟ ରେ ଦେଖି ତୁମକୁ ପୁଣିଥରେ କୋଳେଇନେବାକୁ ମନ ହେଉଥିଲା କନ୍ତୁ ମୋ ବୋଉ ତୁମ ବୋଉ ଙ୍କୁ ଦେଖି ମୋର ମନେ ହେଲା ଏମାନେ ଅନ୍ତରରେ ଚାଁହୁନାହାନ୍ତ ଆମେ ପୁଣି ହସଖୁସି କୁ ଆବୋରିନେଉ ବୋଲି । ତୁମକୁ ସତରେ ମୁଁ ଆଉ ଦୁଃଖ ଦେବାକୁ ଚାଁହୁନଥିଲି ।

ଡିଭୋର୍ସ ପରେ ବୋଉ ବହୁତ ଚେଷ୍ଟା କରିଛନ୍ତ ମୋତେ ଆଉ ଥରେ ବାହା କରିବାକୁ, କନ୍ତୁ ମୁଁ ଚାହିଁଲିନ ମୋ କଡରେ ତୁମ ଛଡ଼ା ଆଉ କାହାକୁ ଜାଗା ଦେବାକୁ । ତୁମ ଅଜାଣତରେ ତୁମ ଖବର ସବୁ ମୁଁ ରଖିଛି । ତୁମେ ଆଉ ସଂସାର କଲନ ମୋତେ ନଜକୁ ଭାରି ଦୋଷୀଦୋଷୀ ଲାଗିଲା । କାହିଁକ କଲନ ପ୍ରଶ୍ନ ପଚାରିବା ଢଙ୍ଗ ରେ ଶାରୀ ର ଆଖିକୁ ଚାହିଁଲା ମାନବ, ଆଖିରେ ଆଖିରେ ଶାରୀ ଉତ୍ତର ଦେଲା ଏକା କଥା ତୁମ ଜାଗା ମୋ ହୃଦୟ ରେ ସ୍ୱତନ୍ତ୍ର ତାକୁ କାହାକୁ ଆଉ କେମିତି ଦେଇଥାନ୍ତ ।

ଅଭିମାନ ର ସବୁ ରୁଦ୍ଧ ଦ୍ୱାର ଖୋଲିଗଲା ପରେ ଦୁଇ ଜଣ ଏକମତ ହେଲେ ବୋଧ ହୁଏ ଉପରବାଲା ଏକାଠି ଆମେ ରହୁ ବୋଲି ଚାଁହୁ ନ ଥିଲା । ବର୍ତ୍ତମାନ ମୁଣ୍ଡରେ ବିଧବା ଭଉଣୀ

ISSN NO.
2582-208X

ର ପୁଅ ଝିଅ ଙ୍କ ଦାୟିତ୍ୱ ତା ଛଡ଼ା ଏ ପରିଣତ ବୟସ ରେ ସମାଜ ର ଅଯଥା କଟାକ୍ଷ ର ଶିକାର ହେବାକୁ ମୋଟେ ସାହସ କ ଆଗ୍ରହ ଆଉ ନାହିଁ, ତେଣୁ ମାନସ ଶାରୀ କୁ ନଜ ଘର କୁ ଫେରେଇନେବା ପାଇଁ ମନ କରିବା ବି ଉଚତ ନୁହେଁ। ସମ ଅବସ୍ଥା ପ୍ରାୟେ ସାଗରୀକା ର। ଆଉ ଏ ବୟସ ରେ ପୁଣି ଘର କରିବାର ଇଚ୍ଛା ନାହିଁ। ପୁଣି ମାନବ ର ବିଧବା ମା ଓ ଭଉଣୀ ଙ୍କୁ ସାମ୍ନା କରିବାର ଇଚ୍ଛା କ ସାହସ ନାହିଁ ।

ଦୀର୍ଘଦିନ ର ନୀରବତା ଭାଙ୍ଗିଲା ପରେ ଦୁହେଁ ସହଜ ହେଇଉଥିଲେ ଏ ବୟସ ରେ ପରସ୍ପର ଉପରେ ଦୋଷାରୋପ କରିବାକୁ କାହାରିବି ଇଚ୍ଛା ହେଉ ନ ଥିଲା। ଦୁହିଁ ଙ୍କର ଭାବନା ରେ ଏତେ ମେଳ ଖାଉଥିଲେ ବି ଏକାଠି ଘର ସଂସାର କରିପାରିଲେନ ସବୁ ଭାଗ୍ୟ ଦୋଷ ନୁହେଁ ତ ଆଉ କଣ। ରାତି ଏଗାର ଟା ବାଜିଲାଣି ଶାରୀ କୁ ଛାଡି ଯିବାକୁ ମନ ନହେଲେ ବି ଯିବାକୁ ତ ପଡିବ। ମାନସ ଗଲା ବେଳେ ଆଡେଇ ହେଇ ପଡ଼ିଥିବା ମାଗି ଜାଗା ଟିକୁ ଦେଖି ହଠାତ କହି ଉଠିଲା ଏତେ ଦିନ ପରେ ଦେଖା, ପୁଣି ଏ ମାଗି ଆମ ବନ୍ଧୁତ୍ୱ କୁ ଲାଂଗୁଡା ପୋକ ଭଳ ଖାଇନଯାଉ। ସାଗରୀକା ମାଗି ପ୍ଲେଟ ଟି ଡଷ୍ଟବୀନରେ ପକେଇ କହିଲା ନାଇଁ ମୋ ଜୀବନ ରେ ବନ୍ଧୁ ର ଘୋର ଅଭାବ, ଏ ବନ୍ଧୁ ଟିକୁ ମୁଁ ଏବେ ଆଉ ହରେଇବାକୁ ଗ୍ରହେଁନ ।

କହୁ କହୁ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# କୃଷ୍ଣ ମୋର ଜୀବନ



ସୌଭାଗ୍ୟଲକ୍ଷ୍ମୀ ସାହୁ

କୃଷ୍ଣ ମୋର ମନ   କୃଷ୍ଣ ମୋର ପ୍ରାଣ
କୃଷ୍ଣ ମୋ ଜୀବନ ଧନ ।
କୃଷ୍ଣ ମୋର ଶ୍ୱାସ   କୃଷ୍ଣ ମୋ ବିଶ୍ୱାସ
କୃଷ୍ଣ ମୋ ଚୀର ସାହସ ।
କୃଷ୍ଣ ବିନା କେହି   ଜାଣିପାରେ ନାହିଁ
ମୋ ମନର ଅବସୋସ ।
ଜୀବନ ମରୁରେ।  କୃଷ୍ଣ ହିଁ କେବଳ
ମେଣ୍ଟାଇ ପାରେ ମୋ ଶୋଷ ।
କୃଷ୍ଣ ବିନା ମୁହିଁ   ଚାଲି ପାରେ ନାହିଁ
ମୋ ଜୀବନ ଚଲାପଥ ।
ଏ ଜୀବନେ କୃଷ୍ଣ।  ସଖା ଟିଏ ହୋଇ
ଧରିଥିବ ମୋର ହାତ।
କୃଷ୍ଣ ର ଭଜନ   କୃଷ୍ଣ ର ଜଣାଣ
ଗାଉଥିବି ଅବିରତ
ଜୀବ ଥିବା ଯାଏଁ।   ନିତି କହୁଥିବି
କୃଷ୍ଣ ମୋ ଏକାନ୍ତ ମିତ ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ବର୍ଷା ଟୋପା ତୁମେ !



ବିଜୟଲକ୍ଷ୍ମୀ ସାମଲ

ବର୍ଷାଟୋପା ତୁମେ !
ତୁମକୁ କଏ ଚାତକପରି ଚାହିଁରହିଛି
ନଦାଘ ରୌଦ୍ରତାପରୁ ଟିକଏ ତୃପ୍ତି ପାଇଁ,
ଆଉ କଏ ଆତଙ୍କିତ ମନରେ ରହିଛି
କାଳେ ତୁମେ ନଜସହ କାଳବୈଶାଖୀର ତାଣ୍ଡବ ଘେନଆସିବ ।

ବଡ଼ କୋଠାଘରେ ଥିବା ପିଲାଟିଏ ସିନା ବର୍ଷାରେ କାଗଜ ଡଙ୍ଗା ଭସାଇ ଖୁସି ପାଇବ,
କୁଡ଼ିଆରେ ଥିବା ପିଲାଟିଏ ତ ଦାରୁଣ ଦୁଃଖ ପାଇବ।
ମନରେ ତା'ର ବାସହରା ହେବାର ଆଶଙ୍କା ରହିବ,
କାଳେ ତୁମେ ତା'ର ଘର ଛପର ପବନରେ ଉଡ଼େଇ ନେବ।

ବର୍ଷାଟୋପା ତୁମେ !
କାହା ମନରେ ତୃପ୍ତିର ମାଦକତା ଖେଳାଇ ଦେଇଯାଅ
କାହା ମନରେ ଅସୁମାରୀ ସ୍ମୃତି ଦେଇଯାଅ,
ତୁମର ଟୋପାଏ ସ୍ପର୍ଶରେ ବୟସର ଶେଷାର୍ଦ୍ଧରେ ଥିବା ବ୍ୟକ୍ତି ମଧ୍ୟ
ପିଲାଦିନର ଅତୀତକୁ ଖୋଜିବୁଲେ ।

ISSN NO.
2582-208X

ବର୍ଷାଟୋପା ତୁମେ !
ଅତୀତର ପୃଷ୍ଠାକୁ ଓଲଟାଇ ବର୍ଷା ତୁମକୁ ଯଦି କେହି ବର୍ଣ୍ଣନା କରେ,
ଆଖିରେ ଯଦି ଲୁହ ଆସିଯାଏ
ତେବେ ଜାଣିବା କେମିତି ସେ ଲୁହ ସୁଖର ନା ଦୁଃଖର !

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ପୂର୍ବାହ୍ନ ର ସୂର୍ଯ୍ୟାସ୍ତ



ଯସ୍ମିତା ପ୍ରଧାନ

ଦେଖିଲି ଆଜି ସେ ପୁରୁଣା ସ୍ମୃତିକୁ କରି ପ୍ରେମହୃତ
କ ସୁନ୍ଦର ଶୋଭି ତା'ର ମନେ ପଡେ ବିତିଥିବା କଥା
ବହୁଲୋକ ଦେଖୁଛନ୍ତୁ ତା'ର ରୂପକାନ୍ତୁର ସୌନ୍ଦର୍ଯ୍ୟ
ବ୍ୟସ୍ତ ବହୁଳ ଜୀବନରେ ଥିବ ତାଙ୍କ ଅନେକ କାର୍ଯ୍ୟ
କନ୍ତୁ କଛି କ୍ଷଣ ସମସ୍ତେ ସ୍ଥବିତ

କ୍ଷୁଦ୍ର ନଦୀବନ୍ଧ ରେ ଦିବାକର ଙ୍କ ପ୍ରତିଛବି
ମନେହୁଏ ଧଳାର ପରଦା ଉପରେ ଲାଲ୍ ଲାଲ୍ ମୋତି
ହୋଇପାର ତୁମେ ସକଳ ପ୍ରାଣୀଙ୍କ ଜୀବନ
ତୁମ ଚନ୍ଦ୍ର ଦେଖି ଆଜି ମୁଁ ନଶ୍ଚଳ ତପନ
ଏତେ ସୁନ୍ଦର ହୋଇପାରେ କ ଏ କ୍ଷଣ

ପ୍ରାଚୀ ଗିରି ଗୃହର ଭିତରେ ଯାଉଅଛ ଲୁଚ ଧୀରେ ଧୀରେ
ତୁମର ଏ ଲୀଳା ସତେ ବିସ୍ମିତ ଜଗତକୁ କରେ
ବସାକୁ ଦଳଦଳ ହୋଇ ବାହୁଡୁଛନ୍ତୁ ବିହଙ୍ଗ ଗଣ
ଗାଈ ବାଛୁରୀ ଧରି ଗୋଠକୁ ଫେରିଲେଣୀ ଗୋପାଳଗଣ
ଧନ୍ୟ ତୁମେ ସ୍ରଷ୍ଟା ଏ ସୃଷ୍ଟି ବିଗ୍ଭରି

ISSN NO.
2582-208X

ଇଚ୍ଛା ହେଉଥିଲା କ୍ଷଣେ କରନ୍ତୁ କ ନୌକା ବିହାର
ଦେଖନ୍ତୁ ଆତ୍ମତୃପ୍ତି ହୋଇ ପ୍ରକୃତି ସୌନ୍ଦର୍ଯ୍ୟ ନିହାର
ଅସ୍ତଗାମୀ ତୁମେ ଏବେ ଆଉ ବା କ'ଣ କହିବି
ଭାଗ୍ୟ ଥିଲେ ଏପରି ମୂହୁର୍ତ୍ତ ନିଷ୍ଚୟ ଦେଖିବି
ଏ କ୍ଷଣ ସର୍ବଦା ସ୍ମରଣୀୟ

ନୁହେଁ ମୁଁ କବି ବର୍ଣ୍ଣନା କରିବାକୁ ତୁମ ରୂପକାନ୍ତ
ଛୋଟ ହୃଦୟରେ ଯାହା ମୁଁ ଭାବିଲି ଦେଲି ତାକୁ ଲେଖି
ମନରେ ଅନେକ ଆଶା ଦେଖନ୍ତୁ ଏ ତୁମର ଶୋଭା
ପଛରୁ ଶୁଭିଲା ଶୀଘ୍ର ଶୀଘ୍ର ଆସ ହେଲାଣି ସନ୍ଧ୍ୟା
ଅବର୍ଣ୍ଣନୀୟ ସତେ ଏ ପୂର୍ବାହ୍ନ ର ସୂର୍ଯ୍ୟାସ୍ତ ।।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର
7326837101

ISSN NO.
2582-208X

# ମୁଁ ଭୁଲିଯାଇଛି କଛି



ପ୍ରିୟଦର୍ଶିନୀ ପତି

ମୁଁ ଭୁଲିଯାଇଛି କଛି
କଛି ମନେ ଅଛି ମୋର
ଭୁଲିଯାଇଛି ଖୁସି ରହିବା
କନ୍ତୁ ହସିବା ମନେ ଅଛି ମୋର ।

ମୁଁ ଭୁଲିଯାଇଛି ନଜକୁ
କନ୍ତୁ ମନେଅଛି ତୁମେ ମୋର
ଭୁଲିଯଇଛି ତୁମେ ଦେଇଥିବା ଧୋକାକୁ
କନ୍ତୁ ମନେଅଛି ଭଲପାଇବା ତୁମର ।

ମୁଁ ଭୁଲିଯାଇଛି ଭଲପାଇଲେ ଜଣେ କେମିତି ଲ୍ଗେ
କନ୍ତୁ ଭଲପାଇବା ମନେଅଛି ମୋର
ଭୁଲିଯାଇଛି ନଜ ଘରର ଠିକଣା
କନ୍ତୁ ମନେଅଛି ଏକ ଘର ଅଛି ମୋର ।

ISSN NO.
2582-208X

ମୁଁ ଭୁଲିଯାଇଛି କଥା କହିବା
କିନ୍ତୁ ଚୁପ୍ ରହିବା ମନେଅଛି ମୋର
ଭୁଲିଯାଇଛି ନିଜ ସହିବାର ସୀମା
କିନ୍ତୁ ମନେଅଛି ଧର୍ଯ୍ୟ ମୋର ।

ମୁଁ ଭୁଲିଯାଇଛି ନିଜର ସ୍ୱପ୍ନକୁ
କିନ୍ତୁ ମନେଅଛି ସ୍ୱପ୍ନ ତୁମର
ଭୁଲିଯାଇଛି ବର୍ତ୍ତମାନକୁ
କିନ୍ତୁ ମନେଅଛି ଅତୀତ ମୋର ।

ମୁଁ ଭୁଲିଯାଇଛି ମୁଁ ଜଣେ ନାରୀ
କିନ୍ତୁ ମନେ ଅଛି କର୍ତ୍ତବ୍ୟ ମୋର
ଭୁଲିଯାଇଛି ସମାଜର କଥାକୁ
କିନ୍ତୁ ସମାଜ ମନେ ରଖିଛି ସବୁ କଥା ମୋର ।

ମୁଁ ଭୁଲିଯାଇଛି କୁଆଡେ ଚାଲୁଛି, କାହିଁକି ଚାଲୁଛି
କିନ୍ତୁ ଚାଲିବା ମନେଅଛି ମୋର
ମୁଁ ଭୁଲିଯାଇଛି କିଛି
କିଛି ମନେଅଛି ମୋର ।

ISSN NO.
2582-208X

# ମାଟିମନସ୍କତାଧର୍ମୀ ପରିପ୍ରେକ୍ଷୀରେ ୧୯୮୦ ପରବର୍ତ୍ତୀ ଓଡ଼ିଆ କ୍ଷୁଦ୍ରଗଳ୍ପ



ପ୍ରଶାନ୍ତ କୁମାର ନାୟକ

୧୯୫୦ ପରବର୍ତ୍ତୀ ପ୍ରାୟ ତିରିଶ ବର୍ଷ ଧରି ପଲ୍ଲୀ ସଂସ୍କୃତି ଧୀରେ ଧୀରେ ସହର ଅଭିମୁଖୀ ହୋଇଯାଇ ସହରର ଆଚାର ବିଚାରକୁ ଗ୍ରହଣ କରିନେଲା । ଏହା ଦ୍ୱାରା ଗାଁ ଓ ସହରର ଚଉସଂଘର୍ଷ ବଳିଷ୍ଠ ହୋଇଉଠିଲା । ସହର ମାନସିକତାର ଛଳନା, ରାଜନୀତିର ଶଠତା, ଶିଳ୍ପ ବାଣିଜ୍ୟକୁ ନେଇ ଶୋଷଣର ଜାଲ ବିସ୍ତାର କରୁଥିବା ଧନୀମାନଙ୍କ ପ୍ରତି ପ୍ରକାଶପାଇଲା ବ୍ୟଙ୍ଗ ଓ ବିଦ୍ରୁପ । ସେହିପରି ୧୯୮୦ ମସିହା ପରବର୍ତ୍ତୀ ସମୟରେ ନୂଆକରି ଆମ ସାହିତ୍ୟକୁ ଉତ୍ତର ଆଧୁନିକ ଚେତନାଟି ଆସିଲା । ଯାହାଫଳରେ ଆମ ସାହିତ୍ୟରେ ଉତ୍ତର ଆଧୁନିକତା ସଂପର୍କରେ ଚର୍ଚ୍ଚା ହେବାକୁ ଲାଗିଲା । ଏହି କାଳ ଖଣ୍ଡରେ ଯେଉଁ ଲେଖକମାନେ ଗଳ୍ପ, କବିତା, ନାଟକ, ଉପନ୍ୟାସ ଇତ୍ୟାଦି ରଚନା କଲେ ପୂର୍ବ ଧାରାକୁ ବଦଳାଇ ନୂତନ ଧାରାର ପବର୍ତ୍ତନ କଲେ ଏହାକୁ କୁହାଗଲା ଉତ୍ତର ଆଧୁନିକ ସାହିତ୍ୟ । ଏହି ସମୟ ଖଣ୍ଡରେ ଭାରତୀୟ ସାହିତ୍ୟ ପାଶ୍ଚାତ୍ୟ କେନ୍ଦ୍ରିକତାରୁ ମୁକ୍ତହୋଇ ନିଜସ୍ୱ ଧାରା ସୃଷ୍ଟି କରିବାର ଆଗ୍ରହ ଦେଖାଦେଲା । ଉତ୍ତର ଆଧୁନିକ ଚେତନା ଆଉ ପାଶ୍ଚାତ୍ୟର ଦାସତ୍ୱ ସ୍ୱୀକାର ନକରି ମୁକ୍ତ ଭାବରେ ମାନବିକ ସମଗ୍ରତାର ବିଶ୍ୱାସ ସ୍ଥାପନ କଲା । ମଣିଷ ନଗରର ମୋହ ପରିତ୍ୟାଗ କରି ଗ୍ରାମ-ପଲ୍ଲୀ, ପ୍ରକୃତି ପ୍ରତି ଭଲପାଇବା ବଢ଼ିଲା । ଦଳିତ ବର୍ଗର ସମସ୍ୟା ଉପରେ ଗୁରୁତ୍ୱ ଦେବା ସହିତ ନାରୀକୁ ପ୍ରାଧାନ୍ୟ, ଲୋକକଥା ଓ ଲୋକ ଉପାଦାନର ନୂତନ ଦିଗ ଉପରେ ଦୃଷ୍ଟିପାତ କଲା । ୧୯୮୦ ପୂର୍ବବର୍ତ୍ତୀ ସମୟରେ ଗଳ୍ପରେ ଯେଉଁ ସମସ୍ୟା, ସଂକଟ; ଅଶୀ ପରବର୍ତ୍ତୀ ସମୟରେ

ISSN NO.
2582-208X

ଯଦିଓ ପ୍ରକାଶ ପାଇଛି ତଥାପି ଲେଖକ ମାନେ ସେଥିରୁ ଦୂରତା ରକ୍ଷାକରି ଯେଉଁ ଉତ୍ତର ଆଧୁନିକ ଚେତନାର ଉନ୍ମେଷ ଘଟିଲା, ତାହା ସହ ତାଳଦେଇ ଲେଖକ ମାନେ ଗଳ୍ପ ରଚନା କଲେ । ୧୯୭୦ ମସିହା ପରେ ଭାରତର ଜରୁରୀ କାଳୀନ ପରିସ୍ଥିତି ଘୋଷଣା, ନେସନାଲ କଂପାନୀ ମାନଙ୍କର ଭାରତରେ କାୟା ବିସ୍ତାର, ଶିଳ୍ପ ପ୍ରତିଷ୍ଠା ନାମରେ  କୃଷି ଓ କୃଷକର ଦୁର୍ଦ୍ଦଶା, ପରମ୍ପରା ପ୍ରତି ବିମୁଖତା ହେତୁ ଏହି ସମୟରେ କଥାକାର ମାନଙ୍କର ସୃଷ୍ଟିହେଲା ଏହ ସ୍ୱତନ୍ତ୍ର ସର୍ଜନ ମାନସିକତା । ଗଳ୍ପ ଆଉ ବୌଦ୍ଧିକ ମାୟା ଜାଲ ଭିତରେ ଛନ୍ଦି ନହୋଇ କାହାଣୀକୁ ଗୁରୁତ୍ୱ ଦେଲା । ଗଳ୍ପରେ ଝଙ୍କୃତ ହେଲା ସାଂସ୍କୃତିକ, ସାମାଜିକ, ମାନବିକ ମୂଲ୍ୟବୋଧର ସ୍ୱର । ଗଳ୍ପକାରମାନେ ଆଉ ନିସଙ୍ଗତା ବା ଏକାକୀତ୍ୱର ଜୟଗାନ ନକରି ବରଂ ମୂଲ୍ୟବୋଧ ସଂହତି ଓ ସହାବସ୍ଥାନ ହୋଇଛି ଗଳ୍ପର ମନ୍ତ୍ର । ଲୋକଉପାଦାନ ଓ ଲୋକତତ୍ୱକୁ ଆଧାରକରି ଗଳ୍ପରେ ବଳୟ ସୃଷ୍ଟିହୋଇଛି । ଭାରତୀୟ ଐତିହ୍ୟ ଅନୁସନ୍ଧାନ ପ୍ରକ୍ରିୟାରେ ଯେଉଁ ମାନବ ସମ୍ବନ୍ଧୀୟ ଓ ସହାନଭୂତି ଲେଖକମାନଙ୍କୁ ଅନୁପ୍ରାଣିତ କଲା ତାହାକୁ ଉତ୍ତର ଆଧୁନିକତା ଚେତନା ବୋଲି କୁହାଗଲା । ୧୯୮୦ ମସିହା ପରେ ଉତ୍ତର ଆଧୁନିକ ଚେତନାର ତରୁଣ କଥାକାରଗଣ ପାରମ୍ପରିକ ଗଳ୍ପ ଧାରାରୁ ମୁକ୍ତହୋଇ ମାଟିମନସ୍କତା ପ୍ରତି ଅଧିକ ଗୁରୁତ୍ୱ ଦେଲେ । ୧୯୭୫ ମସିହା ପରବର୍ତ୍ତୀ ସମୟରେ କଥାକାରମାନେ ସହରକୈନ୍ଦ୍ରିକ ବସ୍ତୁବାଦର ମୋହ ତୁଟାଇ ପଲ୍ଲୀ, ମା, ମାଟି, ମଣିଷ ପରମ୍ପରା ପାଖକୁ ଫେରିଯିବା ପାଇଁ ଇଛା ପ୍ରକାଶ କରିଛି ।  ଭିଟାମାଟିର ମହକରେ ଗାଁ ହୋଇଛି ବାସ୍ନାୟିତ । ସେହିପରି ଅନେକ ସ୍ଥଳରେ ଦେଖାଯାଏ ଚାକିରିଆ ମାନେ ଅବସର ନେଲାପରେ ଏକାକୀ ସହର ଭିତରେ ଜୀବନ ବିତେଇବା କଷ୍ଟକର ହେବାରୁ ଗ୍ରାମକୁ ଆସି ଶାନ୍ତିରେ ରହିବାକୁ ଉଚିତ୍ ସ୍ଥାନ ମଣୁଛନ୍ତି । ଗାଁ ପରିବେଶର ସବୁଜିମା ବଳୟ ଭିତରେ ଶାନ୍ତିରେ ନିଶ୍ୱାସ ନେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଗ୍ରାମର ପ୍ରାକୃତିକ ପରିବେଶର ଦୃଶ୍ୟ, ପର୍ବପର୍ବାଣୀ, ଖାଦ୍ୟପେୟ, ବାସଗୃହ, କୃଷି, ସଂସ୍କୃତି ପ୍ରଭୃତି ପୁର୍ନବାର ଆଧୁନିକ ମଣିଷକୁ ପଲ୍ଲୀପ୍ରତି ଆକର୍ଷିତ କରିଛି । କହିବାକୁ ଗଲେ ଓଡ଼ିଶାର ସଂସ୍କୃତି ହେଉଛି ଗ୍ରାମ୍ୟ ସଂସ୍କୃତି । କାଳ କାଳ ଧରି ଆମର ପଲ୍ଲୀ ସଂସ୍କୃତି ସ୍ନେହ, ପ୍ରେମ, ଆଦର୍ଶର ବନ୍ଧା, ଓଡ଼ିଆ

ISSN NO.
2582-208X

ସଂସ୍କୃତି ଉପରେ ବାହ୍ୟ ସଂସ୍କୃତିର ପ୍ରଭାବ ପଡ଼ିଥିଲେ ମଧ ନଜର ସ୍ୱରୂପକୁ ବଜାୟ ରଖିବାରେ ସକ୍ଷମ ହୋଇଛି । ଗ୍ରାମର ଜୀବନ, ଯନ୍ତ୍ରଣା, ମାଟି ପ୍ରୀତିର ସ୍ୱର ଅନେକ ଲେଖକ ମାନଙ୍କ ହୃଦୟରେ ଆବେଗ ସୃଷ୍ଟିକରିଛି । ଅଶୀ ପରବର୍ତ୍ତୀ ସମୟରେ ବ୍ୟକ୍ତି ଅତୀତର ସେଇ ସରଳ, ସୁନ୍ଦର, ପବିତ୍ର ଗ୍ରାମ୍ୟ ଜୀବନକୁ ମନେପକାଇ ଝୁରିହେଇଛି ସିନା, ପୂର୍ବଭଳ ଆଉ ସେମିତି ନାହିଁ । ସଂଘଗତ ଜୀବବ ଭୁଷୁଡ଼ି ପଡ଼ିଛି, ଗାଁ ଆସ୍ତେ ଆସ୍ତେ ମରି ହଜି ଯାଉଛି, ତା' ଭିତରେ ସହରୀ ସଭ୍ୟତାର ଛଳନା, ସ୍ୱାର୍ଥପରତା ମଣିଷ ସଭ୍ୟତାକୁ ଗ୍ରାସ କରୁଛି । ସହରୀକରଣ ସ୍ରୋତରେ ଭାଙ୍ଗି ଭାଙ୍ଗି ଯାଉଥିବା ଗ୍ରାମ୍ୟ ସଂସ୍କୃତିକୁ କଥାକାର ମାନେ ତାଙ୍କ ଲେଖନୀ ମୁନରେ ଜୀବନ୍ତ କରିଦେଇଛନ୍ତି ।

ଅଶୀପରବର୍ତ୍ତୀ ସମୟରେ ଗଳ୍ପର ଯେଉଁ ମୁଖ୍ୟ ବୈଚିତ୍ର୍ୟ ଲେଖକଙ୍କୁ ବେଶିମାତ୍ରରେ ପ୍ରଭାବିତ କରିଛି ତାହା ହେଉଛି ମାଟିମନସ୍କତା । ଯେତେବେଳେ ମଣିଷଟି ଗାଁକୁ ଖୋଜେ, ଅତୀତକୁ ମନେପକାଏ ଓ ଗାଁର ପୂଜା ପର୍ବ, ପରମ୍ପରାରେ ସାମିଲ ହୁଏ ସେତେବେଳେ ସେ ମାଟିମନସ୍କ ହୋଇଉଠେ । ଗାଳ୍ପିକ ବିଷ୍ଣୁସାହୁଙ୍କ ଗଳ୍ପରେ ଯେଉଁ ଗାଁ ମାଟିପ୍ରତି ଥିବା ମମତାର କଥା ଭିନ୍ନ ସ୍ୱରରେ ପ୍ରକାଶ ପାଇଛି, ଗଳ୍ପକାର ବିଷ୍ଣୁସାହୁ ବାସ୍ତବରେ ଗାଁ ଜୀବନର ଚିତ୍ର ଆଙ୍କିବାରେ ଜଣେ ଦକ୍ଷ ଚିତ୍ରକର ଗାଁ ପ୍ରତିଥିବା ମମତ୍ୱବୋଧ, ଗାଁରୁ ହଜିଯାଇଥିବା ପର୍ବପର୍ବାଣୀ ତଥା ସାଂପ୍ରତିକ ଯୁବଗୋଷ୍ଠୀଙ୍କ ଦ୍ୱାରା ଅବକ୍ଷୟ ସଂସ୍କୃତି ପରମ୍ପରାର ଚିତ୍ର ତାଙ୍କ ଗଳ୍ପରେ ଦେଖିବାକୁମିଳେ । ଲକ୍ଷ୍ୟ କରିବା ଯେ ଯୁଗଯୁଗ ଧରି ଯେଉଁ ଗ୍ରାମ୍ୟ ସଂସ୍କୃତି, ପରମ୍ପରାର ଯେଉଁ ଆଦର ଭଲପାଇବା ଥିଲା ତାହା ଆଜିର ଯୁବପୀଢ଼ି ପାଖରେ ମୂଲ୍ୟହୀନ ହୋଇ ପଡ଼ିଛି । ଆଧୁନକତାର ଚାକଚକ୍ୟ, ବିଳାସମୟ ସହରୀଜୀବନ ମଣିଷର ମାନସିକତାକୁ ଗ୍ରାସ କରିଥିବାରୁ ଧିରେ ଧିରେ ପାରମ୍ପରିକ ପଲ୍ଲୀ ସଂସ୍କୃତିର ମୃତ୍ୟୁ ଘଟୁଛି । ଏହିପରି ଗାଳ୍ପିକ ବିଷ୍ଣୁସାହୁଙ୍କ 'କାହାଣୀ ଓ କାଠଚମ୍ପା' ସଂକଳନର 'କାର୍ତ୍ତିକ ପୂର୍ଣ୍ଣମୀର କାବ୍ୟ' ଗଳ୍ପରେ ତରୁଣ ପିଢ଼ି ଓ ପ୍ରାଚୀନ ପୀଢ଼ି ମଧ୍ୟରେ ସଂଘର୍ଷଚିତ୍ର ଦେଖିବାକୁମିଳେ । ରାସ ପୂର୍ଣ୍ଣିମା ପାଳନକୁ ନେଇ ଯୁବକଗୋଷ୍ଠୀ ମାନେ କଟକରେ ଜାକ୍‌ସେଟ୍, ଚଅର୍ସ ଗାର୍ଲସ, ରେକଡ଼ ଡାନ୍ସ ଆଣିବାରେ ଜିଦି ଧରିଥିବା ବେଳେ।

ISSN NO.
2582-208X

ବୃଦ୍ଧ ମାୟାଧର ଓ ତାଙ୍କ ସହଯୋଗୀମାନେ ନାମ ସଂକର୍ତ୍ତନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ରାସ ପୂର୍ଣ୍ଣିମା ରାତିରେ ଯୁବକମାନେ ମଦ, ଗଞ୍ଜେଇ, ସିଗାରେଟ ଖାଇ ବିବସ୍ତ୍ର ହୋଇ ଭାଗବତ ଟୁଙ୍ଗିଆଗରେ ପଡ଼ିଥିଲେ । ମାୟାଧର ଏହି ସବୁ ଦୃଶ୍ୟଦେଖି ସାମ୍ନାରେ ଥିବା ରାଧାକୃଷ୍ଣ ମୂର୍ତ୍ତିକୁ ଧରି ଭେ ଭେ ହୋଇ କାନ୍ଦି ଉଠିଛନ୍ତି ଓ ଶେଷରେ ଟଳି ପଡ଼ିଛନ୍ତି । ସେହିପରି 'ଘାଟ' ଗଳ୍ପରେ ଗୋଟିଏ ଗ୍ରାମରେ ହିନ୍ଦୁ ଓ ମୁସଲମାନ ଦୁଇଟି ସଂପ୍ରଦାୟ ମଧ୍ୟରେ ଦଙ୍ଗାର ଚିତ୍ର ଦେଖିବାକୁ ମିଳେ । ଗଳ୍ପର ଚରିତ୍ର 'ଗଉରା' ଡଙ୍ଗା ଚଳାଇ ଗାଁର ସବୁ ସଂପ୍ରଦାୟର ଲୋକଙ୍କୁ ଘାଟି ପାରିକରାଏ । କିନ୍ତୁ ଗାଁରେ ଦେଖାଯାଉଥିବା ଧର୍ମ ଜାତି ନାମରେ କଳହ ଗଉରାର ମନରେ ଭାବାନ୍ତର ସୃଷ୍ଟିକରିଛି । କାରଣ ସେ ଚାହୁଁଥିଲା ମଣିଷ ମଣିଷ ଭିତରେ ଶାନ୍ତି ଓ ଭାଇଚାରାର ଭାବ ଜୀବିତ ରହୁ । ଗାଳ୍ପିକ ଏହି ଗଳ୍ପରେ ଗଉରା ଚରିତ୍ର ମାଧ୍ୟମରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ମଣିଷ ପଣିଆକୁ ଦେଖାଇଛନ୍ତି । ତାଙ୍କର ଅନ୍ୟଏକ ଗଳ୍ପ 'ଗୁଡ଼ବାଏ ଇଣ୍ଡିଆ' ରେ ଦେଖାଯାଏ ପାଶ୍ଚାତ୍ୟ ଶିକ୍ଷାଲାଭ କଲାପରେ ପରିବାରକୁ କିପରି ଉପେକ୍ଷା କରୁଛନ୍ତି ଆଜିର ଯୁବଗୋଷ୍ଠୀ ତାର ଚିତ୍ର ଏହି ଗଳ୍ପରେ ଦେଖିବାକୁ ପାଉ । ସର ମାଉସୀ ପର ଘରେ କାମ କରି ସ୍ନେହ ମମତା ଦେଇ ଜୟନ୍ତ ବାବୁଙ୍କୁ ପାଠପଢ଼ାଇ ଡାକ୍ତର  କରିଛି । କିନ୍ତୁ ଜୟନ୍ତ  ଚାକିରି କରି ବିଦେଶରେ ରହି ନିଜର ବୃଦ୍ଧା ମା ଓ ଗାଁକୁ ଭୁଲିଯାଇଛି । ପରିବାର ହେଉଛି ଆମ ସମାଜର ଏକ ଜାତୀୟ ଅନୁଷ୍ଠାନ । ଯଦି ପରିବାରର ସଦସ୍ୟ ମାନଙ୍କ ମଧ୍ୟରେ ଅଶାନ୍ତି ଲାଗିରହେ ସେହି ପରିବାରଟି ଛିନ୍ ଭିନ୍ ହୋଇଯାଏ । ଏହି ଭଳି ଏକ ଘଟଣା 'ରଜଛୁଟିର ଗାଁ' ଗଳ୍ପରେ ଦେଖିବାକୁ ପାଉ । ସେହିପରି ଗାଳ୍ପିକଙ୍କ 'ଗୋଟିଏ ଗାଁର ଚିତ୍ରପଟ'  ଗଳ୍ପସଂକଳନରେ କୈଶର ଜୀବନର ଅଙ୍ଗେନିଭା କାହାଣୀ, ଗାଁମାଟି ପ୍ରତି ତନ୍ମୟତା, ଗାଁରେ ହେଉଥିବା ପୂଜା, ପର୍ବପର୍ବାଣୀ ଓ ପରମ୍ପରାକୁ ଝୁରି ହେଉଥିବା ଚିତ୍ର, ପଲ୍ଲୀ ଲୋକମାନଙ୍କର ସ୍ନେହ, ଆତ୍ମୀୟତା ଓ ଲେଖକଙ୍କ ନିଜ ଜୀବନରେ ଘଟିଯାଇଥିବା ଘଟଣାକୁ ମାର୍ମିକ ଭାବରେ ଉପସ୍ଥାପନା କରିଛନ୍ତି । 'ମାମୁଘର ଗାଁ' ଗଳ୍ପରେ ଗାଳ୍ପିକ ମୁଁ ଚରିତ୍ର ମାଧ୍ୟମରେ ନିଜ ପିଲାଦିନର ସ୍ମୃତିକୁ ବଖାଣିଛନ୍ତି । ମାମୁଘର ଗାଁକୁ ଯିବା ରାସ୍ତାରେ ଦୁଇପାର୍ଶ୍ୱର ସବୁଜ

ISSN NO.
2582-208X

ଶ୍ୟାମଳ କ୍ଷେତର ଦୃଶ୍ୟ, ବିଲୁଆ ଖାଇ ନଦୀ, ଦେବୀନଦୀ, ବିରିଡ଼ି ହାଟର ବର୍ଣ୍ଣନାର ଚିତ୍ର ଗଳ୍ପରେ ଜୀବନ୍ତ ହୋଇ ଉଠିଛି । ସେହିପରି ଅଶୀ ପରବର୍ତ୍ତୀ ସମୟରେ ଯାହାର ଗଳ୍ପରେ ଗାଁ-ମାଟି ମମତା ସ୍ୱରରେ ଗଳ୍ପ ହେଉଥିଲା ରସାଣିତ ସେହିଭଳି ଜଣେ ଗାଳ୍ପିକ ହେଉଛନ୍ତି ପ୍ରଶାନ୍ତ ମହାନ୍ତି । ପ୍ରଶାନ୍ତ ମହାନ୍ତିଙ୍କ ଗଳ୍ପରେ ପଲ୍ଲୀପ୍ରତି ବିଶ୍ୱସ୍ତ ଭାବ, ମାଟି ପ୍ରତି ମମତା ଓ ମାଟିକୁ ଫେରିଆସିବାର ଚିତ୍ର ପାଠକର ଦୃଷ୍ଟିକୁ ଆକର୍ଷଣ କରେ । ମଣିଷ ପଣିଆର କଥା କହୁଥିବା ତାଙ୍କ ଗଳ୍ପର ଚରିତ୍ରମାନେ ମାଟିକୁ ଲେଉଟି ଯିବାର ସୁଯୋଗ ଖୋଜି ଥାଆନ୍ତି । ଗାଁର ସାଧାରଣ ଚରିତ୍ରଟିଏ ସହରର ପାଠୁଆ ଠାରୁ ହୁଏତ ପଛରେ ଥାଇପାରେ ହେଲେ ମାଟି ଗୁଣ ଗାଇବାରେ, ମାଟିକୁ ଭଲପାଇବାରେ ଊଣା ନଥାଏ । ତାଙ୍କର 'ବେହେଡ଼ା ଓ ଅନ୍ୟାନ୍ୟ ଗଳ୍ପ' ସଂକଳନରେ 'ପଂଜୁରୀ' ଶୀର୍ଷକ ଗଳ୍ପରେ ସଦାନନ୍ଦ ଚରିତ୍ରଟି ସହରର ବଡ଼ ବଡ଼ କୋଠା, ଗହଳ ପୂର୍ଣ୍ଣ ସହରୀ ଜୀବନରେ ଅଣନଶ୍ୱାସୀ ହୋଇପଡ଼ିଛି । ସହରରେ ରହୁଥିବା ନିଜର ପିଲାମାନଙ୍କୁ ଗାଁ ମାଟିକୁ ଫେରିଯିବାକୁ ବୁଝାଇଛି । ଗାଁର ଶାନ୍ତ, ସବୁଜିମା ପରିବେଶ, ନଦୀ, ପୋଖରୀ, ବିଲବାଡ଼ି, ଗାଁମାଟି କୁ ଉପଭୋଗ କରିବା ପାଇଁ ତା'ର ପିଲାମାନଙ୍କୁ ବୁଝାଇଛି । ହେଲେ ତାଙ୍କର ପିଲାମାନେ ବାପାଙ୍କର ଚିନ୍ତା ଧାରାକୁ ମଫସଲିଆ ଭାବି ନିନ୍ଦା କରିଛନ୍ତି । କିନ୍ତୁ ସଦାନନ୍ଦ ପରିସ୍ଥିତିରେ ପଡ଼ି ସିନା ଗାଁକୁ ଆସି ପାରିନ, ଗାଁ ପ୍ରତି ତାର ମନ ଚିରକାଳ ପାଇଁ ବାନ୍ଧିହୋଇ ରହିଛି । ସେହିପରି 'ସୁଖସନ୍ଧାନ' ଗଳ୍ପରେ 'ନିର୍ମମୟ' ସହରରେ ରହୁଥିବା ପୁଅ ବୋହୂଙ୍କ ନିମନ୍ତ୍ରଣକୁ ଅମାନ୍ୟ କରିପାରିନାହିଁ ସତ କିନ୍ତୁ ବେଶିଦିନ ସହରର ମୋହରେ ବାନ୍ଧି ହୋଇନାହିଁ । ଫେରିବାକୁ ଚାହିଁଛି ତାର ପରିଚିତ ମାତୃଭୂମିକୁ । ସହରର କୋଳାହଳ ଜୀବନ, ସ୍ୱାର୍ଥୀ ମଣିଷ ମାନଙ୍କ ଭିତରେ ଅଣନିଃଶ୍ୱାସୀ ମନେକରିଛି ପରିଶେଷରେ ଗାଁ ମାଟିକୁ ଫେରି ଆସିଛି । ମାହାପାତ୍ର ନୀଳମଣି ସାହୁଙ୍କ 'ରାମ୍ ଯେ ରହିମ୍' ଗଳ୍ପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ମାଟି ମାଆ କୋଳରେ ଏକ ରଜ୍ଜୁରେ ବାନ୍ଧିହୋଇ ଏକ ସମଭାବାପନ୍ନ ମନୋବୃତି ନେଇ ଜୀବନ ଯାପନ କରୁଛନ୍ତି ତାହା ଏଠାରେ ବର୍ଣ୍ଣିତ । ଏହି ଗଳ୍ପରେ ହିନ୍ଦୁ ଓ ମୁସଲମାନ ଭିନ୍ନ ଭିନ୍ନ ସଂପ୍ରଦାୟର ହୋଇଥିଲେ ମଧ୍ୟ ଏକ ପରିବାର ଭଳି ଗାଳ୍ପିକ ନିଜେ ଓ ବନ୍ଧୁ 'ସୁନାତୁଲ୍ଲା' ମଧ୍ୟରେ ସଂପର୍କ ଗଢ଼ିଉଠିଛି ।

ISSN NO.
2582-208X

ମାନବିକତାର ପରିଧି ଭିତରେ ସାଂପ୍ରଦାୟିକତା କେତେ ଯେ ତୁଚ୍ଛ ଓ ନଗଣ୍ୟ ତାହା ଏହି ଗଳ୍ପରେ ପାଉ । ବର୍ତ୍ତମାନ ସମୟରେ ଦେଖିବାକୁ ଗଲେ ଭାରତ ବର୍ଷର କେବଳ ନୁହେଁ ସାରା ବିଶ୍ୱରେ ଧର୍ମକୁ କେନ୍ଦ୍ରକରି ସୃଷ୍ଟି ହେଉଥିବା ହିଂସା, ଯୁଦ୍ଧ ଡାକରା ପ୍ରବୃତ୍ତି ବିରୋଧରେ ଏହି ଗଳ୍ପଟି ପ୍ରତିବାଦ ସ୍ୱରୂପ । ତାଙ୍କର ଅନ୍ୟଏକ ଗଳ୍ପ 'ମହନ କବିରାଜଙ୍କ ଇତିକଥା' ଗଳ୍ପରେ ଗାଳ୍ପିକ ଗାଁ ପରିବେଶ ମଧ୍ୟରେ କୈଶୋର ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହିତ, ଆଧୁନିକ ଚିକିତ୍ସା ପଦ୍ଧତି ଓ ଅର୍ଥର ବ୍ୟୟ ବହୁଳକୁ ବିଦ୍ରୁପ କରିଛନ୍ତି । ଗଳ୍ପର ମହନ କବିରାଜଙ୍କ ଆୟୁରର୍ବେଦ ଚିକିତ୍ସା ଦ୍ୱାରା ଜନସାଧାରଣଙ୍କୁ ରୋଗରୁ ମୁକ୍ତ କରି ସୁସ୍ଥ ନିରାମୟ ଜୀବନର ବାତାବରଣ କରିପାରୁଥିଲେ, ସେହି ସରଳ, ନିସ୍ୱାର୍ଥପର ବ୍ୟକ୍ତି ମହନ କବିରାଜଙ୍କ ମୃତ୍ୟୁରେ ଗାଳ୍ପିକ ମର୍ମାହତ ହୋଇପଡ଼ିଛନ୍ତି । କିନ୍ତୁ ଗଳ୍ପର ପରବର୍ତ୍ତୀ ଦୃଶ୍ୟ ଗାଳ୍ପିକଙ୍କୁ ଆହୁରି କଷ୍ଟ ଦେଇଛି । ମହନ କବିରାଜଙ୍କ ମୃତ୍ୟୁ ପରେ ଘରଡ଼ିହ ନିଲାମ ହୋଇଯାଇଛି । ସେଠି ଗଢ଼ିଉଠିଛି ଡାକ୍ତର କେରାମତ୍ ଅଲ୍ଲୀଙ୍କ 'ହାମଦର୍ଦ୍ଦ ଦବାଇ ଖାନା' ବୈଷୟିକ ଜ୍ଞାନର ଅଗ୍ରଗତି ଯୁଗର ପରିବର୍ତ୍ତନର ଗ୍ରାମର ଆୟୁରର୍ବେଦ ଚିକିତ୍ସାର ପ୍ରଭାବ କମିଯିବା ସହିତ ସଂପୂର୍ଣ୍ଣ ଲୋପ ପାଇଯିବାକୁ ବସିଲାଣି ତାହା ଏହି ଗଳ୍ପରେ ଦେଖିବାକୁ ମିଳେ । ସେହିପରି 'ଅଭିଶପ୍ତ ଗନ୍ଧର୍ବ' ଗଳ୍ପଟି ଭାରତୀୟ ଗ୍ରାମ୍ୟ ସଂସ୍କୃତି ଓ ପରିବେଶ ଉପରେ ଆଧାରିତ ଏହି ଗଳ୍ପରେ 'ଅଭିରାମ ପରିଡ଼ା' ଚରିତ୍ରଟି ଜାତିର ଶୁଦ୍ର ହୋଇଥିବାରୁ ଗ୍ରାମର ଯାତ୍ରା ଦଳରେ ରାଜା ଭୂମିକାରେ ପାଦରେ ଯୋତା ପିନ୍ଧି ଅଭିନୟ କରିଥିବା ସମୟରେ ବ୍ରାହ୍ମଣ ସଂପଦାୟର ଲୋକମାନେ ନିନ୍ଦା, ଅପମାନଦେଇ ତାଙ୍କ ଉପରେ ପ୍ରହାର କଲେ । ଏହି ଗଳ୍ପରେ ଗାଳ୍ପିକ ଗ୍ରାମର ପରିବେଶକୁ ସୁନ୍ଦର ଭାବରେ ବର୍ଣ୍ଣନା କରିବା ସହିତ ଜାତି ଆଣ ପ୍ରଥାକୁ ଘୋରନିନ୍ଦା କରିଛନ୍ତି । ଯଶୋଧରା ମିଶ୍ରଙ୍କ 'ଦେଖଣାହାରୀ' ଗଳ୍ପ ସଂକଳନରେ 'ବୁଢ଼ାଲୋକ' ଗଳ୍ପରେ ଆଧୁନିକ ସମାଜରେ ଏକକ ପରିବାରର ଚିତ୍ର ଓ ସାମାଜିକ ଚଳନକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ଗଳ୍ପରେ ପୁଅ ବୋହୂ ନିଜ ବୃଦ୍ଧ ପିତାମାତାଙ୍କୁ ଅଲଗା କରିଦେଇ ସେମାନେ ଅନ୍ୟସ୍ଥାନରେ ରହିଛନ୍ତି । ଭାରତୀୟ ସମାଜରେ ଯେଉଁ ଯୌଥ ପରିବାର ପରମ୍ପରାଟି ଥିଲା ତାହା ସାଂପ୍ରତିକ ସମୟରେ ଏକକ ପରିବାରରେ ପରିଣତ ହୋଇଯାଇଛି । ଯାହା ପ୍ରାଚୀନ ପିଢ଼ୀ ମାନଙ୍କୁ ମର୍ମାହତ କରିଛି । ଏହିଭଳି କିଛି

ISSN NO.
2582-208X

ଘଟଣାକୁ ନେଇ ଗାଳ୍ପିକା ଗଳ୍ପଟିକୁ ସୁନ୍ଦର ଭାବରେ ଉପସ୍ଥାପନା କରିଛନ୍ତି । 'ଜହ୍ନରାତି' ଗଳ୍ପ ସଂକଳନରେ 'ଶୋକ' ଗଳ୍ପରେ 'ସୀତାନାଥ' ଚରିତ୍ରଟି ଗାଁମାଟି ପ୍ରତି କେତେ ଯେ ବ୍ୟାକୁଳତ ତହା ଏହି ଗଳ୍ପରେ ବର୍ଣ୍ଣନା କରାଯାଇଛି । ସୀତାନାଥଙ୍କ ପାରିବାରିକ ତିକ୍ତତା ପାଇଁ ଗାଁ ଛାଡ଼ି ଅନେକ ଦିନ ଧରି ସହରରେ ରହିଛି । ପରେ ନିଜ କକାର ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗି ପଡ଼ିଛି । ଗାଁକୁ ଫେରିଯିବାକୁ ତାର ମନ ବ୍ୟାକୁଳତ ହୋଇଛି । ତା ମାନସ ପଟ୍ଟରେ ଗାଁ ସହ ବିତେଇ ଥିବା ଦିନଗୁଡ଼ିକ ଗୋଟି ଗୋଟି କରି ଚିତ୍ର ଭଳି ଭାସି ଉଠିଛି । ପରେ ଗାଁକୁ ଫେରିଆସି ନିଜ ପରିବାର ଓ ଗ୍ରାମର ଉନ୍ନତି ପାଇଁ ନିଜକୁ ଉତ୍ସର୍ଗ କରିଛ । ବିଜୟ ପ୍ରଧାନଙ୍କ 'ଆସଥରେ ଗାଁକୁ ଯିବା' ଗଳ୍ପରେ ଗ୍ରାମର ସଭ୍ୟ ସମାଜଟି ସମୟର ପରିବର୍ତ୍ତନରେ କପରି ଅସଭ୍ୟ ପାଲଟି ଯାଇଛି ତାହା ଏହି ଗଳ୍ପରେ ବର୍ଣ୍ଣିତ । ଗାଁରେ ଚୋରୀ, ଡକାୟତ, ଧର୍ଷଣ, ହିଂସା ଆଦି ଘଟଣାର ପାର୍ଦୁର୍ଭାବ ବଢ଼ିଯାଇଛି ତାହାକୁ ଏହି ଗଳ୍ପରେ ଦେଖାଇବା ସହିତ ନିନ୍ଦା ମଧ୍ୟ କରିଛନ୍ତି । ସେହିପରି 'ଅନ୍ୱେଷା' ଶିର୍ଷକ ଗଳ୍ପରେ ଗାଳ୍ପିକ 'ଭଂଜ' ଚରିତ୍ର ମାଧ୍ୟମରେ ଗାଁ ପ୍ରତି ଥିବା ପିଲାବେଳର ସ୍ମୃତିକୁ ବର୍ଣ୍ଣନା କରିଛନ୍ତି । 'ଭଂଜ' ଚରିତ୍ରଟି ଗାଁକୁ ଯିବା ତ ଦୂରର କଥା ଗାଁର ନାମ ଶୁଣିଲେ ସତେକି ତା କଲିଜାକୁ କିଏ ଦୁହିଁଦିଏ । ସମୟର ପରିବର୍ତ୍ତନରେ ସେହି ଭଂଜର ମନର ପରିବର୍ତ୍ତନ ହୋଇଛି । ଯେଉଁ ଗାଁକୁ ଘୃଣା କରୁଥିଲା ସେ ଆଜି ପିଲାବେଳେ ବିତେଇଥିବା ଦିନଗୁଡ଼ିକ ସ୍ମୃତିକୁ ମନେ ପକାଇ ବିଭୋର ହୋଇ ଉଠିଛି । ରାମଚନ୍ଦ୍ର ବେହେରାଙ୍କ 'ସୁରଦାଦାଙ୍କ ସ୍ୱର' ଏହି ଗଳ୍ପରେ ଗାଳ୍ପିକ ମାନବିକତାର ସର୍ବଶ୍ରେଷ୍ଠ ଦିଗକୁ ଦର୍ଶାଇଛନ୍ତି । ସୁରଦାଦାର ଗାଁ ବନ୍ୟାଦ୍ୱାରା ବାରମ୍ବାର କ୍ଷତିଗ୍ରସ୍ତ ହେଉଥିବାରୁ ଗ୍ରାମବାସୀମାନେ ଗାଁ ଛାଡ଼ିବାକୁ ବସି ଥିବାବେଳେ, କିନ୍ତୁ ସହରରେ ରହୁଥିବା ସୁରଦାଦା ଚାକରିରୁ ଅବସର ନେଇ ସେହି ଗ୍ରାମରେ କୋଠା ତୋଳି ରହିଛନ୍ତି । ଗାଁ ଲୋକ ମାନଙ୍କୁ ବୁଝାଇ ଓ ସାହସ ଦେଇ ବିପଦକୁ ସାମ୍ନାକରି ଜୀଇଁବା ପାଇଁ ପ୍ରେରଣା ଦେଇଛନ୍ତି । ଅନ୍ୟଏକ ଗଳ୍ପ 'ସ୍ୱପ୍ନମୟ ଘର' ଗଳ୍ପରେ ପିତାର ପିଲାମାନଙ୍କ ପ୍ରତି ଥିବା ତ୍ୟାଗ, ସ୍ନେହ ଭାବଟି ଦେଖିବାକୁ ପାଇବା । ବ୍ୟକ୍ତିଟି ବହୁ ବର୍ଷଧରି ସଂଚିତ ଧନରେ ସ୍ୱପ୍ନର ଘରଟି ତିଆରି କରିଛି । କିନ୍ତୁ ପରବର୍ତ୍ତୀ ସମୟରେ ଦୁଇ

ISSN NO.
2582-208X

ଝିଅଙ୍କ ବାହାଘର ପାଇଁ ଟଙ୍କାର ଅଭାବ ଥିବାରୁ ଭିଟାମାଟି ଉପରେ ତୋଳ ଥିବା ଘରଟିକୁ ବିକ୍ରି କରିଦେଇଛି । ଦୁଇ ଝିଅର ଖୁସୀର ସଂସାରକୁ ଦେଖି ଘର ବିକ୍ରୀର ଦୁଃଖକୁ ସେ ଭୁଲିଯାଇଛନ୍ତି । 'ଘରବାହୁଡ଼ା' ଗଳ୍ପରେ ନଜର ବୃତ୍ତିକୁ ଶ୍ରେଷ୍ଠ ମଣୁଥିବା 'ଶୋଭବାବୁ' ପରିବାରକୁ ଛାଡ଼ି ଦୂରରେ ରହୁଥିଲେ ମଧ କପରି ପରିବାର ପ୍ରତି ପରମୂହୂର୍ତ୍ତରେ କର୍ତ୍ତବ୍ୟ ପରାୟଣ ହୋଇଉଠିଛି ତାହା ଏହି ଗଳ୍ପରେ ବର୍ଣ୍ଣିତ । ହୃଷୀକେଶ ପଣ୍ଡାଙ୍କ 'ସାହାବ ଦେବତା' ଗଳ୍ପ ସଂକଳନର 'ଛଗୁଂଣ' ଗଳ୍ପରେ ଆଦବାସୀମାନଙ୍କର ସୁରକ୍ଷାପାଇଁ ଲେଖକଙ୍କର ସାରସ୍ୱତ ଆଭିମୁଖ୍ୟ ସୁପ୍ରକଟିତ । ବିଦେଶୀମାନେ ଆର୍ଥିକ ବିକାଶ ଆଳରେ ସରଳ ଆଦିବାସୀମାନଙ୍କ ସଂପଦ ଲୁଟ୍ କରିବାପାଇଁ ଆମ ଶିକ୍ଷିତ, ଚାକିରିଆ ଓ ରାଜନେତା ମାନଙ୍କର ପଦକ୍ଷେପକୁ ଲେଖକ କଟାକ୍ଷପାତ କରିଛନ୍ତି । 'ପେଟ୍ରୋଲିୟମ' ଗଛ ଚାଷପାଇଁ ବିଦେଶୀ କଂପାନୀ ସୁନାପୁଟ ଗାଁକୁ ନଷ୍ଟ କରିଦେଇଛି, ଆଦିବାସୀମାନଙ୍କର ଭିଟାମାଟିକୁ ଲୁଟିନେଇଛି । ଅରଣ୍ୟ ଧ୍ୱଂସକରି କଳକାରଖାନା ସ୍ଥାପନ କରିବା, ଅରଣ୍ୟର ଜନଜାତି ଆଦିବାସୀମାନଙ୍କୁ ସୁନାପୁଟ ରୁ ଉଚ୍ଛେଦକରି ସେମାନଙ୍କ ଆହାର ଜଂଗଲଜାତ ଦ୍ରବ୍ୟରୁ ବଂଚିତ କରିବା ଆଦି ଘଟଣାକୁ ଗାଳ୍ପିକ ତୀବ୍ର ବିରୋଧ କରିଛନ୍ତି । ଦିସାରିର ପାର୍ଥନା ଭିତରେ ଆଦିବାସୀମାନଙ୍କର ମାଟିପ୍ରତି ଥିବା ନଗୂଢ଼ ସଂପର୍କଟି ପ୍ରକାଶପାଇଛି ପାଇଛି । ରବିସ୍ୱାଇଁଙ୍କ 'ଶ୍ରେଷ୍ଠ ଗଳ୍ପ' ସଂକଳନରେ 'ମରିବାର କଳା' ଶିର୍ଷକ ଗଳ୍ପରେ ଗାଳ୍ପିକ ମୁଁ ଚରିତ୍ରଟି ମାଧମରେ ତାଙ୍କ ଜୀବନରେ ଗ୍ରାମ ପରିବେଶରେ ଘଟିଯାଇଥିବା ଘଟଣା ଗୁଡ଼ିକୁ ବାଲ୍ୟ, ଯୌବନ ଓ ବାର୍ଦ୍ଧକ୍ୟ ଅବସ୍ଥାକୁ କ୍ରମାନୟରେ ବର୍ଣ୍ଣନା କରିଛନ୍ତ । ଶୈଶବର ସାଥୀ ମାନଙ୍କ ସହ ପୋଖରୀରେ ସିଙ୍ଗିବୁଡ଼ା, ବଟଗଛର ଡାଳମାଙ୍କୁଡ଼ି, ଗାଁ ପୋଖରୀରେ ମାଛଧର୍, ଫୁଟବଲ ଖେଳ, କ୍ଲବଘର ଫିଷ୍ଟ, ଖରାଛୁଟିରେ ଗାଁରେ ଡ୍ରାମା ଓ କଳାକାର ବନବାର ନଶା ଏହି ସବୁ ଘଟଣା ଗାଳ୍ପିକ ମନକୁ ଆନ୍ଦୋଳତ କରେ । ବଟକୃଷ୍ଣ ତ୍ରିପାଠୀଙ୍କ 'ଗାଁ ମାଟି' ଗଳ୍ପରେ ଅନ୍ଧବିଶ୍ୱାସ ଓ ଦୂଷିତ ରାଜନୀତି କପରି ଗ୍ରାମର ସାମାଜିକ ପରିବେଶକୁ କଳୁଷିତ କରୁଛି ତାହା ଏହି ଗଳ୍ପରେ ଦେଖିବାକୁ ପାଉ । ସେହିପରି 'ପେଟରା' ଗଳ୍ପରେ ଆମର ପ୍ରଚୀନ ପରପଂରା, ପ୍ରାଚୀନ ପଦାର୍ଥ ସାଂପ୍ରତିକ ସମୟରେ କେତେ ଯେ ମୂଲ୍ୟବାନ ତାହା ଏହି ଗଳ୍ପରେ ବର୍ଣ୍ଣିତ । 'ନବିବୁଢ଼ୀ' ଗ୍ରିପୁରୁଷର ପେଟରା, ବଟୁଆ,

ISSN NO.
2582-208X

ଝିଙ୍କାଠି, ହଳଦୀ କାଠୁଆ ଗୁଡ଼ିକୁ ଯତ୍ନର ସହିତ ସାଇତି ରଖିଥିଲା, ତା'ର ସାନ ନାତି ବାପି ବଡ଼ଭାଇର ବାହାଘର ପାଇଁ ମାଟିଘରଟିକୁ ସଫାକରିବା ସମୟରେ ସେ ପେଟରାଟି ତା ନଜରରେ ପଡ଼ିଛି ତାକୁ ଆଣି ବାହାରକୁ ଫୋପାଡ଼ି ଦେଇଛି । ଏହାକୁ ନବିବୁଢ଼ି ଦେଖି ଜୋରରେ ପାଟିକରି କହିଲା ହଇରେ ବାପି କ'ଣ କଲୁ ମୋ ସାତପୁରୁଷର ପେଟରାକୁ ଫୋପାଡ଼ି ଦେଲୁ, ଅମଙ୍ଗଳଆ କହି ପେଟରାଟିକୁ ଆଣି ନିଜ ଯତ୍ନରେ ରଖିଛି । ଆଜିକାର ପିଲାମାନଙ୍କ ତାହା ବର୍ଜ୍ୟବସ୍ତୁ ସହିତ ସମାନ ହୋଇଥିବାବେଳେ, ସେହି ବସ୍ତୁଟି ତା'ର ଜେଜେ ମା ପାଇଁ ବଂଶ, ପରମ୍ପରା, ବୁନିଆଦିର ପ୍ରତୀକ ପାଲଟିଛି । ଗାଳ୍ପିକ ସୁନ୍ଦର ଭାବରେ ଏହି ଗଳ୍ପରେ ମାଟିମନସ୍କତାର ଚିତ୍ରଟିକୁ ଦେଖାଇଛନ୍ତି ।


ସହାୟକ ଗ୍ରନ୍ଥସୂଚୀ

୧. ସାମଲ, ବୈଷ୍ଣବ ଚରଣ, ଓଡ଼ିଆ ଗଳ୍ପ ଉନ୍ମେଷ ଓ ଉତ୍ତରଣ, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୫ ।

୨. ଖୁଣ୍ଟିଆ, ବ୍ରହ୍ମାନନ୍ଦ, ସ୍ୱାଧୀନତା ପରବର୍ତ୍ତୀ ପ୍ରମୁଖ ଗଳ୍ପସ୍ରଷ୍ଟା, ନବଦିଗନ୍ତ, କଟକଟ-୨, ୨୦୧୬ ।

୩. ପରିଡ଼ା, ପ୍ରକାଶ କୁମାର, ଗଳ୍ପ ବିଚାର ବିମର୍ଶ, ଓଡ଼ିଶା ବୁକ୍‌ଷ୍ଟୋର, କଟକ, ୨୦୦୪ ।

୪. ଗାହାଣ, କପିଳେଶ୍ୱର, ସ୍ରଷ୍ଟା- ସହୃଦୟ, ଅଗ୍ରଦୂତ, ବାଙ୍କାବଜାର, କଟକ, ୨୦୦୭ ।



ଗବେଷକ

ଭାଷା ଓ ସାହିତ୍ୟ ବିଭାଗ

ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,

ଶାନ୍ତିନିକେତନ

ISSN NO.
2582-208X

# ଅନୁମତି



ପୂଜା ରାଣୀ ପାଣିଗ୍ରାହୀ

ଅନୁମତି ମାଗୁଛି ତୋର ପ୍ରେୟସିରୁ ଅର୍ଦ୍ଧାଙ୍ଗିନୀ ହେବାର,
ଅନୁମତି ମାଗୁଛି ତୋ ନାଆଁର ସିନ୍ଦୂରକୁ ମଥାରେ ସଜାଇବାର;
ଅନୁମତି ମାଗୁଛି ହୋମର ପବିତ୍ର ଅଗ୍ନିକୁ ସାକ୍ଷୀ ରଖି,
ତୋତେ ସାତ ଜନ୍ମ ପାଇଁ ନିଜର ସାଥୀ ବନେଇବାର ।
ଅନୁମତି ମାଗୁଛି ତୁମ ପ୍ରୀତିକୁ ଅଙ୍ଗରେ ଆଭୂଷଣ କରି ସଜେଇବାର,
ଅନୁମତି ମାଗୁଛି ଏହି ବେରଙ୍ଗ ଜୀବନକୁ !
ହାତରେ ତୂଳୀ ଧରି ଭିନ୍ନ ଭିନ୍ନ ରଙ୍ଗରେ ରଙ୍ଗେଇବାର ।
ଅନୁମତି ମାଗୁଛି ଏହି ମାରୁଭୂମୀ ରୂପୀ ଜୀବନକୁ,
ତୁମ ପ୍ରେମର ସ୍ପର୍ଶରେ ଏକ ସୁନ୍ଦର ବଗିଚ୍ଚ ଟିଏ ଗଢି ତୋଳିବାର ।
ଅନୁମତି ମାଗୁଛି ଏଇ ବେଦନା ଦାୟକ ହୃଦୟକୁ,
ତୁମ ଆଲିଙ୍ଗନରେ ବେଦନାକୁ ସମାପ୍ତ କରିବାର।
ଅନୁମତି ମାଗୁଛି ବୃଦ୍ଧା କାଳର ଶେଷ ସନ୍ଧ୍ୟାକୁ;
ତୁମ କାନ୍ଧରେ ମଥା ଥାପି ଉପଭୋଗ କରିବାର ।

।। ଇତି - ତୁମର ଅଭୀମାନିନୀ ନାୟିକା ।।

କୁଲ୍ଲାଗଡ, ଗଞ୍ଜାମ

ISSN NO.
2582-208X

# ଆସିଛି ମୋ ରାମ..



ଅନାଦି ଚରଣ ବେହେରା

ଜୟ ଶ୍ରୀରାମ, ଜୟ ଶ୍ରୀରାମ !
ସମସ୍ତେ କୁହ ଶ୍ରୀରାମ !
ମୋ ମନର ଦେବତା
ମୋ ପ୍ରାଣର ଦେବତା,
ଜୟ ଶ୍ରୀରାମ !
କେଉଁଠି ଥିଲୁରେ ଧନ ମଣି ମୋର
ଏତେ ଦିନ ପରେ ଆସିଲୁ ଆଜି
ଆଉ ସତେ କ ଜୀବନ ପାଇଲି ଖୋଜି
ମୋ ହାତକୁ ଆଜି
ଆକାଶର ତାରା ପଡିଛି ଖସି,
ସପନର ରାଜା ରାମ ରେ ମୋର
ତୋତେ ପାଇ ମୁଁ ଯେ ବହୁତ ଖୁସି
କେମିତି କହିବି କେତେ ଯେ ଖୁସି
ଆକାଶ ପାଇଛି ଯେମିତି ଆଜି
ରାମ ରାମ କହି ସାରା ହିନ୍ଦୁସ୍ଥାନ
ଉଠୁଛି ପଡୁଛି,
ଦେଖ ତୋତେ ଦେଖି କେମିତି ଆଜି
ଧନରେ ମୋ ରାମରେ !
ତୁ ମୋ ରାଜା ରେ !

ISSN NO.
2582-208X

ପ୍ରତିଟି ହିନ୍ଦୁର ମଦନ ମୋହନ
ବସନ୍ତ ଜୀବନେ ଅବାରେ,
ଫେରି ପାଇଛି ମୁଁ ମୋ ରାମ ରାଜ୍ୟ
ହିନ୍ଦୁ ଜୀବନେ ତୁ ହେଲୁ ବିରାଜ
ମୋ ସୁଖ ପସରା..
ରାମ ତୁହି ମୋର ନୟନ ତାରା,
ପାଖୁ ମୁଁ ଛାଡିବି ନାହିଁରେ,
ରାମରେ ରେ ! ମୋ ଧନରେ !
ଫୁଲ ଗୁଞ୍ଜୁଡି ତୁ ମୋ ଅପୂର୍ବ ସମ୍ପଦ,
ପାଖେ ବସ ତୋତେ ଆଖି ପୁରେଇ,
ଦେଖୁଥିବି ରହି ଥିବୁ ଆଗରେ ।
ଆରେ ମୋ ରାମରେ !
ମୁଁ ତ ଜାଣିଛି,
ମୋ ହଜିଲା ହୀରାକୁ ପାଇଛି
ମୋ ରାମ ମୋ ପାଖେ ଆସିଛି,
ଆସରେ ଦେଖି, କେମିତି ମୋ ମନ
ଆଜି ଥେଇ ଥେଇ ନାଚୁଛି,
ମୁଁ ମୋ ରାମକୁ ପାଇଛି ..

ପ୍ରଧାନ ଶିକ୍ଷକ,
ଜୁରାମୁଂଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୮୦୪

ISSN NO.
2582-208X

# ବଧୂ ନିରୁପମା



ସୁହଂସ ଭୋଇ

ନୀଡ ଛାଡି ବଣୀ ଉଡି ଆସେ ପୁଣି
ଡେଇଁ ନୀଳ ନଭ ସୀମା
କୁଆଁରୀ କଳିକା ଚାହିଁଛି ଜଳକା
ସାଜି ବଧୂ ନିରୁପମା.....
ବିଭାବରୀ କୋଳେ ଶୟନର ବେଳେ
କେତେ ଆଶା କେତେ ସ୍ୱପ୍ନ
ଅଜଣା ପରସ ଭାଙ୍ଗଇ ଅଳସ
ଏକ ମନ ଦୁଇ ପ୍ରାଣ .....
କାନେ କହେ ଉଷା ଉଠ ଗୋ ବାଳିକା
ନିଶି ଅନ୍ତ ହେଲା କାନ୍ତା
ଉଇଁଲେ ଅରୁଣ ସରମେ ଲପନ
ଝାଉଁଳିବ ଯେହ୍ନେ ଲତା ....
ଚତୁରୀ ନଣନ୍ଦ ସଜ କରିଅଛି
ଚନ୍ଦନ ହଳଦୀ ତେଲ
ସ୍ନାହାନ କରିବ ସରସୀ ର ଜଳେ
ଘାଟରେ ହୋଇଣ ମେଳ.....
କଇଁଳି ବୟସ ଲାଜ ଲାଜ ହସ

ISSN NO.
2582-208X

ଭୟ ମିଶା ମନେ ମୋଦ
ଅତି ସନ୍ତର୍ପଣେ ଆଶଙ୍କାର ପଥେ
ଚାଲେ ଚିପି ଚିପି ପାଦ.....
ମନର ସିନ୍ଧୁକ ଭିତରେ ଅନେକ
ଭରିଛି ସ୍ମୃତିର ଚିହ୍ନ
କେବେ ନିରୋଳାରେ କରଇ ଆଳାପ
ତା ସହ ମନକୁ ମନ .....
ଓଢଣୀ ଫାଙ୍କରେ ଚାହିଁ ଦେଲେ ଦିଶେ
ଦୂର ଦିଗ୍ବନ୍ତର ଦେଶ
ଏ ମାଟି ପବନେ ମିଶି ଯିବ ଦିନେ
ଶରୀର ହେବ ପାଉଁଶ.....

ପହଣ୍ଡି, ବରଗଡ଼

ISSN NO.
2582-208X

# ଠିକଣାର ପାଉଣା



ଦେବସ୍ମିତା ମହାନ୍ତ

ଆଜି ପ୍ରଥମଥର ପାଇଁ ମୁଁ ଜହ୍ନ ସହ କଥା ହେଲି
କାହିଁକି ଜାଣିଛ ?
ଏତେ ଦିନ ପରେ ତୁମ ସ୍ମୃତିର ସିନ୍ଦୁକ ଫିଟାଇଲି ବୋଲି
କାଳେ ଜହ୍ନ ଜାଣିଥିବ ତୁମ ଠିକଣା, କାରଣ ତାକୁ ତ ସବୁ ଜଣା
ହେଲେ ମୁଁ କଣ ଜାଣିଥିଲି ଜହ୍ନ ମୋତେ ମାଗିବ ତା ପାଉଣା
ତା କଥା ମାନ ଲଜ ସବୁ ଛାଡିଦେଲି
ଗୋଟିଏ ରାତି ପାଇଁ ସାଥି ହେବି ବୋଲି କଥା ଦେଲି
ଜହ୍ନ ହସି କହିଲା,
ଆଲୋ ବୋକି ତୋ ଏତେ ସରଳ କେମିତି ?
ଯାହା ପାଇଁ ତୁ ପିଉଛୁ ନିତି ଗରଳ
ସେ ଆଉ କାହା ପାଇଁ ହେଲାଣି ବିହ୍ୱଳ
ଅଯଥାରେ ତୁ ସାଇତି ରଖିଛୁ ତାକୁ
ସେ କି ବୁଝିବ ତୋର ଅପେକ୍ଷାକୁ
କାମନା ପର ତା ନାଁ
ଜଳଯାଏ ସେଠି ସବୁ ସଚ୍ଚୋଟଙ୍କ ମଣିଷପଣିଆ

ISSN NO.
2582-208X

ତୁ ଏଠି ଆଖିମେଲି ଗୁହିଁଛୁ ଯାହାକୁ
ସାର୍ଥକ କରେ ସେ ଆଉ କାହା ନାରୀତ୍ୱକୁ
ଜାଣିଲୁ ତ ଏବେ ଠିକଣା ଦେ ମୋ ଅସଲି ପାଉଣା
ମୁଁ ବି ଲଜ ଛାଡି ପଣତକୁ ମୋର ଖୋଲିଦେଲି
ଆଲୁଅ ଲିଭେଇ ଚଟ୍ ହୋଇ ଧୀରେ ଗଡିଗଲି
ଆକାଶରେ ଜହ୍ନ ହସୁଥାଏ ଆଉ ଅନ୍ଧାରରେ ମୁଁ
ହସିବା ଭିତରେ ନିଜକୁ ପ୍ରସ୍ତୁତ କରିନେଲି
କାଲିର ପ୍ରଥମ କିରଣ ସହ ନିଜକୁ ଜାଳିବି ବୋଲି ।

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭ୍ରାମ୍ୟଭାଷ – ୮୯୧୭୬୮୧୬୪୭

ISSN NO.
2582-208X

# କେଉଁ ଦିନଠାରୁ ଦଶଗ୍ରୀବ ରାବଣ ନାମରେ ପରିଚିତ ହେଲା ଓ କଏ କାହିଁକି କରାଇଲା



ନରେନ୍ଦ୍ର ପ୍ରସାଦ ବେହେରା

ଦିନେ ଦଶଗ୍ରୀବ ପୁଷ୍ପକ ବିମାନରେ ବସି ବୁଲୁ ବୁଲୁ ଶରବଣ ନାମକ ଗୋଟିଏ ବଣରେ ପହଞ୍ଚିଗଲା । ସେହି ବଣ ମଧ୍ୟରେ ଗୋଟିଏ ଜ୍ୟୋତିର୍ମୟ ଗିରି ସ୍ୱର୍ଣ୍ଣମୟ ଇନ୍ଦ୍ରଧନୁ ପରି ଦେଖାଯାଉଥିଲା । ଦଶଗ୍ରୀବ ସେହି ଗିରି ଶିଖରକୁ ଯିବାକୁ ବାହାରିଲା । କିନ୍ତୁ ସେଠି ପୁଷ୍ପକ ବିମାନ ଆଉ ଚଳିଲା ନାହିଁ । ଏଥିରେ ଦଶଗ୍ରୀବ ଭାରି ଆଶ୍ଚର୍ଯ୍ୟ ହେଲା । କାରଣ ଯେଉଁ ପୁଷ୍ପକ ବିମାନ ମନଯାନ ଅଟେ, ଅର୍ଥାତ ଆରୋହୀ ମନକଲା ମାତ୍ରେ ତାକୁ ତା'ର ଈପ୍ସିତ ସ୍ଥାନକୁ ନେଇଯିବା କଥା, ସେହି ପୁଷ୍ପକଯାନ ବର୍ତ୍ତମାନ ଦଶଗ୍ରୀବର ଇଚ୍ଛାନୁସାରେ ଗତି ନ କରି ସ୍ଥିର ହୋଇ ରହିଛି । ତହୁଁ ଦଶଗ୍ରୀବ ଭାବିଲା ଏଠାରେ ନିଶ୍ଚୟ କେହି ପ୍ରଭାବଶାଳୀ ଶକ୍ତି ଅବସ୍ଥାନ କରୁଛନ୍ତି; ଯାହାଫଳରେ କି ପୁଷ୍ପକଯାନ ଆଗକୁ ଗତି କରୁ ନାହିଁ । ଦଶଗ୍ରୀବ ଏହିପରି ଭାବୁ ଭାବୁ ଏକ ଭୟଙ୍କର ମୂର୍ତ୍ତି ଦଶଗ୍ରୀବ ସମ୍ମୁଖରେ ଉପସ୍ଥିତ ହେଲା । ସେହି ଭୟଙ୍କର ପୁରୁଷଙ୍କ ଦେହର ବର୍ଣ୍ଣ ଥିଲା କୃଷ୍ଣପିଙ୍ଗଳ ବର୍ଣ୍ଣ । ତାଙ୍କର ହାତଦୁଇଟି ଥିଲା ଅତି କ୍ଷୁଦ୍ର । ତାଙ୍କ ମୁଣ୍ଡରେ ଆଦୌ କେଶ ନ ଥିଲା । ମୁହଁ ତାଙ୍କର ଥିଲା ବିକୃତ । ସେ ଥିଲେ ଏକ ବଡ଼ ଭୟଙ୍କର ମୂର୍ତ୍ତି । ସେ ହେଉଛନ୍ତି ଶିବଙ୍କର ଦ୍ୱାରରକ୍ଷକ । ତାଙ୍କ ନାମ ନନ୍ଦୀ । ଦଶଗ୍ରୀବକୁ ନନ୍ଦୀ କହିଲେ- ହେ ରକ୍ଷପତି । ଏହି ପର୍ବତ ହେଉଛି ଶିବଙ୍କ ବାସସ୍ଥାନ । ଶିବଙ୍କ ଅନୁମତି ନ ପାଇଲେ ଦେବତା, ଯକ୍ଷ, ଗର୍ନ୍ଧବ ବା ଦାନବ କେହିହେଲେ

ISSN NO.
2582-208X

ଏଠାକୁ ଆସିପାରନ୍ତୁ ନାହିଁ । ତେଣୁ ତୁମେ ଶୀଘ୍ର ଏଠାରୁ ଫେରିଯାଅ । ଦଶଗ୍ରୀବ ଉତ୍ତରଦେଲା -ଆରେ, ସେ ଶିବ ତ ଭିକମାଗି ଚଳେ । ମଶାଣିରେ ରହେ । ଏବେ କେଉଁଠି ସେ ଶିବ ଅଛି ମତେ ଦେଖା । ଏହା କହି ଦଶଗ୍ରୀବ ନନ୍ଦୀଙ୍କ ମୁଖକୁ ଭଲଭାବରେ ଅନେଇଲା । ନନ୍ଦୀଙ୍କର ମର୍କଟବତ୍ ମୁଖମଣ୍ଡଳ ଦେଖି ଦଶଗ୍ରୀବ ଠୋ ଠୋ ହୋଇ ହସିଲା ଓ ନନ୍ଦୀଙ୍କୁ ଖତେଇହେଲା । ତେଣୁ ନନ୍ଦୀ ଦଶଗ୍ରୀବକୁ ଅଭିଶାପ ଦେଲେ-ଆରେ ଦଶଗ୍ରୀବ, ମୋର ବାନରବତ୍ ମୁଖମଣ୍ଡଳ ଦେଖି ତୁ ହସିଲୁ । ତେଣୁ ମୋରି ମୁଖଭଳି ମୁଖ ଘେନି ଲକ୍ଷ ଲକ୍ଷ ମର୍କଟ ଜନ୍ମଲାଭ କରିବେ ଓ ସେମାନେ ସେମାନଙ୍କ ଦାନ୍ତ ଓ ନଖକୁ ଅସ୍ତ୍ରରୂପେ ବ୍ୟବହାର କରିବେ ଓ ସେହିମାନେ ହିଁ ତୋ କୁଳ ଧ୍ୱଂସ କରିବେ । ମୁଁ ତତେ ଏଇଠି ଜୀବନରେ ମାରିଦେଇଥା'ନ୍ତି; କିନ୍ତୁ ମୁଁ ବ୍ରହ୍ମାଙ୍କ ପ୍ରତି ଦ୍ରୋହାଚରଣ କରିବି ନାହିଁ ।

ଏହାପରେ ଦଶଗ୍ରୀବ ଶିବଙ୍କ ପାଖକୁ ଯାଇ ତାଙ୍କୁ ନାନା କଟୁ କଥା କହି ଯୁଦ୍ଧ ମାଗିଲା । ସେ କହିଲା- ଯେହେତୁ ତୁମେ ମୋ ରଥର ଗତି ବନ୍ଦ କଲ ତେଣୁ ମୁଁ ତୁମର କୈଳାସଗିରିକି ଉପାଡି ଫୋପାଡିଦେବି । ଏହା କହି ଦଶଗ୍ରୀବ କୈଳାସଗିରିର ମୂଳକୁ ଧରି ଟେକିବାରୁ କୈଳାସ ଗିରି ଅଳ୍ପ ଉଠି ଦୋହଲିବାରେ ଲାଗିଲା । ଭୟରେ ପାର୍ବତୀ ଶିବଙ୍କୁ କୁଣ୍ଢାଇ ଧରିଲେ । ତେଣୁ ଶିବ କୈଳାସଗିରି ଶିଖରରେ ନିଜ ଗୋଡ ଆଙ୍ଗୁଠି ରଖି ଅଳ୍ପ ଚାପି ଦେବାରୁ କୈଳାସଗିରି ଯଥାସ୍ଥାନରେ ବସିଗଲା । ସେତିକିବେଳେ ଦଶଗ୍ରୀବର କୋଡିଏଟାଯାକ ହାତ ସେହି ଗିରିତଳେ ଚାପିହୋଇ ରହିଗଲା । ସେ ଯେତେ ଭିଡିଲା ତା' ବାହୁସବୁ ପାହାଡତଳୁ ଟିକିଏ ଘୁଞ୍ଚିଲା ନାହିଁ । ଦଶଗ୍ରୀବକୁ ଘୋର ଯନ୍ତ୍ରଣା ହେଲା । ସେହି ଯନ୍ତ୍ରଣାକୁ ସହି ନ ପାରି ଦଶଗ୍ରୀବ ଘୋର ରଡିକଲା । ଦଶଗ୍ରୀବର ସେହି ଭୟଙ୍କର ରାବରେ ସ୍ୱର୍ଗରେ ଥିବା ଦେବତାମାନଙ୍କର ଆସନ ମଧ୍ୟ କମ୍ପିଗଲା । ସମୁଦ୍ର ଉଛୁଳି ଢେଉସବୁ କୂଳ ଲଙ୍ଘନ କଲା । ଦଶଗ୍ରୀବ ଏହିଭଳି ରାବକରି ବିକଳ ହେବାରୁ ତା'ର ମନ୍ତ୍ରୀମାନେ ତାକୁ କହିଲେ-ଶିବଙ୍କୁ ସ୍ତୁତି ନ କଲେ ଆପଣ ଏଥିରୁ ନିସ୍ତାର ପାଇପାରିବେ ନାହିଁ । ଆପଣ ଶିବଙ୍କୁ ପ୍ରାର୍ଥନା କରନ୍ତୁ ।

ISSN NO.
2582-208X

ଏହା ଶୁଣି ଦଶଗ୍ରୀବ ପାହାଡ ଦେହରେ ମୁଣ୍ଡ ରଖି ଶିବଙ୍କୁ ବିକଳ ହୋଇ ପ୍ରାର୍ଥନା କଲା । ଶିବଙ୍କୁ କ୍ଷମା ମାଗି ଶିବଙ୍କ ପାଖରେ ଶରଣ ପଶିଲା । ଶିବ ଏଥିରେ ସନ୍ତୁଷ୍ଟ ହୋଇ ଦଶଗ୍ରୀବ ନିକଟରେ ଉଭାହେଲେ । ଶିବ ନିଜ ପାଦଭାର ହୁଗୁଳା କରିବାରୁ ଦଶଗ୍ରୀବ ତା'ର ବିଂଶ ବାହୁକୁ ପାହାଡ ତଳୁ ଉଦ୍ଧାର କରି ହାତଯୋଡି ଶିବଙ୍କୁ ସ୍ତୁତି କରିବାରେ ଲାଗିଲା । ଶିବ ତାକୁ କହିଲେ-ରେ ଦଶଗ୍ରୀବ, ଯନ୍ତ୍ରଣାରେ କାତରହୋଇ ତୁ ଯେଉଁ ରାବ କଲୁ ସେହି ରାବ ଆମ ମନକୁ ବେଶ୍ ଘେନିଛି । ତୋର ଏହି ରାବ ସକାଶେ ଆଜିଠାରୁ ତୋର ନାମ ହେବ ରାବଣ । ତୋର ଏହି ରାବଣ ନାମରେ ତୁ ଜଗତରେ ବିଶେଷ ଭାବରେ ପରିଚିତ ହେବୁ । ମୋ' ଠାରୁ ଏହି ଚନ୍ଦ୍ରହାସ ଖଣ୍ଡା ନେ । ଏହାକୁ ଯତ୍ନ ଓ ସମ୍ମାନର ସହିତ ପାଖରେ ରଖିଥିବୁ । ଯେଉଁଦିନ ଏହାକୁ ଅବମାନନା କରିବୁ ସେଦିନ ଏହି ଖଣ୍ଡା ତୋତେ ଛାଡି ମୋ ପାଖକୁ ଫେରିଆସିବ । ଏଣିକ ତୋର ବାକୀ ଆୟୁଷ ବ୍ରହ୍ମଶାପ ଆଦି ଦୋଷମୁକ୍ତ ହୋଇ ଅକ୍ଷୟ ହେବ ଓ ପୂର୍ଣ୍ଣରୂପେ ରହିବ । ଏହିଭଳି ଭାବରେ ବ୍ରହ୍ମା ଓ ଶିବଙ୍କ ବରରେ ବଳୟାନ ହୋଇ ରାବଣ ପୁଷ୍ପକ ବିମାନରେ ବସି ଠାଆକୁ ଠାଆ ଯାତ୍ରା କଲା ଓ ଯେଉଁଠି ଯେତେ ବୀରଙ୍କୁ ଭେଟିଲା ସମସ୍ତଙ୍କୁ ସେ ନିଜର ଅଧିନସ୍ଥ କଲା ।

ଆଳନ୍ଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଜାଗ୍ରତ ହୁଅ



ଅକ୍ଷୟ ମହାନ୍ତ (ନର୍ମାଲ୍ୟ)

ମଶା ମୂଷା କପି
ବିଲେଇ କୁକୁର
କେତେ ଦୁଃଖ ଦେଉଛନ୍ତି
ବିନା ଅପରାଧେ
ମଶାଗୁଡା ଆସି
ତୁଛାରେ କାମୁଡୁଛନ୍ତି ।

ଶାନ୍ତରେ କେବେ ବି
ସେମାନେ ଆମକୁ
ଶୁଆଇ ଦିଅନ୍ତୁ ନାହିଁ
ରକ୍ତ ଶୋଷି ଶୋଷି
ନରୀହମାନଂକୁ
ରୋଗାକ୍ରାନ୍ତ କରିଥାନ୍ତୁ ।

ମୂଷାଂକର ଆମେ
କ କ୍ଷତି କରିଛୁ
ବୁଝି ଜମା ପାରେ ନାହିଁ
ଧାନ ଖାଇଯାନ୍ତୁ
ଲୁଗା କାଟିଥାନ୍ତୁ
ଏମିତି କରନ୍ତୁ କାହିଁ???

ଶାଢୀ ଧୋତି କୁର୍ତ୍ତା
କାଟି ଦେଇ ସିଏ
କ ସୁଖ ପାଆନ୍ତୁ କୁହ
ଏ ଅବସ୍ଥା ଦେଖି
ଝରିଜା ମୋହର
ଗଡାଇ ପକାଏ ଲୁହ ।

ISSN NO.
2582-208X

ପୁରୀଧାମ ଗଲି
ବୈଦ୍ୟଧାମ  ଗଲି
ଯାଇଥିଲି ରାମେଶ୍ୱର
ମାଂକଡମାନଂକ
ଉତ୍ପାତ ଦେଖିଲି
ଭୋଗ ନେଇଗଲେ ମୋର ।

ଧନୀ ଘର ଏକ
ବୋହୂଟିଏ ବସି
ପ୍ରସାଦ ସେ  ପାଉଥିଲା
ଗର୍ବ ଥଳଟିକୁ
ପାଖରେ ତାହାର
ପାହାଚରେ ରଖିଥିଲା ।

କପିଟିଏ ଆସି
ନେଇଗଲା ତାକୁ
ଗଛକୁ ସେ ଡେଇଁ ଗଲା
ବହୁ ଉପରକୁ
ଉଠି ଯାଇ ସିଏ
ଥଳଟିକୁ ଖୋଲିଥିଲା ।

ଚେନଟିକୁ ସିଏ
ଖୋଲି ପାରିଲାନ
ଦାନ୍ତରେ ଛିଣ୍ଡେଇ ଦେଲା
ଖାଦ୍ୟ ତ ସେଥିରୁ
କଛି ମିଳଲାନ
ଦୂରକୁ ସେ ଫିଙ୍ଗି ଦେଲା ।

ଅର୍ଥ ଠାରୁ ସ୍ୱର୍ଣ୍ଣ
ଅଳଙ୍କାର ଯାଏ
ଯାହା ବି ସେଥିରେ ଥିଲା
ଛିନ୍ ଛନ୍ନ ହୋଇ
ଜଳରେ ସ୍ଥଳରେ
ବିଛାଡି ହିଁ ପଡିଗଲା ।

କୁକୁରଙ୍କ କଥା
କ କହିବି ବଂଧୁ
ବିଶ୍ୱସ୍ତ ଜୀବ ସେ କାଳେ
ଟିଭିରେ ଦେଖିଲେ
ଛୋଟ ପିଲାଟାକୁ
ଗୋଡେଇ ସେ ଖାଇଗଲେ ।

ISSN NO.
2582-208X

ନଜ ଇଲାକାରେ
ମିଳ ମିଶି ସିଏ
ସିଂହ ଛୁଆ ହୋଇଯାନ୍ତୁ
ଯାହାକୁ ଦେଖନ୍ତୁ
ଭେଓ ଭେଓ ହୋଇ
କାମୁଡି ପକାଇ ଥାନ୍ତୁ।

ସୁନା ପିଲା ପରି
ବିଲେଇଟି ବୁଲେ
ଛୋଟ ବାଘ ପରି ଦିଶେ
ମାଛ ମାଂସ ଦୁଧ
ସୁବିଧା ପାଇଲେ
ସେହି ଘରେ ଯାଇ ପଶେ।

ଏହି ଚରିତ୍ରର
ମଣିଷ ଅଛନ୍ତୁ
ଆମ ଏହି ସମାଜରେ
କାହାକୁ ଶାନ୍ତରେ
ରଖି ଦିଅନ୍ତୁନ
ବ୍ୟସ୍ତ ସିଏ ଲୁଟିବାରେ।

ନରୀହ ମଣିଷ
ବୁଦ୍ଧିଜୀବୀମାନେ
ନଜ କାର୍ଯ୍ୟେ ଥାନ୍ତୁ ବ୍ୟସ୍ତ
ଯେବେ ସେହିମାନେ
ଜାଗ୍ରତ ହୋଇବେ
ହସ୍ତେ ଉଠାଇବେ ଅସ୍ତ୍ର।

ତାଂକ ନରବତା
ଖୋରାକ ଯୋଗାଏ
ଏହି ଦୁଷ୍ଟ ମଣିଷଂକୁ
ଅନୁରୋଧ କରେ
ଜାଗ୍ରତ ହୁଅନ୍ତ
ପ୍ରତିହତ କରିବାକୁ।

ମୋ:9937462507

ISSN NO.
2582-208X

# ବୋଉ



ଯଜ୍ଞଦତ୍ତ ସାମନ୍ତରାୟ

ବୋଉ ଲୋ ବୋଉ
ଭାତ ନ ଖାଇଲେ
ଅଝଟ ହୋଇଲେ
ବଳେଇ ବଳେଇ ଖୁଆଇ ଦେଉ ।
ବୋଉ ଲୋ ବୋଉ
ରୋଗେ ପଡିଥିଲେ
ଉଜାଗର ରହି
ସେବାରେ ମୋହର ଲାଗିଟି ଥାଉ ।
ବୋଉ ଲୋ ବୋଉ
ରାତିରେ ମୋତେ ଲୋ
ନିଦ ନ ଆସିଲେ
ଗପ କହି କହି ଶୁଆଇ ଦେଉ ।
ବୋଉ ଲୋ ବୋଉ
ତୋର ହାତରନ୍ଧା
ଶାଗ ପଖାଳରେ
ବଡି ରାଇତାରେ ମୋ ମନ ଥାଉ ।

ISSN NO.
2582-208X

ବୋଉ  ଲୋ ବୋଉ
ହସ ହସ ମୁହେଁ
ଆମ ସେବା କରି
କେତେ ଯେ କଷଣ ତୁ ନିତି ସହୁ ।
ବୋଉ  ଲୋ ବୋଉ
ମଣିଷ ଦେଖିଛି
ତୋପରି ମଣିଷ
ଜଗତରେ ସତେ ନାହିଁଟି ଆଉ  ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ବାପା

ବର୍ଷାରାଣୀ ଲୁହା

ସେହି ଗାଁ ଅଛି , ସେହି ମାଟି ଅଛି,
ସକାଳ ହେଉଛି ସନ୍ଧ୍ୟା ବି ହେଉଛି
ହେଲେ ମୁଁ ତୁମକୁ ଖୋଜି ନ ପାଉଛି ।

କୁଆଡେ ଗଲା ସେହି ସୁନ୍ଦର ଚେହେରା ..
କୁଆଡେ ଗଲା ତବ ମୁଖ,
ଯେତେ ମୁଁ ଖୋଜିଲେ ଆଉ ପାଉନାହିଁ..
ତମରେ ସେହି ସୁଖ ବାପା,
ତମର ସେହି ସୁଖ ।

କାଳେ ମୁଁ ଭାବୁଛି ଆସିବ ବୋଲି
କରିଛି ତବ ଅପେକ୍ଷା,
କିନ୍ତୁ ଲୋକେ କହୁଛନ୍ତି ..
ତୁମକୁ ମୁଁ ଆଉ କହିପାରିବିନ ଦେଖା ।

ତୁମକୁ ମୁଁ ଝୁରି କରୁଛି ଯେ ଅଳ
କାଳେ କେବେ ତୁମେ ଆସିବ ବୋଲି,
କାହିଁକି ନା ଝିଅର ଅଳକୁ ବାପା କେବେ ସହିପାରେନ ବୋଲି ।

ISSN NO.
2582-208X

ହେ ! ବାପା ତୁମେ ଥିଲ ମୋ ଜୀବନ
ତୁମେ ଥିଲ ମୋ ଅଭିମାନ,
ତବ ଅଭିମାନେ ଥିଲା ସିନା ମୋର କଛି ସ୍ୱାଭିମାନ ।

ତୁମେ ଥିଲ ମୋର ସାହା ଓ ଭରସା
ତୁମେ ଥିଲ ମୋର ଭୂଷା,
ତୁମକୁ ଛାଡି ମୁଁ ରହିବି କେମିତି
ହୁଅଇ ନତି ନଗ୍ରଶା ।

ଯେତେ ବର୍ଣ୍ଣିଲେ ବି ସରିବନ ଆଉ ତମର ସବୁ କଥା,
ଯେତେ ଖୋଜିଲେ ବି ପାଇବିନ ଆଉ
ତମର ସବୁ ସତ୍ତା, ବାପା ତମର ସବୁ ସତ୍ତା .... ।

ଉଲୁଣ୍ଡା ବ୍ଲକ, ଜିଲ୍ଲା-ସୁବର୍ଣ୍ଣପୁର

ISSN NO.
2582-208X



# କେମିତି ଲୋପପାଇଲେ ଡାଇନୋସର୍



ଡକ୍ଟର କମଳାକାନ୍ତ ଜେନା

ପୃଥିବୀ ପୃଷ୍ଠରେ ମଣିଷ ପ୍ରଥମ ଜୀବ ନୁହେଁ । ପୃଥିବୀକୁ ମଣିଷ ଆସିବା ପୂର୍ବରୁ ଲକ୍ଷ ଲକ୍ଷ ଜୀବ ଏଠାରେ ରହୁଥିଲେ । କେତେକ ଜୀବ ମଣିଷଠାରୁ ଛୋଟ, କେତେକ ମଣିଷଠାରୁ ବଡ଼ । ଡାଇନୋସର ହେଉଛି ପୃଥିବୀରେ ବାସକରିଥିବା ବିଶାଳ ଜୀବ । ଆମ ପୃଥିବୀର ବୟସକୁ ଦେଖିଲେ ଏଇ ମାତ୍ର ୬୦ ଲକ୍ଷ ବର୍ଷ ତଳେ ମଣିଷମାନେ ପୃଥିବୀରେ ପ୍ରଥମେ ଦେଖାଦେଇଥିଲେ । କିନ୍ତୁ, ତାହାର ବହୁ ପୂର୍ବରୁ ୨,୨୫୦ ଲକ୍ଷ ତଳେ ଡାଇନୋସରମାନେ ପୃଥିବୀପୃଷ୍ଠରେ ବାସ କରୁଥିଲେ । ମଣିଷ ଯେତେ ଦିନ ହେଲା ପୃଥିବୀପୃଷ୍ଠରେ ରହିଛି, ତା'ଠାରୁ ବେଶି ଦିନ ଡାଇନୋସରମାନେ ରହିସାରିଛନ୍ତି । କିନ୍ତୁ, ମଣିଷ ଆସିବା ପୂର୍ବରୁ ସେମାନେ ପୃଥିବୀରୁ ଲୋପ ପାଇଯାଇଥିଲେ ।

ଖାଇବାକୁ ନପାଇ ଡାଇନୋସରମାନେ ପୃଥିବୀରୁ ଲୋପ ପାଇଗଲେ ବୋଲି ବିଶ୍ୱାସ କରାଯାଏ । ବୈଜ୍ଞାନିକମାନଙ୍କ ମତରେ, ଡାଇନୋସରମାନେ ଯେଉଁ ଅଂଚଳରେ ରହୁଥିଲେ, ବିରାଟ ଉଲ୍କାପିଣ୍ଡ ଗ୍ରହାଣୁପୁଞ୍ଜରୁ ଆସି ସେହି ଅଂଚଳରେ ପଡ଼ିଥିଲା । ଏହା ପୃଥିବୀପୃଷ୍ଠରେ କିଲୋମିଟର ବ୍ୟାପୀ ବିରାଟ ଗାତ ସୃଷ୍ଟି କଲା ଓ ଅନେକ ଦିନ ଧରି ଆକାଶରେ ଧୂଳିର ବାଦଲ ଛାଇଗଲା । ସୂର୍ଯ୍ୟକିରଣ ବିନା ପୃଥିବୀପୃଷ୍ଠ ଖୁବ୍ ଶୀତଳ ଓ ଅନ୍ଧକାରମୟ ହେଇଗଲା । ସୂର୍ଯ୍ୟକିରଣ ନପାଇ ଗଛଲତା ମରିଗଲେ । ତେଣୁ ଡାଳପତ୍ର ଖାଇ ବଂଚୁଥିବା ତୃଣଭୋଜୀ ଡାଇନୋସର ଓ ଅନ୍ୟ କେତେକ ଜୀବ ମରିଗଲେ । ତୃଣଭୋଜୀ ଜୀବଙ୍କୁ ଖାଇ

ISSN NO.
2582-208X

ବଂଚୁଥିବା ମାଂସାସୀ ଜୀବମାନେ ଆଉ ଖାଇବାକୁ ପାଇଲେ ନାହିଁ । ଖାଦ୍ୟ ନପାଇ ମାଂସାସୀ ଡାଇନୋସର ଲୋପପାଇଗଲେ ।

୧୯୯୦ ଦଶକରେ ଏହାର କଛିଟା ପ୍ରମାଣ ମିଳଲା । ବୈଜ୍ଞାନକମାନେ ପୃଥିବୀପୃଷ୍ଠରେ କେତେକ ବିରାଟ ଗାତର ସନ୍ଧାନ ପାଇଲେ । ଆମେରିକାର ଇଉକୁଟାନ୍ ଉପଦ୍ୱୀପ (ମେକ୍ସକୋ) ଅଂଚଳରେ ଗୋଟିଏ ବିରାଟ ଗର୍ତର ସନ୍ଧାନ ପାଇଲେ, ଯାହାର ଚଉଡ଼ା (ବ୍ୟାସ ) ୧୭୦ କ.ମି. । ଏହା ପ୍ରାୟ ୬୫୦ ଲକ୍ଷ ବର୍ଷ ପୂର୍ବରୁ ସୃଷ୍ଟି ହୋଇଥିଲା । ଆଉ ଗୋଟିଏ ଗର୍ତ ମିଳଲା ଆମେରିକାର ଆଇଓ୍ୱା ଦେଶର ମାନସୋନ୍ ଅଂଚଳରେ । ଏହି ଗର୍ତର ଲମ୍ବ ୪୦ କ.ମି. ଓ ଓସାର ୨୯ କ.ମି. । ଏହା ପ୍ରାୟ ୬୫୦ ଲକ୍ଷ ବର୍ଷର ପୁରୁଣା ଗର୍ତ । ଦକ୍ଷଣ ସାଇବେରିଆରେ ମଧ୍ୟ ୯୫ କ.ମି. ଓସାରିଆ ଗର୍ତର ସନ୍ଧାନ ମିଳଛି, ଯାହା ୬୭୦ ଲକ୍ଷ ବର୍ଷ ତଳେ ସୃଷ୍ଟି ହେଇଥିଲା । ଡାଇନୋସର ବିଲୋପ ହେବାର ସମୟ ସହିତ ଏହି ସମୟ ମେଳ ଖାଉଛି । ସେହି ଗାତଗୁଡିକ ଉଲ୍କାପିଣ୍ଡ ଦ୍ୱାରା ସୃଷ୍ଟି ହୋଇଥିଲା ।

୨୦୦୯ ଏପ୍ରିଲ ୨୮ ତାରିଖରେ 'ସାଇନ୍ସ୍ ଡେଲି' ପତ୍ରିକାରେ ଡାଇନୋସରମାନଙ୍କର ନପାତ ଉଲ୍କା ବିପ୍ରାତରୁ ହୋଇନ ବୋଲି ଅଭିଯୋଗ କରାଯାଇଥିଲା । ନଉଜର୍ସି ଓ ସୁଇଜରଲାଣ୍ଡର ଦୁଇଜଣ ଗବେଷକ ଅଭିଯୋଯାଗ କରିଥିଲେ ଯେ, ମେକ୍ସକୋରେ ଉଲ୍କା ବିପ୍ରାତରୁ ସୃଷ୍ଟି ହୋଇଥିବା ଗର୍ତଟି ୬୫୦ ଲକ୍ଷ ବର୍ଷ ତଳର ନୁହେଁ । ବରଂ ଆହୁରି ୩ ଲକ୍ଷ ବର୍ଷ ତଳର । ତେଣୁ ଡାଇନୋସରମାନଙ୍କର ଅକାଳ ମୃତ୍ୟୁ ସକାଶେ ସେହି ଉଲ୍କା ବିପ୍ରାତକୁ ଦାୟୀ କରାଯାଇ ନପାରେ । କନ୍ତୁ ଅନେକ ଅନୁଶୀଳନ ପରେ ଜଣାପଡିଲା ଯେ, ଆଜିକୁ ପ୍ରାୟ ୬୫୦ ଲକ୍ଷ ବର୍ଷ ତଳେ ବିଶାଳ ଉଲ୍କା ବିପ୍ରାତ ଘଟିଥିଲା । ତା' ପୂର୍ବରୁ ନୁହେଁ । ସେହି ଉଲ୍କାର ଓସାର ଥିଲା ପ୍ରାୟ ୧୫ କ.ମି. । ହିରୋସିମାରେ ପଡ଼ିଥିବା ପରମାଣୁ ବୋମାଠାରୁ ବିଶାଳ ଉଲ୍କା ବିପ୍ରାତ ଥିଲା ୧୦୦ କୋଟି ଗୁଣ ଅଧିକ ଶକ୍ତଶାଳୀ । ବନ୍ଧୁକ ଗୁଳର ୨୦ ଗୁଣ ବେଗରେ ଏହି ଗ୍ରହାଣୁ ଆସି ପୃଥିବୀପୃଷ୍ଠରେ ବାଡ଼େଇ ହୋଇଥିଲା । ଏହା ପୃଥିବୀକୁ

ISSN NO.
2582-208X

ଥରେଇ ଦେଲା । ଭୂକଂପନର ମାତ୍ରା ଥିଲା ରିକ୍ଟର୍ ସ୍କେଲ୍ ଏ ୧୦ ଅଙ୍କରୁ ଅଧିକ । ଏଭଳ ଏକ ସଂଘର୍ଷ ବିଶାଳ ଡାଇନୋସର ପ୍ରଜାତିର ବିନାଶ ପାଇଁ ଯଥେଷ୍ଟ ଥିଲା ।

ବିଶାଳ ଜୀବ ଡାଇନୋସରମାନଙ୍କର ଲୋପ ପାଇବା ଘଟଣା ଆଜି ବି ସନ୍ଦେହ ଘେରରେ ରହିଛି । ଅସଲ କାରଣ ଜାଣିବା ପାଇଁ ଏହି ବିଷୟ ଉପରେ ଗବେଷଣା ଜାରିରହିଛି । ପୃଥିବୀରେ ସିନା ଡାଇନୋସର ନାହାନ୍ତି, କନ୍ତୁ ପୃଥିବୀ ବାହାରେ ଡାଇନୋସର ଅଛନ୍ତି ବୋଲି ବୈଜ୍ଞାନକମାନେ ମତ ଦେଇଛନ୍ତି । ଆମ ସୌରଜଗତ ବାହାରେ ରହିଥିବା ବାହ୍ୟଗ୍ରହରେ ଜୀବଜଗତର ସନ୍ଧାନ ମିଳଲେ ସେଠାରେ ଡାଇନୋସର ମିଳପାରନ୍ତୁ ବୋଲି ଆଶା କରୁଛନ୍ତୁ ।

ଓ.ଇ.ଏସ୍.-୧, ବିଜ୍ଞାନ ବିଶେଷଜ୍ଞ
(ଓଡ଼ିଶା ବିଜ୍ଞାନ ଏକାଡେମୀ), ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ,
ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ,
ଭଦ୍ରକ/ଫୋନ୍-୯୪୩୯୫୦୧୬୫୧

ISSN NO.
2582-208X

# ଆମେରେ ଓଡିଆ ଜାତି



ରାଜକଶୋର ସ୍ୱାଇଁ

ଓଡିଶା ମାଆର ଆମେ ସନ୍ତାନ
ସାଗର ଧୁଅଇ ଯାର ଚରଣ
ତା ପାଣି ପବନେ କଟେ ନଇତି
ଆମ ସଭିଙ୍କର ଦିନ ଓ ରାତି
ଆମେରେ ଓଡିଆ ଜାତି,
ନଇତି ସଞ୍ଜରେ ଚଉରା ମୂଳରେ
ଜାଳୁ ଆମେ ସଞ୍ଜବତୀ ।୧।
ବାର ବରଷର ବାଜି ରାଉତ
ନ ଡରି ଇଂରେଜ ଗୁଳ ବନ୍ଧୁକ
ଆମ ଜାତିଟେକ ରଖିବା ପାଇଁ
ନଜ ଛାତି ଦେଇଥିଲା ପତେଇ
କୋଣାରକ ମୁଣ୍ଡି ମାରି,
ବଢେଇ ଜାତିର ରଖିଗଲା ଟେକ
ଧରମା ଜୀବନ ହାରି ।୨।
ଆମେ ସାଧାସିଧା ନୋହୁଁ ଛଳଆ
ଆମ ଇଷ୍ଟ ଦେବ ଜଗା କାଳଆ

ISSN NO.
2582-208X

ଚଣ୍ଡାଶୋକକୁ ଧର୍ମାଶୋକ କରି
ଇତିହାସେ ଲେଖା ନାଆଁ ଆମରି
ଦାତା ପଣେ ଆମେ କର୍ଣ୍ଣ
ଆମ ଚଲାପଥ ସତ୍ୟ ଧର୍ମ ନ୍ୟାୟ
ସଂସ୍କୃତି ଆମ ମହାନ ।୩ ।
ଆହା କ ବଢିଆ ଆମରି ଭୂଷା
ଜୀବନ ମରି ପଖାଳ କଂସା
ବାର ମାସେ ଆମ ତେର ପରବ
ସେ ତ ଆମ ଓଡିଆଙ୍କ ଗରବ
ଗୁହୁଁ ଆମେ ସଦା ଶାନ୍ତ,
କାହା ଦୁଃଖ କେବେ ସହି ତ ପାରୁନା
ଫାଟିଯାଏ ଆମ ଛାତି ।୪ ।
ଜଗନ୍ନାଥଙ୍କର ଶିରୀମନ୍ଦିର
ଅପୂର୍ବ ଶିଳ୍ପ କଳାର ସମ୍ଭାର
ବିଶ୍ୱ ଐତିହ୍ୟ ଆମ କୋଣାରକ
ଉତ୍କୃଷ୍ଟ ଓଡିଆ କଳା ସନ୍ତକ
ଓଡିଶୀ ନାଚର ମଜା
ଥରେ ଯିଏ ଦେଖେ ଘଡିଏ ଅଟକେ
ରାଜା ହେଉ ଅବା ପ୍ରଜା ।୫ ।
ସାଇତି ରଖିଛି ଅତୀତ ସ୍ମୃତି
ଆମ ସ୍ମାରକୀ ମୂକ ବାରବାଟୀ
ନବିଡ ବନ୍ଧୁତା ଲୋଡା ଆମର
ନମଣୁ କାହାକୁ ଆପଣା ପର

ISSN NO.
2582-208X

ଶ୍ରମକୁ ସାରଥୀ କରି
ପ୍ରଗତି ପଥରେ ଆଗେଇ ଚାଲିଛୁ
କେହି ନୁହେଁ ଆମ ସରି ।୬ ।
ମଧୁ ଗୋପ ଆଦି ମହାପୁରୁଷ
ଜାତି ପାଇଁ ଦେଇଥିଲେ ସର୍ବସ୍ୱ
ତାଙ୍କ ଜାତି ପ୍ରୀତି ତ୍ୟାଗକୁ ଲୋକେ
ଝୁରି ହେଉଛନ୍ତୁ ସାରା ମୁଲକେ
କରି ଦେଖାଇବା କାମେ
ଭଲ କାମ କରି ଏ ଜାତିର ମାନ
ବଜାୟ ରଖିବା ଆମେ ।୭ ।
ଦେଶ ବିଦେଶରେ ଓଡିଆ ଭାଇ
ଯେଉଁଠି ଯିଏ ରୁହ ମନା ନାହିଁ
ଓଡିଶା ମାଆର ସନ୍ତାନ ବୋଲି
ଦେବନ କେବେ ବି ମନୁ ପାଶୋରି
ଗାଇବ ତା ଜୟଗୀତି
ସ୍ନେହ ଓ ମମତା ଆମ ପାଇଁ ଲୋଡା
ଲୋଡାନାହିଁ ହୀରା ମୋତି ।୮ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଖରାଦିନ ଖରା



କାଳପ୍ରସାଦ ମହାପାତ୍ର

ତାପମାତ୍ରା ଆସି ଗ୍ଦଳଶ ଟପିଲ୍
ସୂରୁଜ ଛାଡିଲେ ରଡି
କାଳ ବୈଶାଖୀକୁ ପଠାଇ ଦେଉଛି
ପଡିଥିବ ମୁହଁମାଡି ।

ଗଛଟିଏ ନାହିଁ ଛାଇଟିକେ ନାହିଁ
ପକ୍କାଘର ଧାଡିଧାଡି
ଘରୁ ବାହାରକୁ ନଯିବାକୁ ଇଛା
ବିଜୁଳ ପଂଖାକୁ ଛାଡି ।

ଶୀତତାପ ଯନ୍ତ୍ର ଘରଟା ଥଣ୍ଡାରେ
ଗରମ ନଜାଣେ କେବେ
ବାହାରକୁ ଗଲେ ଗରଗର ହୁଏ
ଚଡିଚଡି ମନୋଭ୍ବେ ।

ପଥର ପ୍ରାନ୍ତରେ ବଟବୃକ୍ଷ ତଳେ
ଜଳଛତ୍ର ଖୋଲିଦେବା

ISSN NO.
2582-208X

ଜଳଦାନ ଦେଇ ପଥଗ୍ଭରୀଗଣେ
ଶୋଷ ତାଙ୍କ ମେଣ୍ଟାଇବା ।

କାଉଟିଏ ଉଡେ ମୁକ୍ତ ଆକାଶରେ
ତଣ୍ଟିଟା ଯାଉଛି ଶୁଖି
ପାଣିଟୋପେ ପାଇଁ ଆଉଟୁ ପାଉଟୁ
ବାଟ ନପାରଇ ଦେଖି ।

ନାଳ ଜଳଟିକେ ପିଇବା ଆଶାରେ
ନାଳରେ ପଡିଲା ବସି
ପିଇଲା ଆନନ୍ଦେ ଜୀବନ ଆଶାରେ
ମଥା ଘୁରାଇଲା ବେଶି ।

ନାଳର ଭିତରେ କାଉଟି ପଡିଲା
ସେଇ ପାଣି ଅଟେ ବିଷ
ଛଟପଟ ହୋଇ ଜୀବନ ହାରିଲା
ନ ମେଣ୍ଟିଲା ତାର ଶୋଷ ।

ଘରୁ ବାହାରକୁ ପାଦଟି କାଢିଲେ
ହାତେ ଛତା ପାଦେ ଯୋତା
ଓଦା ଗାମୁଛାଟା ମୁଣ୍ଡରେ ଥିବଟି
ନ ହୋଇବ ହଟହଟା ।

ISSN NO.
2582-208X

ଛାତ ଉପରେଟି ମାଟିପାତ୍ରେ ଜଳ
ଖାଦ୍ୟ ଭରି ରଖିଥିବ
ପକ୍ଷୀର ମୁଖରେ ପଡେ ଯଦି ତାହା
କେତେ ପୁଣ୍ୟ ଅରଜିବ ।

ଖରା ଆସିଅଛି ଖରା ଗୁଚିଯିବ
ଇଏ ପ୍ରକୃତିର ଲୀଳା
ବରଷା ରାଣୀକୁ ଡାକ ଆଣେ ଖରା
ଧରା ହୁଅଇ ଶୀତଳା ।

ଗଛ ଲଗାଇବା ବର୍ଷା ବଢାଇବା
ହସି ହସାଇବା ଧରା
ଆମରି ହାତରେ ସବୁଜ ଧରଣୀ
ହସି ଉଠିବଟି ପରା ।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ସଂପର୍କ



ସୁଧୀର ମେହେର

ଆଜି ବି
ଆସିଲ୍ ନାହିଁ ।।

ସକାଳପହରୁ
ବାଟ ଜଗି ଜଗି ହାଲିଆ ହୋଇ ପଡ଼ିଥିବା
ଆଖି ଯୋଡାକ ଛାତିଏ ନୈରାଶ୍ୟରେ
ଫେରି ଆସିଲେ ଘର ଭିତରକୁ,
ଘରସାରା ଅଂଧାରର ରାଜୁତି
ସୁଇଚ୍ ଟିପିବାକୁ ବଳ ନାହିଁ ,
ଥାଉ....ସେମିତି ଅଂଧାର ଥାଉ
ଆଲୁଅରେ କୋଉ ଚହ୍ନି ହେଉଛି ଯେ କାହାକୁ !

ସତରେ....
କେତେ ବଦଳ ଯା'ନ୍ତୁ ଏ ମଣିଷ ମାନେ !
କରିଥିବା ହଜାରେ କାମ ବଦଳରେ
ଦିଶିଯାଏ କରିପାରି ନ ଥିବା ଗୋଟିଏ କାମ,

ISSN NO.
2582-208X

ତା'କୁ ହିଁ ଅସ୍ତ୍ର କରି ଖୋଜି ବସନ୍ତ୍ତି ନିଜ ବାଟ,
ନିଜ ପାଇଁ ବାଛିନିଏ ଗୋଟେ ନିର୍ଦ୍ଦିଷ୍ଟ ଆଶ୍ରୟ ।।

ଲୁହ, ଲହୁ, ସ୍ୱେଦ ସବୁ
ପାଣି ଫାଟିଯାଏ,
ରକତ ବି ପାଣିଚିଆ ହେଇଯାଏ,
ସୁଯୋଗ ଉଣ୍ଟୁଥିବା ପାଦ ଆଉ ଫେରେନି,
ଅଥଚ,
କେହି ଜଣେ ଫି'ଦିନ ତା'ଫେରିବା ବାଟକୁ
ଗୃହିଁ ରହିଥାଏ,
ମାଟି ଆଉ ରକତର ମୋହ ତେଜିବା
ଏତେ ସହଜ ନୁହେଁ ।।

ଚର୍ଚ୍ଚିଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୪୮୩୪୮୮୮୭

ISSN NO.
2582-208X

# ଚଟଫଣ୍ଡ



ସିଦ୍ଧେଶ୍ୱର ତ୍ରିପାଠୀ

ଗଗନା ସାହୁ ମରିବାର ପାଞ୍ଚ ସାତ ବର୍ଷ ହେଇଗଲାଣି । ଘରେ ଖାଇଲ୍ ପିଇଲ୍ । ସୋଇବା ଲୋକଟା ରାତି ଅଧରେ ଘରୁ ଉଠି ବାରିପଟ ଆମ୍ବ ଗଛରେ ରଶି ଲଗେଇ ଝୁଲି ପଡିଲ୍ ।

ସକାଳୁ ଗାଁ ସାର୍ ଲୋକ ରୁଣ୍ଡ ହୋଇଗଲେ । ପୋଲିସ ଆସିଲ୍ ଶବ ବ୍ୟବଚ୍ଛେଦ ହେଲ୍ ଆଉ ଗାଁ ମଶାଣୀରେ ଶବ ସତ୍କାର । ଦିନ କେଇଟାରେ କ୍ରିୟାକର୍ମ ସବୁ ସରିଗଲ୍ । ଘରେ ତାର ସେତେବେଳେ ଆଉ କଏଯେ ବିଧବା ସ୍ତ୍ରୀଟା ଆଉ ଦଶ ବର୍ଷର ପୁଅ ଆଉ ଅଠର ବର୍ଷର ଝିଅଟା । ଗଗନା ରାଜ ମିସ୍ତ୍ରୀ କାମ କରୁଥିଲ୍ ଭଲ ଦି ପଇସା କମେଇ ରଖିଥିଲ୍ । ଦିବଖର୍ ଛାତ ଘର କରିଥିଲ୍ ।

ଭଲ ପ୍ରସ୍ତାବଟେ ଦେଖିଥିଲ୍ ଝିଅର ବାହାଘର କରିଥାନ୍ତା । ପୁଅ ପାଠ ପଢି ମଣିଷ ହୋଇଥାନ୍ତା । ସମୟ ସାଥିରେ ଝିଅ ଜୋଇଁ ପୁଅ ବୋହୂ ନାତି ନାତୁଣୀ ଘର ହସି ଉଠିଥାନ୍ତା । ଏଇତ କଥା ଆଉ କ'ଣ ? ହେଲେ ଏ ଚଟଫଣ୍ଡ ସବୁ ସାରିଦେଲ୍ । ଅଧିକ ସୁଧ ଆଶାରେ ଗାଁ ବ୍ୟାଙ୍କ ଆଉ ଜିଲ୍ଲା ବ୍ୟାଙ୍କ ରୁ ସବୁ ଟଙ୍କା ଉଠେଇ ଦିଇଟା ଚଟଫଣ୍ଡ ରେ ଲଗେଇ ଦେଲ୍ ।

ISSN NO.
2582-208X

ହେଲେ କେଇଟା ଦିନରେ ଧରପଗଡା ଲାଗିଲା । ଗୁଡାଏ ସଂସ୍ଥାକୁ ସରକାର ବେଆଇନ ଘୋଷଣା କଲେ । ଅନେକ ଲୋକଙ୍କୁ ଟଙ୍କା ମିଳିଲାନ ଆଉ ମିଳିବାର ସମ୍ଭାବନା ବହୁତ କମ୍ । ସରକାରୀ ଚାକରିଆ ଜୋଇଁ ଟା ହାତରୁ ଖସିଗଲା । ଦୁଇଲକ୍ଷ ନଗଦ ଟଙ୍କା ଚେନ ମୁଦି ଦେବାକୁ କଥା ପକ୍କା ହେଇଥିଲା । ଏ ଚଟଫଣ୍ଡ ସବୁ କଛି ବଦଳେଇ ଦେଲା ।

ଗଗନାତ ମଲାଣି ତା ଝିଅକୁ ପଚଶି ହେଲାଣି ବାହା ହେଇନ ସେଇତ ସିଲେଇ ମେସିନ ଚଲେଇ ଘରଟାକୁ ଚଳାଉଛି । ତା ଭାଇଟାକୁ ପାଠ ପଢାଉଛି, ସିଏ ଏବେ ଆଏ ପାସ କଲାଣି ପୁଣି ବି.ଏ ପଢିବ ।

କେତେ ଟିଭି ରେଡ଼ିଓ ପେପର ରେ ଖବର ବାଜିଲା । କେତେ ଆନ୍ଦୋଳନ ବିଧାନସଭା ଘେରାଉ ହେଲା । କେତେ ସଂସ୍ଥାର ଲୋକ ଗିରଫ ହେଲେ । କଥା ଯାଇ ହାଇ କୋର୍ଟ ସୁପ୍ରିମ କୋର୍ଟ ଯାଏଁ ଗଲାଣି । କେତେ ନେତା ମନ୍ତ୍ରୀ ବି ଏଇ ଅର୍ଥ ଲଗାଣକାରୀ ସଂସ୍ଥା ସାଥିରେ ଥିଲେ ବୋଲି ମନ୍ତ୍ରୀ ପଦ ବିଧାୟକ ପଦ ହରେଇ ଜେଲ୍ ଗଲେଣି ।

ଏଇ ମାର୍ଥା ବାବୁ କଥା ଦେଖୁନ ସିଏ ପରା ଖାଇବାକୁ ପାଉନଥିଲା । ଏଇଥେରେ ପସିକ କ ବଡ଼ ଅଫିସର ହେଇଥିଲା ଯେ ଜାଗାବାଡି ଘର ଦୁଆର କାର ମଟର କରି ଉଠି ବସିଥିଲା। ହେଲେ ଏବେ ଯୋଉ କାଙ୍ଗାଳକୁ ସେଇ କାଙ୍ଗାଳ ଲୋକ ଆସି ଦୁଆର ମୁହଁରେ କେତେ ଯୋଧାବକା ନକଲେ କହ । କେତେ ମାଡ଼ ଖାଇନ ସିଏ। ତାଙ୍କ ପଇଶା ସୁଝିଲା ବେଳକୁ ସବୁ ଶେଷ । ଏବେ ପିଲାଏ ମୁଠେ ଭଲରେ ଖାଇବାକୁ ପାଉନାହାନ୍ତ । କମ୍ପାନୀ ପଇସାରେ ଉଡା ଜାହାଜରେ ବସି କେତେ ବିଦେଶ ବୁଲିଥିଲା। ଏବେ ସବୁ ଶେଷ ।

କେତେ ପରିବାର ଛାରଖାର ହେଇଗଲା । କଏ ଟଙ୍କା ରଖିକ ମଧ ଉଠେଇ ପାରିଲାନ ରୋଗ ଯନ୍ତ୍ରଣାରେ ମଲା । କଏ କେତେ ଆଶା କରି ଟଙ୍କା ସଞ୍ଚୟ କରିଥିଲେ । ଅଧିକ ସୁଧ

ISSN NO.
2582-208X

ମିଳବ ମୋଟା ଅଙ୍କର ଟଙ୍କା ଆସିଲେ ଘର କରିବେ ଜମି କଣିବେ କଏ କେତେ କଣ କରିଥାନ୍ତେ ସବୁ ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

ଏ ଲୋକ ମାନଙ୍କ ଆଖି ଲୁହ ଆଖିରେ ମଲାଣି ଆଉ ଏ ବିଷୟରେ କୋଉଠି ଖବର ବାଜୁନ। ଜନ ପ୍ରତିନିଧି ଆଉ ସାମ୍ବାଦିକ ସମସ୍ତେ ନୀରବୀ ଯାଇଛନ୍ତୁ କେଜାଣି କାହିଁକି ?

ହେଲେ ଏଇ ଚଟଫଣ୍ଡ ଯେ ଏକବିଂଶ ଶତାବ୍ଦୀରେ ମହାକାଳ ଫଳ ସାଜି ଅନେକ ଲୋକଙ୍କ ଜୀବନର ମୋଡ଼ ବଦଳେଇ ଭବିଷ୍ୟତକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନ୍ଧାରି କୋଠରୀ ଭିତରକୁ ଠେଲି ଦେଇଥିଲା ଏକଥାକୁ କଏ ବା ଅସ୍ୱୀକାର କରି ପାରିବ ସତରେ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ମୁଁ ସତେ କଣ ବୁଢା ହେଇଯାଇଛି



ଡ. ଅର୍ଜୁନ ଚରଣ ବାରିକ୍

ସମୟ ସାଥିରେ ତାଳ ଦେଇ ମୋର ବୟସଟା ଗଡ଼ି ଚାଲିଛି,
ଷାଠିଏ ବୟସ ହେବା ସହ ଏବେ ଅବସର ହୋଇଯାଇଛି ।
କିଏ କହେ ତୁମ ଦ୍ବିତୀୟ ସୋପାନ ଅୟମାରମ୍ଭ ହୋଇଛି,
ଆଉ କିଏ କହେ ଜୀବନ ନାଟକ ଶେଷ ଅଙ୍କ ଆସିଯାଇଛି ।
ଖିଆଲି ମନକୁ ଗୋଟିଏ ପ୍ରଶ୍ନ ବହୁ ଆନ୍ଦୋଳିତ କରୁଛି....
ମୁଁ ସତେ କଣ ବୁଢା ହେଇଯାଇଛି!!!

ଚାକରି ସମୟେ ସାଥି ପରିଜନେ ଅନେକ ଆଦୃତ ମିଳଛି,
ଅବସର ପରେ ଏବେ ସମସ୍ତଙ୍କ ଅଲୋଡା ମୁଁ ହେଇଯାଇଛି ।
ସାର୍ ଓ ସାହେବ ସମ୍ବୋଧନରେ ଦିନ କେତେ ବିତି ଯାଇଚ,
ଏବେ କିନ୍ତୁ ସେଇ ସମ୍ବୋଧନ ର ସଙ୍ଗ୍ୟା ବଦଳ ଯାଇଛି,
ମଉସା, ଅଙ୍କଲ୍ ସମ୍ବୋଧନ ଶୁଣି ମନଟା ଦୋହଲି ଯାଉଛି ।
ଖିଆଲି ମନକୁ ଗୋଟିଏ ପ୍ରଶ୍ନ ବହୁ ଆନ୍ଦୋଳିତ କରୁଛି....
ମୁଁ ସତେ କଣ ବୁଢା ହେଇ ଯାଇଛି!!!

ବାଳର ରଙ୍ଗ ଦିନକୁ ଦିନତ ଧବଳ ହେବାରେ ଲାଗିଛି,
କଳା ରଙ୍ଗ ବୋଳ ସଭିଙ୍କ ଆଗରେ ସତକୁ ଲୁଚାଇ ରଖୁଛି ।

ISSN NO.
2582-208X

ସମସ୍ତଙ୍କ ସଙ୍ଗେ ତାଳ ଦେଇ ଯେବେ ମର୍ଣ୍ଣିଙ୍ଗ୍ ଓ୍ୱାକ୍ କରୁଛି,
ବୁଝିପାରୁନ ମୁଁ ଜୋର୍ ରେ ଗ୍ଲଲିଲେ କାହିଁକି ହାଲିଆ ଲ୍ଗୁଚ ।
ଝାଳନାଳ ହୋଇ ଘର ପହଁଚୁଛି ଘରଣୀକୁ ଭ୍ରି ବାଧୁଛି,
ଦରଦୀ କଣ୍ଠରେ କହୁଛି ସେ କଣ ବୟସ ତୁମର ଆସୁଛି ।
ଖିଆଲି ମନକୁ ପ୍ରଶ୍ନଟିଏ ମୋର ବହୁ ଆନ୍ଦୋଳତ କରୁଛି....
ମୁଁ ସତେ କଣ ବୁଢା ହେଇ ଯାଇଛି!!!

ଟିଭି ଦେଖା ଅବା ହ୍ୱାଟସ୍ ଆପ୍ ରେ ଅନେକ ସମୟ କଟୁଛି,
ସେହି ବେଳେ କିଛି ବାଧା ଉପୁଜିଲେ ଚଡିଚଡା ଖାଲି ଲ୍ଗୁଛି ।
ବର୍ଷା ଓ ଖରାକୁ ଖାତିରି ନକରି କେତେ ଦିନ ରାତି କଟିଛି,
ଏବେ କିନ୍ତୁ ତାହା ନଜଗିଲେ ଦେହ ଟିକକେ ଖରାପ ହେଉଛି ।
ଖିଆଲି ମନକୁ ପ୍ରଶ୍ନଟିଏ ମୋର ବହୁ ଆନ୍ଦୋଳତ କରୁଛି...
ମୁଁ ସତେ କଣ ବୁଢା ହେଇ ଯାଇଛି!!!

ଗ୍ଲକରି ଜଞ୍ଜାଳ ଭିତରେ ଥାଇବି ହସି ଖୁସି ଦିନ କଟିଛି,
ଟିକିଏ କଥାରେ କାହିଁକି କେଜାଣି (ଏବେ) ରାଗଭାବ ଆସିଯାଉଛି ।
ଘରେ ପଗ୍ଲରନ୍ତୁ କାହିଁକି ତୁମର ଚଡିଚଡା ଭାବ ହେଉଛି,
ଭାବୁଛି ସତରେ ବିନା କାରଣରେ (କାହିଁ) ମନଟା ଦୁର୍ବଳ ହେଉଛି ।
ଖିଆଲି ମନକୁ ପ୍ରଶ୍ନଟିଏ ମୋର ବହୁ ଆନ୍ଦୋଳତ କରୁଛି...
ମୁଁ ସତେ କଣ ବୁଢା ହେଇ ଯାଇଛି!!!

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଗାଁ



ପ୍ରଶାନ୍ତ କୁମାର ନାଥ

ଭାବୁଛ ଯାହାକୁ ନିର୍ଜୀବ ଭୂଖଣ୍ଡ
ନୁହେଁ ସେ କେବେ ନିର୍ଜୀବ
ସକାଳରୁ ସଂଞ୍ଜ ଯା ହୃଦ ସ୍ପନ୍ଦନେ
ଜୀବନ ଜଗାଏ ନବ ।

ବିଶ୍ୱ ଧରଣୀରେ କେବଳ ସୁନ୍ଦର
ସବୁଠୁ ଯାଆର ନାଆଁ
ତାଠାରୁ ସୁନ୍ଦର କିଛି ଆଉ ନାହିଁ
ଛୋଟ ମୋର ଏଇ ଗାଆଁ ।

ମୋ ଗାଆଁର ଦାଣ୍ଡ ସତେ ବଡ଼ ଦାଣ୍ଡ
ତା ଧୂଳି ଚନ୍ଦନ ବାସେ
ସଂଞ୍ଜ ସକାଳରେ ତାହାରି କୋଳରେ
ସନ୍ତାନର ମନ ହସେ ।

ଦେଖିଛ କି କେହି ଗାଆଁର ଆନନ୍ଦ
ନିରବର ଦୁଃଖ ସ୍ୱର

ISSN NO.
2582-208X

ତା ସନ୍ତାନ ଯେବେ ହୁଅଇ ସଫଳ
ଉଚ୍ଚ ହୁଏ ତା'ର ଶିର।

ତା କୋଳରେ କେହି ହାରି ମରି ଗଲେ
କରିଥାଏ କେତେ ଶୋକ
ଜଳ କ ପବନ ଗ୍ରହଣ କରେନ
ଲାଗି ବି ନଥାଏ ଭୋକ।

ତା ଦେହରେ କେବେ ଲାଗିଲେ ଆଘାତ
ସନ୍ତାନକୁ କଷ୍ଟ ହୁଏ
କ୍ଷତକୁ ପୂରଣ କରିବାର ପାଇଁ
ଆପ୍ରାଣେ ସେ ଗୃହିଁ ଥାଏ।

ଯା ପାଣି ପବନେ ଜୀବନ ଲଭିଛି
ତାକୁ କେ ଭୁଲି ପାରିବ
ଜନମେ ମରଣେ ତା କୋଳରେ ସଦା
ମନେ ମନେ ଝୁରି ହେବ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ଜଗତ ଜନନୀ
# ଅଭୟ ବର ଦାୟିନୀ



ଅମରନାଥ ବାରିକ

ମଙ୍ଗଳ ମନାସୀ ତୋ ପାଦେ ସୁମରୀ
କଲେ ଯେଉଁ ସବୁ କାମ
ପୂର୍ଣ ହୁଏ ଇଚ୍ଛା ରିଦ୍ଧି ସିଦ୍ଧି ମିଳେ
ଯୋଡ ହସ୍ତେ କଲେ ବାମ ।

ତୁହି ମୋ ଭରଷା ମଙ୍ଗଳା ମା' ଲୋ
ଜୀବନର ଚଲ୍ ପଥେ
ସକାଳ ସଞ୍ଜରେ ତୋ ପାଦ ସେବୁଛି
ଶୁଭ ବୁଦ୍ଧି ମନେ ଚନ୍ତେ ।

କରେ ମୁଁ ଆଳତୀ ଦେଇ ଝୁଣା ବାତି
କର୍ପୁର ବଳତା ଘିଅ
ଫଳ ପୁଷ୍ପ ମାଳ ନୈବେଦ୍ୟର ଜଳ
ସମର୍ପଣ କରେ ନଅ ।

ISSN NO.
2582-208X

ଚନ୍ଦନ ସିନ୍ଦୂର ମଥାରେ ସୋଭିତ
ମହିମା ତୋର ଅପାର
ଆର୍ାଧନା କଲେ ଫଳ ଦେଇଥାଉ
ମନ ଯେମିତିକା ଯା'ର ।

ମୋ ଭାଗ୍ୟର ଡୋରି ତୋ ହାତରେ ଧରି
କରୁଛୁ ପରିଗ୍ଳଳନ ।
ଅଦୃଶ୍ୟର ଶକ୍ତ ଦୃଶ୍ୟ ହୀନ ହୋଇ
କଲୁ ଲାଳନ ପାଳନ ।

ଧନ ସନମାନ ତୋ ଦୟାରୁ ସବୁ
କରିଅଛୁ ମତେ ଦାନ
ବାକ ଆୟୁଷ ମୋ ତୋର ସେବା କରି
ଗ୍ଳଲିଯାଉ ଏ ଅଧମ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ଦେବଦୂତ



ଦୀନବନ୍ଧୁ ବେଜ

ଜୀବନର ଦୋଛକ ମଧ୍ୟରେ ଝୁଲି ରହିଥିଲା ସୁବାଷଙ୍କ ଅବସ୍ଥା। ସବୁ ଭରଷା ତୁଟିଗଲା ପରେ ଠାକୁରଙ୍କୁ ହାତ ଟେକଦେଲା ପରି ସବୁ ତାଙ୍କ ଉପରେ ଛାଡ଼ି ଦେଇଥିଲେ ସେ। କିଛି କଥା ଯେପରି ଜୀବନସାରା ମନେ ରହିଯାଏ ଠିକ ସେମିତି ଗୋଟିଏ ଘଟଣା ଘଟି ସ୍ମରଣୀୟ ହେବାକୁ ଯାଉଥିଲା ସୁବାଷଙ୍କ ଜୀବନରେ ।

ସୁବାଷଙ୍କର ଏବେ କେବଳ ହରିଙ୍କ ଉପରେ ଭରଷା କରିବା ଛଡ଼ା ଆଉ କିଛି ଉପାୟ ହିଁ ନଥିଲା । ସେ ନାହି ମାଁ ଜଗଦିଶ ରଖେ ଭଜି ଭଜି ବେହାଲ ହେଲେଣି । କିନ୍ତୁ ଜଗଦିଶ କିଛି କରୁ ନାହାଁନ୍ତି, ସେ ବି ଜଗଦିଶଙ୍କୁ ଛାଡିବା ଲୋକ ନୁହେଁ । ଏମିତି ଏକ ସ୍ଥିତିରେ ଭକ୍ତ ଭଗବାନଙ୍କ ଛକାପଞ୍ଝା ହେବାର ଅବସ୍ଥା ସୃଷ୍ଟି ହୋଇ ଯାଇଥାଏ ।

ସେ ଆଗକୁ ଆଗକୁ ବଢ଼ି ଚାଲିଥାନ୍ତି ସିନା ତାର ଆଦ୍ୟ ବିନ୍ଦୁର ଠିକଣା ପରି ପ୍ରାନ୍ତବିନ୍ଦୁ ଯେ ସୀମାହୀନ ସେ କଳନା କରି ପାରି ନଥାନ୍ତି । I ଏମିତି ଗୋଟିଏ ତ୍ରିଶଙ୍କୁ ଅବସ୍ଥାରେ ଥାଆନ୍ତି ସୁଭାଷ, ଗୋଟିଏ ବୋଲି ଝିଅ ସୁଶିଳା, ପାଠ ଯେମିତି ସାଠ ସେମିତି, ରୁପ ଯେମିତି ଗୁଣ ସେମିତି । ଝିଅର ରୂପ, ଗୁଣ ଏବଂ ଆଚାର ବ୍ୟବହାରରେ ସନ୍ତୁଷ୍ଟ ବନ୍ଧୁବାନ୍ଧବ ମାନେ ତାର ଏତେ ଗୁଣଗାନ କରିଛନ୍ତି ଯେ ବିନା ଖୋଜା ଖୋଜିରେ ପୁଅ ପାର୍ଟି ଆସି ହାଜର । ଆମକୁ କିଛି ଦେବାକୁ ପଡିବ ନାହିଁ ଝିଅ ଖାଲି ଦରକାର । ଖାଲି ହଁ କହିବା ଟା ବାକିରଖି ସୁଭାଷ ପନ୍ଦର ଦିନ ଗଡାଇ ସାରିଲେଣି । ପାଖରେ ଅଧଲାଟିଏ ନାହିଁ ସେ କେଉଁ ସାହାସରେ ଏତେ ବଡ଼ ନିଷ୍ପତି ନେବେ ଯେ । ପିଲାଙ୍କୁ ପାଠ ପଢ଼ଉ ପଢ଼ଉ, ପେଟ ପାଇଁ

ISSN NO.
2582-208X

ଦାନା ସଂଗ୍ରହ କରୁ କରୁ, ଯୁବକ ରୁ କେତେ ବେଳେ ପୌଢ଼ ହୋଇ ଯାଇଥିଲେ ସେ ନିଜେ ଜାଣି ପାରିନାହାଁନ୍ତି । ମୁଣ୍ଡରେ ଗୋଟେ ଗୋଟେ ପାଚିଲା ଚୁଟି ବାହାରକୁ ବାରି ହୋଇ ପଡୁଥାଏ । ସ୍ତ୍ରୀ କହିଲେ ଚୁଟିକୁ କଳା ରଙ୍ଗ କରି ଦଉନ ମୋଟୁରୁ ଭଲ ଦିଶୁନ ।

ଅଶୁଣା ହୋଇ ସୁବାଷ ଝିଅ ସୁଶିଳାକୁ ଡ଼ାକ ପକାଇଲେ, ସୁଶିଳା ... ସୁଶିଳା ... ମା' ରେ ମୋ ମୁଣ୍ଡରୁ ପାଚି଼ଲା ଚୁଟି ଦିଟା ଉପାଡ଼ି ଦେଲୁ, ମୁଣ୍ଡଟା ଖାଲି କୁଣ୍ଡେଇ ହେଉଛି ।

ଝିଅ ଭାଷଣ ମାରିବା ଆରମ୍ଭ କରିଦେଲା, ବାପା ଚୁଟି ଉପାଡ଼ିବା ଦରକାର ପଡ଼ିବନି, ଚି଼ରେଇତା କାଠି ଓ ମେଞ୍ଜୁଆତି ପତ୍ର ବାଟି ତା' ସହିତ ନଡ଼ିଆ ତେଲ ମିଶାଇ ଲଗାଇଲେ ଚୁଟି ସବୁ କଳା ହୋଇଯିବ, ମୁଁ ଏହା ପରା ୟୁଟୁବରେ ଦେଖିଛି ।

ଅଜଣା ନମ୍ବରରୁ ହଟାତ ଫୋନ ବାଜି ଉଠିଲା, ଫୋନ ଉଠାଇଲେ ସୁବାଷ ବାବୁ,

ହାଲୋ :- ଆମେ ସେ ପୁଅ ଘର ତରଫରୁ କହୁଥିଲୁ ସୁବାଷ ବାବୁ କଣ ବୁଝିଲେ, କିଛି କହିଲେ ନାହିଁ ଯେ ?

ପାତ୍ର ଘରର ବାରମ୍ବାର ଫୋନକୁ ଅଣଦେଖା କରୁଛନ୍ତି ସେ। ସୁନା ଦର ଆକାଶ ଛୁଆଁ, ଭରି ପଚ଼ସ୍ତରୀ ହଜାର ଛୁଇଁବା ଉପରେ, ଶିକ୍ଷିତ ହୋଇ ମଧ୍ୟ ଚାକରୀରୁ ବଂଚିତ ହୋଇଛନ୍ତି ସୁବାଷ ବାବୁ, ବୟସ ଥିଲା ବେଳେ ଅନେକ ଚେଷ୍ଟା କରିଛନ୍ତି ମାତ୍ର ଅସଫଳ ତ ଭାଗ୍ୟରେ ଲେଖାଅଛି, ଶେଷରେ ନିଷ୍ପତି ନେଲେ ବାହାରକୁ ଯିବେ, ଛୁଆ ପିଲାଙ୍କୁ ଛାଡ଼ି ଯିବାକୁ ଇଚ୍ଛା ନଥିଲେ ବି ମନକଥା ମନରେ ମାରି ପିଲାଙ୍କ ଛବି ହୃଦୟରେ ଅଙ୍କନ କରି ଏକ ମୁହାଁ ହୋଇ ସେ ସୁଦୂର ସୁରତ ଯାଇଥିଲେ, ସେଠାରେ ତାଙ୍କୁ ଆଠ ଦଶ ବର୍ଷ ବଡ଼ ମେହନତି କରିବାକୁ ପଡ଼ିଛି । ଦିନ ରାତି ଏକ କରି କାମ କରିଛନ୍ତି ସେ, ମେସିନ ରେ ସୁତା ଭିଣିଛନ୍ତି, ସୁତାରୁ ସୁନ୍ଦର ସୁନ୍ଦର ଲୁଗା ବୁଣିଛନ୍ତି, ମାତ୍ର ନିଜ ପରିବାରକୁ ନିକଟରେ ଥାଇ ସୁନ୍ଦର ପରିବାର ଗଢ଼ିବାର ସ୍ୱପ୍ନରୁ ବଂଚି଼ତ ହୋଇଛନ୍ତି, ମାଲିକଙ୍କ ର ପ୍ରିୟଭାଜନ ହୋଇ ପାରିଛନ୍ତି, ଶ୍ରମିକରୁ ସୁପରଭାଇଜର କାମ କରିଛନ୍ତି, ଗୋଟିଏ ଟଙ୍କା ହାତରେ ନରଖି ମାସକୁ ମାସ ପଠାଇଛନ୍ତି ପରିବାର ଚ଼ଳବା ପାଇଁ, ପିଲାଙ୍କ ଭଲ ମନ୍ଦ ଓ ମହିଳା ଗୋଷ୍ଠୀ

ISSN NO.
2582-208X

ଋଣ ପରିଶୋଧ ପାଇଁ, ସବୁତ ଠିକ ଠାକ ଚାଲିଛି ଆଉ କିଛି ବର୍ଷ କାମ କରିବେ, ଝିଅ ବଡ଼ ହେଲାଣି ତା' ପାଇଁ କିଛି ଟଙ୍କା ରଖି ଦେଲେ ଆଉ ସମସ୍ୟା ରହିବ ନାହିଁ ।

ମାତ୍ର ମହାମାରୀ କରୋନା ଯେ ସବୁ ବିଗାଡ଼ି ଦେବ ଏକଥା ସୁବାଷ ବାବୁ କଳ୍ପନା କରି ନଥିଲେ । ହଠାତ୍ ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇ ଯାଇଥିଲା ତାଙ୍କର । ଦାଦନ ଜୀବନ ଯେ କେତେ କରୁଣ ସେଦିନ ସେ ମର୍ମ ମର୍ମେ ଅନୁଭବ କରିଥିଲେ। ଚାଲି ଚାଲି ପାଦରେ ଅନେ ରାସ୍ତା ଅତିକ୍ରମ କରିଛନ୍ତି ଲାଇନ ଟ୍ରକରେ ଅନେକ ବାଟ ଆସିବାକୁ ପଡ଼ିଛି, ରେଳରେ ମାଲ ଭଳି ବଡ଼ କଷ୍ଟରେ ନିଜରାଜ୍ୟ ଓଡ଼ିଶାରେ ସୌଭାଗ୍ୟ ବଶତଃ ପହଞ୍ଚି ପାରି ଥିଲେ ସେ ସମୟରେ । ଜୀବନ ବଂଚ ଯିବାର ଖୁସିରେ ବିଭୋର ହେଉଥିବା ବେଳେ ଭୂଲି ଯାଇଥିଲେ ଝିଅଟେ ବଢ଼ିଲେ ତା ବିବାହ ପାଇଁ ଏତେ ଟଙ୍କା ଯେ ସୁରତରୁ ବ୍ୟବସ୍ଥା କରିବାକୁ ସେ ଯୋଜନ କରି ସାରିଥିଲେ ବୋଲି, ପତ୍ନୀଙ୍କର ଏକାଜିଦ ଆଉ ଯିବାକୁ ହେବନି ସୁରତ । ମୁଁ ତ ମହିଳା ଗୋଷ୍ଠୀମାନଙ୍କ ମୁଖ୍ୟ ହେଲିଣି ସରକାର କହିଛନ୍ତି କିଛି ପଇସା ଦରମା ଆକାରରେ ମିଳବ, ଋଣ ମିଳୁଛି ସେଥିରୁ କିଛି କରିବା । ସେହି ଭରଷାରେ ଗାଁ ରହିଗଲେ ସୁବାଷ, ହଜିଗଲେ ପତ୍ନୀପ୍ରେମ ଓ ପିଲାଙ୍କ ଶ୍ରଦ୍ଧାରେ । ଚାହୁଁ ଚାହୁଁ ପାଞ୍ଚ ବର୍ଷ ଅତିକ୍ରମ ହୋଇ ଯାଇଛି, ପାଞ୍ଚଟି ନିଦାଘ ଯାଇଛି, କିନ୍ତୁ ତାତି ଜାଣି ପାରିନାହାଁନ୍ତି ସେ ପତ୍ନୀଙ୍କ ସହଯୋଗ ଓ ପୈତୃକ ସଂପତ୍ତିର ଚାଷବାଷ ଯୋଗୁଁ, ସଂଧ୍ୟା ସମୟରେ ଗାଁ ପିଲାଙ୍କୁ ଟିୟୁସନ ପାଠପଢ଼ା ସହିତ କିଛି ମହିଳା ଗ୍ରୁପ ମାନଙ୍କର ଖାତା କାଗଜ ବ୍ୟାଙ୍କ ଅଫିସ୍ ବୁଝୁ ବୁଝୁ ଦିନ ଗଡ଼ି ଯାଇଛି ତାଙ୍କର। ମାତ୍ର ଝିଅଟିଏ ବିବାହ କଲେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ପଡ଼େ ଏକଥାକୁ ପାଶୋରି ଦେଇଛନ୍ତି ସୁବାଷ । ଝିଅର ଏବେ ଏବେ ସ୍ନାତକ ସରିଛି, ସୁନ୍ଦରୀ ସୁଶୀଳା ପାଇଁ ଗାଁ ରେ ନାଁ ଡ଼ାକ, ଝିଅର ବିବାହ ବୟସ ହୋଇ ଗଲାଣି, ପୁଅ ବାଲା ଅନେକ ଆସିବେ, ବାହାଘର ପାଇଁ ଅସ୍ତବ୍ୟସ୍ତ କରି ଦେବେ ବେଲି ତାଙ୍କର ଚିନ୍ତାରେ ବାହାର ।

କିନ୍ତୁ ବନ୍ଧୁ ବାନ୍ଧବ ସୁପାରିସରେ ପାତ୍ର ଘର ଆସି ସୁବାଷ ବାବୁଙ୍କୁ ଏବେ କଲ କରି ଦେଉଛନ୍ତି । ରାତିର ନିଦ ଆଖିରୁ ଉଭାନ ହୋଇ ଯାଇଛି ତାଙ୍କର, ବାକି ରହିଛି ଶରୀରରେ

ISSN NO.
2582-208X

ଜୀବନ । ପତ୍ନୀଙ୍କ ନାନା ପରାମର୍ଶ ତାକୁ କାଲ୍ ଆଗରେ ମୂଳା ଗ୍ରେବାଇବା ସମ ଲାଗୁଛି ଏବେ ଏବେ । ଯେଉଁ ପତ୍ନୀ ବିଦେଶରୁ ଆସିଲ୍ ବେଳେ ନ ଯିବା ପାଇଁ ଅଡ଼ିଧରି ବସିଥିଲେ ସେ ସ୍ୱର ଏଇନେ ଆଉ ନାହିଁ କି ସେ ସହାନୁଭୂତି ନାହିଁ ।

ଏମିତି ଏକ ସମୟରେ ହଟାତ ସୁଭାଷଙ୍କ ରକ୍ତଚାପ ହାଇ ହୋଇଗଲା, ସେ ଗୋଡ଼ ହାତ ବିଛଣାରେ ଛାଟିପିଟି କରି ପଡ଼ି ରହିଥାନ୍ତି । ଖାଲି ଆଖି ଦୁଇଟାକୁ ଡ଼ବ ଡବ କରି ଏକୁ ତାକୁ ଅନାଉଥାନ୍ତି ।

ପତ୍ନୀ ଅଂଜନା ର ମୁଣ୍ଡ କାମ କରୁ ନଥାଏ ସେ ବଡ଼ ଚିନ୍ତାରେ ପଡ଼ିଯାଇଥାଏ । ମହେନ୍ଦ୍ର ଅଟୋ କୁ ଫୋନ ଲଗାଇବା କୁ ଝିଅକୁ କହିଲେ । ଝିଅ ମହେନ୍ଦ୍ର କୁ ଫୋନ ଲଗାଇଲା, ସେପଟରୁ ଫୋନ ନଟ ରିଚ୍ରେବୁଲ କହିଲା, ବୋଧେ ଆଉଟ ଅଫ ଷ୍ଟେସନ । ସୁଖ ସମୟରେ ସବୁ ଠିକ ଠାକ ଦୁଃଖ ବେଳରେ ସବୁ ଓଲଟା, କଣ କରାଯିବ କାହାରି ମୁଣ୍ଡ କାମ କରୁ ନଥାଏ, ଡ଼ାକ୍ତର ଖାନା ଏଇଠୁ ପାଞ୍ଚ ମାଇଲ ଯେମିତି ହେଲେ ସ୍ୱାମୀଙ୍କୁ ଡ଼ାକ୍ତର ଖାନା ପହଞ୍ଚାଇବାକୁ ହେବ, ହଠାତ ମୋବାଇଲ୍ ରିଙ୍ଗ ହେଲା, ଝିଅ ସୁଶିଳା ଉଠାଇଲା, ଅପର ପାର୍ଶ୍ୱରୁ ଗମ୍ଭୀର ସ୍ୱର କଏ ଅଞ୍ଜନା କହୁଥିଲେ ....?

ବୋଉ ଫୋନ ନେ କଏ ଫୋନ କରିଛନ୍ତ?

ଅଞ୍ଜନା ଫୋନ ଧରୁ ଧରୁ ଚ଼ଡ଼ା ଗଳାରେ ଫୋନ ଆସିଲା -ଆଜି ଆପଣଙ୍କ କ୍ଲଷ୍ଟର ମିଟିଂ, ଆପଣ ଅଂଚଳର ସଭା, ଏ ପର୍ଯ୍ୟନ୍ତ ପହଞ୍ଚି ନାହାଁନ୍ତି କେମିତି ମାଡ଼ାମ ?

- ମୋ ସ୍ୱାମୀଙ୍କ ଦେହ ଖରାପ ମେଡ଼ିକାଲ ନେବାକୁ ପଡ଼ିବ, କାକୁତି ମିନତି ହୋଇ ଅଂଜନା କହିଲେ,

- ଏଠି ମୁଁ ମୋ ବସଙ୍କ ଠାରୁ ଗାଳ ଶୁଣୁଛି, କଛି ଶୁଣା ହେବନ ।

ସାଙ୍ଗେ ସାଙ୍ଗେ ଫୋନ କଟିଗଲା

ଥମ କରି ବସି ପଡ଼ିଲେ ଅଂଜନା, ସ୍ୱାମୀଙ୍କୁ ଏପରି ଅବସ୍ଥାରେ ଛାଡ଼ି ସେ କପରି ଯାଇ ପାରିବେ ?

ISSN NO.
2582-208X

ନରବରେ ଭାବୁଥିଲେ ଅଂଜନା

-କଣ ହେଲା ବୋଉ ? ସୁଶୀଳା ପଚାରିଲା

ସ୍ୱାମୀଙ୍କର ଉଃ ଆଃ ଶବ୍ଦ କାନରେ ବାରମ୍ବାର ବାଜୁଥାଏ, କାନରେ ବାଜୁଥାଏ ପିଲ୍ଡ଼ ସୁପର ଭାଇଜରଙ୍କ ଶବ୍ଦ "କଛି ଶୁଣା ଯିବନ" ।

ପାଦ ଆପେ ଚାଲିଲା ବାହାରକୁ ହାତରେ ଦୋଳ ଭଳ ଝୁଲୁଥିଲା ଭେନଟ୍, ଋଣରେ ସରକାର ଦେଇଥିବା ସ୍କୁଟି ଷ୍ଟାଟ ହେଲା, ଗାଡ଼ି ଆଗକୁ ଆଗକୁ ଗଡ଼ିଲା,

ଝିଅ ଅବାକ ..., ସ୍ୱାମୀଙ୍କ ଆଖିର ଲୁହ ଧାରଟିଏ ଗଡ଼ିଗଲା ଅମାନଆ ହୋଇ ।

ଝିଅ ଧିକାର କରୁଥିଲା ମା'ଙ୍କୁ ତୋତେ ଲଜ୍ୟା ନାହିଁ ଲୋ ବୋଉ, ବାପାଙ୍କୁ ଏହିପରି ଅବସ୍ଥାରେ ଛାଡ଼ି ଯାଉଛୁ । ଏମିତି ତୋ ମିଟିଂ ବଡ଼ ହୋଇଗଲା,

ଝିଅର ହାତକୁ ଜାବୁଡି ଧରି ଥିଲେ ସୁବାଷ ବାବୁ,ଝି ଅ ବାପାଙ୍କର ପେଟ ଉପରେ ମୁହଁ ରଖି କଇଁ କଇଁ ହୋଇ କାନ୍ଦି ଉଠିଲା ।

ରାସ୍ତାରେ କୁଜି ନେତା ମାନଂକର ପଇଁତରା, କର୍କଶ ଶବ୍ଦରେ ଶ୍ଳୋଗାନ ଶୁଭୁଥିଲା-ଜିତିବରେ ଜିତିବ ଅମକେଇ ଚିହ୍ନ ଜିତିବ, ଜିତିବରେ ଜିତିବ ସମକେଇ ଭାଇ ଜିତିବ, ପରିବେଶ ଶାନ୍ତ ପଡ଼ି ଯାଇଛି, ବୋଧେ ଚାଲି ଚାଲି ଯାଇଛି, ଝାଞ୍ଜି ପବନ ନରବି ଯାଇଥିବାରୁ ଗଛଲତା ପତ୍ର ମଧ୍ୟ ସ୍ଥିର ହୋଇ ଯାଇଛନ୍ତ ।

ହଠାତ ମୋବାଇଲ ରିଙ୍ଗ ହେଲା,

ସୁଶୀଳା ଫୋନ ଉଠାଇଲା

ହାଲୋ -କଏ କହୁ ଥିଲେ,

- ଆପଣ କଏ କହୁଛନ୍ତ ?

- ମୁଁ ସୁଶିଳା

- ବାପା ନାହାଁନ୍ତ କ ?

ISSN NO.
2582-208X

- ହଁ ଯେ ବାପାଙ୍କ ଦେହ ଭୀଷଣ ଖରାପ, ସେ କଥା ହୋଇ ପାରିବେନ ।

- କଣ ହୋଇଛି ତାଙ୍କର ?

- କହି ପାରିବିନ ? ଯନ୍ତ୍ରଣାର ଛଟପଟ ହେଉଛନ୍ତୁ, ଅଟୋ ବାଲାକୁ ଫୋନ କରି ସାରିଲୁଣି ଡ଼ାକ୍ତରଖାନା ନେବାକୁ ମାତ୍ର ନଟ ରିଚେବୁଲ ଦେଖଉଛି ।

- ଓହୋ ... ଠିକ ଅଛି, ଚିନ୍ତା କରନ, ଆମେ ପହଞ୍ଚୁଛୁ ।

ସୁଶିଳା କଛି ବୁଝି ପାରୁ ନଥାଏ, କଏ ଏ ଲୋକ ଚିହ୍ନା ସ୍ୱର ଜଣାପଡୁ ନାହିଁ, ଗୋଟେ ଅଡୁଆ ସୂତାର ଖିଅ ବାହାର କରିବା ପାଇଁ ତା ମୁଣ୍ଡ ଚକର କାଟୁଥିଲା, ସିଏ ଯିଏ ହେଉ ଏ ସମୟରେ ବାପାଙ୍କ ପାଇଁ କହାତି ସହଯୋଗ ଦରକାର ।

ହଠାତ ଦାଣ୍ଡ ଦୁଆରରେ ଅଟୋ ଷ୍ଟାର୍ଟ ବନ୍ଦହେବାର ଶବ୍ଦ ଶୁଭିଲା, ସୁଶିଳା ବାହାରକୁ ଯାଇ ଦେଖିଲା, କେତେ ଜଣ ଅଚିହ୍ନା ଭଦ୍ରଲୋକ ଆସିଛନ୍ତୁ, ସେ ଗୋଟିଏ ଅଜ୍ଞାତ ସୂଚକ ପ୍ରଶ୍ନବାଚକ ଭିତରେ ଅଟକ ଯାଇଥିଲା କଛି ମୂହୁର୍ତ୍ତ ପାଇଁ ।

ଏଇଟା ସୁବାଷ ବାବୁଙ୍କ ଘର ତ ?

ହଁ

କଣ ହୋଇଛି ସୁବାଷ ବାବୁଙ୍କର ?

ଅଜାଣତରେ ଦୁଇ ଟୋପା ଲୁହ ସୁଶୀଳା ଆଖିରୁ ଝରି ପଡ଼ିବା ଭିତରେ ସେ ବାପାଙ୍କ ଶଯ୍ୟା ପାଖକୁ ଅଜଣା ଅତିଥିଙ୍କୁ ଆଡ଼େଇ ନେଲା ।

ସେତେ ବେଳକୁ ସୁବାଷ ବାବୁ ସଂଜ୍ଞାହୀନ ହୋଇ ସାରିଥାନ୍ତି ।

ସୁବାଷ ବାବୁ.....

ଆଉ ବିଳମ୍ବ ନକରି ଆସିଥିବା ଅତିଥି ଓ ସୁଶୀଳା ସୁବାଷ ବାବୁଙ୍କୁ ଧରାଧରି କରି ଅଟୋ ଉପରକୁ ନେଇଗଲେ । ଜଣେ ବୟସ୍କ ଲୋକ ସୁଶିଳା ମୁଣ୍ଡରେ ହାତ ମାରି କହିଲା- ମା' ତୁ ଚନ୍ତା କରନା, ତୋ ବାପାର କଛି ଅସୁବିଧା ହେବନ ।

ISSN NO.
2582-208X

ମା କୁଆଡ଼େ ଗଲେ ?

ବଜାରକୁ ଯାଇଛନ୍ତି ।

ହଉ ଘର ଚ୍ଛାବି ପକା, ଚ୍ଛାଲ ତୋ ବାପାଙ୍କୁ ଡ଼ାକ୍ତରଖାନା କୁ ନେଇକ ଯିବା ।

ଗାଡ଼ି ଷ୍ଟାଟ ହେଉ ହେଉ ଅଂଜନା ଆସି ହାଜର ହୋଇଗଲେ, ମୁଖ ମଣ୍ଡଳ ଗମ୍ଭୀର ଥିଲା, ସାଥିରେ ସ୍କୁଟି ନଥିଲା, ବୋଧେ କାହା ସହ ଲିପ୍ଟ ରେ ଆସିଥିଲେ ।

ସୁଶୀଳା ... ସୁଶୀଳା ...ବାପା କାହାନ୍ତି, ମୁଁ ଅଟୋ ବାଲାକୁ କହିଛି ସେ ଆସୁଥିବ, ଏମାନେ କଏ ?

ଏକା ଲୟରେ ସବୁ କଥା ମା'ଙ୍କୁ କହିଗଲା ସୁଶିଳା। ଅନ୍ୟ ଅଟୋଟିକୁ ଅପେକ୍ଷା ନକରି ସମସ୍ତେ ଏକା ସାଙ୍ଗର ସେଥିରେ ଡ଼ାକ୍ତରଖାନା ଅଭିମୁଖେ ଚ଼ାଲିଲେ ।

ସାଙ୍ଗେ ସାଙ୍ଗେ ଆଡ଼ମିସନ କରିଦେଇ ଡ଼ାକ୍ତର ଖାନାରେ ଡ଼ାକ୍ତର ବାବୁ କହିଲେ ଆଉ କଛି ସମୟ ବିଳମ୍ବ କରିଥିଲେ ଲୋକଟି ବଂଚ଼ିନଥାନ୍ତା। ।

ଚକତ୍ସା ଆରମ୍ଭ ହୋଇଗଲା ସଂଧା ସୁଦ୍ଧା ହୋସ ଫେରିଲା ଆସ୍ତେ ଆସ୍ତେ ସୁସ୍ଥ ହେଲେ ସୁବାଷ ବାବୁ। ଲୋକଙ୍କ ଚହ୍ନିବାକୁ ଚେଷ୍ଟା କଲେ ସେ। ଅଚ଼ିହ୍ନା ନୁହେଁ ଥରେ ଏମାନେ ଆସିଥିଲେ, ସେଦିନ ସୁଶୀଳା ନଥିଲା କଲେଜ ଯାଇଥିଲା ସାର୍ଟିଫିକେଟ ଆଣିବା ପାଇଁ । ଅଂଜନା ବ୍ଲକ ଅଫିସ ଯାଇଥିଲେ ସଂଘ କାର୍ଯ୍ୟରେ। ବାହାଘର ପାଇଁ ଅନେକ ଥର ଫୋନ କରିଥିଲେ । ନରବ ରହିଥିଲେ ସୁବାଷ ଆଜି ଏ ସମୟରେ ଡ଼ାକ୍ତରଖାନାରେ। ବିଛଣାରୁ ଥାଇ ହାତ ଯୋଡ଼ିବା ମୁଦ୍ରାରେ ନମସ୍କାର କଲେ ସୁବାଷ ବାବୁ ।

କଛି ଅସୁବିଧା ହେବନ, ଆମେ ପହଞ୍ଚି ଯାଇଛୁ ନା ।

ସୁବାଷ ବାବୁ ଅଂଜନାଙ୍କୁ ସବୁ କଥା କହିଲେ ଅଜଂନା ବି ନମସ୍କାର କଲେ ଭଦ୍ରବ୍ୟକ୍ତି ମାନଙ୍କୁ ।

ISSN NO.
2582-208X

ସୁବାଷ ବାବୁ ସୁସ୍ଥ ହୋଇ ଯିବାର ଦେଖି ଡ଼ାକ୍ତର ବି କିଛି ଔଷଧ ଲେଖି ଡ଼ିସଚ୍ାର୍ଜ ଅର୍ଡ଼ର ଲେଖି ଦେଲେ । ସେହି ଅଟୋରେ ସମସ୍ତେ ଘର ମୁହାଁ ହେଲେ ।

ଅନ୍ଧାର ହୋଇ ଆସିଲାଣି, ଚ୍ାରି ଆଡ଼େ ଷ୍ଟ୍ରିଟ ଲାଇଟର ଆଲୋକ ମାଳାରେ ସହର ଝଲମଲ ହେଉଥାଏ, ସୁଶୀଳା କପାଳରେ କିନ୍ତୁ ଗୋଟିଏ ପ୍ରଶ୍ନବାଚୀର ରେଖା ଚିହ୍ନ ସ୍ପଷ୍ଟ ବାରି ହୋଇ ପଡୁଥାଏ । ଗାଡ଼ି ଘରେ ପହଞ୍ଚିଲା । ସମସ୍ତେ ଘରକୁ ପ୍ରବେଶ କଲେ, ସମସ୍ତଙ୍କ ପାଇଁ ଗ୍ହା କରି ଆଣିବାକୁ ସୁଶୀଳାକୁ ଅଂଜନା କହିଲେ ।

ସୁଶୀଳା ଭିତରକୁ ଗ୍ଲିଗଲା ।

ସୁବାଷ ବାବୁ ଭଦ୍ରବ୍ୟକ୍ତିଙ୍କ ହାତ ଧରି ଭେ ଭେ ହୋଇ କାନ୍ଦି ପକାଇଲେ, ଆପଣ ନ ଆସିଥିଲେ ହୁଏତେ ମୁଁ ବଂଚ଼ି ନଥାନ୍ତି ।

ଏମିତି କହନ୍ତୁ ନାହିଁ, ଆପଣଙ୍କୁ ବାରମ୍ବାର ଫୋନ କରି ଉତ୍ତର ନ ପାଇବାରୁ ବାଧ୍ୟ ହୋଇ ଅଟୋ ଧରି ବାହାରି ପଡ଼ିଲୁ । ବଜାର ପାଖା ପାଖି ହେବା ପରେ ମୁଁ ଫୋନ କଲି । ଝିଅ ଫୋନ ଧରି ସବୁ କଥା କହିବାରୁ ଆମେ ବ୍ୟସ୍ତ ହୋଇ ମନସ୍ତ କଲୁ ଆପଣଙ୍କୁ ଡ଼ାକ୍ତର ଦେଖାଇବୁ ବୋଲି, ପରେ ଅନ୍ୟ କଥା। ଭଦ୍ରବ୍ୟକ୍ତିଙ୍କ ମୁହଁରୁ ଏକଥା ଶୁଣି ଅଂଜନାଙ୍କର ଆଖି ଛଳ ଛଳ ହୋଇଗଲା, ସେ କହିଲେ ଦେଖନ୍ତୁ ଆମେ ଗୃପରେ ଦାଇତ୍ୱ ନେଲୁ ବୋଲି ମୁଣ୍ଡ ବିକି ଦେଇନାହୁଁ । ସ୍ୱାମୀଙ୍କ ଠାରୁ ତୁମ ମିଟିଂ ବଡ଼ ନୁହେଁ, ବ୍ଲକ ଅଫିସ ଯାଇ ଚ୍ରେକ ଠୋକ ଝାଡ଼ି ଦେଲି ଅଫିସରଙ୍କୁ । ସ୍କୁଟି ଫୁଟି ଫିଙ୍ଗି ଆସୁଥିଲି, ଗାଁ ପିଲାଟିଏ ଗାଁକୁ ଆସୁଥିଲା, ଅଟୋ ଟିଏ ଠିକ କରି ତା ସହିତ ଆସି ପହଞ୍ଚିଲା ବେଳକୁ ତ ଆପଣ ମାନେ ଆସି ପହଞ୍ଚି ଯାଇଛନ୍ତି ।

ଯା ହେଉ ଭଗବାନ ଆପଣଙ୍କୁ ବନ୍ଧୁ ନୁହେଁ ଦେବଦୂତ କରି ପଠାଇଲେ ମୋ ସଂସାରକୁ ବଂଚ୍ାଇବା ପାଇଁ ।

-ଠିକ ଅଛି ଏବେ ମୋ କଥା ଶୁଣିବେ ତ? ଭଦ୍ରବ୍ୟକ୍ତି ଜଣକ କହିଲେ ।

-ହଁ କୁହନ୍ତୁ ସୁବାଷ ବାବୁ କହିଲେ ।

ISSN NO.
2582-208X

ଆଜି ଠାରୁ ତୁମ ଝିଅକୁ ଆମର ବୋହୂ ବୋଲି ସ୍ୱୀକୃତି ଦିଅନ୍ତୁ, ଟଙ୍କାଟିଏ ଖର୍ଚ୍ଚ କରିବେନ, ମୁଁ ସବୁ ଖର୍ଚ୍ଚ କରି ଆମ ବୋହୂକୁ ନେଇଯିବି ।

ମୋ ପୁଅ ରେକଠୋକ କହି ଦେଇଛି, ବାପା ଡାଉରୀ କୁ ନାଁ ।

ଅପ୍ରତ୍ୟାଶିତ ଭାବରେ ଏପରି କଥା ପୁଅଘର ତରଫରୁ ଶୁଣିବେ ବୋଲି ଆଶା କରି ନଥିଲେ ସେମାନେ । ସ୍ୱାମୀ ସ୍ତ୍ରୀ ଏକ ସ୍ୱରରେ ହଉ ବୋଲି କହିଲେ, ଏହି ସମୟର ସୁଶିଳା ଗ୍ଲାସ ଧରି ପ୍ରବେଶ କରୁଥିଲା ହଠାତ କଟି ଯାଇଥିବା ବିଜୁଳି ଆଲୁଅ ଆସିଲା, ଘରଟିରେ ଏକ ଚମକ ଭରିଗଲା ପରି ଲାଗିଲା, ସୁଶିଳା ସମସ୍ତଙ୍କ ଉଦ୍ଦେଶ୍ୟ ଗ୍ଲାସ ଦେଇ ମୁଣ୍ଡିଆ ମାରି ମୁରୁକ ହସି ସେଠାରୁ ପ୍ରସ୍ଥାନ କଲା ।

ସଂପାଦକ, ଜାତୀୟ କବି ଲେଖକ ସଂଗଠନ
ବାସୁଦେବପୁର, ଭଦ୍ରକ, ଓଡ଼ିଶା-୭୫୬୧୨୫
ଭ୍ରାମ୍ୟ ଭାଷ:-୭୬୮୩୯୨୦୨୨୨

ISSN NO.
2582-208X

# ସପ୍ତଶଯ୍ୟା ଶୋଭାର ଭଣ୍ଡାର



ଅଭୟ କୁଣ୍ଡ

ମାତୃଭୂମି ଉତ୍କଳ ଉନ୍ନତ କଳାର ଦେଶ । ତା'ର ଶିଳ୍ପୀଗଣ ଯେ କଳା କୋଣାର୍କ ସୃଷ୍ଟି କରିଛନ୍ତି ତା ନୁହେଁ ଉତ୍କଳ ଜନନୀ ନିଜେ ପ୍ରାକୃତିକ ଭାବେ କଳାର ଭଣ୍ଡାର ସୃଷ୍ଟି କରିଛନ୍ତି । ନଦ ନଦୀ ପାହାଡ଼ ପର୍ବତ ସବୁଜ ବନାନୀ ଶସ୍ୟକ୍ଷେତ୍ର ଏବଂ ଫୁଲଫଳ ବିମଣ୍ଡିତ ଶୋଭା ରାଜି ପୂର୍ଣ୍ଣ ଉତ୍କଳ ଜନନୀ । ଦକ୍ଷିଣ ପୂର୍ବରେ ନୀଳ ଜଳରାଶି ପୂର୍ଣ୍ଣ ସମୁଦ୍ର ଓ ତାର ତଟ ବର୍ତ୍ତୀ ନୀଳାମ୍ବୁ ଚିଲିକା ମହାନଦୀ କୂଳରେ ଅଂଶୁପା ହ୍ରଦ ଦର୍ପଣ ପରି ଉତ୍କଳର ସୌନ୍ଦର୍ଯ୍ୟକୁ ପ୍ରତିବିମ୍ବିତ କରେ। କବି ଭାବୁକ ମାନଙ୍କୁ ବାଧ୍ୟ କରେ ସାହିତ୍ୟ ସୃଷ୍ଟି କରିବାକୁ ।

ସେହିପରି ଏକ ଘନ ବାନରାଜି ପୂର୍ଣ୍ଣ ପାହାଡ଼ ଯାହାର ନାମ ସପ୍ତଶଯ୍ୟା । ଢେଙ୍କାନାଳ ସହର ଠାରୁ ମାତ୍ର ୧୦ କିଲୋମିଟର ଦୂର ପଶ୍ଚିମ ଦିଗରେ ସପ୍ତଶଯ୍ୟା ଅବସ୍ଥିତ । ତା'ର ଦକ୍ଷିଣରେ ଆଠଗଡ଼, ପଶ୍ଚିମରେ ହିନ୍ଦୋଳ ଓ ଉତ୍ତରରେ ଓଡ଼ପଡ଼ା । ସପ୍ତଶଯ୍ୟା ଛୋଟ ବଡ଼ ଅନେକ ପାହାଡ଼ର ସମନ୍ୱୟ କିନ୍ତୁ ସେଥିରେ ସାତଟି ପାହାଡ଼ର ମିଳନ ବଡ଼ ଆଶ୍ଚର୍ଯ୍ୟ ଭାବରେ ହୋଇଛି । ଏହି ସାତଟି ପାହାଡକୁ ଗୋଟିଏରେ ପରିଣତ କରିଛି ପ୍ରକୃତି । ସୁନ୍ଦର ଭାବରେ ପ୍ରକୃତି ଦେବୀ ସଜାଇ ଦେଇଛନ୍ତି ନିଜ ହାତରେ ଏଇ ପାହାଡକୁ । ସତେ ଯେପରି ଜଣେ ଜଟା ଜୁଟଧାରୀ ସନ୍ୟାସୀ ଧ୍ୟାନ ମଗ୍ନ ମୁଦ୍ରାରେ ଏବଂ ତାଙ୍କ ଜଟାରୁ କଳକଳ ନାଦରେ ଝରିପଡୁଛି ଝରଣାଟିଏ ନିମ୍ନକୁ । ପାହାଡ଼ ମାନଙ୍କ ମଧ୍ୟରେ ସାମାନ୍ୟ ବ୍ୟବଧାନ ଅଛି ଯାହାକୁ ପ୍ରକୃତି ତାର ଶ୍ୟାମଳ ଶାଢ଼ୀରେ ଲମ୍ବେଇ ଦେଇ ଯୋଡ଼ି ଦେଇଛି ବନ୍ଧୁତା ବନ୍ଧନରେ । ସାତଟି ପାହାଡ଼ର ସମାବେଶ ଯୋଗୁଁ ତାହାର ନାମ ସପ୍ତଶଯ୍ୟା ହୋଇନାହିଁ

ISSN NO.
2582-208X

ବରଂ ପାହାଡ଼ ମଧ୍ୟରେ ଥିବା ଉପତ୍ୟାକାକୁ ଶଯ୍ୟା କୁହାଯାଏ । ଏଥିପାଇଁ ସପ୍ତଶଯ୍ୟା ନାମକରଣ କରାଯାଇଛି । ଲୋକକଥା ମତେ ପାଣ୍ଡବମାନେ ଅଜ୍ଞାତ ବାସ ସମୟରେ ମାତା କୁନ୍ତିଙ୍କ ସହ ଏଠାରେ ଆତ୍ମଗୋପନ କରିଥିଲେ ଓ ସାତଟି ସମତଳ ବଡ଼ ପଥର ଉପରେ ଶଯ୍ୟା ପ୍ରସ୍ତୁତ କରିଥିଲେ । ପାହାଡ଼ର ଉପରି ଭାଗରେ ଏବେ ମଧ୍ୟ ସେହି ସମତଳ ସାତଟି ପଥର ଲଗାଲଗି ହୋଇ ଅଛି । ତେଣୁ ସାତଟି ଶଯ୍ୟାକୁ ନେଇ ସପ୍ତଶଯ୍ୟା ନାମକରଣ କରାଯାଇଛି ବୋଲି ଲୋକକଥା ଶୁଣାଯାଏ ।

ପାହାଡ଼ଟି ବହୁ ମୂଲ୍ୟବାନ ବୃକ୍ଷରେ ପୂର୍ଣ୍ଣ ଯଥା ଶାଳ, ପିଆଶାଳ, କେନ୍ଦୁ, ମହୁଲ, ଅସନ, କୁସୁମ, ଶିଶୁ, ଶାଗୁଆନ, ଆମ୍ବ, ପଣସ, ତେନ୍ତୁଳି ଗଛରେ ପୂର୍ଣ୍ଣ ।ଜଙ୍ଗଲ ଏତେ ଘଞ୍ଚ ଯେ ସୂର୍ଯ୍ୟାଲୋକ ଏଠାରେ ପଡେନାହିଁ । ସର୍ବଦା ପରିବେଶ ଥଣ୍ଡା ରହେ । ସରୁ ଝରଣାଟି ପାହାଡ଼ ଶୀର୍ଷରେ ବର୍ଷସାରା ବହୁଥାଏ । ଝରଣାଟି ପାହାଡ଼ ନିମ୍ନରେ ସାପୁଆ ନଦୀରେ ବଡ଼ଗିଲା ସଦେଇବେରେଣି ଗ୍ରାମ ନିକଟରେ ମିଶିଛି । ଝରଣାର ପାଣି ବ୍ୟବହାର କରି ସେହି ଅଞ୍ଚଳର ଲୋକମାନେ ଧାନ ଓ ପନିପରିବା ଚାଷ କରନ୍ତି ଓ ଲୋକମାନଙ୍କର ଜଳାଭାବ କିଛି ମାତ୍ରାରେ ଦୂର ହୋଇଥାଏ। ଲୋକେ ଜଙ୍ଗଲରୁ ଜଙ୍ଗଲ ଜାତ ଝୁଣା, ମହୁ, କାଠ ଓ ବିଭିନ୍ନ ଫୁଲ ଫଳ ସଂଗ୍ରହ କରନ୍ତି । ପୂର୍ବେ ଜଙ୍ଗଲରେ ହିଂସ୍ର ଜନ୍ତୁ ଯଥା ବାଘ, ଭାଲୁ, ହାତୀ, ବାରହା, ବଡ଼ ବଡ଼ ସାପ, ମୃଗ, ସମ୍ବର ଓ କୁଟୁରା ବହୁ ସଂଖ୍ୟାରେ ଥିଲେ। ଏବେ ଭାଲୁ, ବାରହା, କୁଟୁରା, ବିଲୁଆ ଓ ଧାନ ପାଚିବା ସମୟରେ ହାତୀ ଆସୁଛନ୍ତି ।ବହୁ ଜାତିର ପକ୍ଷୀ ଏଠାରେ ଦେଖାଯାଉଥିଲେ ଏବେ ସେମାନଙ୍କ ସଂଖ୍ୟା ବହୁତ କମ୍ । ମୟୂର, ପେଚା, ବଗ, ଗେଣ୍ଡଳିଆ, କୁମ୍ଭାଟୁଆ, ଶୁଆ ଓ ଶାରୀ ଦେଖାଯାଉଛନ୍ତି ।

ଅନେକ ବର୍ଷ ପୂର୍ବେ ପାହାଡ଼ର ମଧ୍ୟ ଭାଗରେ କେତେଗୁଡ଼ିଏ ମଠ ପ୍ରତିଷ୍ଠା ହୋଇଥିଲା ଓ ସନ୍ୟାସୀ ସାଧୁମାନେ ସେଠାରେ ରହୁଥିଲେ । ଲୋକେ କୁହନ୍ତି ହିଂସ୍ର ଜନ୍ତୁମାନେ ମଠର କିଛି କ୍ଷତି କରନ୍ତି ନାହିଁ । ବର୍ତମାନ ସେହି ମଠ ନିକଟରେ ପ୍ରଭୁ ରାମଙ୍କର ମନ୍ଦିର ପ୍ରତିଷ୍ଠା ହୋଇଛି ଓ ରୀତି ନୀତି ଅନୁସାରେ ପୂଜାପର୍ବ ପାଳନ ହେଉଛି । ସୁରମ୍ୟ ପରିବେଶ ଦୃଷ୍ଟିରୁ ନଭେମ୍ବର ମାସରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଏଠାକୁ ବହୁ ଦୂରଦୂରାନ୍ତର ଲୋକମାନେ ଭ୍ରମଣ ତଥା ବଣଭୋଜି କରିବାକୁ ଆସନ୍ତି ଓ ପ୍ରକୃତିର ମଜା ନିଅନ୍ତି ।

ISSN NO.
2582-208X

ବର୍ଷା ଋତୁରେ ସପ୍ତଶଯ୍ୟାର ମନୋରମ ଦୃଶ୍ୟ ଦର୍ଶକଙ୍କୁ କିଛି କ୍ଷଣ ନିଶ୍ଚିନ୍ତ ଭାବରେ ବାନ୍ଧି ରଖେ । ଭସା ବାଦଲ ଉଚ୍ଚ ପାହାଡ଼ର ବୃକ୍ଷମାନଙ୍କୁ ଭସାଇ ନେଲା ପରି ଭ୍ରମ ସୃଷ୍ଟି କରେ । ବର୍ଷା ବିଜୁଳି ଓ ଇନ୍ଦ୍ରଧନୁର ଦୃଶ୍ୟ ସବୁଜିମା ଭରା ଜଙ୍ଗଲକୁ ଅତ୍ୟନ୍ତ ଆକର୍ଷଣୀୟ କରିଥାଏ । ମେଘ ଖଣ୍ଡ ଦେଖି ଜଙ୍ଗଲରେ ଥିବା ମୟୂରମାନେ ନୃତ୍ୟ କରନ୍ତି ଝରଣାର କୁଳୁକୁଳୁ ଶବ୍ଦ ସହ ତାଳ ଦେଇ ।ବସନ୍ତ ଋତୁରେ ନବପଲ୍ଲବରେ ବିମଣ୍ଡିତ ହୁଏ ବୃକ୍ଷରାଜି। ପଳାଶ, ଆମ୍ବ, ଶାଳ ଫୁଲ ଫୁଟି ଜଙ୍ଗଲକୁ ସୁବାସିତ ମହକରେ ଭରିଦିଏ ।ପ୍ରତି ଲତା କୁଞ୍ଜରେ ଫୁଲ ଫୁଟି ଅପୂର୍ବ ଶୋଭା ପ୍ରକାଶ ହୁଏ ।

ଶିଖର ପ୍ରଦେଶରୁ ଚତୁଃପାର୍ଶ୍ୱର ଶୋଭା ଯିଏ ଦେଖିଛି ସାରା ଜୀବନ ଭୁଲି ପାରିବା ନାହିଁ । ଏହା କପିଳାସ ପରି ତୀର୍ଥ କ୍ଷେତ୍ର ନୁହେଁ ମାତ୍ର ପ୍ରକୃତିରୂପିଣୀ ମହାଶକ୍ତି ର ଅଧିଷ୍ଠାନ ସ୍ଥଳ ଏ କ୍ଷେତ୍ର ଏ ବନ ପ୍ରଦେଶ । ଅସଂଖ୍ୟ ଜୀବନ୍ତ ଦାରୁବ୍ରହ୍ମ ଏଠାରେ ବିଦ୍ୟମାନ । ମଥା ଆପେ ଆପେ ନତ ହୁଏ ପ୍ରକୃତି ନିକଟରେ । ପାହାଡ଼ ତଳେ ମଠ ପ୍ରତିଷ୍ଠା ହୋଇଛି ପାନ୍ଥ ନିବାସ ଅଛି । ମନ୍ଦିର ପର୍ଯ୍ୟନ୍ତ ସୁନ୍ଦର ରାସ୍ତା ପାବଛ ବ୍ୟବସ୍ଥା ଅଛି । ତଥାପି ସରକାରଙ୍କ ତରଫରୁ ଏହାକୁ ଅଧିକ ଆକର୍ଷଣୀୟ କରାଯିବା ଉଚିତ୍ । ଯଥା ଏକ ବଡ଼ ଜଳାଶୟ ଖୋଳାଯାଇ ନୌ ବିହାରର ବ୍ୟବସ୍ଥା ତଥା ସୌନ୍ଦର୍ଯ୍ୟକରଣ କରାଯାଇ ପାରନ୍ତା । ଏପରିକି ବନ ବିଭାଗ ତରଫରୁ ମୟୂରମାନଙ୍କ ପାଇଁ ସ୍ୱତନ୍ତ୍ର ପାଳନ ବ୍ୟବସ୍ଥା କରାଗଲେ ପର୍ଯ୍ୟଟକଙ୍କୁ ବର୍ଷତମାମ ଆକର୍ଷଣ କରନ୍ତା ଏ କ୍ଷେତ୍ର । "ସୁନ୍ଦର ତୃପ୍ତିର ଅବସାଦ ନାହିଁ ---" ଏ ଉକ୍ତିର ସତ୍ୟତା ପ୍ରମାଣିତ ହୁଅନ୍ତା ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ଅନୁଗୋଳ

ISSN NO.
2582-208X

# ବର୍ଷା



ଆକୁଳାନନ୍ଦ ପୃଷ୍ଟି

ବର୍ଷା, ତୁମେ ଆସିବ ବୋଲି
ଗୃତକ ଠୁ ମୟୂର
ପଶୁ ଠୁ ପାଦପ ସମସ୍ତେ ତୁମ
ଅପେକ୍ଷାରେ ।

ଆକାଶରେ ଆସିବ
ରୌଦ୍ର ତାପ ନାଶିବ
ଅଗଣାରୁ ଆକାଶ ଭିଜେଇଦେବ
ତୁମର ପ୍ରଥମ ଛୁଆଁ ରେ

ବୃକ୍ଷରୁ ଭାଙ୍ଗିବ ଡାଳ
ଉଡ଼ାଇ ନେବ ଗୃଳ
ଫସଲ ଉଜାଡି ଦେବ
ସୁଖ ଦେବା ଆଗରୁ ଦୁଃଖ ଦେବ
ଚେତେଇ ଦେବ
କଷ୍ଟ ବିନା କୃଷ୍ଣ ଅସମ୍ଭବ ।

ISSN NO.
2582-208X

ବର୍ଷା ବିଜୁଳର ତାଣ୍ଡବ
ଟାଙ୍ଗର୍ ଭୂଇଁ ରେ ସବୁଜିମା ଭରିଯିବ
ସାଧବ ବୋହୂ ଗ୍ଳୁଥିବ
ଝଡି ବଢ଼ିବ
ଝଡିପୋକ ଉଡ଼ିବ
ମାତ୍ର କଛି କ୍ଷଣ ପାଇଁ
ପ୍ରାଣ ପକ୍ଷୀ ଉଡ଼ିଯିବ , ଚେତେଇଦେବ
ଜୀବନଟା ନୁହେଁ ଚରସ୍ଥାୟୀ ।

କଦମ୍ବ ଫୁଟିବ ମୟୂର ନାଚବ
ଗ୍ଚତକର ତୃଷ୍ଣା ମେଣ୍ଟିବ
ଆକାଶରେ ଛାଇ ଆଲୁଅର ଖେଳ
ନଦୀରେ ଆସିବ ବନ୍ୟା
ଗ୍ଚରିଆଡେ ଜଳ ଆଉ ଜଳ
ଜଳର ପ୍ଲାବନ ଜୀବନ ବିପନ୍ନ
ବେଙ୍ଗ କହେ ବେଙ୍ଗୁଲି କ
ପୃଥ୍ୱି କ୍ଷଣ କ୍ଷଣକେ ଆନ ।

ସାତ ରଙ୍ଗର ଇନ୍ଦ୍ରଧନୁ
ଆହା କେଡେ ମନଲୋଭ୍ୱା
ଯିଏ ଦେଖିବ ସିଏ ଗ୍ଚହିଁବ
ବୃଦ୍ଧ ହେଉ କ ଯୁବା ।
କ୍ଷଣପ୍ରଭ୍ୱା ପରି ଚମକ ଉଠି ସେ

ISSN NO.
2582-208X

କ୍ଷଣ ପରେ ଯିବ ଗୃଳି
ଜୀବନ ଅଳକ
ଯୌବନ କ୍ଷଣିକ
ମଣିଷ ଯାଉଛି ଭୁଲି ।

ସମୟଟା ବଡ଼ ବଳବାନ
ପ୍ରବେଶ ଅର୍ଥ
ନିଶ୍ଚିତ ପ୍ରସ୍ଥାନ
କାଳ ଅଟେ ବଡ଼ ଅବିଶ୍ୱାସୀ
ତା ସ୍ରୋତରେ ବର୍ଷା ଯିବ ଭସି
ଆଉ ମଣିଷ ବି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଟକ
ମୋ -9437864562

ISSN NO.
2582-208X

# କବି ନୁହେଁ କେବେ ହୀନ



ଅଜୟ କୁମାର ରାଉତ

ସାହିତ୍ୟକ ଟିଏ ଚାହେଁ ନାହିଁ କେବେ
ଉଚ୍ଚ ପଦବୀ କି ଧନ
ସମାଜ ଆଗରେ ଲୋଡା ଖାଲି ଟିକେ,
ମାନ ଆଉ ସନମାନ ।
ଜୀବନ ତାହାର ଚୋରାବାଲି ବୋଲି,
କିଏ ବା ଜାଣିଛି ଏଠି,
ଲୋକେ ଜାଣନ୍ତିକି ତା ପରିଶ୍ରମକୁ
ଭାବନ୍ତି ତାହାକୁ ବେଠି ।
ସୁନା ନୁହେଁ ରୂପା ବି ନୁହଁରେ,
ଶାରଳାଙ୍କ ତାହା ଦାନ
ସବୁଠାରୁ ଶ୍ରେଷ୍ଠ ମୂଲ୍ୟବାନ ସିଏ
ଦେବ କେ ତାହାର ମାନ ।
ପ୍ରକୃତି ରୁ ସୃଷ୍ଟି ପାରିଜାତେ ସିଏ
ସ୍ୱର୍ଗରୁ ଆସିଛି ଝଡି
ପ୍ରେମ ବିରହକୁ ଏକାଠି କରାଏ
ଗୋଲାପର ପ୍ରୀତି କଢି ।
ସାହିତ୍ୟକ ଟିଏ ପ୍ରେମିକ ହୋଇଲେ
କବିତା ଅଟେ ପ୍ରେୟସୀ

ISSN NO.
2582-208X

ଦୁହିଁଙ୍କ ପାଇଁ ଯେ ବେନିଙ୍କର ଜନ୍ମ
ସମାଜ ଥାଏ ସେ ଭରସି ।
କବିର ମନରେ ଦୁଃଖ ନାହିଁ ବୋଲି
ଦୁନିଆ ଲୋକ କୁହନ୍ତି
ପାନରୁ ଟିକିଏ ଚୁନ ଖସିଗଲେ
ସମ୍ମୁଖେ ଆସି ହସନ୍ତି ।
ଲଜ୍ଜ୍ୟା ଯଦି ଅଟେ ନାରୀର ଭୂଷଣ
କବିର ଭୂଷଣ ଦାନ
ଦାନ କରି ସିଏ ଦୁନିଆ ଆଗରେ
ହୋଇଛି ଆଜି ମହାନ ।
ସଳିତା ପରେ ସେ ନିଜେ ଜଳିଯାଇ
ସଭିଁଙ୍କୁ ଦିଏ ଆଲୋକ
ତାଙ୍କ ସମ୍ମାନକୁ ନ ପକାଅ ତଳେ
ରହିବ ଜାତିର ଟେକ ।
ସଦା ରହିବ ଜାତିର ଟେକ ।
କବିଟିଏ ଦୁଃଖ କଷ୍ଟ ସହ୍ୟ କରି
ସମାଜକୁ ଭଲ ବାର୍ତ୍ତା ବହନ କରାନ୍ତି
କବିଟିଏ କେବେ ପରିପ୍ରକାଶ କରିପାରେନା
ତାର ଅନ୍ତରର ବେଦନା ।
ନୀରବତା ଅଟେ ପ୍ରକୃତ ଉତ୍ତର
କ୍ରୁରତା କି ପ୍ରୟୋଜନ
ଉଚିତ ସମ୍ମାନ ଦିଅ ହେ ସମାଜ
କବି ନୁହେଁ କେବେ ହୀନ ॥

ଆଇନଜୀବୀ, କଟକ

ISSN NO.
2582-208X

# ସେ ଓ ମୁଁ



ଜନ୍ମଜୟ ନାୟକ

ସେ ପୁନେଇଁ ଚାନ୍ଦର ହସ
ମୁଁ ବିରହର ଧାରେ ଲୁହ ,
ସେ ମାୟାବିନୀ ମଧୁମିତା
ମୁଁ ଅସରା ଅଦେଖା କୋହ ।

ସେ କୁହୁକିନୀ ପାରିଜାତ
ମୁଁ ପରାଜିତ ପ୍ରଜାପତି ,
ସେ ବେଇମାନୀର ବିଗୁଲ୍
ମୁଁ ବେସୁରା ଜୀବନ ଗୀତି ।

ସେ ମିଛେଇ ମରୀଚିକା
ମୁଁ ବିଦଗ୍ଧ ପ୍ରେମିକ ମନ,
ସେ ଛଳନାର ଛବିବହି
ମୁଁ ପବିତ୍ର ପାଠକ ପ୍ରାଣ ।

ISSN NO.
2582-208X

ସେ ମନଜିଣା ମାୟାଜାଲ
ମୁଁ କ୍ଷତାକ୍ତ ହୃଦୟ ଗୀତ,
ସେ ରସମୟୀ ରଙ୍ଗଲତା
ମୁଁ ରଙ୍ଗହୀନ ରିକ୍ତ ରାତି ।

ସେ ରୋଷଣୀ ଭିଡେ ବିଭୋର
ମୁଁ ନୀରବ ନଗରଟିଏ,
ସେ ପ୍ରତାରଣାର ଆକାଶ
ମୁଁ ପ୍ରେମର କପୋତଟିଏ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ବୃଦ୍ଧା ବାପା ଙ୍କ ମନ କଥା..



ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ମୁଁ ହେଲି ବୃଦ୍ଧା ବାପା..

ଯିଏ ତାର ଯୌବନ ବୟସ ରେ ନିଜ ପରିବାର ର ବୋଝ ନିଜ କାନ୍ଧରେ ଉଠାଉଥିଲି। ଦୁଃଖ, କଷ୍ଟ ଆଉ ଦେହ ର ଯନ୍ତ୍ରଣା କୁ ଛାତି ତଳେ ଚାପ ଦେଇଥିଲି ନିଜ ପରିବାର ର ଖୁସି ଆଗରେ। ବହୁତ କିଛି କରିଛି ମୁଁ ମୋ ପରିବାର ପାଇଁ। ଯାହା ଭାଷା ନାହିଁ କହିବାକୁ ମୋ ପାଖରେ। ପୁଅ, ଝିଅ କୁ ପାଠ ପଢେଇ ତାଙ୍କ ସୁନ୍ଦର ଭବିଷ୍ୟତ ପାଇଁ। ଘର କଲି, ଜମି, ବାଡ଼ି କଲି। ଯେମିତି ତାଙ୍କ ଭବିଷ୍ୟତ ରେ ଅସୁବିଧା ହେବନି ବୋଲି।

ପିଲା ପରିବାର ର ଅଳି ଦଳି ସବୁ ସହୁଥିଲି। ସେ ଅବାଟକୁ ଗଲେ ତାଙ୍କୁ ମୁଁ ବାଟ ଦେଖାଉ ଥିଲି।.. ହେଲେ ଆଉ ସେ ଦିନ ନାହିଁ। ସେ ସମୟ ସବୁ ଚାଲି ଗଲାଣି। ଏବେ ମୁଁ ବୃଦ୍ଧା.. ମୋ ଘର (ଠିକଣା) ବୃଦ୍ଧା ଆଶ୍ରମ।

ଏବେ ମୁଁ ମୋ ପୁଅ, ଝିଅ ଆଉ ପରିବାର ପାଇଁ ବୋଝ ହୋଇଗଲି। ସେଥିପାଇଁ ମୋର ଠିକଣା ବୃଦ୍ଧା ଆଶ୍ରମ।

ଶେଷରେ....

ମୋର ଏ ସମାଜ ରେ ଥିବା ପୁଅ, ଝିଅ ଙ୍କୁ ଗୋଟିଏ ପ୍ରଶ୍ନ? ବାପା, ମା ବୃଦ୍ଧା ହେଲେ ସେମାନେ କଣ ବୋଝ? ତାଙ୍କର ଜାଗା କଣ ବୃଦ୍ଧା ଆଶ୍ରମ? ପ୍ରଶ୍ନ ମୋର... ଉତ୍ତର ଆପଣଙ୍କର।

ବନ୍ଧମୁଣ୍ଡା
ଯାଜପୁର

ISSN NO.
2582-208X

# ଜୟମା ମହାଲକ୍ଷ୍ମୀ



ଅଧ୍ୟାପିକା ରେଜାଲିନ୍ ବାରିକ୍

ଶ୍ରୀଦେବୀ ପ୍ରଥମଂ ନାମ ଦ୍ୱିତୀୟଂ ଅମୃତୋଦ୍ଭବା।
ତୃତୀୟଂ କମଳା ପ୍ରୋକ୍ତା ଚତୁର୍ଥଂ ଚନ୍ଦ୍ରଶୋଭନା ॥ ୧॥

ପଞ୍ଚମଂ ବିଷ୍ଣୁପତ୍ନୀ ଚ ଷଷ୍ଠଂ ଶ୍ରୀବୈଷ୍ଣବୀ ତଥା।
ସପ୍ତମନ୍ତୁ ବରାରୋହା ଅଷ୍ଟମଂ ହରିବଲ୍ଲଭା ॥ ୨॥

ନବମଂ ଶାର୍ଙ୍ଗିଣୀ ପ୍ରୋକ୍ତା ଦଶମଂ ଦେବଦେବିକା।
ଏକାଦଶଂ ମହାଲକ୍ଷ୍ମୀଃ ଦ୍ୱାଦଶଂ ଲୋକସୁନ୍ଦରୀ ।।୩॥

ଶ୍ରୀଃ ପଦ୍ମା କମଳା ମୁକୁନ୍ଦମହିଷୀ ଲକ୍ଷ୍ମୀ ସ୍ତ୍ରିଲୋକେଶ୍ୱରୀ ମା କ୍ଷୀରାବ୍ଧିସୁତା ବିରିଞ୍ଚିଜନନୀ ବିଦ୍ୟା ସରୋଜାସନା।। ସର୍ବାଭୀଷ୍ଟଫଳଂପ୍ରଦେତି ସତତଂ ନାମାନି ଯେ ଦ୍ୱାଦଶଃ ପ୍ରାତଃ ଶୁଦ୍ଧତରାଃ ପଠନ୍ତ୍ୟଭିମତାନ୍ ସର୍ବାନ୍ ଲଭନ୍ତେ ଶୁଭାନ୍ ॥ ୪॥

ଇତି ଶ୍ରୀଲକ୍ଷ୍ମୀଦ୍ୱାଦଶନାମସ୍ତୋତ୍ରଂ

ସଂଗ୍ରାହିକା: ଅଧ୍ୟାପିକା ରେଜାଲିନ୍ ବାରିକ୍
ମହୁ, ଆଳି, କେନ୍ଦ୍ରାପଡା/ମୋ୮୯୫୪୫୦୧୧୦

ISSN NO.
2582-208X

# ହାତଘଣ୍ଟା



ଅବିନାଶ ସାହୁ

ଆରେ କ'ଣ ଏତେ ଖସ୍‌ରେ ଫାଟକ ପାଖରେ ଅଟକ ଗଲୁ, ଚ୍ଚଲ୍ ସେପଟେ ବିଳମ୍ବ ହୋଇଯିବ। ବିଳମ୍ବରେ ପହଞ୍ଚିଲେ ଆଉ ପରୀକ୍ଷା ଦେଇପାରିବୁନ ଯେ, ଆରେ ଗୋଟାଏ ଘଣ୍ଟା ମଗାଇଥିଲି ତ ତେଣୁ ସେଇଟା ନେବା ପାଇଁ ଟିକେ ଅଟକଛି।

ଘଣ୍ଟା !

କ ଘଣ୍ଟା ଦେଖା ତ ! ପାଖକୁ ଆସ୍ ଦେଖିବୁ ।

ଆରେ ସବୁ ଠିକ୍ ଅଛି ଯେ ହେଲେ ଏଇ ରଙ୍ଗ କ'ଣ ?

ଏକଦା ନବରଙ୍ଗପୁରରୁ ସୁନାବେଡ଼ା ମଟର ସାଇକେଲ୍ ଯୋଗେ ଫେରିବା ବେଳେ ଜୟପୁର ଘାଟି ଚଢ଼ିବା ପୂର୍ବରୁ ବାରେଣୀପୁଟ ପାଖରେ ହଠାତ୍ ନଜର ପଡ଼ିଲା ବାଇକ୍ ଚଳାଉଥିବା ମୋର ଏକାନ୍ତ ସହଯୋଗୀଙ୍କ ଦୁଇ ହାତ ଉପରେ। ହାତ ଦୁଇଟି ମୋତେ ଯେପରି ଖାଲି ଖାଲି ଜଣାପଡ଼ିଲା, ସେହି ହାତରେ ପୂର୍ଣ୍ଣତା ଆଣିବାକୁ ହେଲେ ଗୋଟାଏ ଅତ୍ୟାଧୁନକ ଘଣ୍ଟାଟିଏ ଦରକାର, ଯେହେତୁ ସେ ନୂଆକରି ଜିଲ୍ଲାପାଳଙ୍କ ଦପ୍ତରରେ ନଯୁକ୍ତ ପାଇଛନ୍ତ ତେଣୁ ଘଣ୍ଟାଟିଏ ଉପହାର ସ୍ୱରୂପ ଦେଲେ ଠିକ୍ ହେବ ଭାବି ସଙ୍ଗେ ସଙ୍ଗେ ମୋର ସହଯୋଗୀଙ୍କୁ ପ୍ରଶ୍ନ କଲି - ତୁମକୁ କେଉଁ ରଙ୍ଗ ପସନ୍ଦ ? ସେ ସଙ୍ଗେ ସଙ୍ଗେ ପ୍ରତ୍ୟୁତ୍ତର ଦେଲେ - କାହିଁକ ? ଉତ୍ତରରେ କହିଲି ତୁମ ପାଇଁ ଗୋଟେ ଘଣ୍ଟା ମଗାଇବି ଏହା ଶୁଣି ସେ କହିଲେ ଗୋଲପି ରଙ୍ଗ ପସନ୍ଦ।

ISSN NO.
2582-208X

କଛିଦିନ ପରେ ଗୋଲ୍‌ପି ରଙ୍ଗର ଏକ ସୁନ୍ଦର ଘଣ୍ଟା ମଗାଇଲି। ଘଣ୍ଟା ମଗାଇବାର ଗ୍ଵରିଦିନ ପରେ ଅର୍ଥାତ୍ ଶ୍ରୀରାମ ନବମୀ ଦୁଇ ଦିନ ଥାଇ ଘଣ୍ଟା ଆସି ପହଞ୍ଚିଲା ଉଦୁଉଦିଆ ଖରାବେଳେ। ସେତେବେଳେକୁ ସମୟ ପ୍ରାୟ ୨ଟା ବାଜିବାକୁ ଅଳ୍ପ ସମୟ ବାକି, ଏଣେ ସେ ଦିନ ମୋର ପରୀକ୍ଷା ଠିକ୍ ୨ଟା ବେଳେ ଥିବାରୁ ମୁଁ ଟିକେ ତରତର ହେଉଥିଲି ଛାତ୍ରବାସ ଠାରୁ ପରୀକ୍ଷା ପ୍ରକୋଷ୍ଠ ପ୍ରାୟ ୧ କମି ଗ୍ଵଲିକରି ଗଲେ ମୋଟେ ୧୦ମିନଟ ସମୟ ଲାଗିବ। ତେଣୁ ଘଣ୍ଟାଟିକୁ ମୁଁ ମୋର ଛାତ୍ରବାସ କୋଠରୀରେ ନ ରଖି ସାଙ୍ଗରେ ନେଇ ପରୀକ୍ଷା ଦେବାକୁ ଗ୍ଵଲିଗଲି। ବାଟରେ ଯିବାବେଳେ ଶୁଭ୍ରାଂଶୁ କହିଲା ଅଲଗା ରଙ୍ଗର ମଗାଇଲୁ ନାହିଁ, ଏ ଗୋଲ୍‌ପି ରଙ୍ଗ କାହିଁ ମଗାଇଲୁ ? ଏଇଟା ତ ଝିଅମାନଙ୍କ ପସନ୍ଦ। କୋଉ ଝିଅ ପାଇଁ ମଗାଇଛୁ କି ? ମୁଁ ନିରୁତ୍ତର ରହିଲି। ଶ୍ରେଣୀଗୃହରେ ପ୍ରବେଶ କଲାବେଳକୁ ମୋର ସବୁ ସହପାଠୀ ନିଜ ସ୍ଥାନରେ ବସିଗଲେଣି ଏତିକି ବେଳେ ଆମ ପରୀକ୍ଷା ନିୟନ୍ତ୍ରକ ଡ. ଗଣେଶ ପ୍ରସାଦ ସାହୁ ଶ୍ରେଣୀ ଗୃହରେ ପ୍ରବେଶ କରିବାରୁ ମୁଁ ଅତିଶୀଘ୍ର ଘଣ୍ଟା ଏବଂ ମୋ ମୋବାଇଲଟିକୁ ପୁଷ୍ପିତାଙ୍କ ମୁଣିରେ ରଖିଦେଇ ଆସିଲି। ପରୀକ୍ଷା ସରିବା ମାତ୍ରେ ପୁଷ୍ପିତା ତାଙ୍କ ମୁଣାରୁ ଘଣ୍ଟା ଆଉ ମୋବାଇଲ କାଢ଼ିକରି ଦେବା ସମୟରେ କହିଲେ ନୂଆ ଘଣ୍ଟା ଆଣିଲ କି ? ମୁଁ ଉତ୍ତର ଦେଲି ହଁ। ପରେ ପରେ ମନୋରମା ଆଉ ପୁଷ୍ପିତା ଘଣ୍ଟାକୁ ଦେଖି କହିଲେ ବହୁତ ସୁନ୍ଦର ହୋଇଛି, ତୁମର ଘଣ୍ଟା ଥିଲା ପୁଣି କ'ଣ ପାଇଁ ମଗାଇଲ ? ମୁଁ ନିରବ ରହିବାରୁ ମନୋରମା କୋଶଳୀ ଭାଷାରେ କହିଲେ – ଘଡ଼ିଟା ଭଲ୍ ଦିଶଛେ, କେନ ଟୁକେଲ୍ ଲାଗି ମଗେଇଛ କେ ଜାନଛେ ରେ ବୁଆ....?

ଏହା ପରେ ଘଣ୍ଟାଟିର ଫୋଟୋ ଉଠାଇ ହ୍ଵାଟ୍ସଆପ୍ ଦ୍ଵାରା ସେହି ବ୍ୟକ୍ତିଙ୍କ ପାଖକୁ ଫୋଟୋଟି ପଠାଇ ଦେଲି। ଶ୍ରେଣୀଗୃହରୁ ବାହାରକୁ ବାହାରିବା ବେଳେ ଆଲୋକ ଭାଇ ସିପୁନକୁ କହିଲେ ଆଜି ଟିକେ ରହିଯା' ଗୁରୁଜୀ ଗୁରୁମାଙ୍କୁ ଗ୍ଵ ଜଳଖିଆ ଦେଇକରି ଯିବୁ କାରଣ ପ୍ରଶାନ୍ତ ଭାଇ କରୁଥିବା ଗବେଷଣାର ଆଜି ହେଉଛି ଶେଷ ଦିନ ପ୍ରତ୍ୟକ୍ଷ ଭାବେ ଗୁରୁଜୀ ଗୁରୁମା ଭାଇଙ୍କ ଗବେଷଣାକୁ ନିରୀକ୍ଷଣ କରିବେ। ଯୋଗୀରାମ ଭାଇ ଗବେଷଣା କରୁଛନ୍ତି ସେ ଜଳଖିଆ ନେଇକରି ଦେଲେ ଅସୁନ୍ଦର ହେବ ତେଣୁ ତୁ ରହିଯା ଟିକେ ଡେରିରେ

ISSN NO.
2582-208X

ଆସିବୁ କିନ୍ତୁ ସିପୁନ ଔଷଧ ଖାଇବା ଆଳରେ ନ ରହିବାର ବାହାନା କରି ଆଲୋକ ଭାଇଙ୍କ ଆଗରେ ମୋତେ ରହିବାକୁ କହିଦେଇ ସେଠାରୁ ଚାଲିଆସିଲା। ଏତିକି ବେଳେ ସେଠାକୁ ନିରଞ୍ଜନ ଭାଇ ଆସି କହିଲେ, ତୁମର କାଲି ପରୀକ୍ଷା ନାହିଁ କି ? ମୁଁ ଅଛି କହିବାରୁ ଭାଇ କହିଲେ - ତେବେ ରହୁଛ କାହିଁକି ? ଛାତ୍ରବାସକୁ ଫେରି ପଢ଼ିବ ଯାଅ। ମଣିଷ ଭଲ ଅଡୁଆରେ ପଡ଼ିଲା। ଗୁରୁଜୀ ଗୁରୁମାଙ୍କ ସେବା କରିବାର ସୁଯୋଗ କେତେଜଣଙ୍କୁ ମିଳୁଛି ବୋଲି ନିଜେ ମନେ ମନେ ବିଚାର କରି ଘଣ୍ଟାଟିକୁ ନିରଞ୍ଜନ ଭାଇଙ୍କ ମୁଣାରେ ରଖିଦେଇ ମୁଁ ସେଠାରେ ରହିଗଲି ଆଉ ଭାଇ ଚାଲିଆସିଲେ। ପରେ ପରେ ଯୋଗୀରାମ ଭାଇ ମୋତେ କପ ଆଉ ପ୍ଲେଟ୍ ଧୋଇକି ଆଣିବାକୁ କହି ନିଜେ ଚା ଜଳଖିଆ ଆଣିବାକୁ ଚାଲିଗଲେ। ଏତିକି ବେଳେ ମୋର ସହପାଠୀ ଟଙ୍କଧର ଏବଂ ଯୋଗୀରାମ ଭାଇ ଆସି ପହଞ୍ଚିଲେ। ଯୋଗୀରାମ ଭାଇ ଜଳଖିଆ ସଜାଡ଼ି ଦେଉ ଦେଉ ଆମେ ଦୁହେଁ ଚା ଜଳଖିଆ ନେଇ ଗୁରୁଜୀ ଗୁରୁମାଙ୍କୁ ଦେଇ ଆସିଲୁ ଶ୍ରେଣୀ ପ୍ରକୋଷ୍ଠରେ।

ପୂର୍ବ ସୂଚନା ଅନୁଯାଇ ଅପରାହ୍ନ ୪ଟା ସମୟରେ ଆଲୋଚନା ଚକ୍ର ପ୍ରକୋଷ୍ଠରେ ଭାରତରତ୍ନ ଡ଼ ବାବାସାହେବ ଆମ୍ବେଦକର୍ ଙ୍କ ଜନ୍ମ ଜୟନ୍ତୀ ପାଳନ ନିମନ୍ତେ ଉପସ୍ଥିତ ରହିବାକୁ କୁହାଯାଇଥିଲା। ଏଣୁ ସମୟ ଅଭାବରୁ ଯୋଗୀରାମ ଭାଇ ଆମ ଦୁହିଁଙ୍କୁ ଦେଇଥିବା ଜଳଖିଆ ନ ଖାଇ ଆମେ ସିଧା ଯାଇ ଆଲୋଚନା କକ୍ଷରେ ବସିପଡ଼ିଲୁ। ବାବା ସାହେବ ଆମ୍ବେଦକର୍ ଙ୍କ ବିଷୟରେ ହେଉଥିବା ଆଲୋଚନା ସରୁ ସରୁ ସମୟ ପ୍ରାୟ ୬.୩୦ ସନ୍ଧ୍ୟା।

ଛାତ୍ରବାସକୁ ଫେରିବାବେଳେ ଜ୍ଞାନରଞ୍ଜନ ଆମ ସହ ଆସି ସାମିଲ୍ ହୋଇଥିଲା। ଏତିକିବେଳେ ଯୋଗୀରାମ ଭାଇ ଦେଇଥିବା ଜଳଖିଆକୁ ଆମେ ତିନିଜଣ ବାଣ୍ଟି ଖାଉ ଖାଉ ଆସି ଛାତ୍ରବାସ ଫାଟକ ସମ୍ମୁଖରେ ପହଞ୍ଚିଲା ବେଳକୁ ନିରଞ୍ଜନ ଭାଇ ଆଉ ବାଦଲ୍ ଭାଇ ମାଉସୀ ଦୋକାନଆଡ଼କୁ ଅଗ୍ରସର ହେଉଥିଲେ। ନିରଞ୍ଜନ ଭାଇଙ୍କୁ ମୁଁ ଘଣ୍ଟାଟି ମାଗିବାରୁ ସେ କହିଲେ ମୁଁ ଫେରିଲେ ତୁମକୁ କହିବି ଆସି ମୋ ପାଖରୁ ନେଇଯିବ। ନିରଞ୍ଜନ ଭାଇ ବାହାରୁ ଫେରିଆସି ଘଣ୍ଟାଟି ନେଇଯିବାକୁ କହିବାରୁ ମୁଁ ଘଣ୍ଟା ଆଣିବା ପାଇଁ ଗଲି। ଘଣ୍ଟା ପାଖରେ ପହଞ୍ଚିଲା ବେଳକୁ ଯଯାତି ଆଉ ବାଦଲ୍ ଭାଇ ଘଣ୍ଟାଟିକୁ ନିରୀକ୍ଷଣ କରିବାରେ

ISSN NO.
2582-208X

ଲାଗିଛନ୍ତି। ମୋତେ ଦେଖି ଯଯାତି ପୁଣି ପଚାରିଲେ – ତୁମର ତ ଘଣ୍ଟା ଅଛି ପୁଣି ଏଇଟା କ'ଣ ପାଇଁ ଆଣିଲ ? ନା କଏ ଭାଉଜ ଅଛନ୍ତି ଦେବ ତାଙ୍କୁ ! ପୁଣି ମୁଁ ନିରବ। ବାଦଲ୍ ଭାଇ କହିଲେ ଗୋଲାପି ରଙ୍ଗ ଆଣିଲ କ'ଣ ପାଇଁ ଏ ରଙ୍ଗ ତ ଝିଅଙ୍କୁ ମାନେବ। ମୁଁ କିଛି ନ କହି ଚୁପଚାପ୍ ଘଣ୍ଟା ନେଇ ସେଠାରୁ ଚାଲି ଆସିଲି।

ଘଣ୍ଟା ଫଟୋ ଦେଖି ମୋର ଏକାନ୍ତ ସହଯୋଗୀ ପଚାରିଲେ – ନୂଆ ଘଣ୍ଟା ଆଣିଲ କ ? ହଁ ଆଣିଛି ତୁମ ପାଇଁ ବୋଲି କହିବାରୁ ସେ କହିଲେ ସତ ନା ମିଛ ! ମୁଁ ସତ କହିବାରୁ ସେ କହିଲେ ଏ ଗୋଲାପି ରଙ୍ଗ କାହିଁକି ଆଣିଲ, ମୋର ତ ନୀଳ ରଙ୍ଗ ପସନ୍ଦ। ମୁଁ କହିଲି ତୁମେ ତ ସେଦିନ ଫେରିବା ବେଳେ କହିଥିଲ ଗୋଲାପି ପସନ୍ଦ। ସେ ପୁଣି କହିଲେ ଗୋଲାପି ରଙ୍ଗ ତ ଝିଅଙ୍କ ପସନ୍ଦ ସେଦିନ ମୁଁ ମଜାକ୍ ରେ କହିଦେଇଥିଲି। ମୁଁ ତାଙ୍କୁ କହିଲି ହେଉ ବ୍ୟସ୍ତ ହୁଅନି ଘଣ୍ଟାଟିକୁ ବଦଳାଇ ନୀଳ ରଙ୍ଗର ଆଉ ଏକ ଘଣ୍ଟା ମଗାଇଦେବା ଏହା ଶୁଣି ସେ କହିଲେ ଠିକ୍ ଅଛି।

ଘଣ୍ଟାଟି ଫେରାଇ ଆଉ ଗୋଟାଏ ରଙ୍ଗର ଘଣ୍ଟାଟିଏ ଆଣିବାପାଇଁ ଯୋଗାଯୋଗ କରିବାରୁ ଘଣ୍ଟା ପ୍ରଦାନ କରିଥିବା ସଂସ୍ଥାର କର୍ମଚାରୀ କହିଲେ ଘଣ୍ଟାର ରଙ୍ଗ ବଦଳାଇ ହେବନାହିଁ ଯଦି ଘଣ୍ଟାର କିଛି ଅସୁବିଧା ଥାଏ ଆମେ ତାକୁ ସଜାଡ଼ି ପୁଣି ଆପଣଙ୍କ ନିକଟକୁ ପଠାଇ ଦେବୁ। ତେଣୁ ଗୋଲାପି ରଙ୍ଗର ଘଣ୍ଟାଟି ମୁଁ ପାଖରେ ରଖିଲି। ମୋ ସହଯୋଗୀଙ୍କୁ ତ ଆଉ ଏକ ଘଣ୍ଟା ଦେବି ଏ ଘଣ୍ଟାଟି କିଏ ବ୍ୟବହାର କରିବ ବୋଲି ମନେ ଚିନ୍ତା କଲାବେଳେ ସିପୁନ୍ କହିଲା ମୋ ଭାଇ ମୋତେ କହିଛି ତା ପାଇଁ ଗୋଟେ ଘଣ୍ଟାଟେ କିଣି ଦେବାକୁ । ଏହା ଶୁଣି ମୁଁ କହିଲି ଭାଇ ଯଦି କହିଛନ୍ତି ଏ ଘଣ୍ଟାଟି ନେଇଯା । ପୁଣି ସେ କହିଲା ନା'ରେ ମୁଁ ଭାବୁଛି ଏ ଘଣ୍ଟାଟି ମୁଁ ଭଲପାଉଥିବା ଝିଅକୁ ଅର୍ଥାତ୍ ତୋର ଭାବି ଭାଉଜଙ୍କୁ ଦେବି ସେ ବହୁତ ଖୁସି ହେବ। ସିପୁନ୍ ଘଣ୍ଟାଟି କାହାକୁ ଦେବ ଦ୍ୱନ୍ଦରେ ଥିବାବେଳେ ହଠାତ୍ ଦିନେ ଓମ୍ ଶୁଭଶିଷ୍ ଆସି ଘଣ୍ଟା ମାଗି କହିଲା ସାଙ୍ଗ ଏ ଗୋଲାପି ଘଣ୍ଟାଟି ମୋତେ ଦେଲେ ମୁଁ

ISSN NO.
2582-208X

ଭଲ ପାଉଥିବା ଝିଅର ଜନ୍ମଦିନରେ ଉପହାର ସ୍ୱରୂପ ତାକୁ ଦେବି ଏଇ ତିନଦିନ ପରେ ତାର ଜନ୍ମଦିନ ଅଛି।

ସେ ଦିନ ସନ୍ଧ୍ୟାରେ ସୁନୀଲ୍ ପୁଣି ମୋତେ ଘଣ୍ଟା ମାଗିଲା ଆଉ କହିଲା ଗୋଲାପି ରଙ୍ଗର ଘଣ୍ଟାଟି ମୋତେ ଦିଏ ମୁଁ ଦାମନଯୋଡ଼ିର ସେ ଝିଅକୁ ଦେବି ସେ ଝିଅର ହାତକୁ ଏ ଘଣ୍ଟାଟି ବେଶ୍ ମାନିବ।

ଗୋଟିଏ ଘଣ୍ଟା ସଭିଙ୍କର ସମୟସୂଚୀକୁ ନିର୍ଦ୍ଧାରଣ କରୁଥିବା ବେଳେ ହଠାତ୍ ଏହି ଘଣ୍ଟା ନିଜେ ନିଜର ରଙ୍ଗକୁ ନେଇ ଦ୍ୱନ୍ଦରେ ଫସିବାରୁ ଦିନ ପରେ ଦିନ ବିତିବାରେ ଲାଗିଛି ଏବଂ ତା'ର ଭାଗ୍ୟ ଅନିଶ୍ଚିତତା ଭିତର ଦେଇ ଗତି କଲାବେଳେ ପ୍ରକୃତରେ ଘଣ୍ଟାଟି କାହା ହାତ ପାଇଁ ଯୋଗ୍ୟ କେତେବେଳେ ହେବ, ତାହା ଘଣ୍ଟାର କଣ୍ଟା ହିଁ .......।

ବାହାଡ଼ାଝୋଲା, ନୟାଗଡ଼
ଯୋଗାଯୋଗ - ୯୩୪୮୪୦୫୮୪୦

ISSN NO.
2582-208X

# ସଂଘର୍ଷ



ସନ୍ଧ୍ୟାରାଣୀ ମଲ୍ଲିକ

ଅମଡ଼ା ବାଟର ପଥିକଟେ ମୁହିଁ ପଥ ମୋର ଦିଗହରା
ଛାଇ ଆଲୁଅର ଦୋଛକ ଖେଳରେ ପଡ଼ିନାହିଁ କେବେ ଧରା
ଶ୍ରାନ୍ତ, କ୍ଳାନ୍ତ ଭରା ନଶବ୍ଦ ପେଡ଼ିର ମୁହିଁ ଏକ ନବୁଜ କବାଟ
ଦରମରା ସିକ୍ତ ଅସହ୍ୟ ବ୍ୟତୀତ ଯନ୍ତ୍ରଣାରେ ଛଟପଟ ।

ପାଗଳାମି ଆଉ ଚପଳାମି ମଧ୍ୟେ ପାର୍ଥକ୍ୟ କ ସେ ଖୋଜେ
ମନ ମତାଣିଆ କୋଇଲିର ସୁରେ ଏକାନ୍ତରେ ଆତ୍ମା ହଜେ
ଗ୍ଭଲୁଛି ଗ୍ଭଲିବି କଣ୍ଟକତ ପଥ ଦିନେ ମୋ ପାଖେ ଯିବ ହାରି
ହସି ହସି ମେଲାଣି ମୁଁ ଦେଇ ଶୂନ୍ୟତାକୁ ଯାଇ ଦେବି ଠାରି ॥

ବିଶ୍ୱନଅନ୍ତାଙ୍କ ଅନୁମତି ବିନା ଶୁଷ୍କ ପନ୍ର ଖଣ୍ଡେ ଜଳେ ନାହିଁ
ସାତ ସିନ୍ଧୁ ମଧ୍ୟେ ଅଗ୍ନିର ଉତ୍ପତ୍ତି ଅସମ୍ଭବ କଛି ନୁହଁଇ
ଏକାନ୍ତ ହିଁ ଆଶା ବିପ୍ଳବୀ ଜୀବନେ ସିଦ୍ଧି ପ୍ରାପ୍ତ ପରିଯନ୍ତେ
ସଂଘର୍ଷ ବିନା ସଫଳତାର ପରିଗ୍ଭୟକ ସାଜି
ହନ୍ତସନ୍ତ କାହିଁ ହେବି ଜୀବନର ଅନ୍ତେ ......

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ISSN NO.
2582-208X

# ପୋଲିଙ୍ଗ ଦଳ



ଦୀନବନ୍ଧୁ ପୋଇ

ନିର୍ବାଚନ ପାଇଁ ବାକ୍ସ କୁ କୁଣ୍ଢେଇ
ଚାଲିଲେ ପୋଲିଙ୍ଗ ଦଳ
ଛଅ ଅଫିସର ଭୋଟ କେନ୍ଦ୍ରରେ
ଚାଳିବେ ଭୋଟିଙ୍ଗ କଳ ।
କିଏ ସେ କିରାଣୀ କିଏ ମାଷ୍ଟ୍ରାଣୀ
କିଏ ଥିଲା ଚପରାଶି
ଅଫିସର ପଦ ପାଇ ସିଏ ଆଜି
କେତେ ହେଉଅଛି ଖୁସି ।
ପାଞ୍ଚ ବରଷରେ ଆସଇ ସେ ଥରେ
ତିନି ଦିନ ଏଇ ବେଶେ
ଏବେଶ ଓହ୍ଲାଇ ଯାଏ ସେ ପଳାଇ
କାମ କରିବାର ଶେଷେ ।
ନାହିଁ ଖରା ବେଳ ଓ ସଞ୍ଜ ସକାଳ
ହଜି ଯାଏ ତାର ନିଦ
ଏତେବଡ଼ ପଦ ସଫଳ ହେବାରେ
କରିବେନି କେହି ବାଦ ।
ଦେଶ ଗଠନରେ ଏଇ ଭୂମିକାରେ
ନିର୍ବାହ କରି ତା କାମ

ISSN NO.
2582-208X

ଭାବେ ଶୃଙ୍ଖଳତ କରି ଲେ ଭୋଟିଙ୍ଗ

ଦେଶର ରହିବ ନାମ ।

ମୋ ଦେଶର ଭାଇ ଏକତା ସେ ହୋଇ

ଆସ ବାଛିବା ହେ ନେତା

ଏମିତିକା ନେତା ବାଛିଦେବା ଏକା

ପାଳବେ ହୋଇକ ପିତା ।

ଏହେଉ ସଭିଙ୍କ ଚନ୍ତା ।

ଗୋରଡାପାଳ, କରମୂଳ,
ଢେଙ୍କାନାଳ,ଦୂରଭାଷ- ୯୯୩୮୮୦୨୪୧୨

ISSN NO.
2582-208X

# ତୁ ପରା ମା ମୋରି



ତୃପ୍ତିମୟୀ ମିଶ୍ର

ତୁ ପରା ମାଆ ମୋରି
ଦେଇଛୁ ଜନମ ଦଶ ମାସ କଷ୍ଟ ସହି
ସେଇ କଷ୍ଟ ର ଋଣ ସୁଝି ପାରିବି ନାହିଁ ।
ସବୁ ଆଶୀର୍ବାଦ ଦଉ ଅଜାଡି
ତୁ ପରା ମାଆ ମୋରି ।
ତୋରି କୋଳରେ ସରଗ ସୁଖ
ତୁ ପରା ସେନେହ ର ସାଗର ।
ତୋର ଗାଳ ଦାଣ୍ଡ ର ଧୂଳ
ତୁ ପରା ମାଆ ମୋରି ।
ନଜେ ଦୁଃଖେ ରହି ମତେ ହସାଉ
କଷ୍ଟ ଦେଖି ଆହାଃ ପଦେ କହିଦେଉ
ନଜେ ଭୋକେ ରହି ମତେ ଖୁଆଉ
ଆନ୍ତର ତୋର ସ୍ନେହ ରେ ଥାଏ ଭରି
ତୁ ପରା ମାଆ ମୋରି ।
ତୋରି ହାତ ଥାଉ ମୋ ମୁଣ୍ଡ ରେ
ରହିଥଉ ଶେଷ ଯାଏଁ ।

ISSN NO.
2582-208X

ନ  ଡରିବା କୁ ଦେଇଛୁ ସାହସ
ମମତା ତୋର ଭରେ ଶୋଷ
ଅଉ କଏ ତୋ ପରି
ତୁ ପରି ମାଆ ମୋରି  ।
ସବୁ ଜନ୍ମ ରେ ହଉଥା ମୋର ମାଆ
ମୁଁ ଲୋଡୁ ଥାଏ ତୋର ସେନେହ ମମତା  ।
ଘୋଡେଇ ରଖିଥା ତୋ ପଣତକାନରେ
ଦୁନଆ ରେ ତୋ ଛାଡ ଅଉ କେହି ନାହିରେ
ତୋ ଆଶିଷ ରେ  ସବୁ କାମ ମୁଁ ଯାଏ କରି
ତୁ ପରି ମାଆ ମୋରି  ।

ସଲିପୁର ଆଟନୋମସ କଲେଜ
କଟକ

ISSN NO.
2582-208X

# ଫୁଲେଇ ଜହ୍ନ...!!



ବନତା ମହାରଣା

କିଛିଦିନ ହେଲା ଫୁଲେଇ ଜହ୍ନ ଟା
ଅଧିକା ସଜେଇ ହେଉଛି,
ନିରୀମାଖି ତାର ଖିଆଲି ମନରେ
କେହିଜଣେ ଆସିଯାଇଛି,
ଭଲବୋଧେ ସେତ ପାଉଛି,
ନିର୍ଜନତା ର ସେ ଅନ୍ଧାର ଭିତରେ
ନିଜକୁ ହଜେଇ ଦେଉଛି ।।

କିଛିଦିନ ହେଲା ଫୁଲେଇ ଜହ୍ନଟା
ଅଭିମାନ ବେଶି କରୁଛି,
ବିନାଦୋଷ ରେ ବି ଅଭିଯୋଗ କରି
ଦୋଷୀ ତାଙ୍କୁ କରି ଦେଉଛି,
ସବୁକିଛି ଭୁଲି ଯାଉଛି,
ପୁଣିଥରେ ତାଙ୍କ ପ୍ରେମ ବନ୍ଧନ ରେ
ନିକଟତର ଯେ ହେଉଛି ।।

ISSN NO.
2582-208X

କିଛିଦିନ ହେଲା ଫୁଲେଇ ଜହ୍ନ ଟା
ବଧୂବେଶ ସାଜି ବସୁଛି ,
ତୁଚ୍ଛାଟା କୁ ଖାଲି ରାତି ଅଧଟାରେ
ଖିଲିଖିଲି ହୋଇ ହସୁଛି ,
ରାତିସାରା ଚେଇଁ ବସୁଛି ,
ଲାଗୁଛି ସପନ ବଣିକ ତାହାର
ବରବେଶ ସାଜି ଆସିଛି ।।

କଳଙ୍ଗା, କନ୍ଧମାଳ

ISSN NO.
2582-208X

# ଗାଈର
# ଆତ୍ମକାହାଣୀ



ଅଶୋକ କୁମାର ସେଠୀ

ମୁଁ ଗୋଟିଏ ଗାଈ । ମୋ ନାଁ ଗୁରୁବାରୀ । ହଁ, ନାଆଁରେ ବା କଣ ଅଛି ଯେ ! ମୁଁ ଗୁରୁବାରେ ଜନ୍ମ ହୋଇଥିଲି ବୋଲି କିମ୍ବା ଅନ୍ୟ ମାନଙ୍କଠାରୁ ପୃଥକ ଭାବେ ସହଜରେ ବାରି ହୋଇ ପାରିବି ବୋଲି ମୋ ଖାଉନ୍ଦ ମୋ' ନାଆଁ ରଖିଛି ଗୁରୁବାରୀ। ଯଦିଓ ମୋ ମାଆ କେବେ ମତେ ଗୁରୁବାରୀ ଡାକିବାର ମୁଁ ଶୁଣିନି...

ମୁଁ ନିତି ଦିନ ଜଙ୍ଗଲ କୁ ନୁହେଁ; କଂକ୍ରିଟ ଜଙ୍ଗଲରେ ଏ ଗଳି ସେ ଗଳି ବୁଲେ । ଚରିବାକୁ ଦୁବ ଘାସଟିଏ ଏବେ ସାତ ସପନ । ଜରି, କାଗଜ ଯୋ'ଠୁ ଯାହା ଯେମିତି ମିଳେ ଉଦରସ୍ଥ କରିବା କଥା । କଦବା କେମିତି ବାହାଘର କି ଜନ୍ମ ଦିନର ବଳକା ଭୋଜି ଭାଗ୍ୟରେ ଥିଲେ। ଜଙ୍ଗଲରେ ବାଘ କି କେନ୍ଦୁଆର ଡର ଥିଲେ ସୁଦ୍ଧା ଘାସ ଦି କଳ ତ ମିଳୁଥିଲା !! ଏ କଂକ୍ରିଟ ଜଙ୍ଗଲରେ ଏ ଦୁଇ ଗୋଡିଆ ବାଘ ମାନେ ସେ ବାଘଠୁ କାହିଁ କେତେ ଭୟଙ୍କର...!! ମୁଁ ରହୁଥିବା ଗୁହାଳ ଅବସ୍ଥା କଥା ନ କହିବା ଭଲ । ଖୋଲା ମେଲା ବାଉଁଶ ବତାର ତାଟିଟିଏ ନାଆଁକୁ ଖାଲି ! ତୋରାଣି ହାଣ୍ଡି ସେମିତି ପୂର୍ବବତ ଥୁଆ ହେଇଥାଏ । ଝୋଲା ମାରିବାକୁ ବି ପାଣି ଟୋପେ ରଖିବାକୁ ଖାଉନ୍ଦ ଉଚିତ ମଣେନି । ଶୁଖିଲା ଶୁଖିଲା ସେମିତ ଚାକୁଳେଇବାକୁ ପଡେ । ତୋରାଣି ମନ୍ଦେ ବା ଖାଉନ୍ଦ ଆଣିବ କେଉଁଠୁ ? ବିରିୟାନୀ ଚାଓମିନିର ଯୁଗ । କୁଣ୍ଡା ଚୋକଡର ବାସ୍ନା ଦୂର ଦୂର ଯାଏଁ ନିଷ୍ଫଳ ଆକଳନ।

ISSN NO.
2582-208X

ଏମିତି ଦିନକର ଘଟଣା । ମୁଁ ଭୁଲବଶତଃ ଆଗ ଦୁଆରି ପନ୍ଦାରିଆ ଘର ଶାଗ ପାଟାଳରେ ମୋର ଖୋଜଟେ ପଡିଛି କ ନାହିଁ, ହାଁ..ହାଁ ..ରଡି କରି ହାତରେ ପାଞ୍ଚହାତିଆ ଠେଙ୍ଗଣିଟିଏ ଧରି ଝପଟି ଆସିଲା । ସେଇଠୁ ବର୍ତ୍ତି ଆସିଲି ସିନା ଯେନତେନ ପ୍ରକାରେ । ସେ ଆସି ଖାଉନ୍ଦ ପାଖେ ଫେରାଦ କରିଛି । ଏମିତି ଓଲେଇ ଗାଇକୁ ସମ୍ଭାଳି ପାରୁନୁ ଯଦି କାଞ୍ଜିଆହୁଦାରେ ଛାଡି ଦଉନୁ ! ଏ କଥା ବୋଧହୁଏ ଖାଉନ୍ଦର ସ୍ୱାଭିମାନକୁ ଖୁବ ଲାଗିଛି ନା କଣ ..!! ମାଛି ଅନ୍ଧାର ମୁହଁ ସଂଜରେ ମୁଁ ଗୁହାଳକୁ ଫେରୁଥାଏ । ଖାଉନ୍ଦ ମୋ' ଫେରିବା ବାଟକୁ ଅନେଇ ରହିଛି ଖୁବ୍ ଆତୁରରେ । ଗୁହାଳ ମୁହଁରୁ ଭାରି ଆଦର ସହକାରେ ମୋ ବେକରେ ପଘାଟା ପକେଇ ଦାଣ୍ଡ ଦୁଆର ଖୁଣ୍ଟରେ ବାନ୍ଧି ମୋ ପିଠିରେ ଦୁଲ୍ ଦୁଲ୍ କରି ନିର୍ଘାତିଆ ପାହାର ପାଞ୍ଚଣରେ କଷି ଯାଉଥାଏ । ମୋ ଆଖିରୁ ଲୁହ ଟୋପେ ବାହାରିବାକୁ ଦେଲିନି । ମୋ କଅଁଳା ଛୁଆଟି ତଟସ୍ଥ ହୋଇ ଗୁହାଳ ଭିତରୁ ଆବାକାବା ହୋଇ ଚାହିଁ ରହିଥାଏ । ତା' ଛଳ ଛଳ ଆଖି ମୋତେ ଯେତେ ଆଘାତ ଦେଲା ଏ ନିର୍ଦ୍ଦୟ ଖାଉନ୍ଦର ମାଡ଼ ତା' ଆଗେ କିଛି ନୁହଁ । ଖାଉନ୍ଦ ତାଗିତ କରିଦେଇ ଗଲା : "ମୁଁ ତତେ ଏତେ କରି ଖାଇବାକୁ ଦଉଛି ତୋ ଗାଡ଼ ପୁରିଲାନ ଯେ, ଯା ତା' ବାଡ଼ିରେ ପଶୁଛୁ ?" ପରୋକ୍ଷରେ ଆଗ ଦୁଆରୀ ପନ୍ଦାରିଆକୁ କଣ ଇଙ୍ଗିତ କରୁଥାଏ ଏ ସବୁ ମୁଁ ବୁଝି ପାରୁଥାଏ । ସେ ଦିନଠୁ ଓଲେଇ ବୋଲି ଉପାଧି ଟିଏ ଯୋଡି ହୋଇ ଗଲା ମୋ ନାଆଁ ସହିତ ।

ରାଗରେ ବଡ଼ ଡାଙ୍ଗିଆଟିଏ ଝୁଲେଇଦେଲା ମୋ ବେକରେ । ଢଣ ଢଣ ହୋଇ ଏ ଗୋଡ଼ ସେ ଗୋଡ଼ ହୋଇ ବାଜୁଥାଏ । ଦୌଡ଼ିବା ତ ଦୂର କଥା ସହଜେ ଚାଲିବା ଭାରି କାଠିକର । ମୋ କଅଁଳିଆ ବାଛୁରୀ ପ୍ରତି ତା'ର ଜମା ନିଘା ନାହିଁ । ମୁଁ ପୋଖତି ହେବାର ପାଞ୍ଚ ଦିନଠୁ ସେ କ୍ଷୀର ଦୁହିଁବା ଆରମ୍ଭ କରି ଦେଇଥାଏ । ମୋ କଅଁଳା ଛୁଆଟା ବେଳୁ ବେଳ ଦୁର୍ବଳ ହେବାକୁ ଲାଗୁଥିଲା ବେଳେ ଖାଉନ୍ଦର ଛୁଆମାନେ ମୋ କ୍ଷୀର ପିଇ ହୃଷ୍ଟପୃଷ୍ଟ । ନିକମା ଖାଉନ୍ଦ ମତେ ନହେଲା ନାହିଁ ମୋ ଛୁଆକୁ ଦି ମୁଠା ଘାସ କି ତୋରାଣି ମୁନ୍ଦେ ତ ଦେଇ ପାରନ୍ତା .. ! ଏମିତି କି ମୋ ଠାରୁ ଦୁରେଇ ବାନ୍ଧି ରଖେ କାଳେ ସେ ସୁବୁ କ୍ଷୀର ପିଇ

ISSN NO.
2582-208X

ଦେବ! ଯଦିଓ ମୁକ୍ତ ଭାବରେ ଛାଡି ଦିଏ କିଛି ମୁହୂର୍ତ୍ତ, କ୍ଷୀର ଦୁଇଁବାର ଅବ୍ୟବହିତ ପୂର୍ବରୁ। ପୁଣି ଟାଣି ନିଏ ଦୁଇ ଚାରି ଢ଼ୋକ ସେ ପିଇ ଥିବ କି ନାହିଁ ..! ମୋ ଛାତି ଭିତରଟା କୋହରେ ରୁନ୍ଧି ହୋଇଯାଉଥିଲେ ସୁଦ୍ଧା ମୁଁ ନାଚାର । ତା'ପରେ ସେ ବଳାବଳି ଦୁଇଁ ଚାଲେ ଶେଷ କ୍ଷୀର ବୁନ୍ଦାକ ନ ବାହାରିବା ଯାଏଁ ।

କେଜାଣି କଣ ହୋଇଛି ମୋର ? କାଇଁ ମୋର ସେମିତି ରୋଗ ଫୋଗ ଥିଲା ଭଳି ଲାଗୁନି..! ତେବେ ଏ ଇଂଜେକସନ କଣ ପାଇଁ ...?? ସେ ଇଂଜେକସନ ଯେତେ ଥର ଫୁଟିଛି ମୋ'ଠି ଦେହ ମୁଣ୍ଡ କେମିତ ଝାଇଁ ମାରିଦେଉଥାଏ । ସେ ଇଂଜେକସନ ଦେବା ଉତ୍ତାରୁ କୁଆଡେ ଦୁଇ ଲିଟର ଜାଗାରେ ଚାରି କି ପାଞ୍ଚ ଲିଟର କ୍ଷୀର ଦେବାର କ୍ଷମତା ବଢି ଯାଏ ..!!

ଦି ଚାରି ଥର ଗଫୁର ମିଆଁ ବି ଏଇ ବାଟ ଦେଇ ଯିବାର ମୁଁ ଦେଖିଲିଣି । ତା' ଆଖି ସବୁଥର ମୋ ଉପରେ ହିଁ କିଛି ସମୟ ପାଇଁ ନିବିଦ୍ଧ ରହେ । ସବୁବେଳ କଣ ପାଇଁ କେଜାଣି ସୁଯୋଗଟିଏ ଉଣ୍ଟୁଥାଏ ଯେମିତି ।

ଢେର ଦିନ ହେବ ଗାଇଗୋଠ ଆଉ ଫିଟୁନି । ଗାଇ ଗୋଠ ଫିଟିଲେ ବା କଣ ହେବ ଯେ; କୋ'ଠି ଚରିବୁ ?? ବହୁଦିନ ତଳେ ମା ସହ ଗୋଠରେ ଯାଉଥିଲି । ବୁଦା ବୁଦା ପାହାଡ଼ ତଳେ ଛନଛନିଆ ଘାସ, ହରାଭରା ଲତା । ନାନା ଜାତିର ଗଛ ବୁଦା । ଏବେ ସେ ଜଙ୍ଗଲ ଖାଁ ଖାଁ ନିରୋଳା ଟାଙ୍ଗରା ମୁଣ୍ଡିଆଟିଏ ଖାଲି । ପାହାଡ଼ ଉପର ଚେଞ୍ଚେରି ପଥର ଉପରେ କରଡାପତରି ହେଣ୍ଟାଲୁ ଥିବାର ଶୁଣିଛି ।

ମା ମତେ ଖାଲି କହୁଥାଏ, "ଡର କଣ ଯେ' ମୁଁ ତୋ ପାଖେ ପାଖେ ଅଛି ବା..!!

ସେ ସେମିତି ହଣ୍ଟାଳୁଥାଉ କିଛି କରି ପାରିବନି" । ମା ଆରପାରିକୁ ଚାଲି ଯିବା ପରେ ମୁଁ ଖୁବ୍ ଏକୁଟିଆ ହୋଇଗଲି, ବହୁତ ଦିନ ଯାଏଁ ଝୁରିହେଲି । ତା ହମ୍ବାରଡି ଏବେ ବି ମୋ ମନରେ ଗୁଞ୍ଜରିତ । ଗାଁ ମୁଣ୍ଡ ଖୋଲା ପଡିଆରେ ତାକୁ ଫିଙ୍ଗି ଆସିଲେ ଖାଉନ୍ଦ ଆଉ ତାର

ISSN NO.
2582-208X

କିଛି ବନ୍ଧୁ ପରିଜନ । ତା' ଚାରିପାଖେ ଭଣ ଭଣ ଶାଗୁଣା ମାନଙ୍କ ଭିଡ଼ । ଝୁଣି ବିଦାରି ଖାଉଥିବାର ଦୃଶ୍ୟ ମୋ ଆଖି ଆଗେ ନାଚି ଉଠୁଛି । ଶୀତେଇ ଉଠୁଛି ସେ ଲୋମହର୍ଷଣ ଦୃଶ୍ୟ ମନେ ପଡିଗଲେ ।

ମୁଁ ଶୁଣିଥିଲି ମଣିଷ ମନେ ମରିଗଲା ପରେ ଡାଆଣୀ କି ପିଶାଚ ହୋଇ ବୁଲନ୍ତି । ମୋ' ମାଆ ବି ଡାଆଣୀ କି ପିଶାଚ ହେଇଯାଇଥିବ ନିଶ୍ଚୟ...! ମା ତୁ କୋ'ଠି ଅଛୁ ଥରେ ଦେଖା ଦିଅନ୍ତୁନି ..?ତଥାପି ସେମିତି ଏକ ମୁହୂର୍ତ୍ତର ବିଶ୍ୱାସକୁ ଏଡ଼ାଇ ନପାରି ପାଥେୟ କରି ଚାହିଁ ରହିଥିବି ମୁଁ...

ମୁଁ ଏବେ ଉତ୍ତରବୟସରେ ଉପନିତା । ଆଖିକୁ ଆଉ ସହଜେ ଗୋଚର ହେଉନି ସବୁକିଛି। ସେଦିନ ଜାଙ୍ଗୁଲ୍ ଜାଙ୍ଗୁଲ ମୁହଁ ସଂଜରେ ଗୁହାଳକୁ ଫେରୁଥିବାବେଳେ ନାଳରେ ଗୋଡ଼ ପସିଯିବାରୁ ସେମିତି ମୁହଁ ହାମୁଡ଼ି ବିବସ ହୋଇ ପଡିଥାଏ କିଛି ମୁହୂର୍ତ୍ତ । ପ୍ରକୃସ୍ଥିତ ହୋଇ ଜାଣିଲି ଯେ, ମୋ' ଆଗ ଡାହାଣ ଗୋଡ଼ଟି ମୋ ଶରୀରକୁ ସାହାଯ୍ୟ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ । ମୁଁ ଏବେ ନିଶ୍ଚଳ ପ୍ରାୟ । ଯଦିଓ ମୋ ଗୋଡରେ ବାଉଁଶ ବତାଦେଇ ଭିଡା ଯାଇଛି । ସେମିତି ଗୋଟିଏ ଜାଗାରେ ପଡି ରହିଛି ସେଦିନଠୁ । ବୋଧହୁଏ ଆଉ ଉଠିପାରିବନି ଏ ଜୀବନରେ ..! ବାଆଁରେଇ ଚାଲୁଥାଏ ବଞ୍ଚିଥିବା ଅବଧି ।

ଖାଉନ୍ଦ ପାଇଁ ମୁଁ ଏବେ ଅଲୋଡା ବୋଝଟିଏ କେବଳ । କଂସେଇଖାନାର ବିମର୍ଷ ଦୃଷ୍ୟ ମତେ ଜଳ ଜଳ ଦେଖା ଗଲାଣି । ଆଖି ଆଗେ ନାଚିଯାଏ ଗଫୁର ମିଆଁର ବିକଟାଳ ଆଚରଣ । ତା'ର ଇପ୍ସିତ ଲାଳସାଟି ପୂରଣ ହେବାକୁ ଯାଉଛି ନିଶ୍ଚୟ ...

ସୁଶୀଳାବତୀ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ସେକ୍ଟର -୨
ରାଉରକେଲା ମୋ-9861060152

ISSN NO.
2582-208X

# ରଜ



ସୁଜିତ୍ କୁମାର ମିଶ୍ର

ଏ କେମିତିକା ରଜ
ଯେଉଁଠି ନାହିଁ ଅନ୍ତରରେ ପ୍ରେମର ସଜବାଜ,
ଅଙ୍କୁରିତ ହେଉନି ପ୍ରେମର ବୀଜ ।

ରଜ ବୋଇଲେ କଣ
ମହଣ ମହଣ ଚକୁଳି ପିଠା,
ସୁଆଦିଆ ଖାସି ମାଂସର ମେହେଫିଲ୍
ରଙ୍ଗ ବେରଙ୍ଗର ନୂଆ ପୋଷାକ ନା ଆଉ କଣ,
ରଜ ତ ଭାଇଚାରାର ଋତୁ
ଉଦାସୀ ବଉଦ ଫାଙ୍କରୁ ନିରନ୍ତର ଝରୁଥିବା ଆନନ୍ଦ ଶ୍ରାବଣ ।

ରଜ ଏବେ ଜଡ କ୍ୟାଲେଣ୍ଡରରେ
ଏକ ପର୍ବର ନାମ,
ଗାଆଁର ପଦ୍ମ ପୋଖରୀ ଭିତରେ ଏବେ ତ
ଦଳ ଦଳ କୀଟ,
ପ୍ରେମର ଆଳୟରେ ପଡିଛି ତାଟିକବାଟ,

ISSN NO.
2582-208X

ଦାଣ୍ଡ ଧୂଳି ଆଉ କାହିଁ,
ଦଲାଲ ଦଲିଲକୁ ହାତେଇ ଗାଆଁର ଛାତିକୁ କରିଦେଇଛନ୍ତି କଂକ୍ରିଟ,
ଜଙ୍ଗଲ ଖୋଲାମେଲା,
ଉଗ୍ର ଆଧୁନିକତାର କମାଣ ମାଡରେ
ନୀରବି ଯାଇଛି
ଦୋଳିର ମଧୁର କେଂ କଟର ଶବ୍ଦ,
ଶୋଭା ବିମଣ୍ଡିତ ଗାଆଁ
ମହଣ ମହଣ ପଙ୍କରେ ଏବେ ବେସୁରା ଛନ୍ଦ,
ଏବେ ତ ଗାଆଁ ଗୁମୁରି ଗୁମୁରି କାନ୍ଦୁଛି ଦେଖି ତା ସେଦିନର ପାର୍ବଣ ଫଟ ।

ଅର୍ଥ ସର୍ବସ୍ୱ ନରହନ୍ତା ମଣିଷ
ଏବେ ମାପୁଛି ରଜକୁ
ଖାସି ମାଂସ, ବିରିୟାନୀ,
ଚିଲି ଚାଉମିନ, ଅର୍ଧ ଉଲଗ୍ନ ପୋଷାକ
ଆଉ  ଅପମିଶ୍ରିତ ଅପ ସଂସ୍କୃତିରେ,
ସମ୍ପର୍କ ନିଲମ୍ବିତ ଏଠି ସ୍ୱାର୍ଥର ପତିଆରାରେ,
କୁଆଡେ ଗଲେ ଝିଅ ଝିଆଣୀ,
ସେଇ ସୁଆଦିଆ ପୋଡପିଠାର ଅମୃତ ମହକ,
ଭାଇଚାରାର କବାଡି, ଫୁଟବଲ ଖେଳ,
ଏବେତ ସକାଳଠୁ ସଞ୍ଜ
ନୀରବତା ଆଉ ନିଆଁଧାସର ବିହନ ଅମଳ,
ଆବଡାଖାବଡା ମନ ଭିତରୁ ଅପହୃତ ଏବେ

ISSN NO.
2582-208X

ରଜର ସେ ରସାଳ କୋଳାହଳ,
ନଈର ଓସାର ଓ ପ୍ରବାହ କମୁଛି ଧୀରେ ଧୀରେ ।

ସଭିଙ୍କ ପାଟିରେ ଏକ ହିଁ ତ ପ୍ରଶ୍ନ
ରଜା ଗୀତ ଗଲା କାହିଁ,
କେଇଜଣ କୁହ ତ ଶୁଣୁଛନ୍ତି
ବାରମାସୀ ନିମଗ୍ନ ହୋଇ,
କେଇଜଣ ଗାଉଛନ୍ତି ଉଚ୍ଛୁଳା ଯମୁନା ହୋଇ,
ଯନ୍ତ୍ରର ଦାସ ପାଲଟିଥିବା
ଏବେ ଆମେ ନୁହେଁ କି
ଜଣେ ଜଣେ ଯନ୍ତ୍ର ଦାନବ,
ସେଇଥିପାଇଁ ତ ମିଠା ମିଠା ରଜଗୀତକୁ
ମାୟାବୀ କାମନା ନେଉଛି ଧୋଇ ।

ଦଶ ବର୍ଷ ତଳେ ମୋ ଗାଆଁରେ
ଶୋଭା ପାଉଥିଲା
ଆକାଶଛୁଆଁ ମୋଟାରୋଟା ଗଛ,
ସେଠି ଏବେ କୋଠାବାଡିର ରାଜତ୍ୱ,
କୁନାକୁନି କାନ୍ଦୁଛନ୍ତି ଦୋଳି ପାଇଁ,
ହେଲେ ଗଛ ଆଉ ଡାଳ କାହିଁ,
ବିକାଶର ଚିକ୍କଣ ରାଜପଥରେ
ପ୍ରତିଯୋଗିତା ମୂହୁର୍ତ୍ତେ ଆଗପଛ,

ISSN NO.
2582-208X

ଆଉ କେତେ କାଳ ଆମେ ଚଢି ଚାଲିଥିବୁ ଯେ
ଏ କଳା ପାହାଚ ?

ଚରମ ନିଦାଘର ତାତିରେ ବି
ନିଜ ନିଜ ସ୍ୱପ୍ନକୁ ନେଇ ଏବେ ସବୁଠି ରଜ,
ବାହାନାଗା ମାଟିକୁ କିଏ ଫେରାଇବ ରଜଭେଟି,
ଚିତ୍ରିତ ଫଗୁଣକୁ
ଆଖିରୁ ଓହ୍ଲାଇଲେ ସିନା
ଫିକା କାନ୍ଥରେ ଲେପି ହେବ ରଙ୍ଗ ଝୋଟି,
ଆଉ କେତେଦିନ ପରେ ସଜେଇ ହେବ ଯେ
ନିଷ୍ଠୁର ହୃଦୟର ସେ ଆଡମ୍ବରୀ କୁଞ୍ଜ ?

ବାହାନାଗାର ରକ୍ତତୀର୍ଥରେ
ସ୍ନାନ କରି ସାରିଲା ପରେ
ଏ ରଜ କଣ ହୋଇକି ଅଛି ଆଉ ରଜ ?

ଲୁହଲେଖା ରଜଗୀତ ନୁହେଁ କି
ଅସଲରେ ରଜର ମହକ ?

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨

ISSN NO.
2582-208X

# ମାତୃଭୂମି



କୈଳାସ ମେହେର

ନମସ୍ତେ ସିଂହବାହିନୀ ମମତାମୟୀ ଜନନୀ
ନାରଙ୍ଗୀ ଦୁକୂଳ ଶୋହେ ତୋ କଳେବରେ,
ମସ୍ତକେ ହେମ ମୁକୁଟ ଚାହାଣୀ କରେ ପାଳିତ
ତ୍ରିରଙ୍ଗା ନିଶାଣି ଶୋଭେ ତୋ ବାମ କରେ,
ତୁହି ଆର୍ଯ୍ୟଭୂମି ଭାରତ
ତୋ ଚରଣେ ସର୍ବେ ଆମ୍ଭେ ସଦା ଆଶ୍ରିତ । (୧)

କେତେ ବନ ଯେ ପାହାଡ଼ ଅବା କେତେ ନଈ ନାଳ
ବହୁଅଛି ତୋ ବକ୍ଷରେ ହୋଇ ପ୍ରଖର,
ନିର୍ଝର ଧୋଏ ଶରୀର ସିନ୍ଧୁରୁ ଉଠେ ଲହର
ନୃତ୍ୟ କରନ୍ତି ଚୌଦିଗେ ତରୁ ପତର,
ତୁହି ମାତୃଭୂମି ଜନନୀ
ଚାରୁକାନ୍ତି ସର୍ବ ଶୋଭା ରୂପ ମଣ୍ଡନୀ । (୨)

ତୋର ମାନ ଉଦ୍ଧାରଣେ କେତେ ବୀର ସୈନ୍ୟଗଣେ
ବୈପ୍ଳବିକ କବି ପୁଣି ମହାପୁରୁଷ,
ତୋ ଜଠରୁ ହେଲେ ସମ୍ଭୂତ ଟେକିବାକୁ ଧର୍ମନେତ
ଚାରୁହାସ୍ୟ ଦେବା ପାଇଁ ତୋର ବଦନେ,
ବୋହାଇଲେ କେତେ ଶୋଣିତ
ଅବା କେ ଗାଇଲେ କେତେ ବୈପ୍ଳବି ଗୀତ । (୩)

ISSN NO.
2582-208X

ସତୀଦାହ ଜାତିପ୍ରଥା ବାଲ୍ୟବିଭା କୁବ୍ୟାବସ୍ଥ
ପ୍ରବେଶିଲା ତୋ ରାଇଜେ ଦେଇ କଷଣ,
ବ୍ରାହ୍ମ ସମାଜ ଉଦିଲା ଜାତି ଧର୍ମ ସମ ହେଲା
ହାସ୍ୟ ପ୍ରକାଶିଲେ ତୋର ସନ୍ତାନଗଣ,
ରାଜା ରାମମୋହନ ରାୟ
ଭାରତ ମାଆଙ୍କୁ ଦେଲେ ଉତ୍ତମ ନ୍ୟାୟ ।(୪)

ସ୍ନେହ ପ୍ରେମର ଯେ ପାଠ ଗୁରୁ ରାମକୃଷ୍ଣ ମଠ
ଶିଖାଇଲା ନର ସେବା ସଂସାରେ ସାର,
ଚୈତନ୍ୟ ମହାପୁରୁଷ ଗାଇଲେ ବିଭୁଙ୍କ ଯଶ
ବୁଦ୍ଧ ଭାରତୀରେ ସର୍ବେ ହେଲେ ନିସ୍ତାର,
ତୋ ଧାମ ମଙ୍ଗଳ କାରଣେ
ସର୍ବେ ଖଟିଲେ ଶ୍ରୀପୟେ ସେବକପଣେ । (୫)

ବାଜିରାଉତ ବାଳକ ନଡରି ଗୁଳି ବନ୍ଧୁକ
ପରିଚୟ ଦେଲା କେଡେ ସାହସ ତାରେ,
ଝାନ୍ସୀ ରାଣୀ ଲକ୍ଷ୍ମୀବାଇ ତୋର ଗୁଣ ଗାଇ ଗାଇ
ସିପାହୀ ବିଦ୍ରୋହ କଲା ଅତି ଶୌର୍ଯ୍ୟାରେ,
କି ବର୍ଣ୍ଣିବି ଜୟୀର ଗାଥା
ହଂସ ବିସର୍ଜିଲା ହେଲେ ନପାତି ମଥା । (୬)

ସିପାହୀ ମଙ୍ଗଳ ପାଣ୍ଡେ ଅରି ନାଶିବାର କାଣ୍ଡେ
ସହାସ ବଦନେ ଦେଲେ ଆପଣା ପ୍ରାଣ,
ସମ୍ବଲପୁର ନାୟକ ତୋ ପାଇଁ ଢାଳେ ଲୋତକ
ଦେବା ପାଇଁ ତୋତେ ଏକା ପ୍ରୀତି ଜୀବନ,

ISSN NO.
2582-208X

ବୀର କାରେ ବୁଜେ ନୟନ
ତୋର ମୁକ୍ତି ପାଇଁ ଦେଖେ ନୀତି ସପନ । (୭)

ସୁଲଭ ସ୍ୱଭାବପନ୍ଥୀ ଉତ୍ତାରୁ ଚରମପନ୍ଥୀ
ଉଦିତ ହୋଇଲେ ତୋର ରିପୁ ନାଶନେ,
ଲାଲ ବାଲ ପାଲ ବୀର ତୋ ପ୍ରୀତି କଲେ ସଞ୍ଚାର
ଲହୁ ଦହନ ହୋଇଲା ବୈରି ଦମନେ,
ବିଶ୍ୱକବି ଅମର ଗାନ
ଜାତି ପ୍ରୀତି ଭିଆଇଲେ କରି ରଚନ । (୮)

ବନେ ଯେସନେ ଚନ୍ଦନ ସରସୀ ଜଳେ ନଳୀନ
ଜାତି ପିଅର ଯେ ତବ ହୃଦ ଚନ୍ଦନ,
ମୂକ ହୁଏ ମୋର ବାଣୀ ବର୍ଣ୍ଣିଲେ ତାଙ୍କ କାହାଣୀ
ଯିଏ ଥିଲେ କୋଟି ପ୍ରାଣେ ହୃଦ ଚନ୍ଦନ,
ତୋ କଷଣ ନାଶ କାରଣ
ଭବେ ସେଏକା ସିନା ଜନ ନାରାୟଣ । (୯)

ଆହେ ବୁଧବର ଜନେ ପାଠ କର ଜ୍ଞାନ ମନେ
ଦୋଷ କ୍ଷମାକର ମୋର ଉଦାର ପଣେ,
ମୁଁ ମୂଢ଼ ହୀନ ଅଜ୍ଞାନ ତବ ପଦ ରଜୁ ସାନ
ଅନନ୍ତ ଶରଣ ପଶେ ତୋର ଚରଣେ,
ବୋଲେ କଇଳାସ ମେହେର
ନିରନ୍ତର ଆଶ୍ରା ତବ ଚରଣେ ମୋର । (୧୦)

ଓଡ଼ିଆ ଅଧ୍ୟାପକ
ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,
ଉଲୁଣ୍ଡା, ସୋନପୁର

ISSN NO.
2582-208X

# ଏଇ ମୋର ଖୋଲା ମନ

ଭକ୍ତିଲତା ବଳ

ମନ ମୋର ଟିକି ଚଢେଇ
ଉଡି ଉଡି ବୁଲେ
ଡେଣା ଛାଡି ଛାଡି !
ସୁମଧୁର ସଙ୍ଗୀତରେ ହଜିଯାଏ ସେ
ବେଳେବେଳେ ସ୍ୱପ୍ନ ରାଇଜରେ
ବୁଲେ ସେ
ହଜାରେ ଆଶା ମନରେ ରହିଥାଏ
କେବେ ପୁରା ହେବ ବୋଲି ଭାବୁଥାଏ
ଦୁଃଖ, କଷ୍ଟକୁ ଭୁଲି ଯାଏ ସେ
ଘଡି ଘଡି ରଙ୍ଗ ବଦଳାଏ ସେ
ସକାଳୁ ସନ୍ଧ୍ୟା ଯାଏ କାମରେ ବ୍ୟସ୍ତ ଥାଏ ସେ
ବ୍ୟସ୍ତତା ଭିତରେ ବି ନିଜକୁ ବୁଝାଏ ସେ
ଯେତେ ସମସ୍ୟା ଥିଲେ ବି ନିଜକୁ ବୁଝାଏ
ପୁଣି ହସି ହସି ତାର ଦିନ କଟିଯାଏ ।

ISSN NO.
2582-208X

# ପ୍ରୀତିର ଫଗୁଣ



ବିପ୍ଳବ କଶୋର ରଥ

ମୁଁ ଜାଣିଛି ତମେ ଆସୁଛ
ଫଗୁଣର ଗୋଲାପି କିରଣରେ ଗୋଧୂଳିର ବାସ୍ନାନେଇ।
ମନେ ହୁଏ ମହୁଆ ମହୁଆ ହାବୁକା ପବନରେ
ଯେମିତି ତମେ ଛୁଇଁ ଯାଅ ମୋ ତନୁକୁ ପ୍ରୀତିର ସ୍ପର୍ଶରେ ।
ପୁନରାୟ ମନେପଡେ ସେହି ସ୍ମୃତି ଭିଜା ରାତି,
ରାତି ନୁହେଁ ରାତିର ଅନ୍ତରାଳରେ ଅଜଗର ଧୂଳିସାତ କରୁଥିଲା ନିରୀୟ ହରିଣକୁ,
ସେଦିନର ପ୍ରତିଟି ମୁହୂର୍ତ୍ତ ସ୍ମୃତିର ବାଲିଘର ପାଲଟି ଯାଇଛି ।
ଚେନାଏ ଖୁସୀ ଦେଇ ବିଷାଦର ଲହଡିରେ
ଭାଙ୍ଗିଯିବ ବାଲିଘର ଏହା କେବେ କଳ୍ପନା କରିନଥିଲି ।
ଅନେକ ରାତି ଆସିଛି ଅନେକ ଝଡ଼କୁ ନେଇ,
ଲଣ୍ଠନର ଧିମି ଧିମି ଆଲୋକକୁ ନିର୍ଦ୍ୱନ୍ଦରେ ଅନ୍ଧକାର ବକ୍ଷରେ ସମାହିତ କରି,
ସେହି ଅନ୍ଧକାର ବକ୍ଷରେ ତୁମ ଭାବନାରେ ରାତି କାଟିଛି,
କେବେ ପହିଲି କିରଣରେ ଖୋଜିଛିତ
କେବେ ରାତ୍ରିର ଅନ୍ଧାରରେ କେଳିଦୀପ ଜାଳି ବସିଛି,
ଜାଣିନି ତୁମେ ଫେରିବ କି ନାହିଁ ।
କିନ୍ତୁ ଜାଣିଛି ତୁମେ ଛାଡି ଯାଇଥିବା ସ୍ମୃତି ହିଁ
ମୋ ଅନ୍ଧକାର ଜୀବନରେ ପ୍ରଦୀପ ପାଲଟିବ ।

ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଦୂରଭାଷା- 9658921292

ISSN NO.
2582-208X

# ଶାଳଗ୍ରାମ



ଜୟନ୍ତୀ ଦେବୀ

ଶାଳଗ୍ରାମ ହେଉଛି ଏକ ଜାତିର ପଥର; ଯାହାକୁ ବୈଜ୍ଞାନିକ ମତରେ ଆମ୍ମୋନାଇଟ୍ କୁହାଯାଏ; ଯିଏକି ଏକ ଛିଦ୍ରଯୁକ୍ତ କୁଣ୍ଡଳାକାର ଜୀବାଶ୍ମ ଅଟେ। ହେଲେ ହିନ୍ଦୁ ଶାସ୍ତ୍ର ମତେ ଏହା ହେଉଛି ବିଷ୍ଣୁ ଦେବଙ୍କ ଜୀବନ୍ତ ପ୍ରତିମା। ଶାଳଗ୍ରାମ ବିନା କୌଣସି ବିଷ୍ଣୁମନ୍ଦିର ପ୍ରତିଷ୍ଠା ସମ୍ଭବ ନୁହେଁ। କୌଣସି ବିଷ୍ଣୁମନ୍ଦିର ନୂଆ କରି ତିଆରି ହେଲେ ବିଷ୍ଣୁପ୍ରତିମାର ପ୍ରାଣପ୍ରତିଷ୍ଠା କରିବାକୁ ପଡେ; ହେଲେ ଶାଳଗ୍ରାମ ବିନା ପ୍ରାଣପ୍ରତିଷ୍ଠାରେ ପୂଜା ପାଇଥାଏ।

କେଉଁଠୁ ମିଳେ :

ଶାଳଗ୍ରାମ କେବଳ ନେପାଳ ଅନ୍ତର୍ଗତ 'ମୁକ୍ତିନାଥ' ନାମକ ସ୍ଥାନରେ 'ଗଣ୍ଡକୀ' ନଦୀ ପଠାରେ ଦେଖିବାକୁ ମିଳିଥାଏ। ଦ୍ୱାରିକା ସମୁଦ୍ର କୂଳରୁ ମଧ୍ୟ ଏକ ପ୍ରକାର ଧଳା ପଥର ମିଳେ; ଯାହାକୁ 'ଚକ୍ରନିକା' କୁହଯାଏ। ଏ ପଥର ମଧ୍ୟ ଶାଳଗ୍ରାମ ସମତୂଲ୍ୟ। ଏହାକୁ ଶାଳଗ୍ରାମ ସହିତ ରଖି ପୂଜା କରାଯାଏ।

ଶାଳଗ୍ରାମ କିପରି ସୃଷ୍ଟି ହୁଏ :

ଗଣ୍ଡକୀ ନଦୀରେ 'ବଜ୍ରକୀଟ' ନାମକ ଏକ ପ୍ରକାର କୃମିପୋକ ବାସ କରନ୍ତି; ଯାହାର ଦାନ୍ତ ଓ ନଖ ଗ୍ରାନାଇଟ ଶିଳାଠୁ ଶକ୍ତ ବୋଲି ବିଶ୍ୱାସ ରହିଛି। ସେଇ କୀଟଗୁଡିକ ଏଇ

ISSN NO.
2582-208X

ଶିଳା ଉପରେ ଚକ୍ରାକୃତିର ଚିହ୍ନମାନ ଅଙ୍କନ କରିଥାନ୍ତି। ଏଇ ଚକ୍ର ସବୁ କେବଳ ଶିଳାର ଉପରି ଭାଗରେ ନ ରହି ଶିଳାର ଭିତର ଭାଗରେ ବି ରହିଥାଏ; କାରଣ ଏଇ କୀଟ ସେଇ ଶିଳା ଭିତରେ ହିଁ ବାସ କରିଥାଏ। ସେଇ କୀଟ କରିଥିବା ଛିଦ୍ରଗୁଡିକୁ "ବଦନ ବା ମୁଖ" ନାମରେ ଅଭିହିତ କରାଯାଏ। ଆମେ ଯଦି ଶାଳଗ୍ରାମ ଉପରେ ଗୋଟିଏ ପାର୍ଶ୍ୱରୁ ଆଲୋକ ପକାଇବା; ତେବେ ସେ ଛିଦ୍ର ଗୁଡିକ ଖୁବ ପରିଷ୍କାର ଭାବେ ଦେଖା ଯିବ। ଅସଲି ଶାଳଗ୍ରାମ ଚିହ୍ନିବା ପାଇଁ ଏଇ 'ଚକ୍ର ଚିହ୍ନ' ହିଁ ମହତ୍ୱପୂର୍ଣ୍ଣ। ବିଶ୍ୱାସ କରାଯାଏ କି: ଭଗବାନ ବିଷ୍ଣୁ ନିଜେ ସେ କୀଟ ରୂପରେ ଆସି ଏ ଶିଳାକୁ ପ୍ରସ୍ତୁତ କରିଥାନ୍ତି।

ରଙ୍ଗ, ରୂପ ଓ ଆକାର :

ଅଧିକାଂଶ ଶାଳଗ୍ରାମ ଶିଳା କଳା ରଙ୍ଗର। ଏହାଛଡା ବିରଳ ଲାଲ ରଙ୍ଗର ଶାଳଗ୍ରାମ ବି ଦେଖିବାକୁ ମିଳେ। ହେଲେ ଏହାକୁ ଘରେ ରଖି ପୂଜା କରାଯାଏ ନାହିଁ। ଶାଳଗ୍ରାମ ତିନି ପ୍ରକାରର ହୋଇଥାନ୍ତି। ସାଧାରଣ, କ୍ଷୁଦ୍ର ଓ ଅତିକ୍ଷୁଦ୍ର। ଅତିକ୍ଷୁଦ୍ର ଶାଳଗ୍ରାମରେ କୌଣସି ଛିଦ୍ର ବା ଚକ୍ର ଦେଖିବାକୁ ମିଳେ ନାହିଁ। ହେଲେ ଏହାକୁ ଆଲୋକ ଆଗରେ ରଖିଲେ,ଏହା ଭିତରଟା ଲାଲ ଦେଖାଯାଏ। ଏଇ ଶାଳଗ୍ରାମକୁ 'ରତ୍ନଗର୍ଭା' କୁହଯାଏ । ଏ ପ୍ରକାର ଶାଳଗ୍ରାମ ଅତି ବିରଳ ଶ୍ରେଣୀର। ଯେଉଁ ଶାଳଗ୍ରାମରେ ୭ଟି ଛିଦ୍ର ଓ ୧୪ ଟି ଚକ୍ର ଥାଏ; ତାକୁ "ଅନନ୍ତ ପଦ୍ମନାଭ" ମୂର୍ତ୍ତି କୁହାଯାଏ। ଯେଉଁଥିରେ ୨ଟି ଛିଦ୍ର ଓ ୪ଟି ଚକ୍ର ଥାଏ; ତାକୁ "ନାରାୟଣ ମୂର୍ତ୍ତି" କୁହନ୍ତି। ଉଭୟ ଶାଳଗ୍ରାମ ସମାନ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ ।

କିମ୍ବଦନ୍ତୀ :

କୁହାଯାଏ : "ମା ତୁଳସୀ" ଲକ୍ଷ୍ମୀଙ୍କ ଅଂଶ ନେଇ ଜନ୍ମ ଗ୍ରହଣ କରିଥିଲେ; ଆଉ ସେ "ରାକ୍ଷସ ଜଳନ୍ଧରକୁ ବିବାହ" କରିଥିଲେ। ତୁଳସୀଙ୍କ ସତୀତ୍ୱ ବଳରେ ଜଳନ୍ଧରକୁ କେହି ମାରିପାରୁ ନ ଥିଲେ। ତେଣୁ ସେ ଦେବ ଓ ମାନବଙ୍କ ଉପରେ ଅତ୍ୟାଚାର କଲା। ପୃଥିବୀ ତ୍ରାହି ତ୍ରାହି ଡାକିବାରୁ ବିଷ୍ଣୁଦେବ ସଂସାରର ମଙ୍ଗଳ ପାଇଁ ''ତୁଳସୀଙ୍କ ସତୀତ୍ୱ ହରଣ" କଲେ ଓ ତା' ପରେ ଜଳନ୍ଧରର ମୃତ୍ୟୁ ହେଲା। ହେଲେ ତୁଳସୀ ଏ କଥା ଜାଣି ପାରି ତାଙ୍କୁ

ISSN NO.
2582-208X

ପାଷାଣ ହେବାର ଅଭିଶାପ ଦେଲେ। ବିଷ୍ଣୁଦେବ ସେ ଅଭିଶାପକୁ ଗ୍ରହଣ କରି ପାଷାଣ ହେଲେ; ଯାହାକି ଏଇ ଶାଳଗ୍ରାମ। ଅଭିଶାପ ପାଇବା ପରେ ସେ ତୁଳସୀଙ୍କୁ 'ଗଣ୍ଡୁକୀ' ରୂପରେ ପ୍ରବାହିତ ହୋଇ ତାଙ୍କୁ ଅଭିଶାପ ମୁକ୍ତ କରିବାକୁ ଅନୁରୋଧ କଲେ। ତୁଳସୀ ତାଙ୍କ ଅନୁରୋଧ ରକ୍ଷା କରି 'ଗଣ୍ଡୁକୀ' ରୂପେ ପ୍ରବାହିତ ହୋଇ ଶାଳଗ୍ରାମ ରୂପେ ଅପେକ୍ଷାରତ ବିଷ୍ଣୁଙ୍କୁ ସ୍ପର୍ଶ କଲେ। ଫଳରେ ବିଷ୍ଣୁଦେବ ଶାପମୁକ୍ତ ହୋଇ ତୁଳସୀ ଦେବୀଙ୍କୁ ନେଇ ବୈକୁଣ୍ଠକୁ ଗମନ କଲେ। ହେଲେ ଦୁହିଁଙ୍କ ପ୍ରତୀକ "ଗଣ୍ଡୁକୀ ନଦୀ" ଓ 'ଶାଳଗ୍ରାମ' ଏଇ ଧରାରେ ରହିଗଲେ ।

ସଂଗ୍ରାହିକା: ଜୟନ୍ତୀ ଦେବୀ
ମହୁ, ଆଳ,କେନ୍ଦ୍ରାପଡ଼ା।ପିନ୍ ୭୫୪୨୩୧

ISSN NO.
2582-208X

# ଲିଭେଇ ଦିଅନା

ହରିଶ୍ଚନ୍ଦ୍ର ବେହେରା

ଲିଭେଇ ଦିଅନା ବାଲିକଙ୍କଡ଼ାର କୁଟିକମ କାରିଗରୀ
କୁନି କୁନି ମନ କେତେଯେ ସପନ ତା' ଭିତରେ ଅଛି ପୂରି
ଆସିବା ଆଗରୁ ଢେଉ ଅସୁମାରି ପଢ଼ିନିଅ ସେ କବିତା
କେତେ ଦୁଃଖ ଭରା ପ୍ରତିଟି ଅକ୍ଷର ଭଜିଯିବ ଆଖି ପତା ।

ଚିହ୍ନା ଓ ଅଚିହ୍ନା କେତେ କୁନି ପାଦ ନିରୀହ ଆବେଗ ଧରି
ମୋତିମାଳା ପିନ୍ଧି ଉତ୍ତରୀ ଉଡ଼େଇ ନାଚୁଥାଏ ନୀଳ ପରୀ
ବେଳା କୁମାରୀ ର କଅଁଳ ଗାଲରେ ଲମ୍ପଟ ନାଗର ଚୁମା
ଲୟ ବିଲୟ ର ସାପ ସିଡ଼ି ଖେଳ ସରିବନି କେବେ ଜମା ।

ନାଲି କଙ୍କଡ଼ା ର ମୁକୁଳା ଆନନ୍ଦ କିଏ ସେ ନିଏ ଚୋରେଇ
କେତେ ସୋହାଗ ର ଦିନ ମାନ ସବୁ ଯାଏ ଲୁହମୟ ହୋଇ
କୁହୁଳା ମନକୁ କେଉଁ ବେଳାକନ୍ୟା ଫୁଲରେ ଦେବ ସଜେଇ
ଆଗରେ ସୁନ୍ଦର ଦରିଆ ଶୋଇଛି ପଛେ ନରକ ର ନଇ ।

ଭଙ୍ଗା ଗଢ଼ା ଏଇ ସଂସାର ଭିତରେ ବାଲି କଙ୍କଡ଼ା ର ଖେଳ
ସରିଯିବ ନାହିଁ ଜୀବନ ପିଆଲା ପୂର୍ଣ୍ଣ ଥିବ ଯେତେ କାଳ ।

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ISSN NO.
2582-208X

# ଦାସ ପରି ରଖିଥାଅ



ଦାସ କମଳ କୁମାର

କରୁଣା ସାଗର ହେ କରୁଣାକର
କରୁଣା କାହିଁ ନକର ।
ଡାକ ଡାକ ଡାକ ତଣ୍ଟିରୁ ନ ଆସେ
ଡାକକୁ ନ ଶୁଣ ମୋର ।
ମାଗି ମାଗି ମାଗି କ'ଣ ବା ମାଗିବି
ମାଗିବାକୁ ଡରିଯାଅ ।
ସେଥିପାଇଁ ଶୁଣି ଶୁଣିବି ଶୁଣୁନ
ଶୁଣି କାନେ ହାତ ଦିଅ ।
ଦୁଃଖଗ୍ରାମେ ଦୁଃଖ ଦୁଃଖ ଖାଲି ଦୁଃଖ
ଦୁଃଖ ଦେଖି ଦୁଃଖଭାଗୀ ।
ଦେଖି ଦେଖି ତୁମେ ଦେଖି ନ ଦେଖୁଛ
ଦେଖି କାଳେ ହେବ ଭାଗି ।

କେଉଁ ଭାଗ୍ୟକ୍ରମେ ଏ ଭାଗ୍ୟ ଲଭିଲି
ଭାଗ୍ୟ ମୋର ଭାଗ୍ୟହୀନ ।
ଦୟାବନ୍ତ ହୋଇ ଦୟା କରନାହିଁ
କୁହ କେଡେ ଦୟାବାନ ।
କରୁଣା ସିନ୍ଧୁରୁ କରୁଣା ବିନ୍ଦୁଏ
କରୁଣା କରିଣ ଦିଅ ।
ମୁହିଁ ହୀନ ଦାସ ଦାସଙ୍କର ଦାସ
ଦାସ ପରି ରଖିଥାଅ ।
( ଜୟ ଜଗନ୍ନାଥ )

ଗୋବିନ୍ଦପୁର,
ମାର୍ଥାପୁର

ISSN NO.
2582-208X

# କେ ନୁହେଁ କା' ଠାରୁ ନିଊନ



ଗୁପ୍ତେଶ୍ୱର ଗ୍ବନ୍ଦ୍

କଥାଟି ଛୋଟିଆ ହେଇ ପାରେ ହେଲେ
ମରମ  ଅତୀବ ଗହନ ।
ସହଜ ନୁହଁଇ ଘୂରି ଯାଏ ମଥା
ରହସ୍ୟ କରିବା ଭେଦନ ।୧
ଏ ସଂସାର ପର୍‌ ପରମେଶ୍ୱରଙ୍କ
ଅନୁପମ ଶିକ୍ଷାନୁଷ୍ଠାନ ।
କେବଳ ଯେ ସରକାରୀ ବିଦ୍ୟାଳୟେ
ବିଦ୍ୟା ହୁଏନ ଅରଜନ ।୨
କୀଟ-ପତଙ୍ଗ ଠୁଁ ଆରମ୍ଭ କରିକ
ଲତା ଗୁଳ୍ମ ରେ ପରିପୂର୍ଣ୍ଣ ।
ସୂକ୍ଷ୍ମଭ୍ବେ ଭରି ରହିଛି ତହିଁରେ
ପ୍ରତ୍ୟକ୍ଷେ କେତେ ଯେ ବିଜ୍ଞାନ ।୩
ଆଧୁନକ ବେଶ ପୋଷାକ  ପିନ୍ଧିକି
କେହି ହୋଇନ ମହାଜ୍ଞାନୀ ।
କଞ୍ଚା ପଣସ ଟେ କାଟିବାକୁ ଦେଲେ
ବୁଦ୍ଧିବଣା ହେବ ସଜନୀ ।୪

ISSN NO.
2582-208X

ଜିଲ୍ଲା-ପାଳ ପଦବୀରେ ସିନା ପାଠ
ପଢ଼ି  ପାଇଛି ମୁଁ ନିଯୁକ୍ତ।
ହାତ ପିନ୍ଧା ଘଣ୍ଟା ହୋଇଲେ ଅଚଳ
କରି ପାରିବି ମରାମତି  ?  ।୫
ମୁଁ ଇଂଜିନିୟର ବୋଲି କରିପାରେ
ପ୍ରକଳ୍ପ କୋଟିଏ ଟଙ୍କାର  ।
ନୂଆ ଜାମା ଖଣ୍ଡେ ପାରିବି ସିଲେଇ
ଅଛି କ ସେ ଜ୍ଞାନ ମୋହର  ?  ।୬
ଦେଶର ପ୍ରଧାନ ମନ୍ତ୍ରୀ ସିନା ମୁହିଁ
ବସିଅଛି ରାଜଗାଦିରେ।
ଚଳିି ପାରିବି କ କେଉଁ ଫସଲ ଟି
ଚାଷ ହେବ କେଉଁ ମାଟିରେ  ??  । ୭
ଚଳସ୍ବୀ ବିଜ୍ଞାନୀ ବୋଲି ମନେ ମୋର
ପୂରି ରହିଛି ଅହଂକାର  ।
ବରଷା କରାଇ ପାରିବି   ଗଗନୁ
ଗାନ କରି ମେଘ ମହ୍ଲାର  ???  ।୮
କଳ କାରଖାନା ମାଲିକ ମୁଁ ପରା
ମୋ'ପରି ନୁହେଁ କେ ସଂସାରେ  ।
ନାଗ ସାପ ଟିଏ ଦେଖିଲେ ଛାନିଆଁ
ଛାତି ମୋ' ଧକ ଧକ କରେ।୯

ISSN NO.
2582-208X

ସାପୁଆକେଳା ଟି  ନ ଆସିବା ଯାଏ
ପିଣ୍ଡେ ଥୟ ନୁହେଁ ପର୍ାଣ।
କୁଆଡ଼େ ଗଲ୍ ସେ ଗର୍ବ ଦମ୍ଭ ଆଉ
ଜାତି-ଗୋତ୍ର କୁଳାଭିମାନ ? ।୧୦
କେବେ ଭାବିବୁନ କେ ବଡ଼ କେ ସାନ
ମନେରଖ ମୋ' ବାୟାମନ
ଈଶ୍ୱର ଙ୍କ ପାଇଁ ସଭିଏଁ ସମାନ
କେ ନୁହେଁ କା'ଠାରୁ ନଉନ ।୧୧

ସମାସିଂହା; ଝାରସୁଗୁଡ଼ା
ଦୂର ଭାଷ :୭୬୮୩୮୪୧୦୬୪

ISSN NO.
2582-208X

# ବାସ୍ତୁ ବାଣୀ



ଦେବଯାନୀ ବାରିକ୍

ଅଶୋକ ଗଛରୁ ସକାରାତ୍ମକ ଶକ୍ତିର ପ୍ରତୀକ ବୋଲି କୁହାଯାଏ। ବାସ୍ତୁ ଅନୁସାରେ ଏହି ଗଛଟି ସବୁବେଳେ ଘରର ମୁଖ୍ୟ ଦ୍ୱାରରେ ରହିବ ଆବଶ୍ୟକ। ଯଦି ଅଶୋକ ଗଛ ଶୁଖିଯାଏ ତେବେ କୁହାଯାଏ ଯେ ଘରର ସୁଖ ଓ ଶାନ୍ତିରେ ବାଧା ଆସିଥାଏ । ଘରେ କଳହ ଓ ଆର୍ଥିକ ସମସ୍ୟା ଦେଖା ଦେଇଥାଏ । ତେଣୁ ଗଛ ଗୁଡିକର ଏହିସବୁ ସୂଚନା ଆମକୁ ଜୀବନ ପ୍ରତି ସତର୍କ କରିଥାଏ ।

ଅରଖ ଗଛ ଏହା ଆମ ଜୀବନରେ ଆସୁଥିବା ସବୁ ବାଧାବିଘ୍ନକୁ ଦୂର କରିଥାଏ । ଯେଉଁ ଘରେ ଆପେ ଆପେ ଅରଖ ଗଛ ଉଠିଥାଏ ସେ ଘରେ କୌଣସି ଅଭାବ ରହେ ନାହିଁ। ଘରେ ଧନଧାନ୍ୟରେ ଘର ପୂରି ଉଠେ । ବାସ୍ତୁଶାସ୍ତ୍ର ଅନୁସାରେ ଘର ସମ୍ମୁଖରେ ଏହି ଗଛ ଉଠିଲେ ତାକୁ ଉପାଡିବା ଅନୁଚିତ୍ ।

ଅଶ୍ୱତ୍ଥ ଗଛ ଘର ପାଖରେ ରହିଲେ ଏହା ନକାରାତ୍ମକ ଶକ୍ତି ପକାଇଥାଏ। ତେଣୁ ଏହି ଗଛକୁ ଭୁଲରେ ବି ଆପଣ ନିଜ ଘରେ ବା ଆଖ ପାଖରେ ଲଗାନ୍ତୁ ନାହିଁ। ବା ରହିବାକୁ ଦିଅନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ଯଦି ବି ଏହା ଆପଣଙ୍କ ଘରେ ଉଠିଥାଏ, ତେବେ ଆପଣ ଏହାକୁ ମନ୍ଦିରରେ ଲଗାଇ ପାରିବେ ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ବର ଗଛ ଘର କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନର ପୂର୍ବ ଦିଗରେ ରହିଲେ ଖୁବ୍ ଭଲ । ଏହି ଦିଗରେ ଗଛ ରହିଲେ ଘରେ କୌଣସି ପ୍ରକାରର ଅଭାବ

ISSN NO.
2582-208X

ଅସୁବିଧା ରହେ ନାହିଁ । କିନ୍ତୁ ଯଦି ଘରର ପଶ୍ଚିମ ଦିଗରେ ବର ଗଛ ରହିଛି ତାହେଲେ ଅଶୁଭ ହୋଇଥାଏ । ଏପରିକି ଗଛର ଛାଇ ଘର ଉପରେ ପଡିଲେ ମଧ୍ୟ ନକରାତ୍ମକ ପ୍ରଭାବ ପକାଇଥାଏ ।

ଜୟମା ଦୁର୍ଗା

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଇପ୍ସିତ ଆଶା



ଖଗେଶ୍ୱର ବାଗ

ଇଚ୍ଛା ହୁଏ ସିନା ଭେଟିବି ତୁମକୁ ନିରିଜନେ ଏକାନ୍ତରେ
ତୁମେ ଦେଖୁଥିବ ଅପଲକେ ମୋ ବି ନେତ୍ର ଥିବ ତୁମଠାରେ
ବସିଥିବ ତୁମେ ଶିଳା ସିଂହାସନେ ତଳେ ବସି ଚାହିଁଥିବି
ନୟନେ ନୟନ ମିଳାଇ ତୋ ପ୍ରୀତି ସୁଧା ସଦା ପିଉଥିବି ।।
ଇଚ୍ଛା ହୁଏ ସିନା ହିମଗିରି ପାଦେ ଶୀତବସ୍ତ୍ର ପରିଧାନେ
ମୋ ତନୁ ଉଷ୍ଣତା ତୋ କାନ୍ତିରେ ଭରି ଦ୍ୟନ୍ତି ଗାଢ ଆଲିଙ୍ଗନେ
ଗଙ୍ଗୋତ୍ରିରୁ ଗଙ୍ଗା ମାନସରୋବରୁ ବ୍ରହ୍ମପୁତ୍ର ତଟଦେଶେ
ତୁଷାର କୁଟୀର ବିରଚନ୍ତି କେତେ ଦୁହେଁ ରହିବାର ଆଶେ ।।
ଇଚ୍ଛା ହୁଏ ସିନା ବିହରନ୍ତି ବନେ ଉପବନେ ତୁମ ସଙ୍ଗେ
ହାତେ ହାତଛନ୍ଦି ଚାଲୁଥା'ନ୍ତି ଧୀରେ ଆନ କର ରଖି ଅଙ୍ଗେ
କୋମଳ ପରଶେ ଶତ ଶିହରଣ ନୀଳସିନ୍ଧୁ ଉର୍ମି ପରି
ହୃଦ ବେଳାଭୂମି ସ୍ୱର୍ଶ ଅଭିଳାଷେ ଆସି ପୁଣି ଯା'ନ୍ତା ଫେରି ।।
ଇଚ୍ଛା ହୁଏ ସିନା ସାରାରାତି ତୁମ ସହିତ ଗୋ କାଟିବାକୁ
ସ୍ମରଣେ ଅତୀତ ଆଗତ ଭବିଷ୍ୟ ଯୋଜନା ଗୋ କରିବାକୁ
ବିତାଇ ଦିଅନ୍ତି ଦିନ ମାସ ବର୍ଷ ଏ ଜୀବନ ତୁମ ସହ
ସାରା ଅଇଶ୍ୱର୍ଯ୍ୟ ମିଳିଯା'ନ୍ତା ସତେ ବାନ୍ଧିଦେଲେ ତୁମ ମୋହ ।।

ISSN NO.
2582-208X

ଇଚ୍ଛା ହୁଏ ତୁମ ସହ ଗଢ଼ିବାକୁ ସପନର ଏକ ଘର
ନଥା'ନ୍ତା ତହିଁରେ କ୍ଷୁଧା ତୃଷା ଶୋକ ଯାବତ ଏ ସଂସାରର
ସାତ ଜନ୍ମ ପାଇଁ ରହିଥା'ନ୍ତୁ ଦୁହେଁ ଏକ ଆରେକର ହୋଇ
ତୁମେ ମୋ ହୃଦୟ ସ୍ପନ୍ଦନ ବି ତୁମେ ତୁମ ବିନା ଗତି କାହିଁ ?।।

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ଫେରି ଆସନ୍ତା କି ?



ଝରଣା ବାରିକ

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ଯେଉଁ ସନ୍ଧ୍ୟା ରେ
ଜଳୁଥାନ୍ତା ଦୀପଟିଏ
ଜୁକୁ ଜୁକୁ ଆଲୁଅ କରି
ଚଉର୍ ମୂଳରେ

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ଯୋଉଠି ବୁଢ଼ୀ ମାଆର
ଗ୍ଳପ୍ରିପଟେ
ନାତି ନାତୁଣୀ ଙ୍କ ଭିଡ଼ ଜମି ଯାଆନ୍ତା
ଗପ ଶୁଣିବା ପାଇଁ

ଫେରି ଆସନ୍ତା କି ଏମିତି ଏକ ସନ୍ଧ୍ୟା
ସବୁ କାମ ଧନ୍ଦା ସାରି
ଭାଗବତ ଟୁଙ୍ଗୀ ରେ
ବସି ଯାଆନ୍ତେ
ଗାଆଁ ର ପୁରୁଖା ଲୋକ ମାନେ

ISSN NO.
2582-208X

ଫେରି ଆସନ୍ତା କ ଏମିତି ଏକ ସନ୍ଧ୍ୟା
ଗାଈ ଗୋଠ ନେଇ ଧୂଳ ଉଡେଇ ଉଡେଇ
ଗୀତ ଗାଇ ଗାଇ ଫେରୁ ଥାନ୍ତା
ଗାଈ ଆଳ ପିଲାଟା
ହାତରେ ପାଞ୍ଚଣ ଟିଏ ଧରି ।

ଫେରି ଆସନ୍ତା କ ଏମିତି ଏକ ସନ୍ଧ୍ୟା
ବୋଉ ର ହାତ ତିଆରି
ଚକୁଳ ପିଠା ବାସ୍ନା ଶୁଣି
ଚୁଲି ଗୁରିପଟେ
ଘେରି ଯାଆନ୍ତେ
ଭାଇ ଭଉଣୀ ମାନେ ।

ଏମିତି ଏକ ସନ୍ଧ୍ୟା ଏବେ ବିଲୁପ୍ତ
ଗ୍ରହୀ ର ଅନ୍ଧାର ଭିତରେ ଲୁଚ ଯାଇଛି,
ଖାଲି ରହି ଯାଇଛି
ଆମ ମାନଙ୍କ
ଅଙ୍ଗେଲିଭା
କାହାଣୀ ଟିଏ ହୋଇ ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଭାବନା ମୋ ହୃଦୟର....



ଦେବେନ୍ଦ୍ର ସାହୁ

କାହିଁକ ହଜିବି ଅସୀମ ବିଶ୍ୱ ବ୍ରହ୍ମାଣ୍ଡରେ ନସଙ୍ଗ ନୀରବ
ରହିବି ହୃଦୟ ଭିତରେ ଅକୁହା କୋହ କୁ ନସର୍ଭେ
ଆପଣାର କରି ପୁଞ୍ଜିଭୂତ ବେଦନା ର ମାଳା କୋଳେ ଧରି....

ଭ୍ବନା ଦିଗବଳୟର ଭ୍ରମରେ ଏମନ ଅହରହ
କରେ କେତେ ଚନ୍ତନ ମନନ ଅବ୍ୟକୁ ନଷ୍କର୍ଷ ସାଉଁଟି
ଲିଭି ଲିଭି ଯାଏ ଯେମିତି ମେଘୁଆ ଆକାଶେ ଜହ୍ନ ଦିଶୁଥାଏ....

କେବେ ଜୀବନ ସମ୍ପୂର୍ଣ୍ଣ ଲ୍ଗେ ପ୍ରିତିପ୍ରଣୟରେ ଦୁଃଖ
ହୁଏ ଅପହୃତ ତା ଦରଦି କଥାରେ ଅଗ୍ନନକ ପୁଣି ନଦ
ଭ୍ଙ୍ଗି ଯାଏ ଅଜଣାରେ ଯେବେ ପ୍ରେମ ପ୍ରତାରଣା ଦିଶେ ଗୋଟିଏ ପୃଷ୍ଠାରେ....

ଯାହା ହୁଏ ହେଉଛି ହବ ସବୁ ଶ୍ୟାମ ଇଛା ମରୀଚକା
ଭ୍ରମେ ଶୋକ କରିବି କାଇଁ ତୁଚ୍ଛା ମୁକ୍ତ ବିହଙ୍ଗ ସମ
ଉଡିବି ବାଦଲ ସଙ୍ଗରେ ଦେଖୁବି ଗୋଟି ଗୋଟି ସ୍ୱପ୍ନ ରସିକ ଢଙ୍ଗରେ....

ର୍ମେଶ୍ୱର, ସାଲେପୁର, କଟକ

ISSN NO.
2582-208X

# ଆଜିର ଭାଗବତ

## ବାଣୀ



ଅଧ୍ୟାପକ ଅବିନାଶ ବାରିକ୍

ଶ୍ରୀମଦ୍ଭାଗବତ ମହିମା

ଭଗବାନ କହୁଛନ୍ତି --

ଶ୍ରୀମଦ୍ଭାଗବତଂ ନାମ
ପୁରାଣଂ ଲୋକବିଶ୍ରୁତମ୍ ।
ଶୃଣୁୟାଚ୍ଛ୍ରଦ୍ଧୟା ଯୁକ୍ତୋ
ମମ ସନ୍ତୋଷକାରଣମ୍ ।।

ଶ୍ରୀମଦ୍ଭାଗବତ ନାମକ ଲୋକବିଖ୍ୟାତ ପୁରାଣକୁ ପ୍ରତିଦିନ ଶ୍ରଦ୍ଧାଯୁକ୍ତ ହୋଇ ଶ୍ରବଣ କରିବା ଉଚିତ । ଏହାଦ୍ୱାରା ମୁଁ ସନ୍ତୁଷ୍ଟ ହୋଇଥାଏ ।

ନିତ୍ୟଂ ଭାଗବତଂ ଯସ୍ତୁ
ପୁରାଣଂ ପଠତେ ନରଃ ।
ପ୍ରତ୍ୟକ୍ଷରଂ ଭବେତ୍ତସ୍ୟ
କପିଳାଦାନଜଂ ଫଳମ୍ ।।

ISSN NO.
2582-208X

ଯେ ପ୍ରତ୍ୟହ ଭାଗବତ ମହାପୁରାଣ ପାଠ କରେ, ତାକୁ ଭାଗବତର ପ୍ରତ୍ୟେକ ଅକ୍ଷର ଉଚ୍ଚାରଣରେ ଗୋଟିଏ ଲେଖାଏଁ କପିଳା ଗାଇ ଦାନ କରିବାର ପୁଣ୍ୟ ମିଳେ ।

ଶ୍ଳୋକାର୍ଦ୍ଧଂ ଶ୍ଳୋକପାଦଂ ବା
ନିତ୍ୟଂ ଭାଗବତୋଦ୍ଭବମ୍ ।
ପଠତେ ଶୃଣୁୟାତ୍ ଯସ୍ତୁ
ଗୋସହସ୍ରଫଳଂ ଲଭେତ୍ ।।

ଯେ ପ୍ରତିଦିନ ପବିତ୍ର ଚିତ୍ତରେ ଭାଗବତରୁ ଗୋଟିଏ ଶ୍ଳୋକର ଅଧା ବା ଏକଚତୁର୍ଥାଂଶ ପାଠ କରେ, ତାକୁ ଏକ ହଜାର ଗୋଦାନର ଫଳ ମିଳେ ।

ଯଃ ପଠେତ୍ ପ୍ରୟତୋ ନିତ୍ୟଂ
ଶ୍ଳୋକଂ ଭାଗବତଂ ସୁତ ।
ଅଷ୍ଟାଦଶପୁରାଣାନାଂ
ଫଳମାପ୍ନୋତି ମାନବାଃ ।।

ଯେ ପ୍ରତିଦିନ ପବିତ୍ର ଚିତ୍ତରେ ଭାଗବତରୁ ଗୋଟିଏ ଶ୍ଳୋକ ପାଠ କରେ, ସେ ଅଷ୍ଟାଦଶ ପୁରାଣ ପାଠର ଫଳ ପାଏ ।

ନିତ୍ୟଂ ମମ କଥା ଯତ୍ର
ତତ୍ର ତିଷ୍ଠନ୍ତି ବୈଷ୍ଣବାଃ ।
କଳିବାହ୍ୟା ନରାସ୍ତେ ବୈ
ଯେର୍ଚ୍ଚୟନ୍ତି ସଦା ମମ ।

ISSN NO.
2582-208X

ଯେଉଁଠି ନିତ୍ୟ ମୋ ବିଷୟରେ ଚର୍ଚ୍ଚା ହୁଏ, ସେଠାରେ ବିଷ୍ଣୁପାର୍ଷଦମାନେ ଅବସ୍ଥାନ କରନ୍ତି। ମତ୍ ସ୍ୱରୂପ ଭାଗବତଶାସ୍ତ୍ରକୁ ପୂଜା କରୁଥିବା ଲୋକଙ୍କ ଉପରେ କଳିରାଜା ଶାସନ କରିପାରେ ନାହିଁ ।

ବୈଷ୍ଣବାନାଂ ତୁ ଶାସ୍ତ୍ରାଣି
ଯେର୍ଚ୍ଚୟନ୍ତି ଗୃହେ ନରାଃ ।
ସର୍ବପାପ ବିନିର୍ମୁକ୍ତା
ଭବନ୍ତି ସୁରବନ୍ଦିତା ।।

ଯେଉଁ ଲୋକେ ସ୍ୱଗୃହରେ ବୈଷ୍ଣବଶାସ୍ତ୍ରମାନ ପୂଜା କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହେବା ସହିତ ଦେବଗଣଙ୍କ ଦ୍ୱାରା ବନ୍ଦିତ ହୁଅନ୍ତି ।

ଶ୍ଳୋକାର୍ଦ୍ଧଂ ଶ୍ଳୋକପାଦଂ ବା
ବରଂ ଭାଗବତଂ ଗୃହେ ।
ଶତଶୋଥ ସହସ୍ରୈଶ୍ଚ
କିମନ୍ୟୈଃ ଶାସ୍ତ୍ରସଂଗ୍ରହୈ ।।

ଗୃହରେ ଭାଗବତର ଗୋଟିଏ ଶ୍ଳୋକର ଅଧା ବା ଏକ ଚତୁର୍ଥାଂଶ ରଖାଯିବା ମଧ୍ୟ ଉତ୍ତମ । ଏହାକୁ ଛାଡ଼ି ଅନ୍ୟାନ୍ୟ ଗ୍ରନ୍ଥ ସହସ୍ର ସଂଖ୍ୟାରେ ରଖି ମଧ୍ୟ ଲାଭ କଣ ?

ଶ୍ରୀ ଜଗନ୍ନାଥ ଶରଣଂ

ସଂଗ୍ରାହକ: ଅଧ୍ୟାପକ ଅବିନାଶ ବାରିକ୍
ମହୁ, ଆଳି, କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ପରିବେଶ ରକ୍ଷା ହୋଇବ



ବିକାଶ କୁମାର ହୋତା

ବନ୍ୟ ଜନ୍ତୁ ସବୁ ଜଙ୍ଗଲ ଛାଡ଼ିକି
ପଶିଲେଣି ଆସି ଗାଆଁରେ
ଧନ ଜନ ସବୁ ହାନି କରି ଆମ
ଭୟ ଆଣୁଛନ୍ତି ମନରେ ।।(୧)
ନିଜ ଗୋଡ଼େ ନିଜେ କୁରାଢ଼ି ମାରୁଛେ
ଗଛ ସବୁ କାଟି ଦେଇକି
ବାସସ୍ଥାନ ତାଙ୍କ ନଷ୍ଟ କରୁଅଛେ
ଜଙ୍ଗଲ କୁ ପଦା କରିକି ।।(୨)
ଭୋକ ବିକଳରେ ପଶି ଆସୁଛନ୍ତି
ନିରାଶ୍ରୟ ପରା ହୋଇକି
ସାମ୍ନାରେ ପାଇଲେ ଜୀବନ ନିଅନ୍ତି
ମନେ ତାଙ୍କ ଭୟ ରଖିକି ।।(୩)
ଆମେ ତ ହୋଇଲେ କେଡ଼େ ସ୍ୱାର୍ଥପର
କେତେ କଷ୍ଟ ତାଙ୍କୁ ଦେଇକି
କଳକାରଖାନା, କୋଠା ବାଡ଼ି ପାଇଁ
ବଣ ସବୁ ନାଶ କରିକି ।।(୪)
ଘଞ୍ଚ ଜଙ୍ଗଲରେ ଭରି ରହିଥିଲା
ଆମରି ଓଡ଼ିଶା ରାଇଜ

ISSN NO.
2582-208X

ବାଘ, ଭାଲୁ, ହାତୀ ତାଙ୍କ ଛୁଆ ସହ
କରୁଥିଲେ ଖୁସି ମଉଜ ।।(୫)
ଲାଗୁଛି ଏମିତି କେଇ ଦିନ ପରେ
ନଥିବ ତ ବଣ ଜଙ୍ଗଲ
ହାତୀ, ବାଘ, ଭାଲୁ ଲୋପ ପାଇଗଲେ
ବଣା ହେବ ଆମ ଅକଲ ।।(୬)
ଜୀବନ ତାଙ୍କରି ବଞ୍ଚାଇ ରଖିକି
ସନ୍ତୁଳନ ରକ୍ଷା କରିବା
ପରିବେଶ ରକ୍ଷା ତେବେ ତ ହୋଇବ
ଆସରେ ଗଛ ଲଗାଇବା ।।(୭)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୮୭୯୮,୮୬୫୮୨୯୨୦୫୧

ISSN NO.
2582-208X

# ରାମାଷ୍ଟକମ୍



ଅଳକା ବାରିକ୍

ଭଜେ ବିଶେଷସୁନ୍ଦରଂ ସମସ୍ତପାପଖଣ୍ଡନମ୍ ।
ସ୍ୱଭକ୍ତଚିତ୍ତରଞ୍ଜନଂ ସଦୈବ ରାମମଦ୍ୱୟମ୍ ॥ ୧ ॥

ଜଟାକଲାପଶୋଭିତଂ ସମସ୍ତପାପନାଶକମ୍ ।
ସ୍ୱଭକ୍ତଭୀତିଭଞ୍ଜନଂ ଭଜେହ ରାମମଦ୍ୱୟମ୍ ॥ ୨ ॥

ନିଜସ୍ୱରୂପବୋଧକଂ କୃପାକରଂ ଭବାପହମ୍ ।
ସମଂ ଶିବଂ ନିରଞ୍ଜନଂ ଭଜେହ ରାମମସ୍ୱୟମ୍ ॥ ୩ ॥

ସହପ୍ରପଞ୍ଚକଲ୍ପିତଂ ହ୍ୟନାମରୂପବାସ୍ତବମ୍ ।
ନିରାକୃତିଂ ନିରାମୟଂ ଭଜେହ ରାମମଦ୍ୱୟମ୍ ॥ ୪ ॥

ନିଷ୍ପ୍ରପଞ୍ଚନିର୍ଵିକଲ୍ପନିର୍ମଲଂ ନିରାମୟମ୍ ।
ଚିଦେକରୂପସନ୍ତତଂ ଭଜେହ ରାମମଦ୍ୱୟମ୍ ॥ ୫ ॥

ଭବାବ୍ଧିପୋତରୂପକଂ ହ୍ୟଶେଷଦେହକଲ୍ପିତମ୍ ।
ଗୁଣାକରଂ କୃପାକରଂ ଭଜେହ ରାମମଦ୍ୱୟମ୍ ॥ ୬ ॥

ISSN NO.
2582-208X

ମହାବାକ୍ୟବୋଧକୈର୍ବିରାଜମନବାକ୍ପଦୈଃ ।
ପରବ୍ରହ୍ମ ବ୍ୟାପକଂ ଭଜେହ ରାମମଦ୍ୱୟମ୍ ॥ ୭॥

ଶିବପ୍ରଦଂ ସୁଖପ୍ରଦଂ ଭବଚ୍ଛିଦଂ ଭ୍ରମାପହମ୍।
ବିରାଜମାନଦୈଶିକଂ ଭଜେହ ରାମମଦ୍ୱୟମ୍ ॥ ୮॥

ରାମାଷ୍ଟକଂ ପଠତି ଯଃ ସୁକରଂ ସୁପୁଣ୍ୟ ବ୍ୟାସେନ ଭାଷିତମିଦଂ ଶୃଣୁତେ ମନୁଷ୍ୟଃ ।
ବିଦ୍ୟାଂ ଶ୍ରିୟଂ ବିପୁଲସୌଖ୍ୟମନନ୍ତକୀର୍ତ୍ତିଂ ସମ୍ପ୍ରାପ୍ୟ ଦେହବିଲୟେ ଲଭତେ ଚ ମୋକ୍ଷମ୍
॥୯॥

ଇତି ଶ୍ରୀବ୍ୟାସବିରଚିତଂ ରାମାଷ୍ଟକଂ ସମ୍ପୂର୍ଣ୍ଣମ୍

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଏ ସଂସାରରେ ଦରିଦ୍ର କିଏ ?



ସୂହାସିନ ବାରିକ୍

## ଶ୍ରୀମଦ ଭ୍ଗବତ

ଉଦ୍ଧବଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି 'ଉଦ୍ଧବ ଏ ସଂସାରରେ ମନୁଷ୍ୟ ହେଉଛି ସର୍ବଶ୍ରେଷ୍ଠ ପ୍ରାଣୀ । ସେଥିପାଇଁ ମନୁଷ୍ୟ ସୁନ୍ଦର ଶରୀର ସହିତ ବୁଦ୍ଧି, ବିବେକ ଜ୍ଞାନ ପାଇଅଛି । ଶ୍ରେଷ୍ଠ ଜୀବ ହୋଇ, ସୁନ୍ଦର ଶରୀର ବହି, ଧନ ସମ୍ପଦର ଅଧିକାରୀ ହୋଇ, ଯଦି ଇଶ୍ବର ଙ୍କ  ନିକଟରେ ମନ ନିବେଶ କରେନାହିଁ, ଇଶ୍ବର ଙ୍କ ଭାବରେ ମଜୁ ନଥାଏ, ସେ ହିଁ ହେଉଛି ସଂସାର ରେ ପ୍ରକୃତ ଦରିଦ୍ର ବ୍ୟକ୍ତି ।

'ଉଦ୍ଧବ ଉତ୍ତମ ଏ ଘର  ।  ଅଟେ ମନୁଷ୍ୟ କଳେବର ॥
ମୋ ସର୍ବଗୁଣେ ଯାରମନ  । ତାର ସମୀପେ ସର୍ବ ଧନ  ।।
ମୋ ଭାବେ ଚିତ୍ତ ଯାର ନାହିଁ । ସଂସାରେ ଦରିଦ୍ରଟି ସେହି  ॥'

ମନୁଷ୍ୟକୁ ଦିବ୍ୟଜ୍ଞାନ ଦେଇ ବିଶ୍ୱପିତା ଏ ପୃଥିବୀ ପୃଷ୍ଠକୁ ପଠାଇଛନ୍ତି । ଜୀବନ ବଞ୍ଚିବା ପାଇଁ ଯେଉଁ ପଞ୍ଚମହାଭୂତ (ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ) ର ଆବଶ୍ୟକତା ରହିଛି, ତାହାକୁ ଇଶ୍ବର ସମସ୍ତଙ୍କ ପାଇଁ ମୁକ୍ତ କରି ରଖିଛନ୍ତି । ସେଥିପାଇଁ କୌଣସି ଜୀବକୁ ଦାନ, ଧର୍ମ, ତପସ୍ୟା ଆଦି କର୍ମ କରିବାକୁ ପଡ଼େ ନାହିଁ କିମ୍ବା ଧନ ସମ୍ପଦ ବ୍ୟୟ କରିବାକୁ ପଡ଼େ ନାହିଁ । ପଞ୍ଚ ମହାଭୂତରୁ ଜୀବର ସୃଷ୍ଟି, ତହିଁରେ ତା'ର ସ୍ଥିତି ଓ ବିଲୟ । ସେହି ମୁକ୍ତ ଧନ

ISSN NO.
2582-208X

ସମ୍ପଦ ସହିତ ବିଶ୍ୱପିତା ମାନବକୁ ଦାନ ସୂତ୍ରରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ନୀତି, ନ୍ୟାୟ, ଆଦର୍ଶ, ସ୍ନେହ, ପ୍ରେମ, କରୁଣା, ଶ୍ରଦ୍ଧା, ବିନୟ, ଭକ୍ତି ଆଦି ପର୍ଯ୍ୟାପ୍ତ ସମ୍ପଦ ଦାନ କରିଛନ୍ତି । ଏତେ ସବୁ ସମ୍ପଦ ପାଇ ମନୁଷ୍ୟ ଯଦି ତା'ର ସଦ୍‌ବ୍ୟବହାର କରି ନ ପାରେ, ଅମୃତଭାଣ୍ଡକୁ ପାଖରେ ରଖି ଯଦି ବିଷପାନରେ ମନ ବଳାଏ, ତାହେଲେ ସେ ମଣିଷକୁ କ'ଣ କୁହାଯିବ ? ତୁଣ୍ଡ ଥାଇ ଯଦି କୃଷ୍ଣ ନାମ ଗାନ କରେନାହିଁ, ହସ୍ତ ଥାଇ ଯଦି ଦାନ ଧର୍ମ କରେନାହିଁ, କର୍ଣ୍ଣ ଥାଇ ଯଦି କୃଷ୍ଣକଥା ଶୁଣେ ନାହିଁ, ତେବେ ସେ ଜୀବନର ମୂଲ୍ୟ କିଛି ନାହିଁ ସଂସାର ରେ ନିଶ୍ଚିତ ଦରିଦ୍ର ଟି ସେହି ।

ସଂଗ୍ରାହିକା: ସୁହାସିନ ବାରିକ୍
ଗ୍ରାମ ମହୁ, ଥାନା ଆଳ,
ଜିଲ୍ଲା କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# କାହିଁକି ମିଛେ ଏତେ ଗର୍ବ ?



ଅନନ୍ତ କୁମାର

ଯୁଇ ଜଳିଗଲେ ଦେହ ଜଳିଯିବ
ରହିବ ମୁଠାଏ ପାଉଁଶ
ବୟସ ଗଡିଲେ ରଙ୍ଗ ମଉଳିବ
ରହିବନି ସୁନ୍ଦର ରୂପ ।

ଯାହା ପାଇଛ ସନ୍ତୋଷ ହୁଅ
କର ନାହିଁ ଅଧିକ ଆଶା ।
ଆଜିର ଜୀବନ କାଲି କି ନ ଥିବ
ସବୁ ତ ରହିଯିବ ଅଧା ।

ମିଛେ ଖାଲି ମନେ ଗର୍ବ କରୁଅଛ
ସୁନ୍ଦର ସୁନ୍ଦର ରଡ଼ି ପକେଇ ।
ଶରୀରରୁ ଥରେ ଚମଡା ଛାଡ଼ିଲେ
ଚିହ୍ନି ବେନି ଏଠି ତତେ କେହି ।।

ISSN NO.
2582-208X

ସୁଗନ୍ଧିତ ଅତର ବାସିବନି ଦେହେ
ଦେହରୁ ନିଶ୍ୱାସ ଉଡିଗଲେ ।
ସୁନ୍ଦର ଚେହେରାକୁ ଛୁଇଁ ବେନି କେହି
ଦେହ ବାସି ମଡ଼ା ହେଇଗଲେ ।

କାହିଁକି ଏତେ ଗର୍ବ କାହିଁକି ଏତେ ଅହଂକାର
ଯଦି କିଛି ସ୍ଥାୟୀ ନୁହଁଇ
କାହିଁକି ଏତେ ଚିତ୍କାର କାହିଁକି ଏତେ ପ୍ରଚାର
ଯଦି ଦେହ ତୋର ନୁହଁଇ।।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ଋତୁରାଜ ବସନ୍ତ



ସମ୍ପଦା ଦେବୀ

ଋତୁଙ୍କ ସମ୍ରାଟ କୁସୂମାକର ।
ତୁନି ତୁନୀ ଆସେ ଶୀତ ପଛର ।।
ରାଜୀବ ଲୋଚନ କୃଷ୍ଣ ବାମନ ।
ଜଗମୋହନ ସେ ନନ୍ଦ ନନ୍ଦନ ।।
ବକାରୀ କୃଷ୍ଣ କଂସାରୀ ଙ୍କୁ ଭାବ ।
ସଂଶୟ ନରଖି ହର ଅଭାବ ।।
ତନୁ ମନ ପୁଲକାଏ ବସନ୍ତ ।
ରସାଳ ଡାଳରେ ବସନ୍ତ ଦୂତ।।
ଶୁଭଦ ବରଦ କୃଷ୍ଣ ଗୋବିନ୍ଦ ।
ଭାନୁ ଜେମା ଯାର ବଢାଏ ମୋଦ ।।
ଭିକାରୀ ସାଜ ତା ଛନ୍ଦା ପୟର ।
ନନ୍ଦ ନନ୍ଦନ ବୁଲେ ବିମାନର ।।
ଦନୁଜ ନାଶନ ମନ ମୋହନ ।
ନମୋ ରାଧା କୃଷ୍ଣ କଞ୍ଜ ଚରଣ ।।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ମଶାଣି ଦେହ



ଦୁଷ୍ମନ୍ତ ବେହେରା

ମଶାଣି ଦେହ ଟି
ଅପେକ୍ଷା କରିଛି ତୁମକୁ
କେବେ ତୁମେ ଆସିବ
ଛଳନା ପ୍ରେମକୁ ନେଇ
ଛଳନା ରେ ଭସେଇ
ଦୁଃଖ ରେ ହସେଇ
ଝୁରୁଛି ରେ ମଶାଣି ଦେହ !!!

ମଶାଣି ପାଉଁଶ
ଛଳନା କରିନି ତୁମ ପ୍ରେମ
ତୁମେ ଆସି
ମିଠା ମିଠା କଥା କହି
ଜଳେଇ ଦେଲ
ମୋ ଦେହ ଶରୀର
ମଶାଣି ଦେହ !!!

ISSN NO.
2582-208X

ଚିଠି ଲେଖୁଥିଲ ତୁମ ନା
ସାଙ୍ଗେ ମୋ ନା ଲେଖି
ମିଠା ମିଠା ସପନର
ସତେକି ମଧୁମିଖା
ଚିଠିରେ ଦିଶୁଥିଲା ଅକ୍ଷର
ଝାପ୍ସା ତୁମ ଚେହେରା
ତୁମେ କି ମୋ ପ୍ରିୟା
ରାତି ର ଭିଜା
ନିଦର ମାଉଁସୀ
ସ୍ୱପ୍ନ ର ପ୍ରେମିକା
ମଶାଣି ଦେହ !!!

ହାତ ଧରି ବାଟ କଢେଇ
ସ୍ୱପ୍ନ କିଣିଲ ନୂଆ ନୂଆ
ସ୍ୱପ୍ନ ରେ ଭିଜୁଛି
ଆଖି ର ଲୁହର ନଈ
ତୁମେ କି ବୁଝିବ
ମୋ ମଶାଣି ଦେହ
ଲିଭିଗଲା ମୋର
ଦେହ ଯୌବନ
ନାମ ଟି ହୋଇଲା ଶେଷ
ଏ ସଂସାରେ ତୁମେ
ମୋ ପ୍ରେମିକା
ଛଳନା ରେ ଦେଖେ ଇ
ଦେଲ ମୋ ମଶାଣି ଠିକଣା
ମଶାଣି ଦେହ !!!

ISSN NO.
2582-208X

ଏତେ ପରେ ତୁମ
ବାଟରେ ଚାଲିଗଲ ତୁମେ
ଝୁରୁଛି ରେ ମୁଁ
ଏଠି ସତେ ଚାହିଁ
ଚାହିଁ ଢଳି ପଡିଲି
ଶେଷ ମୋ ମଶାଣି
ଦେହ ହେଇଗଲା ଗୋ
ମଶାଣି ଠିକଣା
ମଶାଣି ଦେହ !!!

ସ୍ୱସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

ISSN NO.
2582-208X

# ଘଟ ଗାଁ
# ନାମକରଣ



ମାଳତୀ ଦେବୀ

ଜୟ ମା ତାରିଣୀ ଦୁଃଖ ହାରିଣୀ ଶୁଭ କାରିଣୀ

ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଘୋର ଜଙ୍ଗଲ ମଧ୍ୟରେ ରହି ମାଆଙ୍କର ଯଥାବିଧି ପୂଜାର୍ଚ୍ଚନା କରୁଥିଲେ ଦେହୁରୀମାନେ। ମାତ୍ର ସମୟ ସମୟରେ ପୂଜକ ପରିବାରରେ କେହି ଜନ୍ମ ହେଲେ ବା ମୃତ୍ୟୁ ମୁଖରେ ପଡ଼ିଲେ ମାଆଙ୍କର ପୂଜାର୍ଚ୍ଚନା ବାଧାପ୍ରାପ୍ତ ହେଉଥିଲା। ଦୁର୍ଗମ ଜଙ୍ଗଲରେ ବ୍ରାହ୍ମଣ ନମିଳିବାରୁ ରାଜା ଗୋବିନ୍ଦ ଭଞ୍ଜ ଚିନ୍ତିତ ରହୁଥିଲେ। ଭକ୍ତର କଷ୍ଟ ମାଆ ବୁଝିପାରି ସ୍ୱପ୍ନାଦେଶରେ କହିଲେ, ଗୋଟେ ମାଟିଘଟରେ ଗୋ-ଘୃତ ପୂର୍ଣ୍ଣ କରି ମୋର ଆସ୍ଥାନ ନିକଟରେ ଥିବା କୁସୁମ ବୃକ୍ଷ ଡାଳରେ ବାନ୍ଧିଦେବୁ। ଦେହୁରୀ ପୂଜା ଶେଷରେ ସେହି ପୂଜା ପାଣିକୁ ପ୍ରତିଦିନ ସେହି ଘଟରେ ସିଞ୍ଚିବ । ସେ ଅଶୌଚ ସମୟରେ ସେହି ଘଟରୁ ଟିକିଏ ଘିଅ ପାତ୍ରରେ ନେଇ ପାନ କରିବ ଓ ଆଉ ଟିକେ ଘିଅରେ ଦୁବଘାସ ବୁଡାଇ ମୁଣ୍ଡରେ ସିଞ୍ଚିବ। ଏହାଦ୍ୱାରା ସେ ଅଶୌଚରୁ ମୁକ୍ତି ହୋଇ ମୋର ପୂଜା କରିପାରିବ। ସେହିଦିନଠାରୁ ଘିଅ ଘଟ ବନ୍ଧା ହେବା କାରଣରୁ ମାଆଙ୍କ ପୀଠର ନାମ ହେଲା ଘଟଗାଁ। । ଦୀର୍ଘକାଳ ରାଜ୍ୟ ଶାସନ କରି ମାଆ ତାରିଣୀଙ୍କ କୃପାରୁ ବହୁ ଯଶ ଖ୍ୟାତି ଲାଭ କରି ଭକ୍ତ ଗୋବିନ୍ଦ ଭଞ୍ଜ ୮୪ବର୍ଷ ବୟସରେ ୧୫୩୪ ମସିହାରେ ଇହଧାମ ତ୍ୟାଗ କଲେ । ହେଲେ ଯୁଗଯୁଗକୁ କଥା ରହିଗଲା ଯେ, ଭକ୍ତବତ୍ସଳା ମାଆ ତାରିଣୀ ଭକ୍ତର ମନବାଞ୍ଛା ପୂର୍ଣ୍ଣ କରି ଘଟଗାଁ ବାସିନୀ ହେଲେ। ପୂର୍ବଭଳି ଆଜି ମଧ୍ୟ ଫଳ ଓ ଅନ୍ନ ପ୍ରସାଦ ମାଆଙ୍କ ନିକଟରେ

ISSN NO.
2582-208X

ଭୋଗ ଲାଗୁଛି। ମାଆଙ୍କର ପ୍ରିୟ ଫଳ ଭାବେ ନଡ଼ିଆ ଦିନକୁ ହଜାର ହଜାର ସଂଖ୍ୟାରେ ଆସି ପହଞ୍ଚୁଛି ରାଜ୍ୟ ତଥା ରାଜ୍ୟ ବାହାରୁ । ସେ ପାଞ୍ଚଶହ ବର୍ଷ ତଳର ଦୁର୍ଗମ ଜଙ୍ଗଲ ନାହିଁ। କିନ୍ତୁ ମାଆଙ୍କ ପୀଠ ସେହି ସ୍ଥାନରେ ରହିଛି। ଆନନ୍ଦପୁର-କେନ୍ଦୁଝର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଘଟଗାଁ ପୀଠର ମାଆ ତାରିଣୀଙ୍କର ନୂଆ ମନୋରମ ମନ୍ଦିର ଦୃଶ୍ୟମାନ ହେଉଛି। ମାଆ ତାରିଣୀଙ୍କର ଆଷାଢ଼ୀ ପର୍ବ ମଧ୍ୟ ଏକ ବଡ଼ ପର୍ବ ଭାବେ ପାଳିତ ହୋଇଥାଏ। ଆଷାଢ଼ ମାସର ଶେଷ ଗୁରୁବାର ଦିନ ଏହି ପର୍ବ ପଡ଼େ। ୨୮ଟି ଗ୍ରାମରେ ମୁଖିଆଙ୍କୁ ନିମନ୍ତ୍ରଣ କରାଯାଏ ଓ ସେମାନେ ଆସି ରାତିରେ ମାଆଙ୍କ ପୂଜାର୍ଚ୍ଚନା କରିବା ପରେ ଚାଷ କାର୍ଯ୍ୟ ଆରମ୍ଭ କରାଯାଏ।

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର, ଲୋକାପଦା, ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ମୋ ଦିଦି ଜିଜୁ



ରାଧାରାଣୀ ରାଉଳ

ଫୁଲ ଚନ୍ଦନରେ
ପ୍ରେମ ବନ୍ଧନରେ..
ବାନ୍ଧା ତୁମ ଦୁଇ ମନ
ହସରେ ଖୁସିରେ
କଟିଯାଉ ତୁମ
ଦୁହିଁଙ୍କ ସାରା ଜୀବନ...
ଲୁହ ଯାଉ ରୁଷି
ବାଣ୍ଟୁଥାଅ ଖୁସି...
ଆନନ୍ଦ ବି ଯାଉ ଭରି
ପରସ୍ପର ପ୍ରତି ଭଲପାଇବାରେ
ଦିନ ତୁମ ଯାଉ ସରି....
ପରସ୍ପର ପ୍ରତି ରହୁ ବୁଝାମଣା
ନରହୁ ବି ଅଭିମାନ...
ପ୍ରଭୁଙ୍କ କୃପାରୁ କୁସୁମିତ ହେଉ
ତୁମ ଦାମ୍ପତ୍ୟ ଜୀବନ....
ଅନ୍ୟ ପାଇଁ ହୁଅ ତୁମେ ଯେ ଜ୍ୱଳନ୍ତ
ନବିଡ ସମ୍ପର୍କ ଡୋର...
ଦୁନିଆ ଦେଖିବ ତୁମର ପ୍ରମାଣ
ସାହା ହୁଅନ୍ତୁ ଈଶ୍ୱର....

କଟିକଟା, ଯାଜପୁର

ISSN NO.
2582-208X

# ବନ୍ଧନ ଲୀଳା

ଯଦୁମଣି ବାରିକ୍

ଓଁ ଶ୍ରୀ କ୍ରୀଷ୍ଣାୟ ନମଃ

ମାନବିକତାର ଲକ୍ଷଣ

୧. ଅନ୍ତରାତ୍ମାରେ- ଶୁଦ୍ଧତା,
୨. ଅର୍ଜନରେ- ପ୍ରସନ୍ନତା,
୩. ଅସତ୍ କାର୍ଯ୍ୟରେ- ପଶ୍ଚାତ୍ପଦତା,
୪. ଆହାରରେ- ସାତ୍ତ୍ୱିକତା,
୫. ଉପଦେଶରେ- ଅଭିଜ୍ଞତା,
୬. ଉପବେଶନରେ- ସ୍ଥିରତା,
୭. କର୍ମରେ- କୁଶଳତା,
୮. କର୍ତ୍ତବ୍ୟରେ- ସଚେତନତା,
୯. କଳାରେ- ନିପୁଣତା,
୧୦. କାର୍ଯ୍ୟରେ- ଦକ୍ଷତା,
୧୧. କ୍ଷତିରେ- ସହିଷ୍ଣୁତା,
୧୨. ଗୀତରେ- ମାଦକତା,
୧୩. ଜୀବନରେ- ସ୍ୱଚ୍ଛତା,
୧୪. ଜ୍ଞାନରେ- ନିରହଙ୍କାରିତା,
୧୫. ଦାନରେ- ଉଦାରତା,
୧୬. ଦୁଃଖରେ- ଅବିଚଳିତା,
୧୭. ଦୃଷ୍ଟିରେ- ପବିତ୍ରତା,

ISSN NO.
2582-208X

୧୮. ଧନସମ୍ପତ୍ତିରେ- ବିତରଣତା,
୧୯. ଧନାର୍ଜନରେ- ଦୂର ଦୃଷ୍ଟିତା,
୨୦. ଧ୍ୟାନରେ- ଏକାଗ୍ରତା,
୨୧. ନାରୀ ସମାଜ ପ୍ରତି- ସଂଭ୍ରମତା,
୨୨. ନିଦ୍ରାରେ- ନିଶ୍ଚିନ୍ତତା,
୨୩. ନ୍ୟାୟରେ- ନିଷ୍ପକ୍ଷପାତିତା,
୨୪. ପଠନରେ- ମନଯୋଗିତା,
୨୫. ବନ୍ଧୁତା ରେ - ବିଶ୍ୱସ୍ତତା,
୨୬. ପରନିନ୍ଦାରେ -ଅନାଗ୍ରହତା,
୨୭. ପରମାତ୍ମାଙ୍କ ପ୍ରତି- କୃତଜ୍ଞତା,
୨୮. ପରିଧାନରେ- ଶୁଭ୍ରତା,
୨୯. ପାପରେ- ଲଜ୍ଜାଶୀଳତା,
୩୦. ପାଳନରେ- ସମାନତା,
୩୧. ପ୍ରଚାରରେ- ନିର୍ଭୀକତା,
୩୨. ପ୍ରଶଂସାରେ- ମୁଖରତା,
୩୩. ପ୍ରାର୍ଥନାରେ- ଐକାନ୍ତିକତା,
୩୪. ବନ୍ଧୁପ୍ରତି- ଆତ୍ମୀୟତା,
୩୫. ବକ୍ତୃତ୍ୱରେ- ତତ୍ୱଜ୍ଞତା,
୩୬. ବାଣୀରେ- ମଧୁରତା,
୩୭. ବିଚାରରେ- ନିରପେକ୍ଷତା,
୩୮. ବିପଦରେ- ଧୀରତା,
୩୯. ବିଦ୍ୟାରେ- ନିରଭିମାନିତା,
୪୦. ବୁଦ୍ଧିରେ- ଦିବ୍ୟତା,
୪୧. ବ୍ୟକ୍ତିତ୍ୱରେ- ଶୋଭନୀୟତା,
୪୨. ବ୍ୟବସାୟରେ- ସାଧୁତା,
୪୩. ବ୍ୟବହାରରେ- ସରଳତା,
୪୪.ବ୍ରହ୍ମଚର୍ଯ୍ୟରେ- ଅଖଣ୍ଡତା,

ISSN NO.
2582-208X

୪୫. ଭକ୍ତିରେ- ତନ୍ମୟତା,
୪୬. ଭୋଗରେ- ନିର୍ଲିପ୍ତତା,
୪୭. ମନରେ- ସନ୍ତୁଷ୍ଟତା,
୪୮. ଶାସ୍ତ୍ରରେ- ପାରଦର୍ଶିତା,
୪୯. ସମ୍ପର୍କରେ- ନିବିଡ଼ତା,
୫୦. ସଂସ୍କାରରେ- ଶ୍ରେଷ୍ଠତା,
୫୧. ସତ୍‌କାର୍ଯ୍ୟରେ- ତତ୍ପରତା,
୫୨. ସୁଖରେ- ଅନୁଦ୍‌ବିଗ୍ନତା,
୫୩. ସେବାରେ- ଆନ୍ତରିକତା,
୫୪. ସୌନ୍ଦର୍ଯ୍ୟରେ- ଆକର୍ଷଣୀୟତା,
୫୫. ସ୍ନେହରେ- ଅନାବିଳତା

ସଂଗ୍ରାହକ: ଯଦୁମଣି ବାରିକ୍
ମହୁ, କେନ୍ଦ୍ରାପଡ଼ା

ISSN NO.
2582-208X

# ଗୁପ୍ତପାର..



ନିରଞ୍ଜନ ମହାରଣା

ପଞ୍ଚଭୂତ ଏଇ ଓଲଟାବୃକ୍ଷରେ
ଲୁଚିଥିବା ଗୁପ୍ତପାରା,
କେତେବେଳେ ନିଡ ଛାଡ଼ି ଚାଲିଯିବ
ଦେବନାହିଁ ଆଉଧରା ।।

ପୁରୁଣା ବସାକୁ ଛାଡିଦେଇ ସିଏ
ମୁକ୍ତହୋଇ ଉଡୁଥିବ,
ଭାରି ଜିଦିଆ ସେ ପକ୍ଷୀଟିଏ ପରା
ଦୂରରୁ କିମ୍ପା ଫେରିବ ।।

ବୀଜଠାରୁ ସେତ ଗଜଯାଏଁ ସତେ
କରିଥିବା ଉପକାର,
ବାହୁନି ବାହୁନି ଝୁରୁଥିବେ ସବୁ
ହୋଇଣ ଯେ ସମାହାର ।।

ରୌଦ୍ରପ୍ରଚଣ୍ଡରେ ଦେଇଥିବା ସେଇ
ଶୀତଳତାପୂର୍ଣ୍ଣ ଛାଇ,

ISSN NO.
2582-208X

ପ୍ରତି ପଥିକ ଯେ କହିବୁଲୁ ଥିବେ
ଓଲଟାବୃକ୍ଷ ଟା ନାହିଁ ।।

କାଠୁରିଆ ଦୁଃଖ ପ୍ରକାଶ କରିବ
ବୃକ୍ଷ ଶୂନ୍ୟତାକୁ ଦେଖି,
ପ୍ରହାର କଥାକୁ ଭାବି କାନ୍ଦୁଥିବ
ଅଶ୍ରୁଭିଜା ଦୁଇଆଖି ।।

ମିଠାବୃକ୍ଷ ଟିଏ ହୋଇ ବଞ୍ଚିଥିଲେ
ଆଦର ମିଳଇ କେତେ,
ଗୁଣ ଗାରିମାର ପ୍ରଶଂସା ରହିବ
ଜୀବର ଅନ୍ତିମ ପଥେ ।।

ବିଷବୃକ୍ଷ ହୋଇ ବିଷଫଳ ଦେଲେ
ବିଷହିଁ ପାଇବେ ସବୁ,
ମାଂସଖିଆ ରୁପି ଶାଗୁଣା କହିବେ
ନିନ୍ଦା ବୋହୁତ ତୁ ନେବୁ ।।

ପିଣ୍ଡରେ ପ୍ରାଣଟା ଥିଲା ଯାଏଁ ସତେ
ହରିନାମ ଭଜୁଥିବୁ,
ଗୁପ୍ତପାରା ତୋର ମୁକ୍ତ ହୋଇଯିବ
ବୈକୁଣ୍ଠ ନିଶ୍ଚେ ଲଭିବୁ ।।

----------------

ISSN NO.
2582-208X

- ଶବ୍ଦାର୍ଥ -

======

ଗୁପ୍ତପାରା : ଆତ୍ମା

ଓଲଟାବୃକ୍ଷ : ମନୁଷ୍ୟ ଶରୀର

ନିଡ : ବସା

ପୁରୁଣା ବସା : ବାର୍ଦ୍ଧକ୍ୟ ଶରୀର / ଅସୁସ୍ଥ ଶରୀର

ବୀଜ ଠାରୁ ଗଜ : ଜନ୍ମଠାରୁ ମୃତ୍ୟୁ

ରୌଦ୍ରା ପ୍ରଚଣ୍ଡ : ଦୁଃଖ ସମୟ

ପ୍ରତି ପଥିକ : ପରିଚିତ ବ୍ୟକ୍ତି

କାଠୁରିଆ : ଆତ୍ମୀୟ

ମିଠାବୃକ୍ଷ : ଉତ୍ତମ ବ୍ୟକ୍ତି

ବିଷବୃକ୍ଷ : ଖଳ ପ୍ରବୃତ୍ତିର ବ୍ୟକ୍ତି

ଅଧ୍ୟାପକ
ମାହାଙ୍ଗା, କଟକ

ISSN NO.
2582-208X

# ଶ୍ରୀକାନ୍ତ ରାଧାକାନ୍ତ ଜପ ମନ

ପାର୍ବତୀ ଦେବୀ

ଶ୍ରୀକାନ୍ତ ରାଧାକାନ୍ତ ଜପ ମନ ।
ମାନିନୀ ଶ୍ରୀରାଧାଙ୍କ ପ୍ରାଣ ଧନ ।।
ନବୀନ ଘନ ସୁନ୍ଦର ବରନ ।
ରମଣୀୟ ରୂପ ରାଧା ମୋହନ ।।
ଥରେ କରିଲେ ତାର ଦରଶନ ।
ମଙ୍ଗଳ ମୂରତି ଯଦୁ ନନ୍ଦନ ।।
ଡର ନାହିଁ ସାଧବେ ଭବ ବନ ।
ଲୟ ଲଗା ତାର କଞ୍ଜ ଚରଣ ।।
ସାରଥି ପାର୍ଥ ରଥର ଶ୍ରୀକୃଷ୍ଣ ।
ପାବନ ଯାହାର ରୂପ ଓ ଗୁଣ ।।
ତୁଟେ ଭବ ଭ୍ରାନ୍ତି କଲେ ଦର୍ଶନ ।
ଲୀଳା ଯାହାର ଅଟଇ ଅନନ୍ୟ ।।
ଓଷ୍ଠ ନିନ୍ଦଇ ମନ୍ଦାର ପ୍ରସୂନ ।
ଲାଙ୍ଗଲୀ ଯାର ଅଗ୍ରଜ ପ୍ରମାଣ ।।
ଭଜ ମାନସ ତା ରଙ୍ଗା ଚରଣ ।
ରବି ସୁତ ଦଣ୍ଡ ହେବ ଖଣ୍ଡନ ।।

ନରେନ୍ଦ୍ରପୁର, ଅଳଭ୍ୱ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

ISSN NO.
2582-208X

# ବନ୍ଧନ ଲୀଳା



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା-୧୧

ମା'ଯଶୋଦା ରାଣୀ ହୋଇଥିଲେ ସୁଦ୍ଧା ନିଜ ହାତରେ ଅନେକ ଗୃହ କାର୍ଯ୍ୟ କରନ୍ତି । ଦିନେ ଯଶୋଦା ଦଧି ମନ୍ଥନ କରୁଥିବା ସମୟରେ କୃଷ୍ଣ ଆସି ମା'ଙ୍କୁ ବ୍ୟତିବ୍ୟସ୍ତ କରି ପକାଇଲେ ଏବଂ ଦଧି ମନ୍ଥନ କରୀବାକୁ ଦେଲେ ନାହିଁ । ପୁତ୍ରକୁ ଭୁଲାଇବା ପାଇଁ ଯଶୋଦା କୃଷ୍ଣଙ୍କୁ କୋଳକୁ ନେଇ ସ୍ତନ୍ୟପାନ କରିଇବାକୁ ଲାଗିଲେ । ଏହି ସମୟରେ ସେ ଦେଖିଲେ ଯେ ଚୁଲିରେ ବସିଥିବି ହାଣ୍ଡିରୁ କ୍ଷୀର ଉତୁରି ପଡୁଛି । ସେ ହଠାତ୍ କୃଷ୍ଣଙ୍କୁ କୋଳରୁ ତଳକୁ ଉହ୍ଲାଇ ଦେଇ ଚୁଲି ପାଖକୁ ଧାଇଁ ଗଲେ । ମା' ମୋତେ କାହିଁକି ତଳକୁ ଉହ୍ଲାଇ ଦେଲେ ବୋଲି ରାଗିଯାଇ ସେ ଦଧିଭାଣ୍ଡଟିକୁ ଭାଙ୍ଗି ଦେଲେ । ମା'ରୋଷେଇ ଘରୁ ଆସି ଅଝଟ ପୁତ୍ରର ଏ କୀର୍ତ୍ତି ଦେଖି କ୍ରୋଧର ବାହାନା କରି ବାଡି ଧରି ବାଡେଇବାକୁ ଗୋଡାଇଲେ । ମା' ଗୋଡାଇ ଗୋଡାଇ ଥକି ଗଲେ, କିନ୍ତୁ କୃଷ୍ଣଙ୍କୁ ଧରିପାରିଲେ ନାହିଁ । ମୁନିଋଷିମାନେ ଜପତପ କରି ଯାହାକୁ ଧରିପାରନ୍ତି ନାହିଁ, ତାଙ୍କୁ ଧରିବାକୁ ଧାଉଁଛନ୍ତି ମା' ଯଶୋଦା । ମା' ଥକିଯିବାର ଦେଖି ବାଳକ ଆପଣାଛାଏଁ ଧରା ଦେଇ ଖୁବ୍ ଭୟଭୀତ ହୋଇପଡିଥିବା ପରି ଛଳନା କଲେ ଏବଂ କାନ୍ଦ କାନ୍ଦ ହେଲେ । ଆରେ କହ୍ନେଇ ତୁ ଭାରି ଦୁଷ୍ଟ ହୋଇଛୁ, ତୋତେ ଆଜି ବାନ୍ଧି ରଖିବି । ତୁ ମୋତେ କୌଣସି କାମ କରାଇ ଦେଉ ନାହୁଁ । ଏହା କହି

ISSN NO.
2582-208X

ଘର ଭିତରୁ ଦଉଡି ଆଣି ମା' ଯଶୋଦା କୃଷ୍ଣଙ୍କୁ ବାନ୍ଧିବାକୁ ଆରମ୍ଭ କଲେ । କିନ୍ତୁ ଏ କଣ ? ବାନ୍ଧିବାକୁ ଦଉଡି ଅଣ୍ଟୁ ନାହିଁ । ଦୁଇ ଆଙ୍ଗୁଳି କମ ହେଉଛି । ଘରେ ଯେତେ ଦଉଡି ସବୁତକ ଆଣି ବାନ୍ଧିଲେ ବି ନିଅଣ୍ଟ ପଡୁଛି । କୃଷ୍ଣଙ୍କୁ ବାନ୍ଧି ନପାରି ଯଶୋଦା ଥକି ପଡିଲେ। ସେ ବଡ କ୍ଳାନ୍ତ ହୋଇ ବସି ପଡିଲେ । ଦେହସାରା ଝାଳରେ ବୁଡିଗଲା । ଏହା ଦେଖି ବାଳଗୋପାଳଙ୍କ ମନ ତରଳିଗଲା । ସେ ଦୟାକରି ମା' ଙ୍କର ବନ୍ଧନ ସ୍ୱୀକାର କରିନେଲେ । ଭଗବାନ ଭକ୍ତର ପ୍ରେମ ବନ୍ଧନରେ ବାନ୍ଧି ହୋଇ ରହିବାକୁ ଭଲ ପାଆନ୍ତି । ବିଶ୍ୱ ଯାହାଙ୍କର ବଶ , ସେ ପୁଣି ଭକ୍ତର ବଶ୍ୟତା ସ୍ୱୀକାର କରନ୍ତି ।।

ଆଳନ୍ଦା, ଖଇରା , ବାଲେଶ୍ୱର

ISSN NO.
2582-208X

# ପ୍ରେମର କୋଳାହଳ

ସୋନାଲି ନାୟକ

ପ୍ରେମ ଏକ ସୁନ୍ଦର ଶବ୍ଦ
ଯାହା କଥାରେ ନ ପ୍ରକାଶନ
ଦୁଇଟି ମନର ମିଳନ ପରେ
ହୋଇଯାଏ ସେ ଗୋଟିଏ ଆତ୍ମା
ଦୁଇ ମନ ଏକାଠି ରହିଲେ
ସମାଜର ସବୁ ବାଧା ବିଘ୍ନ କୁ
ସଂସାର ରୂପକ ରଥରେ
ନାଶି ଥାନ୍ତି ସେ ଉପର ବାଲା
ପ୍ରେମାଳପ କୋଳାହଳ ରେ
ଶୂନ୍ୟତାର ପରିଚୟ ଦିଏ
ସରସ ସୁନ୍ଦର ନିର୍ମଳ ମନେ
ଭଲ ପାଉଥିଲେ
ଅର୍ଦ୍ଧେଶ୍ୱର ଙ୍କ ପାଖେ
ସେ ଦୁହେଁ ହେବେ ଅବସ୍ଥାନ
ଦୁଇ ମନ ଯଦି ବିଛେଦ ହୁଏ
ବିରହ ବ୍ୟଥାରେ ଦୁଇ ପକ୍ଷୀ
ପ୍ରେମାଳପ କୋଳାହଳ ରେ
ମାତି ତାଣ୍ଡବ ଲୀଳା ହୁଏ
ପ୍ରେମିକା ର ଜ୍ୱଳନ୍ତ ଅଗ୍ନିରେ
ପ୍ରେମିକ ତରଳି ଯାଏ
ଯେତେ ମନମାନି ରାଗ ରୁଷା ଥିଲେ
ପ୍ରେମିକ ଆପଣେଇ ନିଏ ॥

ନୟାଗଡ

ISSN NO.
2582-208X

# ଶୁଣ
# ଭୀଷ୍ମ-କର୍ଣ୍ଣ-ଦ୍ରୋଣ

ପ୍ରବୋଧ କୁମାର ହୋତା

ମୌନ ଛାଡ଼ ହେ ମୋ ସମାଜର
ଯେତେ ଅଛ ଭୀଷ୍ମ, କର୍ଣ୍ଣ, ଦ୍ରୋଣ
ନୋହିଲେ ସହସ୍ର ଦ୍ରୌପଦୀଙ୍କର
ଚାଲିଥିବ ଏମିତି କାଳକାଳ ବସ୍ତ୍ର ହରଣ ।

ଆଖିରେ ବାନ୍ଧି ମିଛ ଅନ୍ଧପୁଟୁଳି
ବସିଥିବେ ସବୁ ଧୃତରାଷ୍ଟ୍ର ଗଣ
ଶୁଭିବନି ତାଙ୍କୁ ବିଦୁର ନୀତିବାଣୀ
ଭୂଲୁଣ୍ଠିତ ହେଉଥିବ ରାଷ୍ଟ୍ରର ମାନ ଓ ସମ୍ମାନ ।

ଶକୁନିମାନେ ଆସିଲେଣି ଆଗେଇ
ହାତରେ ନଚାଇ ପଶାକାଠିମାନ
କଥାରେ ମୋହି କଚେ ପୁଅ କହି
ଆଖି ସାମ୍ନାରେ ନେଇଯିବେ ପୁଳା ପୁଳା ଧନ ।

ଏଠି ଆସିବେନି ଡାକ ଶୁଣିବାକୁ
ଚକ୍ରଧାରୀ ପ୍ରଭୁ ଦେବକୀ ନନ୍ଦନ

ISSN NO.
2582-208X

ଅପେକ୍ଷା ନ କର କିଛି ଚମତ୍କାରକୁ
ହୋଇପାରେ ସମାଜର ବିଧ୍ୱଂସ-ପତନ ।

ଦ୍ରୌପଦୀମାନଙ୍କୁ ଦେବାକୁ ବସ୍ତ୍ର
ରଖିବାକୁ ରାଷ୍ଟ୍ରର ଗୌରବ ମାନ
କର ମତଦାନ ଧରି ଆଇଡ଼ି ଅସ୍ତ୍ର
ପୋଲିଂବୁଥରେ ଦବାଓ ତୁମ ବାଞ୍ଛିତ ବଟନ ।

ତୁମ ବିଶିଆଙ୍ଗୁଠିର କଳାଦାଗ
ଚିହ୍ନ ଏ କୌରବର ବ୍ୟୂହଭେଦ
ଉତ୍ସାହର ସହ ଭୋଟ ଦେବାକୁ ହେବ
ଏକ ବିକଶିତ ରାଷ୍ଟ୍ରର ନିମ୍ବ ରଖିବାକୁ ହେବ ।

ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର

ISSN NO.
2582-208X

# ଝିଅ ଟିଏ ସିଏ



ତୃପ୍ତିମୟୀ ତ୍ରିପାଠୀ

ସବୁଦିନ ହୁଏ ତ କନ୍ୟାର ଦିନ
ଝିଅ ପରା କନ୍ୟା ରତ୍ନ
ଝିଅ ଥିଲେ ଘର ହସି ଉଠି ଥାଏ
ଝିଅ ନୁହେଁ ହୀନିମାନ (1)
ପୁଅ ଠାରୁ ଝିଅ ନୁହେଁ କେବେ ଛୋଟ
ଅଗ୍ରଣୀ କାର୍ଯ୍ୟସେ କରେ
ଝିଅ ନୁହେଁ ସିଏ ହୀରା ଚେକା ଟିଏ
ତା ସ୍ଥାନ ସଦା ଉଚ୍ଚରେ (2)
କେତେବେଳେ ସିଏ ମାଆ ହୋଇଥାଏ
କେତେବେଳେ ପୁଣି ବୋହୁ
ନିଖୁଣ ଭାବରେ ଅଭିନୟ କରେ
ତା ଠାରୁ ବଡ଼ କେ ଆଉ (3)
ପୁଅ ଠୁ ଅଧିକ ଝିଅ କରିଥାଏ
ବାପା ମାଆ ସେବା ଯତ୍ନ
ଥକି ପଡ଼େନି ସେ କେବେ ହେଲେ ଥରେ
ଆସୁ ଯେତେ ବାଧା ବିଘ୍ନ (4)

ISSN NO.
2582-208X

ତଥାପି ଦୁନିଆ କାହିଁକି କେଜାଣି
ଝିଅ ଜନ୍ମ ପାପ ଭାବେ
ମାତୃ ଗର୍ଭେ ଝିଅ ଅଛି ବୋଲି ଜାଣି
ମାରି ଦିଏ ତାକୁ ଗର୍ଭେ (5 )
ଗୋଟେ ମାଆ ଗର୍ଭୁ ଜନ୍ମ ନେଇଥାଏ
ଏଇ ବିଶିଷ୍ଟ ମାନବ
ବିବାହ ପାଇଁକି ଝିଅ ଖୋଜିଥାଏ
ଝିଅ କିଆଁ ତୁଛ ହେବ (6)
ଝିଅ ଜନମ ତ ପର ଘରକୁ ଯେ
ପର ହୁଏ ଆପଣାର
ନିଜ ଘରେ ସିଏ କୁଣିଆ ଟେ ହୁଏ
କରିବା ତାକୁ ଆଦର
କରିବା ତାକୁ ଆଦର (7 )

ତୋଷଗ୍ଵ

ISSN NO.
2582-208X

# ମରୀଚିକା



ବାଙ୍କାବିହାରୀ ମହାକୁର

ଶାନ୍ତ ମନେ ଉଠେ ଅଶାନ୍ତ ଲହରୀ
ବାସ୍ତବତା ଦୃଶ୍ୟପଟ ଲୁକ୍କାୟିତ,
ଅସରନ୍ତି ସ୍ୱପ୍ନେ କରେ ବିମୋହିତ
ହୃଦୟକୁ ସିଏ କଲେ କବୋଳିତ ।୧।

ମରୁଭୂମିର ଉତ୍ତପ୍ତ ବାଲୁକାସ୍ତୁପୁ
ନିର୍ଝରିତ ଆଶାର ଭାବନା ବାରି,
ମନପ୍ରାଣେ ସଦା ଖେଳେ ଲୁଚକାଳି
ଅବାସ୍ତବ ବି ଲାଗେ ବାସ୍ତବ ପରି ।୨।

ମିଛ ମରୀଚିକା ପ୍ରେମେ ହୋଇ ଅନ୍ଧ
ଭୁଲିଯାଏ ଜନ ଗାତ କଣ୍ଟାବାଡ,
ଜ୍ୱଳନ୍ତ ଅଗ୍ନିଟା ଲାଗଇ କୁସୁମ
ଉତ୍ସାହ ଲହଡି ଭାଙ୍ଗେ ବନ୍ଧ ବାଡ ।୩।

ISSN NO.
2582-208X

କପଟ ଅଙ୍କାତେ ପ୍ରଭୁ ରାମଚନ୍ଦ୍ର
ସ୍ୱର୍ଣ୍ଣ ମୃଗ ପଛେ କରନ୍ତେ ଧାବନ,
ମାୟା ମରୀଚିକା ସୃଷ୍ଟକରି ଭ୍ରାନ୍ତି
ଜାନକୀ ମାତାଙ୍କୁ ହରିଲା ରାବଣ ।୪।

ବାଟବଣା କରି ନିଏ ଟାଣି ଟାଣି
ଆତ୍ମୀୟତା ଲାଗେ ତା' ଭାବ ବନ୍ଧନ,
ଲୋଭ ବଶବର୍ତ୍ତି ହୋଇ ନରନାରୀ
ଅକାରଣେ ଦାନ କରନ୍ତି ଜୀବନ ।୫।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଆଧ୍ୟାତ୍ମିକ ଧର୍ମ ସମ୍ପର୍କରେ କିଛି ବିଶ୍ୱପ୍ରସିଦ୍ଧ ବ୍ୟକ୍ତିଙ୍କ ବିଚାର



ବାଲ୍ମୀକି ନାୟକ

ପୃଥିବୀର ବିଭିନ୍ନ ଅଞ୍ଚଳରେ କିଛି ବୁଦ୍ଧିମାନ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ କାଳରେ ଅନେକ ପ୍ରକାର କାଳ୍ପନିକ ଦେବୀ ଦେବତାଙ୍କ ସୃଷ୍ଟି ହେଲା । କାରଣ ପ୍ରକୃତିର ଭୟାବହ ରୂପ ଯଥା: ବନ୍ୟା, ଝଡ଼, ଭୂମିକମ୍ପ, ଅସହ୍ୟ ଉତ୍ତାପ ଓ ଅସମ୍ଭାଳ ଥଣ୍ଡାର ଅସଲ ରହସ୍ୟ ଅଜଣା ଥିଲା । ସେତେବେଳେ ବିଜ୍ଞାନର ବିକାଶ ହୋଇ ନଥିଲା । ତେଣୁ ଭୁଦ୍ଧିମାନ ବ୍ୟକ୍ତିମାନେ ଭାବିଲେ ବିଶ୍ୱରେ କୌଣସି ଅଦୃଶ୍ୟ ମହାଶକ୍ତି ରହିଛି ଯିଏ ପ୍ରକୃତିକୁ ନିୟନ୍ତ୍ରଣ କରୁଛି ।ପରବର୍ତ୍ତୀ କାଳରେ ସେହି ମହାଶକ୍ତି ହେଇଗଲା ଦୈବୀଶକ୍ତି । ଯେହେତୁ ସେହି ମହାଶକ୍ତି ଥିଲା ଅଦୃଶ୍ୟ ଓ ଅଜ୍ଞାତ ତେଣୁ କେବଳ ଆସ୍ଥା ଓ ବିଶ୍ୱାସ ଆଧାରରେ ଦୈବୀ ଶକ୍ତିକୁ ଅନୁଭବ କରିବା ପାଇଁ କହିଲେ । ତାଙ୍କର ଏହି ନିର୍ଦ୍ଦେଶକୁ ଅଧିକାଂଶ ସରଳ ବିଶ୍ୱାସୀ ଲୋକ ବିଶ୍ୱାସ କଲେ । ଦୈବୀଶକ୍ତିକୁ ଅନୁଭବ କରିବା ପାଇଁ ଏବଂ ନିଜର ଧନ ଜୀବନର ସୁରକ୍ଷା ପାଇଁ ଲୋକମାନେ ବିଭିନ୍ନ ଧର୍ମୀୟ କର୍ମକାଣ୍ଡ ଯଥା: ପୂଜା, ଅର୍ଚ୍ଚନା, ବ୍ରତ, ଉପବାସ, ତପସ୍ୟା, ହୋମ, ଯଜ୍ଞ କରି ପଶୁ, ପକ୍ଷୀଙ୍କ ବଳି ଦେବାର ପରମ୍ପରାକୁ ବି ପାଳନ କଲେ ।

ଏହା ଦେଖି ଆଉ କିଛି ବୁଦ୍ଧିମାନ ବ୍ୟକ୍ତିଙ୍କ ମନରେ ସନ୍ଦେହ ଉପୁଜିଲା । ସେମାନେ ପ୍ରକୃତିର ରହସ୍ୟ ଜାଣିବା ପାଇଁ ନିଜର ତର୍କଶୀଳ ବୁଦ୍ଧି ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ଅନୁସନ୍ଧାନ,

ISSN NO.
2582-208X

ଅଧ୍ୟୟନ, ଗବେଷଣା ଓ ତର୍ଜମା ଆରମ୍ଭ କରିଦେଲେ । ସେମାନେ ତର୍କ, ତଥ୍ୟ ଓ ପ୍ରମାଣ ଆଧାରରେ ଜାଣି ପାରିଲେ ଯେ ପ୍ରକୃତିକୁ ପରିଚାଳିତ କରିବାପାଇଁ କୌଣସି ଦୈବୀଶକ୍ତି ନାହିଁ । ପ୍ରକୃତି ନିଜେ ହିଁ ବ୍ୟବସ୍ଥିତ । ଯେଉଁଠି ଯେପରି ପରିସ୍ଥିତି, ସେଇଠି ସେହିଭଳି ବ୍ୟବସ୍ଥା କରିବା ପାଇଁ ପ୍ରକୃତି ସେହି ଭଳି ରୂପ ଧାରଣ କରେ । ଏହାକୁ କୁହାଯାଏ ପ୍ରାକୃତିକ ସନ୍ତୁଳନ । ସେମାନେ ଅନୁଭବ କଲେ ଯେ ମଣିଷ ସମାଜରେ ପ୍ରଚଳିତ ଅଧ୍ୟାତ୍ମବାଦୀ ପ୍ରଥା ଓ ପରମ୍ପରା ଏକ ପାଖଣ୍ଡବାଦୀ ବିଚାରଧାରା । କିଛି ଧୂର୍ତ୍ତ ବ୍ୟକ୍ତି ଧର୍ମ ନାମରେ ଧନ୍ଦା କରୁଛନ୍ତି । ଈଶ୍ୱରଙ୍କ ନାମରେ ମଣିଷଙ୍କ ଭିତରେ ଭେଦଭାବ ଏବଂ ପରସ୍ପର ଭିତରେ ଦ୍ୱେଷ ସୃଷ୍ଟି କରୁଛନ୍ତି । ସେଥିପାଇଁ ପୃଥିବୀର ବିଭିନ୍ନ ଦେଶର କିଛି ମୁକ୍ତ ଚିନ୍ତକ ଓ ବୁଦ୍ଧିଜୀବୀ ଆଧ୍ୟାତ୍ମିକଧର୍ମ ସମ୍ପର୍କରେ ନିମ୍ନ ଲିଖିତ ବିରୋଧୀ ମତ ପ୍ରକଟ କରିଛନ୍ତି ।

୧. ଋଷି ଚାର୍ବାକ ଜଣେ ନିରୀଶ୍ୱରବାଦୀ ତାର୍କିକ ବ୍ୟକ୍ତି ଥିଲେ । ସେ ଭୌତିକବାଦୀ ନାସ୍ତିକ ମତର ପ୍ରବର୍ତ୍ତକ ବୃହସ୍ପତିଙ୍କ ଶିଷ୍ୟ ଥିଲେ । ସେ କେବେ ଓ କେଉଁଠି ଜନ୍ମ ହୋଇଥିଲେ ଠିକ ଭାବେ ଜଣା ନାହିଁ । ଚାର୍ବାକ ଦର୍ଶନ ବା ଲୋକାୟତ ଦର୍ଶନକୁ ମାନବ ଜୀବନର ସବୁଠାରୁ ପ୍ରାଚୀନ ଦର୍ଶନ ବୋଲି କୁହାଯାଏ । ସେ କହିଥିଲେ-"ଈଶ୍ୱର ଗୋଟିଏ ରୁଗ୍ଣ ବିଚାର ପ୍ରଣାଳୀ ଅଟେ । ଏହା ଦ୍ୱାରା ମାନବତାର କୌଣସି କଲ୍ୟାଣ ହେବାର ନାହିଁ ।"

୨. ଗୌତମ ବୁଦ୍ଧଙ୍କ (୫୬୩-୪୮୩ ଖ୍ରୀ.ପୂ.) ଧମ୍ମ ବିଚାର ଭାରତରୁ ପ୍ରଥମେ ଆରମ୍ଭ କରି ବିଦେଶର ଅନେକ ଦେଶରେ ବ୍ୟାପ୍ତ ହୋଇଛି । ବିଦେଶର କୋଟି କୋଟି ଲୋକ ବୁଦ୍ଧଧମ୍ମର ବହୁମୂଲ୍ୟ ଦର୍ଶନକୁ ସ୍ୱୀକାର କରି ନିରୀଶ୍ୱରବାଦୀ ଜୀବନଶୈଳୀ ପାଳନ କରୁଛନ୍ତି । ଦୁର୍ଭାଗ୍ୟ ବଶତଃ ଭାରତରେ ବ୍ରାହ୍ମଣବାଦୀ ଧର୍ମ ବହୁତ ବର୍ଷରୁ ବୁଦ୍ଧଧମ୍ମକୁ ତୀବ୍ର ବିରୋଧ କରି ଆସିଛି । ଗୌତମ ବୁଦ୍ଧ କହିଥିଲେ- ଈଶ୍ୱର ନାମକ କୌଣସି ଶକ୍ତି ନାହିଁ । ଈଶ୍ୱର ପାଇଁ ନିଜର ମୂଲ୍ୟବାନ ସମୟ ନଷ୍ଟ କରନାହିଁ । କେବଳ ସତ୍ୟ ହିଁ ସବୁ କିଛି । ସତ୍ୟର ସନ୍ଧାନ କର । ନିଜେ ହିଁ ନିଜର ଆଲୋକ ବର୍ତ୍ତିକା ହୁଅ ।

ISSN NO.
2582-208X

୩.ଅଜିତ କେଶକମ୍ବଲ (୫୨୩ ଖ୍ରୀ,ପୂ) - ସେ ବୁଦ୍ଧଙ୍କ ସମକାଳୀନ ଜଣେ ବିଖ୍ୟାତ ତୀର୍ଥଙ୍କର ଥିଲେ । ତ୍ରିପିଟକରେ ଅଜିତଙ୍କ ଅନେକ ନିରୀଶ୍ୱରବାଦୀ ବିଚାର ପ୍ରକାଶ ପାଇଛି । ସେ କହିଥିଲେ- "ଲୋକ ପରଲୋକ ନାହିଁ କିମ୍ବା ଦାନ, ଯଜ୍ଞ, ହୋମ ଆଦି କରିବା ଆବଶ୍ୟକ ନାହିଁ ।"

୪. ଇ.ଭି.ରାମସ୍ୱାମୀ ପେରିୟାର (୧୮୭୯-୧୯୭୩) ତାମିଲନାଡୁରେ ଜନ୍ମ ହୋଇଥିବା ମହାନ ଜନନାୟକ, ଦାର୍ଶନିକ, ନିରୀଶ୍ୱରବାଦୀ ଏବଂ ମାନବବାଦୀ ବ୍ୟକ୍ତି ସମାଜରୁ ଜାତିବାଦ, ଈଶ୍ୱରବାଦ, ପାଖଣ୍ଡବାଦ, ଅନ୍ଧବିଶ୍ୱାସ ଆଦି ଦୂର କରିବାପାଇଁ ଆଜୀବନ ସଂଘର୍ଷ କରିଥିଲେ । ସେ କହିଛନ୍ତି- କୌଣସି ବ୍ୟକ୍ତିଙ୍କୁ ଆକ୍ରମଣ କରିବା ପରିବର୍ତ୍ତେ ଆମର ମନ୍ତବ୍ୟ ହେଉଛି, ଈଶ୍ୱର ଅସ୍ତିତ୍ୱହୀନ । କୌଣସି ଈଶ୍ୱର ଥିବା ଅମୂଳକ ବିଶ୍ୱାସ । ଯେଉଁମାନେ ଈଶ୍ୱରକୁ ସୃଷ୍ଟି କଲେ ସେମାନେ ନିର୍ବୋଧ । ଯେଉଁମାନେ ଈଶ୍ୱର ବିଷୟରେ ପ୍ରଚାର କରନ୍ତି, ସେମାନେ ଧୂର୍ତ୍ତ । ଯେଉଁମାନେ ଈଶ୍ୱରକୁ ପୂଜା କରନ୍ତି ସେମାନେ ମୂର୍ଖ ।

୫. ସହୀଦ ଭଗତ ସିଂ (୧୯୦୭-୧୯୩୧) ଭାରତର ସ୍ୱାଧୀନତା ଆନ୍ଦୋଳନର ଜଣେ ପ୍ରମୁଖ ସ୍ୱତନ୍ତ୍ର ସେନାଥିଲେ। ତାଙ୍କର ପୁସ୍ତକ "ମେଁ ନାସ୍ତିକ କ୍ୟୁଁ ହୁଁ ?" ରେ ଲେଖିଛନ୍ତି- "ମନୁଷ୍ୟ ଯେତେବେଳେ ନିଜର ଦୁର୍ବଳତା ଏବଂ ଅସହାୟତାର ସୀମା ଉପରେ ବିଚାର କରିଥିଲା, ସେତେବେଳେ ସେ ତା'ର ସମସ୍ତ ସମସ୍ୟାର ସମାଧାନ ପାଇଁ ଈଶ୍ୱରଙ୍କ କଳ୍ପନା କରିଛି ।"

୬.ଆନ୍ଧ୍ର ପ୍ରଦେଶର ନିରୀଶ୍ୱ ରବାଦୀ ଏବଂ ମାନବବାଦୀ ଗୋପରାଜୁ ରାମଚନ୍ଦ୍ର ରାଓ, (୧୯୦୨-୧୯୭୫) 'ଗୋରା' ନାମରେ ପରିଚିତ । ସେ ଦେଶର ସ୍ୱାଧୀନତା ସଂଗ୍ରାମରେ ମହାତ୍ମା ଗାନ୍ଧୀଙ୍କ ସହିତ ଯୋଗ ଦେଇଥିଲେ । ସେ ଜଣେ ଦାର୍ଶନିକ, ଲେଖକ ଓ ସମାଜ ସୁଧାରକ ଭାବେ ଆଜୀବନ କାମ କରିଥିଲେ । ତାଙ୍କର ଦିବଙ୍ଗତ ସ୍ତ୍ରୀ ସରସ୍ୱତୀ ଗୋରା, ତାଙ୍କର ୪ ଜଣ ପୁତ୍ର ଏବଂ ୫ ଜଣ କନ୍ୟା ନାସ୍ତିକ ବିଚାରଧାରା ଅନୁସାରେ ଆଦର୍ଶ

ISSN NO.
2582-208X

ଜୀବନ ଶୈଳୀ ପାଳନ କରିଛନ୍ତି । ସେ କହିଛନ୍ତି- ନାସ୍ତିକତା ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ଏକ ସୁଲଭ ମାର୍ଗ ।

୭. ଆମ ଦେଶର ବରପୁତ୍ର ଡ଼ଃ ବାବା ସାହେବ ଆମ୍ବେଦକର (୧୮୯୧-୧୯୫୬) କହିଛନ୍ତି- ଯେଉଁ ଧର୍ମ ଜନ୍ମରୁ ହିଁ କାହାକୁ ଶ୍ରେଷ୍ଠ ଓ କାହାକୁ ନୀଚ ବନେଇ ରଖୁଛି, ତାହା ଧର୍ମ ନୁହେଁ ବରଂ ଗୋଲାମ ବନେଇ ରଖିବାର ଷଡଯନ୍ତ୍ର ।

୮. ନିରୀଶ୍ୱରବାଦୀ ଆବ୍ରାହମ ଥୋମାସ କୋଭୁର (୧୮୯୮-୧୯୭୮) ଜଣେ ଭାରତୀୟ ବୈଜ୍ଞାନିକ, ଶ୍ରୀଲଙ୍କାରେ ଚାକିରୀ କରିଥିଲେ । ସେ କହିଛନ୍ତି- "ମୁଁ ଦୃଢତାର ସହିତ କହିପାରେ ଯେ ଆକାଶରେ କୌଣସି ଚମତ୍କାରୀ ବା ଅତିମାନବୀୟ ଶକ୍ତି ନାହିଁ । ଯେଉଁମାନେ ଦାବି କରୁଛନ୍ତି, ସେମାନଙ୍କୁ ମୁଁ ଆହ୍ୱାନ କରୁଛି, ମୋ ସାମ୍ନାରେ ଆସି ନିଜର ଚମତ୍କାର ପ୍ରଦର୍ଶନ କରନ୍ତୁ । ସେ ଜିତିଗଲେ ମୁଁ ଏକ ଶତ ଶ୍ରୀଲଙ୍କାର ମୁଦ୍ରା (ଟଙ୍କା) ପୁରସ୍କାର ଦେବି ।" ଏ.ଟି. କୁଭୁରଙ୍କ ଏହି ଚ୍ୟାଲେଞ୍ଜକୁ ହରିୟାଣାର ତର୍କଶୀଳ ସୋସାଇଟି ଦ୍ୱାରା ପୁରସ୍କାର ରାଶି ଏକ କୋଟି ଟଙ୍କା କରିଦିଆ ଯାଇଛି । ତଥାପି ଆଜି ପର୍ଯ୍ୟନ୍ତ ଦେଶ ବିଦେଶର କୌଣସି ପ୍ରଖ୍ୟାତ ସାଧୁ, ସନ୍ନ୍ୟାସୀ, ବାବା, ଜ୍ୟୋତିଷ ଓ ତାନ୍ତ୍ରିକ ସ୍ୱୀକାର କରିନାହାନ୍ତି ।

୯. ୟୁନାନୀ ଦାର୍ଶନିକ ସୁକରାତ(୪୭୦-୩୯୯ ଖ୍ରୀ.ପୂ)ଧାର୍ମିକ ସମ୍ପ୍ରଦାୟର ରୂଢ଼ିବାଦୀ ପ୍ରଥା ଓ ପରମ୍ପରାକୁ ବିରୋଧ କରୁଥିଲେ । ସେଥିପାଇଁ ତାଙ୍କ ଉପରେ ଖ୍ରୀଷ୍ଟିୟାନ ଧର୍ମଦ୍ରୋହୀ କାନୁନ ଅନୁସାରେ କେସ ଦାୟର କରାଗଲା । ଅଦାଲତର ରାୟ ହେଲା, ତୁମେ ଯଦି ନିଜର ମତରେ ଅଟଳ ରହିବ ତେବେ ତୁମକୁ ବିଷ ପାନ କରିବାକୁ ପଡିବ । ସେ କହିଲେ- ମୁଁ ସତ୍ୟକୁ ତ୍ୟାଗ କରି ମତ ପରିବର୍ତ୍ତନ କରି ପାରିବି ନାହିଁ । ଶେଷରେ ସେ ନିର୍ଭୟରେ ବିଷ ପାନ କରି ମୃତ୍ୟୁ ବରଣ କଲେ ।

୧୦. ଇବନ୍ନ ରୋଶଦଙ୍କ (୧୧୨୬-୧୧୯୮) ଜନ୍ମ ସ୍ପେନର ଗୋଟିଏ ମୁସଲମାନ ପରିବାରରେ ହେଇଥିଲା । ତାଙ୍କର ଜେଜେବାପା ଜାମା ମସଜିଦରେ ଇମାମ ଥିଲେ ।

ISSN NO.
2582-208X

ରୋଶଦ କୋରାନକୁ କଣ୍ଠସ୍ଥ କରି ସେଥିରେ ଲେଖାଥିବା ବିରୋଧାଭାସକୁ ବୁଝି ପାରିଥିଲେ । ସେଇଥିପାଇଁ ସେ ଆଲ୍ଲାଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରି ଦେଇଥିଲେ । ଇସଲାମ ଗୋଟିଏ ରାଜନୈତିକ ସଙ୍ଗଠନ ବୋଲି ମତ ପ୍ରକଟ କରିଥିଲେ । ସେଥିପାଇଁ ମୁସଲମାନ ଧର୍ମ ଗୁରୁମାନେ ତାଙ୍କୁ ତୀବ୍ର ବିରୋଧ କରିଥିଲେ । ତଥାପି ସେ ନିର୍ଭିକ ଭାବେ ଦର୍ଶନ ରୂପକ ବୌଦ୍ଧିକ ତର୍କ ଦ୍ୱାରା ଧର୍ମ ଗୁରୁମାନଙ୍କୁ ପରାସ୍ତ କରିଦେଇଥିଲେ ।

୧୧. କୋପରନିକସ (୧୪୭୩ -୧୫୪୩)। ପୃଥିବୀ ସ୍ଥିର, ସୂର୍ଯ୍ୟ ପରିକ୍ରମା କରୁଥିବା କଥା କହି ଖ୍ରୀଷ୍ଟିୟାନ ଧର୍ମଗୁରୁମାନେ ଲୋକମାନଙ୍କୁ ବୋକା ବନେଇ ଥିଲେ । ବୈଜ୍ଞାନିକ କୋପରନିକାସ ନିଜେ ପରୀକ୍ଷଣ କରି ସିଦ୍ଧ କରିଦେଲେ ଯେ ପୃଥିବୀ ସହିତ ସୌର ମଣ୍ଡଳର ସମସ୍ତ ଗ୍ରହ, ସୂର୍ଯ୍ୟ ଚାରିପାଖେ ପରିକ୍ରମଣ କରୁଛନ୍ତି । ଏହା ଶୁଣି ଖ୍ରୀଷ୍ଟିୟାନ ଧର୍ମଗୁରୁମାନେ ଅତ୍ୟନ୍ତ କ୍ରୋଧିତ ହୋଇ ତାଙ୍କୁ ଅନେକ ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କର ସିଦ୍ଧାନ୍ତ ହିଁ ସତ୍ୟ ପ୍ରମାଣିତ ହେଲା ।

୧୨. ମାର୍ଟିନ ଲୁଥର(୧୪୮୩-୧୫୪୩)ଜର୍ମାନରେ ଅନ୍ଧବିଶ୍ୱାସ, ପାଖଣ୍ଡବାଦ ଏବଂ ଧର୍ମ ଗୁରୁମାନଙ୍କର ଅତ୍ୟାଚାର ବିରୁଦ୍ଧରେ କ୍ରାନ୍ତିକାରୀ ଆନ୍ଦୋଳନ ଆରମ୍ଭ କରିଥିଲେ । ସେ କହିଥିଲେ- ବ୍ରତ, ଉପବାସ, ତୀର୍ଥଯାତ୍ରା କରିବା, ଦାନଦକ୍ଷିଣା ଦେବା ସବୁ ନିରର୍ଥକ ।

୧୩. ଫ୍ରେନ୍ସିସ ବେକନ (୧୫୬୧-୧୬୨୬) ଇଁରାଜୀ ଭାଷାରେ ଅତ୍ୟନ୍ତ ଉଚ୍ଚ କୋଟିର ଅନେକ ପ୍ରବନ୍ଧ ଲେଖି ପ୍ରସିଦ୍ଧି ଲାଭ କରିଥିବା ମାତ୍ର ୨୩ ବର୍ଷ ବୟସର ଯୁବକ ପାର୍ଲିଆମେଣ୍ଟର ସଦସ୍ୟ ହୋଇ ପାରିଥିଲେ । ପରବର୍ତ୍ତୀ ସମୟରେ ସେ ଲର୍ଡ୍ ଚାଁସଲର ବି ହୋଇଥିଲେ । ସେ କହିଥିଲେ-ନାସ୍ତିକତା ବ୍ୟକ୍ତିକୁ ଶୁଦ୍ଧ ବିଚାର, ଉଚିତ ଦର୍ଶନ, ସ୍ୱାଭାବିକ ନିଷ୍ଠା ଏବଂ ଶୃଙ୍ଖଳିତ ଜୀବନ ଆଡକୁ ନେଇଯାଏ । ଏହିସବୁ ନୈତିକ ଗୁଣର ମାର୍ଗ ଦର୍ଶକ ହୋଇପାରେ ।

୧୪. ବେଞ୍ଜାମିନ ଫ୍ରେଙ୍କଲିନ(୧୭୦୬-୧୭୯୦) ସଂଯୁକ୍ତ ଆମେରିକାର ସଂସ୍ଥାପକ ମଣ୍ଡଳର ଜଣେ ସଦସ୍ୟ ଥିଲେ । ସେ ଜଣେ ବୈଜ୍ଞାନିକ, ଦାର୍ଶନିକ ଓ ଲେଖକ ଥିଲେ ।ସେ

ISSN NO.
2582-208X

କହିଥିଲେ- "ସାଂସାରିକ ଜଞ୍ଜାଳ ଭିତରେ ମନୁଷ୍ୟ ଆଧ୍ୟାତ୍ମିକ ଧର୍ମର ସ୍ଥାପନା ଦ୍ୱାରା ସୁରକ୍ଷିତ ହୁଏନାହିଁ ବରଂ ଆଧ୍ୟାତ୍ମିକ ଧର୍ମର ବିଲୋପ ଦ୍ୱାରା ହିଁ ସୁରକ୍ଷିତ ହୁଏ ।"

୧୫. ଚାର୍ଲସ ଡାରବିନ (୧୮୦୯-୧୮୮୨) ଈଶ୍ୱରବାଦ ଏବଂ ଈଶ୍ୱରବାଦୀଙ୍କୁ କଡା ବିରୋଧ କରିଥିଲେ । ତାଙ୍କ ଦ୍ୱାରା ଆବିଷ୍କାର ହୋଇଥିବା ବିବର୍ତ୍ତନବାଦ ଥିଓରୀ ଯୋଗୁଁ ସେ ବହୁତ କଠୋର ସମାଲୋଚନାର ସମ୍ମୁଖୀନ ହୋଇଥିଲେ । ସେ ନିର୍ଭିକ ଭାବେ କହୁଥିଲେ- "ମୁଁ କୌଣସି ଈଶ୍ୱର ସତ୍ତାକୁ ବିଶ୍ୱାସ କରେ ନାହିଁ । କାରଣ ଏହି ପୃଥିବୀ ଓ ଜୀବଜଗତ କୌଣସି ଈଶ୍ୱର ସୃଷ୍ଟି କରିନାହାନ୍ତି । ସୃଷ୍ଟିର ଅସଲ କାରଣ ହେଉଛି ବିବର୍ତ୍ତନବାଦ ।

୧୬.କାର୍ଲ ମାର୍କସ (୧୮୧୮-୧୮୮୩) କହିଥିଲେ- "ଈଶ୍ୱରଙ୍କ ଜନ୍ମ ଗୋଟିଏ ଗଭୀର ଷଡଯନ୍ତ୍ରରୁ ହୋଇଛି । ଆଧ୍ୟାତ୍ମିକ ଧର୍ମ ଏକ ନିଶା ଦ୍ରବ୍ୟ ସହ ସମାନ । ଧର୍ମ ହେଉଛି ବିଜ୍ଞାନ ବିରୋଧୀ, ପ୍ରଗତି ବିରୋଧୀ, ଅନର୍ଥକାରୀ ଏବଂ ସମାଜ ପାଇଁ ଏକ ଅନୁପଯୁକ୍ତ ବସ୍ତୁ । ଏହାକୁ ପରିତ୍ୟାଗ କଲେ ହିଁ ସମାଜର ମଙ୍ଗଳ ହେବ ।"

୧୭. ଆଲବର୍ଟ ଆଇନଷ୍ଟାଇନ (୧୮୭୯-୧୯୫୫) ଜଣେ ବିଶ୍ୱବିଖ୍ୟାତ ବୈଜ୍ଞାନିକ କହିଥିଲେ-"ବ୍ୟକ୍ତିର ନୈତିକ ଆଚରଣ ମୁଖ୍ୟତଃ ସହାନୁଭୂତି, ଶିକ୍ଷା ଏବଂ ସାମାଜିକ ବନ୍ଧନ ଉପରେ ନିର୍ଭର କରୁଛି । ଏଥିପାଇଁ କୌଣସି ଆଧ୍ୟାତ୍ମିକ ଧର୍ମର ଆଧାର ଆବଶ୍ୟକ ନାହିଁ । ମୃତ୍ୟୁ ପରେ ଦଣ୍ଡ ପାଇବାର ଭୟ କିମ୍ବା ପୁରସ୍କାର ପାଇବାର ଆଶା ଦେଇ ମନୁଷ୍ୟଙ୍କୁ ନିୟନ୍ତ୍ରିତ କରିବା ଦ୍ୱାରା ମଣିଷ ସମାଜର ଅବସ୍ଥା ଦୟନୀୟ ହେଇଯାଉଛି ।"

୧୮. ଭ୍ଲାଦିମିର ଲେନିନ (୧୮୭୦-୧୯୨୪) କହିଥିଲେ- ଯେଉଁମାନେ ଆଜୀବନ କଠିନ ପରିଶ୍ରମ ଓ ସଂଘର୍ଷ କରି ମଧ୍ୟ ଅଭାବରେ ଜୀବନ ଅତିବାହିତ କରୁଛନ୍ତି, ସେମାନଙ୍କୁ ଆଧ୍ୟାତ୍ମିକ ଧର୍ମଗୁରୁ ମିଥ୍ୟା ସାନ୍ତ୍ୱନା ଦେଉଛନ୍ତି, ଏହି ଜୀବନରେ ଧୈର୍ଯ୍ୟ ଓ ବିନମ୍ରତା ରକ୍ଷା କଲେ ଆସନ୍ତା ଜନ୍ମରେ ସୁଖ ପ୍ରାପ୍ତ ହେବ। ଏହାର ବିପରୀତ ଯେଉଁମାନେ ଅନ୍ୟର ପରିଶ୍ରମଲବ୍ଧ ଧନ ଲୁଣ୍ଠନ କରି ଜୀବନ ଅତିବାହିତ କରନ୍ତି, ସେମାନେ ପରିଶ୍ରମୀ ଲୋକଙ୍କୁ ଦୟାବାନ ହେବାର ଶିକ୍ଷା ଦେଉଛନ୍ତି । ଏହିଭଳି ଆଧ୍ୟାତ୍ମିକ ଧର୍ମ ଜନତାଙ୍କୁ

ISSN NO.
2582-208X

ଶୋଷକ ବର୍ଗର ଅସ୍ତିତ୍ୱର ସମ୍ପୂର୍ଣ୍ଣ ଔଚିତ୍ୟ ସିଦ୍ଧ କରିବା ପାଇଁ ଗୋଟିଏ ଶସ୍ତା ଉପଦେଶ ଶିକ୍ଷା ଦେଉଛି ।

୧୯.ରିଚାର୍ଡ ଡାଓ୍ୱକିନ ବ୍ରିଟିଶରେ ୨୬ ମାର୍ଚ୍ଚ ୧୯୪୬ ମସିହାରେ ଜନ୍ମ ଗ୍ରହଣ କରିଛନ୍ତି । ସେ ଜଣେ ପ୍ରଫେସର । ତାଙ୍କର ବହୁପ୍ରଚଳିତ ପୁସ୍ତକ 'ଗଡ଼ ଡିଲୁସନ' (ଈଶ୍ୱର ଏକ ଭ୍ରମ) ବୁଦ୍ଧିଜୀବୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ବହୁତ ତାର୍କିକ ଢଙ୍ଗରେ ସେ ନିରୀଶ୍ୱରବାଦକୁ ବୁଝାଇ ଲେଖିଛନ୍ତି ।

୨୦· ଷ୍ଟିଫେନ ହକିନ୍ସ (୧୯୪୨- ୨୦୧୮) ଜଣେ ବିଶ୍ୱ ବିଖ୍ୟାତ ଭୌତିକ ବୈଜ୍ଞାନିକ ଥିଲେ । ସେ ଇଂଲଣ୍ଡ, ଅକ୍ସଫୋର୍ଡରେ ଜନ୍ମ ଗ୍ରହଣ କରିଥିଲେ। ସେ 'ବ୍ଲାକ ହୋଲ' ଏବଂ 'ବିଗବ୍ୟାଙ୍ଗ' ସିଦ୍ଧାନ୍ତ ଉପରେ ଗଭୀର ଅଧ୍ୟୟନ, ଅନୁସନ୍ଧାନ ଓ ଗବେଷଣା କରିଥିଲେ । ସେ ଶାରୀରିକ ଭାବେ ଅପାଙ୍ଗ ହୋଇ ପଡ଼ିଥିଲେ ମଧ୍ୟ ମାନସିକ ସ୍ତରରେ ପ୍ରଚଣ୍ଡ ବୁଦ୍ଧିମାନ ଓ ସୁସ୍ଥ ଥିଲେ । ସେ ଲେଖିଥିବା ଅନେକ ଗବେଷଣା ମୂଳକ ପୁସ୍ତକ ଭିତରେ 'ବିଗ ବ୍ୟାଙ୍ଗ ଥିଓରୀ' ଓ 'ସମୟର ସଂକ୍ଷିପ୍ତ ଇତିହାସ' ବହୁଳ ପ୍ରସାରିତ ହୋଇଛି । ସେ କହିଛନ୍ତି - "ମୋ ମତରେ ସବୁଠାରୁ ସରଳ ବ୍ୟାଖ୍ୟା ହେଉଛି- ଦୁନିଆରେ କୌଣସି ଈଶ୍ୱର ନାହିଁ । ବିଶ୍ୱବ୍ରହ୍ମାଣ୍ଡକୁ କେହି ସୃଷ୍ଟି କରିନାହାନ୍ତି ଏବଂ କେହି ଆମର ଭାଗ୍ୟକୁ ନିୟନ୍ତ୍ରଣ କରୁନାହାନ୍ତି ।"

ଅତଃ: ହୁଏତ ପ୍ରାଚୀନ ଯୁଗରେ ଆଧ୍ୟାତ୍ମିକ ଧର୍ମ ସମାଜକୁ ଆବଶ୍ୟକ ଥିଲା । ପ୍ରକୃତରେ ମଣିଷମାନଙ୍କୁ କୌଣସି କାଳ୍ପନିକ ଦେବୀ ଦେବତାଙ୍କ ଆବଶ୍ୟକ ନଥିଲା । କାରଣ ଏକା ସମୟରେ ମଣିଷଙ୍କ ସହିତ ବିଭିନ୍ନ ଜୀବଜନ୍ତୁ ମଧ୍ୟ ସୃଷ୍ଟି ହୋଇଥିଲେ ଏବଂ ପ୍ରାକୃତିକ ଢଙ୍ଗରେ ଜନ୍ମ ହୋଇ ପ୍ରକୃତି କୋଳରେ ଜୀବନ ଯାପନ କରୁଥିଲେ । ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ ହେଉଛି ଯେ ଯଦି ଅନ୍ୟ କୌଣସି ପ୍ରାଣୀଙ୍କୁ ଈଶ୍ୱର ଆବଶ୍ୟକ ପଡିଲା ନାହିଁ ତେବେ କେବଳ ମଣିଷକୁ ଆବଶ୍ୟକ ପଡିଲା କାହିଁକି ? ଈଶ୍ୱରମଣିଷ ମାନଙ୍କର ଗୋଟିଏ ଅନ୍ଧବିଶ୍ୱାସ ଥିଲା ଏବଂ ପରବର୍ତ୍ତୀ କାଳରେ ଆହୁରି ଅନେକ ପ୍ରକାର ଅନ୍ଧବିଶ୍ୱାସ ସୃଷ୍ଟି

ISSN NO.
2582-208X

କରିଦେଲା । ଅଧ୍ୟାତ୍ମବାଦ ଓ ଅନ୍ଧବିଶ୍ୱାସ ଦୁହେଁ ଦୁହିଁଙ୍କ ପରିପୂରକ । ଯେତେ ପରିମାଣରେ ଅଧ୍ୟାତ୍ମବାଦ ଧର୍ମର ଉପୃତ୍ତି ହେଲେ ସେତେ ପରିମାଣରେ ଅନ୍ଧବିଶ୍ୱାସ ବି ବୃଦ୍ଧି ପାଇଲା । ଅପ୍ରିୟ ସତ୍ୟ ହେଉଛି ଯେ ଆସ୍ତିକ ଓ ଅନ୍ଧବିଶ୍ୱାସୀ ହେବା ପାଇଁ ଧନୀ, ଗରିବ, ଶିକ୍ଷିତ ଓ ଅଶିକ୍ଷିତ ମାନଙ୍କ ଭିତରେ ବିଶେଷ କିଛି ପ୍ରଭେଦ ନାହିଁ । ମଣିଷକୁ ଆସ୍ତିକ ହେବାପାଇଁ ଯେତିକି ସହଜ ନାସ୍ତିକ ହେବା ସେତିକି ସହଜ ନୁହେଁ । ଦୁଃଖର କଥା ଯେ ସାଧାରଣତଃ ଅଶିକ୍ଷିତ, ଅଳ୍ପ ଶିକ୍ଷିତ ଓ ଗରିବ ଲୋକମାନେ ହିଁ ଅନ୍ଧବିଶ୍ୱାସ ଯୋଗୁଁ ଅଧିକ କ୍ଷୟଗ୍ରସ୍ତ ହୋଇଥା'ନ୍ତି । ପୌରାଣିକ କାଳରେ ଭୌତିକ ସାଧନର ଅଭାବ ଲୋକମାନଙ୍କୁ ବିଜ୍ଞାନ ଓ ସତ୍ୟ ଠାରୁ ଅଲଗା କରିଦେଇ ଦେଲା । ସେଥିପାଇଁ ସେମାନେ ନିଜର ବିମାରୀ, ଗୃହକ୍ଳେଶ, ପ୍ରାକୃତିକ ବିପର୍ଯ୍ୟୟ, ଧନର ଅଭାବ ଆଦି ସମସ୍ୟାର ସମାଧାନ ପାଇଁ ବାବା, ସନ୍ନ୍ୟାସୀ, ତାନ୍ତ୍ରିକ, ଜ୍ୟୋତିଷ ଆଦିଙ୍କ ମାୟାଜାଲରେ ପଶି ଯାଉଛନ୍ତି । ମଜା କଥା ହେଉଛି ଯେ ଆଜିର ଆଧୁନିକ ବୈଜ୍ଞାନିକ ଯୁଗରେ ମଧ୍ୟ ଶିକ୍ଷିତ ଓ ଧନୀ ଲୋକମାନେ ବୈଜ୍ଞାନିକ ଦୃଷ୍ଟିକୋଣର ଅଭାବ ଯୋଗୁଁ ଅନ୍ଧବିଶ୍ୱାସରେ ବୁଡି ରହୁଛନ୍ତି ।

ମୋ: ୯୪୮୨୦୧୬୨୬୦

ISSN NO.
2582-208X

# ବିତାଇଥିବା ମୁଠାଏ ସ୍ମୃତି



ସୀତାକାନ୍ତ ତୁମୁନଆଁ

ରାତି ବାରଟା ଶେଷ !
ବହି ଖାତାର ଡୋରି ବାନ୍ଧୁ ବାନ୍ଧୁ,
ଆଲୋକ ଖୋଜୁଥିବା ଗୋଟେ,
ଅନ୍ଧ କୀଟପତଙ୍ଗ ଭଳି,
ହଠାତ୍ ଆସି ମନେପଡେ,
ବିତି ଯାଇଥିବା
କେତେମୁଠା ଭଙ୍ଗା ଦଦରା,
ଅଥଚ ମୂଲ୍ୟବାନ,
ପୁରୁଣା ସ୍ମୃତି କେତୋଟି ।

ସେଇ ଆମ ପ୍ରେମବହିର,
ପ୍ରଥମ ପୃଷ୍ଠା ଆରମ୍ଭ,
ତୁମେ ଥିଲ କୃଷ୍ଣପକ୍ଷ ଅମାବାସ୍ୟାର,
ଗୋଟେ ପୂର୍ଣ୍ଣ ଜହ୍ନ ଭଳି,
ସରଳ, କୋମଳ, ଖୁବ୍ ଗୋଟେ ମୃଗ ସାବକ ଭଳି,
ନଥିଲା କିଛି ଚିନ୍ତା ନଥିଲା କାହାକୁ ନେଇ ଭାବନା,
ବାସ୍ ଥିଲ କର୍ତ୍ତବ୍ୟନିଷ୍ଠ ସୂର୍ଯ୍ୟ ଭଳି,
ଆଖିରେ ନଥିଲା  ସୂର୍ଯ୍ୟରଶ୍ମି ର ତତଲା ଆଲୋକ,

ISSN NO.
2582-208X

ଦେହରେ ନ ଅଛି ଆଧୁନିକତା ରଙ୍ଗଭଙ୍ଗି,
ବାସ୍ ଲାଗୁଥିଲ ସେଇ ଯୁଗର ଜଣେ ସରଳ ସତୀ।

ହଠାତ୍ ଦେଖେ ତ!
ଡିପାର୍ଟମେଣ୍ଟ ଉପର ଝରକା କଡରୁ,
ହସିରୁ ଝରୁଛି ମହୁର ନଇ,
ଚାଲିରେ ନଇ ତୀବ୍ରତାର ବେଗ,
ବାସ୍ ଏତିକିରେ,
କେଉଁ ଆଡେ ଚାଲିଯାଏ ମୁଁ,
ଜାଣି ପାରେନି କିଛି,
କେଉଁ ଦୁନିଆରୁ କେଉଁ ଦୁନିଆଁକୁ
ଚଢିଯାଏ କଳ୍ପନାର ଲମ୍ବା ସିଢିଦେଇ।

ଏମିତି ଭାବୁ ଭାବୁ ଭାବି ଦିଏ,
ଅନେକ କିଛି,
କଥା ବାହନା ଖୋଜି ଖୋଜି,
ମାଗେ ଏ ଶୁଣ! ତୁମ କଲମ ଟା ଦିଅ,
ଆଜି ତରବରେ କଲମଟା ଭୁଲି ଯାଇଛି,
ଗୋଟେ ସ୍ମିତ ହସି ଦେଇ କହ ହିଁ ଏଇ ନିଅ,
କଲମ ନେବା ପରେ କୁହେ ଥାଙ୍କୁ,
ତୁମେ କୁହ ଆରେ ଏଇଟା କହିବାର କ'ଣ ଅଛି ଯେ ?
ଦିନେ ଏଇ କଲମ ନେଇଥିଲା,

ISSN NO.
2582-208X

ତୁମ ମୋ ଭିତରେ କଥାବାର୍ତ୍ତା କରେଇବାର ଭୂମିକା,
ଯେମିତି ଦ୍ୱାପର ଯୁଗେ ରାଧାକୃଷ୍ଣ ଭିତରେ ଦୂତିର ଭୂମିକା ।

ପୁଣି ଆମ ଭିତରେ କଥାବାର୍ତ୍ତାର,
ମାଧ୍ୟମ ସାଜିଥିଲା ସେମିଷ୍ଟାର ପରୀକ୍ଷା ଗୁଡିକ,
ପାଖେଇ ଆସିଲେ ଆହୁରି ଆହୁରି ବେଶୀ,
କଥାବାର୍ତ୍ତା ଆସୁଥିବା ପରୀକ୍ଷାକୁ ନେଇ,
କାଲେ କିଏ ଫେଲ ନ ହେବ,
ସବୁ ଠିକ୍ ଲେଖିବାର ଲକ୍ଷ୍ୟରେ,
ନୋଟ୍ ଆଦାନ ପ୍ରଦାନ ।

ଅନ୍ତର୍ଲା, ଦେଓଗାଁ, ବଲାଙ୍ଗୀର

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ
ରାଗ-ବସନ୍ତ ବରାଡ଼ି

ମହାଜ୍ଞାନୀ ଶୁକଦେବଙ୍କ ଚରଣେ ପ୍ରଣମି ବୋଲନ୍ତି ରାଜନ
ତବ ଶ୍ରୀମୁଖରୁ ପୁଣ୍ୟ କଥାମୃତ ଶ୍ରବଣରେ ଧନ୍ୟ ଜୀବନ
ହେ ମୁନି, ନିସ୍ତରିଲି ମାୟା ଜାଲରୁ
ମରଣର ଭୟ ହେଲା ଦୂରୀଭୂତ ତୁମ୍ଭ କୃପାବାରି ବର୍ଷାରୁ ।୪୧ ।

ସର୍ବ ଋଷିଗଣ ସହ ଶୁକଦେବ ପ୍ରବୋଧି ରାଜନେ ମଧୁରେ
ହରି ଓଁ ଉଚ୍ଚାରି ଗମିଲେ ବଦ୍ରିକା ଉଦାସ ବିଷାଦ ଚିତ୍ତରେ
ଯୋଗରେ, ଧ୍ୟାନକଲେ ନୃପମୋହନ
ଆତ୍ମାକୁ ପରମ ଆତ୍ମାରେ ସଂଯୋଗୀ ପରଂବ୍ରହ୍ମେ ହେଲେ ବିଲୀନ ।୪୨ ।

ବ୍ରାହ୍ମଣ ବେଶରେ କାକୋଦର ଗମେ ଅନ୍ତରେ ଦଂଶନ ଭାବନା
ବିପ୍ର ଧନ୍ୱନ୍ତରୀ ଗୁମନ୍ତି ଆତୁରେ ପଣ୍ଡ କରିବାକୁ ଯୋଜନା
ଉଭୟେ, ସାକ୍ଷାତ୍ ହୋଇଲେ ପଥରେ
ପଚାରଇ ଅହି ଯାଉଛ କୁଆଡେ ଏକାକୀ ବିଜନ ବେଳାରେ ।୪୩ ।

ଧନ୍ୱନ୍ତରୀ ନାମ ଶୁଣନ୍ତୁ ଆମ୍ଭର ଜାତିରେ ନୈଷ୍ଠିକ ବ୍ରାହ୍ମଣ
ବ୍ରହ୍ମଶାପେ ଯେବେ ଦଂଶିବ ତକ୍ଷକ ଫେରାଇବୁ ରାଜ ପରାଣ
ପାଇବୁ, ଯଶ କୀର୍ତ୍ତି ଥାତି ଗୋ-ଧନ

ISSN NO.
2582-208X

ମନ୍ଦାକିନୀ କୂଳେ ମିଳିବୁ ସତ୍ୱରେ ତହିଁ କରେ ନୃପ ପୂଜନ ।୪୪।
ତକ୍ଷକ ଦଂଶନେ ନବର୍ତ୍ତନ୍ତି ପ୍ରାଣୀ ଏହି ଚରାଚର ଭୁବନେ
ମୁଖ ଗହ୍ୱରେ ତା କାଳକୂଟ ବିଷ ନିମିଷେ ପଠାରେ ଶ୍ମଶାନେ
ଏଥକୁ, ପ୍ରତିକାର ନାହିଁ ସଂସାରେ
ବୀର ଦର୍ପରେ ଛଦ୍ମବେଶୀ ପନ୍ନଗ ବଳିଲା କାଶ୍ୟପ ଛାମୁରେ ।୪୫।

-: ଟୀକା :-

ଜବାହାରଲ୍ଲ - ମନ୍ଦାର ଫୁଲଠାରୁ ଅଧିକ ଲ୍ଲ୍
କାକୋଦର - ସର୍ପ
ବିଜନ - ନିର୍ଜନ
ଥାତି - ଧନ ସମ୍ପତ୍ତି

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ମଶାଣିର ଫୁଲ

ସରୋଜ କୁମାର ବେହେରା

ମୋତେ ଚାହିଁଲେ ଅଶୁଭ ଛୁଇଁଦେଲେ ପାପ
ତୋଳିନେଲେ ଅପବିତ୍ର.....
କେଉଁ ଜନମର କେଉଁ କର୍ମଫଳେ
ଅଭିଶପ୍ତ ମୁଁ ଅତୃପ୍ତ
ଆଖିରେ ମୋର ଅସୁମାରୀ ସ୍ୱପ୍ନ
ମୋତେ ସପନ ଦେଖିବା ମନା.....
ହୃଦୟଟି ମୋର ଅହଲ୍ୟା ପାସାଣୀ
କାହାର ପଡିନି ପାଦଚିହ୍ନ
ବାସହୀନ ବାସୁରି ମୁଁ
ମଧୁହୀନ ରସପସରା
ବସିନି ଭ୍ରମର ଚୁମିନି ଅଧର
ଝୁରିମରେ ରାତିସାରା
ଝୁରିମରେ ରାତିସାରା........

ମୋ: ୮୩୨୮୮୪୨୦୦୮

ISSN NO.
2582-208X

# ପ୍ରେମ ନଈ ତଟ
# "ପ୍ରେମିକା"



ମନୋରଞ୍ଜନ ସୁରୁଜାଲ

ଭାବ ରାଇଜର ନନ୍ଦନ ବନରେ
ଖୋଜୁ ଖୋଜୁ ପାଇଗଲି,
ପରିଚୟ ସିନା କହି ନାହିଁ କେବେ
ନାଆଁଟି ତା'ର ଚଗଲି ।
ନିରୋଳା ବସିଲି ପ୍ରେମ ନଈ ତଟେ
ସାଜିଲି ପ୍ରେମିକ କବି,
ଚନ୍ଦ୍ରମୁଖୀ ବାଳା ଫିଟେଇ କବରୀ
ଆଙ୍କୁ ଥିଲା ପ୍ରତିଛବି ।
ଦୂରରୁ ମହକ ଭାସି ଭାସି ଆସେ
ପବନର ସାଥେ ସାଥେ,
ବେଣୀର ଗଜରା ଚିହ୍ନି ଯାଇ ଥିଲି
ଆସୁଥିଲା ସ୍ମୃତି ପଥେ ।
ଗଭୀର ନିଶୀଥେ ଅସ୍ପଷ୍ଟ ଛବିଟି
ବାରି ପାରି ଥିଲା ଆଖି,
ଛାଇ ଆଲୁଅର ଲୁଚକାଳି ଖେଳ
ନଈ ପଠାରଟି ସାକ୍ଷୀ ।

ISSN NO.
2582-208X

ବେଳେ ବେଳେ ସିଏ ଆସେନି ସହଜେ
ନୀରବେ ଅନାଇଁ ଥାଏ,
ଶୀତଳ ଛୁଆଁରେ ମନ ଚେତନାରେ
ଦୁଇ ପଦ କହି ଯାଏ ।
ନିଃଶବ୍ଦ ବେଳାର ପ୍ରେମ ଇନ୍ଦ୍ରଜାଲେ
ମୋହିତ କରଇ ମୋତେ,
ଚୁପି ଚୁପି କାନେ ପ୍ରୀତି ସମ୍ଭାଷଣେ
କହଇ ବିତାନେ ଯେତେ ।
ରୁଣୁଝୁଣୁ ତା'ର ପାଉଁଜିର ତାନ
ସ୍ମିତ ହସେ ଆସେ ପଶି,
ମନ ମନ୍ଦିରରେ ଘର ଟିଏ ତୋଳି
ସପନେ ପଡ଼ଇ ଝାସି ।
ପରୀ ମହଲର ମନସ୍ୱିନୀ ଏକା
ଅଭିମାନେ ଯେବେ ରୁଷେ,
ଚିନ୍ତିଲେ ନିରତେ ମନ ମୁକୁରରେ
ଛାଇ ପରି ଉଙ୍କି ହସେ ।
ରଙ୍ଗ ତୂଳୀ ଧରି ଚିତ୍ର ଆଙ୍କି ବାକୁ
ସାଜି ଥିଲି ଚିତ୍ରକର,
କଲମ ମୁନରେ ନିତି ମୁଖ ଦିଶେ
ସଜେଇଲା ପ୍ରେମବର ।

ସୌଜନ୍ୟ ସଂପାଦକ : ପ୍ରୀତି ପ୍ରଣତି
ଆଇଁଲ୍ ପାଲି, ଧମା, ସମ୍ବଲପୁର

ISSN NO.
2582-208X

# ଭକ୍ତି....



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଭକ୍ତି ଯେତେବେଳେ ଭୋକ ଭିତରେ ପ୍ରବେଶ କରେ, ସେଇ ଭୋକ, ବ୍ରତ ରେ ପରିଣତ ହୋଇଯାଏ ।

ଭକ୍ତି ଯେତେବେଳେ, ଜଳ ଭିତରେ ପ୍ରବେଶ କରେ, ସେଇ ଜଳ, ଚରଣାମୃତ ରେ ପରିଣତ ହୋଇଥାଏ ।

ଭକ୍ତି ଯେତେବେଳେ, ଭୋଜନ ରେ ସଂଯୋଗ ହେଲେ, ସେଇ ଭୋଜନ, ପ୍ରସାଦ ରେ ପରିଣତ ହୋଇଥାଏ ।

ଭକ୍ତି ଯେତେବେଳେ, ଯାତ୍ରା ରେ ପ୍ରବେଶ କଲେ, ସେଇ ଯାତ୍ରା, ତୀର୍ଥ ଯାତ୍ରା ହୋଇଯାଏ।

ଭକ୍ତି ଯେତେବେଳେ ସଙ୍ଗୀତ ଭିତରେ ପ୍ରବେଶ କଲେ, ସେଇ ସଂଗୀତ କୀର୍ତ୍ତନ ରେ ପରିଣତ ହୁଏ ।

ଭକ୍ତି ଯେତେବେଳେ, ଘର ଭିତରେ ପ୍ରବେଶ କଲେ, ସେଇ ଘରଟି, ମନ୍ଦିର ହୋଇ ଥାଏ।

ISSN NO.
2582-208X

ଭକ୍ତି ଯେତେବେଳେ କାର୍ଯ୍ୟ ଭିତରେ ପ୍ରବେଶ କଲେ,ସେ କାର୍ଯ୍ୟ ଟି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହୋଇଥାଏ।

ଭକ୍ତି ଯେତେବେଳେ ବ୍ୟକ୍ତି ଭିତରେ ପ୍ରବେଶ କଲେ ସେଇ ବ୍ୟକ୍ତି କୁ, ଭକ୍ତ ବନେଇ ଦିଏ।

ଭଗବାନ ଓ ଭକ୍ତ କୁ, ଏକାକାର କରିଦେଇ ଅମୃତତ୍ୱକୁ ପ୍ରାପ୍ତ କରି ଦିଅନ୍ତି।

ଭକ୍ତି + ଭୋକ = ବ୍ରତ

ଭକ୍ତି + ଜଳ = ଚରଣାମୃତ

ଭକ୍ତି + ଭୋଜନ = ପ୍ରସାଦ

ଭକ୍ତି + ଯତ୍ର = ତୀର୍ଥ ଯାତ୍ରା

ଭକ୍ତି + ସଙ୍ଗୀତ = କୀର୍ତ୍ତନ

ଭକ୍ତି + ଘର = ମନ୍ଦିର

ଭକ୍ତି + କାର୍ଯ୍ୟ = ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ସଂଗ୍ରାହିକା: ଲକ୍ଷ୍ମୀପ୍ରିୟା ବିଶ୍ୱାଳ
ଗ୍ରାମ, ମଦୁ, ପୋଷ୍ଟ ମଦୁ, ଥାନା-ଆଳ,
ଜିଲ୍ଲା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଉତ୍ତମ ପରିବେଶ ହିଁ ଉତ୍ତମ ସ୍ୱାସ୍ଥ୍ୟ



ଡାକ୍ତର ବସନ୍ତ କୁମାର ଷଡଙ୍ଗୀ

ପୃଥିବୀ ପୃଷ୍ଠରେ ମନୁଷ୍ୟ, ବିଭିନ୍ନ ଜୀବଜଗତ, କୀଟପତଙ୍ଗ ଆଦି ରହିଥିବା ସ୍ଥଳେ ମନୁଷ୍ୟ ସବୁଠାରୁ ଶ୍ରେଷ୍ଠ ଅଟେ I ମନୁଷ୍ୟ ଧରାପୃଷ୍ଠରେ ତିଷ୍ଠିରହିବା ନିମନ୍ତେ ବିଭିନ୍ନ ବୃକ୍ଷଲତା, ପାଣି, ପବନ ଆଦି ରହିଛି I ମନୁଷ୍ୟ ନିଜକୁ ଚାଲାକି, ଚତୁର ଓ ବୁଦ୍ଧିମାନ ବୋଲାଉଥିବା ବେଳେ, ବେଳେ ବେଳେ ଏପରି କାର୍ଯ୍ୟକାରି ଆସୁଛି ଯଦ୍ୱାରା ମାନବ ଜାତି ତଥା ଜୀବଜଗତ ଙ୍କ ଜୀବନ ସୁରକ୍ଷା ଉପରେ କୁଠାରଘାତ କରିବା ସଦୃଶ୍ୟ କାର୍ଯ୍ୟ କରୁଛି । ଯଦ୍ୱାରା ପ୍ରକୃତି ଦତ୍ତ ପ୍ରକୃତି ଓ ପରିବେଶ ସହ ଜଳବାୟୁ ଦୂଷିତ ହୋଇ ମନୁଷ୍ୟ ତଥା ଜୀବଜଗତ ବଂଚିବା ନିମନ୍ତେ ଆବଶ୍ୟକ ପଡୁଥିବା ଶୁଦ୍ଧ ଅମ୍ଳଜାନ ଦୂଷିତ ହେବାଦ୍ୱାରା ସମଗ୍ର ଜୀବଜଗତ ଉତ୍ତମ ଅମ୍ଳଜାନ ରୁ ବଞ୍ଚିତ ହୋଇ ଶରୀରରେ ରୋଗପ୍ରତିରୋଧକ ଶକ୍ତି ର ମାତ୍ରା ବେଳେବେଳେ ହ୍ରାସ ପାଇ ବିଭିନ୍ନ ରୋଗରେ ଶିକାର ହେବାର ସମ୍ଭାବନା ରହିଛି I

ଆମ ଭାରତ ବର୍ଷରେ କେନ୍ଦ୍ର ସରକାର, ରାଜ୍ୟ ସରକାର ସମୂହ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ଏବଂ ବିଭିନ୍ନ ସଂଗଠନ ଦ୍ୱାରା ପ୍ରକୃତି ଓ ପରିବେଶ କୁ ସୁରକ୍ଷା ନିମନ୍ତେ ବିଭିନ୍ନ ଆଇନ ର ବ୍ୟବସ୍ଥା କରାଯାଇଛି, ଯାହାକି ଏହା ମନୁଷ୍ୟ ଓ ଜୀବଜଗତ ପାଇଁ ସହାୟକ ହୋଇପାରିଛି I

ଭାରତ ବର୍ଷରେ ଏମିତି କେତେକ ସହର ରହିଛି ଯାହାକି ଦିଲ୍ଲୀ, ମୁମ୍ବାଇ ପରି କେତେକ ଜନବହୁଳ ସହର ରହିଛି ଯେଉଁଠି ସମ୍ପୂର୍ଣ୍ଣ ଦୂଷିତ ପରିବେଶ ସହ ମୁକ୍ତ ଅମ୍ଳଜାନ ର

ISSN NO.
2582-208X

ଅଭାବ ରହିଛି । ଏହାର ମୂଳ କାରଣ ମାତ୍ରାଧିକ ଡିଜେଲ ଓ ପେଟ୍ରଲ ଚାଳିତ ଯାନର ଧୂଆଁ ନିର୍ଗତ ଦ୍ଵାରା ଜଳବାୟୁ ଦୂଷିତ ହୋଇ ଅଙ୍ଗାରକାମ୍ଳ ଗ୍ୟାସ ର ମାତ୍ରା ବୃଦ୍ଧି ପାଇ ମୁକ୍ତ ଅମ୍ଳଜାନ ର ଅଭାବ ରହୁଛି । ଏହାକୁ ଆମେ ଗ୍ରହଣ କରିବା ଦ୍ଵାରା ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଦ୍ଵାରା ବିଭିନ୍ନ ରୋଗ ର ଶିକାର ହେବାର ସମ୍ଭାବନା ରହିଛି । ଏହାକୁ ପ୍ରତିରୋଧ ନିମନ୍ତେ ବ୍ୟକ୍ତିଗତ ଭାବେ ସାମାଜିକ ଭାବେ, ବିଭିନ୍ନ ଅନୁଷ୍ଠାନ ଓ ସରକାରୀ ସ୍ତରରେ ଜନସଚେତନତା ସୃଷ୍ଟି କରିବା ସହ ନିଜର ବାସଗୃହ, ବାଡ଼ି ବଗିଚା, ରାସ୍ତା କଡ଼ ରେ ବିଭିନ୍ନ ବୃକ୍ଷ ରୋପଣ କରାଯିବା ଏବଂ ନିହାତି ଆବଶ୍ୟକ ସ୍ଥଳେ ହିଁ ଇନ୍ଧନ ଚାଳିତ ଗାଡ଼ି ବ୍ୟବହାର କରିବା, ବ୍ୟାଟେରୀ ଚାଳିତ ଗାଡ଼ି ଏବଂ ସାଇକଲରେ ନିଜର କାର୍ଯ୍ୟସମ୍ପାଦନ କରିବା ଉଚିତ । ଯଦ୍ଵାରା ଦୂଷିତ ଜଳବାୟୁ ଦାଉରୁ ଆମେ କିଛିପରିମାଣରେ ରକ୍ଷା ପାଇପାରିବା ।

ଆମ ଭାରତର ବିଭିନ୍ନ ଗ୍ରାମାଞ୍ଚଳରେ ତଥା ବନ, ପାହାଡ଼, ବୃକ୍ଷଲତା ଆଦି ପରିପୂର୍ଣ୍ଣ ସ୍ଥାନ ମାନଙ୍କରେ ମଧ୍ୟ ମନୁଷ୍ୟର ନିଜର ବ୍ୟକ୍ତିଗତ ସ୍ୱାର୍ଥ ନିମନ୍ତେ ଜଙ୍ଗଲରେ ଅଗ୍ନିସଂଯୋଗ କରିବା ଏବଂ ବହୁ ପୁରାତନ ବିଶାଳକାୟ ବୃକ୍ଷକୁ କାଟିବା ଦ୍ଵାରା ଜଳବାୟୁ ଦୂଷିତ ହୋଇ ଜଳବାୟୁରେ ଅଙ୍ଗାରକାମ୍ଳ ଗ୍ୟାସର ମାତ୍ରା ବୃଦ୍ଧି ପାଇ ଉତ୍ତମ ତଥା ମୁକ୍ତ ଅମ୍ଳଜାନ ର ମାତ୍ରା ହ୍ରାସପାଇବା ଦ୍ଵାରା ମନୁଷ୍ୟ ତଥା ଜୀବଜଗତଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ହେତୁ ବେଳେ ବେଳେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ର ମାତ୍ରା ହ୍ରାସ ପାଇ ବିଭିନ୍ନ ରୋଗରେ ପୀଡିତ ହେବାର ସମ୍ଭାବନା ରହିଥାଏ । ଏହାକୁ ପ୍ରତିରୋଧ କରାବା ସହ ଶୁଦ୍ଧ ଅମ୍ଳଜାନ ପାଇବା ନିମନ୍ତେ ଜଙ୍ଗଲରେ ଅଗ୍ନି ସଂଯୋଗ ଓ ଗଛ କଟା କୁ ବନ୍ଦକରିବା ଆବଶ୍ୟକତା ରହିଛି । ଯଦ୍ଵାରା ଧରାପୃଷ୍ଠରେ ସମଗ୍ର ଜୀବଜଗତ ଓ ମାନବ ଜାତି ସ୍ୱାସ୍ଥ୍ୟବାନ ହୋଇ ତିଷ୍ଠି ରହିବାରେ ସହାୟକ ହୋଇପାରିବେ ।

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି
ଜିଲ୍ଲା -ନବରଙ୍ଗପୁର
ଫୋନ -୭୮୯୪୧୧୨୪୮୭

ISSN NO.
2582-208X

# ରାତିରେ ଶୋଇବା ସମୟରେ ରସୁଣ ଖାଇ ଦିଅନ୍ତୁ, ୩ ଦିନ ମଧ୍ୟରେ ପାର୍ଥକ୍ୟ ଦେଖିବେ



ଡକ୍ଟର ଅଭିମନ୍ୟୁ କାନୁନଗୋ

ଯଦି ସବୁଦିନ ଆପଣ ରସୁଣ ସେବନ କରୁଛନ୍ତି ତେବେ ଏହା ଆପଣଙ୍କ ଶରୀରରେ କଣ ପ୍ରଭାବ ପକାଇଥାଏ ଓ ଏହାର ଲାଭ କଣ ସେହି ବିଷୟରେ ଆଜି ଆମେ ଆପଣଙ୍କୁ କହିବୁ । ପ୍ରଥମେ ତ ଆପଣ ନିଜ ଶରୀର ବିଷୟରେ ଜାଣନ୍ତୁ । ଅର୍ଥାତ ଆପଣଙ୍କୁ ଗରମ ଜିନିଷ ସୁଟ କରେ ନା ଥଣ୍ଡା ଜିନିଷ ସୁଟ କରେ । ଏହା ଆପଣ କେମିତି ଜାଣିବେ, ଯଦି ଆପଣ ଅଳ୍ପ ଖାଇବା ଦ୍ୱାରା, ଅଧିକ ଖାଇବା ଦ୍ୱାରା କିମ୍ବା ମସଲାଯୁକ୍ତ ଖାଦ୍ୟ ସେବନ କରିବା ଦ୍ୱାରା ଯଦି ଆପଣଙ୍କୁ ଏସିଡିଟିର ସମସ୍ୟା ହୋଇ ଯାଉଛି ତେବେ ଆପଣ ବୁଝି ଯାଆନ୍ତୁ କି ଆପଣଙ୍କୁ ଗରମ ଜିନିଷ ସୁଟ କରେ ନାହିଁ ।

ଯଦି ଆପଣଙ୍କ ହାତର ପାପୁଲିରୁ ଓ ଗୋଡର ତଳି ପାଦ ଗରମ ରହୁଛି ତେବେ ଆପଣ ଗରମ ଜିନିଷ ସେବନ କରି ପାରିବେ ନାହିଁ । ଯେଉଁ ବ୍ୟକ୍ତିମାନନାକ ଶରୀରର ଗରମ ହୋଇଥାଏ କଞ୍ଚା ରସୁଣ ତାଙ୍କ ପାଇଁ ଲାଭଦାୟକ ହୋଇ ନ ଥାଏ ।

ସେମାନେ କଞ୍ଚା ରସୁଣ ସେବନ କରନ୍ତୁ ନାହିଁ । ନଚେତ ଆପଣଙ୍କର ଏସିଡିଟି ହୋଇଯିବ, ପେଟ ଖରାପ ହୋଇଯିବ, ଶରୀରର ଅଧିକ ଗରମ ହୋଇଯିବ । ଏମିତିରେ ଆପଣ ରସୁଣକୁ ସାତ ଦିନ ମହୁ ମଧ୍ୟରେ ରଖନ୍ତୁ । ଏହା ପରେ ଗୋଟିଏ ଗୋଟିଏ ରସୁଣ କଳି ସେବନ କରନ୍ତୁ । ଯଦି ଆପଣଙ୍କର ବୟସ ୪୦ ବର୍ଷରୁ ଅଧିକ ଅଟେ ତେବେ ଆପଣ ସକାଳେ ଖାଲି ପେଟରେ ଦୁଇଟି କଳି ରସୁଣ ଖାଇ ପାରିବେ ।

ISSN NO.
2582-208X

ଯଦି ଆପଣଙ୍କର ଆୟୁ ୨୦ ରୁ ୪୦ ବର୍ଷ ମଧ୍ୟରେ ଅଛି ତେବେ ଆପଣ ସକାଳୁ ୩ ରୁ ୪ ଟି ରସୁଣ କଲି ଖାଇ ପାରିବେ । ଯଦି ଆପଣ ୩ କିମ୍ବା ୫ ଦିନ ଲଗାତାର ରସୁଣ ଖାଉଛନ୍ତି ତେବେ ରସୁଣ ଆପଣଙ୍କ ପେଟରେ ଥିବା ଅପରିଷ୍କାର ପଦାର୍ଥକୁ ବାହାର କରିଥାଏ । କିନ୍ତୁ ଏହା ସେମାନଙ୍କ ପାଇଁ ଯେଉଁମାନଙ୍କ ଶରୀରର ନର୍ମାଲ ଅଟେ । ଅର୍ଥାତ ଯେଉଁମାନଙ୍କ ଶରୀରର ଅଧିକ ଗରମ ହୋଇ ନ ଥାଏ । ଏହିଭଳି ଲୋକମାନଙ୍କ ପାଇଁ କଞ୍ଚା ରସୁଣ ଠିକ ଅଟେ । ମହୁରେ ରସୁଣ ଦେଇ ସେବନ କରୁଛନ୍ତି ତେବେ ଏହା ଚର୍ବି କମ କରିବାରେ ସାହାର୍ଯ୍ୟ କରିଥାଏ । ଏହା ଦ୍ୱାରା ଆପଣଙ୍କ ମେଟାପୋଲିଜମ ଠିକ ହୋଇଥାଏ । ଯଦି ଆପଣ ସବୁଦିନ ନିଜ ଖାଦ୍ୟରେ ରସୁଣର ସେବନ କରୁଛନ୍ତି ତେବେ ଆପଣଙ୍କ ଶିରାରେ ହେଉଥିବା ବ୍ଲକେଜ ବି ହେବ ନାହିଁ । କିନ୍ତୁ ସବୁର ଗୋଟିଏ ସୀମା ଅଛି ଆପଣ ଅଳ୍ପ ରସୁଣ ଓ ନିଜ ଶରୀର ଅନୁସାରେ ରସୁଣର ସେବନ କରନ୍ତୁ ।

ଯଦି ଆପଣଙ୍କ ଶରୀର ଗରମ ଅଟେ ତେବେ ଆପଣ ମହୁରେ ରସୁଣ ଦେଇ ସେବନ କରନ୍ତୁ ନଚେତ ଯଦି ଆପଣଙ୍କ ଶରୀରର ସାଧାରଣ ଅଛି ତେବେ ଆପଣ ନର୍ମାଲ ରସୁଣର ସେବନ କରି ପାରିବେ । କିନ୍ତୁ ଯଦି ଆପଣଙ୍କର ବ୍ଲଡ ପ୍ରେସର ହାଇ ଅଛି ତେବେ ସେମାନେ ରସୁଣର ସେବନ ଡାକ୍ତରଙ୍କୁ ପଚାରି କରନ୍ତୁ । ମଧୁମେହ ଲୋକମାନଙ୍କ ପାଇଁ ରସୁଣ ବହୁତ ଭଲ ଦାୟକ ଅଟେ ।

ପ୍ରସାର ଭାରତୀ, ପୁରୀ

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ହାଇଦ୍ରାବାଦୀ ପନିର

ବବଲି ତ୍ରିପାଠୀ

## ଆବଶ୍ୟକୀୟ ସାମଗ୍ରୀ:

ପନିର-୨୫୦ ଗ୍ରାମ, ଘିଅ-୫୦ ଗ୍ରାମ
ପିଆଜ-୨ ଟି, ଦହି- ୩ ଚାମଚ, ଜିରା-୧ ଚାମଚ,
ରସୁଣ, କଞ୍ଚାଲଙ୍କା, ଅଦା, ପୋଦିନା ପତ୍ର, ଧନିଆ ପତ୍ର
ହଳଦୀ, ଜିରାଗୁଣ୍ଡ, ରେଡ୍ ଚଲି ପାଉଡର,
ଧନିଆ ପାଉଡର-୧/୨ ଚାମଚ
ମଲାଇ-୩/୪ ଚାମଚ

## ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ ପନିରକୁ ବଡ ବଡ ପିସ୍ କରି କାଟି ରଖିବା। ତା ପରେ ଗ୍ୟାସରେ ଗୋଟିଏ କଡେଇ ବସେଇ ସେଥିରେ ୨ ଚାମଚ ଘିଅ ନେବା ଏବଂ ପନିରକୁ ବ୍ରାଉନ କଲର ହେବା ପର୍ଯ୍ୟନ୍ତ ଭଜି ନେବା। ଏବେ ଏହାକୁ ଗରମ ପାଣିରେ ପକାଇବା ଯାହାଦ୍ୱାରା ପନିରଟି ନରମ ହୋଇଯିବ। ତା ପରେ କଡେଇରେ କଛି ତେଲ ଦେଇ ଦୁଇଟି ବଡ ପିଆଜକୁ ବଡ ବଡ କରି କାଟି ଭଜି ନେବା ଏବଂ ସେଥିରେ କଛି ରସୁଣ, ଖଣ୍ଡେ କଟା ଅଦା ଏବଂ ୨ଟି କଞ୍ଚା ଲଙ୍କାକୁ ମଧ ଭଜି ନେବା। ତା ପରେ ତାର ଏକ ପେଷ୍ଟ ତିଆରି କରିବା ପାଇଁ ଗୋଟେ ମିକସି ଜାର ରେ ତାକୁ ରେଖି ସେଥିରେ କଛି ପୋଦିନା ଓ ଧନିଆ ପତ୍ର ନେଇ ତାର ଏକ ପେଷ୍ଟ ତିଆରି କରି ସେଥିରେ ୩ ଚାମଚ ଦହି ମିଶାଇବା।

ISSN NO.
2582-208X

ଏବେ ସେହି କଡେଇରେ କଛି ତେଲ ଦେଇ କଛି ଜିର୍‌ା, ଖଣ୍ଡେ ଡାଲଚନ, ଗୋଟେ ତେଜପତ୍ର ଦେଇ ତାକୁ ଭ୍ଜିନେବା। ତାପରେ ସେଥିରେସେହି ପେଷ୍ଟକୁ ଦେଇ ମସଲ୍ କୁ ଭଲଭ୍‌ବେ ଭ୍ଜି ନେବା । ସେଥିରେ ଲୁଣ, ହଳଦୀ ଗୁଣ୍ଡ, ଜିର୍‌ାଗୁଣ୍ଡ, ଲଙ୍କା ଗୁଣ୍ଡ ଧନଆ ଗୁଣ୍ଡ ଏବଂ ଟିକଏ ଗୋଲମରିଚ ଗୁଣ୍ଡ ଦେଇ ଭଲଭ୍‌ବେ ମିଶେଇ ଦେବା ଏବଂ ଟିକଏ ପାଣି ଦେଇ ଫୁଟିବାକୁ ଛାଡିଦେବା । ତା ପରେ ସେଥିରେ ୩ ରୁ ୪ ଗ୍ଯ୍ମଚ ମଲ୍‌ଇ ମିଶାଇ ଭଲଭ୍‌ବରେ ମିଶାଇ ଦେବା ଏବଂ ୧ ଗ୍ଯ୍ମଚ ଗରମ ମସଲ୍ ଦେଇ ସେଥିରେ ଭ୍ଜି ରଖିଥିବା ପନରକୁ ମିଶାଇ ଦେବା। ଶେଷକୁ ସେଥିରେ ଗୋଟେ ଗ୍ଯ୍ମଚ କସ୍ତୁରୀ ମେଥି ଦେଇ କଛି ଧନଆ ପତ୍ର ଦେଇ ଓହ୍ଲେଇ ଦେବା । ସଂପୂର୍ଣ୍ଣ ଭ୍‌ବରେ ପ୍ରସ୍ତୁତ ହୋଇଗଲ୍ ହାଇଦ୍ରାବାଦୀ ପନର ମସଲ୍ ।



ଆଶାକରୁଛି ଏହି ରେସିପିଟା ଆପଣମାନଙ୍କୁ ନହାତି ଭଲ ଲ୍‌ଗିବ ।

ବରଗଡ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଥୁତା ତରୁଆଲ୍



ଗଜାନନ ମିଶ୍ର

କେନର୍ ରଜା, କେନର୍ ପର୍ଜା
ଉହୁଲି ଅଉଛନ୍ ଉପ୍ରୁ ।
ରଁଗ ରଁଗିଆ ଉଜାଲ୍ ଥି
ବାଏବିଛୋ ଲ୍ଗୁଛେ ସଭକୁ ।

ଏ ବୁଆ, ହେଟା କାଏଁ ଚେରେ ଗୋ
ଡାକ୍ ଛାଡୁଛେ କଲକଲେଇ ମୁଗନା ।
ଗଛର୍ ଟିପିଥୁ ।
ନେଇଁ ଉଫଲ ନ, ହେଟା ହେନ୍ତା
ନାକ୍ ବୁଡା ପାଏନ୍, ହେନୁ ହୁ ହୁ
ପଡବା ଜନା ରହୁ କ ଜଉ!

ଜେନୁ ଜେନ୍ଟା ସମିଆର ହିପାସେ
କରିଦଉଛେ କଁଗାଲ୍।
ନଜର୍ ଭିନ୍ନେ ଧଁଦି ହେଲ୍ବେଲ୍କେ
ପାହାଁ ଚହ୍ନା ଖୁଜି ହଉଛେ
ଜିବା କ ଥିବା ଥୁତା ତରୁଆଲ୍।

ତପୋବନ, ଟିଟିଲ୍ଗଡ,
ବଲ୍ଙ୍ଗୀର ଜିଲ୍ଲା

ISSN NO.
2582-208X

# ଡୋକରି ଚଞ୍ଚର୍



ସଞ୍ଜୟ ନାଏକ

ବୁଲେଇ ନେମି ଖୋଲିଗଡ ରାମନବମୀ,
ସେଁନକେ ଗଲେ ମନକେ ନେବା କିଣି।
ଦେଖେଇ ନେମି ହଳଦୀ ଗୁଣି,
ବୁଲି କରି ଆସିବା ଗୁଡହାଂଡି।
ଅଛେ ସେଁନ ଡୋକରି ଦର,
ଡୋକରି ମାତା ପୁରାପୁରି ପରଖର।
ସେଁନ ନେଇଁ ହେବ ହରବର,
ଜିନପାଖେ ଦେଖ ଅଛନ ଇଶ୍ୱର।
କେତେ ସୁନ୍ଦର ସେଠାର ଜଳ,
ବହି ଯାଉଥାଏ ହୋଇ ଖଲଖଲ।
କହେସନ ତାଂକୁ ଡୋକରି ଚଞ୍ଚରା,
ଯେନ୍ତା ଲାଗସି ଗରମ ମୁଣ୍ଡେଁ ପରୁଥିସି ଖଁର।।
ବାସ ଛୁଟୁଥାଏ ସେଠାର ଫୁଲ ଚମ୍ପା,
ରହିଅଛେ ସେଁନ ଋଷି ଗୁମ୍ଫା।।

ISSN NO.
2582-208X

ଆମର ଏଇଁ ଡୋକରି ଚଞ୍ଚରା,
ରଙ୍ଗମଞ୍ଚରେ ହୋଇଛେ ଭରା।
ଆସ ଥରେ ବୁଲି ମାନଜିବା ପୁରି,
ଜିଏଁ ଆଇଛେ ସେ କେଭେଁ ନିଯାଏ ପାଶୋରି।
ନା ଦେଇଛନ ମଧୁମାଧବ ତୀର୍ଥ ସ୍ଥାନ ବୋଲି,
କେତେ କହେଁମି ଆସ ଥରେ ବୁଲି ଚାଲି।

ରଏନଗୁଡା, କୋକସର୍, କଲାହାଂଡି

ISSN NO.
2582-208X

# କଥାନି –
# ମହା ସୁଁଠ୍



ସତ୍ୟନାରାୟଣ ମିଶ୍ର

ନାଁଆଁ କେ ମହାଜନ୍, ଧନ ଦରବ କିଛି ଭିଲ୍ ଅଭାବ ନାଇଁ, ଯାହାକେ ଯେତେ କମେଇ ଧମେଇ । ହେଲେ କେଭେଁ କାହାକେ ପଏସା ଗୁଟେ ଦାନ ଦେବାର ଟା କିହେ କେଭେ ନାଇଁ ଦେଖି । ମହା ସୁଁଠ। ବୁଢ଼ୀବି ତାକେ ଫି ଦିନ ବୁଝେଇ ବୁଝେଇ ଅଥା । ବୁଢ଼ା ବଏସ ହେଲା ନ, ଟିକେ ତ ଧରମ କରମ୍ କରୁଁ, ଦୁଖୀ ଗରିବ ଅନାଥ୍ ଭିକାରୀ ଅଦରବା ଲୋକେ କି ବାହ୍ମନ୍ ଦେବତା ମାନକେ ଥୁରେ ଥୁରେ ଟଙ୍କା ଦାନଦପାନ୍ କରୁଁ ବୋଲି ବୁଢ଼ୀ ଯାହା କହେଲେ ବୁଢ଼ା ଗୁଟକ ଟଙ୍କା ଗୁଟେ ଖର୍ଚୀବା କେ ବି ନାରାଜ୍ ।

ଦିନେ ତାକେ ସ୍ୱପ୍ନ ହେଲା ଯେ ତୋର ପିତୃ ପୁରୁଷ ମାନେ କହୁଛନ୍ ଗଙ୍ଗା ନଏଦ୍ ନେ ଗାଧି କରି ପାଏନ୍ ଉଞ୍ଜୁଲେ ଲେଖାନ୍ ପିତୃ ଲୋକ କେ ଟେକି ଦେବାକେ । ତ, ସୁଁଠ୍ ସଖାଲ୍ ହେଲା କେ ଉଠଲା କି ଦଶ ମାଇଲ ବାଟ ଗଙ୍ଗା ନଦୀ କେ ଚାଲି ଚାଲି ପହଁଚିଲା, ଗାଡି ଥି ଗଲେ ଭଡା ବାବଦ 15 ଟଙ୍କା ସରି ଯିବା ଯେ ! ଗଙ୍ଗା ଘାଟ ନେ ଦେଖଲା ଲୁକେ ଗାଧୁଛନ୍ ଆରୁ ବାହ୍ମନ୍ ପାଖୁଁ କଲ୍ୟାନ୍ ନେଇକରି ପଚାଶ ଶହେ ଲେଖାନ୍ ଟଙ୍କା ଦଉଛନ୍। ବୁଢ଼ା ର୍ ଛାତି ଧଡ଼କି ଗଲା, ଇନେ ଗାଧଲେ ପଏସା ଲାଗବା ବୁଆ ବୋଲି କରି ଛିନା ମୂର୍ଦ୍ଦର୍ ଘାଟ କେ ଗଲା । ଭାବଲା "ଇନେ କେହେନି ବାହ୍ମନ୍ ଦେବତା ନାଇଁ ନ, ଗାଧି କରି ପାଏନ୍ ଉଞ୍ଜୁଲେ ଟେକି ଦେମି ଆରୁ ଜଲଦି ଘର୍କେ ଫିରିଯିମି" । ତାର୍ ଇ ସୁଁଠ୍ କୁର୍ପନ୍ ମନ ର୍ ଭାବ ଜାନି ପାର୍ଲେ ବାବା ବିଶ୍ୱନାଥ । ବୁଢ଼ା ଗାଧି କରି ନଏଦ୍ ଖଣ୍ଡି କେ ଆସଲା ଯେନ୍ତା

ISSN NO.
2582-208X

ବାବା ଗୁଟେ ବାହ୍ମନ୍ ରୂପେ ଠିଆ ।" ଯଜମାନ ର୍ ମଙ୍ଗଲ୍ ହଉ ବୋଲି ଲମ୍ବା ଚଉଡା କଲ୍ୟାନ୍ ଟେ ଠୁକି କରି ହାତ ପତାଲେ ଦକ୍ଷିଣା ର୍ ଲାଗି । ପଏସା ତ ଧରି ନାଇଁ ବୁଢା । ଦେବା କେନୁ !! କହେଲା ମୁଇଁ ଟଙ୍କା ଏଗାର ଟା ତମକୁ ଦେଇଥିତି ଯେ ଇହାଦେ ନାଇଁ ଧରି, ଛାଡ଼ କରିଦିଅ ଗୁସେଇଁ ମହାପୁରୁ ! ବାବା କହେଲେ ହେନ୍ତା ନାଇଁ ଚଲେ, କଲ୍ୟାନ୍ ବଦଲା ଯଜମାନ ନୁ ଦକ୍ଷିଣା ନେବାର ହେସି । ନହେଲେ ମହାପାପ୍ । ଇହାଦେ ଯଦିନାଇଁନ ତମେ ଘରକେ ଯ, ମୁଇଁ ପଛେ ମାଗିଯିମି ନ । ବୁଢା ର୍ ମନ ଉସାସ ହେଇଗଲା, ଯାହଉ ବୁଆ ମୁକୁଲିଲି ବୋଲି ଖରା ଥି ତରସରେ ଘରେ ପହଁଚିଲା । ଭାତ ମୁଠେ ଖାଇଛେ କି ନାଇଁ କଲିଂ ବେଲ୍ ବାଜିଛେ । ବୁଢ଼ୀ ଦେଖିକରି ଆସଲା ଆରୁ କହେଲା "ହଏ ଗୋ ! ତମେ ଗଙ୍ଗା ନେ ଜେନ୍ ବାହ୍ମନ୍ କେ ଟଙ୍କା ଦେମି ବୋଲିଥିଲ ସେ ଆସିଛନ୍," । ସୁନି କରି ବୁଢା ର୍ ଛାତି ଚଲ୍ କଲା ।

ଖାଇଲା ଜାଗା ନୁ ଉଠିକରି ହାତ ଧୁଇଦେଲା ଆରୁ ଖଟେ ସୁଇଲା ପଛରା ଉଢି କରି । କହେଲା ଯା କହେବୁ ମହାଜନ ବୁଢା ବେମାର ପଡ଼ିଛନ୍" । ବୁଢ଼ୀ କିଛି ଟେ କହେଲା ବେଲ୍ କେ ବୁଢାର୍ ଧମକି ଥି ଚୁପ୍ । ବାବା କେ କହେଲା ମୋର୍ ସେ ବେମାର୍ ପଡିଛନ୍ ବୋଲି । ବାବା ଟିକେ ଦୁଃଖିତ୍ ହେବାର ଅଭିନଏ କରି କହେଲେ ମୋର୍ ଯଜମାନ ବେମାର ପଡିଛନ୍ ବଇଲେ ତ ମୁଇଁ ହେନ୍ତା ଫିରି ନାଇଁ ଯାଏଁ, ତାଙ୍କୁ ଦେଖିକରି ଯିମି । ବୁଢ଼ୀ ଇ କଥା ବୁଢା କେ କହିଛେ ଯେନ୍ତା ବୁଢା ଜହ ଡରିଗଲା । କହେଲା "କାନ୍ଦି କାନ୍ଦି କହେବୁ ଯା ମୋର୍ ଡାପନେ ମରିଗଲେ" ।

ବୁଢ଼ୀ ସେନ୍ତା କହେଲା କେ ବାବା କହେଲେ "ଓହୋ! କେଡେ ଦୁଃଖ ର୍ କଥା । ମୋର୍ ଯଜମାନ ଙ୍କ ର୍ ପରଲୋକ ହେଇଗଲା ତ ମୁଇଁ ହେନ୍ତା ନାଇଁ ଫିରିଯାଏଁ, ତାଙ୍କର୍ ଶବ ଦାହ କରି ସାରଲେ ଯିମି । ବାହାରୁ ଆବାଜ ଆସୁଛେ । ବୁଢା ସୁନଲା ଯେନ୍ତା ନାକେ ରୁଆ ଚୁଟି କରି ମଲା ଇଂତା ପଡ଼ିଚେ । ବୁଢ଼ୀ ଦେଖଲା ସତେ ଭାଏଲ୍ ମରି ଗଲେ ବୋଲି ଭୋ

ISSN NO.
2582-208X

ଛଡା କାଂଦଲା । ଲୁକେ ବାକେ ସଭେ ପହଁଚି କରି ବୁଢା କେ ମଶାନି କେ ନେଲେ । କାଠ ଲଦି କରି ଜୁଏ ଲାଗଲା ଆଘନୁ ବାବା ତାର କାନ ପାସେ କହେଲେ "ମୁଇଁ ଜାନୁଛେଁ, ତୁଇ ନାଇଁ ମରି, ହେଲେ ତୋର ନିଷ୍ଠା ଦେଖି କରି ମୁଇଁ ସ୍ୱୟଂ ବିଶ୍ୱନାଥ ବାବା ଆଷ୍ଟରିଜି ହେଇଗଲି ବୋ ! ଖୁସି ଥି ବର ଯାଚୁଛେଁ କାଁଏଟା ମାଗବାର୍ ଅଛେ ମାଗ୍ । ବୁଢାର୍ ତ ଦକ୍ଷିଣା ପଇସା ଦେବା ର୍ ଡର୍ । କିଛି ନାଇଁ ବିଚାରି କରି ସଂଗେ ସଂଗ୍ କହେଲା "ମତେ ଜେନ୍ ଏଗାର ଟଙ୍କା ମାଗୁଥିଲ ଛାଡ଼ କରିଦିଅ । ଶିବ କହେଲେ "ତଥାସ୍ତୁ" ।

ସିଂଧେକେଲ୍ ବଲାଙ୍ଗୀର

ISSN NO.
2582-208X

# ଝାଉ



ଗୋବର୍ଦ୍ଧନ ନାଏକ

ମାଘ୍ ଫଗୁନ୍ ଯାଇ ବଏଶାଖ୍ ଯେନତା ଢୁକଲା
ଇ ପାହାଡ଼ ପର୍ବତ୍ ପୁରଥି ସବୁ ତତଲା ।
ତିରପଟ୍ ଖରାର୍ ବଢ଼ଲା ଫେର୍ ଭାଉ
ତାର୍ ସଙ୍ଗେ ଫେର୍ ଆଏଲା ଝାଉ ।
ଆଘୋନୁ ଯଦିର୍ ହୁସିଆର୍ ଆମେ ହେମା
ଜୀବନ୍ ନିଆ ଝାଉ ସଙ୍ଗେ ଲଢ଼ମା ।
ଏଗାର୍ ବଜେ ନାଇ ବାହାରୁଁ ଘରୁ
କାମ୍ ବୁତା ପଛେ ନାଇ ସରୁ ।
ନିହାତି ଥିଲେ କେନ୍ କାମ୍ ଗୁଟେ
ତିନ୍ ବଜେ ପରେ କରମା ତାକେ ।
ଆର୍ ନିହାତି କାମ୍ ଯଦିର୍ ପଡ଼ଲେ
ପାଏନ୍ ଟିକେ ଧରମା ଆମେ ବୁତଲେ ।
ଖରାର୍ ତେଜ୍ ନୁ ବଅଁଚାବା ଗୁଟେ ଚଷମା
ରଙ୍ଗ ବିରଙ୍ଗି ନାଇ, କଳା ଟା ଗୁଟେ ଆନମା ।
ସବୁ ଠାନୁ ଆମର୍ ପାଦ୍ ଟା ଗୁଟେ ଅସଲ୍
ତାର୍ ଲାଗି ଫେର୍ ମାଡ଼ମା ଗୁଟେ ଚପଲ୍ ।

ISSN NO.
2582-208X

ଚପଲ୍ ତ ଆମେ ପିନ୍ଧମା ଆମର୍ ଗୁଡ଼େ
ଉଦା ଗାମଛା ଟେ ଧରିଥିମା ଆମର୍ ମୁଡ଼େ ।
ରୁଇ ଘୁରାକେ ଲାଗସି ଯେନ୍ ତା ବତା
ଆମକେ ବି ଲାଗବା ଗୁଟେ ଛତା ।
ଅଥା ଲାଗଲେ କି ମୁଡ଼ ଟିକେ ବୁଲାଲେ
ଲଥ୍ କିନା ବସି ନେମା ଗଛ୍ ତଲେ ।
ତାର୍ ଉତାରୁ ଉଷୋ କଷା ଟିକେ କରମା
ଏନ୍ ତା କଲେ ଝାଉ ସଙ୍ଗେ ଲଢ଼ମା.....!!

ବଡ଼ଟୀକା ଲୋଇସିଂହା ବଲାଙ୍ଗୀର
ମୋ-୭୮୯୪୮୮୧୬୭୧

ISSN NO.
2582-208X

# ସମାଜ୍ ସେବକ୍



ସୁନୀଲ କୁମାର ଅଗସ୍ତି

ପାଏଲିଁ ନ' ମୁଇଁ ନିସ୍ତାର୍
ଖେକଡାଖିଆ କବାରୁ ଦରବାରୀ,
ବଛର୍ ତିନ୍ କୁଏର୍ ନୁ ହେଲା ଅଏଧକା
ଆ'ଦେ ଦିନ୍ ଗଲା ମୋର୍ ସରି,,
ଆର୍ ନି'ନ ଆଘର୍ ବାଗିର୍
ହରସ୍ ଛନ୍ ଛନ୍ ମନ୍,
ଧଙ୍ଗରା ବେଲର୍ ରାଏରକମ୍
ଅବଗି ଇହାଛିନ୍ ସପନ୍,,
ଶୁନି ଥିଲିଁ ଜିଁତା ଜିଁ
କରସି ଯମ୍ ହର୍ ମୁନୁଷର୍
ସତ୍ କରମ୍ ପାପର୍ ହିସାବ୍,
ସୋର୍ କରି କରି ବଫୁର୍ କବାର୍
ଇହାଛିନ୍ ମନ୍ କରୁଛେ ହର୍ ନିକାଷ୍
ଇଫାଲେ ବିବେକ୍ ଆତମା କେରେନ୍
ଛାତି କରୁଛେ ଅନ୍ ଜନେନ୍ ଧଡ୍ ଧଡ୍,,

ISSN NO.
2582-208X

ମାଡକେ ବଫୁର୍ କରିଥିଲିଁ
କବାର୍ ଯେତେ ନାର୍ଲଜିଆ
ଦିଶୁଛେ ଆଁଖି ଝଲ୍ ଝଲ୍,
ସକାଲୁ ସଂଜ୍ ନାମ୍
ନଉଛେଁ ମାହାପୁରୁ ତମର୍
ପାଇଛେଁ ମୁଁଇଁ ନା' ଇଫାଲେ
ବଡ୍ ଗଖା ସମାଜ୍ ସେବକ୍,,

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# କୁକୁର ପରତି ସାବଧାନ



ଏମ୍ ବିଜୟ କୁମାର

ଇ ବୁଆଁ ଇଟା କାଣା
ମୁଇ ତୋ ଚମକି କରି
ସଡ଼କଦମ
ଏମେଲେ ଆଗ୍ୟାର ଘରେ
ଗୁଟେ ସାଇନ ବୋର୍ଡ଼
ଜୁଗିଆ ଜମ
କୁକୁର ପରତି ସାବଧାନ
ଘରପୁସିଆ କୁକୁର କେ ବି
କିଏ ସାବଧାନ ହେବା ହୋ
ପାଗଲା ଚାବଲା
କୁକୁର ରଖିଛ ଭାଏଲ
ହାତି ଚାଲି ଜାଉଥିଲେ
କୁକୁର ଭୁକୁଥିବା
ବୁଲା କୁକୁର ର ଅଭାବ ନାଇ
ଜେନ ଆଡେ ଦେଖବ
ଗେଦରଗେଣା
ଦଲ ଦଲ ହେଇ

ISSN NO.
2582-208X

ବୁଲୁଛନ ଗୁହୁଡା ଗୁହୁଡା
ମାଁସ ହାଡ଼କେ ଦେଖି
ଟୁଣେ ବହେ ଲାଲ
ଜିଭ ଲାହା ଲାହା କରି
ଚାଁଟବାକେ ଅଏଁଠା ପତର
ଥିସନ ଜୁଗିବସି
କିନ୍ଦରି କିନ୍ଦରି
କୁକୁର କେ ଛିଆ ହେସି
ମୁନୁସର ଛାଇ ମାଡ଼ଲେ
ଗାଧି ଜାଏସି
ଚାର ଗୋଡିଆ ନୁହେଁ
ଆଗ୍ୟା ଇଟା
ଦୁଇ ଗୋଡିଆ ଚରିତ୍ର
ଦେଖୁଥିବ  ଉଠିବସି
ସେନହୋଥ ଗୋଡ଼ ଚାଟବାର ଜାହା
ଆର ଦଉଡେଇ ଦଉଡେଇ ଚାବବାର ତାହା
ସମାନ ଆଏ
ନି ହସୁନ
ତମକେ ନାଇ ଚାବେ
ବୋଲି କାଏ ମାନେ ଅଛେ
ଆଏଜ ମତେ ତୋ
କାଏଲ କାହାକେ
ଦିନ ବାର ଜାନି
ପାଲି ବନାଇଅଛେ

ISSN NO.
2582-208X

ଗୁରସପିଆ ଛୁଆ କେ
ମାଁର ନୁ ଛଡେଇ ଆନି
ଖୁଆଇ ପିଆଇ
ବଢ଼ାଇ ଅଛେ/ଭରିଛେ
ମୁଡ଼ଁ ଜାକର ବିସ ଫେନି
ଦଡି ପଡ଼ସି ତୁ..ତୁ ବଲି
ତୁତେଇ ଦେଲେ
ନୁହେଁସେ  କୁକୁର
ମୁଇ କୁକୁର ର ମାଲିକଟା  ହେଲେ
ତମସା ଦେଖନୁନ ଖୋବ
ଜାହର ତୁନ ଖାଏବୁ
ତାହାର ଗୁନ ଗାଏବୁ
ଏମାନେ ହେଉଛନ
ଦଲାଲ ଟାଉଟର
କୁଜିନେତା
ଚାମଚା କରୁଥିବା ଲୋକ

ରେମଣଡ଼ା,ସଇନ୍ତଲ୍ ବଲ୍ଗିଂର-32
ମୋ-7978784130

ISSN NO.
2582-208X

# ହଏହୋ ସରକାର୍



ସୁଜ୍ଞାନ ବାଘ

ନେତା ପାଏଲା ଦର୍'ମା ଭତ୍ତା
ଚାଷୀ ପାଏଲା ଯଜୋନା
ମୁଲିଆ ବିଚ୍'ରା ଖଟି ଖଟି ମଲା
କେଭେ ନାଇଁ ପାଏଲା ଠିକ୍ ପାଉନା ।।

ତଥାପି ତାର୍ ମନେ ଦୁଃଖ୍ ନାଇଁନ
ହେ ସରକାର୍ ତୁଇ ଶୁନୁଥା
ପରିଶ୍ରମ୍ କରି କୁଟୁମ୍'କେ ପୁଶୁଛେ
ତୋର୍ ଆଶ୍ରା ନାଇଁ କରେ ଜାନିଥା ।।

ଦର୍'ମା ବଢାଲୁ ଯଜୋନା ବଢାଲୁ
ବଢାଲୁ ସମ୍ ଙ୍କର୍ ଭତ୍ତା
ମୁଲିଆ ବିଚ୍'ରା କାଏଁ ଦୋଷ୍ କଲା'ଯେ
କେଭେ ନାଇଁ କଲୁ ତାର୍ ଚିନ୍ତା ।।

ସେ କାଣା ତୋତେ ଭୁଟ୍ ନାଇଁ ଦେବାର୍
ଇ ଲେଖା ମାଧ୍ୟମ୍'ଥି କହୁଛେଁ

ISSN NO.
2582-208X

ଘର୍ ଦୁଆର୍ ଠାନୁ ରାସ୍ତା ଘାଟ୍ ଯାହା
ମୂଲିଆର୍ ହାତେ'ତ ହେଉଛେ ।।

ହଁ ମେସିନ୍ ଯନ୍ତ୍ର ପାତି ବାହାର୍ କଲୁ
ମନା ନାଇଁ କର୍'ବାର୍ ତୋତେ
ଚଲାବାର୍ ଲାଗିତ ଧରେଇ ଦେଉଛୁ
ସେ ମୂଲିଆ ଭାଇର୍ ହାତେ ।।

ବୌଦ୍ଧ

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ତୁଳସୀର ଭାଇ



ଡ଼ଃ ରଞ୍ଜିତ କୁମାର ସାହୁ

ବୋଉ ସହିତ ତନ୍ମୟ ସ୍ନେହା ମାଉସୀଙ୍କ ଘରକୁ ବୁଲିବାକୁ ଯାଇଥାଏ । ଗପସପ କରୁ କରୁ ଡେରି ହେଇଗଲା । ତନ୍ମୟ କୁ ଜୋରର ଭୋକ ଲାଗିଲା ତେଣୁ ସ୍ନେହ ମାଉସୀ ତାକୁ ଫ୍ରିଜ୍‌ରୁ ବାହାର କରିକି କିଛି ସିଝା ବାର୍ଲି ସାଲାଡ଼ ଖାଇବାକୁ ଦେଲେ । ସେଥିରେ ଥିବା କଞ୍ଚା ପତ୍ରଟିଏ ପାଟିରେ ପକେଇ ତନ୍ମୟ କହିଲା, "ମାଉସୀ ତୁଳସୀ ପତ୍ର ପକେଇଛ କି ? ଏଇଟା ପ୍ରସାଦ କି ?"

ବୋଉ ହସିଲେ ତନ୍ମୟ କଥା ଶୁଣିକି । "ତୁଳସୀ ପତ୍ର ଚାହା କଥା ଶୁଣିଛି କିନ୍ତୁ କଞ୍ଚା ତୁଳସୀ ପତ୍ରକୁ ରୋଷେଇରେ ବ୍ୟବହାର ହୁଏ ବୋଲି ମଧ୍ୟ ପ୍ରଥମ ଥର ଶୁଣିଲି,"ବୋଉ କହିଲେ ।

ତାଙ୍କ କଥା ଶୁଣି ମାଉସୀ କହିଲେ, "ନା, ନା ଏଇଟା ତୁଳସୀ ପତ୍ର ନୁହେଁ, ଏହାକୁ ବେସିଲ କୁହାଯାଏ । ତୁମେ କଣ ଏହାକୁ କେବେ ଆଗରୁ ଏହାକୁ ଖାଇ ନାହଁ କି ? ଏହା ତ ପ୍ରାୟ ଆଜି କଲି ସବୁ ହୋଟେଲ୍ ଯେଉଁଠି ପିଜା କି ପାସ୍ତା ମିଳେ ସେଠି ବ୍ୟବହାର ହୋଇଥାଏ ।"

ISSN NO.
2582-208X

"ମୋର ସେ ଆଡକୁ କଣ ଧ୍ୟାନ ଯାଏ ?" ମୁଁ ମୋର ଚିକେନ ଦେଖିଲେ ଖୁସି," ତନ୍ମୟ କହିଲା, "କିନ୍ତୁ ଏଇଟା ଟିକିଏ ଟିକିଏ ତୁଳସୀ ଭଳିଆ କାହିଁକି ବାସୁଛି ?"

"ଉଦ୍ଭିଦ ଭାବରେ ଏହା ମଧ୍ୟ ତୁଳସୀ ପରିବାରର ଅର୍ନ୍ତଭୁକ୍ତ I ତେଣୁ ଏଥିରେ ଥିବା କିଛି ରସାୟନର ତୁଳସୀରେ ଥିବା ରସାୟନ ସହିତ ସାମଞ୍ଜସ୍ୟ ରହିଛି I ତୁଳସୀ ଭଳି ଏଥିରେ ମଧ୍ୟ ଜଟ ହୋଇ ଫୁଲ ଫୁଟେ ଏବଂ ମଞ୍ଜି ହୁଏ I ଏହା ବ୍ୟତୀତ ଏହା ମଧ୍ୟ ସବୁଜ ଠାରୁ ବାଇଗଣୀ ପର୍ଯ୍ୟନ୍ତ ରଙ୍ଗରେ ଦେଖା ଯାଏ I କିନ୍ତୁ ଏହାର ପତ୍ର ଅଧିକ ବହଳିଆ, ନରମ ଏବଂ ଆକାରରେ ବଡ I ଏହାକୁ ତୁମେ ତୁଳସୀର ଭାଇ ବୋଲି ଭାବି ନିଅ," ସ୍ନେହା ମାଉସୀ କହିଲେ I

"କୋଉଠୁ ଆଣିଲ ? ମୋତେ ଏହାର ସ୍ୱାଦ ଭଲ ଲାଗୁଛି I ମୁଁ ମଧ୍ୟ ଆଣିବି, "ତନ୍ମୟ ପଚାରିଲା I

"ମୁଁ ଆମ ବାଡ଼ିରେ ଲଗେଇଛି ଅନ୍ୟ ସବୁ ପରିବା ପତ୍ର ସହିତ I ତାହାର ମଞ୍ଜି ହେଲେ ତୁମକୁ ଦେବି I ଏବେ ଗଲା ବେଳେ କିଛି ନେଇଯାଅ ମଧ୍ୟ, ଆଜି ସକାଳୁ ତୋଳିକି ରଖିଛି," ସ୍ନେହା ମାଉସୀ କହିଲେ I

"ଓଃ ତାହା ହେଲେ ତ ତଟକା ମିଳୁଥିବ ସବୁଦିନେ," ତନ୍ମୟ କହିଲା I

"ହଁ ଏହା ପ୍ରାୟଃ ତଟକା ହିଁ ସମୟରେ ବ୍ୟବହାର ହୁଏ I ଇଟାଲିଅନ ଏବଂ ଥାଇ ବ୍ୟଞ୍ଜନରେ ଏହାର ଚାହିଦା ବେଶୀ I ଏଥିରେ ଥିବା ରାସାୟନ ଉତ୍ତାପରେ ନଷ୍ଟ ହେଇଯାଏ କିମ୍ବା ଉଭାନ ହୋଇ ଯାଏ I ତେଣୁ ଏହାକୁ ବ୍ୟଞ୍ଜନ ପ୍ରସ୍ତୁତିକରଣରେ ସବା ଶେଷରେ ପକାଯାଏ ଯେମିତି ଧନିଆ ପତ୍ର ପକାଯାଏ I ଏହାକୁ ଲୋକେ ଆଇସକ୍ରିମ, ଚକୋଲେଟ ଏବଂ ସ୍ୱାଦ ଯୁକ୍ତ ଦୁଗ୍ଧ ପ୍ରସ୍ତୁତି ପାଇଁ ମଧ୍ୟ ବ୍ୟବହାର କରନ୍ତି I ଏହାକୁ ଶୁଖେଇ ଚୂର୍ଣ୍ଣ କରି ମଧ୍ୟ ବ୍ୟବହାର କରି ହୁଏ," ସ୍ନେହା ମାଉସୀ କହିଲେ I

"ଏହାକୁ ଖାଇଲା କଣ ଦେହ ସୁସ୍ଥ ରୁହେ କି ?" ତନ୍ମୟ ପଚାରିଲା I

ISSN NO.
2582-208X



"ଅନ୍ୟ ସବୁଜ ପରିବା ଭଳି ଏଥିରେ ମଧ୍ୟ ତନ୍ତୁ, ଭିଟାମିନ ଏ, ଭିଟାମିନ ସି, ଲୌହ, ଅନ୍ୟ ଧାତବ ପଦାର୍ଥ ଥାଏ । କିନ୍ତୁ ଏହା ଏତେ ପରିମାଣରେ ଆମେ ଖାଉ ନାହୁଁ । ମୁଖ୍ୟତଃ ଏହାକୁ ଏକ ପ୍ରକାର ମସଲା ଭାବି ପାର," ସ୍ନେହା ମାଉସୀ କହିଲେ ।

"ଏଠି ଯଦି ଏତେ ମହକୁଛି,। ବାଡ଼ି ସାରା ତ ବାସୁଥିବ ମଧ୍ୟ," ତନ୍ମୟ ପୁଣି ପଚରିଲା ।

"ହଁ ଏହାର ବାସ୍ନା ବାରି ହୁଏ ବାଡି ଭିତରେ । ଏହାର ବାସ୍ନା ମଶାଙ୍କୁ ଦୂରେଇ ଦିଏ । କିନ୍ତୁ ଏହାର ଫୁଲ ମହୁମାଛିଙ୍କର ପସନ୍ଦ । କିଛି ଜାତିର ପ୍ରଜାପତିଙ୍କର ମଧ୍ୟ ଏହାର ମଧୁ ପ୍ରିୟ ଖାଦ୍ୟ ଅଟେ । ତେଣୁ ଏହା ବାଡ଼ି ବଗିଚାରେ ମହୁମାଛି ଏବଂ ପ୍ରଜାପତି ଭଳି ଉପକାରୀ କୀଟମାନଙ୍କୁ ଆକର୍ଷିତ କରିଥାଏ । ଏହାର ଆୟୁର୍ବେଦିକ ବ୍ୟବହାର ମଧ୍ୟ ରହିଛି," ସ୍ନେହା ମାଉସୀ ଉତ୍ତର ଦେଲେ ।

"ମାନେ ଏହା ମଧ୍ୟ ଦୁଇ ପତ୍ରରୁ ବାସେ ?" ତନ୍ମୟ ଟିପ୍ପଣୀ କଲା

ସ୍ନେହା ମାଉସୀ ହସିଲେ ।

"ବାହାନା ମିଳିଲା ନାହିଁ କି ଗପ ଆରମ୍ଭ କରିଦେଲା, ତୋର ଭୋକ କୁଆଡେ ଗଲା କି ? ଶୀଘ୍ର ଖାଉନୁ କାହିଁକି ? ଗହ୍ୱରକୁ ଫେରିବା ବେଳ ହେଲାଣି," ବୋଉ କହିଲେ ।

ISSN NO.
2582-208X

ତନ୍ମୟ ଆଉ କିଛି କହିଲାନି । ସିଏ ନିଶ୍ଚୟ ଏହାକୁ ତାଙ୍କ ବାଡ଼ିରେ ଲଗେଇବା । ସାଦା କ୍ଷୀର ପିଇବାକୁ ତାକୁ ଭଲ ଲାଗେନି । ବାଡ଼ିରେ କିଛି ଗଛ ଲଗା ହେଲେ ପ୍ରତିଦିନ ବେସିଲ ସ୍ୱାଦର କ୍ଷୀର ମିଳିବ ।



"ଆଇସକ୍ରିମ ବି ତିଆରି କରିଛି ବେସିଲ ପକେଇକି, ଆଣୁଛି, "କହି ସ୍ନେହା ମାଉସୀ ଫ୍ରିଜ ଆଡକୁ ଚାଲିଗଲେ ।

ଆଇସକ୍ରିମ ନାଆଁ ଶୁଣି ତନ୍ମୟ ପାଟିରୁ ଲାଳ ବହିବାକୁ ଲାଗିଲା ଏବଂ ତାହାର ଖାଇବା ଗତି ବଢିଗଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ସୁନ୍ଦର



ଦୀପ୍ତିମୟୀ ସାହୁ

ପୃଥିବୀ ସୁନ୍ଦର
ମଣିଷ ସୁନ୍ଦର
ସୁନ୍ଦର ସମସ୍ତ ସୃଷ୍ଟି,
ବିଚାର ସୁନ୍ଦର
କରମ ସୁନ୍ଦର
ସୁନ୍ଦର ମଣିଷ ଦୃଷ୍ଟି...(୧)
ଆକାଶ ସୁନ୍ଦର
ଗ୍ରୀଷମ ସୁନ୍ଦର
ସୁନ୍ଦର ତାରକାପନ୍ତି
ଶୀତବି ସୁନ୍ଦର
ବରଷା ସୁନ୍ଦର
ସୁନ୍ଦର ବିଜୁଳି କାନ୍ତି....(୨)
ମୋ' ଦେଶ ସୁନ୍ଦର
ରାଇଜ ସୁନ୍ଦର
ସୁନ୍ଦର ମୋହର ଗାଆଁ
ସଂସ୍କୃତି ସୁନ୍ଦର
ଭାଷାବି ସୁନ୍ଦର
ସୁନ୍ଦର ମୋ ମାଟି-ମାଆ...(୩)

ISSN NO.
2582-208X

ମାଆଟି ସୁନ୍ଦର
ବାପାବି ସୁନ୍ଦର
ସୁନ୍ଦର ମୋ' ଅଜାଆଇ,
ଦାଦା ମୋ' ସୁନ୍ଦର
ଖୁଡ଼ୀ ବି ସୁନ୍ଦର
ସୁନ୍ଦର କୁଟୁମ୍ବ ଭାଇ...(୪)
ଶିଶୁଟି ସୁନ୍ଦର
ହସ ତା' ସୁନ୍ଦର
ସୁନ୍ଦର ତାହାର କଥା
ମନଟି ସୁନ୍ଦର
ଚାଲି ତା' ସୁନ୍ଦର
ସୁନ୍ଦରେ ହଲାଏ ମଥା...(୫)
ହସିବା ସୁନ୍ଦର
ନାଚିବା ସୁନ୍ଦର
ସୁନ୍ଦର ମାନିବା କଥା,
ଭକତି ସୁନ୍ଦର
ସମ୍ମାନ ସୁନ୍ଦର
ସୁନ୍ଦର ଅତୀତ ଗାଥା...(୬)
ପାଠଟି ସୁନ୍ଦର
ଗୁରୁଜୀ ସୁନ୍ଦର
ସୁନ୍ଦର ମହତବାଣୀ
ଧଇର୍ଯ୍ୟ ସୁନ୍ଦର
ଶ୍ରମ ବି ସୁନ୍ଦର
ସୁନ୍ଦର ଗୀତାର ବାଣୀ...(୭)
ଜଗା ମୋ ସୁନ୍ଦର
ନେତ ତା' ସୁନ୍ଦର
ସୁନ୍ଦରତା' ଶିରୀକ୍ଷେତ୍ର

ISSN NO.
2582-208X

ବଳିଆ ସୁନ୍ଦର
ଭଉଣୀ ସୁନ୍ଦର
ସୁନ୍ଦର ତା' ଯାନିଯାତ...(୮)
ସାଗର ସୁନ୍ଦର
ତରଙ୍ଗ ସୁନ୍ଦର
ସୁନ୍ଦର ବାଲୁକା ରାଶି
ଶାମୁକା ସୁନ୍ଦର
ମୁକୁତା ସୁନ୍ଦର
ସୁନ୍ଦର ସାଗର ବାସୀ...(୯)
ହୋଇବ ସୁନ୍ଦର
ପଢିଲେ ସୁନ୍ଦର
ସୁନ୍ଦରେ ବୁଝିବ ପାଠ,
ମାନିଲେ ସୁନ୍ଦର
ବୁଝିଲେ ସୁନ୍ଦର
ସୁନ୍ଦରେ ଟେକିବ ମାଥ...(୧୦)

ଗେଙ୍ଗୁଟିଆ, ଅନୁଗୁଳ

ISSN NO.
2582-208X

# ପୁସ୍ତକ ଆମ ସାଥି



ବିକାଶ କୁମାର ହୋତା

ଅଜା ଡ଼ାକିଲେ କୁନାକୁ ପାଶେ
ବସିଲା କୁନା ଆସି
ପୁସ୍ତକ ଗୁଣ ଶୁଣିବୁ ଧନ
କହିଲେ ଅଜା ହସି ।।(୧)

କହିବି ଗୁଣ ବୁଝାଇ ତା'ର
ଶୁଣିବୁ ଦେଇ ମନ
ପାଠ ପଢ଼ାରେ ସଦା ସର୍ବଦା
ରଖିବୁ ଟିକେ ଧ୍ୟାନ ।।(୨)

ପୁସ୍ତକ ନୁହେଁ ଛୋଟିଆ ବସ୍ତୁ
ଅଟେ ଜ୍ଞାନ ର ଘର
ତାହାରି ବିନା ଜ୍ଞାନ ଆମର
ହୁଅଇ ଅନ୍ଧକାର ।।(୩)

ପୁସ୍ତକ ର ତ ନାହିଁ ବିକଳ୍ପ
ମୂର୍ଖକୁ ଜ୍ଞାନ ଦିଏ
ଖୁସି ରେ ଯିଏ କରେ ଆଦର
ତାହାରି ସାଥି ହୁଏ ।।(୪)

ISSN NO.
2582-208X

ଅନେକ ବିଦ୍ୟା ଭରି ରହିଛି
ପ୍ରକାର ଭେଦ ଭିନ୍ନ
ପୁସ୍ତକ ସମ ଜ୍ଞାନକୁ ଆଉ
ଦେଇକି ପାରେ ଆନ ।।(୫)
ପୁସ୍ତକ ବଳେ ମଣିଷ ଆଜି
ଅଟଇ ଜ୍ଞାନବାନ
ବିଜ୍ଞାନ ପଢ଼ି ଜ୍ଞାନ ଅରଜି
କରୁଛି ଉଦ୍ଭାବନ ।।(୬)
ମାର୍ଗଦର୍ଶନ ମିଳଇ ପରା
ଏହି ପୁସ୍ତକ ବଳେ
ସାରା ବିଶ୍ୱକୁ ଜିଣିଛି ଆଜି
ମଣିଷ କଉଶଳେ ।।(୭)
ଯତନେ ତାକୁ ସଜାଇ ରଖି
ପଢ଼ିବୁ ଯଦି ନିତି
ତେବେ ତ ଯାଇ ପୁସ୍ତକ ତୋର
ହୋଇବ ପରା ସାଥି ।।(୮)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର, ଢେଙ୍କାନାଳ

ISSN NO.
2582-208X

# ଜହ୍ନ ରାଇଜରେ କରିବା ଘର



ନଳିନୀ ଦାଶ

ଆସ କୁନା କୁନି ଯିବା ଏଥର
ଜହ୍ନ ରାଇଜରେ କରିବା ଘର
ଜହ୍ନ ମାମୁଁ ଘର ଅଳପ ଦୂର
ଡ଼ାକିଲେଣି ମାମୁଁ କରି ଆଦର
ଡାକିଲେ ମାମୁଁଙ୍କୁ ହାତରେ ଠାରି
ଶୁଣନ୍ତି ନାହିଁ ସେ କଥା ଆମରି
ପାଠ ପଢି ଆମେ ବଡ଼ ହୋଇବା
ବିଜ୍ଞାନ ବଳରେ ଯନ୍ତ୍ର ଗଢ଼ିବା
ରକେଟର ବସି ଉଡିକି ଯିବା
ମାମୁଁଙ୍କ ରାଇଜ ବୁଲି ଦେଖିବା
ଇସ୍ରୋ ଛାଡିଅଛି ଚନ୍ଦ୍ର ଯାନକୁ
ଭେଟିଛି ଯାଇକି ଆମ ମାମୁଁଙ୍କୁ
ମାମୁଁଙ୍କୁ ଯାଇକି ଦେଖା କରିବା
ଚନ୍ଦ୍ର ପୃଷ୍ଠେ ଜାଗାଟିଏ କିଣିବା
ତାରାଫୁଲ ହାତେ ଆଣିବା ତୋଳି

ISSN NO.
2582-208X

ସଜାଇବା ଘର ଭଳିକିଭଳି
ବିକ୍ରମ ପାରିଛି ଜହ୍ନକୁ ଛୁଇଁ
ବିଶ୍ୱକୁ ଚକିତ କରିଛି ଯାଇ
ଆମରି ତ୍ରିରଙ୍ଗା ଗାଉଛି ଗୀତ
ଚାରିଆଡେ ବୁଲି ଆଣିବା ତଥ୍ୟ
ଆସରେ ସଭିଏଁ ଶପଥ ନେବା
ବୈଜ୍ଞାନିକ ହୋଇ ଜହ୍ନ ଛୁଇଁବା

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ISSN NO.
2582-208X

# କୁହୁକ ଗପ ପେଢ଼ି



ରାମ ଚନ୍ଦ୍ର ପ୍ରଧାନ

ଧାନରୁ ହୁଏ ଚାଉଳ
ପାଠ ପଢ଼ିବାକୁ ସ୍କୁଲ୍ ଗଲେଣି
କାଉ, ବଗ, ନେଉଳ ।
କଇଁଆ ଗଛର ଛାଇ
ବିଲେଇ ନାନୀର ଗୀତ ଶୁଣି କି'
ବିଲୁଆ ମାରେ ହାଇ ।
ପଇଡ଼ ଭିତରେ ପାଣି
ସାରୁ ବୁଦା ମୂଳେ ରଡ଼ି ପକାଇ
ଡ଼ିଏଁ ବେଙ୍ଗୁଲୀ ରାଣୀ ।
ଗୋଲାପ ଫୁଲର କଣ୍ଟା
ଦୁଇଟି ପିଲାକୁ ହଳେ ଚପଲ
ହେଉନି ଭାଗ ବଣ୍ଟା ।
ବାବାଜୀ ମୁହଁରେ ଦାଢ଼ି
ନିତି ସଞ୍ଜବେଳେ ଆଇ ମା' ଖୋଲେ
କୁହୁକ ଗପ ପେଢ଼ି ।

ଶିକ୍ଷକ
ଟେକ୍ନକାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:9861638736

ଜୁନ-୨୦୨୪
www.vedantimagazine.com
ISSN NO. 2582-208X

# ମୁଇଁ ବୁଢା ଅଜା କହୁଛେଁ



ସୁଜ୍ଞାନ ବାଘ

ଖରାର୍ ତାତି ବଢି ଗଲାନ
ମୁଡେ ଗାମ୍'ଛା ଭିଡି
ପାଏନ୍ ବୁତଲ୍'ଟେ ପାଖେ ରଖିଥିବ
ଚଲାଲେ ସାଇକେଲ୍ ଗାଡି ।।
ଶୁଶ୍ କଲେ ଭାଇ ତର୍କ ଥିବ
ଗଛ୍ ଛାଇ ତଲ୍ ଦେଖି
ପେଟ୍ ପୁରା ଯାକେ ପାଏନ୍ ପିଇବ
ପେଟ୍ କହେବା ଯେନ୍ତା ହେତ୍'କି ।।
ତାର୍ ପରେ ତୁମେ ଆଗ୍'କେ ବଢ୍'ବ
ହର୍ ବର୍ ନାଇଁ ହେବ
କାମ୍ ବୁତା ସାରି ଜଲ୍'ଦି କରି
ଘର୍'କେ ଫିରି ଆଏବ ।।
ଆଏଜ୍ କାଏଲ୍ ସବୁ ପଢା ଲିଖାବୋ
ତମ୍'କୁ କାଣା ବୁଝାମି
ଆର୍ ପାଞ୍ଚ୍ ଝନ୍'କେ ବୁଝେଇ କୁହ
ମନେ ଟିକେ ଶାନ୍ତି ପାଏମି ।।
ଆଦେଶ୍ ବୋଲି ନାଇଁ ଭାବ୍'ବ
ମୋର୍ କଥାକେ ଭାଇ ମାନେ
ତୁମ୍'କୁ ମାନ୍'କୁ ବହୁତ୍ ଭଲ୍ ପାଏସିଁ
ହେତେଉ ଥିବ ତୁମର୍ ମନେ ।।

ବୌଦ୍ଧ

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ – ମଇ ସମୀକ୍ଷା



ଦେବଯାନୀ ସ୍ୱାଇଁ

ସବୁଥର ପରି ଏଥରକ ମଧ୍ୟ "ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାରେ ରହିଛି ଏକ ସୁନ୍ଦର ସୁଗନ୍ଧରାଜ ଫୁଲର ଆକର୍ଷଣୀୟ ପ୍ରତିଛବି। ଶୁଭ୍ର ସତେଜ ସଦ୍ୟ ପ୍ରସ୍ଫୁଟିତ ଫୁଲଟିକୁ ଦେଖିଦେଲେ ଏକ ଶାନ୍ତ ଶୀତଳ ଧାରା ବହିଯାଏ ମନ ଭିତରେ, ପୁଣି ତାର ସେଇ ସୁମଧୁର ସୁଗନ୍ଧକୁ ଆଘ୍ରାଣ କରିବାକୁ ଯାଇ ଆଖି ବନ୍ଦ ହେଇଯାଏ ଆପେ ଆପେ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଦିନକୁ ଦିନ ତାପମାତ୍ରା ବୃଦ୍ଧିକୁ କିପରି ନିୟନ୍ତ୍ରଣ କରିବା, ବୃକ୍ଷାରୋପଣ କରି ପର୍ଯ୍ୟାବରଣକୁ ବଞ୍ଚାଇବା, ସେଦିଗରେ ଆମ ସମସ୍ତଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଛନ୍ତି।

ପ୍ରଥମ ଲେଖା, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ନିକୋବରର ବିସ୍ମୟକର ଜୀବଗଣ ମଧ୍ୟରୁ ନିକୋବରୀ ମାକାକ ବା ମାଙ୍କଡଙ୍କ ବିଷୟରେ କିଛି କୌତୁହଳ ଜନକ ତଥ୍ୟ। ଏବେ ଯୁଆଡେ ଯାଅ, ସିଆଡେ "ଭିଡ"। ମଣିଷ କାହିଁକି ଏବଂ କେତେବେଳେ ଅପରାଧ କରିବାକୁ କୁଣ୍ଠାବୋଧ କରି ନ ଥାଏ, ଆସନ୍ତୁ ପଢିବା "ଲଳିତ ନିବନ୍ଧ- ପାପ"। ଭଜନ ରାଣୀ ଶାନ୍ତିଲତା ବାରିକଙ୍କୁ "ଶ୍ରଦ୍ଧାଞ୍ଜଳି ( ଜି ଭଜି ତୋ ନାମ ଚକାନୟନ )"।

ISSN NO.
2582-208X

ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ମେଟ୍ରିକ୍ ପରୀକ୍ଷା ଭଲରେ ଭଲରେ ସାରି, ଗୁଡାଏ ମଧୁର କଷାୟ ସ୍ମୃତି ବୁକୁରେ ଧରି, ଅଭି ଗୃହ ଫେରନ୍ତା ହେଇଛି। ଏହା ସତ ଯେ ବାପାଙ୍କର "ସେଇ ଛୋଟ ଆକଟ" ଆମକୁ ସଚ୍ଚୋଟ ବନିବାକୁ ଶିଖାଇ ଥାଏ। "ପଶ୍ଚିମ ବଙ୍ଗରୁ ପ୍ରକାଶିତ ଓଡିଆ ପ୍ରବାସୀ ପତ୍ରିକା" ଗୁଡିକର ବିବରିଣୀ। "ତୁଳସୀ କ୍ଷେତ୍ର ଓ ଶ୍ରୀ ବଳଦେବଜୀଉ"ଙ୍କର ପ୍ରତିଷ୍ଠା ଓ ପ୍ରସିଦ୍ଧି ସହିତ ରହିଛି "ମାଆ ବିରଜା" ଦେବୀ ଓ "ଶ୍ରୀ ମନ୍ଦିରର ବାଇଶି ପାହାଚ" ର କିମ୍ବଦନ୍ତୀ। ଇତିହାସ ପୃଷ୍ଠାରେ "ରୋଷ ଓ ରାସର ରାଜଧାନୀ: ରୋସ୍ ଦ୍ୱୀପ"। ଶେଷରେ ପଢନ୍ତୁ ଏକ "ଶୃଙ୍ଖଳିତ ଜୀବନର ରହସ୍ୟ"।

ଆଉ କବିତାର ଗଳିରେ ପଶିଲେ, ମନରେ ଆସେ ଅନେକ "ଜିଜ୍ଞାସା"।କଣ ସବୁ ଚାଲିଛି ଏ "ବଡକୁହା ରାଜା" ଦେଶେ..."ହିସାବି ମଣିଷ" ଏଠି ଟଣାଟଣି ହେଇ ଚଳେ। ମିଳନ୍ତା କି ଯଦି ସ୍ନେହ ପ୍ରୀତି ଭରା "ଅକ୍ଷୟ ପାତ୍ର", କରି ସ୍ୱାର୍ଥ ମେଧ, ପ୍ରେମେ କରି ସାଧ "ସ୍ୱର୍ଗ ହେବ ଧରାଧାମ" । "ଅଦିନ ମେଘ"ର ପ୍ରଭାବ ଅଭେଦ୍ୟ। "କଳା ଏ ଜୀବନ" ସମୟ ଚକ୍ରରେ ଘୁରି ବୁଲୁଥାଏ, ପୁଣି ଦିନେ "ପୂର୍ଣ୍ଣଚ୍ଛେଦ" ପଡିଯାଏ ଏ "ଜୀବନ ଯାତ୍ରା"ରେ।

"ଶାମୁକା"ରୁ ମୁକ୍ତା ଖୋଜିବୁଲେ କେହି ହେଲେ କବି ଭିଜୁଥାଏ ସାଗର ପ୍ରେମେ, "ଗୋଲାପି ସଞ୍ଜରେ" ଗୋଲାପ ସହିତ ଭେଟ ହେଇଥିଲା ଥରେ। "ତମେ ଥିଲ ବୋଲି", ଲେଖୁଥିଲି ମୁଇଁ "ହୃଦୟର କବିତା", କିନ୍ତୁ କହିବି କହିବି ହୋଇ "କହି ପାରିଲିନି କେବେ" । ସେଇଥିପାଇଁ ତୁ "ଲିଭେଇ ଦେଲୁ" ମୋ ସବୁ ଚେହେରାକୁ, ଲେଖିଲୁ ଆଉ କାହାର ନା'।" ସ୍ୱୀକାରକ୍ତି" କରିବାକୁ ଚାହେଁ ସେଇ ବାସ୍ନାୟିତ ଅତୀତ ହେଲେ ଆଜି କାହିଁ ଭଲ ଲାଗେ "ନୀରବତା" ।

"ମୁଁ ସେଲ୍ୟୁଲାର ଜେଲ୍ କହୁଛି" - ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ଲିପିବଦ୍ଧ ମୁଁ କାଳକାଳ ପାଇଁ। "ପ୍ରକୃତି" ସୁରକ୍ଷା ପରିବେଶ ରକ୍ଷା। ପୁଅ ଝିଅ ଆଜି ସମାନ ସବୁଠି, "ଝିଅଟେ ଅଲୋଡା ନୁହଁ" । ସେ ପରା ଆମ ସମାଜର ଅଟଇ "ମେରୁଦଣ୍ଡ" ।

ହେ ଉତ୍କଳମଣୀ "ଜଳିଥିଲ ହୋଇ ତୁମେ ଦୀପର ସଳିତା", କିନ୍ତୁ "ତୁମେ ଗଲାପରେ" ନିରବୀ ଯାଇଚି ଏ ନବ ଗଠିତ ଓଡିଶା। ତଥାପି ଆସ ଆମେ ପାଳିବା "ଉତ୍କଳ ଦିବସ"

ISSN NO.
2582-208X

ଆଉ ଗର୍ବରେ କହିବା "ମୁଁ ଓଡିଆ ମୋ ଭାଷା ଓଡିଆ" – ଐତିହ୍ୟ ସାହିତ୍ୟ ଭାସ୍କର୍ଯ୍ୟ ଭରା।

"ଜୀବନ ଏକ ଅମଡା ବାଟ", ଗହଳ ଚହଳ ଧରା ବଗିଚାରେ ଲାଗିଚି "ମଣିଷ ହାଟ", ବଳ ବୁଦ୍ଧି ଏଠି ନିଲାମ୍ ହୁଅନ୍ତି, ଅର୍ଥ ପାଇଁ ସବୁ ନାଟ। "କାହାଣୀ କହୁଛି ଚିଲିକା ରାଣୀ", ପୁସ୍ତକଟିଏ ଯେ "ପ୍ରକୃତ ବନ୍ଧୁ ସେ ଆମର", ସୂର୍ଯ୍ୟ ପରି ସେ ହେଇ ନ ପାରେ ବିଶାଳ ହେଲେ ଟିକି ଟିକି ଆଲୁଅରେ ଅନ୍ଧାର ଦୂର କରେ "ଖଦ୍ୟୋତ"। କିଏ ସେ ବୁଝିପାରିବ "ନାରୀର ନୀରବତା", ସତ କହିଲେ – "ଆପଣ କ'ଣ ପଢନ୍ତି ମୋ କବିତା"!!

ଏବେ କରିବା ଟିକେ ପ୍ରଭୁଙ୍କୁ ବିନତି – "ସର୍ବ ବିଦ୍ୟମାନ ହେ "ଇଶ୍ୱର"!! "ଆ ରେ ଆ ମୋର କାଳିଆ ସୁନା", "ନୀପ ତରୁ ମୂଳିଆ", ଜାମୁଡାଲିଆ ସେ ଜଗାକାଳିଆ, ଦରଶନ ଦେଇ ଭକତ ମାନଙ୍କ ଫେଡିଦେ ସବୁ ଦୁର୍ଗତି।

ସ୍ୱାସ୍ଥ୍ୟ ବିଭାଗରେ ରହିଛି "କଳା ଟମାଟ ଓ ଆମ ସ୍ୱାସ୍ଥ୍ୟ" ।

ଆମ ହାଣ୍ଡିଶାଳରେ, ଅରବିନ୍ଦ ସାର୍ ବନେଇଛନ୍ତି ସ୍ୱାଦିଷ୍ଟ "କଙ୍କଡା ତରକାରୀ" ।

ଶିଶୁବିଭାଗରେ "ସାତ ପଣିକିଆ", "ସେନେହ ରଙ୍ଗ" ଭଳି ରହିଛି କିଛି ଶିକ୍ଷଣୀୟ ସୁନ୍ଦର କବିତା ଏବଂ ଗଳ୍ପ "କଥା ମାନିଲା କାବ୍ୟା" । କୁନି ଆଦବିକା, ତାଙ୍କ "ଚିତ୍ର" ବହିରେ ସ୍ନେହ ଓ ପ୍ରେମର ପ୍ରତୀକ ଭାବେ ପରିଚିତ ହଂସ ଯୁଗୋଳଙ୍କ ସୁନ୍ଦର ଚିତ୍ର ଆଙ୍କିଛନ୍ତି।

ଶେଷରେ ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ଅକ୍ଷୟ ତୃତୀୟାର ପର୍ବ। ଶାସ୍ତ୍ର ଅନୁସାରେ ଏହି ଦିନ ଯେ କୌଣସି କାର୍ଯ୍ୟର ଅନୁକୂଳ ବା ଆରମ୍ଭ କଲେ ତାହା ଶୁଭ ହୋଇଥାଏ ଏବଂ ଏହି ଦିନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ତିଆରି କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥାଏ। ତେଣୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ଏଇ ଶୁଭ ଦିନ ଆମ ସମସ୍ତଙ୍କ ପାଇଁ ସୌଭାଗ୍ୟଶାଳୀ ହେଉ, ସମସ୍ତଙ୍କ ଜୀବନରେ ଅସରନ୍ତି ସୁଖ ସମୃଦ୍ଧି ଭରି ଦେଉ ଯାହା ସବୁବେଳ ପାଇଁ ଅକ୍ଷୟ ରହୁ।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୬/୨୦୨୪ | ଜଳକ୍ରୀଡା ଏକାଦଶୀ |
| ୦୫/୦୬/୨୦୨୪ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୦୬/୦୬/୨୦୨୪ | ଅମାବାସ୍ୟା, ସାବିତ୍ରୀ ବ୍ରତ |
| ୦୭/୦୬/୨୦୨୪ | ଚନ୍ଦ୍ର ଦର୍ଶନ |
| ୦୯/୦୬/୨୦୨୪ | ରମ୍ଭା ତୃତୀୟା |
| ୧୦/୦୬/୨୦୨୪ | ଉମା ଚତୁର୍ଥୀ |
| ୧୧/୦୬/୨୦୨୪ | ଶିବ ବିବାହୋତ୍ସବ |
| ୧୨/୦୬/୨୦୨୪ | ଶୀତଳ ଷଷ୍ଠୀ |
| ୧୪/୦୬/୨୦୨୪ | ପ୍ରଥମ ରଜ |
| ୧୫/୦୬/୨୦୨୪ | ରଜ ସଂକ୍ରାନ୍ତି |
| ୧୬/୦୬/୨୦୨୪ | ଗଙ୍ଗା ଦଶହରା ଓ ଭୂଦାହ |
| ୧୭/୦୬/୨୦୨୪ | ବସୁମତୀ ସ୍ନାନ ଓ ଇଦୁଜୁହା |
| ୧୯/୦୬/୨୦୨୪ | ଚମ୍ପକ ଦ୍ୱାଦଶୀ |
| ୨୨/୦୬/୨୦୨୪ | ଦେବସ୍ନାନ ପୂର୍ଣ୍ଣିମା |
| ୨୩/୦୬/୨୦୨୪ | ମହାବୀର ଜୟନ୍ତୀ |
| ୨୬/୦୬/୨୦୨୪ | ଅଣସର ପଞ୍ଚମୀ |
| ୨୭/୦୬/୨୦୨୪ | ଶରଣ ଶେଷ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମଇ ମାସର ବିଜେତାଙ୍କ ନାମ



ISSN NO.
2582-208X

ମାଟି କଣ୍ଢେଇ ରେ ମାଟି କଣ୍ଢେଇ
ମୋରେ ସାଥିରେ ଆ
ଖେଳବି ମୁଁ ଆଜି ତୋ ସାଥିରେ
ଭାଙ୍ଗିଗଲେ ପୁଣି ମାଟିରେ ମିଶିଯା ॥

ଚନ୍ଦନ ମିଶ୍ର, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**